ଜୁଲାଇ ୨୦୨୩ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in

ପ୍ରସଙ୍ଗ :

## ଶ୍ରୀ ଜଗନ୍ନାଥ




HIGHLAND
A Highland Group Entity
A state of the art
shrimp processing plant
Our Certifications :
FSSC 22000
BRCGS
Best Aquaculture Practices
Follow us on :
/ highlandagro
Product Profile
Headless (HL)
PUD
PD
Karikadi
Easy Peel
PDTO
/highlandagro
HIGHLAND AGRO FOOD PVT. LTD.
Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com
Website : www.highlandgroups.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୯ମ ସଂଖ୍ୟା, ଜୁଲାଇ ୨୦୨୩ ■ Vol-5, Issue : 9, July 2023



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ
**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**
**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

ସୂଚୀପତ୍ର
। ୫ମ ବର୍ଷ । ୯ମ ସଂଖ୍ୟା । ଜୁଲାଇ ୨୦୨୩ ।

ଛୋଟବାର୍ତ୍ତା
ଆମ ମାଟିର ସ୍ୱର

**୪**
ସମ୍ପାଦକୀୟ : ସୁଖୀ ପରିବାରର ସଂଜ୍ଞା : ସୁବାସିନୀ ଜେନା

**୯** ପ୍ରସଙ୍ଗ-୧ : ଓଡ଼ିଶାର ଜାତୀୟ....: ମନୋରମା ବିଶ୍ୱାଳ ମହାପାତ୍ର
**୧୨** ପ୍ରସଙ୍ଗ-୨ : ନୀଳାଦ୍ରି ବିଜେର...: ଅସିତ ମହାନ୍ତି
**୨୪** ପ୍ରସଙ୍ଗ-୩ : ଶ୍ରୀମନ୍ଦିରରେ... : ପୀତବାସ ରାଉତରାୟ
**୩୨** ପ୍ରସଙ୍ଗ-୪ : ଗହଣ ବିଜେର...: ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ
**୪୦** ପ୍ରସଙ୍ଗ-୫ : ବଡ଼ ଠାକୁରଙ୍କ ... : ବିଚିତ୍ରା ଦାଶ
**୪୯** ପ୍ରସଙ୍ଗ-ଭଲବହି: ଅନୁଭବନରେ... : ସୁବ୍ରତ କୁମାର ସେନାପତି
**୫୪** ଦ୍ୱି-ପ୍ରଚ୍ଛଦ : ସସ୍ମିତା ପଣ୍ଡା



**ସମ୍ପାଦକୀୟାଂଶ...**

xxxଆମେ ସମସ୍ତେ ଆମ ପରିବାରକୁ ବହୁତ ବେଶି ଭଲ ପାଉଥାଉଁ ଏବଂ ଇଚ୍ଛା କରୁ ଆମ ପରିବାରରେ ଯେମିତି ସଦା ସୁଖ ବିରାଜୁ ଥାଉ । କିନ୍ତୁ ଗୋଟିଏ ପରିବାରରେ ସୁଖ ଆଉ ଦୁଃଖ ଉଭୟଟି ଥାଏ । ଆମେ କିନ୍ତୁ ଲୋଡୁ କେବଳ ସୁଖ । କାରଣ ସେଇ ସୁଖ ଲୋଡ଼ିବା ସମୟତକ ହିଁ ପ୍ରକୃତରେ ଆମେ ଦୁଃଖରେ ଥାଉଁ ବା ଥିବାର ଅନୁଭବ ପାଉଁ । ଗୋଟିଏ ପରିବାରରେ ସୁଖ ବିଦ୍ୟମାନ ଥାଏ ସେତିକିବେଳେ, ଯେତେବେଳେ ପରିବାରର ପ୍ରତିଟି ସଦସ୍ୟ ସଦସ୍ୟା ଭିତରେ ଭଲପାଇବା ବିରାଜୁଥାଏ । ପରିବାରର ସଦସ୍ୟମାନେ ପରସ୍ପରକୁ ଭଲ ନପାଇଲେ, ସେଠାରେ ସୁଖର ପ୍ରବେଶ ଅସମ୍ଭବ ।xxx

ସୁବାସିନୀ ଜେନା













**ଧାରାବାହିକ କାବ୍ୟ**
୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

**ସମକାଳ କବିତା**
୫୭ : ସ୍ୱପ୍ନା ମିଶ୍ର
୫୮ : କ୍ଷୀରୋଦ ପରିଡ଼ା
୫୯ : ପ୍ରଣତି ବେହେରା
୬୦ : ଅମରେନ୍ଦ୍ର ମାଧବ ଦାଶ
୬୧ : ରଞ୍ଜନ ବାଗ୍
୬୨ : ହେମନ୍ତ ମହାନ୍ତି
୬୩ : ପ୍ରଶାନ୍ତ ଦାସ
୬୪ : ସଂଘମିତ୍ରା ରାୟଗୁରୁ
୬୫ : ଦୀପ୍ତିମୟୀ ପ୍ରଧାନ
: ଦୀପିକା ଦାଶ
୬୬ : ଡକ୍ଟର ଚିତ୍ତରଞ୍ଜନ ମିଶ୍ର
: ସୁଜାତା ମହାପାତ୍ର
୬୭ : ସୁଜିତ କୁମାର ସତପଥି
: ଦୀପ୍ତି ଖଣ୍ଡୁଆଳ
୬୮ ପ୍ରସଙ୍ଗ-ଅନୁଶୀଳନ : ଭଗବାନ ଖିଲାର
୭୬ ପ୍ରସଙ୍ଗ-୬ : ପ୍ରଜ୍ଞାଶ୍ରୀ ରଥ
୮୧ ପ୍ରସଙ୍ଗ-୭ : ଡକ୍ଟର ସଂଯୁକ୍ତା ପରିଡ଼ା
୮୫ ପ୍ରସଙ୍ଗ-ଦେବାଳୟ : ଋତୁରାଜ ଦାସ
୮୮ କଥା-କାହାଣୀ : ଭୁବନେଶ୍ୱରୀ ପଣ୍ଡା
୯୦ ପ୍ରସଙ୍ଗ-ଦିବ୍ୟ ଅନୁଭବ : ଡ. ପ୍ରଫୁଲ୍ଲ କୁମାର ପାଣି
୯୪ ପ୍ରସଙ୍ଗ-୮ : ଡ. ହେନେରିତା ମିଶ୍ର
୯୮ ପ୍ରସଙ୍ଗ-୯ : ଡ. ଫକୀରମୋହନ ନାହାକ
୧୦୨ ଅବଲୋକନ : ଡ. ମଣୀନ୍ଦ୍ର କୁମାର ମେହେର




ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ଡୋଲ୍ ମିଶ୍ର, ବାରିପଦା
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ
ବୃତ୍ତି : କଳାକାର
ରୁଚି : ନାଚ, ଅଭିନୟ, ଖାଇବା
ଶିକ୍ଷା : +୩ ପ୍ରଥମ ବର୍ଷ କଳା
ପ୍ରଚ୍ଛଦ ଫଟୋଗ୍ରାଫି : ମୁନଷ୍ଟାର କ୍ରିଏସନ୍, ବାରିପଦା
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ମେକ୍‌ଅପ୍ : ଇପ୍‌ସିତା ଦାସ, ବାରିପଦା
ଫଟୋଶୁଟ୍ ସ୍ଥାନ : ହରିହର ମନ୍ଦିର, ବାରିପଦା

**ମଲାଟ କଥା :** ସାରା ବିଶ୍ୱର ଦେବତା ଶ୍ରୀଜଗନ୍ନାଥ । ବିରଳ ଦେବତା ସେ । ଭକ୍ତର ଭାବରେ ବନ୍ଧା ସେ । ଭକ୍ତର ଆକୁଳ ପ୍ରାର୍ଥନାରେ ସେ ଦର୍ଶନ ଦିଅନ୍ତି । ବର୍ଷକରେ ଥରେ ସେ ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଚାଲି ଆସନ୍ତି ରଥଯାତ୍ରା ଅବସରରେ । ଅଗଣିତ ଭକ୍ତଙ୍କ ମେଳରେ ବିଲୀନ ହୋଇ ଯାଉଥିବା ବଡ଼ ଠାକୁର ସେ । ତାଙ୍କୁ ତେଣୁ ଲୋକଦେବତା ବି କୁହାଯାଏ । ସେଇ ପତିତପାବନ ଶ୍ରୀଜଗନ୍ନାଥଙ୍କୁ ନେଇ ହିଁ ଏ ମାସର ପ୍ରଚ୍ଛଦ ଆମର ।




**ନିୟମିତ ବିଭାଗ**

ରୋଷେଇଶାଳ:
୧୦୫ : ରତିକାନ୍ତ ପାତ୍ର



୧୦୬ ଶେଷପୃଷ୍ଠା: ସୃଜନର ସୁଖ
କୃଷ୍ଣ କୁମାର ମହାନ୍ତି






# ସୁଖୀ ପରିବାରର ସଂଜ୍ଞା

ଆପାତତଃ ପ୍ରତ୍ୟେକଟି ମଣିଷ ସୁଖର ଅନୁସନ୍ଧାନରେ ଥାଏ । ଅର୍ଥାତ୍ ସୁଖୀ ମଣିଷ ହେବାକୁ ଇଚ୍ଛା କରିଥାଏ । 'ସୁଖ' ଏମିତି ଏକ ଅନୁଭବ ଯାହା ମଣିଷ ଜୀବନକୁ ଅର୍ଥପୂର୍ଣ୍ଣ କରେ । ତେବେ ସୁଖ ଓ ଦୁଃଖକୁ ନେଇ ଆମ ଜୀବନ ଗଢ଼ା- ଏହାକୁ ଆମେ ଭୁଲିଯିବା ଉଚିତ ନୁହଁ । ଜୀବନରେ ଦୁଃଖ ନଥିଲେ ସୁଖକୁ ଜଣେ ଲୋଡ଼ିବ କାହିଁକି ? ତେଣୁ ଜୀବନରେ ଦୁଃଖର ଆବଶ୍ୟକତାକୁ ମଧ୍ୟ ଏଡ଼େଇ ଦେଇ ହେବ ନାହିଁ ।

ଆମେ ସମସ୍ତେ ସମାଜରେ ଏକ ପାରିବାରିକ ବନ୍ଧନ ଭିତରେ କାଳାତିପାତ କରୁ- ଏକ ଶୃଙ୍ଖଳିତ ଜୀବନଯାପନକୁ ଆପଣେଇ ଥାଉଁ । ଏହି ପରିବାର ମଧ୍ୟ ସୁଖୀ ପରିବାର ହେଉ- ଏପରି ଏକ କାମନା ଆମ ସଭିଙ୍କ ଭିତରେ ବିଦ୍ୟମାନ ଥାଏ । ସୁଖୀ ପରିବାର ଖୋଜୁଥିବା ଆମେ ସମସ୍ତେ କିନ୍ତୁ ସୁଖର ସ୍ୱାଦ ପାଇନଥାଉ । କାରଣ ସୁଖକୁ ସାଥିରେ ଧରି ଚାଲିବା ସହଜସାଧ୍ୟ ବ୍ୟାପାର ନୁହେଁ । ସୁଖ ଏକ ମରୁ ମରୀଚିକା ପରି । ଏଇ ଅଛି ଏଇ ନାହିଁ । ସୁତରାଂ ସୁଖପ୍ରାପ୍ତି ନିମନ୍ତେ ପରିବାରକୁ ଏକ ନିର୍ଦ୍ଦିଷ୍ଟ ରୀତିନୀତି ଭିତରେ ପ୍ରତିପାଳିତ କରିବାକୁ ହୋଇଥାଏ ।

ଆମେ ସମସ୍ତେ ଆମ ପରିବାରକୁ ବହୁତ ବେଶି ଭଲ ପାଇଥାଉଁ ଏବଂ ଇଚ୍ଛା କରୁ ଆମ ପରିବାରରେ ଯେମିତି ସଦା ସୁଖ ବିରାଜୁ ଥାଉ । କିନ୍ତୁ ଗୋଟିଏ ପରିବାରରେ ସୁଖ ଆଉ ଦୁଃଖ ଉଭୟଟି ଥାଏ । ଆମେ କିନ୍ତୁ ଲୋଡୁ କେବଳ ସୁଖ । କାରଣ ସେଇ ସୁଖ ଲୋଡ଼ିବା ସମୟତକ ହିଁ ପ୍ରକୃତରେ ଆମେ ଦୁଃଖରେ ଥାଉଁ ବା ଥିବାର ଅନୁଭବ ପାଉଁ । ଗୋଟିଏ ପରିବାରରେ ସୁଖ ବିଦ୍ୟମାନ ଥାଏ ସେତିକିବେଳେ, ଯେତେବେଳେ ପରିବାରର ପ୍ରତିଟି ସଦସ୍ୟ ସଦସ୍ୟା ଭିତରେ ଭଲପାଇବା ବିରାଜୁଥାଏ । ପରିବାରର ସଦସ୍ୟମାନେ ପରସ୍ପରକୁ ଭଲ ନପାଇଲେ, ସେଠାରେ ସୁଖର ପ୍ରବେଶ ଅସମ୍ଭବ । ପରିବାର ହେଉଛି ଏକ ସଂଗୋଷ୍ଠୀ ଯେଉଁଠି ସମସ୍ତେ ମିଳିତ ଭାବେ ଏକ ମନ ଏକ ପ୍ରାଣ ହୋଇ ରହିଥାନ୍ତି । ପରିବାର ଭିତରେ ଥିଲେ ଆପଣ ନିଜକୁ କେବେ ନିଃସଙ୍ଗ ଅନୁଭବ କରିବେ ନାହିଁ କି କେବେ ନିଃସଙ୍ଗ ହେବାର ଅନୁଭବ ହେଲେ, ପରିବାରର ହିଁ ଆପଣଙ୍କ ସାଥୀରେ ଛିଡ଼ା ହେବ । ଏହା ହେଉଛି ଅଲିଖିତ ପାରିବାରିକ ନିୟମାବଳୀ ।

ପରିବାର ଠୁଁ ବିଚ୍ଛିନ୍ନ ହୋଇ ଯେତେବେଳେ ଜଣେ ବୃତ୍ତିଗତ କାରଣରୁ ଦୂରରେ ଥାଏ, ସେତେବେଳେ ପରିବାରକୁ ସେ ଯେତିକି ଝୁରିହୁଏ, ପରିବାର ମଧ୍ୟ ତା' ପାଇଁ ସେତିକି ବିକଳ ହୁଏ । ଏହା ହିଁ ପାରିବାରିକ ବନ୍ଧନର ମୂଳତତ୍ତ୍ୱ । ତେବେ ଅନେକ କ୍ଷେତ୍ରରେ ଏବେ ପାରିବାରିକ ବନ୍ଧନଟି ହୁଗୁଳି ଯାଇଛି । ଅର୍ଥାତ୍ ପରିବାର ଛୋଟ ହେଇଯିବା ସହ ପରିବାରରୁ ପ୍ରକୃତ ସୁଖଟି ମଧ୍ୟ ଉଭାନ୍ ହୋଇଯାଇଛି । ଆଗରୁ ଯେପରି ସଂଯୁକ୍ତ ପରିବାର ଥିଲା, ସେପରି ଆଉ ନାହିଁ । ସ୍ଲୋଗାନ୍ ମଧ୍ୟ ବଦଳି ଯାଇଛି: 'ଛୋଟ ପରିବାର ସୁଖୀ ପରିବାର ।' କିନ୍ତୁ ଏଇ ଛୋଟ ପରିବାରର ସଦସ୍ୟ ହେଲେ ତିନି କି ଚାରି ଜଣ । ବାପାମାଆ ଓ ପିଲାଟିଏ । ଏଇ ପିଲାଟି (ପୁଅ ବା ଝିଅ) ବଡ଼ ହେବା ପରେ ଚାକିରି ପାଇଁ ନିଜ ପରିବାରକୁ ପ୍ରଥମେ ଛାଡ଼ି ଦୂରରେ ରହିବାକୁ ବାଧ୍ୟ ହୁଏ । କିଏ କିଏ ଦେଶାନ୍ତରିତ ମଧ୍ୟ ହୋଇଯାଆନ୍ତି । ପ୍ରଥମେ ପ୍ରଥମେ ଚାକିରି କ୍ଷେତ୍ରରେ ଥାଇ ପରିବାରକୁ ସେ ମିସ୍ କରିବା ସ୍ୱାଭାବିକ ଲାଗେ । କିନ୍ତୁ ମାସ ମାସ, ବର୍ଷ ବର୍ଷ ପରିବାର ଠୁ ବିଚ୍ଛିନ୍ନ ହୋଇ ରହିବା ଫଳରେ ଏହା କ୍ରମଶଃ ତାର ଅଭ୍ୟାସରେ ପରିଣତ ହୋଇଯାଏ । ଏବଂ ସେ ଆଉ ପରିବାରକୁ ଏତେ ଝୁରି ହୁଏ ନାହିଁ । ବରଂ ପରିବାର ଗଢିବାକୁ ମନସ୍ଥ କରେ । ଶେଷରେ ଦେଖାଯାଏ, ପରିବାରରେ ସେ ଯେଉଁ ବାପାମାଆଙ୍କୁ ଛାଡ଼ି ଚାକିରି ପାଇଁ ଯାଇଥିଲା, ସେଇ ବାପାମାଆଙ୍କ ପ୍ରତି ଆଉ ଆବେଗ ନଥାଏ । ବରଂ ସେ ସେଇ ଚାକିରି ସ୍ଥଳରେ ତା'ର କୌଣସି ସାଥୀକୁ ନିଜର ଜୀବନସାଥୀ ଭାବେ ବାଛି ପାରିବାରିକ ଅଭାବବୋଧକୁ ପରିପୂର୍ଣ୍ଣ କରିଥାଏ । ଏହା କିନ୍ତୁ ଆମ ସୁଖୀ ପରିବାରର ସଂଜ୍ଞାକୁ ଭାଙ୍ଗିଦିଏ ।

ମଣିଷର ପ୍ରବୃତ୍ତି ଯେହେତୁ ସାଙ୍ଗରେ ରହିବା, ପରିବାର ଭିତରେ ଚଳପ୍ରଚଳ ହେବା, ଜଣେ ଅନ୍ୟ ଜଣକୁ ସାହଯ୍ୟ କରିବା, ବାପାମାଆ ଓ ଗୁରୁଜନଙ୍କ କଥା ମାନି ସେମାନଙ୍କର ଯତ୍ନ ନେବା- ସୁତରାଂ ପରିବାରରୁ କୌଣସି ସଦସ୍ୟଙ୍କୁ ବିଚ୍ଛିନ୍ନ କରାଇବା (ସେ ଯେତେ ସଶକ୍ତ କାରଣ ହେଉନା କାହିଁକି) ଅର୍ଥ ଆପଣ ସୁଖୀ ପରିବାରର ସଂଜ୍ଞାକୁ ଭାଙ୍ଗିଲେ । ପରିବାରର ସୁଖକୁ ବଜାୟ ରଖିବା ପାଇଁ ପରିବାରକୁ ଆପଣଙ୍କୁ ବାନ୍ଧି ରଖିବାକୁ ପଡ଼ିବ । ପିଲାମାନଙ୍କୁ ମଧ୍ୟ ଏହି ଶିକ୍ଷା ଦେବାକୁ ପଡ଼ିବ । ନହେଲେ ସୁଖୀ ପରିବାର କେବଳ ସ୍ୱପ୍ନ ହୋଇ ରହିଯିବ । ସୁଖର ସନ୍ଧାନରେ ଆମେ କିନ୍ତୁ ପ୍ରକୃତରେ ଦୁଃଖକୁ ହିଁ ପାଛୋଟି ଆଣିଥାଉଁ- ଏ କଥା ଭୁଲିଯିବା ଉଚିତ ନୁହେଁ ।

ପରିବାର ଠିକ୍ ଗୋଟିଏ ଚକୋଲେଟ୍ ପରି । ଚକୋଲେଟ୍‌କୁ ପାଟିରେ ପକାଇ ଯେତେ ଚୋଷିବେ,ତହିଁରୁ ସେତେ ମିଠା ବାହାରିବ । ପରିବାର ମଧ୍ୟ ଠିକ୍ ସେହିପରି । ପରିବାରର ପ୍ରତି ସଦସ୍ୟ ପରସ୍ପରକୁ ଯେତେ ଭଲପାଇବେ, ପରିବାର ସେତେ ସୁଖମୟ ଓ ସୁଦୃଢ଼ ହେବ । ପରିବାର ଭିତରେ ପାରସ୍ପରିକ ଭଲ ପାଇବା ଥିଲେ ପରିବାର ଆନନ୍ଦମୟ ହୋଇଉଠିବ । ସୁତରାଂ ପରିବାରକୁ ମନ ଦେଇ ଭଲ ପାଆନ୍ତୁ । କାରଣ ପରିବାର ଠାରୁ ବଡ଼ କିଛି ନାହିଁ । ଏହି ପରିବାର ହିଁ ମଣିଷକୁ ବାନ୍ଧି ରଖେ । ପରିବାରକୁ ଯେତେ ବେଶୀ ଭଲ ପାଇବେ, ପରିବାର ସେତେ ବେଶୀ ସୁଖୀ ହୋଇ ଉଠିବ । ଥରେ ପରୀକ୍ଷା କରି ଦେଖନ୍ତୁ । ପବିତ୍ର ଘୋଷଯାତ୍ରା ସଦ୍ୟ ଶେଷ ହୋଇଛି । ଏହି ବିଶେଷ ସଂଖ୍ୟାଟିକୁ ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗ ପୂର୍ବକ ଆପଣମାନଙ୍କ ପାଇଁ ପ୍ରସ୍ତୁତ କରିଛୁ । ପ୍ରଭୁ ଆପଣମାନଙ୍କୁ ସୁଖସମୃଦ୍ଧିରେ ବାନ୍ଧି ରଖନ୍ତୁ - ଏଇ ପ୍ରାର୍ଥନା ସହ ରହୁଛି ।



ସମ୍ପାଦିକା






## 'ରେବତୀ'ର ସଫଳ ସମ୍ପାଦନାକୁ ସ୍ୱାଗତ

● ଜୁନ ମାସର ରେବତୀରେ ମ୍ୟାଡାମ୍ ସୁବାସିନୀ ଜେନାଙ୍କ ଆଦର୍ଶ ପରିବାର ଅର୍ଥାତ(ବୈକୁଣ୍ଠ ସମାନ ଆହା ଅଟେ ସେହି ଘର)କୁ ନିର୍ମାଣ କରିବାରେ ତାଙ୍କ ପରାମର୍ଶ (ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର) ଯଥାର୍ଥ ଓ ଏଥିପାଇଁ ସର୍ବପ୍ରଥମେ ନିଜକୁ ପ୍ରେମ ଓ ଶୃଙ୍ଖଳା ଭିତରେ ଗଢ଼ି ତୋଳିବା ଆବଶ୍ୟକ । କୃଷ୍ଣକୁମାର ମହାନ୍ତିଙ୍କ 'ଶେଷପୃଷ୍ଠା'ରୁ ଜଣାପଡ଼େ ସର୍ଜନା କ୍ଷେତ୍ରରେ ବୟସ, ଶିକ୍ଷା, ଡିଗ୍ରୀ କିମ୍ବା ଅଧିକ ବହି ପ୍ରକାଶନ ଉପରେ ନିର୍ଭର କରେନା । ଜଣେ ଲେଖକର ସର୍ଜନା ପାଠକ, ସଂପାଦକ ଓ ସମାଲୋଚକଙ୍କୁ ଆଲୋଡ଼ିତ କରିବା ଜରୁରୀ । ଯେମିତି କିଛିଦିନ ତଳେ 'ରେବତୀ' ପୃଷ୍ଠାରେ କବିବନ୍ଧୁ କମଳ କୁମାର ମହାନ୍ତି କେତେ ଜଣ ନୂଆପିଢ଼ିଙ୍କର ସଫଳ କବିତାସବୁକୁ ନେଇ ଆଲୋଚନ କରିଥିଲେ । ତାଙ୍କୁ ଏବେ ବି ଧନ୍ୟବାଦ । ଏ ସଂଖ୍ୟାରେ ଅନୁଜପ୍ରତିମ ମନୋଜ ମେହେରଙ୍କ ସାହିତ୍ୟ ତପସ୍ୱୀ ବିଶିଷ୍ଟ ସାରସ୍ୱତ ସାଧକ ଜଗନ୍ନାଥପ୍ରସାଦ ଦାସଙ୍କ ସାମଗ୍ରୀକ କୃତିକୁ ନେଇ ଆଲେଖ୍ୟଟି କାଳକାଳକୁ ମନେ ରଖିଲା ଭଳି । ତାଙ୍କୁ ଶୁଭେଚ୍ଛା । କବିତା ପୃଷ୍ଠା ଏଥର ବେଶ୍ ସାରଗର୍ଭକ ଓ ଭାବପୂର୍ଣ୍ଣ । ମନକୁ ଛୁଇଁଲା । 'କଥାକୁହା କଣ୍ଢେଇ' ଶୀର୍ଷକରେ ବିଶିଷ୍ଟ ଶିଳ୍ପୀ ମାଗୁଣି ଚରଣ କୁଅଁରଙ୍କ କେନ୍ଦୁଝର କଣ୍ଢେଇ ନାଚର କଳାକୃତିକୁ ଚିହ୍ନେଇ ଦେବାର ପ୍ରୟାସ କରିଥିବା ତ୍ରିଲୋଚନ ସାହୁଙ୍କୁ ଧନ୍ୟବାଦ । ଗଳ୍ପ ବିଭାଗରେ ସୁରେଶ ଛୋଟରାୟଙ୍କ ଗଳ୍ପ ମନଛୁଆଁ ହେଇ ପାରିଛି । ପରନ୍ତୁ 'ଦାସେଆପଣେ', 'ସ୍ମୃତିର ପ୍ରଜ୍ଞାପୀଠ' ଓ ପ୍ରଫୁଲ୍ଲ ମହାନ୍ତିଙ୍କ 'ଦୌପଦୀ'ର କ୍ରମାଗତ ପ୍ରସାରଣ ଦିନକୁ ଦିନ ନୂଆ ନୂଆ ତଥ୍ୟ ପ୍ରଦାନ କରୁଛି । 'ରେବତୀ'ର ସଫଳ ସଂପାଦନାକୁ ଅଭିନନ୍ଦନ ।

**ରାମଚନ୍ଦ୍ର ଦାଶ,** ଦଶରଥପୁର, ଯାଜପୁର

## ଲେଖାଗୁଡ଼ିକ ପଢି ପତ୍ରିକାର ଦାମ୍ ଉଠିଗଲା

● 'ରେବତୀ' ପତ୍ରିକା ଜୁନ ସଂଖ୍ୟା ପଢ଼ିଲି । ପତ୍ରଟି ପଢି ମୋର ପ୍ରିୟ କବି ଜେପିଙ୍କ ବିଷୟରେ ଅନେକ ଅଜ୍ଞାତ କଥା ବିସ୍ତୃତ ଭାବେ ଜାଣିଲି । କବିତା ଗୁଡିକ ସବୁ ହୃଦୟ ଛୁଆଁ । 'ଏଥର କରଞ୍ଜିଆ ଗଲେ', 'ଭାର', 'ନିଆଁ', 'କବିତା ଲେଖୁଥିବା ଝିଅ' ଆଦି କବିତା କି ଚମତ୍କାର ଆହା! ପତ୍ରିକା କିଣିବା ପାଇଁ ଦେଇଥିବା ଦାମ୍ ମୁଁ ପାଇଗଲି ! ତା ଠୁଁ ଯଥେଷ୍ଟ ଅଧିକ । ଧନ୍ୟବାଦ ରେବତୀ ।

**ପ୍ରକାଶ ଚନ୍ଦ୍ର ରାଉତ,** ଢେଙ୍କାନାଳ

## ଜେପିଙ୍କ ସମ୍ପର୍କିତ ଆଲେଖଟି ସବୁ ପ୍ରଶଂସାର ଉର୍ଦ୍ଧ୍ୱରେ

● 'ରେବତୀ'ର ମୁଁ ନିୟମିତ ପାଠକ ହୋଇଥିଲେ ହେଁ ପ୍ରତି ମାସର ସଂଖ୍ୟା ଉପରେ ମୋର ପାଠକୀୟ ମତ ରଖିପାରେ ନାହିଁ । 'ଜୁନ' ସଂଖ୍ୟାଟି ପଢ଼ିଲା ପରେ କିଛି ମନ୍ତବ୍ୟ ରଖୁଛି । ପତ୍ରିକାର ମୁଖଶାଳା 'ସମ୍ପାଦକୀୟ'ରେ ସମ୍ପାଦିକା ଶ୍ରୀମତୀ ସୁବାସିନୀ ଜେନା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି । ଆଦର୍ଶ ପରିବାର ଗଠନ ଓ ତାର ସାମାଜିକ ଭୂମିକା ଉପରେ ତାଙ୍କର ମତ ଭୁଷୁଡ଼ି ପଡୁଥିବା ମୂଲ୍ୟବୋଧ ଉପର ଏକ ତାର୍ଯ୍ୟକ ଦୃଷ୍ଟିପାତ ଦୃଷ୍ଟି ଗୋଚର ହୁଏ । ପାରିବାରିକ ଆନନ୍ଦର ମହନୀୟତାକୁ ସେ ସୁନ୍ଦର ଭାବରେ ଉଲ୍ଲେଖ କରିଛନ୍ତି । 'ଶେଷପୃଷ୍ଠା'ଟି ସବୁବେଳେ ସାହିତ୍ୟର ବିଭିନ୍ନ ପ୍ରସଙ୍ଗକୁ ଉପଜୀବ୍ୟ କରି କୃଷ୍ଣ କୁମାର ବାବୁ ଲେଖନ୍ତି । ଏଥର 'ସର୍ଜନା ଓ ବୟସ' ପ୍ରସଙ୍ଗଟି ଖୁବ୍ ଉଚ୍ଚକୋଟୀର । ଏଥିରେ ଗୋଟିଏ ଧାଡ଼ି ବେଶ୍ ପ୍ରଣିଧାନଯୋଗ୍ୟ । ପ୍ରତ୍ୟେକ ବ୍ୟକ୍ତି ଆତ୍ମ ବିଶ୍ଳେଷଣ କରିବା ଉଚିତ ଯେ, ମୋର ଅନୁଚିତ ପ୍ରବେଶ ଫଳରେ ଅନ୍ୟ କେଉଁ ଯୋଗ୍ୟ ଲେଖକ ଆଉଟ୍ ହଇଯାଉ ନାହିଁ କି ? ଯଥାର୍ଥ ପ୍ରଶ୍ନ- ଏଠାରେ ବହୁ ଅଯୋଗ୍ୟ ବିଭିନ୍ନ କାରସାଦିରେ ଯୋଗ୍ୟକୁ ଆଉଟ୍ କରିବା ମତଲବରେ ଅଛନ୍ତି । ଡକ୍ଟର ବାସନ୍ତୀ ମହାନ୍ତିଙ୍କ 'ଉତ୍କଳୀୟ ସାଂସ୍କୃତିକ ଚେତନା ରଜ' ଏକ ସୁନ୍ଦର ଆଲେଖ୍ୟ ତଥା ସମୟୋପଯୋଗୀ । ଉତ୍କଳୀୟ ପରମ୍ପରାର ଏହି ରମଣୀୟ ପର୍ବକୁ ନେଇ ଏହା ଏକ ସୁନ୍ଦର ପ୍ରତିବେଦନ । ଅନନ୍ୟ ଅସାଧାରଣ ବ୍ୟକ୍ତିତ୍ୱ ଜେପିଙ୍କ ସମ୍ପର୍କରେ 'ବିବେକୀ ବାଣୀ ସାଧକ' ଶୀର୍ଷକରେ ଏକ ସାମଗ୍ରୀକ ଆକଳନ କରିଥିବା ମନୋଜ କୁମାର ମେହେରଙ୍କ ଉଦ୍ୟମକୁ ଯେତେ ପ୍ରଶଂସା କଲେ ବି କମ୍ ହେବ । 'ରେବତୀ'ର ଏ ସଂଖ୍ୟାରେ ଏହା ସବୁଠାରୁ ଆକର୍ଷଣୀୟ ଆଲେଖ୍ୟ । ତ୍ରିଲୋଚନ ସାହୁଙ୍କ 'କଥା କହେ କଣ୍ଢେଇ' ଲେଖାଟି କଣ୍ଢେଇ ନାଚ ଉପରେ ବହୁ ଅଜ୍ଞାତ ତଥ୍ୟ ଉନ୍ମୋଚନ କରିଛି । ଲକ୍ଷ୍ମୀପ୍ରିୟା ଓଝା ସବୁବେଳେ ନୂଆ ନୂଆ ସ୍ଥାନର ପରିଚିତି ଦେଇ ପର୍ଯ୍ୟଟନ ପିପାଶାକୁ ବହୁ ଗୁଣିତ କରିଥାଆନ୍ତି । ଏଥରର 'ପୋଇଚା ନୀଳକଣ୍ଠ ଧାମ', ସେମିତି ଏକ ସୁନ୍ଦର ଉପସ୍ଥାପନା । କବିତା ଓ ଗପଗୁଡ଼ିକ ମଧ୍ୟ ମନଛୁଆଁ । 'ପ୍ରଜ୍ଞାପୀଠରେ ତେତିଶବର୍ଷ' ଜୟନ୍ତୀ ରଥଙ୍କ ଆତ୍ମଜୀବନୀ ନୁହେଁ, ଯେମିତି ଆତ୍ମାନୁଭୂତିର ଚମତ୍କାର ଆଲେଖ୍ୟ । କାରଣ ଏଥିରେ ତାଙ୍କ ଜୀବନର କଥା କମ୍ ବରଂ ବ୍ୟକ୍ତି, ସ୍ଥାନ ଓ ଅନୁଷ୍ଠାନ ତଥା ପରିବେଶର ଆକର୍ଷଣୀୟ ଚିତ୍ରଣ ଥାଏ । ଯାହା ଫଳରେ ବହୁତ ଅଜଣା କଥା ଜାଣିହୁଏ । ଭଲ ଲାଗେ । ଏଥର ପରିଚ୍ଛେଦରୁ ଅନେକ ନୂଆ କଥା ଜାଣିଲି । ପ୍ରତି ସଂଖ୍ୟାରେ ପ୍ରାୟ ଫୁଲ ଉପରେ ଲେଖୁଥିବା 'ପୁଷ୍ପବିତାନ' ସ୍ତମ୍ଭ ଅନ୍ୟ ଏକ ଆକର୍ଷଣୀୟ ବିଭାଗ । ଏଥର 'ଟଗର' ଫୁଲ ଉପରେ ଲେଖାଟି ସୁନ୍ଦର ଓ ତଥ୍ୟଭିତ୍ତିକ । ଡକ୍ଟର ମଣୀନ୍ଦ୍ର କୁମାର ମେହେରଙ୍କ ଅଭିନବ ସ୍ତମ୍ଭ ଆତ୍ମକଥନମୂଳକ ଅଭିବ୍ୟକ୍ତିରେ ଏଥର ଅଭିଶପ୍ତ ଗନ୍ଧର୍ବ ଗପଟି ଭଲ ଲଗିଲା । ଶବନମ ଆଦେନୀଙ୍କ 'ଲୋଟସ୍ ଟେମ୍ପଲ' ପ୍ରସଙ୍ଗଟି ଖୁବ୍ ସୁନ୍ଦର ସୂଚନା ମୂଳକ ଓ ବହୁ ତଥ୍ୟ ପାଠକ ମାନଙ୍କୁ ପରଶି ଦେବାରେ ସକ୍ଷମ । ଏତଦ୍‌ବ୍ୟତୀତ ଅନ୍ୟସବୁ ନିୟମିତ ସ୍ତମ୍ଭ ମଧ୍ୟ ବିଭିନ୍ନ ରୁଚିର ପାଠକ ପାଠିକାମାନଙ୍କ ପାଇଁ ଉପାଦେୟ ଓ ଆକର୍ଷଣୀୟ । ସୁତରାଂ ଏହା ସଂଗ୍ରହଣୀୟ ଓ ସଂରକ୍ଷଣୀୟ । ଏହି ଅବସରରେ ଲେଖକ ଲେଖିକା ସମେତ 'ରେବତୀ' ପରିବାରକୁ ମୋର ସକଳ ସୁମନାସ ଜଣାଇବା ସହିତ 'ମଇ' ୨୦୨୩ ସଂଖ୍ୟାରେ ବିଶିଷ୍ଟ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପରେ ମୋର ଫିଚରଟି ପଢ଼ି ଯେଉଁମାନେ ସେମାନଙ୍କର ଖୁସି ଓ ଶୁଭେଚ୍ଛା ବ୍ୟକ୍ତ କରିଛନ୍ତି, ସେମାନଙ୍କୁ ସାଧୁବାଦ ଜଣାଉଛି ।

**ରବି ପଣ୍ଡା,** ପ୍ଲଟ୍ ୩୫୩୪, କପିଳ ପ୍ରସାଦ, ଭୁବନେଶ୍ୱର-୭୫୧୦୦୨

## 'ରେବତୀ'ର ଫିଚରଧର୍ମୀ ଲେଖାଗୁଡ଼ିକରୁ ବହୁ ଅଜଣା ତଥ୍ୟ ଜାଣିବାକୁ ମିଳେ

● ଦିଲ୍ଲୀରୁ ଜୁନ୍ ଏକରେ ଫେରି ଏକାବେଳକେ ମଇ ଏବଂ ଜୁନ ଦୁଇ ମାସର 'ରେବତୀ' କିଣି ପଢ଼ିନେଲି । ସଂପାଦକୀୟରେ ପାରିବାରିକ ସମୟ ଏବଂ ଆଦର୍ଶକୁ ନେଇ ଅଭିମତ ସମୟୋପଯୋଗୀ ଏବଂ ଯଥାର୍ଥ । ସାମ୍ପ୍ରତିକ ସମାଜରେ ସେହି ଦୁଇଟିର ଅଭାବରୁ ଅନେକ ବିଶୃଙ୍ଖଳା ଏବଂ ଅଶାନ୍ତି ପରିଲକ୍ଷିତ । ପତ୍ରିକାରେ ଫିଚରଧର୍ମୀ ଲେଖାଗୁଡିକରୁ ଅନେକ ଅଜଣା ତଥ୍ୟ ଜାଣିବାକୁ ମିଳିଲା । କବିତା ଏବଂ ଗଳ୍ପ ଗୁଡିକ ହୃଦୟସ୍ପର୍ଶୀ । 'ଶେଷପୃଷ୍ଠା'ରେ ସର୍ଜନା ଓ ବୟସ ଏବଂ ସର୍ଜନା ଓ ସମୟକୁ ନେଇ ତର୍ଜମା ସହ ସାରଗର୍ଭକ ଉପଦେଶ ସୃଜନ କ୍ଷେତ୍ର ସହ ସଂଶ୍ଳିଷ୍ଟ ଥିବା ସମସ୍ତଙ୍କ ପାଇଁ ପ୍ରଣିଧାନଯୋଗ୍ୟ । 'ରେବତୀ'ର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଶୁଭେଚ୍ଛା ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ,** ଭୁବନେଶ୍ୱର




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**

## ଜେପିଙ୍କ ଲେଖାଟି ଅତି ଉପାଦେୟ ହୋଇଛି

● ଜୁନ୍ ମାସର 'ରେବତୀ' ପ୍ରକାଶିତ ହୋଇଥିବାରୁ ହାର୍ଦ୍ଦିକ ଶୁଭେଚ୍ଛା ! ହାତରେ ଧରିବା ମାତ୍ରେ ମନରେ ଅଫୁରନ୍ତ ଆନନ୍ଦ ସୃଷ୍ଟି ହେଲା, ତେଣୁ ସବୁ କାମ ପଛରେ ପକାଇ ପଢି ବସିଲି ପତ୍ରିକାଟିକୁ ! ରଜ ପ୍ରସଂଗ ଜଣାଶୁଣା ହୋଇଥିବାରୁ ପ୍ରଥମେ ପଢିଲି ଜଗନ୍ନାଥ ପ୍ରସାଦ ଦାସଙ୍କ ଉପରେ ପ୍ରସ୍ତୁତ ସୁଦୀର୍ଘ ଓ ମନୋଜ୍ଞ ପ୍ରସଂଗଟି ! ଜେପିଙ୍କ ଲେଖା ଆଗରୁ ପତ୍ର ପତ୍ରିକାରେ ପଢିଥିଲି, ମାତ୍ର ତାଙ୍କ ଜୀବନ ଓ କୃତି ଉପରେ ବିଶଦ ଜ୍ଞାନ ନଥିଲା !! ତେଣୁ ଅତି ଆଗ୍ରହରେ ଏଇ ପୃଷ୍ଠାତକ ତନ୍ନ ତନ୍ନ କରି ପଢିଲି ! ଅଭିଭୂତା ହେଲି ! ତାଙ୍କର କଳା , ସାହିତ୍ୟ ପ୍ରତି ଉତ୍ସର୍ଗୀକୃତ ଜୀବନ, ସମାଜସେବା ସହ ଅନ୍ୟମାନଙ୍କ ପ୍ରତି ଅନାବିଳ ଶ୍ରଦ୍ଧା, କର୍ତ୍ତବ୍ୟ ପ୍ରତି ଅଙ୍ଗୀକାରବଦ୍ଧତା, ଓଡିଆ ଅସ୍ମିତା ଓ ସ୍ୱାଭିମାନ ପ୍ରତି ତାଙ୍କର ସ୍ୱଷ୍ଟ ଆଭିମୁଖ୍ୟ, ଭାଷା, ସାହିତ୍ୟ ସହ ଚିତ୍ରକଳା ପ୍ରତି ତାଙ୍କର ଶ୍ରଦ୍ଧା ଓ ତାଙ୍କର ଇନ୍ଦ୍ରଧନୁ ପରି ବହୁରଂଗରେ ରଂଗୀନ୍ ବ୍ୟକ୍ତିତ୍ୱ ପ୍ରତି ସମ୍ମାନରେ ମଥାନତ ପ୍ରଣତି ଜଣାଉଛି !! ଆପଣ ପ୍ରତି ସଂଖ୍ୟାରେ ଜଣେ ଜଣେ ବରିଷ୍ଠ ଓ ସମ୍ମାନାସ୍ପଦ ସାହିତ୍ୟିଙ୍କ ଜୀବନ ଓ ସାମଗ୍ରିକ କୃତି ବିଷୟରେ ତଥ୍ୟ ଯୋଗାଇ ପାଠକଙ୍କୁ ଭେଟି ଦେଉଥିବାରୁ ଆପଣଙ୍କୁ ଅଶେଷ ଧନ୍ୟବାଦ ! 'କେନ୍ଦୁଝରର କଣ୍ଢେଇନାଚ' ପ୍ରସଙ୍ଗଟି ମଧ୍ୟ ଖୁବ୍ ଭଲ ଲାଗିଲା ! ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର ନିଜ ପ୍ରଚେଷ୍ଟା ଓ ନିଷ୍ଠା ବଳରେ ଏହି ଲିଭି ଆସୁଥିବା ଲୋକସଂସ୍କୃତିର ଝଲକ ବଂଚାଇ ରଖିବାକୁ ଚେଷ୍ଟା କରୁଥିବାରୁ ତାଙ୍କୁ ଓ ତାଙ୍କର କଳାକୁ ଶତ ପ୍ରଣାମ ! ପରିବେଷକ ତ୍ରିଲୋଚନ ସାହୁଙ୍କୁ ବିଶେଷ ଧନ୍ୟବାଦ ! ଗଳ୍ପ କବିତା ପଢିବା ପୂର୍ବରୁ ଧାରାବାହିକ ଓ ହୃଦୟଗ୍ରାହୀ 'ଦାସେ ଆପଣେ', 'ଦ୍ରୌପଦୀ-୨୮' ଓ 'ପ୍ରଜ୍ଞାପୀଠରେ ତେତିଶ ବର୍ଷ' ପଢି ଆନନ୍ଦିତା ହେଲି !

**ଡକ୍ଟର ସୁମିତ୍ରା ମିଶ୍ର,**ଭୁବନେଶ୍ୱର

## ଜେପିଙ୍କ ଉପସ୍ଥାପନା ଚମତ୍କାର ହୋଇଛି

● ଜେପିଙ୍କୁ ନେଇ ଉପସ୍ଥାପିତ ହେଇଥିବା 'ରେବତୀ'ର ବିଶେଷ ସଂଖ୍ୟାଟି ଚମତ୍କାର ହୋଇଚି । ଆପଣଙ୍କର ଏପରି ଏକ ଅଭିନବ ଉଦ୍ୟମ ଅଭିନନ୍ଦନୀୟ ନିଶ୍ଚୟ ।

**ଭଗବାନ ଜୟସିଂହ,** ପୁରୀ

## ସୁନ୍ଦର ସମ୍ପାଦକୀୟ ଚିଆଁଇ ଦେଲା ଭଳି

● ଚିଆଁଇ ଦେଲା ଭଳିଆ ଆପଣଙ୍କ ସମ୍ପାଦକୀୟ ଏଥର । ଖାଲି କବିତା ନୁହେଁ ଗପ ବି ସେମିତି ଆସେ । କିଛି ଗପ କବିତା ପରି ଲେଖି ହେଇଯାଏ ଆଉ କିଛିକୁ ଟିକେ ଉଦ୍ୟମ କରି ଲେଖିବାକୁ ହୁଏ । କିନ୍ତୁ ଆସେ....ଆସିବାର ଗୋଟେ ମୁହୂର୍ତ୍ତ ଥାଏ... ଏଇ କଥାଟିକୁ ହୃଦୟଙ୍ଗମ ତ କରିଥିଲି । ଆପଣଙ୍କ କଥାଟି ଆଉ ଟିକେ ସାହାଯ୍ୟ କଲା । ଭଲ ଥିବେ ନିଶ୍ଚେ, ସାହିତ୍ୟ, ପରିବାର, ପତ୍ରିକା ସହିତ ।

**ମୋନାଲିସା ମିଶ୍ର,** ରାଉରକେଲା

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା ।

● 'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ଼୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ ।e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● 'ରୋଷେଇ' ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା ପାଇଁ କୌଣସି ପାରିତୋଷିକ ଦିଆଯିବାର ବ୍ୟବସ୍ଥା ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧,
ଫୋନ:୯୪୩୮୭୭୮୦୫୨, ୭୦୦୮୮୪୫୯୨୦ ■ ଇ-ମେଲ୍:rebati.rebati2018@gmail.com



# ଓଡ଼ିଶାର ଜାତୀୟ ଦେବତା
# ଜଗନ୍ନାଥ

# ଲୋକ ସଂସ୍କୃତିରେ ଶ୍ରୀଜଗନ୍ନାଥ


## ମନୋରମା ବିଶ୍ୱାଳ ମହାପାତ୍ର

'ପ୍ରୀତମପୁରୀ', ୧୨୫-ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର-୭୫୧୦୧୩
ଫୋନ:୯୪୩୭୦୧୧୦୦୩


ଫଟୋ ସୌଜନ୍ୟ : ଗୁଗୁଲ୍

**ଶ୍ରୀଜଗନ୍ନାଥ ହିଁ ଓଡ଼ିଆଙ୍କର ଏକମାତ୍ର ଧ୍ୟେୟ । ସେ ଉତ୍କଳୀୟ, ସାମାଜିକ, ଐତିହାସିକ, ରାଜନୈତିକ ତଥା ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର । ଓଡ଼ିଆ ଜାତକମେଳ ବଦଳରେ ପୁଅଝିଅ ବାହାଘର ବେଳେ କନ୍ୟାପିତା ବରପିତା ପରସ୍ପର ହାତରେ ମହାପ୍ରସାଦ ବଢ଼ାଇ ଦେଇ ସତ୍ୟ ସଂକଳ୍ପ କରନ୍ତି । ସବୁ ଉତ୍ସବରେ ସେ ହିଁ ଆମର ପହିଲି ବନ୍ଧୁ । ତାଙ୍କ ପାଖକୁ ପ୍ରଥମେ ନିମନ୍ତ୍ରଣ ଚିଟାଉ ଯାଏ । ଓଡ଼ିଆ ଲୋକ ଚଳଣି ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଭୂମିକା ଆଦୌ ଅସ୍ୱୀକାର କରିହେବ ନାହିଁ । ପ୍ରତ୍ୟେକ ଧର୍ମପ୍ରାଣ ଓଡ଼ିଆ ସ୍ନାନ ସାରି ଠାକୁର ପୂଜା ପରେ ଶ୍ରୀଜଗନ୍ନାଥଙ୍କର ଶୁଖିଲା ମହାପ୍ରସାଦ ସେବନ କରି ନିଜକୁ ଭାଗ୍ୟବାନ ମନେକରନ୍ତି ।**



▶ ଲେଖିକା ମନୋରମା ବିଶ୍ୱାଳ ମହାପାତ୍ର

ଓଡ଼ିଶାର ପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ସଂସ୍କୃତିର ପ୍ରତୀକ । ସେ ଅବ୍ୟକ୍ତ ଅଣାକାର । ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଆ ଜାତିର ସଂସ୍କୃତି । ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ, ଆତ୍ମାରେ ଜଗନ୍ନାଥ ହିଁ ଇଷ୍ଟଦେବତା । ଏ ଜାତିର ସେ ଦୀନବାନ୍ଧବ, ଜଗବନ୍ଧୁ । ଆମ ପାଇଁ ଶ୍ରୀକ୍ଷେତ୍ରର ପ୍ରତ୍ୟେକ ଧୂଳିକଣା ପବିତ୍ର । ଆନନ୍ଦବଜାରର ଶୁଖିଲା ଅନ୍ନ କଣିକାଏ ଆମର ପରମ ନିର୍ମାଲ୍ୟ । ବେଳାଭୂମିରେ ସ୍ୱର୍ଗଦ୍ୱାର ଠାରେ ବାଲୁକା ରାଶିରେ ମିଶି କ୍ଷେତ୍ରଧୂଳିରେ ପରିଣତ ହୋଇଯାଉ । ସେଥିପାଇଁ ଆମର ଅନ୍ତରାତ୍ମା ପ୍ରତି ମୁହୂର୍ତ୍ତରେ ଇଚ୍ଛା କରୁଥାଏ:

"ଥକାମନ ଚାଲ ଯିବା ଚକାନୟନ ଦେଖିବା
ଶଙ୍ଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା ।"

ଶ୍ରୀଜଗନ୍ନାଥ ହିଁ ଓଡ଼ିଆଙ୍କର ଏକମାତ୍ର ଧ୍ୟେୟ । ସେ ଉତ୍କଳୀୟ, ସାମାଜିକ, ଐତିହାସିକ, ରାଜନୈତିକ ତଥା ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର । ଓଡ଼ିଆ ଜାତକମେଳ ବଦଳରେ ପୁଅଝିଅ ବାହାଘର ବେଳେ କନ୍ୟାପିତା ବରପିତା ପରସ୍ପର ହାତରେ ମହାପ୍ରସାଦ ବଢ଼ାଇ ଦେଇ ସତ୍ୟ ସଂକଳ୍ପ କରନ୍ତି । ସବୁ ଉତ୍ସବରେ ସେ ହିଁ ଆମର ପହିଲି ବନ୍ଧୁ । ତାଙ୍କ ପାଖକୁ ପ୍ରଥମେ ନିମନ୍ତ୍ରଣ ଚିଟାଉ ଯାଏ । ଓଡ଼ିଆ ଲୋକ ଚଳଣି ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଭୂମିକା ଆଦୌ ଅସ୍ୱୀକାର କରିହେବ ନାହିଁ । ପ୍ରତ୍ୟେକ ଧର୍ମପ୍ରାଣ ଓଡ଼ିଆ ସ୍ନାନ ସାରି ଠାକୁର ପୂଜା ପରେ ଶ୍ରୀଜଗନ୍ନାଥଙ୍କର ଶୁଖିଲା ମହାପ୍ରସାଦ ସେବନ କରି ନିଜକୁ ଭାଗ୍ୟବାନ ମନେକରନ୍ତି । ବିବାହ ଉତ୍ସବରେ ବର ଓ ବରଯାତ୍ରୀମାନେ କନ୍ୟା ଘରକୁ ଆସି ପାଦ ଧୋଇ ସୁସଜ୍ଜିତ ସ୍ଥାନରେ ବସିଲା ବେଳେ ସର୍ବପ୍ରଥମେ ଜଗନ୍ନାଥଙ୍କ ମହାପ୍ରସାଦ ଲାଗିହୁଏ । ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ହୃଦୟର ଏକମାତ୍ର ଅଧୀଶ୍ୱର । ସବୁ ଆନନ୍ଦର ଆକାର ସିଏ । ସବୁ ତପସ୍ୟାର ସିଦ୍ଧି ।

ଓଡ଼ିଆ ଲୋକଗୀତ, ଲୋକସଂସ୍କୃତିର ଅନ୍ୟ ଏକ ପ୍ରଭାବଶାଳୀ ବିଭାବ । ହଳିଆଗୀତ, ଶଗଡ଼ଗୀତ ପ୍ରଭୃତିରେ ଶ୍ରୀଜଗନ୍ନାଥଙ୍କ ନାମ ଓ ଚରିତ ସ୍ଥାନ ପାଇଛି । ଓଡ଼ିଶାର ଗାଁଗହଳିରେ କୃଷକ ହଳ କରୁଥିବା ସମୟରେ ଯେଉଁ ହଳିଆ ଗୀତ ପ୍ରଚଳିତ ତାହା ଏହିପରି- "ଓଡ଼ିଶାର ଜଗନ୍ନାଥ ଓଡ଼ିଶାକୁ ଗଲେ, ବଡ଼ ଦେଉଳକୁ ବେଢ଼ି ମୁଗଲ ରହିଲେ ।" ଜଗନ୍ନାଥଙ୍କୁ ନେଇ ଯେତେ କବିତା, ଜଣାଣ, ଭଜନ, ସ୍ତୁତି ଓଡ଼ିଆ କବିମାନେ ଲେଖି ଯାଇଛନ୍ତି, ସେପରି ଭାବରେ ସାରା ଭାରତରେ ସେ ରାଜ୍ୟର କବିମାନେ ଲେଖିଛନ୍ତି କି ନାହିଁ ସନ୍ଦେହ । ସେହି ଭଜନ, ଜଣାଣଗୁଡ଼ିକ ଓଡ଼ିଆଙ୍କ ପ୍ରାଣର ସଙ୍ଗୀତ ଆତ୍ମାର ବାଣୀ । ଓଡ଼ିଆଟିଏ ଯେଉଁଠି ଥିଲେ ବି ଯଦି ସେ ଶୁଣେ-

'ଜଗବନ୍ଧୁ ପରି ଜଣେ ସାମନ୍ତ' ବା 'ଚକାନୟନକୁ ପତିତ କେହି, ଡକାଇ ଖର ନିଃଶ୍ୱାସ ପକାଇ' ବା 'କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ, ଆମେ ଦର୍ଶନ କରିବୁ କାହାକୁ', ଆଦି ସଂଗୀତ ତେବେ ତା ହୃଦୟ ଉଦ୍‌ବେଳିତ ହୋଇଉଠେ । ଜଗନ୍ନାଥ ଅଛନ୍ତି ବୋଲି ସିନା ଓଡ଼ିଶା ଦେଶ ଆମର ଏତେ ପ୍ରିୟ । ଉତ୍କଳ କେବଳ ଆମର ଜନ୍ମଭୂମି ନୁହେଁ, ସେ ଆମର ଦେବଭୂମି ପୁଣ୍ୟଭୂମି ।

ଲୋକଗଳ୍ପରେ ମଧ୍ୟ ସେହିପରି ଶ୍ରୀଜଗନ୍ନାଥଙ୍କ ଚରିତରେ ବିଦ୍ୟାପତି ଓ ଲଳିତାଙ୍କ ପ୍ରେମୋପାଖ୍ୟାନ, ମାଣିକ ଗଉଡୁଣୀ ପ୍ରସଙ୍ଗ- ଶ୍ରୀଜଗନ୍ନାଥ, ବଳଭଦ୍ରଙ୍କ କଳାଧଳା ଘୋଡ଼ାରେ କାଞ୍ଚି ଅଭିଯାନର କାହାଣୀ, ସ୍ୱୀ ବୁଦ୍ଧିରେ ଜଗନ୍ନାଥ ଖଣ୍ଡିଆ ଏବଂ ବଳରାମ ଦାସ, ଜଗନ୍ନାଥ ଦାସ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତ ପ୍ରଭୃତି ଭକ୍ତମାନଙ୍କ କାହାଣୀ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ମହିମା ଓଡ଼ିଶାର ଲୋକ ଜୀବନରେ ବେଶ୍ ପ୍ରତିଷ୍ଠା ଲାଭ କରିଛି ।

ଲୋକ ସଂସ୍କୃତିର ସବୁଠାରୁ କଳାତ୍ମକ ଦିଗଟି ହେଲା 'ଲୋକନୃତ୍ୟ' । ଏହି ଲୋକନୃତ୍ୟ ମଧ୍ୟରେ ଗୋଟିଏ ଜାତିର ଆତ୍ମାକୁ ସହଜରେ ବୁଝି ହୋଇଥାଏ । ଏହି ଲୋକନୃତ୍ୟ ଓଡ଼ିଶାର ସାମାଜିକ ଜୀବନ, ଭୌଗୋଳିକ ପରିସ୍ଥିତି, ଧର୍ମଧାରା ଆଦିର ମୂର୍ତ୍ତିମନ୍ତ ପ୍ରତୀକ । ଶ୍ରୀମନ୍ଦିରରେ ଦେବଦାସୀ ନୃତ୍ୟର ପ୍ରଚଳନ ଓଡ଼ିଆ ଲୋକ ସଂସ୍କୃତିକୁ ଅଧିକ ମହିମାନ୍ୱିତ କରି ତୋଳିଛି । ଏହି ଦେବଦାସୀ ନୃତ୍ୟ କ୍ରମେ ଗୋଟିପୁଅରେ ପରିଣତ ହୋଇ ଶେଷରେ 'ଓଡ଼ିଶୀ' ନୃତ୍ୟ ଭାବରେ ଏବେ ଶାସ୍ତ୍ରୀୟ ରୂପରେ ପରିଣତ ହୋଇଛି ।

### ଲୋକଚିତ୍ରକଳା

ଲୋକ ସଂସ୍କୃତିର ଆଉ ଏକ ମୁଖ୍ୟଧାରା ଲୋକ ଚିତ୍ରକଳା । ଶ୍ରୀମନ୍ଦିରର ନାଟମନ୍ଦିର ଓ ମହାଲକ୍ଷ୍ମୀ ମନ୍ଦିର କାନ୍ଥରେ ଯେଉଁସବୁ ଚିତ୍ର ଅଙ୍କିତ ହୋଇଛି, ତାହାର ଏକ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଇଥାଏ । ଓଡ଼ିଶାର ଗାଁଗହଳିରେ ଲୋକ ଚିତ୍ରକଳା ମଧ୍ୟରେ ଝୋଟି ଏବଂ ମୁରୁଜର ସ୍ଥାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।



ମାର୍ଗଶୀର ମାସ ଗୁରୁବାର ଓଷା, ଏବଂ କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତ ଯଥାକ୍ରମେ ଝୋଟି ଓ ମୁରୁଜର ଐତିହ୍ୟକୁ ପ୍ରକାଶ କରିଥାଏ । ସେଥିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କ ଚିତ୍ର ବିଶିଷ୍ଟ ସ୍ଥାନ ଅଧିକାର କରିଥାଏ । ଓଷା ବ୍ରତ ଓଡ଼ିଆ ନାରୀର ଏକ ବିଶିଷ୍ଟ ଉପାସନା । ମନସ୍କାମନା ପୂର୍ଣ୍ଣ ପାଇଁ ସେ ସ୍ୱାମୀ ଏବଂ ସନ୍ତାନ ପାଇଁ ଏହି ଓଷାବ୍ରତ କରିଥାଏ । ସବୁଥିରେ ଆମ ସଂସ୍କୃତି ଅତି ଚମତ୍କାର ଭାବରେ ଲୁକ୍କାୟିତ ହୋଇ ରହିଥିବାର ଲକ୍ଷ୍ୟ କରାଯାଇଥାଏ ।

ଜଗନ୍ନାଥ ଓଡ଼ିଆଙ୍କର ଲୋକଦେବତା । ତାଙ୍କୁ ମନ୍ଦିରରେ ବସାଇ ଓଡ଼ିଆମାନେ ଦୂରେଇ ଦିଅନ୍ତି ନାହିଁ । ଆପଣାର ପ୍ରିୟ ପରିଜନ ପରି ତାଙ୍କୁ କୋଳେଇ ନିଅନ୍ତି । ତେଣୁ ଓଡ଼ିଆ ଖାଦ୍ୟ ଭାତ, ତରକାରୀ ଯେପରି ଓଡ଼ିଆଙ୍କର ପ୍ରିୟ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ମଧ୍ୟ ସେହି ଅନ୍ନ ଏବଂ ବେସର । ତା ସହିତ ଶାଗ ଏବଂ ଗ୍ରୀଷ୍ମଦିନେ ପଖାଳ ମଧ୍ୟ ଭୋଗ ଲାଗେ । ଶ୍ରୀଜଗନ୍ନାଥଙ୍କ ଅତିପ୍ରିୟ ପୋଡ଼ପିଠା ମଧ୍ୟ ଓଡ଼ିଶାର ଲୋକଖାଦ୍ୟ ।

ଜଗନ୍ନାଥଙ୍କୁ କେନ୍ଦ୍ର କରି କେଉଁ ଆବହମାନକାଳରୁ ଓଡ଼ିଶାରେ ବହୁ ପର୍ବପର୍ବାଣି ସୃଷ୍ଟି ହୋଇଛି । ସେଥିମଧ୍ୟରୁ କାର୍ତ୍ତିକ ବ୍ରତ, ମକର ସଂକ୍ରାନ୍ତି, ଦୋଳଯାତ୍ରା, ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା, ସ୍ନାନ ଯାତ୍ରା, ଅଣସର ନୀତି, ରଥଯାତ୍ରା ପ୍ରଭୃତି ପ୍ରଧାନ । ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳିତ ଏହି ପର୍ବ ଗୁଡ଼ିକ ମୁଖ୍ୟତଃ ଜଗନ୍ନାଥଙ୍କୁ କେନ୍ଦ୍ରକରି ହୋଇଥାଏ । ସମଗ୍ର ବିଶ୍ୱରେ ପାଳିତ ହେଉଥିବା ରଥଯାତ୍ରା ଏକ ପ୍ରସିଦ୍ଧ ପର୍ବ । ପବିତ୍ର ଅକ୍ଷୟ ତୃତୀୟା ଠାରୁ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଏବଂ ତିନିରଥ ନିର୍ମିତ ହୋଇ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶେଷ ହୋଇ ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ମହୋତ୍ସବ ହୋଇଥାଏ ।

ବୃକ୍ଷପୂଜା ଆମ ଉତ୍କଳୀୟ ଲୋକ ସଂସ୍କୃତିର ଏକ ମୁଖ୍ୟ କଥା । ଜଗନ୍ନାଥ ହେଉଛନ୍ତି ମୂଳତଃ ଶବର ଦେବତା । ବୃକ୍ଷପୂଜା ଭାରତୀୟ ତଥା ଉତ୍କଳୀୟ ସଂସ୍କୃତିର ଏକ ମୁଖ୍ୟ ବିଭବ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଦାରୁରେ ନିର୍ମିତ ହୋଇଛି ବୋଲି ଅନୁମାନ କରାଯାଏ ।

ଆମ ସଂସ୍କୃତିରେ ବିଶ୍ୱଭ୍ରାତୃତ୍ୱବୋଧକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ଚେତନାକୁ କେନ୍ଦ୍ରକରି ପ୍ରତିଷ୍ଠିତ । ଶ୍ରୀଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସଂପ୍ରଦାୟର ଦେବତା ନୁହଁନ୍ତି । ଏଠାରେ ବ୍ରାହ୍ମଣ ଚଣ୍ଡାଳ ମଧ୍ୟରେ ଭେଦାଭେଦ ନାହିଁ । ନୀଳାଚଳକୁ ସକଳ ତୀର୍ଥର ଆଳୟ ବୋଲି ବିଶ୍ୱାସ କରାଯାଇଛି । ଗୋପ, ମଥୁରା, ବୃନ୍ଦାବନ, ଦ୍ୱାରକା ଆଦି ପୀଠ ଗୁଡ଼ିକ ପୁରୁଷୋତ୍ତମ ନିକଟରେ ମ୍ଳାନ । ତୀର୍ଥାଟନ କାଳରେ ପ୍ରତ୍ୟେକ ହିନ୍ଦୁ ସମଗ୍ର ତୀର୍ଥ ଦର୍ଶନ କରି ନୀଳାଚଳକୁ ଆସି କଳାଶ୍ରୀ ମୁଖକୁ ଦର୍ଶନ ନକଲେ ତାହାର ତୀର୍ଥଯାତ୍ରା ସଂପୂର୍ଣ୍ଣ ହୁଏ ନାହିଁ ବୋଲି ଲୋକ ବିଶ୍ୱାସ । ସେଥିପାଇଁ କୁହାଯାଏ 'ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ ।' ଶ୍ରୀକ୍ଷେତ୍ର ପୁରୀର 'ଜେଗା ଘର' ବା 'ଜାଗା ଘର' ଯେଉଁସବୁ ଲୀଳା ସୁଆଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୁଏ, ତାହା ମୁଖ୍ୟତଃ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି । ବହିରାକ୍ରମଣରୁ ଶ୍ରୀମନ୍ଦିରକୁ ରକ୍ଷା କରିବା ପାଇଁ ଏହି 'ଜାଗା ଆଖଡ଼ା'ର ସୃଷ୍ଟି ।

ଏହି ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ, ଓଡ଼ିଶାର ବଡ଼ଠାକୁର ଶ୍ରୀଜଗନ୍ନାଥ ଓଡ଼ିଆ ଲୋକ ଜୀବନର ପ୍ରତୀକ । ଓଡ଼ିଆ ଲୋକ ସଂସ୍କୃତିର ବାହକ ଓ ରକ୍ଷକ । ତେଣୁ ଓଡ଼ିଶାର ସଂସ୍କୃତି ହିଁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି । ସେ ହେଉଛନ୍ତି ଓଡ଼ିଶାର ଜାତୀୟ ଦେବତା ।

ପ୍ରସଙ୍ଗ - ୨



# ନୀଳାଦ୍ରି ବିଜେର ବଚନିକା

# ନୀଳାଦ୍ରି ବିଜେ : ଲକ୍ଷ୍ମୀ-ନାରାୟଣ କଳି


**ଅସିତ ମହାନ୍ତି**

୪ ଆର୍-୧/୨, ଇଉନିଟ୍- ୩,
ଭୁବନେଶ୍ୱର-୭୫୧୦୦୧
ଫୋନ:୯୪୩୭୦୩୪୮୦୪


ଫଟୋ ସୌଜନ୍ୟ : ସନ୍ତୋଷ, ପୁରୀ

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରେ ସ୍ନାନ ଓ ଶ୍ରୀଗୁଣ୍ଡିଚା ଶ୍ରେଷ୍ଠ । କାରଣ, ଏହି ଦୁଇ ଯାତ୍ରା ହେଉଛି 'ସ୍ୱୟଂଲୀଳା' । ଏଥିରେ ସ୍ୱୟଂ ଶ୍ରୀଜଗନ୍ନାଥ ନିଜର ପତିତପାବନ ନାମକୁ ସାର୍ଥକ କରିବା ପାଇଁ ରତ୍ନସିଂହାସନ ଛାଡ଼ି ଭକ୍ତମାନଙ୍କ ମେଳକୁ ଆସି ଥାଆନ୍ତି । ଅନ୍ୟ ଲୀଳାଗୁଡ଼ିକରେ ତାଙ୍କର ଚଳନ୍ତି ପ୍ରତିମା, ପ୍ରତିନିଧି ବା ବିଭିନ୍ନ ଚେତନ ଓ ଜଡ଼ ବସ୍ତୁ ଆଜ୍ଞାମାଳ ପାଇ ବିଭିନ୍ନ ଭୂମିକା ନିର୍ବାହ କରିଥାଆନ୍ତି । କିନ୍ତୁ ଶ୍ରୀଜଗନ୍ନାଥ ନିଜେ ଏହି ଦୁଇ ଯାତ୍ରାରେ ଶ୍ରୀମନ୍ଦିରର ରତ୍ନ ସିଂହାସନ ଛାଡ଼ି ଭକ୍ତମାନଙ୍କ ମେଳକୁ ଆସୁଥିବାରୁ ଏଥିରେ କୌଣସି ଆଜ୍ଞାମାଳର ଆବଶ୍ୟକତା ପଡ଼େ ନାହିଁ ।

ନୀଳାଦ୍ରିବିଜେ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅନ୍ତିମ ପର୍ବ । ବାହୁଡ଼ା ଦଶମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଫେରିବା ପରେ ଶ୍ରୀଜିଉମାନେ ଯେଉଁଦିନ ନୀଳାଦ୍ରିକନ୍ଦରର ରତ୍ନବେଦୀକୁ ପ୍ରତ୍ୟାବର୍ତ୍ତନ କରନ୍ତି, ସେହି ଦିନଟି ହେଉଛି ନିଳାଦ୍ରି ବିଜେ । ଶ୍ରୀଜଗନ୍ନାଥ ମନ୍ଦିରର 'ସ୍ୱତ୍ୱଲିପି'ରେ ଏହା 'ଦ୍ୱାଦଶୀ-ନୀଳାଦ୍ରି ବିଜେ' ବୋଲି ଉଲ୍ଲେଖ ଅଛି । ଆହୁରି ସ୍ପଷ୍ଟ ଭାବରେ ସେଥିରେ କୁହାଯାଇଛି, "ଏହି ନୀତି ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ହୁଏ ।" କିନ୍ତୁ ଏବେ ଏହି ନୀତି ଦ୍ୱାଦଶୀ ଦିନ ହେଉନାହିଁ । ଏକାଦଶୀ ଦିନ ବଡ଼ ତଡ଼ଉ ବେଶ (ସୁନାବେଶ) ହେବା ପରେ, ଦ୍ୱାଦଶୀ ଦିନ ରଥ ଉପରେ ଶ୍ରୀଜିଉମାନଙ୍କର ଅଧରପଣା ନୀତି ହେଉଛି । ଏଣୁ 'ଦ୍ୱାଦଶୀ ନୀଳାଦ୍ରି ବିଜେ' ପରିବର୍ତ୍ତେ ଦ୍ୱାଦଶୀ ତିଥିକୁ ନୀତି ଦୃଷ୍ଟିରୁ 'ଅଧର ଦ୍ୱାଦଶୀ' କୁହାଯାଉଛି । ତ୍ରୟୋଦଶୀ ଦିନ ବା କେବେକେବେ ଚତୁର୍ଦ୍ଦଶୀ ଦିନ ଶ୍ରୀଜଗନ୍ନାଥଙ୍କର ନୀଳାଦ୍ରି ବିଜେ ହେଉଛି ।

ନୀଳାଦ୍ରି ବିଜେ ନୀତି ସଂପର୍କରେ ସ୍ୱତ୍ୱଲିପିରେ ଲେଖା ଅଛି, "ଏହି ଦିନ ଠାକୁରମାନଙ୍କର ଗୋଟି ପହଣ୍ଡି ହୁଏ । ସଂଧ୍ୟା ଧୂପ ସରିବା ପରେ, ବିଜେ କାହାଳି ବାଜି ପହଣ୍ଡି ଆରମ୍ଭ ହୁଏ । ରାଘବ ଦାସ ମଠ ଟାୟା ଯୋଗାନ୍ତି । ପହଣ୍ଡି ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧା ହୁଏ । ଅଖଣ୍ଡ ବଇଠା ବସା ହୁଏ । ବଡ଼ଠାକୁର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନକୁ ଆସନ୍ତି ।"

ଏହା ପରେ ଆରମ୍ଭ ହୁଏ ଶ୍ରୀଜଗନ୍ନାଥଙ୍କର ନୀଳାଦ୍ରି ବିଜେ । ଏଥିରେ ହେଉଥିବା ଲକ୍ଷ୍ମୀ-ନାରାୟଣ ବଚନିକା ବେଶ୍ ରୋଚକ । 'ନୀଳାଦ୍ରି ମହୋଦୟ'ର ବର୍ଣ୍ଣନା ଅନୁସାରେ, ଏହି ନୀଳାଦ୍ରି ବିଜେ ନୀତିରେ ଗରୁଡ଼ଙ୍କ ସମ୍ମୁଖରେ ଶ୍ରୀଜିଉମାନଙ୍କୁ ଦକ୍ଷିଣାଭିମୁଖ ଅବସ୍ଥାରେ ବନ୍ଦାପନା କରାଯାଏ । ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବନ୍ଦାପନା ପରେ ସେମାନେ ଯାଇ ରତ୍ନ ସିଂହାସନରେ ବିରାଜମାନ କରନ୍ତି । କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ଦକ୍ଷିଣାଭିମୁଖ ଅବସ୍ଥାରେ ବନ୍ଦାପନା କରାଯିବା ସମୟରେ ଦେବୀ ଲକ୍ଷ୍ମୀ ଦ୍ରୁତ ଗତିରେ ଯାଇ କୌତୁକବଶତଃ ଭିତର ଦ୍ୱାର (ଜୟବିଜୟ ଦ୍ୱାର) ବନ୍ଦ କରିଦିଅନ୍ତି । ଏହାପରେ ଶ୍ରୀଜଗନ୍ନାଥ ଘଣ୍ଟା, ବାଦ୍ୟ ଆଦି ଧ୍ୱନି ସହିତ ଧୀରେଧୀରେ ଯାଇ ଦ୍ୱାର ନିକଟରେ ପହଞ୍ଚନ୍ତି । ଦେବୀ ଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ଦ୍ୱାର ବନ୍ଦ ହୋଇଥିବାରୁ ବିଦ୍ୟାପତି ବଂଶଜ ସେବକ ଦ୍ୱାର ନିକଟରେ ଦଣ୍ଡାୟମାନ ହୋଇ କବାଟ ଖୋଲିବା ପାଇଁ ଦେବୀ ଲକ୍ଷ୍ମୀଙ୍କୁ କହନ୍ତି । ତାହାପରେ ପରିଚାରିକାମାନେ ଲକ୍ଷ୍ମୀଙ୍କ ଇଙ୍ଗିତରେ "ନୀଳାଚଳ ଛାଡ଼ି କୁଆଡ଼େ ଯାଇଥିଲ" ବୋଲି ପଚାରନ୍ତି । "ଗୁଣ୍ଡିଚା ମଣ୍ଡପ ଯାଇଥିଲୁ" ବୋଲି ଶ୍ରୀଜଗନ୍ନାଥଙ୍କ ପକ୍ଷରୁ କୁହାଯିବା କ୍ଷଣି ଦ୍ୱାର ଖୋଲି ଦିଅନ୍ତି । ତାହା ପରେ ଶ୍ରୀଜଗନ୍ନାଥଙ୍କୁ ମନ୍ଦିର ଭିତରକୁ ନିଆଯାଇ ଉତ୍ତରାଭିମୁଖ କରାଯାଏ ଏବଂ ଦେବୀ ଲକ୍ଷ୍ମୀଙ୍କୁ ଦକ୍ଷିଣାଭିମୁଖ କରାଯାଇ 'ଲକ୍ଷ୍ମୀ-ନାରାୟଣ ଭେଟ' ହୁଏ ।

'ନୀଳାଦ୍ରି ମହୋଦୟ'ର ଷୋଡ଼ଶ ଅଧ୍ୟାୟ (ଶ୍ଳୋକ୧୫୧-୧୫୭)ରେ ଥିବା ଏହି ବର୍ଣ୍ଣନାରୁ ସୂଚିତ, ଯେ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାରଠାରେ ହିଁ ଏହି ଲୀଳା ଅନୁଷ୍ଠିତ ହୁଏ । ଶ୍ଳୋକ-୧୫୨ରେ ଥିବା ବର୍ଣ୍ଣନା ଅନୁସାରେ, ଦେବୀ ଲକ୍ଷ୍ମୀ 'କୌତୁକବଶତଃ' ଏହି ଦ୍ୱାର ରୁଦ୍ଧ କରି ଦ୍ୱାରର ଅପରପାର୍ଶ୍ୱରେ ନିଜେ ଅବସ୍ଥାନ କରନ୍ତି । (କୌତୁକାଦ୍ ଦ୍ୱାର ମାବୃତ୍ୟ ତିଷ୍ଠେଉତ୍ କ୍ଷଣମୁତ୍ତମାଃ) । ଏଥିରେ ଉଭୟ ପକ୍ଷରୁ କେବଳ ଗୋଟିଏ ଗୋଟିଏ ପଦର ବାକ୍ୟାଳାପ ହୋଇଥାଏ ।

କିନ୍ତୁ ସ୍ୱତ୍ୱଲିପିରେ ଏ ସଂପର୍କରେ ଉଲ୍ଲେଖ ଅଛି, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ପହଣ୍ଡି ହୋଇ ଶ୍ରୀମନ୍ଦିରରେ ପ୍ରବେଶ କରିବା ପରେ (ଦେବୀ ଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ) ଦେବଦାସୀମାନେ ଯାଇ ସିଂହଦ୍ୱାରକୁ ବନ୍ଦ କରି ଦିଅନ୍ତି । ଶ୍ରୀଜଗନ୍ନାଥ ସିଂହଦ୍ୱାରକୁ ଆସିଲେ ତାହାକୁ ଫିଟାଇ ଦିଅନ୍ତି । କିନ୍ତୁ ସେଠାରେ କୌଣସି ବଚନିକା ହୋଇ ନଥାଏ । ବଚନିକା ହୁଏ ଜୟବିଜୟ ଦ୍ୱାରଠାରେ । ସ୍ୱତ୍ୱଲିପି ଅନୁସାରେ, "ଦଇତାମାନଙ୍କ ମଧ୍ୟରେ ଓ ଦେବଦାସୀମାନଙ୍କ ମଧ୍ୟରେ ବଚନିକା ଆରମ୍ଭ ହୁଏ ଓ ଦେବଦାସୀମାନେ ଦଇତାଙ୍କୁ ଲଣ୍ଡ ଭଣ୍ଡ କରନ୍ତି ।"

ଶ୍ରୀମନ୍ଦିରର ରୀତିନୀତି ସଂପର୍କିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ 'ବାମଦେବ ସଂହିତା'ରେ ଏ ପ୍ରସଙ୍ଗ କିଞ୍ଚିତ୍ ଭିନ୍ନ ଭାବରେ ବର୍ଣ୍ଣିତ ହୋଇଛି । ଏହାର ସପ୍ତଦଶ ଅଧ୍ୟାୟରେ (୨୨ରୁ ୩୬


▲ଲେଖକ ଅସିତ୍ ମହାନ୍ତି

ଶ୍ଳୋକ ମଧ୍ୟରେ) ଏ ସଂପର୍କରେ ବିଶଦ ବର୍ଣ୍ଣନା ଅଛି । ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଦଇତାମାନେ ଓ ଶ୍ରୀଲକ୍ଷ୍ମୀଙ୍କ ପକ୍ଷରୁ ଦେବଦାସୀମାନେ ଅଂଶଗ୍ରହଣ କରୁଥିବା ସେହି ବଚନିକା ପ୍ରସଙ୍ଗରେ ସେଥିରେ ରୋଚକ ବର୍ଣ୍ଣନା ରହିଛି ।

ସେହି ବର୍ଣ୍ଣନା ଅନୁସାରେ, "କବାଟର ଅର୍ଗଳିକୁ ଦୃଢ଼ ଭାବରେ ବନ୍ଦ କରାଇ ଶ୍ରୀଦେବୀ (ଲକ୍ଷ୍ମୀ) ଦାସୀବର୍ଗଙ୍କୁ ଡାକି ଅଭିମାନଭରା ଆଦେଶ ଦେଇ କହିଲେ, ହେ ଦାସୀମାନେ ! ତୁମ୍ଭେ ଯାଇ ଶ୍ରୀଜଗନ୍ନାଥଙ୍କୁ କୁହ ଯେ ଏହି ସ୍ଥାନରେ ଚଣ୍ଡରୂପା ଦେବୀ ଅବସ୍ଥାନ କରୁଛନ୍ତି । ଆପଣଙ୍କୁ ସୁଖ ପ୍ରଦାନ କରିବା ପରି ଆପଣଙ୍କର କେହି ପ୍ରିୟା ଏଠାରେ ନାହାନ୍ତି । ଏହା ହେଉଛି ବିରହିଣୀପୁର । ଚନ୍ଦନାଦି ସୁଗନ୍ଧ ପଦାର୍ଥ, ତୁମ ମନଲାଖି ପାନ, ଭୋଜନ କିଛି ଏଠାରେ ନାହିଁ । ଏଣୁ ହେ ବିଭୁ ! ଯେଉଁଠାରେ ଆପଣଙ୍କୁ ସେସବୁ ମିଳିବ, ଆପଣ ସେଠାକୁ ଯାଆନ୍ତୁ ।"



ଏ ପ୍ରସଙ୍ଗରେ ଉଲ୍ଲେଖନୀୟ, ଯେ 'ନୀଳାଦ୍ରି ମହୋଦୟ' ଓ 'ବାମଦେବ ସଂହିତା' ପରି ଶ୍ରୀମନ୍ଦିରର ରୀତିନୀତି ସଂପର୍କିତ ବିଧିଗ୍ରନ୍ଥରେ ଏ ବାବଦରେ ଥିବା ଉପରୋକ୍ତ ସଂକ୍ଷିପ୍ତ ସୂଚନା ହିଁ ପରବର୍ତ୍ତୀ କାଳରେ ବହୁ ସାହିତ୍ୟ କୃତିର ଆଧାର ହୋଇଛି । ସ୍ୱତ୍ୱଲିପିରେ ଥିବା "ଦଇତାପତିମାନଙ୍କ ମଧ୍ୟରେ ଓ ଦେବଦାସୀମାନଙ୍କ ମଧ୍ୟରେ ବଚନିକା ଆରମ୍ଭ ହୁଏ ଓ ଦେବଦାସୀମାନେ ଦଇତାଙ୍କୁ ଲଣ୍ଡ ଭଣ୍ଡ କରନ୍ତି" ଆଧାରରେ ସେହିସବୁ ସାହିତ୍ୟ କୃତିକୁ ବିଭିନ୍ନ କବି ନିଜସ୍ୱ ରୀତିରେ ସୃଜନଶୀଳ ଭାବରେ ଉପସ୍ଥାପିତ କରିଛନ୍ତି । ସପ୍ତଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ମଧ୍ୟରେ ଲୋକନାଥ ବିଦ୍ୟାଧର ମହାପାତ୍ର, ଦୀନ ହୀନମତି, କୃଷ୍ଣ ଦାସ, ବିପ୍ର କାଶୀ ଦାସ, ଦୀନ ଯୁଧିଷ୍ଠିର ଦ୍ୱିଜ, ବିପ୍ର ମହେଶ୍ୱର, ମହାଦେବ ପାଣିଗ୍ରାହୀ, ଗଉର ଚରଣ ଦାସ ଓ ଜଗନ୍ନାଥ ପାଣି ପ୍ରମୁଖ କବିମାନେ ନିଜ ନିଜ ରଚନାରେ ଏହାର ରୋଚକ ବର୍ଣ୍ଣନା କରିଛନ୍ତି । ପରବର୍ତ୍ତୀ କାଳରେ, ବିଂଶ ଶତାବ୍ଦୀର ଶୈଳବାଳା ମିଶ୍ର ମଧ୍ୟ ନିଜକୁ ଏହି କାବ୍ୟପ୍ରବାହର ଅନ୍ତର୍ଭୁକ୍ତ କରିଛନ୍ତି ।

ଲୋକନାଥ ବିଦ୍ୟାଧର ମହାପାତ୍ରଙ୍କ 'ନୀଳାଦ୍ରି ମହୋତ୍ସବ' ଏ ସଂପର୍କିତ ଏକ ଉଲ୍ଲେଖନୀୟ ଗ୍ରନ୍ଥ । 'ଉତ୍କଳୀୟ ପ୍ରାଚ୍ୟ ଗ୍ରନ୍ଥମାଳା (ଓଡ଼ିଆ) ଅନ୍ତର୍ଗତ ୩୭ତମ ପୁସ୍ତକ ଭାବରେ, ୧୯୯୧ ମସିହାରେ ଏହା ଓଡ଼ିଶା ସରକାରଙ୍କ ସଂସ୍କୃତି ନିର୍ଦ୍ଦେଶାଳୟ ପକ୍ଷରୁ ସଂପାଦିତ ଓ ପ୍ରକାଶିତ ହୋଇଛି । ଏହାର ସଂପାଦିକା ଶ୍ରୀମତୀ ଶକୁନ୍ତଳା ପଣ୍ଡା । ଏହି ପୁସ୍ତକର ମୋଟ ୨୬ଟି ଅଧ୍ୟାୟରେ ରହିଛି ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାର ବର୍ଣ୍ଣନା । ଏଥିରୁ ସପ୍ତଦଶ ଅଧ୍ୟାୟରେ ସ୍ଥାନିତ ହୋଇଛି ଶ୍ରୀଜଗନ୍ନାଥଙ୍କ 'ମନ୍ଦିର ପ୍ରବେଶ' ଓ 'ନୀଳାଦ୍ରି ବିଜେ' ପ୍ରସଙ୍ଗ । ଲୋକନାଥ ବିଦ୍ୟାଧର ଥିଲେ ରୀତିଯୁଗର କବି ଏବଂ ତାଙ୍କର ସମୟ ସପ୍ତଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଓ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧ (୧୬୬୮-୧୭୨୦) । ତାଙ୍କର ପିତା ଜଗନ୍ନାଥ ବିଦ୍ୟାଧର ମହାପାତ୍ର ଥିଲେ ଗଜପତି ଦିବ୍ୟସିଂହ ଦେବଙ୍କର ପାତ୍ର ।

ରାଗ 'କେଦାର କାମୋଦୀ'ରେ ରଚିତ, 'ନୀଳାଦ୍ରି ମହୋତ୍ସବ'ର ସପ୍ତଦଶ ଅଧ୍ୟାୟରେ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେର ଦୃଶ୍ୟଚିତ୍ର ଅତ୍ୟନ୍ତ ମନୋରମ । ସ୍ୱତ୍ୱଲିପିରେ ବର୍ଣ୍ଣିତ ପ୍ରଥା ଅନୁସାରେ ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ପହଣ୍ଡି ହୋଇ ସିଂହାସନକୁ ଯିବାପରେ ଅନୁଷ୍ଠିତ ହୁଏ ଶ୍ରୀଜଗନ୍ନାଥଙ୍କ ପହଣ୍ଡି । "ଜଗନ୍ନାଥ ରଥରୁ ଚାର ଉପରକୁ ଓହ୍ଲାଇଲେ ଲକ୍ଷ୍ମୀଠାକୁରାଣୀ ମହାଜନ ହାତରେ ବିଜେ ହୋଇ ଦେବଦାସୀ ସହ ଭେଟମଣ୍ଡପ ଠାରେ ଖଟଶେଯ ମେକାପ ପକାଇଥିବା ଡମ୍ଫରୁ ଉପରେ ବିଜେ କରିଥାଆନ୍ତି । ରଥରେ ଠାକୁରଙ୍କ ବନ୍ଦାପନା ହେଲେ ଭିତରଛ ମହାପାତ୍ରେ ଏହାଙ୍କର ବନ୍ଦାପନା କରନ୍ତି ।" ଏହାକୁ ଲକ୍ଷ୍ମୀ-ନାରାୟଣଙ୍କ 'ଚତୁରକ୍ଷ' ବା 'ଚାରିଚକ୍ଷୁର ମିଳନ' ରୂପେ ଚିତ୍ରିତ କରିଛନ୍ତି ଲୋକନାଥ ବିଦ୍ୟାଧର । ସେ କହିଛନ୍ତି-

"ଏମନ୍ତେ ଭଦ୍ରା ହଳି ଯାଆନ୍ତେ ଚଳି ।
ସୁଦରଶନ ହିଂ ସହିତରେ ମିଳି ଯେ ।
ତଥି ଉତ୍ତାରୁ ଲକ୍ଷ୍ମୀ ଶ୍ରୀନାରାୟଣ ।
ସାକ୍ଷାତ ଚତୁରକ୍ଷ ହେଲେ ଲୋକନ ଯେ ।
ଆନନ୍ଦବୃନ୍ଦ ସିନ୍ଧୁ ଶୀଘ୍ରେ ଉଛୁଳି ।
କମ୍ବୁ କଟକ ତଟ ଗଲା କି ବଳି ଯେ ।
ଏଣୁ ସମସ୍ତେ ତହିଂ ମଗ୍ନ ହୋଇଲେ ।
ତିନି ପ୍ରକାରେ ତାପ ବିଧ୍ୱସ୍ତ କଲେ ଯେ ।"

ଏଣୁ ରଥସ୍ଥ ଜଗନ୍ନାଥ ଓ ଭେଟମଣ୍ଡପସ୍ଥ ଲକ୍ଷ୍ମୀଙ୍କର ଏହି ଚାରିଚକ୍ଷୁ ମିଳନରେ କେବଳ ଅନୁରାଗ ହିଁ ରହିଥାଏ । ଏଣୁ ଏହି ସମୟରେ ରଥ ଉପରେ ଶ୍ରୀଜଗନ୍ନାଥଙ୍କୁ ଏବଂ ଭେଟ ମଣ୍ଡପଠାରେ ଲକ୍ଷ୍ମୀଦେବୀଙ୍କୁ ହେଉଥିବା ବନ୍ଦାପନାକୁ କବି 'ଠାକୁର ଠାକୁରାଣୀଙ୍କ ପ୍ରମୋଦପୂର୍ଣ୍ଣ ନିରାଜନା' ବୋଲି କହିଛନ୍ତି । ତାଙ୍କ ଭାଷାରେ, "ଠାକୁର ଠାକୁରାଣୀ ସେହି କାଳରେ / ନିରାଜନା ହୁଅନ୍ତି ପ୍ରମୋଦ ଭରେ ।"

ଏହା ପରେ ହୁଏ ଶ୍ରୀଜଗନ୍ନାଥଙ୍କର ରଥାବତରଣ ଓ ନୀଳାଦ୍ରି ବିଜୟ । ତାହାର ବର୍ଣ୍ଣନା ମଧ୍ୟ ବେଶ୍ ଚିତ୍ରାତ୍ମକ ଭାବରେ ପ୍ରଦାନ କରିଛନ୍ତି 'ନୀଳାଦ୍ରି ମହୋତ୍ସବ'ର କବି । ଏହାର ଚାକ୍ଷୁସ ବିବରଣୀ ପ୍ରଦାନ କରିବା ପରି ସେ କହିଛନ୍ତି-

"କରନ୍ତେ ବିଜୟ ଜୟ ଜୟ ନାଦ ।
ସବୁ ଦିଶ ପୂରଇ ମହା ସୁଖଦ ଯେ ।
ଘଣ୍ଟାବଳି ମର୍ଦ୍ଦଳ ବୀର କାହାଳୀ ।
ହୁଳହୁଳି ମହୁରୀ ଦୋସରି ମିଳି ଯେ ।
ଶଙ୍ଖ ଟମକ ଆଦି ମଙ୍ଗଳ ସ୍ୱନ ।
ବେଦଧ୍ୱନି କରନ୍ତି ଅଗ୍ରେ ବ୍ରାହ୍ମଣ ଯେ ।
ପରମ ମଙ୍ଗଳ ମଙ୍ଗଳ ବିଧାନ ।
କରନ୍ତି ରମଣୀୟତର ଗମନ ଯେ ।
ଦଇତାପତିମାନେ ଚାରି ପାଶରେ ।
କେ ପୃଷ୍ଠେ କେ ପାଶରେ କେ ପୁରତରେ ଯେ ।"

କିନ୍ତୁ ଲୋକନାଥ ବିଦ୍ୟାଧରଙ୍କ ଏହି କାବ୍ୟରେ, ଏହି ସମୟରେ ଶ୍ରୀମନ୍ଦିରର ସିଂହଦ୍ୱାରକୁ ରୁଦ୍ଧ କରାଯିବା ଏବଂ ଶ୍ରୀଜଗନ୍ନାଥ ଆସି ଉପସ୍ଥିତ ହେବା ପରେ ତାହାକୁ ଉନ୍ମୁକ୍ତ କରାଯିବାର ପ୍ରସଙ୍ଗ ନାହିଁ । ଏଥିରୁ ଜଣାଯାଏ, ଯେ କବିଙ୍କ ସମୟରେ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ନୀତିରେ ସିଂହଦ୍ୱାର ରୁଦ୍ଧ କରାଯିବାର ପ୍ରଥା ନଥିଲା ।

'ନୀଳାଦ୍ରି ମହୋତ୍ସବ'ର ରସୋତ୍ତୀର୍ଣ୍ଣ ବର୍ଣ୍ଣନା ଅନୁସାରେ- ନୀଳାଦ୍ରି ସିଂହ (ଶ୍ରୀଜଗନ୍ନାଥ) ସିଂହଦ୍ୱାରରେ ପ୍ରବେଶ କରନ୍ତି । ରମାରମଣ (ଶ୍ରୀଜଗନ୍ନାଥ) ଦ୍ୱାବିଂଶ (ବାଇଶି ପାହାଚ) ଆରୋହଣ ଓ ସୁଆରୋହଣ କରି ଯାଆନ୍ତି । ସେହିପରି



# ସ୍ୱୟଂଭୂ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।
ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - ସ୍ୱୟଂଭୂ ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୂ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***



ଭାବରେ ଗମନ କରି ଯାଇ ଜଗମୋହନପୁର (ଶ୍ରୀମନ୍ଦିରର ଜଗମୋହନ)ରେ ଜଗମୋହନ (ଶ୍ରୀଜଗନ୍ନାଥ) ପ୍ରବେଶ ହୁଅନ୍ତି ।

ଏହାର ପୂର୍ବ ବର୍ଣ୍ଣନା ଅନୁସାରେ, ଦାସୀମାନଙ୍କ ଅନୁରୋଧରେ ଏବଂ ଶ୍ରୀଜଗନ୍ନାଥଙ୍କ 'ଚାଟୁ ପଟୁ ବାଣୀ' ଶୁଣିବା ଅଭିଳାଷରେ, ଦେବୀ ଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ସେତେବେଳକୁ ଶ୍ରୀମନ୍ଦିରଦ୍ୱାର (ଜୟବିଜୟ ଦ୍ୱାର) ରୁଦ୍ଧ କରାଯାଇଥାଏ । ଲୋକନାଥ ବିଦ୍ୟାଧରଙ୍କ ଅନୁସାରେ, ଯାହାଙ୍କ ଆଜ୍ଞାରେ ବ୍ରହ୍ମା ବିଶ୍ୱ ପାଳନ କରନ୍ତି ଓ ବେଦପୁରାଣ ଗାୟନ କରନ୍ତି, ସେ କବାଟ ଫିଟାଇ ଦେବାପାଇଁ ଦାସୀମାନଙ୍କୁ ଯେଉଁ 'ସବିନୟ ବାଣୀ' କହନ୍ତି, ତାହା ସ୍ୱୟଂ ଭାରତୀ (ସରସ୍ୱତୀ)ଙ୍କ ଭାରତୀ (ବାଣୀ) ମଧ୍ୟ କହିବାରେ ଅକ୍ଷମ ହେବ । ଏଣୁ କବି ତାହା କିପରି ବା କହିପାରିବ !

ଏହା ସତ୍ତ୍ୱେ କବି ଲୋକନାଥ ବିଦ୍ୟାଧର ତାହାର ବର୍ଣ୍ଣନା 'ନୀଳାଦ୍ରି ମହୋତ୍ସବ'ରେ କରିଛନ୍ତି । "କିପାଇଁ କବାଟ ନଫେଡ଼ ଆମ୍ଭଙ୍କୁ" ବୋଲି ଶ୍ରୀଜଗନ୍ନାଥ ଦାସୀଙ୍କୁ କହିବାରେ, ଦାସୀମାନେ କହନ୍ତି, "ହେ ପ୍ରବାସୀ ! ଶୁଣନ୍ତୁ ! ଏ ଦେଶର ରୀତି ଭିନ୍ନ । ଆମ୍ଭର ପ୍ରଭୁ ପ୍ରବାସରେ ଯାଇଥିବାରୁ ଆମ୍ଭର ଠାକୁରାଣୀ ଏବେ 'ବିରହ-ଅଳସ'ରେ ଅଛନ୍ତି । 'ଅଶନ ବେସନ' ଆଦି ରୀତି ତ୍ୟାଗ କରି ନାମକୁ ମାତ୍ର ତାଙ୍କର ଜୀବନ ରହିଛି । ଏଣୁ ତାଙ୍କ ଛାମୁରେ ଏ କଥା କେହି ଜଣାଇବାକୁ ସାହସ କରିପାରିବେ ନାହିଁ ।" ତାହା ଶୁଣି ଗୋବିନ୍ଦ (ଶ୍ରୀଜଗନ୍ନାଥ) ଉପାୟ ଚତୁଷ୍ଟୟ (ସାମ, ଦାନ, ଦଣ୍ଡ, ଭେଦ)ରୁ 'ଦଣ୍ଡ' ବ୍ୟତୀତ ଅନ୍ୟ ସମସ୍ତ ପ୍ରୟୋଗ କରିଛନ୍ତି । ଫଳରେ ଦାସୀମାନେ ଯାଇ ଲକ୍ଷ୍ମୀଙ୍କୁ ସବୁ କଥା ଜଣାଇଛନ୍ତି ଏବଂ ଛଦ୍ମ କଠୋରତା ପରିତ୍ୟାଗ କରି ଦେବୀ ଲକ୍ଷ୍ମୀ ଆନନ୍ଦ ବିହ୍ୱଳ ଚିତ୍ତରେ, କବାଟ ଖୋଲି ଦେବା ପାଇଁ ସେମାନଙ୍କୁ ଆଦେଶ ଦେଇଛନ୍ତି । ଏହାର ରୋଚକ ବର୍ଣ୍ଣନା ଦେଇ ଲୋକନାଥ ବିଦ୍ୟାଧର କହିଛନ୍ତି-

"ତହୁଂ ସହଚରୀଚୟ ଯାଇ ବେଗେ ।
ଲକ୍ଷ୍ମୀଙ୍କ ଛାମୁରେ ଜଣାନ୍ତି ସରାଗେ ଯେ ।
ଶୁଣିମା ଲୋକମାତା ଦୁଆରେ ଆସି ।
ପ୍ରବେଶ ହେଲେ ନବଦିନ ପ୍ରବାସୀ ଗୋ ।
ଆମ୍ଭେମାନେ ତ ଦେଇଅଛୁ କପାଟ ।
ବାହାରେ ରହି ପ୍ରଭୁ ଅମରରାଟ ଗୋ ।
ଆଉ ତୁମ୍ଭଙ୍କୁ ଆମ୍ଭମାନଙ୍କୁ ଯେତେ ।
ବିନୟ କରନ୍ତି ତା କହିବି କେତେ ଗୋ ।
ଏହୁ ଅମୃତବତ ବଚନ ଶୁଣି ।
ଆନନ୍ଦେ ବିହ୍ୱଳିତ ଶ୍ରୀଠାକୁରାଣୀ ଗୋ ।
ସେ ତ ନୁହନ୍ତି କିଛି କଠୋର ଚିତ୍ତା ।
ସରଳହୃଦୟା ଧୀରା ପତିବ୍ରତା ଯେ ।
ତେଣୁ ମାନ ମାନସେ ଧରି ନପାରି ।
ଅନୁଜ୍ଞା ଦିଅନ୍ତି ଶୁଣ ସହଚରୀ ଗୋ ।
ଯେବେ କବାଟ ଯାଇ ଫେଡ଼ ବହନ ।
ପ୍ରଭୁ କରନ୍ତୁ ଭିତରକୁ ଗମନ ଗୋ ।"

ଶ୍ରୀମନ୍ଦିରରେ 'ନୀଳାଦ୍ରି ବିଜେ' ନୀତିର ପାରମ୍ପରିକ ପ୍ରଥା ଅନୁସାରେ, ଏହା ପରେ ଦାସୀ ବା ସହଚରୀ ଭୂମିକାରେ ଥିବା ସେବକମାନେ ଶ୍ରୀମନ୍ଦିରର କବାଟ ଖୋଲି ଦିଅନ୍ତି ଏବଂ ପ୍ରଭୁ ଭିତରକୁ ବିଜେ କରନ୍ତି । ଭଣ୍ଡାର ଘରର ଦ୍ୱାର ସମ୍ମୁଖରେ ଲକ୍ଷ୍ମୀ-ନାରାୟଣ ଭେଟ ସହିତ 'ବିବାହ ଗଇଣ୍ଠାଳ' ଫିଟା ହୁଏ ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ, ଯେ କବି ଲୋକନାଥ ବିଦ୍ୟାଧର ତାଙ୍କ 'ନୀଳାଦ୍ରି ମହୋତ୍ସବ' କାବ୍ୟରେ ଦାସୀମାନଙ୍କୁ ଶ୍ରୀଜଗନ୍ନାଥ ସାମ, ଦାନ, ଭେଦ ଆଦିର ପ୍ରୟୋଗରେ କି ସବିନୟ ବଚନ କହିଲେ ଏବଂ ସେମାନଙ୍କୁ କେଉଁ କେଉଁ ଦ୍ରବ୍ୟ ଦାନ କଲେ ବା କି ଭେଦନୀତିର ପ୍ରୟୋଗ କଲେ, ତାହାର ବର୍ଣ୍ଣନା ଦେଇନାହାନ୍ତି । କିନ୍ତୁ ଅନ୍ୟାନ୍ୟ ବହୁ କବି ନିଜ ନିଜର କଳ୍ପନାଶକ୍ତି ଓ ସର୍ଜନଶୀଳତା ଦ୍ୱାରା ତାହାର ଅନେକ ଲୌକିକ ବର୍ଣ୍ଣନା କରିଛନ୍ତି । ସେସବୁରେ ଓଡ଼ିଶାର ଓ ଓଡ଼ିଆ ପରିବାରର ଦାମ୍ପତ୍ୟ କଳହର ଚିତ୍ର ମଧ୍ୟ ବେଶ୍ ସ୍ପଷ୍ଟ । ତେଣୁ ଲୋକମୁଖରେ ଏହା 'ଲକ୍ଷ୍ମୀ-ନାରାୟଣ କଳି' ରୂପେ ପ୍ରିୟ ।

କବି ଦୀନ ହୀନମତିଙ୍କ ଅପ୍ରକାଶିତ 'ଯାତ୍ରା କଦମ୍ବ'ର ବର୍ଣ୍ଣନା ଏ ପ୍ରସଙ୍ଗରେ ଅତ୍ୟନ୍ତ ରୋଚକ । ସେହି ବର୍ଣ୍ଣନା ଅନୁସାରେ, ଶ୍ରୀମନ୍ଦିରର ଦ୍ୱାର ରୁଦ୍ଧ ଥିବା ଦେଖି ଲକ୍ଷ୍ମୀଙ୍କୁ କହି ତାହା ଉନ୍ମୁକ୍ତ କରିଦେବାପାଇଁ ଶ୍ରୀଜଗନ୍ନାଥ ଦାସୀମାନଙ୍କୁ କହିବା ପରେ, ଦାସୀମାନେ କହିଛନ୍ତି-

"ଗୁଣ୍ଡିଚା ଘର ତୁମ୍ଭର ଅଟଇ ସିନା ମନ୍ଦିର
ଯହିଁ ନାନା ପରିମଳ ଠୁଳ ହୋଇଛି,
ତେତିଶ କୋଟି ଦେବତାମାନଙ୍କ ସବୁ ବନିତା
ଯେଉଁଠାରେ ମେଳ ଚଳ ସେଠାକୁ ପୁଛି ।
ଏତ ବିରହିଣୀ ମନ୍ଦିର
ପୂର୍ଣ୍ଣ ହୋଇଅଛି ନେତ୍ର ସଲିଳ ପୁର ।
ଏହା ଶୁଣି ଲକ୍ଷ୍ମୀକାନ୍ତ କହେ ବଚନ ଉଦନ୍ତ
ଶୁଣ ପ୍ରାଣ ସହଚରୀ ଦାସୀ ମୋ ବାଣୀ
ସେ ମୋର ନିତ୍ୟ ଶକତି
ନିଜ ବକ୍ଷସ୍ଥଳ ସ୍ଥିତି
କୃପା କରନ୍ତୁ ଏମନ୍ତ ଜଣାଅ ପୁଣି
ହରଷରେ ସ୍ନେହ ବଢ଼ିବ,
ଏହି ତହିଂ ପାଇଂ ଏ ଗୁଣ୍ଡିଚା ଉତ୍ସବ ।"

କବିଙ୍କ ବର୍ଣ୍ଣନା ଅନୁସାରେ, ଦାସୀ ହରପ୍ରିୟା ଯାଇ ଲକ୍ଷ୍ମୀଙ୍କ ଛାମୁରେ ଏହା ଜଣାଇବା ପରେ, ଦେବୀ ଲକ୍ଷ୍ମୀ ତାଙ୍କର ରୋଷ ତେଜି ତୁରନ୍ତ ଯାଇ କବାଟ ଖୋଲିଦେବା ପାଇଁ ତାକୁ ନିର୍ଦ୍ଦେଶ ଦେଲେ ଏବଂ ଦାସୀ କବାଟ ଫିଟାଇ ଶ୍ରୀଜଗନ୍ନାଥଙ୍କଠାରୁ 'ନାନା ଦ୍ରବ୍ୟ' ଉପହାର ରୂପେ ପାଇଲା ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ନବଦିନ ଯାତ୍ରାରେ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥିବାରୁ ନଣନ୍ଦ ସୁଭଦ୍ରାଙ୍କ ପ୍ରତି ଲକ୍ଷ୍ମୀଙ୍କର ଈର୍ଷାର ଚିତ୍ର କେତେକ କବିଙ୍କ ରଚନାରେ ପ୍ରକଟିତ ହୋଇଛି । କୃଷ୍ଣ ଦାସଙ୍କ 'ଲକ୍ଷ୍ମୀ ନାରାୟଣ



କଳି ଓ ଗମ୍ଭୀରା ବିଜେ'ରେ ଅଛି ତାହାର ଲୌକିକ ଚିତ୍ର । ସେଥିରେ ଜଗନ୍ନାଥ ନବଦିନ ଯାତ୍ରାରୁ ଲକ୍ଷ୍ମୀଙ୍କ ପାଇଁ ଆଣିଥିବା ଅନେକ ଉପହାର ସାମଗ୍ରୀର ବର୍ଣ୍ଣନା ବି ଅଛି; କିନ୍ତୁ ତୀବ୍ର ଅଭିମାନରେ ଲକ୍ଷ୍ମୀ ସେସବୁକୁ ଭଉଣୀ ସୁଭଦ୍ରାଙ୍କୁ ଦେଇ ଦେବାପାଇଁ ଜଗନ୍ନାଥଙ୍କୁ କହିଛନ୍ତି–

"ଜଗନ୍ନାଥ–କ୍ଷୀରୋଦ ନନ୍ଦିନୀ ବାଣୀ ପ୍ରଭୁ ଶୁଣି
ବୋଲନ୍ତି ଶୁଣ ଗୋ ତୁମ୍ଭେ ।
ସ୍ୱର୍ଣ୍ଣ ଅଳଙ୍କାର ପାଟ ପୀତାମ୍ବରୀ
ବସ୍ତ୍ର ଆଣିଦେଲୁ ଆମ୍ଭେ ।
ଗୋ ଆର । ଗଳା କଇଁ ମୁକୁତାର ହାର ଗୋ ।
ନାସା ବସଣୀ ଶୋଭା ଅପାର ଗୋ ।
ସୁନା ଚୁଡ଼ୀ ହସ୍ତ କଇଁ ସାର, ଗୋ ଆର ।
ଲକ୍ଷ୍ମୀ– ଶ୍ରୀକୃଷ୍ଣଙ୍କ ବାଣୀ ଶ୍ରବଣରେ ଶୁଣି
ବୋଲନ୍ତି ଶୁଣ ଶ୍ରୀଧର
ଆୟ ଅଳଙ୍କାର
ଯେତେକ ବେଭାର
ସୁଭଦ୍ରାଙ୍କୁ ସଜ କର ।
ହେ ନିଅ । ଅଳଙ୍କାରେ ନାହିଁ ଆମ୍ଭ ପ୍ରିୟ ହେ,
ତୁମ୍ଭ ଭଉଣୀ ହସ୍ତରେ ଦିଅ ହେ ।
ତାଙ୍କୁ ଘେନି ଯାତ୍ରା କରୁ ଥାଅ ହେ ।"

ଏହା ଶୁଣି, ବାଳୁତ ଭଉଣୀ ପ୍ରତି କାହିଁକି ତୁମର ଏତେ ଅହନ୍ତା ବୋଲି ଜଗନ୍ନାଥ ଲକ୍ଷ୍ମୀଙ୍କୁ କହନ୍ତେ, ଲକ୍ଷ୍ମୀ ସୁଭଦ୍ରାଙ୍କୁ ବାଳୁତ ବୋଲି ସ୍ୱୀକାର କରି ନାହାନ୍ତି । ତାଙ୍କୁ ଷୋହଳ ବୟସୀ ବୋଲି କହିଛନ୍ତି । ପୁଣି ଯେଉଁ ସୁଭଦ୍ରା ତ୍ରିଲୋକ ସଂହାର କରିପାରନ୍ତି, ତାଙ୍କୁ ବାଳୁତ କେମିତି କହୁଛ ବୋଲି ମଧ୍ୟ ଜଗନ୍ନାଥଙ୍କୁ ସେ ପାଲଟା ପ୍ରଶ୍ନ କରିଛନ୍ତି । ଉତ୍ତରରେ ଶ୍ରୀଜଗନ୍ନାଥ ତୁଚ୍ଛା କଥାକୁ ଏତେ ଝଗଡ଼ା, ଏତେ ଝିଙ୍ଗାସ କାହିଁକି ବୋଲି ବି କହିଛନ୍ତି । ପୁଣି ବର୍ଷା, ପବନ ମାଡ଼ ଓ ଭୋକରେ ତାଙ୍କ ଦେହ ଥରିଲାଣି ବୋଲି କହନ୍ତେ, ଲକ୍ଷ୍ମୀ ତାହା ସ୍ୱୀକାର ନକରି, କ୍ଷୁଧା ତୃଷା ତାଙ୍କୁ ବାଧେ ନାହିଁ ଏବଂ ଏପରି କହିବାକୁ ତୁମ ମୁହଁରେ କ'ଣ ଲାଜ ନାହିଁ ବୋଲି ବି କହିଛନ୍ତି ।

ଏଇଠି କିନ୍ତୁ କବିକଳ୍ପନାରେ ଶ୍ରୀମନ୍ଦିରର ନୀଳାଦ୍ରି ବିଜେରେ ଅନୁଷ୍ଠିତ ହେଉଥିବା ବିଧି ବ୍ୟବସ୍ଥାର ଗୋଟିଏ ବ୍ୟତିକ୍ରମର ଚିତ୍ରଣ କରିଛନ୍ତି କବି କୃଷ୍ଣ ଦାସ । ନୀଳାଦ୍ରି ବିଜେ ବିଧିରେ ପ୍ରଥମେ ସୁଦର୍ଶନ ଏବଂ ତା'ପରେ ବଳଭଦ୍ର ଓ ସୁଭଦ୍ରା ଶ୍ରୀମନ୍ଦିରକୁ ପ୍ରବେଶ କରିବା ପରେ, ଶ୍ରୀଜଗନ୍ନାଥଙ୍କ ପ୍ରବେଶ ବେଳକୁ ଦ୍ୱାର ରୁଦ୍ଧ ହୋଇଥାଏ । କିନ୍ତୁ କୃଷ୍ଣ ଦାସଙ୍କ ରଚନାରେ ବଳଭଦ୍ର ମଧ୍ୟ ସେତେବେଳେ ଶ୍ରୀଜଗନ୍ନାଥଙ୍କ ସହିତ ଥିବାର ବର୍ଣ୍ଣନା ଅଛି ଏବଂ ଯେତେ କରି କହିଲେ ବି ଲକ୍ଷ୍ମୀ ଶୁଣୁ ନଥିବାରୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ରଙ୍କୁ ସେଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ଓଡ଼ିଆ ଘରର ପରମ୍ପରା ଅନୁସାରେ ଦେଢ଼ଶୁରଙ୍କ କଥା ସର୍ବମାନ୍ୟ ହୋଇଥିବାରୁ, ତାହାକୁ ଟାଳି ନପାରି ଲକ୍ଷ୍ମୀ ତୁରନ୍ତ କବାଟ ଖୋଲି ଦେବାକୁ ଦାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୃଷ୍ଣ ଦାସଙ୍କ ବର୍ଣ୍ଣନାରେ ଏହାର ଚିତ୍ର ବେଶ୍ ମଧୁର–

"ବଳରାମ–ପ୍ରଭୁଙ୍କ ବଚନ ଶୁଣି ଶଙ୍କର୍ଷଣ
ବୋଲନ୍ତି ଶୁଣ କମଳା ।
ଘୋଷଯାତ୍ରା ସାରି ଅଇଲୁଣୁ ଫେରି
ତହିଁ ଅବିଗୁଣ ହେଲା,
ହେ ହଟ । ତୁଚ୍ଛା କଥାକୁ କେତେ ଚହଟ ଗୋ ।
ବେଗେ ଫିଟାଇ ଦିଅ କବାଟ ସେ,
ତୁମ୍ଭେ ବଡ଼ଘର ଝିଅ ଅଟ ସେ ।"

କିନ୍ତୁ କବି କୃଷ୍ଣ ଦାସଙ୍କ ରଚନାରେ ନଣନ୍ଦ ସୁଭଦ୍ରାଙ୍କ ପ୍ରତି ଭାଉଜ ଲକ୍ଷ୍ମୀଙ୍କର ଈର୍ଷାର ଚିତ୍ର ପ୍ରକଟ ହୋଇଥିବା ବେଳେ, ବିପ୍ର କାଶୀ ଦାସଙ୍କ ରଚନାରେ ତାହାର ଚିତ୍ର ସଂପୂର୍ଣ୍ଣ ଭିନ୍ନ । କବିଙ୍କ 'ଗୁଣ୍ଡିଚା ବିଜେ'ର ପ୍ରାସଙ୍ଗିକ ବର୍ଣ୍ଣନାରେ ସୁଭଦ୍ରାଙ୍କ ପ୍ରତି ମାନମୟୀ ଲକ୍ଷ୍ମୀ (ଏଥିରେ ତାଙ୍କର ନାମ ଶ୍ରୀୟା)ଙ୍କ ସ୍ନେହଭାବ ହିଁ ସ୍ପଷ୍ଟ ପ୍ରକଟିତ–

"ଯେଥୁ ଅନନ୍ତରେ ଶୁଣ କାହାଣୀ ଭିତରେ ବିଜୟେ ସିନ୍ଧୁ ନନ୍ଦିନୀ
ଦାସୀ ଯେ କୁସୁମ ବୃଷ୍ଟି କରନ୍ତି କୁସୁମ ବିଞ୍ଚଣି ଘେନି ବିଞ୍ଚନ୍ତି
ମନେ ମାନ କଲେ, ସୁପାତି ଶେଯ ଉପରେ ବସିଲେ ।
ହସିଣ ଶ୍ରୀୟା ବୋଲନ୍ତି ଉତ୍ତର ଆଜ ନଣନ୍ଦ ମୋ ଆସିବେ ଘର
ଶୀତଳ ପାଚନ ଗୋଳଲୋ ପଣା ଫୁଟି ଆସିଥିବେ ଦାଣ୍ଡ ପୟେଣା
ହସ ହସ ବାଣୀ, କୋପ କରିବେଟି ଘର ଭୟେଣୀ ।"

କିନ୍ତୁ ଏହା ସତ୍ତ୍ୱେ, ତାଙ୍କୁ ସାଙ୍ଗରେ ନନେଇ ଗୁଣ୍ଡିଚା ମନ୍ଦିର ଚାଲିଯାଇ ଥିବାରୁ ଭାଉଜ ଶ୍ରୀୟା (ଲକ୍ଷ୍ମୀ) କାଳେ ରାଗ କରିଥିବେ, ସେଥିପାଇଁ ସୁଭଦ୍ରା ଡରରେ ଲୁଚି ଲୁଚି ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି । 'ଘର ବାପ' ବଳଭଦ୍ର ଓ 'ଘର ଭୟେଣୀ' ସୁଭଦ୍ରା ଯାଇ ରତ୍ନ ସିଂହାସନରେ ବିଜେ କରିବା ପରେ, ଶ୍ରୀୟାଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର ଦ୍ୱାରରେ 'ଯନ୍ତ୍ର କିଳିଣୀ' ପକାଇ ଦିଆଯାଇଛି । ଫଳରେ 'ଅଶେଷ ବ୍ରହ୍ମାଣ୍ଡ ନାଥ ଗୋସାଇଁ' ଘରେ ପଶି ନପାରି ଦୁଆର ମୁହଁରେ ଅଟକି ରହିଛନ୍ତି । ସେ କବାଟ ଖୋଲିବାକୁ କହନ୍ତେ, ଦାସୀମାନେ କହିଛନ୍ତି– ତୁମ୍ଭେ ତୀର୍ଥଯାତ୍ରାରେ ଗଲ; 'ଡଙ୍କି ପନିକି ଆଦିକି' ବି ସାଙ୍ଗରେ ନେଲ; ଘରଣୀକି କାହିଁକି ନ ନେଲ ? ଆମ୍ଭ ଠାକୁରାଣୀ 'ବିରହେ କ୍ଷୀନ' ହୋଇଛନ୍ତି;



'ହେ ଜଗୁଜୀବନ ! ଏତେ ନିର୍ଦ୍ଦୟ, ନିଷ୍ଠୁର' କିପରି ହେଲ ? ତହୁଁ ଜଗନ୍ନାଥ କହିଛନ୍ତି, ସାଙ୍ଗରେ ତ ବଡ଼ଭାଇ ବଳଭଦ୍ର ଥିଲେ; କେମିତି ତାଙ୍କୁ ନେଇଥାନ୍ତୁ ! ଏହା 'ନୁହଇ ବେଭାର' (ଓଡ଼ିଆ ଘରର) । ତାହା ସତ୍ତ୍ୱେ ଦାସୀମାନେ ନାନା ବାହାନା କରି କବାଟ ନଖୋଲିବାରୁ, ଜଗନ୍ନାଥ ତାଙ୍କୁ ପ୍ରଲୋଭନ ଦେଖାଇଛନ୍ତି ଏବଂ କହିଛନ୍ତି, ଲକ୍ଷ୍ମୀଙ୍କ ଛାମୁରେ ଯାଇ ବୁଝାଇ କୁହ- ତାଙ୍କ ପାଇଁ ଆମ୍ଭେ ଚିତ୍ରମେଘୀ ପାଟ ଆଣିଛୁ । କିନ୍ତୁ ତାହା ସତ୍ତ୍ୱେ ଦାସୀ ଯାଇ ଜଣାଇବାକୁ ରାଜି ନହେବାରୁ ଜଗନ୍ନାଥ ତାଙ୍କୁ 'ଲକ୍ଷେ ଧନ' ଲାଞ୍ଚ ଦେଇଛନ୍ତି । 'ହାତେ ହାତେ ଲାଂ ପାଇ' ଦାସୀଏ ଯାଇ ସେ କଥା ଲକ୍ଷ୍ମୀଙ୍କୁ ଜଣାଇ, ମହାପ୍ରଭୁ ହୋଇ ବି ସେ ନିଜ ଦୋଷ ମାନି କେମିତି ବିନୟ, ଚାଟୁ ବଚନ କହୁଛନ୍ତି ତାହା କହିବାରେ ଲକ୍ଷ୍ମୀ କହିଛନ୍ତି-

"ମୋହ ନ ଜାଣିବା ପ୍ରାୟେକ ହୋଉ
ଫେଡ଼ କବାଟ ଆସନ୍ତୁ ମହାବାହୁ
ଯାଅଲୋ ବହନ, ତାଙ୍କ ମୁଖ ଚନ୍ଦ୍ରମା କରିବା ଦ୍ରଶନ ।"

ଏବଂ ତାହା ପରେ-

"ଫିଟିଲା କବାଟ ହରି ଚହଳ
ଚନ୍ଦ୍ର ଉଦିଆ ଦିଶିଲା ଉଜଳ
ଶୋଭା ଦିଶିଲା ଶ୍ରୀମୁଖ ମଣ୍ଡଳ
ମନ ଆନନ୍ଦେ ବହେ ଅଶ୍ରୁଜଳ
କେ କହିବ ରସ, କହି ନୁହଇ ସେକାଳ ଉଲ୍ଲାସ ।"

ଦୀନ ଯୁଧିଷ୍ଠିର ଦ୍ୱିଜଙ୍କ ଅପ୍ରକାଶିତ 'ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ବିଜୟେ'ରେ ମଧ୍ୟ ନୀଳାଦ୍ରି ବିଜେରେ ଶ୍ରୀଜଗନ୍ନାଥ ଆଣିଥିବା ଉପହାର ସାମଗ୍ରୀର ବିସ୍ତୃତ ବର୍ଣ୍ଣନା ଅଛି । 'ଆଷାଢ଼ ଶୁକ୍ଳ' ରାଗରେ ରଚିତ ତାହାର ପଦ୍ୟାଂଶ 'କବାଟ ପକା ଓ ଲକ୍ଷ୍ମୀନାରାୟଣ ବଚନିକା'ରେ ଥିବା ବର୍ଣ୍ଣନା ଅନୁସାରେ, ଶ୍ରାବଣ ମାସରେ ସେ ଝୁଲଣ ଯାତ୍ରା କରିବେ ଏବଂ ତାହା ଦେଖି ଦାସୀଏ ତୋଷ ହେବେ ବୋଲି ଜଗନ୍ନାଥ ସେମାନଙ୍କୁ ପ୍ରବୋଧନା ଦେଇଛନ୍ତି ଏବଂ ଆଣିଥିବା କଳା ଚିତ୍ରମେଘୀ ପାଟ, ଅଳକା ବେଣ୍ଟୁଲା, ଚାପସରି ମାଳା, ରତ୍ନ ଚୁଡ଼ି, ବଳା, ଝୁଣ୍ଟିଆ ଓ ନୂପୁର ଆଦି ଉପହାର ଦେଇଛନ୍ତି । ଫଳରେ ଦାସୀଏ ଦେବୀ ଲକ୍ଷ୍ମୀଙ୍କୁ କହି ଦ୍ୱାର ଫିଟାଇ ଦେଇଛନ୍ତି । କବିଙ୍କ ବର୍ଣ୍ଣନାରେ ତାହାର ଭାବ ଏହିପରି-

"ରତ୍ନବସ୍ତ୍ର ପାଇ ଦାସୀୟେ ହରଷ
ଫିଟାଇ ଦ୍ୱାର କବାଟ
ରଙ୍କ କରେ ଧନ ପ୍ରାପତ ପରାୟେ
ଲକ୍ଷ୍ମୀ ପାରୁଶରେ ଭେଟ
ସେ ବାଳୀ
ତହିଁ ଥିଲେ ଦେଲେ ହୁଳହୁଳି ସେ
ବନ୍ଦାଇଲେ ଘେନି ଅର୍ଘ୍ୟଞ୍ଜଳି ସେ,
ପଡ଼ିଗଲା ପୁରେ ହାଲହୋଳି ସେ ।"

ବିପ୍ର ମହେଶ୍ୱରଙ୍କ 'ବାହୁଡ଼ା ବଚନିକା କଳି'ରେ ବି ଶ୍ରୀଜଗନ୍ନାଥ ଦେବୀ ଲକ୍ଷ୍ମୀଙ୍କ ପାଇଁ ଉପହାରରେ 'ଚିତ୍ରମେଘୀ ପାଟ' ଆଣିଥିବାର ବର୍ଣ୍ଣନା ମିଳେ । 'ଆଷାଢ଼ ଶୁକ୍ଳ' ରାଗରେ ଏବଂ ଦାସୀ, ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ବକ୍ତବ୍ୟ ଉପସ୍ଥାପନାର ଧାରାରେ, ଏହି ବଚନିକାର ବିଷୟବସ୍ତୁ ବର୍ଣ୍ଣିତ । ମଝିରେ ମଝିରେ କବିଙ୍କ ବକ୍ତବ୍ୟ ମଧ୍ୟ ଏହି ଧାରାରେ ସ୍ଥାନ ପାଇଛି । ଏଥିରେ ଲକ୍ଷ୍ମୀଙ୍କ ଭାଷାରେ ଶ୍ରୀଜଗନ୍ନାଥଙ୍କୁ 'କଳାମୁହାଁ' ଓ ଶ୍ରୀଜଗନ୍ନାଥଙ୍କ ଭାଷାରେ ଦାସୀକୁ 'ଛିଣ୍ଡାଳୀ' ବୋଲି କୁହାଯାଇଛି । କିନ୍ତୁ ଦାସୀ ଲକ୍ଷ୍ମୀଙ୍କ ପକ୍ଷରୁ ଯୁକ୍ତି କରି ତାଙ୍କୁ କାହିଁକି ସାଙ୍ଗରେ ନେଲ ନାହିଁ ବୋଲି ପଚାରନ୍ତେ, ଜଗନ୍ନାଥ କହିଛନ୍ତି-

"ଯାତ୍ରା ଉତ୍ସବେ ଦେବଗଣେ ଥାନ୍ତି,
ଗହଳ ପଟୁଆରେ ଜନ୍ତାଜନ୍ତି,
ସଙ୍ଗତରେ ଜ୍ୟେଷ୍ଠ ଏ ହଳପାଣି,
ତେଣୁ ନନେଲୁ ଦେବୀ କମଳିନୀ,
ଅନୁଚିତ କଥା
କୁଳ ଭୁଆଶୁଣୀ ସିନ୍ଧୁ-ଦୁହିତା ।"

କିନ୍ତୁ ଏହା ସତ୍ତ୍ୱେ, ବ୍ରହ୍ମା ଓ ଇନ୍ଦ୍ର ଆଦି ସବୁ ଦେବତାଙ୍କର ମାତା ହୋଇଥିବା ଯୋଗୁଁ, ଲକ୍ଷ୍ମୀଙ୍କୁ ନେବାରେ କିଛି ବାଧା ନଥିଲା ବୋଲି ଦାସୀ ପ୍ରତିଯୁକ୍ତି କରିବାରୁ, ଜଗନ୍ନାଥ 'ଯୁବତୀ ଜାତି ଅତି ଅବୁଝା' ବୋଲି ତାକୁ କହିଛନ୍ତି । ପୁଣି ଲକ୍ଷ୍ମୀଙ୍କ ପାଇଁ ଚିତ୍ରମେଘୀ ପାଟ ଆଣିଛନ୍ତି ବୋଲି କହିବାରୁ, ଦାସୀ କହିଛି, ଯାହାଙ୍କର ପିତା ରତ୍ନାକର ଓ ଭାଇ ଚନ୍ଦ୍ର, ତାଙ୍କୁ କ'ଣ ଏପରି ବସନ ଅପୂର୍ବ ? ତେଣୁ ଏହାକୁ ଫେରାଇ ନେଇ ଗେହ୍ଲି ସାନଭଉଣୀକୁ ଦିଅ ବୋଲି ଦାସୀ କହିଛି । ଫଳରେ ଅନନ୍ୟୋପାୟ ହୋଇ ଜଗନ୍ନାଥ ଦାସୀକୁ ଧନ ଲାଞ୍ଚ ଦେଇଛନ୍ତି ଏବଂ ତା'ପରେ ଦାସୀ କବାଟ ଫିଟାଇ ଦେଇଛି । କିନ୍ତୁ ଲକ୍ଷ୍ମୀ-ନାରାୟଣଙ୍କ ମିଳନ ପରେ ବି ଲକ୍ଷ୍ମୀ ପୁଣି ସୁଭଦ୍ରାଙ୍କ ପ୍ରସଙ୍ଗ ଉଠାଇବାରୁ, ଜଗନ୍ନାଥ ତାଙ୍କୁ 'ସ୍ତିରୀଜାତି ତୁମ୍ଭେ ଅତି ମୂରୁଖ' ବୋଲି କହି ସୁଭଦ୍ରା ତୁମ୍ଭର ନଣନ୍ଦ ହୋଇଥିବାରୁ ତାକୁ ପ୍ରିୟ କଥା କହି ତା' ମନ ତୋଷ କର ବୋଲି ବୁଝାଇଛନ୍ତି । ଏହାପରେ ସମସ୍ତ ଅଭିମାନର ଅପନୋଦନ ଘଟିଛି ।

କିନ୍ତୁ ମହାଦେବ ପାଣିଗ୍ରାହୀଙ୍କ 'କବାଟ କିଳା ଓ ଲକ୍ଷ୍ମୀନାରାୟଣ କଳି'ରେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ପାରସ୍ପରିକ ବାର୍ତ୍ତାଳାପ ଅତ୍ୟନ୍ତ ଉଗ୍ର । ତାହା ଗ୍ରାମ୍ୟ ଓଡ଼ିଆ ନାରୀର ପତି ପ୍ରତି ତୀବ୍ର ଆକ୍ଷେପର ଏକ ରୂପଚିତ୍ର ମାତ୍ର । ଏଥିରେ ଲକ୍ଷ୍ମୀ ଜଗନ୍ନାଥଙ୍କୁ ଶଠ, ଲମ୍ପଟିଆ, ଗୋପାଳ ଓ ଶବରୀ ଅଇଁଠାଖିଆ ଆଦି କହିଛନ୍ତି । ଜଗନ୍ନାଥ ଯେତେ ଚାଟୁବାକ୍ୟ କହିଲେ ବି ତାହା ତାଙ୍କ ମନକୁ ଦ୍ରବୀଭୂତ କରିପାରି ନାହିଁ । ଫଳରେ ହଳଧର ବଳଭଦ୍ର ତାଙ୍କୁ ଶାନ୍ତ ହେବାକୁ ଏବଂ ଏପରି କଳି ଗୋଳ ନକରି, ସବୁ ମାନ ଅଭିମାନ ଭୁଲି ଦ୍ୱାର ଖୋଲି ଦେବାକୁ କହିଛନ୍ତି । ତେଣୁ ଦେଢ଼ଶୁରଙ୍କୁ ଅମାନ୍ୟ ନକରି, ତାଙ୍କ କଥା ମାନି ଲକ୍ଷ୍ମୀ ଦ୍ୱାର ଖୋଲି ଦେଇଛନ୍ତି ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ, ଯେ ଜଗନ୍ନାଥ ପାଣି (୧୮୩୬-୧୮୯୭)ଙ୍କ 'ଶ୍ରୀଗୁଣ୍ଡିଚା ବିଜେ'ର 'ଲକ୍ଷ୍ମୀ ନାରାୟଣ କଳି'ରେ ମଧ୍ୟ ଓଡ଼ିଆ ନାରୀଙ୍କର ଏପରି ମନୋଭାବର ଚିତ୍ର ବେଶ୍ ସ୍ପଷ୍ଟ । ଶ୍ରୀଜଗନ୍ନାଥଙ୍କ ଭାବନା ଭିତରେ ବଙ୍ଗଳାଶ୍ରୀ ରାଗରେ କବି ଆଙ୍କିଛନ୍ତି ଏହାର ରୋଚକ ଚିତ୍ର-

"ଦେଖିଲେ ଶ୍ରୀବତ୍ସ କବାଟ ପଡ଼ିଛି ଫିଟିବାକୁ ନାହିଁ ବାଟ
ବିଚାରିଲେ ହରି କୋପକରି ଚିତ୍ତେ ଲକ୍ଷ୍ମୀ କରିଛନ୍ତି କୂଟ

Ohm
PVC HDPE Pipes & Fittings

# OHM PIPES PVT. LTD.




“An ISO 9001-2015 Certified Company”

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

ନାରୀ କରି ଯାହା ଦଇବ ଗଢ଼ିଛି ସେ ଅତି ଅପୂର୍ବ ବାଣୀ
ତାଙ୍କ ସଙ୍ଗତରେ ରସି ନିରନ୍ତରେ ପୁରୁଷ ହୁଅନ୍ତି ହାନି ।
ନଜାଣନ୍ତି ଭଲ ମନ୍ଦ ପାପ ପୁଣ୍ୟ ସବୁବେଳେ ଆଢ଼ରୁଷା
ହିଂସା କପଟ ନାନାଦି କୂଟ ତାଙ୍କ ହୃଦେ କରିଛନ୍ତି ବସା ।
କହିଲେ ରଷନ୍ତି ପଦେ ନସହନ୍ତି ଟାଣ ମଉନେ ବସନ୍ତି
ଆକଟ କରିଲେ ସେହି ନବୁଝନ୍ତି ଦଣ୍ଡକେ ପ୍ରାଣ ହରାନ୍ତି ।
ଆମ୍ଭେ ଯେବେ ଆଗୁ କଟାଳ କରିବୁ ନକହିବୁ ତାଙ୍କୁ ଆଗ
କେବେ ହେଁ ମନରୁ ମାନ ନତେଜିବେ ଘେନି ବସିଥିବେ ରାଗ ।"

ଏଣୁ ଯାହା ସଚରାଚର ଓଡ଼ିଆ ପରିବାରର ଦାମ୍ପତ୍ୟ ଜୀବନରେ ଘଟେ, ତାହା ହିଁ ଏଠାରେ ଘଟିଛି । ବିଚାରା ସ୍ୱାମୀଟି ସ୍ତ୍ରୀ ଆଗରେ ଆତ୍ମସମର୍ପଣ କରି ତାକୁ କ୍ଷମା ମାଗିବା ପରି, ଜଗନ୍ନାଥ ଲକ୍ଷ୍ମୀଙ୍କୁ ସ୍ତୋକବାକ୍ୟରେ ତୁଷ୍ଟ କରିବା ସହିତ ପାରିବାରିକ ଶାନ୍ତି ପାଇଁ ନିଜର କିଛି ଦୋଷ ନଥାଇ ବି ତାଙ୍କ ଆଗରେ ଅପରାଧୀଟିଏ ପରି କ୍ଷମା ପ୍ରାର୍ଥନା କରିବାକୁ ପ୍ରସ୍ତୁତ ହୋଇ ଯାଇଛନ୍ତି । ସେ ବର୍ଣ୍ଣନା ଜଗନ୍ନାଥ ପାଣିଙ୍କ ଭାଷାରେ ଏହିପରି–

"କୋମଳ କରିଣ କମଳଲୋଚନ ଭାଷନ୍ତି ରେ ପ୍ରାଣବନ୍ଧୁ
କବାଟ ଫିଟାଅ ମୋ ଖେଦ ତୁଟାଅ ଦେଖାଅ ବଦନ ଇନ୍ଦୁ ।
ନବଦିନ ମୋର ନବଯୁଗ ହେଲା ଶ୍ରୀମୁଖ ନଦେଖି ତୋର
ଝୁରି କରି ଦେହ ଦୁର୍ବଳ ହେଲାଣି ପାଦ ନଚଳଇ ମୋର
ନାହିଁ ମୋର ଦୋଷ କାହିଁ ପାଇଁ ରୋଷ କରିଛ ନୃପତି ଜେମା
ହେଲେ ଅପରାଧୀ ତୁ କୃପା ବାରିଧି ସକଳ କରିବୁ କ୍ଷମା ।"

ଏ ପ୍ରସଙ୍ଗରେ କବି ନିଜର ମତ ରଖିବାକୁ ବି ଭୁଲି ନାହାନ୍ତି । ପରିଶେଷରେ କହିଛନ୍ତି–

"ନାରୀ ଜାତି ବଡ଼ ମାୟାବୀ ଅଟନ୍ତି ମନ ତାଙ୍କର ଅଶୁଦ୍ଧ
ବୋଲେ ଜଗନ୍ନାଥ ସେହି ଜାତି ଲାଗି ସଂସାରେ ଲାଗିଛି ଦ୍ୱନ୍ଦ୍ୱ ।"

କିନ୍ତୁ ଓଡ଼ିଆ ପରିବାରରେ ସବୁବେଳେ ଏପରି ଘଟେ ନାହିଁ । ପରିବାରର ମୁରବି ଭାବରେ ବଡ଼ଭାଇ ବି ବେଳେବେଳେ ଭାଇବୋହୂଙ୍କୁ ଶାନ୍ତ କରିବା ପାଇଁ ତାଙ୍କର ପକ୍ଷ ନିଅନ୍ତି ଏବଂ ଦାମ୍ପତ୍ୟ କଳି ତୁଟାଇ ପାରିବାରିକ ଶାନ୍ତି ଓ ସହୃଦୟତା ଫେରାଇ ଆଣିବା ପାଇଁ ଦୋଷ ନଥାଇ ବି ସାନଭାଇକୁ ଛଦ୍ମ ଗାଳି ଦିଅନ୍ତି । ତାହାର ବାସ୍ତବ ଚିତ୍ର ଦେଖିବାକୁ ମିଳେ ଗଉରଚରଣ ଦାସଙ୍କ 'ଲକ୍ଷ୍ମୀନାରାୟଣ କଳି ଓ କବାଟ ଫିଟା'ରୁ ।

ଉଲ୍ଲେଖନୀୟ ଯେ ମୋଟ ୨୬ ପଦ ବିଶିଷ୍ଟ ଜଗନ୍ନାଥ ପାଣିଙ୍କ ଉପରୋକ୍ତ ରଚନାର ପ୍ରଥମ ୧୨ ପଦର ପାଠ ଗଉରଚରଣ ଦାସଙ୍କର ଏହି ରଚନା ସହ ପ୍ରାୟ ସମାନ । ଏଥିରୁ ଜଣାଯାଏ, ଗଉରଚରଣଙ୍କ ରଚନାର ଅନୁକୃତିରେ ଜଗନ୍ନାଥ ତାଙ୍କ ଲେଖା ପ୍ରସ୍ତୁତ କରିଛନ୍ତି ଏବଂ ପ୍ରଥମ ୧୨ ପଦକୁ ଅଳ୍ପ ପରିବର୍ତ୍ତିତ କରିବା ସହିତ ଅଧିକ ୧୪ ପଦ ମିଶାଇ ନିଜ ରଚନାଟିକୁ ରୂପ ଦେଇଛନ୍ତି । ଗଉର ଚରଣଙ୍କ ରଚନା ମଧ୍ୟ ବଙ୍ଗଳାଶ୍ରୀ ରାଗରେ ରଚିତ । ଏଥିରେ କବିଙ୍କର ସ୍ୱକୀୟତା ସ୍ପଷ୍ଟ ପରିସ୍ଫୁଟ । ତାଙ୍କ ବର୍ଣ୍ଣନା ଅନୁସାରେ, ଜଗନ୍ନାଥଙ୍କ କ୍ଷମାପ୍ରାର୍ଥନା ଲକ୍ଷ୍ମୀଙ୍କ ରୋଷାଗ୍ନିକୁ ଶାନ୍ତ କରିବା ପରିବର୍ତ୍ତେ ଅଧିକ ପ୍ରଜ୍ୱଳିତ କରିଛି । ତାହାର ପ୍ରଭାବରେ ସେ ନଣନ୍ଦ ସୁଭଦ୍ରାଙ୍କ ଉପରେ ମଧ୍ୟ ଖୁବ୍ ରୁଷ୍ଟ ହୋଇ ବହୁ କଟୁ ବାକ୍ୟ କହିଛନ୍ତି–

"ବାପା ତ ଗଉଡ଼ ନନ୍ଦ ମହାଖୁଡ଼ ଝିଅ ପରା ଜେମାଦେଇ
ପିଲାଦିନରୁ ସେ ବହପି ଯାଇଛି ଦହି ଦୁଧସର ଖାଇ ।
ମୁଖେ ମାଖିଥାଇ ବନକ ହଳଦି ପିନ୍ଧି କଳା ଶାଢ଼ି ଖଣ୍ଡେ
ଛାତିକି ଫୁଲାଇ ହାତ ଦୋହଲାଇ ବୁଲୁଥାଇ ବଡ଼ଦାଣ୍ଡେ ।
ଭାଇ ଯେମନ୍ତକୁ ଭଉଣୀ ତେମନ୍ତ କେ କାହାକୁ ନୁହେଁ ଊଣା
ଗୋପପୁରେ ଥାଇ ଶିଖିଛ ଗୋସାଇଁ ଗଉଡ଼ିଆ ବୁଝାମଣା ।"

ଏହି ପରିପ୍ରେକ୍ଷୀରେ ଆସିଛି ସେତେବେଳର (ଅଷ୍ଟାଦଶ-ଊନବିଂଶ ଶତାବ୍ଦୀର) ଗୁଣ୍ଡିଚା ମନ୍ଦିର ପରିବେଶର ଚିତ୍ର । ନୀଳକନ୍ଦରର ମନୋହର ମନ୍ଦିର

# 'ନୀଳାଦ୍ରି ବିଜେ'ର 'ଭୋଗ'

ନୀଳାଦ୍ରି ବିଜେର ଭୋଗ ହେଉଛି ରସଗୋଲା । ଏହି ଭୋଗର ଉଲ୍ଲେଖ ପ୍ରାଚୀନ କବିମାନଙ୍କ ରଚନାରେ ମିଳେ ନାହିଁ । ସେମାନେ କାହିଁକି ଏହାର ଉଲ୍ଲେଖ କରିନାହାନ୍ତି, ତାହାର ଉତ୍ତର ଖୋଜିଲେ ଲୋକନାଥ ବିଦ୍ୟାଧର ମହାପାତ୍ରଙ୍କ 'ନୀଳାଦ୍ରି ମହୋତ୍ସବ'ରୁ ହିଁ ସେ ଉତ୍ତର ମିଳେ । 'ନୀଳାଦ୍ରି ବିଜେ'ରେ ଭଣ୍ଡାର ଘର ଠାରେ ଲକ୍ଷ୍ମୀ ନାରାୟଣ ଭେଟ ପ୍ରସଙ୍ଗରେ କବି କହିଛନ୍ତି–

"ଭଣ୍ଡାର ଦ୍ୱାର ଆଗେ ଶ୍ରୀଭଗବାନ ।
ଲକ୍ଷ୍ମୀଙ୍କ ସଙ୍ଗେ ଭେଟ ହେଲେ ବହନ ଯେ ।।
ସେ ସମୟ ଚରିତ ଅନିର୍ବଚନ ।
ତେଣୁ କରି ତାହା ନକଲି କଥନ ଯେ ।।
ଦେଖିଲା ଜନ ସେ ଜାଣଇ ତାହା ।
ଜାଣନ୍ତି ସିନ୍ଧୁସୁତା ତାହାଙ୍କ ନାହା ଯେ ।।"

ଏହା ସୂଚାଏ, ଯେ ଏ ସମୟର ସବିଶେଷ ଘଟଣା କେବଳ ଦର୍ଶନଯୋଗ୍ୟ । ତାହାର ରସାନୁଭୂତି ଆସ୍ୱାଦନ ଯୋଗ୍ୟ । ତାହା ବର୍ଣ୍ଣନୀୟ ନୁହେଁ ।



ତେବେ ନିର୍ଦ୍ଦିଷ୍ଟ ଭାବରେ 'ରସଗୋଲା ଭୋଗ'ର ଉଲ୍ଲେଖ ନଥିଲେ ମଧ୍ୟ, ଏହି ସମୟର 'ଭୋଗ' ବିଧି ସଂପର୍କରେ 'ସ୍ୱତ୍ୱଲିପି'ରେ ଉଲ୍ଲେଖ ଅଛି । ଏହି ନୀତି ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ଅନୁଷ୍ଠିତ ହୁଏ । ଏଣୁ ସ୍ୱତ୍ୱଲିପିର 'ଦ୍ୱାଦଶୀ-ନୀଳାଦ୍ରି ବିଜେ' ପ୍ରସଙ୍ଗରେ ଏହାର ବିଧି ବର୍ଣ୍ଣିତ ହୋଇଛି । ସେଥିରେ ଉଲ୍ଲେଖ ଅଛି, "ବଡ଼ଠାକୁର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନକୁ ଆସନ୍ତି । ଆସିଲା ବେଳେ ପ୍ରତ୍ୟେକ ଠାକୁରଙ୍କୁ ଶୁଆ-ଶାରୀ ଦେଉଳ ଠାରେ ପତିମହାପାତ୍ରେ ପ୍ରସାଦ ଲାଗି ଘସା ବିଡ଼ିଆ ମଣୋହି ଓ ବନ୍ଦାପନା କରନ୍ତି । ଜଗମୋହନ ଠାରେ ମଧ୍ୟ ସେହି ନୀତି ହୁଏ ।"

ସେହିପରି ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ସଂପର୍କରେ ଉଲ୍ଲେଖ ଅଛି, "ଦ୍ୱାର ଫିଟି ଠାକୁର ଭଣ୍ଡାରକୁ ମୁହଁ କରି ଭଣ୍ଡାର ଦ୍ୱାର ଠାରେ ବିଜେ କରିଥିବା ଲକ୍ଷ୍ମୀଙ୍କ ପାଶରେ ବିଜେ ହେଲେ ରୁକ୍ମିଣୀ ବିବାହର ଗଇଣ୍ଠାଳ ଭିତରଛ ମହାପାତ୍ର ଫିଟାନ୍ତି । ବନ୍ଦାପନା ଓ ଭୋଗ ହୁଏ । ଘସା ବିଡ଼ିଆ ମଣୋହି ପରେ ଠାକୁର ସିଂହାସନକୁ ବିଜେ କରନ୍ତି ।"

ସ୍ୱତ୍ୱଲିପିରେ ଲିପିବଦ୍ଧ ଏହି ନୀତିର ତାତ୍ପର୍ଯ୍ୟ ହେଉଛି, ବଡ଼ଠାକୁର ବଳଭଦ୍ର



ଛାଡ଼ି ଭାଇ ଭଉଣୀଙ୍କୁ ନେଇ ଅପନ୍ତରା ଗୁଣ୍ଡିଚା ମନ୍ଦିରକୁ ଯାଇଥିବାରୁ ଦେବୀ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ପରିହାସରେ ବହୁ ଝିଙ୍ଗାସ କରନ୍ତି । କହନ୍ତି-

"ଏ ସଂସାର ଲୋକ ଯେତେକ ଅଛନ୍ତି ଗୋଟିକେ ଗୋଟିଏ ଗୁଣ
ଆପଣଙ୍କ ରୀତି ଜଣାଗଲା ମୋତେ ଶୁଆ ପରି ଆଚରଣ ।
ଘୃତ ଦୁଧ ସର ମିଠେଇ ଶର୍କରା ଦେଲେ ନରୁଚଇ ତାକୁ
ନିଶି ଦିବସରେ କାନ୍ଦୁଥାଇ ବସି କେନ୍ଦୁଫଳ ଖାଇବାକୁ ।
ଗ୍ରାମ ସେମୁଣ୍ଡରେ ସ୍ଥାନ ଖଣ୍ଡେ ଅଛି ତା' ନାମ ଗୁଣ୍ଡିଚା ଘର
କେ ଅବା ତେଣିକି ଯିବଟି କାହିଁକି ଦିବସେ ମାଡ଼ଇ ଡର ।
ଘର ଚାରିପାଖେ ସପୁରୀ ପଣସ କିଆଗଛ ଧାଡ଼ିଧାଡ଼ି
ମର୍କଟ ଶୃଗାଳ ଜନ୍ତୁ ମାଳମାଳ ବାଲିକୁଦ ଥାଇ ବେଢ଼ି ।"

କିନ୍ତୁ ତାଙ୍କର କୌଣସି ପରିହାସ ଜଗନ୍ନାଥଙ୍କୁ ଆହତ କରେ ନାହିଁ । ବରଂ ବର୍ଷକୁ ଥରେ ଶ୍ରୀମନ୍ଦିର ଛାଡ଼ି ସେ କାହିଁକି ଗୁଣ୍ଡିଚାଘର ଯାଆନ୍ତି, ତାହାର ଔଚିତ୍ୟ ସେ ଲକ୍ଷ୍ମୀଙ୍କ ଆଗରେ ପ୍ରତିପାଦିତ କରନ୍ତି । ସେ ଯାହା କହନ୍ତି, ତାହା ହିଁ ଶ୍ରୀଗୁଣ୍ଡିଚା ଯାତ୍ରାର ସାରକଥା । ବର୍ଣ୍ଣିତ ଅଛି-

"ଲକ୍ଷ୍ମୀଙ୍କ ମୁଖରୁ ଏ ବଚନ ଶୁଣି ମନ୍ଦ ହସି ନନ୍ଦବଂଶୀ
ବୋଲନ୍ତି ରେ ମିତ ଏଥିର ଉଚିତ ତୋ' ଆଗେ କହିବା କିଛି ।
ଇନ୍ଦ୍ରଦ୍ୟୁମ୍ନ ରାଜା ଦେଉଳ ତୋଳାଇ ଆମ୍ଭଙ୍କୁ ଥାପିଲା ଆଣି
ଶ୍ରୀଗୁଣ୍ଡିଚା ମହାଦେଈ ବୋଲିକରି ତାର ଜ୍ୟେଷ୍ଠ ପାଟରାଣୀ ।
ସତୀ ଶିରୋମଣି ସର୍ବ ସୁଲକ୍ଷଣୀ ମୋଠାରେ ଭକତି ତାର
ଶିରେ କରଯୋଡ଼ି ପାଦ ତଳେ ପଡ଼ି ମାଗିଲା ସେ ଏହି ବର ।
ଏହି ବର ମୋତେ ଦେବ ମହାପ୍ରଭୁ ଏ ମୋହର ନାମ ଯାହା
ସେହି ନାମ ଏହି ଯାତ୍ରାର ହୋଇବ ଶୁଣ ପ୍ରଭୁ ଚଉବାହା ।
ଆପଣ ବିଜଏ କରିବେ ତହିଁକି ଚଢ଼ି ନନ୍ଦିଘୋଷ ରଥ
ତେବେ ବାଞ୍ଛାନିଧି ସଂପୂର୍ଣ୍ଣ କରିବ ଏ ମୋହର ମନୋରଥ ।
ମୋର ନାମ ଭକ୍ତବନ୍ଧୁ ଭାବଗ୍ରାହୀ ଭକ୍ତ ଭାବେ ବଶ ହେଲି
ଭକତ ମୋହର ଯେଣିକି ଭାବିଲା ତେଣିକି ମୁଁ ଯାଇଥିଲି ।"

ଏହା ଲକ୍ଷ୍ମୀଙ୍କର ହୃଦ୍‌ବୋଧ ହେଲେ ମଧ୍ୟ, ତାଙ୍କୁ ନନେଇ କାହିଁକି ସେ ଗୁଣ୍ଡିଚା ମନ୍ଦିର ଗଲେ ବୋଲି ସେ ପଚାରିଛନ୍ତି ଏବଂ ଜଗନ୍ନାଥ ତାଙ୍କୁ ବୁଝାଇବାକୁ ଯାଇ, ସାଙ୍ଗରେ ଦେଢ଼ଶୁର ଥିଲେ, ତେଣୁ ନେଲେ ନାହିଁ ବୋଲି କହିଛନ୍ତି । ତା' ସହିତ ଜୁଡ଼ାଭିଡ଼ା ଝରା, କନକ ଦୁଦୁରା, ଜଗତଜିଣା ତଡ଼କି, ଶୁଆବସା

ଓ ଦେବୀ ସୁଭଦ୍ରାଙ୍କୁ ଏଥିରେ କେବଳ 'ପ୍ରସାଦଲାଗି ଘସା ବିଡ଼ିଆ ମଣୋହି ଓ ବନ୍ଦନା' ହେଉଥିବା ବେଳେ ଶ୍ରୀଜଗନ୍ନାଥଙ୍କୁ 'ବନ୍ଦାପନା ଓ ଭୋଗ' ଏବଂ 'ଘସା ବିଡ଼ିଆ ମଣୋହି' ହୁଏ । ଏହି 'ଭୋଗ'ର ନିର୍ଦ୍ଦିଷ୍ଟ ବିବରଣୀ ଲିପିବଦ୍ଧ ହୋଇ ନଥିଲେ ହେଁ ଏହା ଯେ 'ରସଗୋଲା ଭୋଗ' ଏହା ନିସଂଶୟରେ କୁହାଯାଇପାରେ । ଭିତରଛ ମହାପାତ୍ର ସାତ୍ତ୍ୱିକ ଭାବରେ ନିଜଘରୁ ପ୍ରସ୍ତୁତ କରି ଆଣିଥିବା ଏହି 'ରସଗୋଲା ଭୋଗ' ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଦେବୀ ଲକ୍ଷ୍ମୀଙ୍କୁ ଅର୍ପିତ ହୋଇଥାଏ ।

ସ୍ୱତ୍ୱଲିପିର 'ଭିତରଛ ସେବାର ନିୟମ'ରେ ମଧ୍ୟ ଏ ସଂପର୍କରେ ନିର୍ଦ୍ଦିଷ୍ଟ ଉଲ୍ଲେଖ ଅଛି । 'ନୀଳାଦ୍ରି ବିଜେ' ଦିନର 'ଭିତରଛ ସେବା'ର ବିବରଣୀ ପ୍ରସଙ୍ଗରେ କୁହାଯାଇଛି, ଏହି ସେବକ "ନୀଳାଦ୍ରି ବିଜେ ଦିନ ଭେଟମଣ୍ଡପ ଠାରେ ବନ୍ଦାପନା ଓ ମଣୋହି, ଗରୁଡ଼ଙ୍କ ବନ୍ଦାପନା, ଜଗନ୍ନାଥ ରଥରୁ ସିଂହାସନକୁ ବିଜେ କାଳେ ରୁକ୍ମିଣୀଙ୍କ ଗଇଣ୍ଠାଳ ଫିଟା ନୀତିରେ ଦହିପତି, ଘସା, ବିଡ଼ିଆ ମଣୋହି ଓ ଭୋଗ" କରିଥାନ୍ତି । ଏଣୁ ଭିତରଛ ମହାପାତ୍ରଙ୍କ ଦ୍ୱାରା କରାଯାଉଥିବା ଏହି 'ଭୋଗ' 'ରସଗୋଲା ଭୋଗ'କୁ ହିଁ ସୂଚିତ କରେ ।

ପ୍ରଶ୍ନ ଉଠେ, ଅନଙ୍ଗଭୀମ ଦେବ ଶ୍ରୀମନ୍ଦିରରେ ନୂତନ ଭୋଗ ବ୍ୟବସ୍ଥା କରିବା ସମୟରେ, ଯେଉଁସବୁ ଭୋଗର ପ୍ରଚଳନ କରିଥିଲେ, ସେହି ଭୋଗ ମଧ୍ୟରେ କ'ଣ 'ରସଗୋଲା' ଥିଲା ? ଏ ସଂପର୍କରେ ଆମେ 'ମାଦଳା ପାଞ୍ଜି'ର ଦୃଷ୍ଟାନ୍ତ ମଧ୍ୟ ନେଇ ପାରିବା । ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ସଂରକ୍ଷିତ, ଅପ୍ରକାଶିତ ହାତଲେଖା 'ମାଦଳା ପାଞ୍ଜି' ପୋଥିରେ ଅନଙ୍ଗଭୀମ ଦେବଙ୍କ ରାଜତ୍ୱକାଳୀନ ଭୋଗ ବର୍ଣ୍ଣନା ପ୍ରସଙ୍ଗରେ ଉଲ୍ଲେଖ ଅଛି, "ସକାଳ ଧୂପ ଭୋଗରେ ... ପର୍ବତ ଆକାରର ହୋଇ ଯେ ବଡ଼ା ହୋଇବ... କାକରା ପିଠା ଆରିସା ପୁଳି ଅପାମାଲୁ ଘୋଳ ବଡ଼ନାଡ଼ି ତିପୁରି ଏମାନ ଗଛମାନଙ୍କର ପତ୍ର ହୋଇବ ।... ସର ପାପୁଡ଼ି ଗୋଟିକା ରସକୋରା ଏମାନ ଫୁଲ ହୋଇବ । ହରି ବଲ୍ଲଭ ଧର୍ମ-ଶରଣ ବଡ଼ ଡାଲିମ୍ବ ଛେନାଲଡ଼ୁ ମରିଚ ଲଡ଼ୁ... ଚଢ଼ଇନଦା ଛେନାମଣ୍ଡା ପଣୁସିଆ ସୋଧଅ ପଇଡ଼ ପାଚଲା କଦଳି ଏମାନ ଫଳ ହୋଇବ ପଣ୍ଡା ଜେ ଜାହା ମନ୍ତେ ଭୋଗ ମୁଣହି କରାଇବ ।"

ଡକ୍ଟର ଗଗନେନ୍ଦ୍ର ନାଥ ଦାଶଙ୍କ ଦ୍ୱାରା ସଂପାଦିତ ଇଂରାଜୀ ପୁସ୍ତକ "Jagannath And The Gajapati Kings of Orissa" (୨୦୧୦)ରେ 'ଦେଶ ଖଞ୍ଜା', 'ସେବକ ଭିଆଣ ଓ ସେବା ବିବରଣ' ପ୍ରସଙ୍ଗରେ ଯେଉଁ ପ୍ରାଚୀନ ପୋଥି ପ୍ରଦତ୍ତ, ସେଥିରେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଧୂପ ସମୟରେ ନିବେଦିତ ଭୋଗ ସାମଗ୍ରୀର ବିବରଣୀ ମିଳେ । ସକାଳ ଧୂପ, ମଧ୍ୟାହ୍ନ ଧୂପ ଓ ସଂଧ୍ୟାଧୂପ ସମୟର ଭୋଗ-ସାମଗ୍ରୀ ବାବଦରେ ସେଥିରେ 'ରସକୋରା', 'ଛେନାଲଡ଼ୁ' ଓ 'ଛେନାମଣ୍ଡା' ଆଦିର ଉଲ୍ଲେଖ ଅଛି । ଏହା ଯେ 'ରସଗୋଲା'ର ପୂର୍ବରୂପ ଏହା କୁହାଯାଇପାରେ । 'ରସଗୋଲା' ବସ୍ତୁତଃ 'ଛେନାଲଡ଼ୁ' । କେବଳ ପାର୍ଥକ୍ୟ ଏତିକି ଯେ ଛେନାଲଡ଼ୁ ସିରାରେ ସିଝିଲେ ରସଗୋଲା ହୁଏ । ସେହିପରି 'ରସଗୋଲା' ସିରାରେ ସିଝା ହେଉଥିବା ବେଳେ 'ଛେନାମଣ୍ଡା' ପାଣିରେ ସିଝାଯାଏ । ଏ ପ୍ରସଙ୍ଗରେ ଆମେ ଚିନ୍ତାମଣି ମହାନ୍ତିଙ୍କ 'ବିକ୍ରମାଦିତ୍ୟ' କାବ୍ୟର ପଦାଂଶ "ସଂକଳ୍ପର ମଣ୍ଡା ହେଲା ସତ୍ୟ ରସଗୋଲା" (ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ)ର ଉଲ୍ଲେଖ କରିପାରିବା । ସେହିପରି 'ରସକୋରା' । ଏହି ମିଷ୍ଟାନ୍ନ ଓଡ଼ିଶାରେ ଅନେକ ଶତାବ୍ଦୀ ପୂର୍ବରୁ ସୁପ୍ରଚଳିତ ଥିବା ଜଣାଯାଏ । ଓଡ଼ିଶାରେ 'କୋରା' କହିଲେ ସାଧାରଣ ଭାବରେ ବୁଝାଯାଏ,

ନାକଚଣା, ସମ୍ବଲପୁରିଆ ବାଙ୍କ ଡେଉଁରିଆ, ଜାଲିତାଡ଼, ହୃଦକୁ ପଦକ ମାଳ, ପାଦକୁ ବାଜେଣି ବଳା, କଳାମେଘୀ ଶାଢ଼ି, ମରକତ ଚୁଡ଼ି ଆଦି ତାଙ୍କ ପାଇଁ ଉପହାରରେ ଆଣିଛନ୍ତି ବୋଲି ମଧ୍ୟ କହିଛନ୍ତି । କିନ୍ତୁ ଲକ୍ଷ୍ମୀ ଅଭିମାନରେ କହିଛନ୍ତି, ସେ ଦୁଃଖୀଘର ଝିଅ ଏବଂ ସେସବୁର ଭାଜନ ନୁହନ୍ତି । ପୁଣି ଗୋପନଗ୍ରରେ ଗଉଡୁଣୀମାନଙ୍କ ଭାବ ପ୍ରସଙ୍ଗର ଉଲୁଗୁଣା ଦେଇ ତାଙ୍କୁ ଗାଈଜଗାଳି ଏବଂ ଗଉଡୁଣୀମାନଙ୍କୁ ଦହି ବିକାଳି ବୋଲି ବି ତାଚ୍ଛଲ୍ୟ କରିଛନ୍ତି । ଶ୍ରୀଜଗନ୍ନାଥ ଭାବରସରେ ମଜି ସେସବୁ ଶୁଣିଛନ୍ତି । କିନ୍ତୁ ଲକ୍ଷ୍ମୀଙ୍କ ତାଚ୍ଛଲ୍ୟ କ୍ରମେ ସୀମା ଟପିବାରୁ ମନରୁ ସବୁ ଉପ୍ରୋଧ ଛାଡ଼ି ତାଙ୍କ ଉପରେ କ୍ରୁଦ୍ଧ ହୋଇଛନ୍ତି । ଗୋପୀଙ୍କ ଭାବର ଅନୁଗାମୀ ନହୋଇ, ମନରେ ଗର୍ବ ଭାବ ପୋଷଣ କରିଥିବାରୁ ତାଙ୍କୁ 'ବାଇ ଲକ୍ଷ୍ମୀ ଠାକୁରାଣୀ' ବୋଲି କୁହାଯିବା ଯଥାର୍ଥ ବୋଲି ବି କହିଛନ୍ତି । ଏପରିକି ଭକ୍ତ ବଳରାମ ଦାସ ଏପରି ଅବିଗୁଣ ପାଇଁ ତାଙ୍କୁ କାଣୀ, କାଲୁଣୀ ଓ କୁବୁଜି କହୁଥିବା କଥାର ଅବତାରଣା ମଧ୍ୟ କରିଛନ୍ତି । ପରିଶେଷରେ, ପତ୍ନୀର ଅତ୍ୟାଚାରରେ ଅତିଷ୍ଠ ଓଡ଼ିଆ ଘରର ସ୍ୱାମୀଟି ପରି ସେ କହିଛନ୍ତି–

"ଯେ ଯାହା କହଇ ଅନ୍ୟଥା ନୁହଇ ସବୁ ସତ୍ୟ ତୋର ବାଣୀ
ମୋହରି କଥାରୁ ଅନୁଭବ କରି ସବୁ ଅଛି ମୁହିଁ ଜାଣି ।
ମିଛକୁ ଯେ ଛନ୍ଦି ନାନା କଥା ଫାନ୍ଦି ମୋତେ ପୁଣି ବୋଲୁ ଯାହା
ଛାତିକି ପଥର ପରାଏ କରି ମୁଁ କାନ କରିଥାଇ ଲୁହା
ମୁହିଁ ବୋଲି ତୋର ଦାଉ ସମ୍ଭାଳୁଛି ଆନ କେ ପାରନ୍ତା ସହି
ଘର ଛାଡ଼ିକରି କଉପୁନି ମାରି ଯାଆନ୍ତାଣି ଯୋଗୀ ହୋଇ ।"

ଏଣୁ ପରିସ୍ଥିତି କ୍ରମେ ଅଣାୟତ୍ତ ହେଉଥିବାର ଦେଖି, ପାରିବାରିକ ଶାନ୍ତି ଓ ସହାବସ୍ଥାନ ରକ୍ଷା ପାଇଁ, ବଡ଼ଭାଇ ବଳଭଦ୍ର ଏହି ପତି-ପତ୍ନୀ କଳିରେ ହସ୍ତକ୍ଷେପ କରିଛନ୍ତି । ଏପରିକି, ଏମିତି ହେଲେ ଭିନ୍ନେ କରିଦେବେ ବୋଲି କହି ଜଗନ୍ନାଥଙ୍କୁ ଛଦ୍ମ ଆକଟ କରିଛନ୍ତି । ଗଉରଚରଣଙ୍କ ଭାଷାରେ–

"ବଳି ହଳଧାରୀ ବୋଲନ୍ତି ରେ ହରି ତୁ ତ ଭଲ ଲୋକ ନୋହୁ
ଜଳପତି ଜେମାଦେଇଙ୍କି ତୁ କେତେ କଟୁ କୁବଚନ କହୁ ।
ଆମ୍ଭର ଭଲସେ କହୁଥିଲେ ସିନା ଏହା ମନେ ନ ବିଚାରୁ
କେ ଶୁଣିବ ଏହା ଚୋର ହୋଇ ଯାହା ପାଇକପଣ ତୁ କରୁ ।
ଆମ୍ଭେ ଦୁଇ ଭାଇ ଦାଣ୍ଡକୁ ଗଲେଇଁ ଆବର ସୁଭଦ୍ରା ଗଲା
ଶ୍ରୀଜଗମୋହନ ରତ୍ନସିଂହାସନ ଭଣ୍ଡାର ପଡ଼ିଛି ମେଲା ।
ହିତ କଥାକୁ ତ ଅହିତ ବିଚାରୁ ବିପରୀତ କଥା ତୋର
ଖଣ୍ଡିଗଣିଆ କଥାରେ ତୁ ପଣ୍ଡିତ ଖ[ଙ୍କର ସରଦାର ।
ସବୁଦିନେ ଛାଡ଼ ନଗଲା ତୋହର ଫୁଲା ଫାଙ୍କା ଆଚରଣ
ପିନ୍ଧାଫେର ତଳେ ଲୋଟି ଯାଉଥାଇ ବଡ଼ଦାଣ୍ଡେ ବେହରଣ ।
ଦାଣ୍ଡ ହାଟ କଥା ସବୁ ମୁଁ ବୁଝିବି ଘର ବୁଝୁଥିବେ ବୋହୂ
ଗୋଟିଚାରି ଭୁଞ୍ଜି ମାଣ୍ଡିକି ଆଉଜି ବସିଥିବୁ ଯେହ୍ନେ ସାହୁ ।
ଲବଣ ତଣ୍ଡୁଳ ଘୃତ କାଠ ଜାଳ କାହୁଁ ଆସୁଛି ଏମାନ
ଗୃହ ବ୍ୟବହାର ବୁଝିବା ପାଇଁକି ହୋଇଛୁ ତୁ କେଡ଼େ ସାନ ।
ଆଉ ଦିନେ ଯେବେ ଘର ଖଡ଼ବଡ଼ କର୍ଣ୍ଣରେ ଶୁଣିବି ମୁହିଁ
ସେହିଦିନେ ନିଶ୍ଚେ ଭିନ୍ନ କରିଦେବି ଏଥିରେ ସଂଶୟ ନାହିଁ ।"

କେବଳ ଏତିକି ନୁହେଁ, ଲକ୍ଷ୍ମୀଙ୍କୁ ଶାନ୍ତ କରିବା ପାଇଁ ତାଙ୍କୁ ବି ପ୍ରଶଂସା କରି କହିଛନ୍ତି–

"ସାକ୍ଷାତେ ଯେ ନାରୀ କୁଳଶିରୋମଣି ତୋର ଜ୍ୟେଷ୍ଠ ପାଟରାଣୀ
ଅନନ୍ତ କୋଟି ବ୍ରହ୍ମାଣ୍ଡ ଯାକର ସେ ପଡ଼ିଦାତ୍ରୀ ସାଆନ୍ତାଣୀ ।
ସର୍ବସୁଲକ୍ଷଣୀ ପରମ ସାଧବୀ ବରୁଣ ନୃପତି ଜେମା
ଯାର କଟାକ୍ଷରୁ ଐଶ୍ୱର୍ଯ୍ୟ ଭୁଞ୍ଜନ୍ତି ଇନ୍ଦ୍ର ଚନ୍ଦ୍ର ହର ବ୍ରହ୍ମା ।
ପୁଣି ଶବଦାଇ ବୋଲନ୍ତି ଗୋ ମାଏ ଆମ୍ଭ ଆଜ୍ଞା ଏବେ ଘେନ
ସବୁ ହାର ମୋର ଭାଇର ହୋଇଲା ଛାଡ଼ ମନୁ ଅଭିମାନ ।"

କୋରା ହୋଇଥିବା ନଡ଼ିଆ ସହିତ ଚିନି ପାଗରେ ପ୍ରସ୍ତୁତ ଏକପ୍ରକାରର ଗୋଲାକାର ମିଷ୍ଟାନ୍ନକୁ । ଏଣୁ 'ରସକୋରା' ରସ ମିଶ୍ରିତ ଏକ ଗୋଲାକାର ମିଷ୍ଟାନ୍ନର ଏକ ନାମ ହୋଇଥିବା ଖୁବ୍ ସମ୍ଭବ । ଏହାର ବହୁଳ ପ୍ରଚଳନର ପ୍ରମାଣ ମିଳେ ପ୍ରାଚୀନ ଓଡ଼ିଆ ଶବ୍ଦକୋଷମାନଙ୍କରୁ । ଖ୍ରୀଷ୍ଟିଆନ୍ ମିସନାରୀ ରେଭରେଣ୍ଡ ଆମ୍ସ ସଟନ୍‌ଙ୍କ ୧୮୪୩ ମସିହାର ଓଡ଼ିଆ-ଇଂରାଜୀ ଶବ୍ଦକୋଷ ଏହାର ଏକ ପ୍ରମାଣ । ତାଙ୍କ ପ୍ରଣୀତ 'An Oriya and English Dictionary'ରେ 'ରସକୋରା'କୁ ଏକପ୍ରକାରର ମିଷ୍ଟାନ୍ନ (A kind of sweet meat); ତୃପ୍ତିଦାୟକ (Savoury) ଓ ରସଯୁକ୍ତ (Liquified) ବୋଲି କୁହାଯାଇଛି । ଏହା ରସଗୋଲାକୁ ହିଁ ସୂଚାଏ । ସେହିପରି ୱିଲିୟମ୍ ବ୍ରୁକ୍‌ସଙ୍କ ୧୮୭୪ର 'ଓଡ଼ିଆ-ଇଂରାଜି ଶବ୍ଦକୋଷ (An Oriya and English Dictionary)ରେ ଏହାକୁ 'ଗୋଲାକୃତି ମିଷ୍ଟାନ୍ନ' ବୋଲି କୁହାଯାଇଛି । 'ରସକୋରା'କୁ ତେଣୁ 'ରସଗୋଲା'ର ନାମାନ୍ତର ବୋଲି କୁହାଯାଇ ପାରିବ ।

ଏଣୁ 'ନୀଳାଦ୍ରିବିଜେ' ନୀତିରେ ଭଣ୍ଡାରଘର ନିକଟରେ ଲକ୍ଷ୍ମୀ-ନାରାୟଣ ଭେଟ ଓ ଗଇଣ୍ଠାଳ ଫିଟା ସମୟରେ ଭିତରଛ ମହାପାତ୍ରଙ୍କ ଦ୍ୱାରା ପାରଂପରିକ ଭାବରେ ନିବେଦିତ 'ରସଗୋଲା ଭୋଗ', ପୂର୍ବରୁ 'ଛେନାଲଡୁ', 'ଛେନାମଣ୍ଡା' ବା 'ରସକୋରା' ନାମରେ ପରିଚିତ ଥିଲା ବୋଲି କୁହାଯାଇପାରେ ।

ଏହି 'ରସଗୋଲା' ଓଡ଼ିଶାର ଏକ ପ୍ରାଚୀନ ମିଷ୍ଟାନ୍ନ । ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀର ବଳରାମ ଦାସଙ୍କ 'ରାମାୟଣ'ରେ ମଧ୍ୟ ଏହାର ଉଲ୍ଲେଖ ଥିବା ପଣ୍ଡିତ ଗୋବିନ୍ଦ ରଥଙ୍କ ସଂପାଦିତ ସଂସ୍କରଣରୁ ଜଣାଯାଏ । ଏଣୁ ଏହାର ଐତିହ୍ୟ ପ୍ରାୟ ପାଞ୍ଚ ଶହ ବର୍ଷ ପୁରାତନ । ପାରମ୍ପରିକ ଭାବେ ଏହା ନୀଳାଦ୍ରି ବିଜେର ନୈବେଦ୍ୟ ରୂପେ ଶ୍ରୀମନ୍ଦିରରେ ପ୍ରଚଳିତ ହୋଇ ଆସୁଛି । ଶ୍ରୀମନ୍ଦିରର ଏହି ପରଂପରା ଦ୍ୱାରା ପ୍ରଭାବିତ ଶ୍ରୀକ୍ଷେତ୍ରର ବିଭିନ୍ନ ମଠରେ ମଧ୍ୟ 'ନୀଳାଦ୍ରି ବିଜେ' ଦିନ ଏହି ରସଗୋଲା ଭୋଗର ପରଂପରା ରହିଛି । 'ମଠ ପରମ୍ପରା'ର ବିଶିଷ୍ଟ ଗବେଷକ ଡକ୍ଟର ଭାସ୍କର ମିଶ୍ରଙ୍କ ଅନୁସାରେ, ପୁରୀର ବଡ଼ ଓଡ଼ିଆ ମଠ, ଉତ୍ତର ପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ, କଟକୀ ମଠ, ନେବଳ ଦାସ ମଠ ଓ ରାଧାଶ୍ୟାମ ମଠ ଆଦିରେ ଏହି ରସଗୋଲା ଭୋଗର ଐତିହ୍ୟ ୧୦୦ବର୍ଷରୁ ୩୦୦ ବର୍ଷର । ଏ ପ୍ରସଙ୍ଗରେ ସେ ରାଘବ ଦାସ ମଠର ସ୍ୱତନ୍ତ୍ର ଉଲ୍ଲେଖ ମଧ୍ୟ କରିଛନ୍ତି । ତାଙ୍କ ଅନୁସାରେ, "ଶ୍ରୀକ୍ଷେତ୍ରର ଏଇ ଗୋଟିଏ ମଠ, ଯାହାର କି ରସଗୋଲା ଭୋଗ ଜଗମୋହନକୁ ଆସି ଶ୍ରୀଜଗନ୍ନାଥ ଓ ଶ୍ରୀଦେବୀ (ମହାଲକ୍ଷ୍ମୀ)ଙ୍କର ବିବାହ ଗଇଣ୍ଠାଳ ଫିଟିବା ସମୟରେ ଜନୈକ ପୂଜାପଣ୍ଡା ସେବକଙ୍କ ଦ୍ୱାରା ସର୍ପାମଣୋହି ବିଧିରେ ଶ୍ରୀଜଗନ୍ନାଥଙ୍କୁ ନିବେଦିତ ହୋଇଥାଏ । ଏହାର ପରଂପରା ପ୍ରାୟ ୩୦୦ବର୍ଷର ।"

ଏଣୁ 'ନୀଳାଦ୍ରି ବିଜେ'ରେ ରସଗୋଲା ଏକ ବିଶେଷ ଭୋଗ ଭାବରେ ଭିତରଛ ମହାପାତ୍ରଙ୍କ ଦ୍ୱାରା କେବଳ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଲକ୍ଷ୍ମୀଦେବୀଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ରୂପେ ଅର୍ପିତ ହୁଏ ନାହିଁ; ପୁରୀର ବିଭିନ୍ନ ମଠ ପକ୍ଷରୁ ମଧ୍ୟ ପାରମ୍ପରିକ ଭାବରେ ଏହି ଭୋଗ ରଥାରୂଢ଼ ଦେବତାମାନଙ୍କୁ ଏବଂ ଶ୍ରୀମନ୍ଦିରର ଜଗମୋହନ ଠାରେ ରାଘବ ଦାସ ମଠ ପକ୍ଷରୁ ଶ୍ରୀଜଗନ୍ନାଥଙ୍କୁ ନୈବେଦ୍ୟ ରୂପେ ଅର୍ପିତ ହୋଇଥାଏ । ଏଣୁ ରସଗୋଲା କେବଳ ପୁରୀର ନୁହେଁ, ଏହା ସାରା ଓଡ଼ିଶାର ଲୋକପ୍ରିୟ ମିଷ୍ଟାନ୍ନ ଏବଂ ପାରଂପରିକ ଭାବରେ ଏହା ଶ୍ରୀଜଗନ୍ନାଥଙ୍କ 'ନୀଳାଦ୍ରି ବିଜେ'ର ଭୋଗ । ଏହା ମଧ୍ୟ ଲକ୍ଷ୍ମୀ-ନାରାୟଣ କଳିର ମଧୁର ପରିସମାପ୍ତିର ପ୍ରତୀକ ।



ଏଣୁ ବଡ଼ଠାକୁର ବଳଭଦ୍ରଙ୍କର ଏହି ବଚନ ଶୁଣି ଲକ୍ଷ୍ମୀ ମନରୁ ସବୁ ଅଭିମାନ ତେଜି ପରମ ସନ୍ତୋଷ ହୋଇଛନ୍ତି । କେବଳ ସେତିକି ନୁହେଁ, ନିଜର ଅପରାଧ ସ୍ୱୀକାର କରି ଶ୍ରୀଜଗନ୍ନାଥଙ୍କୁ କ୍ଷମା ବି ମାଗିଛନ୍ତି । ଗଉରଚରଣ ତାହାର ମାର୍ମିକ ବର୍ଣ୍ଣନା ଦେଇ କହିଛନ୍ତି–

"ବଡ଼ ଠାକୁରଙ୍କ ଶ୍ରୀମୁଖରୁ ଅତି ମଧୁର ବଚନ ଶୁଣି
ମନୁ ମାନ ତେଜି ପରମ ସନ୍ତୋଷ ହେଲେ ଲକ୍ଷ୍ମୀ ଠାକୁରାଣୀ ।
ଦାସୀକି ଅନାଇ ବୋଲନ୍ତି କମଳା ବହନ ଫେଡ଼ଲୋ ଦ୍ୱାର
କେତେବେଳୁ ଉଭା ହୋଇ ରହିଲେଣି ଶ୍ରୀବଡ଼ସାମନ୍ତ ମୋର
ଅପରାଧ କ୍ଷମା କରିବେ ମୋହର ମାଗୁଛି ମୁଁ କରଯୋଡ଼ି
ଏତେ କହି ଖଣ୍ଡେ ଦୂରେ ମାୟେ ରହି ଶ୍ରୀଚରଣ ତଳେ ପଡ଼ି ।"

କିନ୍ତୁ କଥା ସେତିକିରେ ସରି ନାହିଁ । ଦାସୀଗଣ ଆଜ୍ଞା ପାଇ କବାଟ ଖୋଲି ଦେବା ପରେ, ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି ଏବଂ ଲକ୍ଷ୍ମୀ-ନାରାୟଣ ଭେଟରେ ସବୁ ବଚନିକା ଓ ସବୁ କଳହର ମଧୁର ପରିସମାପ୍ତି ଘଟିଛି । ଏହାର ବର୍ଣ୍ଣନା ଗଉରଚରଣ ଦାସଙ୍କ ବର୍ଣ୍ଣନାରେ ବେଶ୍ ଭାବୋଦ୍ଦୀପକ–

"କଳାଶ୍ରୀମୁଖକୁ ନିରେଖି କମଳା ପରମ ସାନନ୍ଦ ହେଲେ
ରତ୍ନ ଦୀପାବଳୀ ବେନିକରେ ଧରି ମଙ୍ଗଳ ଆଳତି କଲେ ।
ଜାଇ ଯୁଈ କୁନ୍ଦ ଦୟଣା ମାଳତୀ ମାଳ ଗଳେ ଲମ୍ବାଇଲେ
ପ୍ରାଣନାଥ ପଦ୍ମପାଦ କରେ ଧରି ପଦ୍ମାଳୟା ଓଳଗିଲେ ।
ବେନିକର ପ୍ରସାରିଣ ବନମାଳୀ ତକ୍ଷଣେ ଧଇଲେ ତୋଳି
ଦେଖି ଆଳିବୃନ୍ଦ ପରମ ସାନନ୍ଦ ହୋଇ ଦେଲେ ହୁଳହୁଳି ।
ବାଜିଲା ବୀରକାହାଳୀ ଜୟଶଙ୍ଖ ନାନାବିଧ ବାଦ୍ୟମାନ
ଆକାଶେ ଦୁନ୍ଦୁଭି ଧରି ବିଦ୍ୟାଧରୀ କିନ୍ନରୀ କରନ୍ତି ଗାନ ।
ଜୟ ଜୟ ଧ୍ୱନି ଉଚ୍ଛୁଳେ ଅବନୀ ଆନନ୍ଦ ହେଉଛି ସୃଷ୍ଟି
ଅନ୍ତରୀକ୍ଷେ ଥାଇ ତ୍ରିଦଶ ଦେବତା କରନ୍ତି କୁସୁମ ବୃଷ୍ଟି ।
ଲକ୍ଷ୍ମୀନାରାୟଣ ମିଳନ ହୋଇଲା ସର୍ବଜନ ବୋଲ ହରି
ଲକ୍ଷ୍ମୀନାରାୟଣ ନାମ ସୁମରିଲେ ଭବସିନ୍ଧୁ ଯିବ ତରି ।"

ଏହା ହିଁ ହେଉଛି ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ନୀତିର ପାରମ୍ପରିକତାକୁ ନେଇ ଓଡ଼ିଆ କବିମାନେ ଶତାବ୍ଦୀ ଶତାବ୍ଦୀ ଧରି ରଚନା କରି ଆସିଥିବା ବିଭିନ୍ନ କୃତିରେ ଚିତ୍ରିତ 'ଲକ୍ଷ୍ମୀନାରାୟଣ ବଚନିକା' ବା 'ଲକ୍ଷ୍ମୀନାରାୟଣ କଳି'ର ଅପୂର୍ବ ମାଧୁରୀ । ସପ୍ତଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ମଧ୍ୟରେ ରଚିତ ଏହି ଲୌକିକ ସୃଜନ ପ୍ରବାହ ବିଂଶ ଶତାବ୍ଦୀରେ ମଧ୍ୟ ଦୁର୍ଲକ୍ଷ୍ୟ ରହିନାହିଁ । ଶୈଳବାଳା ମିଶ୍ରଙ୍କ 'ଉତ୍ସବରେ ଆନନ୍ଦ ବିତରି' ଅନ୍ତର୍ଗତ 'କବାଟ ଫିଟା ଓ ଲକ୍ଷ୍ମୀ-ଜଗନ୍ନାଥ ଭେଟ'ରେ, ଚୋଖୀ ରାଗରେ ରୂପାୟିତ ହୋଇଛି ଏ ପ୍ରସଙ୍ଗ ଏବଂ ସେଥିରେ ସ୍ୱାଭାବିକ ଭାବରେ ଶଂସିତ ସମୟର ସ୍ପର୍ଶ ବି ପରିଲକ୍ଷିତ ହୋଇଛି । ଦେବୀ ଲକ୍ଷ୍ମୀଙ୍କ ପାଇଁ ଶ୍ରୀଜଗନ୍ନାଥ ଆଣିଥିବା ଉପହାର ମଧ୍ୟରେ ଦେଖିବାକୁ ମିଳିଛି ଶାନ୍ତିପୁରୀ, ମଣିପୁରୀ, ବିଷ୍ଣୁପୁରୀ, ବ୍ରହ୍ମପୁରୀ, ସମ୍ବଲପୁରୀ, ଖୋର୍ଦ୍ଧା ଓ ବନାରସୀ ପାଟ । ପୁଣି ସେସବୁର ରଙ୍ଗ ଭିତରେ ପାରମ୍ପରିକ କଳା, ଲାଲ, ହଳଦି ଓ ନେଳି (ସବୁଜ) ସହିତ ମିଶିଛି କମଳା ଓ ଗୋଲାପି ରଙ୍ଗ । ଅଳଙ୍କାର ଭିତରେ ବି ମିଶିଛି ତାରକସି ଗହଣା ଓ ଆଧୁନିକ ଇୟରିଙ୍ଗ୍ । ପରିଶେଷରେ ପ୍ରଭୁଙ୍କ ଦଇନି ଦେଖି ହୃଦରେ ସନ୍ତୋଷ ସତ୍ତ୍ୱେ ମୁଖରେ ବିରସ ଭାବ ପ୍ରକାଶ କରି ଲକ୍ଷ୍ମୀଦେବୀ ଶ୍ରୀମନ୍ଦିରର ଦ୍ୱାର ଖୋଲି ଦେଇଛନ୍ତି ।

ଏବଂ ଏ ପ୍ରସଙ୍ଗରେ ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି, ସମ୍ଭବତଃ ପ୍ରଥମଥର ପାଇଁ ଏଥିରେ ଶ୍ରୀଜଗନ୍ନାଥ ଲକ୍ଷ୍ମୀଙ୍କ ପାଇଁ ରସଗୋଲା ଆଣିଥିବା ବିଷୟ ବର୍ଣ୍ଣିତ ହୋଇଛି । ସେଥିରେ କୁହାଯାଇଛି–

"ଆଣିଥିବା ରସଗୋଲା
ସିଂହାସନେ ଭୋଗ ହେଲା
ମନ ସୁଖେ ବଣ୍ଟା ହେଲା ଭକ୍ତଗଣଙ୍କୁ
ଯାତ୍ରାରୁ ଫେରନ୍ତା ସ୍ରଷ୍ଟା
ସଙ୍ଗେ ଆଣିଥିଲେ ମିଠା
ସେବାକାରୀ, ଦାସ, ଦାସୀ ମନ ନେବାକୁ ।
ସାଧୁ, ସନ୍ଥ, ଭକ୍ତ, ମହନ୍ତ
ସମସ୍ତେ ପ୍ରସାଦ ପାଇ ହରଷ ଚିତ୍ତ ।

ପାରମ୍ପରିକ ଭାବରେ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେର ନୈବେଦ୍ୟ ରୂପେ ଅର୍ପିତ ହେଉଥିବା ଏହି ରସଗୋଲା ସୂଚାଏ, ସେ ସାଧାରଣ ମଣିଷ ହୁଅନ୍ତୁ ବା ଲକ୍ଷ୍ମୀ-ନାରାୟଣ, ସବୁ ଦାମ୍ପତ୍ୟ କଳହ ବା ମନାନ୍ତରର ଥାଏ ଏକ ମଧୁର ପରିସମାପ୍ତି । ଏହି ମଧୁର ପରିସମାପ୍ତିର ପ୍ରତୀକ ଭୋଗ ହେଉଛି ରସଗୋଲା ।

ପ୍ରସଙ୍ଗ-୩

# ଶ୍ରୀମନ୍ଦିରରେ ଶ୍ରୀହନୁମାନ



# ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀ ମହାବୀର


## ପୀତବାସ ରାଉତରାୟ

ଏ /୬୬, ପିପିଏଲ୍ କଲୋନୀ
ଖଣ୍ଡଗିରି ଛକ, ଭୁବନେଶ୍ୱର - ୭୫୧୦୧୯
ମୋ: ୯୪୩୭୫୭୪୬୪୯


ଫଟୋ ସୌଜନ୍ୟ : ଷ୍ଟୁଡ଼ିଓ ମାମା, ପୁରୀ

ଶ୍ରୀଜଗନ୍ନାଥ ସଂସ୍କୃତିର ମହାନ୍ ବୈଶିଷ୍ଟ୍ୟ ହେଉଛି ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଭଗବାନ ଶ୍ରୀଜଗନ୍ନାଥ ଓ ଭକ୍ତ ଶ୍ରୀହନୁମାନ ଏକତ୍ର ପୂଜିତ ହୋଇ ଆସୁଛନ୍ତି । ଇନ୍ଦ୍ର ନୀଳମଣି ପୁରାଣରେ ଉଲ୍ଲେଖ ଅଛି ଯେ ସ୍ୱୟଂ ଭଗବାନ ଭକ୍ତଶ୍ରେଷ୍ଠ ହନୁମାନଙ୍କୁ ବର ପ୍ରଦାନ କରି କହିଥିଲେ: 'ହେ କପିଶ୍ରେଷ୍ଠ ! ତୁମେ ସର୍ବଦା ଏହି ପୁରୁଷୋତ୍ତମ କ୍ଷେତ୍ର ଶ୍ରୀଜଗନ୍ନାଥ ପୁରୀରେ ମୋର ଅନ୍ତରଙ୍ଗ ଭକ୍ତ ରୂପେ ରହିବା ପାଇଁ ସ୍ଥାନପ୍ରାପ୍ତ ହେବ ଏବଂ ପ୍ରତି ଗୃହରେ ତୁମର ପୂଜା ଅନୁଷ୍ଠିତ ହେବ ।'

ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କୁ ଏକ ଓ ଅଭିନ୍ନ ଭାବେ ଉପାସନା କରି ସନ୍ଥ ଶ୍ରୀରାମାନନ୍ଦାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ ଏବଂ ସନ୍ଥ ତୁଳସୀ ଦାସଙ୍କ ପରି ବହୁ ଭକ୍ତ ଶ୍ରୀକ୍ଷେତ୍ରକୁ ଆସି ଶ୍ରୀରାମଙ୍କ ଉପାସନା ସହ ତାଙ୍କର ଶ୍ରେଷ୍ଠ ଭକ୍ତ ହନୁମାନଙ୍କ ଉପାସନାକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । ଶ୍ରୀ ହନୁମାନ ମଧ ଶ୍ରୀ ମହାବୀର ନାମରେ ବହୁ ସ୍ଥାନରେ ପୂଜା ପାଇ ଆସୁଛନ୍ତି ।

ବାଲ୍ମିକି ରାମାୟଣ ଅନୁସାରେ ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ରଙ୍କର ଅଭିଷେକ ଉତ୍ସବ ସରିବା ପରେ ବିଭୀଷଣ, ସୁଗ୍ରୀବ, ଅଙ୍ଗଦ, ଆଦି ମେଲାଣି ନେବା ପରେ ଶ୍ରୀରାମ ଭକ୍ତପ୍ରବର ହନୁମାନଙ୍କୁ ତାଙ୍କ ଅଭିଳାଷ କଣ ବୋଲି ପଚାରିବା ମାତ୍ରେ ହନୁମାନ ଭକ୍ତିପ୍ଳୁତ କଣ୍ଠରେ କହିଲେ- 'ହେ ପ୍ରଭୁ ଆପଣଙ୍କ ନାମ ଯେତେଥର ସ୍ମରଣ କଲେ ମଧ ମୋର ମନରେ ତୃପ୍ତି ଆସୁନାହିଁ । ଏଣୁ ମୋର ଇଚ୍ଛା ଆପଣଙ୍କର ନାମ ସଦାସର୍ବଦା ଜପ କରିବା ପାଇଁ ।' ଭକ୍ତବତ୍ସଳ ଶ୍ରୀରାମ ତଥାସ୍ତୁ କରି କହିଲେ, 'କଳ୍ପ ଶେଷରେ ତୁମେ ମୋର ସାଯୁଜ୍ୟ ଲାଭ କରିବ ଓ ସପ୍ତ ଚିରଞ୍ଜିବୀ ମଧ୍ୟରେ ନାମିତ ହେବ ।' ସେହିଦିନ ଠାରୁ ଶ୍ରୀରାମଙ୍କର ଏକନିଷ୍ଠ ଭକ୍ତ ହେତୁ ହନୁମାନ ରାମ, ଲକ୍ଷ୍ମଣ ଓ ସୀତାଙ୍କ ସହିତ ଦେବତା ଜ୍ଞାନରେ ପୂଜା ପାଇଲେ ।

ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ହନୁମାନଙ୍କର ଭୂମିକା ବଡ଼ ରହସ୍ୟମୟ । ହନୁମାନ ବହୁ ସ୍ଥାନରେ ବିରାଜମାନ କରିଛନ୍ତି । ମାତ୍ର ପ୍ରତ୍ୟେକ ସ୍ଥାନରେ ତାଙ୍କର ଭୂମିକା ଭିନ୍ନ । ଏହା ଯେତିକି ରହସ୍ୟମୟ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ ।

ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଥିବା ବିଭିନ୍ନ ପୁରାଣମାନଙ୍କରେ ଅଶ୍ୱତ୍ଥାମା, ବଳି, ବ୍ୟାସ, ହନୁମାନ, ବିଭୀଷଣ, କୃପ ଓ ପର୍ଶୁରାମ ହେଉଛନ୍ତି ଚିରଞ୍ଜିବୀ । ଏହି ସାତଜଣଙ୍କ ମଧ୍ୟରୁ ହନୁମାନ ଅଧିକ ଲୋକପ୍ରିୟ ଓ ବ୍ୟାପକ ଭାବେ ଆରାଧିତ ଦେବତା । ଅଞ୍ଜନାସୁତ ହନୁମାନ ବାଲ୍ୟକାଳରୁ ଶିବ, ବିଷ୍ଣୁ, ଅଗ୍ନି, ଇନ୍ଦ୍ର ପ୍ରଭୃତି ଦେବତାଙ୍କଠାରୁ ଆଶୀର୍ବାଦ ଓ ଶକ୍ତିପ୍ରାପ୍ତ ହୋଇ ସେ ମହାବୀର ହୋଇ ପାରିଥିଲେ । ତ୍ରେତୟା ଯୁଗରେ ସେ ଶ୍ରୀରାମଚନ୍ଦ୍ରଙ୍କର ଅତିପ୍ରିୟ ଭକ୍ତ ହୋଇ ପାରିଥିଲେ ଓ ରାମଭକ୍ତ ହନୁମାନ ଭାବେ ଯୁଗେ ଯୁଗେ ପୂଜା ପାଇ ଆସୁଛନ୍ତି । ଯେଉଁଠାରେ ରାମକଥା, ରାମ ଚରିତ ମାନସ ପଠନ, ଆଲୋଚନା ଓ କୀର୍ତ୍ତନ ହୋଇଥାଏ ସ୍ୱୟଂ ହନୁମାନ ଅଦୃଶ୍ୟ ଭାବେ ଉପସ୍ଥିତ ହୋଇଯାଆନ୍ତି ବୋଲି ବିଶ୍ୱାସ ରହିଅଛି ।

ନବଧା ଭକ୍ତି ତତ୍ତ୍ୱରେ ଯେଉଁ ନ ପ୍ରକାର ଭକ୍ତିରସ ରହିଛି ସେହି ଭକ୍ତି ରସରେ ନଅ ଜଣ ଶ୍ରେଷ୍ଠ ଭକ୍ତ ରହିଛନ୍ତି । ସେମାନେ ହେଲେ ଶ୍ରବଣରେ ପରୀକ୍ଷିତ, କୀର୍ତ୍ତନରେ ବ୍ୟାସ, ସ୍ମରଣରେ ପ୍ରହଲ୍ଲାଦ, ଭଜନରେ ଲକ୍ଷ୍ମୀ, ପୂଜନରେ ପୃଥୁ, ବନ୍ଦନରେ ଅକ୍ରୁର, ଦାସ୍ୟରେ ହନୁମାନ, ସଖ୍ୟରେ ଅର୍ଜୁନ ଏବଂ ଆତ୍ମନିବେଦନରେ ବଳି ଶ୍ରେଷ୍ଠ ଅଟନ୍ତି । ଏହି ପର୍ଯ୍ୟାୟରେ, ଆରଣ୍ୟକ ହୋଇ ମଧ ଦାସ୍ୟଭକ୍ତି ପ୍ରତାପରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହୋଇପାରିଛନ୍ତି ହନୁମାନ ।

ଗୀତା ଦୃଷ୍ଟିରେ ଜ୍ଞାନ ଯୋଗ, ଭକ୍ତିଯୋଗ ଓ କର୍ମଯୋଗ ତିନୋଟି ଭଗବତ୍ ପ୍ରାପ୍ତିର ସାଧନ ଅଟେ । ହନୁମାନ ଏଭଳି ଭକ୍ତିଯୋଗୀ ଥିଲେ ଯାହାଙ୍କର ଜ୍ଞାନଯୋଗ ଓ କର୍ମଯୋଗ ସ୍ୱତଃସିଦ୍ଧ ହୋଇ ଯାଇଥିଲା ଏବଂ ସେ ବାସ୍ୟଭକ୍ତିର ସର୍ବଶ୍ରେଷ୍ଠ ଉଦାହରଣ ପାଲଟି ଯାଇଥିଲେ । ଶ୍ରୀମନ୍ଦିର ସଂସ୍କୃତି ସହ ଶ୍ରୀହନୁମାନଙ୍କ ଉପାସନା ଏକ ଭବ୍ୟ ପରମ୍ପରା ସୃଷ୍ଟି କରି ଭାରତୀୟ ଆଧ୍ୟାତ୍ମିକ ଚେତନାକୁ ମହିମାମୟ କରିପାରିଛି ।

ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ହନୁମାନଙ୍କର ଭୂମିକା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଯେପରି ଶ୍ରୀକ୍ଷେତ୍ର ହେଉଛି ବିଭିନ୍ନ ସମ୍ପ୍ରଦାୟର ପୀଠସ୍ଥଳୀ । ଏହି ପବିତ୍ର ସ୍ଥାନରେ ଶ୍ରୀଜଗନ୍ନାଥଙ୍କୁ ନେଇକରି ଅଷ୍ଟଶମ୍ଭୁ ଓ ଅଷ୍ଟଶକ୍ତୀ ଭଳି ଅଷ୍ଟ ମହାବୀର ମଧ ରହିଛନ୍ତି । ଏହା ବ୍ୟତୀତ ରାମନନ୍ଦୀ ସମ୍ପ୍ରଦାୟର ବହୁ ସନ୍ଥମାନେ ମଠ ସ୍ଥାପନ କରି ମହାବୀରଙ୍କୁ ପ୍ରତିଷ୍ଠା କରିବା ସହ ଅନ୍ୟ ସମ୍ପ୍ରଦାୟର ବହୁ ସନ୍ଥମାନେ ରାଜପୃଷ୍ଠପୋଷକତାରେ ମହାବୀର ମନ୍ଦିରମାନ ପ୍ରତିଷ୍ଠା କରିଥିବା ଜଣାଯାଏ । କେବଳ ଶ୍ରୀମନ୍ଦିରରେ ବିଗ୍ରହ ଓ ଚିତ୍ର ମିଶାଇଲେ ୧୧୭ଟି ହନୁମାନ ଦୃଶ୍ୟମାନ ହୁଅନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ପ୍ରତ୍ୟେକ ସ୍ଥାନରେ ସ୍ଥାପିତ ମହାବୀର ଶ୍ରୀହନୁମାନଙ୍କର କାର୍ଯ୍ୟ ବା ମହିମା ଅଲଗା । ଶ୍ରୀମନ୍ଦିରର ଚାରି ଦ୍ୱାରରେ ଅବସ୍ଥାପିତ ଚାରି ହନୁମାନ ଅଲଗା ଅଲଗା ନାମଧାରଣ କରି ପୂର୍ବରେ



▲ ଲେଖକ ପୀତବାସ ରାଉତରାୟ

ଫତେ ମହାବୀର, ପଶ୍ଚିମରେ କାନପତା ହନୁମାନ, ଦକ୍ଷିଣରେ ବାରଭାଇ ହନୁମାନ ଓ ଉତ୍ତରରେ ତପସ୍ୱୀ ମହାବୀର ନାମରେ ଉପବେଷ୍ଟିତ । ମନ୍ଦିର ଭିତରେ ଆନନ୍ଦବଜାରରେ ମହାପ୍ରସାଦର ସୁରକ୍ଷା ପାଇଁ ଷୋହଳ ମୂର୍ତ୍ତି ହନୁମାନ ବିରାଜମାନ କରିଛନ୍ତି । ସେହିପରି ନାଟମନ୍ଦପରେ ବଜରଙ୍ଗବାଲୀ, ଶ୍ରୀମନ୍ଦିର ପରିସର ମଧ୍ୟରେ ସରଘର, କୂର୍ମବେଢ଼ା ଓ ବିଭିନ୍ନ ସ୍ତମ୍ଭ ମାନଙ୍କରେ ମହାବୀର ବିରାଜମାନ କରି ଦର୍ଶନାର୍ଥୀଙ୍କର ମଙ୍ଗଳ କାମନା ପାଇଁ ବିରାଜମାନ ।

ଶ୍ରୀକ୍ଷେତ୍ରର ପ୍ରାୟ ସମସ୍ତ ମଠରେ ହନୁମାନ ରାମ ଲକ୍ଷ୍ମଣ ସୀତାଙ୍କ ସହ ପୂଜା ପାଇଥାନ୍ତି । ବଡ଼ଛତା ମଠ, ଜଗନ୍ନାଥ ବଲ୍ଲଭ ମଠ, ବଡ଼ ଓଡ଼ିଆ ମଠ, ବଡ଼ ଓଡ଼ିଆ ମଠ, ଗୋବର୍ଦ୍ଧନ ମଠ ରାଧାବଲ୍ଲବ ମଠ, ଦକ୍ଷିଣପାର୍ଶ୍ୱ ମଠ, ଉତ୍ତର ପାର୍ଶ୍ୱ ମଠ, ସାନଛତା ମଠ ପ୍ରଭୃତି ମଠରେ ବିରାଜମାନ ମହାବୀରଙ୍କର ଦୈନନ୍ଦିନ ସେବାପୂଜା ହୋଇଥାଏ ।

ଶ୍ରୀମନ୍ଦିର ବାହାରେ ଶ୍ରୀକ୍ଷେତ୍ରରେ ପୂଜିତ ମହାବୀର ମନ୍ଦିରର କାହାଣୀ ବେଶ୍ ରହସ୍ୟମୟ । ପ୍ରଥମେ ଶ୍ରୀକ୍ଷେତ୍ରର ଚାରିଟି ହନୁମାନଙ୍କ ବିଗ୍ରହ ସମ୍ପର୍କରେ ଆଲୋଚନା କରିବା ।

## ୧.ବେଡି ହନୁମାନ (ଶୃଙ୍ଖଳା ହନୁମାନ)

ଶ୍ରୀକ୍ଷେତ୍ରରେ ବେଡ଼ି ହନୁମାନ ବା ଶୃଙ୍ଖଳା ହନୁମାନ ଅତ୍ୟନ୍ତ ପ୍ରସିଦ୍ଧ । ପୁରୀର ଲୋକମାନେ ଏହାଙ୍କୁ ଦରିଆ ହନୁମାନ ବୋଲି କହିଥାନ୍ତି । ଏହାଙ୍କର ଚରିତ ଓ ଇତିହାସ ଅତ୍ୟନ୍ତ ରମଣୀୟ । ପୂର୍ବକାଳରେ ସମୁଦ୍ରର ଉତ୍ତାଳ ତରଙ୍ଗମାଳା ବାରମ୍ବାର ଶ୍ରୀକ୍ଷେତ୍ରରେ ପ୍ରବେଶ କରି ପ୍ରାଚୀନ ବସ୍ତି ସବୁକୁ ନଷ୍ଟ କରି ଦେଉଥିଲା । ଏହି ବସ୍ତି ମଧ୍ୟରେ ଆଙ୍ଗିରା ଋଷିଙ୍କ ପ୍ରସିଦ୍ଧ ଆଶ୍ରମ ଅବସ୍ଥିତ ଥିଲା । ବାରମ୍ବାର ସମୁଦ୍ର ଦ୍ୱାରା କ୍ଷତିଗ୍ରସ୍ତ ହେବାରୁ ପୁରୀବାସୀ ନିଜର ସୁରକ୍ଷା ପାଇଁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ଶ୍ରୀଜଗନ୍ନାଥ ସୁରକ୍ଷା ପାଇଁ ସମୁଦ୍ରର ତରଙ୍ଗମାଳାକୁ ପ୍ରତିହତ କରିବା ନିମିତ୍ତ ହନୁମାନଙ୍କୁ ଆଦେଶ ଦେଲେ । ମହାବିକ୍ରମୀ ହନୁମାନ ଭଗବାନଙ୍କର ଆଦେଶ ପାଳନ ପୂର୍ବକ ଚକ୍ରତୀର୍ଥ ନିକଟରେ ଦଣ୍ଡାୟମାନ ହୋଇ ରହିଲେ; ଫଳରେ ସମୁଦ୍ର ତାଙ୍କୁ ଉଲଙ୍ଘନ କରିପାରିଲା ନାହିଁ । କିନ୍ତୁ ହନୁମାନ ମଝିରେ ମଝିରେ ଅଯୋଧ୍ୟାରେ ରାମଚନ୍ଦ୍ରଙ୍କ ଦର୍ଶନ କରିବା ପାଇଁ ଚାଲି ଯାଉଥିଲେ । ଏହି ସୁଯୋଗରେ ସମୁଦ୍ର ପୁନଶ୍ଚ ଆସି ଜଳମଗ୍ନ କରି ଦେଉଥିଲା । ତେଣୁ ଏହାର ପ୍ରତିକାର କରିବା ପାଇଁ ପୁରୀବାସୀ ପୁନଶ୍ଚ ଭଗବାନଙ୍କୁ ପ୍ରାର୍ଥନା କଲେ । ଭଗବାନ ତତ୍‌କ୍ଷଣାତ୍ ସେଠାରେ ଆବିର୍ଭୂତ ହୋଇ ଗୋଟିଏ ସ୍ୱର୍ଣ୍ଣ ଶୃଙ୍ଖଳା ପ୍ରଦାନ କଲେ ଏବଂ ସେଥିରେ ହନୁମାନଙ୍କୁ ବାନ୍ଧି ଦେବା ପାଇଁ କହିଲେ । ପ୍ରକୃତରେ ହନୁମାନଙ୍କୁ କେହି ବାନ୍ଧି ପକାଇବା ସମ୍ଭବ ନୁହେଁ; କିନ୍ତୁ ଶୃଙ୍ଖଳାର ପ୍ରତ୍ୟେକ ଭାଗରେ ରାମନାମ ଲେଖା ହୋଇଥିବାରୁ ହନୁମାନ ତାହାକୁ ଛିଣ୍ଡାଇ ପାରିଲେ ନାହିଁ । ଫଳରେ ସବୁଦିନ ପାଇଁ ସେ ସେଠାରେ ବାନ୍ଧି ହୋଇ ରହିଗଲେ । ଏହା ଦ୍ୱାରା ସମୁଦ୍ରର ଗତିରୋଧ ହେଲା ଏବଂ ସମୁଦ୍ର ଆଉ କେବେ ସୀମା ଲଙ୍ଘନ କଲା ନାହିଁ । ଚକ୍ରତୀର୍ଥ ନିକଟରେ ଏବେ ମଧ୍ୟ ସେହି ବେଡି ହନୁମାନ ବା ଶୃଙ୍ଖଳା ହନୁମାନଙ୍କର ବିଶାଳକାୟ ମୂର୍ତ୍ତି ଅବସ୍ଥିତ ।



## ୨. ସିଦ୍ଧ ମହାବୀର

ଏହି ସିଦ୍ଧ ମହାବୀରଙ୍କ ଇତିହାସ ଶ୍ରୀଜଗନ୍ନାଥଙ୍କ ଇତିହାସ ସହିତ ଏକାନ୍ତ ଭାବେ ଜଡ଼ିତ । 'ଇନ୍ଦ୍ର ନୀଳମଣି ପୁରାଣ'ର ବର୍ଣ୍ଣନା ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଶ୍ରୀଜଗନ୍ନାଥ କ୍ଷେତ୍ରର ଉନ୍ମୋଚନ ପାଇଁ ଆସିଲେ, ସେତେବେଳେ ସେ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଲେ । ଏପରିକି ସେ ଜଗନ୍ନାଥଙ୍କୁ ଦର୍ଶନ କରିବାର ଆଶା ହରାଇବାକୁ ବସିଲେ । ଏହି ସମୟରେ ସହସା ଏକ ଉଜ୍ଜ୍ୱଳ ଜ୍ୟୋତି ପ୍ରକାଶିତ ହେଲା ଏବଂ ତନ୍ମଧ୍ୟରୁ ହନୁମାନ ପ୍ରକଟ ହୋଇ କହିଲେ- 'ଯୁଗ ଯୁଗ ଧରି ମୁଁ ଏହି ମନ୍ଦିରର ରକ୍ଷଣାବେକ୍ଷଣ କରି ଆସୁଛି । ମୋ ବଳରେ ବଳବାନ ହୋଇ ଆପଣ ହଜାରେ ହାତ ଉଚ୍ଚତା ବିଶିଷ୍ଟ ଗୋଟିଏ ମନ୍ଦିର ନିର୍ମାଣ କରନ୍ତୁ ଏବଂ ତନ୍ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରନ୍ତୁ । ମୁଁ ମଧ୍ୟ ସିଦ୍ଧ ହନୁମାନ ରୂପରେ ସୁପ୍ରସିଦ୍ଧ ହେବି । ମୋର ସିଦ୍ଧାଶ୍ରମରେ ଅବସ୍ଥାନ କରି ଆପଣ ପୁରୁଷୋତ୍ତମ କ୍ଷେତ୍ରରେ ନିର୍ମାଣ କରନ୍ତୁ । ବିପତ୍ତି କାଳରେ ଯେଉଁମାନେ ଏହି ସିଦ୍ଧାଶ୍ରମରେ ସୁନ୍ଦରାକାଣ୍ଡ ପାଠ କରିବେ, ସେମାନଙ୍କର ସମସ୍ତ କାର୍ଯ୍ୟ ସିଦ୍ଧ ହେବ ।' ଏହି ମନ୍ଦିରର ନିର୍ମାଣ କୌଶଳ ତଥା କାରିଗରୀ କଳା ଅତ୍ୟନ୍ତ ଲୋଭନୀୟ । ଏହି ହନୁମାନଙ୍କୁ ପୂଜା ଅର୍ଚ୍ଚନା କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିଲା ବୋଲି କିମ୍ବଦନ୍ତୀ ରହିଛି ।

ଶ୍ରୀକ୍ଷେତ୍ରର ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱରେ ତଥା ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ସିଦ୍ଧ ମହାବୀର ମନ୍ଦିର ଅବସ୍ଥିତ । କଥିତ ଅଛି ଯେ ସନ୍ଥ ତୁଳସୀଦାସ ଶ୍ରୀକ୍ଷେତ୍ରକୁ ଆଗମନ କରିବା ସମୟରେ ଏହିଠାରେ ସାମୟିକ ଭାବେ ଅବସ୍ଥାନ କରିଥିଲେ ।

## ୩. ମକରଧ୍ୱଜ ହନୁମାନ

ଶ୍ରୀକ୍ଷେତ୍ରରେ ମୁଖ୍ୟ ରାସ୍ତାରେ ମକରଧ୍ୱଜ ହନୁମାନଙ୍କର ଏକ ବିଶାଳ ମନ୍ଦିର ଦେଖିବାକୁ ମିଳେ । ଏହାଙ୍କ ସମ୍ପର୍କରେ ଜନଶ୍ରୁତି ଅଛି ଯେ ଯେତେବେଳେ କାମଦେବ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ଉଦ୍ୟମ କଲେ, ସେତେବେଳେ କାମଦେବଙ୍କୁ ସହିତ ଯୁଦ୍ଧ କରିବାକୁ ପଡ଼ିଲା ଏବଂ ଶେଷରେ ହନୁମାନ ବିଜୟୀ ହେଲେ । ସେଥିପାଇଁ ଏହାଙ୍କର ନାମ ମକରଧ୍ୱଜ ହନୁମାନ ରଖାଗଲା । ଏହି ମୂର୍ତ୍ତିର ବିଶେଷତା ଏହି ଯେ ସେ ଗୋଟିଏ ହାତରେ ଖଣ୍ଡା ଏବଂ ଅନ୍ୟ ହାତରେ କାମ ବିଜୟର ପ୍ରତୀକ ସ୍ୱରୂପ ବିଜୟ ଧ୍ୱଜା ଧାରଣ କରିଛନ୍ତି । ଏହି ହନୁମାନଙ୍କୁ ଦର୍ଶନ କଲେ ହୃଦୟରୁ କାମଭାବ ଦୂର ହୋଇଯାଏ ।

## ୪. ସୁଡ଼ଙ୍ଗ ହନୁମାନ

କଥିତ ଅଛି ଯେ ଜଗନ୍ନାଥ ମନ୍ଦିର ନିକଟରୁ ଅଞ୍ଜନା ଦେବୀଙ୍କ ମନ୍ଦିର ପର୍ଯ୍ୟନ୍ତ ଗୋଟାଏ ଗୁପ୍ତ ସୁଡ଼ଙ୍ଗ ଅଛି । ସେହି ସୁଡ଼ଙ୍ଗର ଦ୍ୱାର ଦେଶରେ ଆଠଫୁଟ ଉଚ୍ଚତା ବିଶିଷ୍ଟ ଆଞ୍ଜନେୟ ହନୁମାନଙ୍କର ଭବ୍ୟ ମୂର୍ତ୍ତି ଅବସ୍ଥିତ । ଏହାଙ୍କର ନାମ ଗୁମ୍ଫା ହନୁମାନ ବା ସୁଡ଼ଙ୍ଗ ହନୁମାନ । ସୁଡ଼ଙ୍ଗ ହନୁମାନ ଶ୍ରୀଜଗନ୍ନାଥ ବଲ୍ଲଭ ଉଦ୍ୟାନର ମୁଖ୍ୟ ରକ୍ଷକ । ଅକ୍ଷୟ ତୃତୀୟା ଦିନ ଜଗନ୍ନାଥଙ୍କର ବିଜୟ ପ୍ରତିମା ନୌକା ବିହାର ନିମିତ୍ତ ଉଦ୍ୟାନରେ ପ୍ରବେଶ କରିବା ପୂର୍ବରୁ ପ୍ରଥମ

SUPRATIK INFRAVENTURES

# LIFESTYLE Project - II

***Limited 2 & 3 BHK Flat Available***

RERA APPROVED







**7205330222**

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple O. T. Road, Balasore - 756001



ସୁଡ଼ଙ୍ଗ ହନୁମାନଙ୍କର ଅନୁମତି ନିଅନ୍ତି ଓ ପରେ ଉଦ୍ୟାନରେ ପ୍ରବେଶ କରନ୍ତି । ଭଗବାନ ସର୍ବଶକ୍ତିମାନ ହୋଇଥିଲେ ମଧ୍ୟ ହନୁମାନଙ୍କର ମର୍ଯ୍ୟାଦା ରକ୍ଷା ପାଇଁ ଏପରି ପ୍ରଥା ପାଳନ କରିଥାନ୍ତି ।

ଶ୍ରୀକ୍ଷେତ୍ରରେ ଅବସ୍ଥିତ ଶ୍ରୀମନ୍ଦିରରେ ଥିବା ହନୁମାନ ଚାରିଦିଗରେ ଅବସ୍ଥାନ ହୋଇ ରକ୍ଷାକବଚ ସାଜିଛନ୍ତି ।

## ୫. ଫତେ ମହାବୀର

ସିଂହଦ୍ୱାର ଗୁମୁଟରେ ପ୍ରବେଶ କରି ବାଇଶି ପାହାଚ ଦିଗରେ ଅଗ୍ରସର ହେବା ଆଗରୁ ପ୍ରଥମେ ଫତେ ହନୁମାନଙ୍କୁ ଦର୍ଶନ ଓ ପ୍ରାର୍ଥନା କରିଲେ ଅଭିଳଷିତ ସମସ୍ତ କର୍ମ ଫତେ ହୁଏ ଅର୍ଥାତ୍ ସୁରୁଖୁରୁରେ ସମ୍ପନ୍ନ ହୋଇଥାଏ ବୋଲି ଏହି ବିଶ୍ୱାସବୋଧ ଜନମାନସରେ ରହିଛି । 'ଫତେ' ଏକ ପାରସ୍ୟ ଶବ୍ଦ । ଏହା କାର୍ଯ୍ୟ ସମାପନକୁ ବୁଝାଏ । ବହୁକାଳ ଧରି ଅଟକି ରହିଥିବା ମାଲି ମକଦମା ବା ଯେକୌଣସି ସାଂସାରିକ କାର୍ଯ୍ୟ ଯାହା ଆଦୌ ଛିଡ଼େ ନାହିଁ ଏବଂ ଲୋକେ ଏଥିନେଇ ବ୍ୟସ୍ତ ବିବ୍ରତ ହୁଅନ୍ତି ସେତେବେଳେ ଫତେ ହନୁମାନଙ୍କୁ ସ୍ମରଣ କରି ପୂଜାପାଠ କଲେ ସୁଫଳ ମିଳିବା ଅବଶ୍ୟାମ୍ଭବୀ । ଏହା ହେଉଛି ପ୍ରତ୍ୟକ୍ଷ ଭାବରେ ଅଙ୍ଗେ ଲିଭାଇଥିବା ବ୍ୟକ୍ତି ବିଶେଷମାନଙ୍କର ଅନୁଭୂତିର କଥା । ସେହିପରି ଅନ୍ୟ କେତେକଙ୍କ ମତରେ କୌଣସି ସାମଗ୍ରୀ, ଆବଶ୍ୟକୀୟ ନଥିପତ୍ର ଏମିତି ଯାହାବି ହଜିଗଲେ ଯେଉଁଠି ଥାଇବି ଫତେ ହନୁମାନଙ୍କୁ ଜଣେଇଲେ ତାହା ଅଚିରେ ପ୍ରାପ୍ତ ହୁଏ । କୁହାଯାଏ ଫତେ ହନୁମାନ କାର୍ଯ୍ୟସିଦ୍ଧିର ଦେବତା ସେ ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରକାସ୍ୟ, ଇଷତ୍ୱଂ ଓ ବଶୀତ୍ୱ ରୂପକ ଅଷ୍ଟସିଦ୍ଧିର ଦାତା । ସିଂହଦ୍ୱାର ଗୁମୁଟ କାନ୍ଥରେ ଏକ ଠଣାକୃତି କ୍ଷୁଦ୍ରକାୟ ମନ୍ଦିରରେ ପ୍ରାୟ ଦେଢ଼ଫୁଟ ଦୈର୍ଘ ଓ ପ୍ରସ୍ଥ ଯୁକ୍ତ ଫତେ ହନୁମାନଙ୍କ ବାମହସ୍ତରେ ସୁଶୋଭିତ ଗନ୍ଧମାର୍ଦ୍ଧନ ପର୍ବତ ଓ ଡାହାଣ ହାତରେ ଏକ ତାଳଗଛ । ଭକ୍ତଟିଏ ତାଙ୍କ ପାଖେ ଦୀପଜାଳି ଶ୍ରୀଜଗନ୍ନାଥଙ୍କ ଡୋରି ଲାଗି ପ୍ରାର୍ଥନା କରିଥାନ୍ତି ଓ କାମ ସୁରୁଖୁରୁରେ ସମାପନ ପାଇଁ ମଧ୍ୟ ପ୍ରାର୍ଥନା କରିଥାନ୍ତି ।

ଫତେ ହନୁମାନଙ୍କୁ ସିନ୍ଦୂର ଲାଗି କରାଯାଏ । ଏହି ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି । ଏକଦା ହନୁମାନଙ୍କୁ ପ୍ରବଳ ଭୋକ ଲାଗୁଥାଏ । ସେ ସୀତା ମା'ଙ୍କୁ କିଛି ଖାଇବାକୁ ଦେବା ପାଇଁ କୁହନ୍ତେ ମା' ତାହା ସହସା ନ ଶୁଣି ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ । ସ୍ନାନାନ୍ତେ ସିନ୍ଦୂର ଘେନିଲେ ଯାଇ ସେ ଯାହା କିଛି କରିବେ । ହନୁମାନ ଜିଜ୍ଞାସା କଲେ ଯେ ତାଙ୍କୁ ଖାଇବାକୁ ନ ଦେଇ ମା' କାହିଁକି ଆଗ ସିନ୍ଦୂର ଘେନୁଛନ୍ତି ଏହା ତ ସେ ପରେ ବି କରି ପାରନ୍ତେ ! ମା' ସୀତା ସେଦିନ ବୁଝାଇ ଦେଇଥିଲେ, "ପୁତ୍ର ହନୁମାନ ତୁମ ପ୍ରଭୁଙ୍କ ପାଇଁ ମୁଁ ସିନ୍ଦୂର ପିନ୍ଧୁଛି । କିଛି କାର୍ଯ୍ୟ ପୂର୍ବରୁ ପ୍ରଥମେ ଲଲାଟ ଓ ସୀମନ୍ତରେ ସିନ୍ଦୂର ପିନ୍ଧିଲେ ତୁମ ପ୍ରଭୁଙ୍କ ଆୟୁଷ ବୃଦ୍ଧି ହେବ ।" ଏହା ଶୁଣି ହନୁମାନ କହିଲେ, "ଯଦି ଏମନ୍ତ କଥା ତେବେ ମୁଁ ବି ମୋ ପ୍ରଭୁଙ୍କ ପାଇଁ ସିନ୍ଦୂର ପିନ୍ଧିବି ।"

ସହସା ସିନ୍ଦୂର ଯେତେ ପାଇଲେ ଦେହରେ ବୋଳି ହୋଇ ତଳେ ଗଦେଇ ତା' ଉପରେ ଆନନ୍ଦରେ କୁଦି ଉଠିଲେ । ସେହି ଦିନଠାରୁ ସେ ଆପାଦମସ୍ତକ ସିନ୍ଦୂର ଲାଗି ହୋଇଛନ୍ତି । ତାଙ୍କ ସମ୍ମୁଖରେ ରାମନାମ, ସହସ୍ର ନାମ ଜପିବା, ହନୁମାନ ଚାଳିଶା ଗାନ କରିବା ଓ ସୁନ୍ଦରାକାଣ୍ଡ ପଢ଼ିବା ଦ୍ୱାରା ସେ ପ୍ରସନ୍ନ ହୁଅନ୍ତି ।

## ୬. ବାର ଭାଇ ହନୁମାନ

ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କଲେ ବାମ ପାର୍ଶ୍ୱରେ ଅବସ୍ଥିତ ବାରଭାଇ ହନୁମାନଙ୍କୁ ଦର୍ଶନ କରିବାକୁ ପାହାଚ ଚଢ଼ି ଦର୍ଶନାର୍ଥୀଙ୍କୁ ଯିବାକୁ ପଡ଼େ । ମନ୍ଦିରର ବାହ୍ୟ କାନ୍ଥରେ ଲକ୍ଷ୍ମଣଙ୍କର ଶକ୍ତି ଭେଦ ସମୟରେ ହନୁମାନଙ୍କର ଉଡ଼ନ୍ତା ପାହାଡ଼ର ଭିତ୍ତିଚିତ୍ର ରହିଅଛି । ମନ୍ଦିରରେ ଥିବା ଶ୍ରୀରାମଙ୍କର ଲଙ୍କା ବିଜୟ ସମୟର ପରମ ସହଯୋଗୀମାନେ ସ୍ଥାନ ପାଇଛନ୍ତି କେବଳ ବାଳ ହନୁମାନ ବ୍ୟତୀତ ।

ହନୁମାନଙ୍କ ସହ ଏହି ମହାବୀରମାନଙ୍କର ଏକତ୍ର ପୂଜନ ଶ୍ରୀମନ୍ଦିରରେ ଏକ ବିରଳ ଉଦାହରଣ ସୃଷ୍ଟି କରେ । ଦକ୍ଷିଣ ଦ୍ୱାରର ରକ୍ଷକ ଭାବେ ବାରଭାଇ ହନୁମାନ ପ୍ରସିଦ୍ଧ । ଏହି ବାରହନୁମାନମାନେ ମନ୍ଦିରରେ ବିରାଜମାନ କରିଛନ୍ତି ।

୧. **ବାଳ ହନୁମାନ** : ଉଚ୍ଚତା – ୦୨ ଫୁଟ, ଲାଞ୍ଜରେ ଗୁଡ଼ାଇ ରଖିଥିବା ପେଣ୍ଡୁ ସୂର୍ଯ୍ୟ ଭାବରେ ଚିହ୍ନିତ । ନିମ୍ନରେ ଥିବା ନାରୀ ମୂର୍ତ୍ତି ମାତା ଅଞ୍ଜନା ନାମରେ ପରିଚିତ । ପାର୍ଶ୍ୱରେ ହାତୀ ଉପରେ ଇନ୍ଦ୍ରଦେବ ରହିଛନ୍ତି ।

୨. **ଗୟ** : ଉଚ୍ଚତା – ୦୨ ଫୁଟରୁ ସାମାନ୍ୟ ଅଧିକ । ବାମ ହସ୍ତରେ ଅସ୍ତ୍ର ଓ ଦକ୍ଷିଣ ହସ୍ତରେ ପ୍ରସ୍ତର ଖଣ୍ଡ ।

୩. **ଗବାକ୍ଷ** : ଉଚ୍ଚତା – ପ୍ରାୟ ୦୨ ଫୁଟ, ବାମ ହସ୍ତରେ ପତାକା, ଦକ୍ଷିଣ ହସ୍ତରେ ଚକ୍ର ।

୪. **ସୁଷେଣ** : ଉଚ୍ଚତା – ୦୨ ଫୁଟରୁ ଅଧିକ, ବାମ ହସ୍ତରେ ଅଭୟ ମୁଦ୍ରା, ଦକ୍ଷିଣ ହସ୍ତରେ ଗଛ ।

୫. **ବୀର ହନୁମାନ** : ଉଚ୍ଚତା – ୦୬ ଫୁଟ, ଓସାର ୦୪ ଫୁଟ, ବାମ



ହସ୍ତରେ ପାହାଡ଼ ଓ ଦକ୍ଷିଣ ହସ୍ତରେ ଗଦା ।

୬. **ତାରାକ୍ଷ** : ଉଚ୍ଚତା - ପ୍ରାୟ ଅଢ଼େଇ ଫୁଟ, ଦୁଇ ହାତରେ ପାହାଡ଼ ।

୭. **ଜାମ୍ବବାନ** : ଉଚ୍ଚତା - ପ୍ରାୟ ତିନି ଫୁଟ । ବିଗ୍ରହ ଛଅ ହାତ ବିଶିଷ୍ଟ, ବାମ ହସ୍ତମାନଙ୍କରେ ପାହାଡ଼, ଗଦା ଓ ଢ଼ାଲ । ଦକ୍ଷିଣ ହସ୍ତମାନଙ୍କରେ ଗଛ, ଫାଶ ଓ ଅସ୍ତ୍ର ।

୮. **ଅଙ୍ଗଦ** : ଉଚ୍ଚତା - ୦୪ ଫୁଟ, ଓସାର ୪ ଫୁଟ, ବିଗ୍ରହ ୧୦ ହାତ ବିଶିଷ୍ଟ । ବାମ ହସ୍ତମାନଙ୍କରେ ପତାକା, ଗଛ, ବରଦ ମୁଦ୍ରା, ଫାଶ ଓ ନିମ୍ନ ହସ୍ତରେ ଏକ ମସ୍ତକ ରହିଛି । ଦକ୍ଷିଣ ହସ୍ତମାନଙ୍କରେ ଖଣ୍ଡା, ଗଦା ଓ ଅନ୍ୟାନ୍ୟ ଅସ୍ତ୍ରମାନ ରହିଛି । ବିଗ୍ରହଙ୍କ ମସ୍ତକ ଉପରେ କ୍ଷୁଦ୍ରାକାର ଦଶଗୋଟି ମୁଣ୍ଡ ରାବଣର ବୋଲି ସୂଚାଇଥାଏ । ପାଦତଳେ ଦୁଇଜଣ ଅସୁରଙ୍କୁ ଚାପି ରଖିଛନ୍ତି ।

୯. **ସୌରୀ** : ଉଚ୍ଚତା - ପ୍ରାୟ ୦୩ ଫୁଟ, ବାମ ହସ୍ତରେ ଗଛ ଓ ଦକ୍ଷିଣ ହସ୍ତରେ ପାହାଡ଼ ।

୧୦. **ସୁଗ୍ରୀବ** : ଉଚ୍ଚତା - ପ୍ରାୟ ୦୪ ଫୁଟ, ଏକ ମାତ୍ର ଉପବେଶନ ମୂର୍ତ୍ତି, ବାମ ହସ୍ତରେ ଗଛ ଓ ଦକ୍ଷିଣ ହସ୍ତରେ ଜପାମାଳି ।

୧୧. **ନଳ** : ଉଚ୍ଚତା - ୦୨ ଫୁଟରୁ ଅଧିକ, ବିଗ୍ରହ ଚାରି ହାତ ବିଶିଷ୍ଟ, ବାମ ହସ୍ତରେ ଫାଶ ଓ ମୁଦ୍‌ଗର, ଦକ୍ଷିଣ ହସ୍ତରେ ଅଙ୍କୁଶ ଓ ବରଦ ମୁଦ୍ରା ।

୧୨. **ନୀଳ** : ଉଚ୍ଚତା - ପ୍ରାୟ ଅଢ଼େଇ ଫୁଟ, ବାମ ହସ୍ତରେ ମୁଦ୍‌ଗର, ଦକ୍ଷିଣ ହସ୍ତରେ ଗଛ ।

## ୭. କାନପତା ହନୁମାନ

ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରର ରକ୍ଷକ ହେଉଛନ୍ତି କାନପତା ହନୁମାନ । ଏହି କାନପତା ହନୁମାନଙ୍କ ମନ୍ଦିରର ଉଚ୍ଚତା ୧୫ ଫୁଟ ହେବା ବେଳେ ବିଗ୍ରହର ଉଚ୍ଚତା ୬ ଫୁଟ । ସାଢ଼େ ୩ ଫୁଟ ଲମ୍ବ ୨ ଫୁଟ ଓସାର ଓ ୧୦ ଇଞ୍ଚର ମାର୍ବଲ ପିଣ୍ଡିକା ଉପରେ ଦଣ୍ଡାୟମାନ । ବାମହସ୍ତ ଓ କାନ୍ଧରେ ଗଦାକୁ ଧାରଣ କରିଥିବା ବେଳେ ଦକ୍ଷିଣ ହସ୍ତରେ ପର୍ବତକୁ ଟେକି ଧରିଛନ୍ତି । ମୁଖମଣ୍ଡଳରେ ସୀତା ସିନ୍ଦୁର, ମସ୍ତକରେ ରୌପ୍ୟ କିରୀଟ, ହାତରେ ବାଜୁବନ୍ଧ ଏବଂ ଶରୀରରେ ଅଭିନବଶୈଳୀରେ ସୁନ୍ଦର ବସ୍ତ୍ର, କପାଳରେ ରାମତିଳକ । ତୁଳସୀରେ 'ଶ୍ରୀରାମ' ଯାହାକୁ ଚନ୍ଦନରେ ଲେଖା ଯାଇଛି ଶରୀରରେ ଧାରଣ କରିଥାନ୍ତି ଏବଂ ଗଳାରେ ସୁଗନ୍ଧିତ ଫୁଲମାଳ ଶୋଭା ପାଇଥାଏ । କାନପତା ହନୁମାନ ମଧ୍ୟ ବିରବିକ୍ରମ ମହାବୀର ନାମରେ ପ୍ରସିଦ୍ଧ । ସେ ପ୍ରଭୁଙ୍କ ସେବାରେ ନିଜକୁ ନିୟୋଜିତ କରିବା ସଙ୍ଗେ ସଙ୍ଗେ ସଂକଟରେ ପଡ଼ିଥିବା ସମସ୍ତ ଲୋକମାନଙ୍କର ମଧ୍ୟ କଲ୍ୟାଣ କରିଥାନ୍ତି ।

ଶ୍ରୀଜଗନ୍ନାଥଙ୍କର ଶ୍ୱଶୁର ହେଉଛନ୍ତି ବରୁଣ ରାଜା । ସମୁଦ୍ରର ଆକାର ବିଶାଳ । ବିଶାଳ ତାର ଗଭୀରତା । ଏଣୁ ସମୁଦ୍ରର ଭୀଷଣ ଗର୍ଜନ ଶବ୍ଦ ମହାପ୍ରଭୁଙ୍କ ସୁଖନିଦ୍ରାରେ ବାଧା ଦେବା ସହିତ ଭକ୍ତମାନଙ୍କର ଭଜନ, ସ୍ମରଣରେ ଘୋର ଅନ୍ତରାୟ ସୃଷ୍ଟିକଲା । ଦେବଦେବୀଗଣଙ୍କର ସୁନିଦ୍ରା ମଧ୍ୟ ବ୍ୟାହତ ହେଲା । ଏହାର ପ୍ରତିକାର ସ୍ୱରୂପ ଭଗବାନ ହନୁମାନଙ୍କୁ ସ୍ମରଣ କଲେ ଏବଂ ଆଦେଶ ଦେଲେ ଏପରି କିଛି ଉପାୟ କରିବାକୁ ଯେଉଁଥିରେ ସମସ୍ୟା ଦୂରହେବ ଏବଂ ସମୁଦ୍ରରାଜଙ୍କ ସମ୍ମାନରେ ମଧ୍ୟ ଆଞ୍ଚ ଆସିବ ନାହିଁ । ଏହାପରେ ପ୍ରଭୁଭକ୍ତ ହନୁମାନ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାରରେ ଦଣ୍ଡାୟମାନ ହୋଇ ଦକ୍ଷିଣପଟକୁ ନିଜର କର୍ଣ୍ଣକୁ ଡେରି ସମୁଦ୍ରର ସମସ୍ତ ଗୁରୁ ଗର୍ଜନକୁ ନିଜର କର୍ଣ୍ଣରେ ଟାଣି ସେହିଠାରେ ନିଜର ଶରୀରରେ ମିଳାଇ ଦେଇଛନ୍ତି । ଏହି ହେତୁ ମହାପ୍ରଭୁ ତାଙ୍କୁ ପ୍ରସନ୍ନ ହୋଇ ସଂକଟମୋଚନ କାନପତା ହନୁମାନ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ସେହିଦିନ ଠାରୁ ସମୁଦ୍ରର ଗର୍ଜନ ଶ୍ରୀକ୍ଷେତ୍ରର ସମସ୍ତ ସ୍ଥାନକୁ ଶୁଣାଯାଉଥିଲେ ହେଁ ଶ୍ରୀମନ୍ଦିରର ଏହି ବେଢ଼ା ମଧ୍ୟରେ ଶୁଣାଯାଏ ନାହିଁ ।

## ୮. ତପସ୍ୱୀ ହନୁମାନ

ଶ୍ରୀମନ୍ଦିରର ଉତ୍ତର ଦ୍ୱାର ପଟୁ ପ୍ରବେଶ କଲେ କୋଇଲିବୈକୁଣ୍ଠ ଆଡ଼କୁ ଥିବା ବିରାଟ ବଟବୃକ୍ଷ ତଳେ ବିରାଜମାନ କରିଛନ୍ତି ତପସ୍ୱୀ ହନୁମାନ । ହନୁମାନଙ୍କ ଅଷ୍ଟଭୂଜ ମଧ୍ୟରୁ ଚାରିଟି ହସ୍ତରେ ଚାରିଗୋଟି ଚକ୍ର, ଦୁଇଟି ଯୋଡ଼ହସ୍ତ ପ୍ରଣାମ ଭଙ୍ଗୀରେ, ଗୋଟିଏ ହସ୍ତରେ ଜପାମାଳା ଓ ଅନ୍ୟହସ୍ତଟି ଅଭୟ ବରଦାୟୀ ମୁଦ୍ରାରେ ଅଛନ୍ତି । ଭାରତବର୍ଷରେ ଏଭଳି କୌଣସି ଠାରେ ଅଷ୍ଟଭୂଜ ହନୁମାନ ପୂଜା ପାଉନାହାନ୍ତି । ତପସ୍ୟା ମୁଦ୍ରାରେ ଥିବା ହନୁମାନ ବିଗ୍ରହଙ୍କ ଉଚ୍ଚତା ୪ ଫୁଟ୍ ଅଟେ ।

ଏହି ବିଗ୍ରହଙ୍କ ସଂପର୍କରେ ଏକ ସୁନ୍ଦର ଆଖ୍ୟାୟିକା ରହିଛି, ତାହା ହେଲା: 'ଏକଦା ଚକ୍ରରାଜ ସୁଦର୍ଶନଙ୍କ ମନରେ ଗର୍ବ ଆସିଲା, କାରଣ ସେ ମହାପ୍ରଭୁଙ୍କର ଅତି ନିକଟତମ ଏବଂ ସେବକ ଭାବରେ ଅତ୍ୟନ୍ତ ପ୍ରିୟ । ଅନ୍ତର୍ଯ୍ୟାମୀ ପ୍ରଭୁ ଶ୍ରୀଜଗନ୍ନାଥ ଏକଥା ଜାଣିପାରିଲେ । ସୁଦର୍ଶନଙ୍କ ଅହମିକା ଭଙ୍ଗ କରିବା ପାଇଁ ଏକ ଉପାୟ ସ୍ଥିର କଲେ । ସେ ସୁଦର୍ଶନଙ୍କୁ ଆଜ୍ଞା ଦେଲେ ହନୁମାନଙ୍କୁ ଡାକି ଆଣିବାକୁ । ସୁଦର୍ଶନ



ତପସ୍ୟାରତ ବୀର ହନୁମାନଙ୍କୁ ଶ୍ରୀ ଜଗନ୍ନାଥଙ୍କ ଆଦେଶ ଜଣାଇବାରୁ ହନୁମାନ ତତ୍‌କ୍ଷଣାତ୍ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କଲେ । ବୀର ହନୁମାନ ଆସିବା ପୂର୍ବରୁ ଚକ୍ରରାଜ ସୁଦର୍ଶନ ଶ୍ରୀମନ୍ଦିରରେ ଉପସ୍ଥିତ ରହି ଚାରି ଦ୍ୱାରରେ ଘୁରିବାକୁ ଲାଗିଲେ । ହନୁମାନଜୀ କୌଣସି ଦ୍ୱାର ଦେଇ ମହାପ୍ରଭୁଙ୍କ ନିକଟକୁ ଯିବାର ସୁବିଧା ନ ଦେଖି ସେଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ସ୍ମରଣ ପୂର୍ବକ ବିନମ୍ର ପ୍ରାର୍ଥନା କଲେ । ଭକ୍ତବତ୍ସଳ ମହାପ୍ରଭୁ



ସୁଦର୍ଶନଙ୍କ ଅହମିକାକୁ ବୁଝି ପାରି ବୀର ହନୁମାନଙ୍କ ଶରୀରରେ ଅପୂର୍ବ ଶକ୍ତି ସଞ୍ଚାର କଲେ, ଫଳରେ ହନୁମାନଙ୍କ ସ୍କନ୍ଧରୁ ଅନ୍ୟ ଛଅଟି ଭୁଜ ସୃଷ୍ଟି ହେଲା । ସେ ହେଲେ ଅଷ୍ଟଭୁଜ । ତାଙ୍କର ଚାରି ହସ୍ତରେ ଚାରି ଦ୍ୱାରରେ ଘୁରୁଥିବା ଚାରୋଟି ଯାକ ଚକ୍ର ଆସି ଲାଗିଲା । ସେ ହେଲେ ଚାରି ଚକ୍ର ହନୁମାନ । ଚାରି ହସ୍ତରେ ଚାରୋଟି ଚକ୍ର ଧାରଣ କରି ଦୁଇ ହସ୍ତ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ଏବଂ ଅନ୍ୟ ଦୁଇ ହସ୍ତରେ ଜପମୁଦ୍ରା ପ୍ରଦର୍ଶନ ପୂର୍ବକ ପରମଭକ୍ତ ହନୁମାନ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କଲେ । ମହାପ୍ରଭୁ ସିନା ଗୋଟିଏ ଚକ୍ର ଧାରଣ କରିଛନ୍ତି, କିନ୍ତୁ ତାଙ୍କର ପ୍ରିୟ ଭକ୍ତ ହସ୍ତରେ ଚରିଚକ୍ର । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ହନୁମାନଜୀ ଅତ୍ୟନ୍ତ ପ୍ରୀତ ହେଲେ । ଶ୍ରୀଜଗନ୍ନାଥ ମହାପ୍ରଭୁ ପରମ ଭକ୍ତ ହନୁମାନଙ୍କୁ ଦର୍ଶନ ଦେବାପରେ ବାଧା ସୃଷ୍ଟି କରିଥିବା ସୁଦର୍ଶନଙ୍କୁ ଅଭିଶାପ ଦେଲେ ଯେ ଏଣିକି ସୁଦର୍ଶନ ଡାହାଣ ହସ୍ତରେ ନ ରହି ତାଙ୍କର ବାମ ପାର୍ଶ୍ୱରେ ଏକ ସ୍ତମ୍ଭ ଆକାରରେ ବିରାଜିତ ହେବେ । ମହାପ୍ରଭୁଙ୍କ ପରମ ସେବକ ସୁଦର୍ଶନ ଅତ୍ୟନ୍ତ ମର୍ମାହତ ତଥା ଅନୁତପ୍ତ ହୋଇ କ୍ଷମା ମାଗିବାରୁ ଶ୍ରୀଜଗନ୍ନାଥ ତାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଏଣିକି ତୁମ୍ଭେ ଶ୍ରୀମନ୍ଦିରର ଶିଖର ଦେଶରେ ନୀଳଚକ୍ର ଭାବେ ଶୋଭାପାଇବ । ଦୂର ଦୂରାନ୍ତରୁ ନୀଳଚକ୍ରଙ୍କୁ ଦର୍ଶନ କଲେ ଭକ୍ତ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ହେଲା ବୋଲି ମନେ କରିବେ । ଉତ୍ତର ଦ୍ୱାରରେ ପ୍ରତିଷ୍ଠିତ ଏହି ହନୁମାନ ଶ୍ରୀମନ୍ଦିର ଉତ୍ତର ଦ୍ୱାରର ରକ୍ଷକ ରୂପେ ସୁପରିଚିତ ଅଟନ୍ତି ।

## ୯. ପଞ୍ଚମୁଖୀ ହନୁମାନ

ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର ନିକଟସ୍ଥ ନୀଳାଚଳ ଉପବନର ମଧ୍ୟ ଭାଗରେ ପଞ୍ଚମୁଖୀ ହନୁମାନ ମନ୍ଦିର ଅବସ୍ଥିତ । ଏହି ହନୁମାନଙ୍କର ପାଞ୍ଚଗୋଟି ମୁଖଥିବାରୁ ଏହାଙ୍କୁ ପଞ୍ଚମୁଖୀ ମହାବୀର କୁହାଯାଏ । ମନ୍ଦିରର ପଶ୍ଚିମରେ ଥିବା ନିର୍ମାଲ୍ୟ ଖଳାର ରକ୍ଷକ ହେଉଛନ୍ତି ପଞ୍ଚମୁଖୀ ହନୁମାନ ।

ଲୋକ ଗୃହୀତ ଉପାଖ୍ୟାନ ଅନୁସାରେ, ଅହିରାବଣ ଥିଲା ପାତାଳପୁରୀର ଅସୁର ରାଜ । କେତେକ ରାମାୟଣରେ ଅହିରାବଣକୁ ମହୀରାବଣ ନାମରେ ନାମିତ କରାଯାଇଛି । ଏହି ଅହିରାବଣ ଥିଲା ରାବଣର ଅନ୍ୟ ଏକ ପୁତ୍ର । ସେ ଥିଲା ପ୍ରଚଣ୍ଡ ମାୟାବୀ । ଲଙ୍କା କଟକରେ ରାମ-ରାବଣ ଯୁଦ୍ଧ ସମୟରେ ନିଜର ଜ୍ୟେଷ୍ଠ ପୁତ୍ର ଇନ୍ଦ୍ରଜିତର ମୃତ୍ୟୁ ହେବା ପରେ, ଲଙ୍କରାଜ ରାବଣର ମନେପଡ଼ିଛି ଅହିରାବଣ କଥା । ତାକୁ ସ୍ମରଣ କରିଛି ରାବଣ ଏବଂ ନିର୍ଦ୍ଦେଶ ଦେଇଛି ଶ୍ରୀରାମ ଲକ୍ଷ୍ମଣଙ୍କୁ ବଦ୍ଧ କରିବା ପାଇଁ ।

ପରବର୍ତ୍ତୀ ପର୍ଯ୍ୟାୟରେ, ଅହିରାବଣ ଆସି ମାୟା ବଳରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ହରଣ କରି ନେଇଯାଇଛି ତା'ର ସ୍ୱୀୟ ପାତାଳ ପୁରୀକୁ । ଯେତେବେଳେ ବିଭୀଷଣ ଶୁଣିଛନ୍ତି ଶ୍ରୀରାମ-ଲକ୍ଷ୍ମଣଙ୍କ ଅପହରଣ ସମ୍ପର୍କରେ, ସେ ବୁଝି ପାରିଛନ୍ତି ଅହିରାବଣର ମାୟା । ହନୁମାନଙ୍କୁ ସାଙ୍ଗରେ ନେଇ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଖୋଜି ଖୋଜି ପହଞ୍ଚିଛନ୍ତି ଅହିରାବଣର ଇଷ୍ଟ ଦେବୀ କାମଦା ବା ଅମ୍ବିକାଙ୍କ ମନ୍ଦିରରେ ।

ମା' କାମଦାଙ୍କ ମତରେ ଅହିରାବଣର ମୃତ୍ୟୁଭେଦ ରହିଥିଲା ପାଞ୍ଚଟି ଦୀପର ଶିଖାରେ । ଭିନ୍ନ ଭିନ୍ନ ଦିଗରେ ଜଳୁଥିବା ସେହି ପଞ୍ଚଦୀପର ଶିଖାକୁ ଏକାଥରକେ ଫୁଙ୍କି ଲିଭାଇ ଦେଲେ ହିଁ ଅହିରାବଣ ମୃତ୍ୟୁବରଣ କରିବ ବୋଲି ଦେବୀ କାମଦା (ଅମ୍ବିକା) ଅହିରାବଣକୁ ବର ଦେଇଥିଲେ । ଏ କଥା ଶୁଣିବା ପରେ, ହନୁମାନ ପଞ୍ଚମୁଖ ରୂପ ଧାରଣ କରଥିଲେ ।

ପାଞ୍ଚୋଟିଯାକ ଦିଗରେ ଜଳୁଥିବା ପାଞ୍ଚୋଟି ଦୀପକୁ ଲିଭାଇବା ପାଇଁ ପଞ୍ଚମୁଖୀ ରୂପ ହେଲେ ମହାବୀର ହନୁମାନ । ଉତ୍ତର ଦିଗରେ ବରାହ, ଦକ୍ଷିଣରେ ନରସିଂହ, ପଶ୍ଚିମରେ ଗରୁଡ଼, ପୂର୍ବରେ ବାନର ଓ ଉର୍ଦ୍ଧ ଦିଗରେ ହୟଗ୍ରୀବ ମୁଖ ଧାରଣ କରି ସମସ୍ତ ଦୀପକୁ ଏକା ସମୟରେ ଲିଭାଇବା ଫଳରେ ଅହିରାବଣର ମୃତ୍ୟୁ ପରେ ହନୁମାନ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଉଦ୍ଧାର କରିଥିଲେ । ପୁରୁଷୋତ୍ତମ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କ ଜୀବନ ରକ୍ଷା କରି, ମହାବୀର ହନୁମାନ ହୋଇଗଲେ ବିପଦଭଞ୍ଜନ ।

ଏହି ବିପଦଭଞ୍ଜନ ମହାବୀର ପ୍ରତ୍ୟକ୍ଷ ଭାବରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଖଳାର ସୁରକ୍ଷା ଦାୟିତ୍ୱରେ ଅଛନ୍ତି । ନିର୍ମାଲ୍ୟ ଶୁଖୁଥିବା ବେଳେ ମହାବୀର ନିଜର ପଞ୍ଚମୁଖ ଦ୍ୱାର ଚଉଦିଗ ସହ ଉର୍ଦ୍ଧ୍ୱଭାଗକୁ ମଧ୍ୟ ତୀକ୍ଷ୍ଣ ଦୃଷ୍ଟି ରଖନ୍ତି ପକ୍ଷୀ ବା ମର୍କଟଙ୍କ ଉପଦ୍ରବରୁ ରକ୍ଷା କରିବା ପାଇଁ ।

ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ବିରାଜମାନ କରୁଥିବା ଶ୍ରୀମହାବୀରଙ୍କର ଏହା କେତୋଟି ନମୂନା ମାତ୍ର । ଆହୁରି ଅନେକ ମନ୍ଦିର ସହ ପୁରୀ ସହରର ଅଧିକାଂଶ ମଠ, ଜାଗା ଆଖେଡ଼ା ମାନଙ୍କରେ ମହାବୀରଙ୍କୁ ଇଷ୍ଟ ଆକାରରେ ପ୍ରତିଷ୍ଠା କରି ବ୍ୟାୟାମ କୁସ୍ତି କସରତ କରିଆସୁଥିବାର ପରମ୍ପରା ଅତ୍ୟନ୍ତ ପ୍ରାଚୀନ । ପବିତ୍ର ମହାବୀର ଜୟନ୍ତୀ ଉପଲକ୍ଷେ ବିଭିନ୍ନ ଜାଗା, ଆଖେଡ଼ା ମାନଙ୍କରେ ବ୍ୟାୟାମର ଶୁଭାରମ୍ଭ ହୁଏ । କେତେକ ଜାଗା ଆଖେଡ଼ା ଅନୁଷ୍ଠାନମାନଙ୍କରେ ମହାବୀରଙ୍କୁ ନାଗା ବେଶରେ ଭୂଷିତ କରାଯାଏ । ଏହି ଜାଗା, ଆଖେଡ଼ା ଏକ ପରମ୍ପରାରେ ପରିଣତ ହୋଇ ଯାଇଅଛି ।

ଶ୍ରୀକ୍ଷେତ୍ର ଠାରୁ ୧୦ କିଲୋମିଟର ଦୂରରେ ମଧ୍ୟ ଶିରୁଳି ମହାବୀର ମନ୍ଦିର ଅତ୍ୟନ୍ତ ପ୍ରସିଦ୍ଧ ତୀର୍ଥସ୍ଥାନ ଭାବେ ପରିଗଣିତ ହୁଏ । ତାହା ଏକ ସ୍ୱତନ୍ତ୍ର ଉପସ୍ଥାପନାର ମାନ୍ୟତା ରଖେ । ଶ୍ରୀକ୍ଷେତ୍ରରେ ବର୍ଗୀ ହନୁମାନ ଓ ଉଡ଼ନ୍ତା ହନୁମାନ ଭଳି ଆହୁରି ଅନେକ ପ୍ରସିଦ୍ଧ ମନ୍ଦିର ପ୍ରତିଷ୍ଠିତ ।

ଶ୍ରୀହନୁମାନ ବଳବିକ୍ରମର ପ୍ରେରଣାଦାତା ଭାବରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ସାରିଛନ୍ତି । ଭାରତ ସରକାର ଶ୍ରୀମହାବୀରଙ୍କର ବଳବିକ୍ରମର ଅତୁଳନୀୟତା ହେତୁ ସର୍ବୋତ୍କୃଷ୍ଟ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ନିମନ୍ତେ ମହାବୀର ଚକ୍ର ଉପାଧି ପ୍ରଦାନ କରିଥାନ୍ତି । ମହାଭାରତ ଯୁଦ୍ଧ ସମୟରେ ହନୁମାନ ଯେପରି ନିଜ ପରାକ୍ରମ କାରଣରୁ ଅର୍ଜୁନଙ୍କ ରଥ ଧ୍ୱଜାରେ ଅବସ୍ଥାନ କରିଥିଲେ ଠିକ୍ ସେହିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଧ୍ୱଜାରେ ମଧ୍ୟ ସେ ଅବସ୍ଥାନ କରିଥାନ୍ତି । ଏହିଭଳି ଭଗବାନ ଓ ଭକ୍ତ ଏକତ୍ର ପୂଜକ ହୋଇ ଏକ ବିରଳ ପରମ୍ପରା ସୃଷ୍ଟି କରିପାରିଛନ୍ତି ତାହା ସବୁ ଦୃଷ୍ଟିରୁ ଅନନ୍ୟ ।


ସହାୟକ ଗ୍ରନ୍ଥସୂଚୀ :

୧. ଜଗନ୍ନାଥ ଜ୍ଞାନକୋଷ - ଡ଼ ଭାସ୍କର ମିଶ୍ର

୨. ସମୟ ସ୍ରୋତରେ ଶ୍ରୀକ୍ଷେତ୍ର - ଡ଼ ବିବୁଧରଂଜନ

୩. ଅତ୍ୟୁଲ୍ୟ ଶ୍ରୀଜଗନ୍ନାଥ ସଂକଳନର - ଡ଼ ସୁଷମା ମିଶ୍ର, ଡ଼ ଗୁରୁପ୍ରସାଦ ମହାପାତ୍ର, ଦେବୀ ପ୍ରସନ୍ନ ନନ୍ଦ ଓ ଶ୍ରୀକାନ୍ତ ମହାନ୍ତି

୪. ଶ୍ରୀଜଗନ୍ନାଥ ଓ ଶ୍ରୀହନୁମାନ - ତୁଳସୀ ଓଝା


HIGHLAND
A Highland Group Entity
HIGHLAND
Highland Ajisen
Highland Ajisen
Highland Oishii
Highland Oishii
Highland De La Mer Pvt. Ltd,
founded and promoted by
Mr. Pratik Jena is making a mark in
the export market of frozen shrimp
with good and world class
quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in

ପ୍ରସଙ୍ଗ-୪

# ଗହଣ ବିଜେର ଗରିମା



# ଗଜପତି ମହାରାଜଙ୍କ 'ଗହଣ ବିଜେ'


**ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ**

କୃପାସିନ୍ଧୁ ମଣ୍ଡପ, ନିଆଳି, କଟକ-୭୫୪୦୦୪
ଫୋନ:୯୪୩୭୭୩୦୦୪୩୬


ଫଟୋ ସୌଜନ୍ୟ: ଗୁଗୁଲ

**ଉତ୍କଳୀୟ ପରମ୍ପରାରେ ସ୍ୱୟଂ ଗଜପତି ହେଉଛନ୍ତି ମହାପ୍ରଭୁଙ୍କର ଆଦ୍ୟ ସେବକ । ଶ୍ରୀଜଗନ୍ନାଥ ହେଉଛନ୍ତି ତାଙ୍କର ରାଜା । 'ଗହଣ ବିଜେ' ଏଇ ସେବକ ଭାବରେ ଏକ ଦୁର୍ଲ୍ଲଭ ନିଦର୍ଶନ । ଏହାର ବିଶେଷତ୍ୱ ହେଉଛି କେବଳ ଗଜପତି ମହାରାଜା ନୁହନ୍ତି, ତାଙ୍କ ସହିତ ମହାରାଣୀ ମଧ୍ୟ ଏହି ବିଶେଷ ନୀତି ଦ୍ୱାରା ଆଦ୍ୟ ସେବିକା ରୂପେ ସ୍ୱୀକୃତ ଓ ସମ୍ମାନିତ ହୋଇଥାଆନ୍ତି ।**



◄ ଲେଖିକା ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ

"ଆଗେ ଚାଲେ ବଳଭଦ୍ର ମଧ୍ୟେ ଚାନ୍ଦମୁହାଁରେ
ପରେ ଆସୁଛି କାଳିଆ ଗହଣ ଲଗାଇରେ ।"

ଭକ୍ତକବି ସାଲବେଗଙ୍କର ଲୋକପ୍ରିୟ ଭଜନ ମଧ୍ୟରୁ ଏଇଟି ଗୋଟିଏ । ଅବଶ୍ୟ ଅନେକ ଗାୟକ ଏହି ପଦର 'ଗହଣ ଲଗାଇ'କୁ 'ଗହଳ ଲଗାଇ' ବୋଲି ଗାଇଥାଆନ୍ତି । କିନ୍ତୁ 'ଗହଣ ଲଗାଇ'ର ଅର୍ଥ ଦୃଷ୍ଟିରୁ ଏହା ହିଁ ଯଥାର୍ଥ ମନେହୁଏ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଅନୁସାରେ, ଏହାର ଅର୍ଥ "ସଦଳବଳ ହେବା, ଯାତ୍ରା କରିବା ପାଇଁ ବହୁ ଲୋକଙ୍କ ସହିତ ଯିବା; ଶୋଭାଯାତ୍ରା କରିବା ଇତ୍ୟାଦି ।" ଏଣୁ ଏହାକୁ ଶ୍ରୀଜଗନ୍ନାଥଙ୍କର 'ଗହଣ ବିଜେ' ବୋଲି ମଧ୍ୟ କୁହାଯାଇ ପାରିବ ।

କେବଳ ଯେ ଶ୍ରୀଜଗନ୍ନାଥ ତାଙ୍କର ସ୍ନାନଯାତ୍ରା ଓ ଶ୍ରୀଗୁଣ୍ଡିଚା ଯାତ୍ରାରେ ଏପରି ଗହଣବିଜେରେ ଶ୍ରୀମନ୍ଦିରରୁ ଆସନ୍ତି ଓ ଶ୍ରୀମନ୍ଦିରକୁ ଯାଆନ୍ତି ତାହା ନୁହେଁ; 'ଚଳନ୍ତି ବିଷ୍ଣୁ'ରୂପେ କଥିତ, ତାଙ୍କର ଆଦ୍ୟ ସେବକ ଗଜପତି ମହାରାଜାଙ୍କ ବଂଶ ପରମ୍ପରାରେ ମଧ୍ୟ ଏହି ଗହଣବିଜେ ପ୍ରଥା ଅଛି । ଏହା ଶ୍ରୀଜଗନ୍ନାଥ ମନ୍ଦିରର ଏକ ଭିନ୍ନ ଓ ଅନନ୍ୟ ବିଧାନ ।

'ଗହଣ ବିଜେ' ଗଜପତି ମହାରାଜାଙ୍କ ଦ୍ୱାରା ସଂପନ୍ନ ହେଉଥିବା ଏକ ସ୍ୱତନ୍ତ୍ର ଓ ପାରମ୍ପରିକ ବିଧାନ- ଯାହାକୁ ତାଙ୍କର ରାଜନୀତି ଅନ୍ତର୍ଗତ ସେବା ରୂପେ ଅଭିହିତ କରାଯାଇଥାଏ ।

ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଶବ୍ଦତତ୍ତ୍ୱବୋଧ ଅଭିଧାନ'ରେ 'ଗହଣ' ଶବ୍ଦର ଅର୍ଥ 'ସଙ୍ଗ'ବୋଲି କୁହାଯାଇଛି । ତାଙ୍କ ମତରେ ଏହା ହେଉଛି 'ଗହନ' ଶବ୍ଦର ଏକ ପ୍ରାକୃତ ଶବ୍ଦ । ସମାଜ ବା ଲୋକସମୂହର ସହାର୍ଥକୁ 'ଗହଣ' ରୂପେ ମଧ୍ୟ ସେଥିରେ ବ୍ୟାଖ୍ୟା କରାଯାଇଛି ।

ଶ୍ରୀମନ୍ଦିର ପରିଭାଷାରେ, 'ଗହଣ'ର ଅର୍ଥ ହେଉଛି ମହାରାଜା, ମହାରାଣୀ, ଦାସୀ, ପରିଚାରିକା ଓ ଆତ୍ମୀୟସ୍ୱଜନ, ବନ୍ଧୁ ଆଦିଙ୍କ ଗହଣରେ ଶ୍ରୀମନ୍ଦିରକୁ ବିଜେକରି ମହାପ୍ରଭୁଙ୍କର ଦର୍ଶନ ଓ ସେବା ପୂଜା କରିବା ।

ବିଶେଷ ଭାବରେ ଏହା ମହାରାଣୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ସ୍ୱତନ୍ତ୍ର ସେବା । ଏହା ହେଉଛି ଶ୍ରୀଜଗନ୍ନାଥଙ୍କର 'ସେବିକା' ଭାବରେ ମହାରାଣୀ ବିଧିମତେ ସ୍ୱୀକୃତା ହେବାର ଏକ ପାରମ୍ପରିକ ଓ ପାବନ ପ୍ରଥା । ଏହିଦିନ ଶ୍ରୀଜଗନ୍ନାଥଙ୍କୁ ଶ୍ରୀମନ୍ଦିରର ରତ୍ନବେଦୀରେ ସେ ପ୍ରଥମକରି ଦର୍ଶନ କରିଥାଆନ୍ତି ଏବଂ ବିଧିବଦ୍ଧ ଭାବରେ ତାଙ୍କ ମଥାରେ ଶାଢ଼ି ବନ୍ଧାଯାଇ ତାଙ୍କୁ ପ୍ରଭୁଙ୍କର ସେବିକା ରୂପେ ସ୍ୱୀକୃତି ଦିଆଯାଏ । ଶ୍ରୀମନ୍ଦିରରେ ରତ୍ନବେଦୀ ଠାରେ ନିଜେ ଗଜପତି ମହାରାଜା ବିଧିବଦ୍ଧ ଭାବରେ ତାଙ୍କ ମଥାରେ ଶାଢ଼ିବାନ୍ଧି ଏହାର ଶୁଭାରମ୍ଭ କରାଇଥାଆନ୍ତି । ଏହାପରେ ମହାରାଣୀ ଶ୍ରୀଜଗନ୍ନାଥଙ୍କର ଆଳତି, ବନ୍ଦାପନା ଓ ଚାମର ସେବା ଆଦି କରି ନିଜକୁ ଧନ୍ୟ ମନେ କରନ୍ତି ।

'ପୁରୀବୋଲି' ପୁସ୍ତକରେ ଶ୍ରୀମନ୍ଦିରର ପୁରୋହିତ ସେବକ ତଥା ବିଶିଷ୍ଟ ଗବେଷକ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର ଏ ସମ୍ପର୍କରେ କହିଛନ୍ତି- 'ଗହଣ ବିଜେ' ହେଉଛି ରାଣୀଙ୍କର ଆନୁଷ୍ଠାନିକ ଶ୍ରୀଜଗନ୍ନାଥ ଦର୍ଶନ । ରାଜା ମେହେନାରେ, ରାଣୀ, ରାଜଗୁରୁଆଣୀ, ପୋଇଲି, ପରିବାରୀ ଆଦି ସବାରୀରେ ସିଂହଦ୍ୱାର ଦେଇ ବିଜେ କରନ୍ତି । ମେହେନା, ସବାରୀ ଆଦି କଳ୍ପବଟ ମୂଳେ ରଖାଯାଏ । ଦେଉଳ ଶୋଧ ହୁଏ । ମୁଦିରଥ ରାଣୀଙ୍କ ପାଖରେ ରହି ସେବା କରାନ୍ତି । ଜଗନ୍ନାଥ ଓ ସୁଭଦ୍ରାଙ୍କ ବାଡ଼ରେ ରାଣୀ ସେବା କରନ୍ତି । ସେତେବେଳେ ବଳଭଦ୍ରଙ୍କ ପାଖରେ ଏକ ବାଡ଼ ଦିଆଯାଏ । ଗହଣ ବିଜେ ଏକ ବ୍ୟୟବହୁଳ, ଆଡ଼ମ୍ବରପୂର୍ଣ୍ଣ ବ୍ୟାପାର । ସେଥିରେ ଯେଉଁମାନେ ସାଥୀରେ ଯାଆନ୍ତି ସେମାନଙ୍କୁ ଯଥାଯୋଗ୍ୟ ବସ୍ତ୍ର, ସବୁ ନିଯୋଗକୁ ପାଉଣା ଓ ମହାପ୍ରସାଦ ଦେବାକୁ ହୁଏ ।"

କିନ୍ତୁ ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ଏବଂ ଶ୍ରୀନଅର ଓ ଶ୍ରୀମନ୍ଦିର ସହ ସଂପୃକ୍ତ କରଣସେବକ ଶ୍ୟାମସୁନ୍ଦର ଚ୍ୟାଉ ପଟ୍ଟନାୟକ ପ୍ରମୁଖଙ୍କ ସୂଚନା ଅନୁସାରେ, ମହାରାଣୀଙ୍କର ଏହି ସେବା କାଳରେ ଶ୍ରୀବଳଭଦ୍ରଙ୍କ ପାଖରେ କୌଣସି ବାଡ଼ ଦିଆଯାଇ ନଥାଏ । ଅର୍ଥାତ୍ ତିନିଟି ଯାକ ବାଡ଼ରେ ରାଣୀ ସେବାପୂଜା କରିଥାନ୍ତି ।

ଶ୍ରୀମନ୍ଦିର ସ୍ୱତ୍ୱଲିପିରେ 'ଗହଣ ବିଜେ' ସମ୍ପର୍କରେ ବିଶଦ ଭାବରେ ଉଲ୍ଲେଖ ନାହିଁ । ସମ୍ଭବତଃ ଏହା ଏକ ସାମୟିକ ନୀତି ହୋଇଥିବାରୁ ଏ ବାବଦରେ ବିଶେଷ ଉଲ୍ଲେଖ କରାଯାଇ ନାହିଁ । ସ୍ୱତ୍ୱଲିପିରେ ଗଜପତି ମହାରାଜାଙ୍କ ପ୍ରସଙ୍ଗରେ ଉଲ୍ଲେଖ ଅଛି, "ଏ ମନ୍ଦିରକୁ ପାଲିଙ୍କିରେ ବାଜା ଓ କାହାଳି ସହ ଯାଇ ପାରିବେ । ସେପରି ଗଲେ ତାଙ୍କ ପାଲିଙ୍କି ସିଂହଦ୍ୱାର ବେଢ଼ାରେ ରହେ ଓ କରଣ, ପରିଛା ସେବକମାନେ ତାହାଙ୍କୁ ଭିତରକୁ ପାଛୋଟି ନିଅନ୍ତି । ବାଜା ଓ କାହାଳି ତାଙ୍କ ସହିତ ଭିତରକୁ ଯିବ । ପରିଚ୍ଛା ସୁନାବେତ ଧରି ପାଖରେ ଥିବେ । ଏହାଙ୍କ ରାଣୀ ଏହାଙ୍କ ସହ ମନ୍ଦିରକୁ ବିଜେ କଲେ ତାହାଙ୍କ ସବାରୀ ଭିତର ବଟ ଯାଏଁ ଯିବ ଓ ମନ୍ଦିର ପୂରା ଶୋଧ ହାଇ ଭିତର ବାହାର ବେଢ଼ା ଖାଲି ହୋଇ, କରଣ କର୍ମଚାରୀ ରୋଷ ଆଡ଼େ ରହି, କେବଳ ମୁଦିରସ୍ତ



ଭେଟ ଆମ ମାଟିର ସ୍ୱର



ତାହାଙ୍କ ସହ ରହି ଦର୍ଶନ କରାଏ । ଏହାକୁ ଗହଣ ବିଜେ କୁହାଯାଏ । ଗହଣ ବିଜେରେ ରାଜା ଥାଆନ୍ତି ଓ ଦାସୀ ମଧ୍ୟ ଯାଆନ୍ତି ।”

ନିର୍ଦ୍ଦିଷ୍ଟ ଭାବରେ ଶ୍ରୀମନ୍ଦିରରେ କେବେଠାରୁ ଏହି ଗହଣ ବିଜେ ପରମ୍ପରା ଅନୁସୃତ ହୋଇ ଆସୁଛି, ସେ ସମ୍ପର୍କରେ ଐତିହାସିକ ତଥ୍ୟ ମିଳେ ନାହିଁ । ତେବେ ପ୍ରାପ୍ତ ତଥ୍ୟ ଅନୁସାରେ, ୧୮୫୯ ମସିହାରେ ଗଜପତି ମହାରାଜା ବୀରକେଶରୀ ଦେବ ଓ ମହାରାଣୀ ସୂର୍ଯ୍ୟମଣି ପାଟ ମହାଦେଈ, ୧୯୩୩ ମସିହା ସେପ୍ଟେମ୍ବର ମାସ ୧୮ ତାରିଖରେ ଗଜପତି ମହାରାଜା ରାମଚନ୍ଦ୍ର ଦେବ ଓ ମହାରାଣୀ ଚନ୍ଦ୍ରମଣି ପାଟ ମହାଦେଈ ଓ ୧୯୬୬ ମସିହା ଅକ୍ଟୋବର ୨୬ ତାରିଖରେ ମହାରାଜା ବୀରକେଶରୀ ଦେବ ଓ ମହାରାଣୀ ସୂର୍ଯ୍ୟମଣି ପାଟ ମହାଦେଈ ଶ୍ରୀମନ୍ଦିରକୁ ଗହଣ ବିଜେ କରିଥିଲେ ।

ଗଜପତି ମହାରାଜା ଓ ମହାରାଣୀଙ୍କର ଶୁଭ ପରିଣୟ ଅନୁଷ୍ଠିତ ହେବା ପରେ, ଯେକୌଣସି ସମୟରେ ମଧ୍ୟ ଏହି ପରମ୍ପରା ଅନୁଷ୍ଠିତ ହେବାର ବିଧି ରହିଛି । ଶ୍ରୀମନ୍ଦିରର ବିଧାନ ଅନୁସାରେ କେବଳ ଗହଣ ବିଜେରେ ମହାରାଣୀ ପ୍ରଥମ କରି ଶ୍ରୀମନ୍ଦିର ପ୍ରବେଶ କରିଥାଆନ୍ତି ଏବଂ ସେଠାରେ ଶାଢ଼ିବନ୍ଧା ନୀତି ସଂପନ୍ନ ହେବା ପରେ ହିଁ ସେ ସେବିକା ରୂପେ ସ୍ୱୀକୃତି ପାଆନ୍ତି ।

ଗଜପତି ମହାରାଜା ବୀରକେଶରୀ ଦେବ ଓ ମହାରାଣୀ ସୂର୍ଯ୍ୟମଣି ପାଟ ମହାଦେଈଙ୍କ ଗହଣ ବିଜେ ସଂପର୍କରେ ବିଶିଷ୍ଟ ଲେଖକ ଜଗନ୍ନାଥ ପ୍ରସାଦ ଦାସଙ୍କ ‘ଦେଶ କାଳ ପାତ୍ର’ ପୁସ୍ତକରେ ରୋଚକ ବର୍ଣ୍ଣନା ଅଛି । ସେହି ବର୍ଣ୍ଣନା ଅନୁସାରେ ଏହା ୧୮୫୯ ମସିହାର କଥା । ସେତେବେଳକୁ ଗଜପତି ମହାରାଜା ବୀରକେଶରୀ ଦେବ ଯକ୍ଷ୍ମା ଆଦି ଗୁରୁତର ବ୍ୟାଧିରେ ପୀଡ଼ିତ ହୋଇ ମୁମୂର୍ଷୁ ଥିଲେ । ତାଙ୍କର ଚିକିତ୍ସା କରୁଥିବା କବିରାଜ ତାଙ୍କର ଶେଷ ଅବସ୍ଥା ଉପଗତ ବୋଲି ସୂଚାଇବା ପରେ ସେହି ଗହଣ ବିଜେର ବ୍ୟବସ୍ଥା କରାଯାଇଥିଲା । ମହାରାଜା ମୁର୍ମୂଷୁ ଥିବାରୁ ମହାରାଣୀ ସୂର୍ଯ୍ୟମଣି ପାଟ ମହାଦେଈ ଏହି ଗହଣ ବିଜେର ବନ୍ଦୋବସ୍ତ କରିଥିଲେ । ‘ଦେଶ କାଳ ପାତ୍ର’ର ବର୍ଣ୍ଣନା ଅନୁସାରେ, “ରାଜାଙ୍କୁ ମନ୍ଦିର ନେଇଯିବା ସାଧାରଣ କଥା ନଥିଲା । କାରଣ ଏଥିପାଇଁ ଅନେକ ନିର୍ଦ୍ଦିଷ୍ଟ ନୀତିନିୟମ ଥିଲା । ରାଜା ମନ୍ଦିରକୁ ଗଲେ ମନ୍ଦିରକୁ ଖାଲି କରିବାକୁ ହେଉଥିଲା ।” ଏ ପ୍ରସଙ୍ଗରେ ସୂଚନାଯୋଗ୍ୟ ଯେ ଏହି ‘ମନ୍ଦିର ଖାଲି କରିବା’କୁ ଶ୍ରୀମନ୍ଦିର ଭାଷାରେ ‘ଶୋଧ’ କୁହାଯାଏ । ଏଥିରେ ଶ୍ରୀମନ୍ଦିରକୁ ସଂପୂର୍ଣ୍ଣ ଭାବରେ ଭକ୍ତଶୂନ୍ୟ ଓ ସେବକଶୂନ୍ୟ କରାଯାଏ ।

ଜଗନ୍ନାଥ ପ୍ରସାଦ ଦାସ ‘ଦେଶ କାଳପାତ୍ର’ରେ ଆହୁରି ମଧ୍ୟ ଲେଖିଛନ୍ତି, “ସମସ୍ତଙ୍କୁ ଖବର ଦିଆଯିବା ପରେ ବୀରକେଶରୀ ଓ ସୂର୍ଯ୍ୟମଣି ଦୁଇଟି ଅଲଗା ପାଲିଙ୍କିରେ ଛତା, ଘଣ୍ଟ, କାହାଳୀ ଗହଣରେ ମନ୍ଦିରକୁ ବାହାରିଲେ । ସିଂହଦ୍ୱାର ପାଖରେ ମୁଦିରଥ ଓ ପରିଛା ଛିଡ଼ା ହୋଇଥିଲେ । ରାଣୀଙ୍କ ପାଲିଙ୍କି କଳ୍ପବଟ ପର୍ଯ୍ୟନ୍ତ ଗଲା, କିନ୍ତୁ ବୀରକେଶରୀଙ୍କୁ ସିଂହଦ୍ୱାର ପାଖରୁ ଦୋଳାରେ ନିଆଗଲା... । ତେବେ ବୀରକେଶରୀ ଜଗନ୍ନାଥ ଦର୍ଶନର ଶେଷ ପର୍ବ ରତ୍ନବେଦି ପରିକ୍ରମା କରିପାରିଲେ ନାହିଁ । ରାଜାଙ୍କ ମନ୍ଦିର ଯିବା ଖବର ଏତେବେଳକୁ ସହରରେ କିଛି କିଛି ବ୍ୟାପି ଯାଇଥିଲା । ଯଦିଓ ଶୀତଦିନ ରାତିରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିଲା ଓ ଅଧିକାଂଶ ଲୋକେ ଶୋଇ ଯାଇଥିଲେ, ରାଜାଙ୍କ ଫେରିବା ରାସ୍ତାରେ କିଛି ଘରର ବାରଣ୍ଡାରେ ପୂର୍ଣ୍ଣ କୁମ୍ଭ ରଖା ଯାଇଥିଲା ଓ ଦୀପ ଜଳୁଥିଲା । ଏସବୁ କିନ୍ତୁ ବୀରକେଶରୀଙ୍କର ସଂପୂର୍ଣ୍ଣ ଅଜ୍ଞାତ ଥିଲା, କାରଣ ସେ ପାଲିଙ୍କି ଭିତରେ ଅଚେତନ ପଡ଼ି ରହିଥିଲେ ।”

ଏଥିରୁ ଜଣାଯାଏ, ଗହଣ ବିଜେ ପରମ୍ପରା ରାଜବଂଶ ପାଇଁ, ବିଶେଷକରି ମହାରାଣୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଧାନ । କାରଣ, ଏହି ନୀତିରେ ହିଁ ମହାରାଣୀ ‘ସେବିକା’ ରୂପେ ମାନ୍ୟତା ପାଆନ୍ତି । ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ୧୯୫୯ରେ ଏହି ଗହଣ ବିଜେର ଦୀର୍ଘ ୧୪୮ ବର୍ଷ ପରେ, ୨୦୦୭ ମସିହା ଏପ୍ରିଲ ମାସ ୮ ତାରିଖରେ ବର୍ତ୍ତମାନର ଗଜପତି ମହରାଜା ଦିବ୍ୟସିଂହଦେବ ଶ୍ରୀମନ୍ଦିରକୁ ଗହଣ ବିଜେ କରିଥିଲେ ଏବଂ ସେହିଦନ ଠାରୁ ମହାରାଣୀ ଲୀଳାବତୀ ପାଟ ମହାଦେଈ ଶ୍ରୀଜଗନ୍ନାଥଙ୍କର ସେବିକା ହେବାର ସୌଭାଗ୍ୟ ଲାଭ କରିଥିଲେ । ୧୮୫୯ ଓ ୨୦୦୭ ମଧ୍ୟରେ ଆଉ ଦୁଇଟି ଗହଣ ବିଜେ ହୋଇଥିବା ବାବଦରେ ମଧ୍ୟ ଇତିହାସରୁ ତଥ୍ୟ ମିଳେ । ଶ୍ରୀମନ୍ଦିରର ଚଢ଼ାଉକରଣ ସେବକଙ୍କ ସୂଚନା ଅନୁସାରେ, ୧୯୩୩ ମସିହା ସେପ୍ଟେମ୍ବର ମାସ ୧୮ ତାରିଖରେ ଗଜପତି ମହାରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ଏକ ଗହଣ ବିଜେ ଅନୁଷ୍ଠିତ ହୋଇଥିଲା । ମହାରାଣୀ ଚନ୍ଦ୍ରମଣି ପାଟ ମହାଦେଈ ଓ ଅନ୍ୟମାନେ ଏହି ଗହଣ ବିଜେର ଅନ୍ତର୍ଭୁକ୍ତ ଥିଲେ । ମହାରାଜା ଓ ମହରାଣୀ ଶ୍ରୀମନ୍ଦିରର ଗର୍ଭଗୃହ ମଧ୍ୟକୁ ଯାଇ ରତ୍ନସିଂହାସନରେ ମହାପ୍ରଭୁଙ୍କୁ ଦର୍ଶନ ଓ ଆଳତି ବନ୍ଦାପନା କରିଥିଲେ । ସେହିପରି ୧୯୬୬ ମସିହା ଅକ୍ଟୋବର ମାସ ୨୬ ତାରିଖ ଦିନ ଆଉ ଏକ ଗହଣ ବିଜେ ଅନୁଷ୍ଠିତ ହୋଇଥିଲା । ସେତେବେଳେ ଗଜପତି ମହାରାଜା ଥିଲେ ବୀରକିଶୋର ଦେବ ଏବଂ ମହାରାଣୀ ଥିଲେ ସୂର୍ଯ୍ୟମଣି ପାଟ ମହାଦେଈ । ଏହି ଗହଣ ବିଜେ ଶୋଭାଯାତ୍ରାର ବିବରଣୀରୁ ଜଣାଯାଏ ଯେ ଏଥିରେ ଶ୍ରୀନଅରରୁ ମହାରାଜା ଓ ମହାରାଣୀଙ୍କ ସହିତ ଅନ୍ୟ ରାଜବଂଶୀୟମାନଙ୍କୁ ନେଇ ଅନେକଗୁଡ଼ିଏ ସବାରି ଯାଇଥିଲା ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ଓଡ଼ିଶାର ଏହି ରାଜବଂଶୀୟ ପରମ୍ପରାରେ ଗଜପତି ମହାରାଜାଙ୍କୁ ଯଥାକ୍ରମେ ଦିବ୍ୟସିଂହଦେବ, ମୁକୁନ୍ଦଦେବ, ରାମଚନ୍ଦ୍ର

ଦେବ ଓ ବୀରକିଶୋର ଦେବ ଏବଂ ମହାରଣୀଙ୍କୁ ଲୀଳାବତୀ ପାଟ ମହାଦେଈ, ପଦ୍ମାବତୀ ପାଟ ମହାଦେଈ, ଚନ୍ଦ୍ରମଣି ପାଟ ମହାଦେଈ ଓ ସୂର୍ଯ୍ୟମଣି ପାଟମହାଦେଈ ଭାବରେ ନାମିତ କରାଯାଏ । ପାରମ୍ପରିକ ଭାବରେ, କ୍ରମ ଅନୁସାରେ ଏହା ପରିବର୍ତ୍ତିତ ଓ ଆବର୍ତ୍ତିତ ହୋଇ ଚାଲେ । ଏହି ପ୍ରଥା ଅନୁସାରେ ବର୍ତ୍ତମାନର ଗଜପତି ମହାରାଜାଙ୍କ ବାଲ୍ୟନାମ ବଡ଼ଜେନାମଣି କାମାର୍ଣ୍ଣବ ଦେବ ଓ ମହାରାଣୀଙ୍କ ନାମ ବିନୀତା ଦେବୀ ହୋଇଥିଲେ ହେଁ ପରିବର୍ତ୍ତିତ ରାଜ ପରମ୍ପରାଗତ ନାମ ହେଉଛି ଶ୍ରୀ ଦିବ୍ୟସିଂହ ଦେବ ଓ ମହାରାଣୀ ଲୀଳାବତୀ ପାଟ ମହାଦେଈ ।



ଆଦ୍ୟ ସେବକ ଭାବରେ ଗଜପତି ମହାରାଜାଙ୍କର ପାରମ୍ପରିକ ସେବା ମଧ୍ୟରେ ଥାଏ ରଥଯାତ୍ରା ଓ ବାହୁଡ଼ାଯାତ୍ରାର ସେବା, ସ୍ନାନବେଦୀ ଓ ଦୋଳବେଦୀ ସେବା ଓ ଚନ୍ଦନଯାତ୍ରା ଆଦିର ବିଶେଷ ନୀତି । ଏଗୁଡ଼ିକ ରାଜନୀତି ସେବାର ଅନ୍ତର୍ଭୁକ୍ତ । ସେହିପରି ନବକଳେବରରେ ମଧ୍ୟ ଗଜପତି ମହାରାଜାଙ୍କର ସ୍ୱତନ୍ତ୍ର ସେବା ଥାଏ । କେବଳ ଗହଣ ବିଜେରେ ମହାରାଜାଙ୍କ ସହିତ ମହାରାଣୀ ରହି ପାରମ୍ପରିକ ବିଧିବିଧାନ ଓ ପୂଜାର୍ଚ୍ଚନା ସଂପନ୍ନ କରନ୍ତି । କିନ୍ତୁ ଅନ୍ୟ ରାଜନୀତି ସେବାଗୁଡ଼ିକ ମହାରାଜା ସ୍ୱୟଂ ସଂପନ୍ନ କରିଥାଆନ୍ତି ଏବଂ ମହାରାଜାଙ୍କ ଅନୁପସ୍ଥିତିରେ ମୁଦିରସ୍ତ ତାହା ତୁଲେଇଥାନ୍ତି ।

ଅନ୍ୟ ସମସ୍ତ ପାମମ୍ପରିକ ରୀତିନୀତି ପରି ଗହଣବିଜେ ପାଇଁ ମଧ୍ୟ ଶ୍ରୀମନ୍ଦିରରେ ନିର୍ଦ୍ଦିଷ୍ଟ ବିଧିବିଧାନ ରହିଛି । ବର୍ତ୍ତମାନର ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ଓ ମହାରାଣୀ ଲୀଳାବତୀ ପାଟ ମହାଦେଈଙ୍କ ଗହଣ ବିଜେ ବ୍ୟବସ୍ଥାରୁ ଏହାର ବିଶଦ ବିବରଣୀ ମିଳେ । ୨୦୦୭ ମସିହାର ହି ଗହଣ ବିଜେ ସମୟରେ ଶ୍ରୀଜଗନ୍ନାଥ ମନ୍ଦିରର ଉପ ପ୍ରଶାସକ ଥିବା ଡକ୍ଟର ଭାସ୍କର ମିଶ୍ର ଶ୍ରୀମନ୍ଦିର ପ୍ରଶାସନ ସୂତ୍ରରୁ ତାହାର ବିବରଣୀ 'ଗଜପତି ମହାରାଜାଙ୍କ ଗହଣ ବିଜେ ପରମ୍ପରା' ପୁସ୍ତିକାରେ ଦେଇଛନ୍ତି । ବିବାହର ତିରିଶ ବର୍ଷ ପରେ ଏଥିପାଇଁ ଆଗ୍ରହ ପ୍ରକାଶ କରି ଗଜପତି ମହାରାଜା ଏହି ବିଶେଷ ନୀତି ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଜଣାଇବା ପରେ, ୨୦୦୭ ମସିହା ମାର୍ଚ୍ଚ ୨୪ ତରିଖ ସନ୍ଧ୍ୟାରେ ଶ୍ରୀନଅର ଠାରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୪୧ବର୍ଷ ବ୍ୟବଧାନରେ ଗହଣ ବିଜେ ନୀତି ହେବାକୁ ଥିବାରୁ ଗଜପତି ମହାରାଜ ସେହି ବୈଠକରେ ଏହାର ପାରମ୍ପରିକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ । ଶ୍ରୀମନ୍ଦିରର ପରମ୍ପରା ଅନୁସାରେ ଏହି ଗହଣବିଜେ ଏପ୍ରିଲ ୮ ତାରିଖ ଦିନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏବଂ ଶ୍ରମନ୍ଦିରର ସମସ୍ତ ସେବକ ଏଥିରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ ।

ସେହି ବୈଠକରେ ଗଜପତି ମହାରାଜା ଦେଇଥିବା ସୂଚନା ଅନୁସାରେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏପ୍ରିଲ ୮ ତାରିଖର ମଧ୍ୟାହ୍ନ ଧୂପ ପରେ, ଶୁଭବେଳା ଦୃଷ୍ଟିରୁ ଅପରାହ୍ନ ୪ଟା ସମୟରେ ଗହଣ ବିଜେ ପାଇଁ ସମୟ ଧାର୍ଯ୍ୟ କରା ଯାଇଥିଲା । ଏହାର ଅବଧି ପ୍ରାୟ ଦୁଇଘଣ୍ଟା ହୋଇଥିବାରୁ ସେହି ଅନୁସାରେ ସେଦିନର ନୀତି ନିର୍ଘଣ୍ଟ ସ୍ଥିର କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା । ତଦନୁସାରେ, ବୈଠକ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଢ଼ାଉକରଣ, ଦେଉଳକରଣ, ଶ୍ରୀମନ୍ଦିର ଗାରଦ ଓ ନୀତି ଉପବିଭାଗର ମିଳିତ ସହଯୋଗରେ ଏକ ବିସ୍ତୃତ ବ୍ୟବସ୍ଥାବଳୀ ଓ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା ।



ତେବେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ସେହି ବ୍ୟବସ୍ଥାବଳୀ ଏବଂ ଶ୍ରୀନଅର ସହିତ ସଂପୃକ୍ତ ବେହେରାକରଣ ସେବକ ଶ୍ୟାମସୁନ୍ଦର ଚ୍ୟାଉ ପଟ୍ଟନାୟକଙ୍କ ସୂତ୍ରରୁ ପ୍ରାପ୍ତ ତଥ୍ୟ ଅନୁସାରେ, ଗହଣ ବିଜେର ବ୍ୟବସ୍ଥା ଏହିପରି-

ମହାପ୍ରଭୁଙ୍କ ସକାଳ ନୀତି ଓ ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହୁଏ ଗହଣବିଜେ



ନୀତି । ସକାଳ ନୀତି ଓ ମଧ୍ୟାହ୍ନ ଧୂପ ନୀତି ଯଥାଯଥ ଭାବରେ ସଂପନ୍ନ କରି ଗହଣ ବିଜେ ନୀତିରେ ସହଯୋଗ କରିବା ପାଇଁ ସେଦିନର ସମସ୍ତ ସେବକଙ୍କୁ ପୂର୍ବରୁ ଅବଗତ କରାଯାଇଥାଏ ।

ମଧ୍ୟାହ୍ନଧୂପ ସଂପନ୍ନ ହେବା ପରେ, ମନ୍ଦିର ଶୋଧ ଆରମ୍ଭ ହୁଏ । ଏଥି ନିମନ୍ତେ ଏକ ଶୋଧଦଳ ଗଠନ କରାଯାଇଥାଏ । ଏହି ଶୋଧଦଳର ସେବକମାନେ ମୁଖ୍ୟ ମନ୍ଦିରର କୂର୍ମବେଢ଼ା ସ୍ଥିତ ସମସ୍ତ ମନ୍ଦିର, ଗର୍ଭଗୃହ ପରିସର ଓ ବାଇଶିପାହାଚ ଆଦି 'ଶୋଧ' କରିଥାନ୍ତି; ଅର୍ଥାତ୍ ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ଭାବରେ ଭକ୍ତଶୂନ୍ୟ ଓ ସେବକଶୂନ୍ୟ କରାଯାଏ । ଏଥିରେ ଶ୍ରୀମନ୍ଦିରର ସମସ୍ତ ଦ୍ୱାର ବନ୍ଦ ରଖାଯାଏ । କେବଳ ଅଳ୍ପ ସଂଖ୍ୟକ ସେବକ ଓ କର୍ମଚାରୀମାନଙ୍କୁ ଆବଶ୍ୟକ ସ୍ଥଳେ ସିଂହଦ୍ୱାର ଦକ୍ଷିଣ ଦ୍ୱାର ଓ ପଶ୍ଚିମ ଦ୍ୱାର ଦେଇ ଭିତରକୁ ଛଡ଼ାଯାଏ ।

ଯେ ପର୍ଯ୍ୟନ୍ତ ମହାରାଜା ଓ ମହାରାଣୀ ବିଜେ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସିଂହଦ୍ୱାର ଓ ଏହାସହିତ କୂର୍ମବେଢ଼ାକୁ ଆସିଥିବା ସମସ୍ତ ପଥର ରୁଦ୍ଧ ରହେ ।

କୂର୍ମବେଢ଼ା ଶୋଧ ହେବା ପରେ ବେଢ଼ା ମଧ୍ୟସ୍ଥ ସମସ୍ତ ଦେବଦେବୀ ମନ୍ଦିର ଓ ଗୃହ ଆଦିକୁ ବନ୍ଦ କରି ସଂପୃକ୍ତ ସେବକମାନେ ଚାବି ନେଇଯାଆନ୍ତି ।

ସେହିପରି ଶୋଧ ପରେ ଶ୍ରୀବଟ ଗଣେଶ, ଶ୍ରୀବାଟମଙ୍ଗଳା, ଶ୍ରୀସତ୍ୟନାରାୟଣ, ମା ବିମଳା, ମା' ଭୁବନେଶ୍ୱରୀ ଓ ମହାଲକ୍ଷ୍ମୀ ଆଦି ସମସ୍ତ ଦେବଦେବୀଙ୍କ ମନ୍ଦିରକୁ ତାଲା ପକେଇ ଦିଆଯାଏ । ବେଢ଼ା ମଧ୍ୟକୁ ଯେପରି କେହି ପ୍ରବେଶ ନକରନ୍ତି ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଏ । ମନ୍ଦିରର ପୋଲିସ୍ କର୍ମଚାରୀ ଓ ପ୍ରତିହାରୀ ସେବକମାନେ ଏହି କାର୍ଯ୍ୟ ଦାୟିତ୍ୱର ସହିତ ତୁଲେଇ ଥାଆନ୍ତି ।

ଏକ ବର୍ଣ୍ଣାଢ଼୍ୟ ପରିବେଶରେ ମହାରାଣୀ, ଦାସୀ, ପରିଚାରିକା, ପରିବାରବର୍ଗ ଓ ବନ୍ଧୁସ୍ୱଜନଙ୍କ ସହିତ ପଟୁଆରରେ ଶ୍ରୀମନ୍ଦିରକୁ ବିଜେ ହେବା ଲାଗି ଶ୍ରୀନଅରରୁ ମହାରାଜା ବାହାରିଥାନ୍ତି । ମହାରାଜା ତାମଯାନରେ ଓ ମହାରାଣୀ ସବାରୀରେ ବିଜେ କରନ୍ତି । ମହାରାଣୀଙ୍କ ସବାରୀ ଚାରିପଟରୁ ପର୍ଦ୍ଦା ଦ୍ୱାରା ଆବୃତଥାଏ । ଏହି ପଟୁଆରେ ରାଣୀଙ୍କ ସହଯୋଗୀ ଭାବରେ ଥାଆନ୍ତି ଜଣେ ସଧବା ବ୍ରାହ୍ମଣୀ ଏବଂ ବାରରୁ ଚଉଦ ବର୍ଷ ବୟସର ଜଣେ ବାଳକ ମୁଦିରସ୍ତ ।

ମହାରାଜା ଓ ମହାରାଣୀଙ୍କୁ ଛାଡ଼ି ଅନ୍ୟାନ୍ୟ ପରିବାରବର୍ଗ ସବାରୀ କିମ୍ବା ମୋଟର ଯାନରେ ଯିବାରେ କୌଣସି ବାଧା ନଥାଏ । ଶ୍ରୀନଅର ଓ ଶ୍ରୀମନ୍ଦିରର ବଜନ୍ତ୍ରୀମାନଙ୍କର ବାଦ୍ୟ ତାନ ମଧ୍ୟରେ ପଟୁଆର ଅଗ୍ରସର ହୁଏ । ପଟୁଆର ସହିତ ଚାଲି ଥାଆନ୍ତି କାହାଳିଆ, ଛତାର, ତରାସ ଆଦିର ସେବକମାନେ । ପଟୁଆର ସିଂହଦ୍ୱାରରେ ପହଞ୍ଚିଲା ପରେ ସେଠାରେ ମଧ୍ୟ ସ୍ୱାଗତ ଲାଗି ଅପେକ୍ଷା କରିଥାନ୍ତି ବଜନ୍ତ୍ରୀମାନେ । କେବଳ ମହାରାଣୀଙ୍କ ସବାରୀକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ସବାରୀ ବା ଯାନ ଆଦି ସିଂହଦ୍ୱାର ପାଖରେ ଅଟକି ରହେ ।

ତାମଯାନରୁ ଅବତରଣ କରି ମହାରାଜା ବିଜେ କରନ୍ତି ଶ୍ରୀମନ୍ଦିର ମଧ୍ୟକୁ । ତାଙ୍କ ସାଙ୍ଗରେ ଥାଆନ୍ତି ପରିବାରବର୍ଗ ଓ ରାଜଗୁରୁ, ମୁଦିରସ୍ତ, ଚଢ଼ାଉକରଣ, ଦେଉଳକରଣ, ବେହେରାକରଣ, ଶ୍ରୀମନ୍ଦିର ପ୍ରତିହାରୀ ଆଦି ନିର୍ଦ୍ଦିଷ୍ଟ ସେବକମାନେ ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯିବା ସମୟରେ ଗଜପତି ମହାରାଜା ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବାର ବିଧି ଥିଲେ ହେଁ ଶ୍ରୀଜଗନ୍ନାଥଙ୍କର ସେବା ବା ରାଜନୀତି ପାଇଁ ଯିବା ବେଳେ ସେ ସିଂହଦ୍ୱାର ଦେଇ ଯିବା ହେଉଛି ବିଧି । ଏଣୁ ଏହି ଗହଣବିଜେରେ ଗଜପତି ମହାରାଜାଙ୍କ ସହିତ ଅନ୍ୟମାନେ ସିଂହଦ୍ୱାର ଦେଇ ହିଁ ଶ୍ରୀମନ୍ଦିର ପ୍ରବେଶ କରିଥାଆନ୍ତି । ଏହି ଦୁଇ ନୀତିର ପୋଷାକ, ପରିଚ୍ଛଦ ଭିନ୍ନ ଭିନ୍ନ ହାଇଥାଏ ।

ଶ୍ରୀମନ୍ଦିରରେ ପ୍ରବେଶ କଲା ପରେ ଶୋଧ ଦଳ ମହାରାଜାଙ୍କ ହାତରେ ଚାବିଗୁଡ଼ିକ ସମର୍ପି ଦେଇ ଥାଆନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି- ଗଜପତି ମହାରାଜା ଯେହେତୁ ଶ୍ରୀଜଗନ୍ନାଥଙ୍କର ଆଦ୍ୟସେବକ ଏବଂ ପାରମ୍ପରିକ ଭାବରେ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟକର୍ତ୍ତା- ସେ ଦୃଷ୍ଟିରୁ ସମଗ୍ର ମନ୍ଦିର ଉପରେ ତାଙ୍କର କର୍ତ୍ତୃତ୍ୱ ରହିବା ଅବଧାରିତ । ତେଣୁ ଗହଣ ବିଜେ ସମୟରେ ସମଗ୍ର ମନ୍ଦିରର କର୍ତ୍ତୃତ୍ୱ ସୂଚକ ବିଧାନ ଭାବରେ ଚାବିଗୁଡ଼ିକୁ ତାଙ୍କୁ ସମର୍ପି ଦିଆଯାଏ । ଏହା ପରେ ପାଳିଆ ଖୁଣ୍ଟିଆ ମେକାପଙ୍କ ଠାରୁ ଗଜପତି ମହାରାଜା ଶ୍ରୀଅଙ୍ଗ ମଣତି ନେଇଥାଆନ୍ତି ।

ବିଜେ କାହାଳୀ ବାଜିବା ପରେ କେବଳ ବାଳକ ମୁଦିରସ୍ତ ଓ ସଧବା ବ୍ରାହ୍ମଣୀଙ୍କୁ ଛାଡ଼ିଦେଲେ ଅନ୍ୟସମସ୍ତ ସେବାୟତ ଦକ୍ଷିଣ ଦ୍ୱାରର ଉପର ଗୁମୁଟର ବହାର ପଟକୁ ଚାଲିଯାଆନ୍ତି । ତାହାପରେ ଗଜପତି ମହାରାଜ ଓ ମହାରଣୀ ବିଜେ ହୁଅନ୍ତି ମହାପ୍ରଭୁଙ୍କ ନିକଟକୁ ।

ଏହି ବିଶେଷ ରାଜନୀତି ସେବା ପାଇଁ ପୂର୍ବରୁ ରତ୍ନସିଂହାସନ ତଳେ ବିଭିନ୍ନ ପୂଜା ସାମଗ୍ରୀ ପ୍ରସ୍ତୁତ କରି ରଖା ଯାଇଥାଏ । ସେଥି ମଧ୍ୟରେ ଥାଏ- ସୁନା ଦାନି, ରୂପା ଦାନି, ରୂପା ଥାଳିରେ ଫୁଲ,


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

ଆଳତି କାଠି, ବଳିତା, କର୍ପୂର, ସୁନା ଆଲଟ ଓ ଚାମର, ଚନ୍ଦନ, ଜଳ ଇତ୍ୟାଦି ।

ଏହି ଗହଣବିଜେ ନୀତି ଅବସରରେ, ଶ୍ରୀଜୀଉଙ୍କ ସମ୍ମୁଖରେ ମହାରାଣୀଙ୍କ ମସ୍ତକରେ ଗଜପତି ମହାରାଜା ଖଣ୍ଡୁଆ ପାଟଶାଢ଼ି ବାନ୍ଧିଥାଆନ୍ତି । ଏହା ଫଳରେ ମହାରାଣୀ ପ୍ରଭୁଙ୍କର ସେବିକା ରୂପେ ସ୍ୱୀକୃତ ହୁଅନ୍ତି । ଏହି ପାଟଶାଢ଼ି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଚାଙ୍ଗଡ଼ା ଘରୁ ଯୋଗାଇ ଦିଆଯାଇଥାଏ । ମହାରାଜା ଏବଂ ସମସ୍ତ ପିବାର ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ମହାରାଣୀ ମହାପ୍ରଭୁଙ୍କର ନିରାଜନା କରନ୍ତି । ଏହି ଆଳତି ଓ ଅର୍ଚ୍ଚନାର ସମସ୍ତ ଉପାଦାନ ଗୋଟି ଗୋଟି କରି ମୁଦିରସ୍ତ ମହାରାଣୀଙ୍କ ହାତକୁ ବଢ଼ାଇ ଦିଅନ୍ତି । ହସ୍ତ ଧୌତ ପାଇଁ ଜଳ ଦିଅନ୍ତି ସଧବା ବ୍ରାହ୍ମଣୀ । ଆଦ୍ୟ ସେବିକା ଭାବରେ ମହାରାଣୀ ଏହିପରି ଭାବରେ ପ୍ରଥମ କରି ମହାପ୍ରଭୁଙ୍କ ଆଳତି ଓ ନିରାଜନା କରନ୍ତି । ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ରାଜନୀତି ସେବା କାଳରେ ମହାରାଜା ପ୍ରଭୁଙ୍କ ପାଖରେ ଯେଉଁପରି ଭାବରେ ପୂଜାର୍ଚ୍ଚନା କରିଥାନ୍ତି, ଗହଣବିଜେରେ ମହାରାଣୀ ମଧ୍ୟ ଅନୁରୂପ ଭାବରେ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ପ୍ରାପ୍ତ ହୁଅନ୍ତି ।

ପୂଜାର୍ଚ୍ଚନାର ସମାପନ ପରେ ରତ୍ନସିଂହାସନ ପରିକ୍ରମା କରି ମହାରାଜା ଓ ମହାରାଣୀ ଶ୍ରୀଜୀଉଙ୍କୁ ପ୍ରଣାମପୂର୍ବକ ପ୍ରଣାମୀ ପ୍ରଦାନ କରିଥାନ୍ତି । ଏହାପରେ ଭଣ୍ଡାରଗୃହକୁ ଆସି ଭଣ୍ଡାରରକ୍ଷକ ଶ୍ରୀଲୋକନାଥଙ୍କୁ ଦର୍ଶନ କରିବା ସହ ମୁକ୍ତିମଣ୍ଡପ ନିକଟସ୍ଥ ନୃସିଂହ ମନ୍ଦିର, ମା' ବିମଳାଙ୍କ ମନ୍ଦିର, ଦେବୀ ସତ୍ୟଭାମା (ଭୁବନେଶ୍ୱରୀ) ଓ ଦେବୀ ଲକ୍ଷ୍ମୀଙ୍କ ମନ୍ଦିରରେ ଦେବ, ଦେବୀମାନଙ୍କୁ ଦର୍ଶନ ଓ ପ୍ରଣାମପୂର୍ବକ ବେଢ଼ା ପରିକ୍ରମା କରି, ପରିଶେଷରେ କୀର୍ତ୍ତନ ଚକଡ଼ାକୁ ଆସିଥାନ୍ତି । ସେହିଠାରୁ ଶ୍ରୀନୀଳଚକ୍ରଙ୍କୁ ଦର୍ଶନ କରି ପୁନଶ୍ଚ ଶ୍ରୀବଟଗଣେଶଙ୍କ ନିକଟକୁ ଫେରିଯାନ୍ତି ଏବଂ ମହାରାଣୀ ସବାରୀରେ ଉପବେଶନ କରି ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ହୁଅନ୍ତି ।

ଏହି ଗହଣ ବିଜେ ନୀତିର ସମାପନ ପରେ ମହାରାଜା ତାଙ୍କୁ ଦିଆ ଯାଇଥିବା ଚାବିଗୁଡ଼ିକ ଫେରାଇ ଦିଅନ୍ତି ଏବଂ ଦର୍ଶନ ନିମନ୍ତେ ମନ୍ଦିରଗୁଡ଼ିକୁ ଖୋଲି ଦିଆଯାଏ ।

ଏହାପରେ ପୁନଶ୍ଚ ବାଦ୍ୟ, ପଟୁଆର ସହିତ ସବାରୀରେ ବସି ମହାରାଣୀ ଏବଂ ସିଂହଦ୍ୱାରର ଅରୁଣ ଚକଡ଼ା ଠାରୁ ତାମ୍‌ଜାନ୍‌ରେ ବସି ଗଜପତି ମହାରାଜା, ବନ୍ଧୁବର୍ଗଙ୍କ ମେଳରେ ଶ୍ରୀନଅରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

ଏହିପରି ଭାବରେ ୨୦୦୭ ମସିହା ଏପ୍ରିଲ ୮ ତାରିଖ, ବୈଶାଖ କୃଷ୍ଣପକ୍ଷ ଅଷ୍ଟମୀ, ମୀନ ୨୫ଦିନ ଗଜପତି ମହାରାଜା ଓ ମହାରାଣୀଙ୍କର ପାରମ୍ପରିକ ଗହଣ ବିଜେ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୪୧ବର୍ଷ ପରେ ଏହି ବିଶେଷ ନୀତିର ଆନୁଷ୍ଠାନିକ ଉତ୍ସବ ନେଇ ଶ୍ରୀନଅର ଓ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଏକ ଆନନ୍ଦପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା । ପୁରୀ ସହ ଚଳଚଞ୍ଚଳ ହୋଇଉଠିଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ମହାରାଜାଙ୍କର ବନ୍ଧୁବର୍ଗ ତଥା ଆତ୍ମୀୟସ୍ୱଜନ ଏହି ଉତ୍ସବକୁ ପ୍ରତ୍ୟକ୍ଷ କରିବା ଲାଗି ଏବଂ ଏଥିରେ ଅଂଶଗ୍ରହଣ କରିବା ଲାଗି ଶ୍ରୀନଅରକୁ ଆସିଥିଲେ । ଏହି ଦିନଟି ଯେପରି ମହାରାଜା, ମହାରାଣୀ ତଥା ଉପସ୍ଥିତ ସମସ୍ତଙ୍କ ପାଇଁ ଥିଲା ଏକ ସ୍ୱତନ୍ତ୍ର ଉତ୍ସବର ତଥା ଭିନ୍ନ ଏକ ଅନୁଭବର ଦିନ ।

ସେଦିନ ଗଜପତି ମହାରାଜାଙ୍କ ଗହଣରେ ଉପସ୍ଥିତ ଥିବା ଅନ୍ୟାନ୍ୟ ରାଜ ପରିବାର ତଥା ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ବିଶିଷ୍ଟ ରାଜବଂଶୀୟ ସଦସ୍ୟମାନେ ଥିଲେ । ସେମାନଙ୍କ ମଧ୍ୟରୁ ପ୍ରମୁଖମାନେ ହେଲେ-

ମହାରାଜଙ୍କ ବଡ଼ ଯୁବରାଣୀ ଓ ଜ୍ୱାଇଁ ଦାନ୍ତା ରାଜକୁମାରୀ ରିଦ୍ଧିରାଜ ସିଂ, କୁମାର ସାହେବ ଓ କୁମାର ରାଣୀ ସାହେବା, ପୁରୀ; ମଝି କୁମାରୀ ମଣିମା, ସାନ ମଝି କୁମାରୀ ମଣିମା; ଥାଟ ରାଜା ସାହେବ ଓ ଥାଟରାଣୀ ସାହେବା, ପୁରୀ ଓ ସ୍ୱର୍ଗତ ଥାଟରାଜ ସାହେବା (ପୁରୀ)ଙ୍କର କନିଷ୍ଠାକନ୍ୟା ଓ ଜାମାତା ।

ଏମାନଙ୍କ ସହିତ ଯେଉଁ ଅନ୍ୟ ରାଜବଂଶୀୟମାନ ଥିଲେ, ସେମାନେ ହେଲେ-

ଯୁବରାଜ ଜଗଦାନନ୍ଦ ପ୍ରସାଦ ସିଂହଦେଓ-ପଶ୍ଚିମବଙ୍ଗ ପୁରୁଲିଆ

ରାଜା କନକବର୍ଦ୍ଧନ ସିଂହଦେଓ-ପାଟଣାଗଡ଼ ମହାରାଣୀ ରାଧିକେଶ୍ୱରୀ ସିଂହଦେଓ- ଗରଓ୍ୱାଲ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଯାଇଛନ୍ତି ।



ଗହଣ ବିଜେ ପରେ ଏଥି ପାଇଁ ଆଉ କିଛି ବାଧା ନିଷେଧ ନଥାଏ ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ଶ୍ରୀମନ୍ଦିରର ପରମ୍ପରାରେ ଗଜପତି ମହାରାଜା ଓ ମହାରାଣୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଗହଣ ବିଜେ ପରି, ନେପାଳ ରାଜଦମ୍ପତିଙ୍କର ମଧ୍ୟ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ସେବା ପୂଜାର ଅଧିକାର ରହିଛି ।

ଶ୍ରୀମନ୍ଦିରରେ ପ୍ରଚଳିତ ପରମ୍ପରା ଅନୁସାରେ, ନେପାଳର ରାଜା ଓ ରାଣୀଙ୍କର ଏହି ସ୍ୱତନ୍ତ୍ର ନୀତିରେ, ଗହଣ ବିଜେ ପରି ଶ୍ରୀମନ୍ଦିରକୁ ଶୋଧ କରାଯାଏ ଏବଂ ନେପାଳ ରାଜାଙ୍କ ପରମ୍ପରା ଅନୁଯାୟୀ ଏକ ସ୍ୱତନ୍ତ୍ର ପାଲିଙ୍କିରେ ବିଜେ କରାଯାଇ ଘଣ୍ଟ, କାହାଳୀ, ଛତ୍ର, ତରାସ ଆଦି ସହ ପଟୁଆରରେ ଶ୍ରୀମନ୍ଦିରକୁ ନିଆଯାଏ । ଗହଣ ବିଜେରେ ଗଜପତି ମହାରାଜା ଓ ମହାରାଣୀ ମହାପ୍ରଭୁଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ପରି, ନେପାଳ ରାଜଦମ୍ପତି ମଧ୍ୟ ଶ୍ରୀଜୀଉଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥାନ୍ତି । ଏହି ପୂଜାବିଧିକୁ ଗୁପ୍ତ ସେବା ଭାବରେ ଗଣା ଯାଉଥିବାରୁ ସେତେବେଳେ ମଧ୍ୟ ଶ୍ରୀମନ୍ଦିର ଶୋଧର ବ୍ୟବସ୍ଥା କରା ଯାଇଥାଏ । ତେବେ, ନେପାଳ ରାଜଦମ୍ପତିଙ୍କର ଏହି ସେବାପୂଜା ସମୟରେ ଶ୍ରୀମନ୍ଦିରର ଗର୍ଭଗୃହରେ କେବଳ ନିର୍ଦ୍ଦିଷ୍ଟ ସେବକ ରହନ୍ତି । ସେମାନଙ୍କ ମଧ୍ୟରେ ପ୍ରତିହାରୀ, ପୁଷ୍ପାଳକ, ଖୁଣ୍ଟିଆ, ମେକାପ, ସୁଆରବଡୁ ଏବଂ ନେପାଳ ରାଜବଂଶର ପୈତୃକ ସେବକ ଲାଲମୋହରିଆ ପଣ୍ଡା ପ୍ରମୁଖ ଉପସ୍ଥିତ ରହନ୍ତି ।

ନେପାଳ ସହିତ ଶ୍ରୀମନ୍ଦିରର ଏହି ସଂପର୍କ ବହୁ ପୁରାତନ ବୋଲି ବିଭିନ୍ନ ଶାସ୍ତ୍ର, ଗ୍ରନ୍ଥ, ଶିଳାଲେଖ ଆଦିରୁ ଜଣାଯାଏ । ନେପାଳ ନରେଶ ଜ୍ଞାନେନ୍ଦ୍ର ବୀର

ବିକ୍ରମ ଶାହା ଓ ରାଣୀ କୋମଳ ରାଜଲକ୍ଷ୍ମୀଙ୍କ ଶ୍ରୀମନ୍ଦିର ଆଗମନ ସମୟରେ, 'ଶତାବ୍ଦୀ' ପତ୍ରିକାର ୨୦୦୩ ଏପ୍ରିଲ ସଂଖ୍ୟାରେ ଅସିତ ମହାନ୍ତିଙ୍କ ଦ୍ୱାରା ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଆଲେଖ୍ୟ ପ୍ରକାଶ ପାଇଥିଲା । ସେଥିରେ ନେପାଳ ରାଜବଂଶ ସହିତ ନୀଳାଚଳର ପାରମ୍ପରିକ, ପାବନ ସଂପର୍କର ଚିତ୍ର ବର୍ଣ୍ଣିତ । ତାହାର ଉଲ୍ଲେଖ ଅନୁସାରେ, 'ମୁଦଲସିନ୍ଧି' ନାମକ ଏକ ପ୍ରାଚୀନ ତାଳପତ୍ର ପୋଥିରୁ ଜଣାପଡ଼େ ଯେ ନେପାଳର ରାଜା ଶଙ୍କରଦେବଙ୍କ ରାଜତ୍ୱ କାଳରେ, ପ୍ରଥମେ ଯଯାତି କେଶରୀ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଦ୍ୱିତୀୟବାର ନିର୍ମାଣ କରି ଶ୍ରୀବିଗ୍ରହମାନଙ୍କୁ ସେଥିରେ ସଂସ୍ଥାପନ କରିଥିଲେ । ବିଗ୍ରହମାନଙ୍କର ଏହି ପୁନଃସଂସ୍ଥାପନ ସମୟରେ ବିଷ୍ଣୁଶିଳା ବା ଶାଳଗ୍ରାମର ପ୍ରୟୋଜନ ହୋଇଥିଲା । ତେଣୁ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଭାରତୀ ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତିଙ୍କୁ ନେପାଳ ପଠା ଯାଇଥିଲା । ନେପାଳର ତତ୍କାଳୀନ ଅଧିପତି ଶ୍ରୀଶଙ୍କରଦେବ ଶ୍ରୀବିଗ୍ରହମାନଙ୍କ ନିମନ୍ତେ ଭାରତୀ ଆଚାର୍ଯ୍ୟଙ୍କୁ ଦୁର୍ଲ୍ଲଭ ବିଷ୍ଣୁଶିଳା ଅର୍ପଣ କରିଥିଲେ । ସେହି ଶିଳା ସାଧାରଣ ବିଷ୍ଣୁଶିଳା ନଥିଲା । ତାହା ଥିଲା ସୁବର୍ଣ୍ଣ ଗର୍ଭ କୁଣ୍ଡଳିନୀ ଚିହ୍ନିତ ଉଭୟମୁଖୀ (ସଂକର୍ଷଣ ଓ ବସୁଦେବ) ବିଷ୍ଣୁଶିଳା । କେହିକେହି ବିଶ୍ୱାସ ମଧ୍ୟ କରନ୍ତି ଯେ ଶ୍ରୀବିଗ୍ରହମାନଙ୍କ ନାଭିବ୍ରହ୍ମରେ ଯେଉଁ ଦୁର୍ଲ୍ଲଭ ପଦାର୍ଥ ରହିଛି, ତାହା ହେଉଛ ଏହି ଜୀବନ୍ତ ବିଷ୍ଣୁଶିଳା ।

କେବଳ ଏତିକି ନୁହେଁ, ଅନେକ ସମୟରେ ଶ୍ରୀଜୀଉମାନଙ୍କ ନିମନ୍ତେ ନେପାଳ ନରେଶ ଦୁର୍ମୂଲ୍ୟ ମୃଗନାଭି କସ୍ତୁରୀ ମଧ୍ୟ ପ୍ରେରଣ କରିଥାନ୍ତି । ଏହି ପାରମ୍ପରିକ ଓ ଆଧ୍ୟାତ୍ମିକ ସଂପର୍କ ସୂତ୍ର ନେପାଳ ଓ ନୀଳଚଳକୁ ଯେଉଁ ଅତୁଟ ବନ୍ଧନରେ ବାନ୍ଧିଦେଇଛି, ତାହାର ନିଦର୍ଶନ ହେଉଛି ଶ୍ରୀମନ୍ଦିରରେ ନେପାଳ ନରେଶଙ୍କର ସ୍ୱତନ୍ତ୍ର ସେବା ପୂଜାର ଅଧିକାର । ତଥ୍ୟାନୁସାରେ ବିଭିନ୍ନ ସମୟରେ ନେପାଳ ମହାରାଜା, ମହାରାଣୀ, ଯୁବରାଜ ଏବଂ ରାଜପରିଷଦର ଉଚ୍ଚ ପଦାଧିକାରୀମାନେ ଆସି ଶ୍ରୀବିଗ୍ରହମାନଙ୍କୁ ଦର୍ଶନ ପୂର୍ବକ ସ୍ୱର୍ଣ୍ଣ, ରୌପ୍ୟ ଆଦି ଅନେକ ଦୁର୍ଲ୍ଲଭ ସାମଗ୍ରୀ ସମର୍ପଣ କରିଛନ୍ତି । ଅନ୍ୟାନ୍ୟ ତଥ୍ୟରୁ ସୂଚିତ ଯେ ଅତୀତରେ କେଶରୀ ରାଜବଂଶ ସହ ନେପାଳ ରାଜବଂଶର ବୈବାହିକ ସଂପର୍କ ସ୍ଥାପିତ ହୋଇଥିଲା । ତାହା ପର ଠାରୁ ନେପାଳ ରାଜବଂଶ ଶ୍ରୀମନ୍ଦିରରେ ଏହି ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଅଧିକାରୀ ପାଇଛନ୍ତି ।

ତେବେ ଉତ୍କଳର ଗଜପତି ମହାରାଜାଙ୍କ ପାଇଁ ଶ୍ରୀଜଗନ୍ନାଥ କେବଳ ମାତ୍ର ଉପାସିତ ଦେବା ନୁହଁନ୍ତି ।

ରାଣୀସାହେବା ସୁନୟନା ସିଂହଦେଓ- ରାଜନୀଳଗିରି ମହାରାଜା ଅନଙ୍ଗ ଉଦୟ ସିଂହଦେଓ- ବଲାଙ୍ଗୀର ମହରାଜା ସାହେବ,ମହାରାଣୀ ସାହେବା ଓ ଯୁବରାଣୀ ସାହେବା- କଳାହାଣ୍ଡି

ପଟାୟତ ରାଣୀ ସାହେବା-ବାମଣ୍ଡା

ରାଜା ସାହେବ ଓ ରାଣୀ ସାହେବା-ଖଣ୍ଡପଡ଼ା କୁମାର ରାଣୀ ସାହେବା-ପାରଳାଖେମୁଣ୍ଡି, ମହାରାଜା ଓ ମହାରାଣୀ ସାହେବା-ଦାନ୍ତା (ରାଜସ୍ଥାନ) ରାଜମାତା ସାହେବା, କରାଓଲି,

ମହାରାଣୀ ସାହେବା ଓ ରାଜଜେମା-ଜୟପୁର ମହାରାଜା ସାହେବ, ମହାରାଣୀ ସାହେବ ଓ ଜେମାମଣି-କିଶନଗଡ଼

ଏମାନଙ୍କ ସହି ରାଜ ପରିବାରର ଆହୁରି ଅନେକ ସଦସ୍ୟ ସଦସ୍ୟା ମଧ୍ୟ ଗହଣ ବିଜେ ପଟୁଆରରେ ଯୋଗ ଦେଇଥିଲେ ।

ଏହି ଗହଣବିଜେର ସେବାୟତମାନଙ୍କ ମଧ୍ୟରେ ଥିଲେ ଲୋକନାଥ ମୁଦିରସ୍ତ (୧୨ବର୍ଷ) ବେହେରା ଖୁଣ୍ଟିଆ ଚିନ୍ତାମଣି ଖୁଣ୍ଟିଆ, ବେହେରା କରଣ ଶ୍ୟାମସୁନ୍ଦର ଚ୍ୟାଉ ପଟ୍ଟନାୟକ ଏବଂ ରମେଶ ଚନ୍ଦ୍ର ରାଜଗୁରୁ ଓ ପ୍ରମୋଦଚନ୍ଦ୍ର ରାଜଗୁରୁ ପ୍ରମୁଖ ।

ସବୁ ପ୍ରତ୍ୟକ୍ଷଦର୍ଶୀଙ୍କ ପାଇଁ ତାହା ଥିଲା ଏକ ଅବିସ୍ମରଣୀୟ ଅନୁଭୂତି ।

ତେବେ ବୈବାହିକ ଜୀବନର ଦୀର୍ଘ ତିରିଶ ବର୍ଷ ପର୍ଯ୍ୟନ୍ତ ଏହି ବିରଳ ଅନୁଭୂତିର ଆନନ୍ଦ ଆସ୍ୱାଦନ ନିମିତ୍ତ କାହିଁକି ଆଗ୍ରହ ପ୍ରକାଶ କରିନଥିଲେ ଗଜପତି ମହାରାଜା ଓ ମହାଣାରୀ ସାହେବା ?

ଏହାର ଉତ୍ତରରେ ଗଜପତି ମହାରାଜା ଶ୍ରୀଦିବ୍ୟସିଂହଦେବ କୁହନ୍ତି, "ସମ୍ଭବତଃ ଆମର ପୂର୍ବଜଙ୍କ ସମୟ ଓ ବର୍ତ୍ତମାନର ସମୟରେ ଅନେକ ପାର୍ଥକ୍ୟ ରହିଛି । ପୂର୍ବରୁ ରାଜବଂଶ ଶ୍ରୀମନ୍ଦିର ପ୍ରଶାସନର ଦାୟିତ୍ୱ ନିର୍ବାହ କରୁଥିଲେ । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଭିନ୍ନ । ଏବେ ପରମ୍ପରାକୁ ଆନୁଷ୍ଠାନିକ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନଙ୍କ ସହିତ ଆଲୋଚନା କରିବାକୁ ପଡୁଛି । ଏହା ବ୍ୟତୀତ ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଶ୍ରୀମନ୍ଦିରକୁ ଯାତ୍ରୀମାନଙ୍କ ସଂଖ୍ୟା ମଧ୍ୟ ବହୁ ଗୁଣରେ ବୃଦ୍ଧି ପାଇଛି । ଏଣୁ ଇଚ୍ଛା କରିଥିଲେ ମଧ୍ୟ ଏହି ଗହଣ ବିଜେ ନୀତି ବିଭିନ୍ନ ଦୃଷ୍ଟିରୁ ପୂର୍ବରୁ ଅନୁଷ୍ଠିତ ହୋଇପାରି ନଥିଲା । କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିରୁ ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି- ଠାକୁରଙ୍କ ଇଚ୍ଛା । ସେ ଯେତେବେଳେ ଇଚ୍ଛା କଲେ, ସେତେବେଳେ ହିଁ ଗହଣ ବିଜେ ନୀତି ସଂପନ୍ନ ହେଲା ।

ଏହା ନିଃନ୍ଦେହ ଯେ ୨୦୦୭ ମସିହା ଏପ୍ରିଲ ୮ ତାରିଖ ଦିନଟି ଥିଲା ମହାରାଣୀ ଲୀଳାବତୀ ପାଟ ମହାଦେଇଙ୍କ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଦିବସ । କାରଣ ସେହିଦିନ ହିଁ ଗଜପତି ମହାରାଜା ତାଙ୍କ ମସ୍ତକରେ ଶାଢ଼ି ବାନ୍ଧିବା ପରେ ସେ ପାଇଥିଲେ ମହାପ୍ରଭୁଙ୍କ ସେବା କରିବାର ଅଧିକାର । ଗଜପତି ମହାରାଜାଙ୍କ କହିବା ଅନୁସାରେ, "ଏହି ଶାଢ଼ିବନ୍ଧା ନୀତିଟି ହିଁ ମୁଖ୍ୟ, ଯାହା ତାଙ୍କୁ ସେବିକାର ପଦମର୍ଯ୍ୟାଦା ପ୍ରଦାନ କରିଥାଏ । ସେବାନୀତିରେ ନିଜର ଭୂମିକା ନିର୍ବାହ କଲାବେଳେ ଗଜପତି ଓ ରାଣୀସାହେବାଙ୍କ ପଦମର୍ଯ୍ୟାଦାରେ କୌଣସି ନୀତିଗତ ପାର୍ଥକ୍ୟ ନଥାଏ । ଗଜପତିଙ୍କ ପାଇଁ ମଧ୍ୟ ଏହି ଶାଢ଼ିବନ୍ଧା ବଧିର ପ୍ରଚଳନ ରହିଛି । ବ୍ରତୋତ୍ସବ ପରେ ରାଜଗୁରୁ (ବଡ଼ ପରିଛା) ଗଜପତିଙ୍କ ମସ୍ତକରେ ଶାଢ଼ି ବାନ୍ଧିଥାନ୍ତି । ଏହାପରେ ଗଜପତି ସେବକ ହେବାର ଯୋଗ୍ୟତା ଲାଭ କରନ୍ତି । ତେବେ ରାଜପରମ୍ପରାରେ ପର୍ଦ୍ଦାପ୍ରଥା ପ୍ରଚଳିତ ଥିବାରୁ ମହାରାଣୀ ଅନ୍ୟାନ୍ୟ ବାହ୍ୟସେବା ନୀତିରେ ଯୋଗଦେଇ ପାରନ୍ତି ନାହିଁ । ତେଣୁ ସେ କେବଳ ଏଇ ଗହଣବିଜେ ଦିନରେ ହିଁ ମହାପ୍ରଭୁଙ୍କ ନିକଟରେ ନିଜକୁ ସେବିକା ଭାବରେ ନିବେଦନ କରି ପୂଜାର୍ଚ୍ଚନା ଓ ଆଳତି ଆଦି କରିଥାନ୍ତି ।"

ତେବେ ଗଜପତିଙ୍କ ମହାରାଜାଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁସାରେ- ଗହଣ ବିଜେର ପରବର୍ତ୍ତୀ କାଳରେ ରାଣୀ ସାହେବା ଅନେକ ବାର ମହାରାଜାଙ୍କ ସହିତ ଶ୍ରୀଜଗନ୍ନାଥ ପୂର୍ଣ୍ଣବ୍ରହ୍ମ ସ୍ୱରୂପରେ ସେ ଯେଉଁପରି ଭାବରେ ସମଗ୍ର ଉତ୍କଳୀୟଙ୍କ ହୃଦପଦ୍ମରେ ଅଧିଷ୍ଠିତ, ସମଗ୍ର ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ରୂପେ ପ୍ରତିଷ୍ଠିତ, ଅନୁରୂପ ଭାବରେ ସେ ଗଜପତିଙ୍କ ନିମିତ୍ତ ଆରାଧ୍ୟ ଦେବ ଓ ପ୍ରାଣବିନ୍ଦୁ ସଦୃଶ । ତଣୁ ଉତ୍କଳର ଗଜପତିମାନେ ତାଙ୍କୁ ପ୍ରକୃତ ରାଜା ବୋଲି ହିଁ ଜ୍ଞାନ କରିଥାନ୍ତି । 'କପିଳ ସଂହିତା'ରେ ବର୍ଣ୍ଣନା ଅଛି-

"ସର୍ବେଷାମପି କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମ
ସର୍ବେଷାମପି ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମ ।"

ବିଭିନ୍ନ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ତଥ୍ୟରୁ ଜଣାଯାଏ ଯେ ମହାରାଜା ଅନଙ୍ଗ ଭୀମଦେବ ଶ୍ରୀଜଗନ୍ନାଥଙ୍କୁ ସକଳ ସଂପତ୍ତି ସମର୍ପି ଦେଇ ନିଜକୁ ରାଉତ ଏବଂ ଶ୍ରୀଜଗନ୍ନାଥଙ୍କୁ ରାଜା ଭାବରେ ଗ୍ରହଣ କରିଥିଲେ । ଏଣୁ ଉତ୍କଳୀୟ ପରମ୍ପରାରେ ସ୍ୱୟଂ ଗଜପତି ହେଉଛନ୍ତି ମହାପ୍ରଭୁଙ୍କର ଆଦ୍ୟ ସେବକ । ଶ୍ରୀଜଗନ୍ନାଥ ହେଉଛନ୍ତି ତାଙ୍କର ରାଜା ।

'ଗହଣ ବିଜେ' ଏଇ ସେବକ ଭାବରେ ଏକ ଦୁର୍ଲ୍ଲଭ ନିଦର୍ଶନ ଏବଂ ଏହାର ବିଶେଷତ୍ୱ ହେଉଛି- କେବଳ ଗଜପତି ମହାରାଜା ନୁହନ୍ତି, ତାଙ୍କ ସହିତ ମହାରାଣୀ ମଧ୍ୟ ଏହି ବିଶେଷ ନୀତି ଦ୍ୱାରା ଆଦ୍ୟ ସେବିକା ରୂପେ ସ୍ୱୀକୃତ ଓ ସମ୍ମାନିତ ହୋଇଥାଆନ୍ତି ।

# ବଡ଼ଠାକୁରଙ୍କ ବେଶ ବୈଶିଷ୍ଟ୍ୟ



# ବେଶରେ ବେଶରେ ବିଶ୍ୱନିୟନ୍ତା


## ବିଚିତ୍ରା ଦାଶ

ଶ୍ରୀମୟ, ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡ଼ା,
ପୁରୀ-୭୫୨୦୦୨
ଫୋନ: ୯୪୩୮୫୦୪୫୮୯


ଫଟୋ ସୌଜନ୍ୟ : ଲେଖିକା

**ଶ୍ରୀମନ୍ଦିରରେ ଶ୍ରୀ ବିଗ୍ରହଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରିବା ସହିତ ପ୍ରଭୁଙ୍କର ଚଳନ୍ତି ପ୍ରତିମାମାନେ ମଧ୍ୟ ବିଭିନ୍ନ ପର୍ବ ଆଧାରରେ ଭିନ୍ନ ଭିନ୍ନ ବେଶରେ ମଣ୍ଡିତ ହୋଇଥାନ୍ତି । ମୁଖ୍ୟତଃ ଶ୍ରୀବିଗ୍ରହଙ୍କର ଦୈନନ୍ଦିନ ବେଶ ଏବଂ ନୈମିତ୍ତିକ ବେଶ ରହିଛି । ଦୈନନ୍ଦିନ ବେଶ ମଧ୍ୟରେ ଅବକାଶ ବେଶ ଠାରୁ ଆରମ୍ଭ କରି ଶୟନ ପୂର୍ବରୁ ପୁଷ୍ପାଭୂଷଣ ମଣ୍ଡିତ ବଡ଼ସିଂହାର ବେଶ ଯେତିକି ମହତ୍ତ୍ୱପୂର୍ଣ୍ଣ ତାଙ୍କର ନୈମିତ୍ତିକ ବେଶ ମଧ୍ୟରେ ରହିଥିବା ଚବିଶଟି ବେଶ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ।**


▶ଲେଖିକା ବିଚିତ୍ରା ଦାଶ

ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ରହିଛି ସ୍ୱତନ୍ତ୍ରତା । ସମଗ୍ର ବିଶ୍ୱରେ ଥିବା ବିଭିନ୍ନ ଦେବାଦେବୀଙ୍କ ମନ୍ଦିରର ନୀତିରୀତିରେ କିଛିନା କିଛି ସ୍ୱତନ୍ତ୍ରତା ରହିଛି; ମାତ୍ର ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ନୀତି, ବିଧିବିଧାନ ବ୍ୟାପକ ଅଟେ । ଶ୍ରୀ ବିଗ୍ରହଙ୍କ ରୂପ, ବେଶ, ପୂଜା ଆରାଧନା ସବୁଥିରେ ରହିଛି ସ୍ୱତନ୍ତ୍ରତା । ଶ୍ରୀମନ୍ଦିରରେ ପ୍ରତ୍ୟହ ସେବା ପୂଜା ନିମନ୍ତେ ଛତିଶ ନିଯୋଗ ରହିଛନ୍ତି । ଉକ୍ତ ନିଯୋଗ ମଧ୍ୟର ବ୍ରାହ୍ମଣ, ଦଇତାପତି, ଶୂଦ୍ର ସେବକ ମଧ୍ୟ ଅଛନ୍ତି । ଶ୍ରୀଜୀଉଙ୍କ କବାଟ ଫିଟା ନୀତି ଠାରୁ ପହୁଡ଼ ନୀତି ପର୍ଯ୍ୟନ୍ତ ଏହି ସେବକମାନେ ସେବାରେ ନିଯୁକ୍ତ । ବାସ୍ତବ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପୁରାଣ ବର୍ଣ୍ଣିତ କ୍ଷେତ୍ର ଏବଂ ଦେବତା ପୁରୁଷୋତ୍ତମ ଯଥାର୍ଥରେ ବିଶ୍ୱ ବ୍ରହ୍ମାଣ୍ଡର ରାଜାଧିରାଜ ଅଟନ୍ତି । ଏକ ଦିଗରେ ଭୋଜନର ପରମ୍ପରା ଯେପରି ରାଜକୀୟ ସେହିପରି ଅପର ଦିଗରେ ବସନ, ଭୂଷଣ ଏବଂ ବେଶ ଦୃଷ୍ଟିରୁ ମଧ୍ୟ ଶ୍ରୀଜଗନ୍ନାଥ ଅନନ୍ୟ । ଶ୍ରୀମନ୍ଦିରରେ ବାରମାସରେ ତେରଯାତ୍ରା ତା'ସହିତ ଶତାଧିକ ପର୍ବପର୍ବାଣି ଓ ଉପଯାତ୍ରାରେ ଶ୍ରୀ ବିଗ୍ରହଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରିବା ସହିତ ପ୍ରଭୁଙ୍କର ଚଳନ୍ତି ପ୍ରତିମାମାନେ ମଧ୍ୟ ବିଭିନ୍ନ ପର୍ବ ଆଧାରରେ ଭିନ୍ନ ଭିନ୍ନ ବେଶରେ ମଣ୍ଡିତ ହୋଇଥାନ୍ତି । ମୁଖ୍ୟତଃ ଶ୍ରୀବିଗ୍ରହଙ୍କର ଦୈନନ୍ଦିନ ବେଶ ଏବଂ ନୈମିତ୍ତିକ ବେଶ ଏହିଭଳି ଭାବରେ ଦୁଇ ପ୍ରକାରର ବେଶ ଅଛି । ଦୈନନ୍ଦିନ ବେଶ ମଧ୍ୟରେ ଅବକାଶ ବେଶ ଠାରୁ ଆରମ୍ଭ କରି ଶୟନ ପୂର୍ବରୁ ପୁଷ୍ପାଭୂଷଣ ମଣ୍ଡିତ ବଡ଼ସିଂହାର ବେଶ ଯେତିକି ମହତ୍ତ୍ୱପୂର୍ଣ୍ଣ ତାଙ୍କର ନୈମିତ୍ତିକ ବେଶ ମଧ୍ୟରେ ରହିଥିବା ଚବିଶଟି ବେଶ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଶ୍ରୀ ଜଗନ୍ନାଥଙ୍କର ପ୍ରତ୍ୟେକ ସ୍ୱତନ୍ତ୍ର ବେଶ ପଛରେ ଗୋଟିଏ  ଲେଖାଏଁ ତାତ୍ତ୍ୱିକ ଦିଗ ରହିଛି ଯାହାକି ବେଶ ବୈଶିଷ୍ଟ୍ୟକୁ ଆହୁରି ମହତ୍ତର କରୁଛି ।

ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ ସମୟରେ ଯବନଙ୍କ ଆକ୍ରମଣ ଅଥବା ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ପରାଭୂତ ହୋଇ ଶ୍ରୀ ବିଗ୍ରହ କିଛିକାଳ ନିମନ୍ତେ ଶ୍ରୀକ୍ଷେତ୍ର ଠାରୁ ଦୂରରେ ପାତାଳୀ ହୋଇଥିଲେ । ଆଦି ଶଙ୍କରଙ୍କ ପୁରୁଷୋତ୍ତମ କ୍ଷେତ୍ର ଆଗମନ ଉପରାନ୍ତ ଯଯାତି କେଶରୀଙ୍କ ଦ୍ୱାରା ନୂତନ ମନ୍ଦିର ନିର୍ମାଣ କରି ଦାରୁ ବିଗ୍ରହଙ୍କୁ ପ୍ରତିଷ୍ଠା କରି ପୁନର୍ବାର ସୁସଂଗଠିତ ଭାବରେ ପୂଜା ଅର୍ଚ୍ଚନା ଆରମ୍ଭ କରାଇଥିଲେ । ବ୍ୟାସଙ୍କର 'ବ୍ରହ୍ମସୂତ୍ର'କୁ ଟୀକା କରି ଅଦ୍ୱୈତ ବେଦାନ୍ତର ପ୍ରଚାର କରିଯାଇ ଅଛନ୍ତି । ନିଜର ସ୍ୱଳ୍ପ ଜୀବନ ମଧ୍ୟରେ ଭାରତର କୋଣ ଅନୁକୋଣ ପଦବ୍ରଜରେ ପରିଭ୍ରମଣ କରି ଚାରି ଦିଗରେ ଚାରିଗୋଟି ମଠ ପ୍ରତିଷ୍ଠା କରିଯାଇଛନ୍ତି । ଆଦିଶଙ୍କର ଶିବଙ୍କର ଉପାସକ ହେତୁ ଶ୍ରୀମନ୍ଦିର ମଧ୍ୟରେ ୨୫ଗୋଟି ଶୈବ ମନ୍ଦିର ଅଧୁନା ବିଦ୍ୟମାନ । କିନ୍ତୁ ବ୍ୟାସଙ୍କର 'ଶ୍ରୀ ଭାଗବତମ୍'ରେ ଶ୍ରୀବିଷ୍ଣୁଙ୍କର ୨୪ଗୋଟି ଅବତାର ବ୍ୟାଖ୍ୟାନ ଦୃଷ୍ଟିଗୋଚର ହୁଏ । ବର୍ତ୍ତମାନ ଦଣ୍ଡାୟମାନ ଥିବା ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଶ୍ରୀବିଷ୍ଣୁଙ୍କ ୨୪ଗୋଟି ଅବତାରର ଚିତ୍ର ବିଦ୍ୟମାନ । ଅଧୁନା ମନ୍ଦିରର ସ୍ରଷ୍ଟା ହେଉଛନ୍ତି ଗଙ୍ଗବଂଶର ରାଜା ଚୋଡ଼ଗଙ୍ଗ ଦେବ, ଅନଙ୍ଗଭୀମ ଦେବ । ଚୋଡ଼ଗଙ୍ଗ ଦେବ ଶ୍ରୀ ରାମାନୁଚାର୍ଯ୍ୟଙ୍କ ଶିଷ୍ୟ ହେତୁ ଚତୁଃ ବୈଷ୍ଣବ ସମ୍ପ୍ରଦାୟର ନିଦର୍ଶନ ସ୍ୱରୂପ ଶ୍ରୀମନ୍ଦିରକୁ ପ୍ରତିପାଦିତ କରି ଯାଇଛନ୍ତି । ଭାରତର ବୈଷ୍ଣବ ସମ୍ପ୍ରଦାୟ- ଶ୍ରୀ ସମ୍ପ୍ରଦାୟର ଆଚାର୍ଯ୍ୟ ଶ୍ରୀମଦ୍ ରାମାନୁଜ ଏବଂ ଶ୍ରୀମଦ୍ ରାମାନନ୍ଦ, ବ୍ରହ୍ମ ମାଧ୍ୱୋ ଗୌଡ଼ୀୟ ସମ୍ପ୍ରଦାୟର ମାଧବାଚାର୍ଯ୍ୟ ଏବଂ ଚୈତନ୍ୟ ମହାପ୍ରଭୁ,  ରୁଦ୍ର ସମ୍ପ୍ରଦାୟର ବିଷ୍ଣୁ ସ୍ୱାମୀ, ବଲ୍ଲଭାଚାର୍ଯ୍ୟ ଏବଂ ଚତୁଃକୁମାର ସମ୍ପ୍ରଦାୟର ନିମ୍ବାକାଚାର୍ଯ୍ୟ ଅଟନ୍ତି ।

ଐତିହାସିକ, ପୌରାଣିକ ଲୋକକଥାକୁ ଏକତ୍ର କରି ଆଲୋଚନା ଦ୍ୱାରା ଏକ ସିଦ୍ଧାନ୍ତରେ ଉପନୀତ ହେବେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ଶ୍ରୀ ଜଗନ୍ନାଥ ତତ୍ତ୍ୱ ହେଉଛି ବେଦାନ୍ତ ଦର୍ଶନ, ଭକ୍ତିଭାବ, ବୈଦିକ ଚଳଣି ଏବଂ ସର୍ବୋପରି ବୈଷ୍ଣବ ମାର୍ଗରେ ଶ୍ରୀବିଗ୍ରହଙ୍କ ଦୈନନ୍ଦିନ ନୀତି, ବେଶ, ଭୋଗ, ପୂଜା, ବିଶେଷ ଦିନମାନଙ୍କରେ ମଧ୍ୟ ବେଶ, ନୈବେଦ୍ୟାଦିର ସମର୍ପଣାଦିର ବିଧିବ୍ୟବସ୍ଥା ବିଗତ ଦିନମାନଙ୍କ ଠାରୁ ଅଧୁନା ଶ୍ରୀମନ୍ଦିରରେ ବେଶ, ଭୋଗାଦିର ସୁବନ୍ଦୋବସ୍ତ ହୋଇଅଛି । ଗୋଟିଏ କିମ୍ବା ଦୁଇଟି ପ୍ରମୁଖ ବେଶ ଏବଂ ଭୋଗକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବେଶ ସଠିକ୍ ସମୟରେ ସୁଚାରୁ ରୂପେ ପାଳିତ ହେଉଅଛି । 'ଶ୍ରୀମଦ୍ ଭାଗବତମ୍' ଏବଂ 'ଦ୍ୱାଦଶ ପୁରାଣ'ରେ ବ୍ୟାପକ ପ୍ରଚଳନ ଦ୍ୱରା ଋଷିକୁଳ ପରମ୍ପରାରୁ ଭାରତୀୟ ସମାଜ ବାହାରି ଗୋଟିଏ ନୂତନ ସାଂସ୍କୃତିକ ବିଚାରଧାରା ମଧ୍ୟରେ କିଛିକାଳ ଗତି କରି ମହାଭାରତ ଯୁଦ୍ଧର ଅବସାନ ଉପରାନ୍ତ ଭକ୍ତି, ଦର୍ଶନ ଯୁଗର ଆରମ୍ଭ ହୋଇଥିଲା । ଋଷିକୁଳ ବଦଳରେ ଦାର୍ଶନିକ, ଭକ୍ତଙ୍କ ଚରିତ୍ର ବିଷୟରେ ବିଶେଷ ଭାବରେ ଆଲୋଚନା ପର୍ଯ୍ୟାଲୋଚନା ହେବାକୁ ଲାଗିଲା । ମୁଖ୍ୟତଃ ଷଡ଼ଦର୍ଶନ, ନବଧା ଭକ୍ତିର ପ୍ରଚାର ପ୍ରସାର ବହୁଳ ଭାବରେ ଦୃଷ୍ଟିଗୋଚର ହେବାକୁ ଲାଗିଲା । ଭାରତବର୍ଷର ଇତିହାସରେ ସ୍କନ୍ଦଗୁପ୍ତଙ୍କ ଶାସନକାଳ ପର୍ଯ୍ୟନ୍ତ ବୌଦ୍ଧଧର୍ମର ପ୍ରଚାର ଚରମ ଶୀର୍ଷରେ ଉପନୀତ ଥିଲା । ଷଷ୍ଠ ଶତାବ୍ଦୀରେ ହୁନ୍‌ମାନଙ୍କ ଭାରତ ଆଗମନ ହେତୁ ବହୁଳ ଭାବରେ ବୌଦ୍ଧ ବିହାର ଧ୍ୱଂସ ସ୍ତୁପରେ ପରିଣତ ହେଲା, ବୌଦ୍ଧ ଭିକ୍ଷୁମାନେ ବୌଦ୍ଧ ବିହାର ପରିତ୍ୟାଗ କରି ଦେଶାନ୍ତର  ହେଲେ । ଏହା ଉପରାନ୍ତ ଭାରତବର୍ଷରେ ପୁନରାୟ ପୁରାତନ ଋଷିକୁଳ ପରମ୍ପରା,

ଭକ୍ତି ଏବଂ ଦର୍ଶନର ଭାବକୁ ମିଶ୍ରିତ କରି ଏକ ନୂତନ ପୂଜା ପଦ୍ଧତିର ଅଭ୍ୟୁଦୟ ଘଟିଲା ।

ରାଜାମାନଙ୍କ ପୃଷ୍ଠପୋଷକତାରେ ନୂତନ ଭାବରେ ମନ୍ଦିର ନିର୍ମାଣ, ମନ୍ଦିର ଗୁଡ଼ିକରେ ପ୍ରତିଷ୍ଠିତ ବିଗ୍ରହମାଙ୍କୁ ବିବିଧ ଅଳଙ୍କାର ଆଭୂଷଣରେ ସଜ୍ଜିତ କରିବା, ରାଜକୀୟ ଆଡ଼ମ୍ବରରେ ଦୋଳ, ବିମାନ ରଥରେ ମୂଳ ବିଗ୍ରହ କିମ୍ବା ଚଳନ୍ତି ପ୍ରତିମାକୁ ନଗର ପରିକ୍ରମା କରାଇବା, ଭକ୍ତଙ୍କ ଇଛା ଏବଂ ରାଜାଙ୍କ ଇଛାକୁ ପୂରଣ କରିବାକୁ ଯାଇ ବିଭିନ୍ନ ବେଶରେ ସଜ୍ଜିତ କରିବା ଆଦି ଧାରା ଅନ୍ୟାନ୍ୟ ଶତାବ୍ଦୀ ଗୁଡ଼ିକରେ ଦୃଷ୍ଟିଗୋଚର ହୁଏ । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କୁ ପ୍ରାତଃ ଦୁଆର ଫିଟା, ମଙ୍ଗଳଆଳତି, ଅବକାଶ ପର୍ଯ୍ୟନ୍ତ ନୀତିରେ ଦାରୁବ୍ରହ୍ମଙ୍କ ଠାରେ ସାଧାରଣ ସୂତା ଲୁଗା ବ୍ୟବହାର କରାଯାଏ । ଏହାପରେ ଅନ୍ୟାନ୍ୟ ସମୟରେ ପାଟବସ୍ତ୍ର, ଅଳଙ୍କାର ଏବଂ ପୁଷ୍ପ ଦ୍ୱାରା ମଣ୍ଡିତ କରାଯାଏ । ଶ୍ରୀକ୍ଷେତ୍ର ଉତ୍ତର ଭାରତ, ପଶ୍ଚିମ ଭାରତ, ଦକ୍ଷିଣ ଭାରତର ମଧ୍ୟସ୍ଥଳ ହେତୁ ଶ୍ରୀମନ୍ଦିରରେ ଭୋଗ, ବେଶ ମଧ୍ୟରେ ସମ୍ପୂର୍ଣ୍ଣ ଭାରତ ବର୍ଷରେ ବିଭିନ୍ନ ମନ୍ଦିରରେ ଦୈନନ୍ଦିନ ସମ୍ପାଦିତ ହେଉଥିବା ପୂଜାବିଧିର ମିଶ୍ରିତ ପରିପ୍ରକାଶ ମାତ୍ର । ଦକ୍ଷିଣ ଭାରତର ମନ୍ଦିରମାନଙ୍କରେ ପୁଷ୍ପ ଏବଂ ଅଳଙ୍କାରର ବ୍ୟବହାର, ପଶ୍ଚିମ ଭାରତରେ ବିବିଧ ରଙ୍ଗର ବେଶ ପୋଷାକର ବ୍ୟବହାର ଏବଂ ଉତ୍ତର ଭାରତର ବିଭିନ୍ନ ପ୍ରକାର ବ୍ୟଞ୍ଜନର ବ୍ୟବହାରର ଶ୍ରୀକ୍ଷେତ୍ର ହେଉଛି ଏକ ମିଳନ ସ୍ଥଳୀ । ଆମ ଉତ୍କଳବାସୀ ଉକ୍ତ ସମସ୍ତ ବେଶ, ଭୋଗକୁ ଆପଣେଇ ନେଇ ଓଡ଼ିଆ ଘରର ଶାଗଭଜା, ପଖାଳକୁ ଶ୍ରୀନ୍ଦିରର ସମସ୍ତ ଭୋଗରେ ସ୍ଥାନିତ କରିଛନ୍ତି । ପରମ୍ପରାରେ ସ୍ୱର୍ଣ୍ଣ ଅଳଙ୍କାର ଏବଂ ବସ୍ତ୍ର ମଧ୍ୟରେ ଉତ୍କଳର ନିଦର୍ଶନ ଦେଖିବାକୁ ମିଳୁଅଛି ।

ଉତ୍କଳ ଦୀର୍ଘବର୍ଷ ଧରି ଉତ୍ତର ଭାରତ ରାଜାଙ୍କ ଦ୍ୱାରା ଶାସିତ ହେବା ପରେ ଦକ୍ଷିଣ ଭାରତ ରାଜାଙ୍କ ଦ୍ୱାରା ଶାସିତ ହୋଇ ଶେଷରେ ମରାଠାଙ୍କ ଦ୍ୱାରା ଶାସିତ ହୋଇଅଛି । ଦୀର୍ଘକାଳ ଗତି ମଧ୍ୟରେ ପର୍ଶୁରାମଙ୍କ ସମୟରେ ଶ୍ରୀବିଦ୍ୟାର ମୁଖ୍ୟକ୍ଷେତ୍ର ଶ୍ରୀକ୍ଷେତ୍ର ତତ୍ ପଶ୍ଚାତ୍ ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ନୀଳାଚଳ ଆଗମନ ଏହାର ଦୀର୍ଘକାଳାନ୍ତେ କାଳ ଭୈରବ ଉପାସନା ତତ୍‌ପଶ୍ଚାତ୍ ଦାରୁବିଗ୍ରହ ବା ଦାରୁବ୍ରହ୍ମଙ୍କ ଉପସ୍ଥିତି ଶ୍ରୀକ୍ଷେତ୍ର ବା ଆଦିଶଙ୍କରଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଧାମର ଶ୍ରେଷ୍ଠତ୍ୱ ସାରା ବିଶ୍ୱରେ ଅଦ୍ୱିତୀୟ ଅଟେ । ଉକ୍ତ ମହାନ ପରମ୍ପରାକୁ ନିରବଚ୍ଛିନ୍ନ ଭାବରେ ଜୀବିତ କରି ରଖିବା ଗୋଟିଏ ସଂକଳ୍ପର ନିଦର୍ଶନ ଅଟେ । ଆମର ଗଜପତି ରାଜାମାନେ ପ୍ରଭୁଙ୍କୁ ଉତ୍କଳର ଶାସକ ରୂପେ ଅଧିଷ୍ଠିତ କରାଇ ନିଜକୁ ସେବକ ଭାବରେ ପ୍ରତିପାଦିତ କରିଯାଇଛନ୍ତି । ଉକ୍ତ ପରମ୍ପରାକୁ ବର୍ତ୍ତମାନ ଆମେମାନେ ଦୈନନ୍ଦିନ ଚଳଣିରେ ବ୍ୟବହାର କରୁଅଛୁ ଯେପରି କୌଣସି ଶୁଭକାର୍ଯ୍ୟ କିମ୍ବା ଅଶୁଭ କାର୍ଯ୍ୟରେ ମହାପ୍ରସାଦ ବ୍ୟବହାର ନିଶ୍ଚିତ ଅଟେ । ଶ୍ରୀ ବିଗ୍ରହଙ୍କୁ ବିଭିନ୍ନ ଦିନମାନଙ୍କରେ ଶ୍ରୀମନ୍ଦିର ମଧ୍ୟରେ, ସ୍ନାନ ମଣ୍ଡପରେ, ରଥ ଉପରେ ବିଭିନ୍ନ ବେଶରେ ଦର୍ଶନ କରିଥାଉ । ଉକ୍ତ ଦର୍ଶନ ନିମନ୍ତେ ଉତ୍କଳବାସୀଙ୍କ ମନ ମଧ୍ୟରେ ଥିବା ଆବେଗ ଅବର୍ଣ୍ଣନୀୟ ।

## ଅବକାଶ ବେଶ

ଶ୍ରୀମନ୍ଦିର ମଧ୍ୟରେ ଦୈନିକ ପ୍ରାତଃକାଳରେ ମହାପ୍ରଭୁ ପୂର୍ବଦିନର ବଡ଼ସିଂହାର ବେଶରେ ଦର୍ଶନ ଦିଅନ୍ତି । ପ୍ରାତଃ ମଙ୍ଗଳ ଆଳତି ପରେ ଏହି ବେଶକୁ କାଢ଼ି ଦିଆଯାଏ । ବେଶ ଓ ଲାଗି ପରେ ଶ୍ରୀବିଗ୍ରହଙ୍କ ଆଗରେ ଖଣ୍ଡିଏ ଖଣ୍ଡୁଆ ପାଟ ଆବରଣ କରି ରଖନ୍ତି । ସେହି ଆବରଣ ମଧ୍ୟରେ ସ୍ନାନବସ୍ତ୍ର ଗାମୁଛା ପରିଧାନ କରନ୍ତି । ସ୍ନାନ ପରେ ବ୍ରହ୍ମପୁରୀ ପାଟବସ୍ତ୍ର ପରିଧାନ କରନ୍ତି । ଏହି ପାଟବସ୍ତ୍ରର ରଙ୍ଗ ଦିନ ଅନୁସାରେ ବଦଳେ । ରତ୍ନସିଂହାସନରେ ବିରାଜମାନ ଶ୍ରୀଦେବୀ, ଭୂଦେବୀ, ନୀଳମାଧବ ମଧ୍ୟ ପହରଣ ପିନ୍ଧନ୍ତି । ଶ୍ରୀବିଗ୍ରହଙ୍କ ଗୋପାଳବଲ୍ଲଭ ଓ ସକାଳଧୂପ ଶେଷ ଉପରାନ୍ତ ଶ୍ରୀବିଗ୍ରହଙ୍କୁ ନୂତନ ଭାବରେ ଖଣ୍ଡୁଆ ପାଟ ପରିଧାନ କରାଯାଏ । କିନ୍ତୁ ପ୍ରଥମେ ପରିଧାନ କରିଥିବା ବାରଲାଗି ବସ୍ତ୍ର ବିଦ୍ୟମାନ ରହେ । ଏହାପରେ ମଧ୍ୟାହ୍ନ ଧୂପ ହୁଏ । ସନ୍ଧ୍ୟା ଆରତୀ ଉପରାନ୍ତ ପୁନରାୟ ବସ୍ତ୍ର ପରିବର୍ତ୍ତନ ହୁଏ ଦିନ ଅନୁସାରେ । ସନ୍ଧ୍ୟା ଧୂପ ଶେଷଯାଏଁ ଉକ୍ତ ବସ୍ତ୍ର ପରିଧାନ କରିଥାନ୍ତି । ସନ୍ଧ୍ୟା ଧୂପ ପରେ ମଇଲମ ହୋଇ ତିନି ଠାକୁରଙ୍କୁ ଖଣ୍ଡିଏ ସୂତା ଗାମୁଛା ପରିଧାନ କରି ଚନ୍ଦନ ଲାଗି ହୁଏ । ଚନ୍ଦନ ଲାଗି ପରେ ବଡ଼ ସିଂହାର ବେଶହୁଏ । ଉକ୍ତ ବେଶରେ ନାଲିରଙ୍ଗର ଗୀତ ଗୋବିନ୍ଦ ପାଟ ପ୍ରଦାନ କରାଯାଏ । ଶ୍ରୀ ବିଗ୍ରହ ମସ୍ତକରେ ଶିରକାପଡ଼ା ପକାଯାଏ । ତିନି ଠାକୁରଙ୍କୁ ଶୁକ୍ଳ ଚାଦର ପିନ୍ଧାଯାଏ । ରାତ୍ରୀରେ ମହାପ୍ରଭୁ ଶୃଙ୍ଗାରକ ବେଶରେ ସଜ୍ଜିତ ହୁଅନ୍ତି । ଶ୍ରୀ ଗୋପାଳାର୍ଚ୍ଚନ ପୂଜା ପଦ୍ଧତି ଅନୁସାରେ ମହାପ୍ରଭୁଙ୍କ ସକାଳ ବାଳଧୂପରେ ବାଳକୃଷ୍ଣ, ମଧ୍ୟାହ୍ନରେ ବୃନ୍ଦାବନର କୃଷ୍ଣ, ସନ୍ଧ୍ୟାରେ ଦ୍ୱାରକାଧିପତି କୃଷ୍ଣ ଓ ରାତ୍ରୀରେ ରାସକ୍ରୀଡ଼ା ପ୍ରବୀଣ ପ୍ରେମିକ ପୁରୁଷ କୃଷ୍ଣ ଭାବରେ ଧ୍ୟାନ କରା







ଯାଉଥିବାରୁ ସେ ଶୃଙ୍ଗାରକ ବେଶ ହୁଅନ୍ତି । ଏହି ବେଶ ପ୍ରାୟତଃ ଏକ ଫୁଲ ବେଶ । ଶ୍ରୀମନ୍ଦିରରେ ଦ୍ୱାଦଶ ଶତାବ୍ଦୀରୁ ଏହି ବେଶ ପ୍ରଚଳିତ । ଏହି ବେଶ ପାଇଁ ଶ୍ରୀରାମଦାସ ମଠ ପୁଷ୍ପରେ ନିର୍ମିତ କରପଲ୍ଲବ, କୁଣ୍ଡଳ ଓ ତଡ଼ଗୀ ଯୋଗାଇଥାନ୍ତି । ଏମାର୍ ମଠ ଫୁଲର ଚନ୍ଦ୍ରିକା ଯୋଗାଇଥାନ୍ତି । ଚାଙ୍ଗଡ଼ା ମୈକାପ ବାରଲାଗି ପାଟ ଯୋଗାଇଥା'ନ୍ତି । ଏହି ପାଟରେ ଗୀତ ଗୋବିନ୍ଦ ଶ୍ଳୋକ ବୁଣା ଯାଇଥାଏ । ସାଧାରଣତଃ ବର୍ଷକୁ ଆଠ ସଜ ଖଣ୍ଡୁଆ ପାଟ ଆବଶ୍ୟକ ପଡ଼ିଥାଏ । ଅତିବଡ଼ି ଜଗନ୍ନାଥ ଦାସ ପ୍ରତିଦିନ ମହାପ୍ରଭୁଙ୍କ ବଡ଼ସିଂହାର ବେଶ ଦେଖିବା ପରେ ଶୟନ କରୁଥିଲେ ।

## ହାତୀବେଶ ବା ଗଜାନନ ବେଶ

ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସ୍ନାନଯାତ୍ରା ସମୟରେ ଆନନ୍ଦବଜାର ସ୍ଥିତ ସ୍ନାନ ମଣ୍ଡପରେ ପ୍ରଭୁ ଏହି ବେଶ ଧାରଣ କରନ୍ତି । ଗୋପାଳତୀର୍ଥ ମଠ ଓ ରାଘବ ଦାସ ମଠରୁ ଆସିଥିବା ହାତୀବେଶ ଉପକରଣ ଠାକୁରମାନେ ଲାଗି ହୁଅନ୍ତି । ମଧ୍ୟାହ୍ନ ସମୟରେ ସ୍ନାନ ମଣ୍ଡପରେ ସ୍ନାନ ପର୍ବ ଉପରାନ୍ତ ମହାପ୍ରଭୁ ଗଜାନନ ବେଶ ବା ହାତୀ ବେଶରେ ସଜ୍ଜିତ ହୁଅନ୍ତି । କିମ୍ବଦନ୍ତୀ ଅଛି, ଥରେ ମହାରାଷ୍ଟ୍ରର ବିଶିଷ୍ଟ ପଣ୍ଡିତ ଗଣପତି ଭଟ୍ଟ ସ୍ନାନମଣ୍ଡପରେ ପ୍ରଭୁଙ୍କ ଦର୍ଶନ ଇଚ୍ଛା କରି ଶ୍ରୀକ୍ଷେତ୍ର ଆସିଥିଲେ । ଗଣପତି ଭଟ୍ଟ ପ୍ରଭୁ ଗଣେଶଙ୍କ ଭକ୍ତ ଥିଲେ । ସେ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପରେ ଦର୍ଶନ କଲେ । କିନ୍ତୁ ପ୍ରଭୁଙ୍କ ଠାରେ ଗଣେଶଙ୍କ ସତ୍ତା ଉପଲବ୍ଧି ନକରି ମନ କଷ୍ଟରେ ଫେରୁଥବଲେ । ଫେରିବା ବାଟରେ ମୁକ୍ତେଶ୍ୱର ଠାରେ ପରିଚ୍ଛାଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ପରିଚ୍ଛା ପୂର୍ବଦିନ ରାତିରେ ସ୍ୱପ୍ନ ଦେଖିଥିଲେ । ପ୍ରଭୁ କହୁଥିଲେ ସ୍ନାନ ମଣ୍ଡପରେ ସେ ଗଣପତି ଭଟ୍ଟଙ୍କୁ ଗଣେଶ ରୂପରେ ଦର୍ଶନ ଦେବେ । ପରିଚ୍ଛାଙ୍କ ଠାରୁ ଭଟ୍ଟ ମହାଶୟ ସ୍ୱପ୍ନବୃତ୍ତାନ୍ତ ଶୁଣି ସ୍ନାନ ମଣ୍ଡପକୁ ପୁନରାୟ ବାହୁଡ଼ିଲେ । ସ୍ନାନମଣ୍ଡପରେ ଶ୍ରୀ ବିଗ୍ରହ ଗଜାନନ ବେଶରେ ସଜ୍ଜିତ ହୋଇଛନ୍ତି । ତାଙ୍କ







ମୁଖାରବିନ୍ଦରେ ମୃଦୁମୃଦୁ ହସ । ଗଣପତି ଭଟ୍ଟ ପ୍ରଭୁଙ୍କୁ ଗଜାନନ ରୂପରେ ଦର୍ଶନ କରି କୃତକୃତ୍ୟ ହେଲେ । ତାଙ୍କ ମୁଖରୁ ସ୍ୱତଃ ବାହାରି ପଡ଼ିଲା "ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ, ବଳଭଦ୍ର ସୁଭଦ୍ରା ଭ୍ୟାମ୍ ଜଗନ୍ନାଥାୟତେ ନମଃ ।" ପ୍ରଭୁଙ୍କ ଭକ୍ତିରେ ନିଜକୁ ହଜାଇ ଦେଇ ନିଜକୁ ପ୍ରଭୁଙ୍କ ନିକଟରେ ସମର୍ପିଦେଲେ । ଉକ୍ତଦିନ ଠାରୁ ଭକ୍ତ ଗଣପତି ଭଟ୍ଟଙ୍କ ସ୍ମାରକୀ ସ୍ୱରୂପ ଶ୍ରୀବିଗ୍ରହ ସ୍ନାନ ମଣ୍ଡପରେ ଗଜାନନ ବେଶରେ ସଜ୍ଜିତ ହୁଅନ୍ତି । ଏହି ବେଶ ପ୍ରଥମେ ଶଙ୍କରାନନ୍ଦ ମଠ ତରଫରୁ ଯୋଗାଇ ଦିଆ ଯାଉଥିଲା । କିଛି କାଳାନ୍ତେ ଉକ୍ତ ବେଶ ଗୋପାଳ ତୀର୍ଥ ମଠ ଦ୍ୱାରା ପ୍ରସ୍ତୁତ କରାଗଲ ।

## ସୁନା ବେଶ

ଉତ୍କଳ ଶ୍ରୀଜଗନ୍ନାଥଙ୍କ ସାମ୍ରାଜ୍ୟ ରୂପେ ଅନଙ୍ଗଭୀମଦେବଙ୍କ ସମୟରୁ ପରିଗଣିତ ହେଉଥିଲା । ବର୍ଷକ ମଧ୍ୟରେ ପାଞ୍ଚଥର ଶ୍ରୀବିଗ୍ରହ ସୁନାବେଶରେ ସଜ୍ଜିତ ହୁଅନ୍ତି । ଉକ୍ତ ସୁନାବେଶରେ କୌଣସି ମଠଙ୍କର ସଂପୃକ୍ତି ନଥିବା ହେତୁ ଗବେଷକଙ୍କ ମତାନୁସାରେ ଏହା ବିଭିନ୍ନ ରାଜାଙ୍କ ଦ୍ୱାରା ପ୍ରଦତ୍ତ ହୋଇଅଛି । ଏହା ସାଧାରଣତଃ ବିଜୟାଦଶମୀ (ଦଶହରା), କାର୍ତ୍ତିକ ପୂର୍ଣ୍ଣିମା, ଅଭିଷେକ ପୂର୍ଣ୍ଣିମା (ପୁଷ୍ୟାଭିଷେକ), ଦୋଳ ପୂର୍ଣ୍ଣିମା, ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ (ବଡ଼ ତଡ଼ାଉ ବେଶ) ଅନୁଷ୍ଠିତ ହୁଏ । ଗବେଷକଙ୍କ ମତରେ ୧୨୩୨ ମସିହା ଠାରୁ ସୁନାବେଶ ପ୍ରଚଳିତ । ସୁନାବେଶକୁ ରାଜରାଜେଶ୍ୱର ବେଶ ମଧ୍ୟ କୁହାଯାଏ । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନି ରଥାରୂଢ଼ ଠାକୁରଙ୍କର ସୁନାବେଶକୁ ବଡ଼ତଡ଼ାଉ ବେଶ କୁହାଯାଏ । ୧୬୪୦ ମସିହାରେ କପିଳେନ୍ଦ୍ର ଦେବ ତାଙ୍କ ଇଷ୍ଟଦେବୀ ମା' ଜୟଦୁର୍ଗାଙ୍କ କୃପାରୁ ଦକ୍ଷିଣାଞ୍ଚଳ ବିଜୟ ସହ ୧୬ଟି ହାତୀରେ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣିଥିଲେ । ଆଣିଥିବା ଧନରତ୍ନକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗ କରିଥିଲେ । ସେବକ ବଡ଼ ତଡ଼ାଉ କପିଳେନ୍ଦ୍ର ଦେବଙ୍କ ଏହି ଭକ୍ତିଭାବ ଦେଖି ବଡ଼ଦାଣ୍ଡରେ ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ସୁନାବେଶ ହେବାକୁ ଜଣାଇଥିଲେ । ରତ୍ନ ସିଂହାସନର ସୁନାବେଶ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରର ବିଧିବ୍ୟବସ୍ଥା ମଧ୍ୟରେ ପୃଥିବୀର ସମସ୍ତ ବ୍ୟକ୍ତିଙ୍କ ନିମନ୍ତେ ସମ୍ଭବପର ହେଉନଥିବାରୁ ସେଥିନିମନ୍ତେ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ନୀଳାଦ୍ରି ବିଜେ ପୂର୍ବରୁ ସୁନାବେଶରେ ସୁସଜ୍ଜିତ କରାଯାଏ । ବଡ଼ତଡ଼ାଉ ସେବକଙ୍କ ଅନୁରୋଧରେ ରାଜା କପିଳେନ୍ଦ୍ର ଦେବ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ଶ୍ରୀ ବିଗ୍ରହମାନଙ୍କୁ ରଥ ଉପରେ ସୁନାବେଶରେ ସଜ୍ଜିତ କରାଇଲେ ।

## ରାଜବେଶ (ସୁନାବେଶ)

ଦଶହରା ଓ କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳ ସମୟରେ ଏହି ବେଶ ହୁଏ । ପୁଷ୍ୟାଭିଷେକ ପୂର୍ଣ୍ଣିମା ଓ ରଥରେ ଠାକୁର ଅବସ୍ଥାନ ବେଳେ ବଡ଼ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ପରେ ବେଶ ଅନୁଷ୍ଠିତ ହୁଏ । ଶ୍ରୀବିଗ୍ରହଙ୍କ ଆକର୍ଷଣୀୟ ବେଶ ହେଉଛି ସୁନାବେଶ ବା ରାଜବେଶ । ଯଦିଓ ଅଧିକାଂଶ ବେଶରେ କିଛି କିଛି ସୁନା ଓ ରତ୍ନ ଅଳଙ୍କାର ଲାଗି ହୁଏ, କିନ୍ତୁ ରାଜବେଶରେ ସୁନା ଅଳଙ୍କାରରସଂଖ୍ୟା ଓ ପରିମାଣ ଅଧିକ ହୋଇଥାଏ । ବିଜୟା ଦଶମୀ, କାର୍ତ୍ତିକ ପୂର୍ଣ୍ଣିମା, ପୁଷ୍ୟାଭିଷେକ ପୂର୍ଣ୍ଣିମା, ରଥ ଉପରେ ହେଉଥିବା ବେଶକୁ ସୁନାବେଶ ବା ରାଜବେଶ କୁହାଯାଏ । କିନ୍ତୁ ଦୋଳ ପୂର୍ଣ୍ଣିମାରେ ହେଉଥିବା ସୁନାବେଶକୁ ରାଜବେଶ କୁହାଯାଏ ନାହିଁ । ସୁତରାଂ ସବୁ ରାଜବେଶ ସୁନାବେଶ ମାତ୍ର ସବୁ ସୁନାବେଶ ରାଜବେଶ ନୁହେଁ । ତେଣୁ ଶ୍ରୀମନ୍ଦିର ସତ୍ୱଲିପିରେ ବର୍ଷକ ମଧ୍ୟରେ ଚାରିଥର ସୁନାବେଶ ଅନୁଷ୍ଠିତ ହୁଏ ବୋଲି ଉଲ୍ଲେଖ ଅଛି । ସୁନା ଅଳଙ୍କାର ଲାଗିର ବିବିଧତା



ଓ ପ୍ରକାର ଭେଦକୁ ନେଇ କାର୍ତ୍ତିକ ମାସରେ ବିଭିନ୍ନ ବେଶର ନାମ ଦିଆଯାଇଛି ।

## ଲକ୍ଷ୍ମୀ ନାରାୟଣ ବେଶ (ଠିଆକିଆ ବେଶ)

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୁଏ । ଶ୍ରୀମଦ ରାମାନୁଜଙ୍କ ଦର୍ଶନ ଅନୁଯାୟୀ ବ୍ରହ୍ମ ସଗୁଣ ଓ ସେ ନାରାୟଣ, ଲକ୍ଷ୍ମୀ ତାଙ୍କର ଶକ୍ତି । ଏହି ନ୍ୟାୟରେ ଶ୍ରୀମଦ୍ ରାମାନୁଜ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମ ଭାବରେ ଦେଖିଥିବାରୁ ସେ ଲକ୍ଷ୍ମୀ ନାରାୟଣ ବେଶ ପ୍ରବର୍ତ୍ତନ କରିଥିଲେ । ଏହି ବେଶ ସ୍ନାନ ନୀତି ପରେ ଆରମ୍ଭ ହୁଏ ଏବଂ ଏହା ବାଲଧୂପ ପର୍ଯ୍ୟନ୍ତ ରୁହେ । ଲକ୍ଷ୍ମୀ ନାରାୟଣ ବେଶରେ ସୁନାବେଶରେ ସମସ୍ତ ଅଲଙ୍କାର ଲାଗିହୁଏ । ମାତ୍ର ରାଜବେଶରେ ତିନିଗୋଟି ସୁନା କିରିଟ ଲାଗି ହୁଅନ୍ତି ।

## ବାଙ୍କଚୂଡ଼ା ବେଶ

କାର୍ତ୍ତିକ ମାସର ପଞ୍ଚୁକ ମଧ୍ୟରେ ପଡୁଥିବା ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନସିଂହାସନାଧିଷ୍ଠିତ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଥାଏ । ଉକ୍ତଦିନ ଅବକାଶ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହମାନେ ବାଙ୍କଚୂଡ଼ା ବେଶରେ ସଜ୍ଜିତ ହୋଇଥାନ୍ତି ।  ଜନଶ୍ରୁତି ଅନୁଯାୟୀ ଯେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କୁ ଅକ୍ରୁର ମଥୁରାକୁ ନେବା ପାଇଁ ଗୋପ ଆସିଥିଲେ, ସେତେବେଳେ ଏହି ବେଶରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ । ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀମନ୍ଦିରରେ ବହୁ ପୁରାତନ କାଳରୁ ବାଙ୍କଚୂଡ଼ା ବେଶ ପାଳିତ ହୋଇ ଆସୁଛି । ବାଙ୍କଚୂଡ଼ା ବେଶର ପ୍ରଧାନ ଆକର୍ଷଣ ହେଉଛି ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ ଚନ୍ଦ୍ରିକାଚୂଳ ସହିତ ଦକ୍ଷିଣ ଦିଗକୁ ଆଡ଼ଖୋସା ପଡ଼େ ଏବଂ ଏହି ଖୋସାର ଅଗ୍ରଗଣ୍ଡିରେ ଏକ ସୁବର୍ଣ୍ଣ କିଆ ଖଞ୍ଜା ହୋଇଥାଏ । ଏହି ବେଶରେ ଠାକୁରମାନେ ଅବିକଳ ବାମନ ବେଶ ପରି ଶୋଭା ପାଇଥା'ନ୍ତି । ଲକ୍ଷ୍ମୀ ନାରାୟଣ ବେଶରେ ଲାଗୁଥିବା ଅଧିକାଂଶ ଅଳଙ୍କାର ଏଥିରେ ବ୍ୟବହୃତ ହୋଇଥାଏ । ଉକ୍ତ ବେଶ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଆଗମନ ସମୟରୁ ଆରମ୍ଭ ହୋଇଅଛି ।

## ଆଡ଼କିଆ ବେଶ(ତ୍ରିବିକ୍ରମ ବେଶ)

ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କର ଆଡ଼କିଆ ବା ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଥାଏ । ଉକ୍ତଦିନ ପ୍ରାତଃ ସମୟରେ ଠାକୁରମାନଙ୍କ ଅବକାଶ ନୀତି ସମାନ ହେବା ପରେ ଏହି ବେଶ ଆରମ୍ଭ ହୋଇଥାଏ । ଆଡ଼କିଆ ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ ଚୂଳ ଲଗାଯାଏ ।  ଚୂଳ ଦୁଇଟି ଶୋଲ, କନା, ବେତ, ଜମ୍ଭୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ହୋଇଥାଏ । ଏହି ଚୂଳରେ ସ୍ୱର୍ଣ୍ଣ ନିର୍ମିତ କିଆ ଆଡ଼ବାଗରେ ଖୋସା ଯାଇଥାଏ । ଶ୍ରୀ ବିଗ୍ରହଙ୍କ ମସ୍ତକର ଶୀର୍ଷ ଭାଗରେ ସ୍ୱର୍ଣ୍ଣ ଚନ୍ଦ୍ରିକା ମଧ୍ୟ ଖୋସା ଯାଇଥାଏ । ଏଥିସହିତ ପୂର୍ବଦିନ ପରି ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ଓ ହଳ, ମୂଷଳ, ଶଙ୍ଖ, ଚକ୍ର ଏବଂ ପାଟବସ୍ତ୍ର ଦ୍ୱାରା ସଜ୍ଜିତ କରାଯାଏ । ତ୍ରିବିକ୍ରମ ବେଶ ଅତିବଡ଼ି ସଂପ୍ରଦାୟର ଅତ୍ୟନ୍ତ ପ୍ରିୟ ଅଟେ । ପଞ୍ଚସଖାବାଦୀ ତଥା ଅତିବଡ଼ି ସଂପ୍ରଦାୟର ବହୁସଂଖ୍ୟକ ଶିଷ୍ୟ, ଭକ୍ତଗଣ ତଥା ମହନ୍ତମାନେ ଏହି ମନୋରମ ବେଶ ଦର୍ଶନ କରି ନିଜକୁ ସୌଭାଗ୍ୟ ମଣିଥାନ୍ତି ।

## ଲକ୍ଷ୍ମୀ ନୃସିଂହ ବେଶ (ଡାଳିକିଆ ବେଶ)

କାର୍ତ୍ତିକ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ଲକ୍ଷ୍ମୀ ନୃସିଂହ ବେଶରେ ସୁସଜ୍ଜିତ ହୁଅନ୍ତି । ଉକ୍ତଦିନ ଠାକୁରମାନଙ୍କର ଅବକାଶ ନୀତି ପରେ ଏହି ବେଶ ହୁଏ ଓ ବେଶ ବାଲଭୋଗ ପର୍ଯ୍ୟନ୍ତ ରୁହେ । ଏହି ବେଶ ମଧ୍ୟ ଡାଳିକିଆ ବେଶ ନାମରେ ନାମିତ । ଏହି ବେଶରେ ସୁନାକିଆ ଡାଳିଭଳି ଖଞ୍ଜା ଯାଇଥିବାରୁ ଏହାର ଏପରି ନାମକରଣ ହୋଇଛି । ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମସ୍ତକର ଶୀର୍ଷ ଭାଗରେ ଜରି, ବେତ, କନାରେ ଦୁଇଟି ଡାଳିଚୂଳ ସହିତ  ଲାଗି କରାଯାଏ । ଏହି ଡାଳି ଓ ଚୂଳରେ ଶୋଲ ଓ ଜରିରେ ନିର୍ମିତ ଗୁଡ଼ିଏ ଫୁଲ ଧାଡ଼ି ଧାଡ଼ି କରି ଲଗାଯାଏ । ତାହା ମଝିରେ ସୁବର୍ଣ୍ଣ କିଆ ଖୋସାଯାଏ । ସମଗ୍ର ବେଶକୁ ଧରି ରଖିଥାଏ ଶ୍ରୀମୁଖରେ ଦିଆ ଯାଇଥିବା ବଳା । ଅନ୍ୟାନ୍ୟ ବେଶରେ ବ୍ୟବହାର କରାଯାଉଥିବା ସୁନା ଅଳଙ୍କାର ମଧ୍ୟ ଏହି ବେଶରେ ବ୍ୟବହାର କରାଯାଏ । ଆଦି ଶଙ୍କରାଚାର୍ଯ୍ୟ ଲକ୍ଷ୍ମୀ ନୃସିଂହଙ୍କ ସ୍ତୁତି କରିଥିଲେ । ଗୋବର୍ଦ୍ଧନ ମଠରେ ମଧ୍ୟ ଲକ୍ଷ୍ମୀ ନୃସିଂହଙ୍କ ବିଗ୍ରହ ରହିଅଛି । ଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନରେ ଲକ୍ଷ୍ମୀ ନୃସିଂହଙ୍କ ମୂର୍ତ୍ତି ରହିଅଛି । ଶ୍ରୀମଦ୍ ରାମାନୁଜନଙ୍କ ଶିଷ୍ୟ ଶ୍ରୀ ରାମଦାସ (ଦକ୍ଷିଣ ପାର୍ଶ୍ୱ) ମଠର ପ୍ରତିଷ୍ଠାତା । ଉକ୍ତ ମଠରେ ଶାଳଗ୍ରାମ କୃତି ନୃସିଂହ ପୂଜା ପାଉଛନ୍ତି । ଲକ୍ଷ୍ମୀ ନୃସିଂହ ଶଙ୍କରାନନ୍ଦ ମଠରେ ପ୍ରତ୍ୟହ ପୂଜା ପାଉଛନ୍ତି ।

## ରାଜରାଜେଶ୍ୱର ବେଶ

କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ପରେ ରାଜବେଶ ହୋଇଥାଏ । ବିଭିନ୍ନ ପ୍ରକାରର ରତ୍ନ ଅଳଙ୍କାର, ପୁଷ୍ପ ଅଳଙ୍କାର ଓ ମୂଲ୍ୟବାନ ପାଟବସ୍ତ୍ରରେ ସୁସଜ୍ଜିତ ହୋଇ ଶ୍ରୀବିଗ୍ରହ ରାଜରାଜେଶ୍ୱର ବେଶ ଧାରଣ କରିଥାନ୍ତି । ଏହି ବେଶ ସକାଳ ଧୂପ, ଭୋଗ ମଣ୍ଡପ ଇତ୍ୟାଦି ଶେଷ ହେବା ପରେ କରାଯାଏ । ଏହିଦିନ ମହାପ୍ରଭୁ ରାଜବେଶରେ ସୁସଜ୍ଜିତ ହୁଅନ୍ତି । ଶ୍ରୀ ଜଗନ୍ନାଥ ଗୋପାଳ କୃଷ୍ଣ ଏବଂ ଦ୍ୱାରକା କୃଷ୍ଣ ଉଭୟଙ୍କର ସଂଯୋଗରେ ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ଭାବ ପ୍ରକାଶ କରୁଥିବାରୁ କାର୍ତ୍ତିକ ମାସରେ ରାଧା ଦାମୋଦର ବେଶରେ ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ଭାବ ପ୍ରକାଶପାଏ ।

## ବନଭୋଜି ବେଶ

ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ଯଥାକ୍ରମେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମ ରୂପେ କଳ୍ପିତ କରାଯାଇ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ସମ୍ବନ୍ଧୀୟ ଅନେକ ନୀତି, ପର୍ବପର୍ବାଣି ତଥା ମନୋରମ ବେଶ ଇତ୍ୟାଦିର ସୃଷ୍ଟି ହୋଇଅଛି । ବିଶେଷ କରି ପ୍ରତିବର୍ଷ ଭାଦ୍ରବ ମାସରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନୁଷ୍ଠିତ ହେଉଥିବା




Our expertise in power transmission is directed towards one goal, the happiness and comfort of the people of Orissa.

**Our Objectives :**

- Expansion of transmission network.
- Up-gradation of Grid sub-station & Transmission lines.
- Evacuation of power from up-coming generation plants.

Taking power to the people is the motto at OPTCL

PPS

OPTCL
*Lifeline of Odisha*

**Odisha Power Transmission Corporation Ltd.**
Janpath, Bhubaneswar - 751 022, Odisha, www.optcl.co.in

କୃଷ୍ଣ ଭାବାତ୍ମକ ବେଶ ଯଥା ବନଭୋଜି, କାଳୀୟଦଳନ, ପ୍ରଳମ୍ବାସୁର ବଧ, କୃଷ୍ଣ ବଳରାମ ଇତ୍ୟାଦି ବେଶ ଉତ୍କଳର ଗଜପତି ପ୍ରତାପ ରୁଦ୍ର ଦେବଙ୍କ ସମୟରୁ ପ୍ରଚଳିତ ହୋଇ ଆସୁଅଛି । ତତ୍କାଳୀନ ଗଜପତିଙ୍କ ଉପଦେଷ୍ଟା ରାୟ ରାମାନନ୍ଦ ଓ ସ୍ୱୟଂ ଶ୍ରୀଚୈତନ୍ୟଙ୍କ ପ୍ରଭାବରେ ହିଁ ଠାକୁରମାନଙ୍କ ଏହି ଆକର୍ଷଣୀୟ ବନଭୋଜି ବେଶ ଷୋଡ଼ଶ ଶତାବ୍ଦୀରୁ ପ୍ରଚଳନ ହୋଇଅଛି । ଶ୍ରୀମଦ୍ ଭାଗବତର ଗୋପଲୀଳାର ଚତୁର୍ଦ୍ଦଶ ଅଧ୍ୟାୟର ବର୍ଣ୍ଣନା ଅନୁସାରେ କୃଷ୍ଣ ବଳରାମ ବଣଭୋଜି କରିବାକୁ ଯାଇଥିଲେ । ଶ୍ରୀଭାଗବତ ଅନୁସାରେ ବଣଭୋଜିରେ ଯମୁନା ତୀରରେ ଅର୍ଘାସୁର ବଧ ହେବା ପରେ ଗୋପ ବାଳକମାନେ ମରଣରୁ ବର୍ତ୍ତି ଆନନ୍ଦିତ ହୋଇଥିଲେ । ଶ୍ରୀମନ୍ଦିରରେ ଏହି କଥାବସ୍ତୁ ଉପରେ ଆଧାରିତ ବଣଭୋଜି ବେଶ ଭାଦ୍ରବ କୃଷ୍ଣଦଶମୀ ତିଥିରେ କରାଯାଏ । ଏହି ବେଶ ସନ୍ଧ୍ୟାଧୂପ ପରେ କରାଯାଏ । ପୁଷ୍ପାଳକମାନେ ତିନି ବାଡ଼ରେ ଏହି ବେଶ କରନ୍ତି । ଏହି ବେଶ ଆରମ୍ଭ ହେବା ପୂର୍ବରୁ ମଧ୍ୟାହ୍ନ ଧୂପ ପରେ ବଡ଼ ବାଡ଼ରୁ ଏକଖଣ୍ଡ ଓ ଜଗନ୍ନାଥଙ୍କ ବାଡ଼ରୁ ଏକ ଖଣ୍ଡ ଆଜ୍ଞାମାଳ ଅଣାଯାଇ ସେହି ଆଜ୍ଞାମାଳ ଯଥାକ୍ରମେ ଦକ୍ଷିଣ ଘରେ ଥିବା ରାମକୃଷ୍ଣ ମୂର୍ତ୍ତିକୁ ଦିଆଯାଏ । ଏହାପରେ ରାମକୃଷ୍ଣଙ୍କୁ ବଟ ଦ୍ୱାର ଠାରେ ପାଲିଙ୍କିରେ ବିଜେ କରି ବଡ଼ଛତା ମଠ ନିକଟ ଲକ୍ଷି ଆଖଡ଼ା ଆଗରେ ଥିବା କାଠ ସିଂହାସନରେ ବିଜେ କରାଯାଇ ସେଠାରେ କୋଳିବିକା ନୀତି କରାଯାଏ । ରାମକୃଷ୍ଣ ବିଜେ ହୋଇ ସାରିବା ପରେ ମହାପ୍ରଭୁଙ୍କର ବେଶ କରାଯାଏ । ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମସ୍ତକରେ ସୋଲ, ବେତ ଓ କନାରେ ନିର୍ମିତ ଚୂଳରେ ସୁନା କିଆ ଖୋସା ଯାଇଥାଏ । ଦୁଇ ଠାକୁରଙ୍କ ଶ୍ରୀହସ୍ତରେ ଶିକାରେ ରୂପା ପିଙ୍ଗଳ ରଖାଯାଇ ତା' ମଧ୍ୟରେ ସର ରଖାଯାଏ ଓ ଅନ୍ୟ ହସ୍ତରେ ଏକ ଯଷ୍ଟି ଧାରଣ କରନ୍ତି । ବଣକୁ ଗାଈ ଚରାଇବାକୁ ଯାଇଥିବା ସମୟରେ ମହାପ୍ରଭୁ ଅନ୍ନ ନନେଇ ସର ଲହୁଣୀ ନେଇ କରି ଯାଆନ୍ତି । ଏହା ଜଣାଇବା ପାଇଁ ଶିକାରେ ସର ଓ ଦେହରେ ଖୁଆପେଡ଼ାର ମାଳ ଲମ୍ବାନ୍ତି । ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ରାମକୃଷ୍ଣ ଭାବରେ କଳ୍ପନା କରାଯାଇ ପୂର୍ଣ୍ଣ ଅବୟବ ଯୁକ୍ତ କରାଯାଏ । ମଥାରେ ଠେକା ଭିଡ଼ିବା ନ୍ୟାୟରେ ଠାକୁରଙ୍କର ମସ୍ତକରେ ଶୋଲ ଓ ବେତରେ ନିର୍ମିତ ଚୂଳ ଲଗାଯାଏ । ବଣର କିଆକେତକୀ ପାଖୁଡ଼ା ସଦୃଶ ସ୍ୱର୍ଣ୍ଣ ପାଖୁଡ଼ା (କିଆ) ଲଗାଯାଏ । ଉକ୍ତ ବେଶରେ ୧୮ ପ୍ରକାରର ସୁନା ଅଳଙ୍କାର ବ୍ୟବହାର କରାଯାଏ । ରତ୍ନ ସିଂହାସନ ଉପରେ ଦୁଇଟି ଲେଖାଏଁ ଗାଈ ବାଛୁରୀ (କାଠରେ ନିର୍ମିତ) ଠିଆ ଅବସ୍ଥାରେ ରହିଥାନ୍ତି । ବଣଭୋଜି ବେଶକୁ ଭକ୍ତମାନେ ଦର୍ଶନ କରି ଅପାର ଆନନ୍ଦ ଲାଭ କରନ୍ତି । ଏହି ବେଶ ଉତ୍କଳର କୃଷ୍ଣ ପ୍ରାଣତାର ପରିଚୟ ଦିଏ ।



## କାଳୀୟ ଦଳନ ବେଶ

ଶ୍ରୀମଦ୍ ଭାଗବତର କଥାବସ୍ତୁ ଅନୁସାରେ ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଶ୍ରୀମନ୍ଦିରରେ କାଳୀୟଦଳନ ବେଶ କରାଯାଏ । କାଳୀୟଦଳନ ବେଶ ମହାପ୍ରଭୁଙ୍କ ପାଖରେ ହେଲାବେଳେ କାଳୀୟଦଳନ ଉତ୍ସବ ମାର୍କଣ୍ଡ ପୁଷ୍କରିଣୀରେ କରାଯାଏ । ମଧ୍ୟାହ୍ନ ପରେ କାଳୀୟଦଳନ ବେଶ ହୁଏ । ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର କାଷ୍ଠ ନିର୍ମିତ ଶ୍ରୀଭୁଜ ଓ ଶ୍ରୀପୟର ଯୁକ୍ତ ହୁଅନ୍ତି । ବେତ, ସୂତା ଓ କନାରେ ପ୍ରସ୍ତୁତ ପ୍ରାୟ ୨୦ ହାତ ଲମ୍ବର ଏକ ବିରାଟକାୟ ସପ୍ତଫେଣୀ କାଳୀୟ ସର୍ପ ଖଞ୍ଜାଯାଇ ନାଗର ମସ୍ତକଟି ମହାପ୍ରଭୁଙ୍କ ଶ୍ରୀପୟର ତଳେ ଓ ଅବଶିଷ୍ଟ ଅଂଶ ଠାକୁରଙ୍କ ସମଗ୍ର ଶରୀରକୁ ଆବୃତ କରି ରହିଥାଏ । ସର୍ପଟିର ସମସ୍ତ ଶରୀର କଳା କନା ଦ୍ୱାରା ଆବୃତ ହୋଇଥିଲେ ମଧ୍ୟ ଶରୀରର କାତି ନିମନ୍ତେ ଧଳା କନା ବ୍ୟବହୃତ ହୋଇଥାଏ । ସର୍ପର ଲାଞ୍ଜ ମହାପ୍ରଭୁ ବାମ ହସ୍ତରେ ଧରିଥା'ନ୍ତି । ତାଙ୍କର ଦୁଇ ପାର୍ଶ୍ୱରେ ପ୍ରାର୍ଥନା ଭଙ୍ଗୀରେ ଦୁଇଟି ନାଗୁଣୀ ମୂର୍ତ୍ତି ରଖାଯାଇଥାଏ । ବଳଭଦ୍ରଙ୍କ ସମ୍ମୁଖରେ ଥାଏ କାଷ୍ଠ ନିର୍ମିତ ଗାଈ ଓ ବାଛୁରୀ । କାଳୀୟଦଳନ ବେଶ ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହୋଇ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ରୁହେ । ଏହି ବେଶ ବେଳେ ଠାକୁରଙ୍କୁ ଲଡୁ ଭୋଗ କରାଯାଏ ।

## ପ୍ରଳମ୍ବାସୁର ବଧ ବେଶ

ଶ୍ରୀମଦ୍ ଭାଗବତର ଗୋପଲୀଳା ଊନବିଂଶତମ ଅଧ୍ୟାୟରେ ପ୍ରଳମ୍ବାସୁର ବଧ ବେଶର ବର୍ଣ୍ଣନା ରହିଅଛି । ଶ୍ରୀମନ୍ଦିରରେ ଭାଦ୍ରବ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀ ବଳଭଦ୍ର ଦେବଙ୍କର ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହୁଏ । ଏହି ବେଶ ମଧ୍ୟାହ୍ନ ଧୂପ ସମାପ୍ତି ପରେ କରାଯାଏ ଓ ସନ୍ଧ୍ୟାଧୂପ ସରିବା ଯାଏଁ ରହିଥାଏ । ଉକ୍ତ ବେଶରେ ଶ୍ରୀଜଗନ୍ନାଥ ଓ ସୁଭଦ୍ରା ସାଧାରଣ ବେଶରେ ବିରାଜମାନ କରନ୍ତି । ଶ୍ରୀବଳଭଦ୍ରଙ୍କୁ ପ୍ରଳମ୍ବାସୁର ବଧ ବେଶରେ ସୁସଜ୍ଜିତ କରାଯାଏ । ଶ୍ରୀବଳଭଦ୍ରଙ୍କ ସାମ୍ନାରେ ପ୍ରାୟ ୪ଫୁଟ୍ ଉଚ୍ଚର ଏକ ପ୍ରଳମ୍ବାସୁର ମୂର୍ତ୍ତି ସିଂହାସନରେ ରଖାଯାଏ । ସେହି ଅସୁର କାନ୍ଧ ଏବଂ ଦୁଇ ଭୁଜରେ ଶ୍ରୀ ବଳଭଦ୍ର ବସିଥିବା ଭଳି ପ୍ରତୀୟମାନ ହୁଏ । ବେତ, କାଠ, ଧଳା ଓ ନେଳି କନା, କଇଁଥ ଅଠା ଇତ୍ୟାଦିରେ ଏହି ମୂର୍ତ୍ତି ନିର୍ମିତ ହୁଏ । ଶ୍ରୀ ବଳଭଦ୍ରଙ୍କ ଦୁଇ ହସ୍ତରେ ହଳ, ମୂଷଳ ଶୋଭାପାଏ । ଏହି ବେଶ ଖ୍ରୀଷ୍ଟିୟ ଷୋଡ଼ଶ ଶତାବ୍ଦୀରେ ପ୍ରଚଳନ ହେବାର ଜଣାଯାଏ ।

## କୃଷ୍ଣ ବଳରାମ ବେଶ

ଭାଦ୍ରବ ମାସ କୃଷ୍ଣପକ୍ଷ ତ୍ରୟୋଦଶୀରେ ଶ୍ରୀମନ୍ଦିରରେ ଶ୍ରୀ ବିଗ୍ରହମାନଙ୍କ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଥାଏ । ପୂର୍ବରୁ ଏହି ତିଥିରେ ସୁପ୍ରସିଦ୍ଧ ଓଡ଼ିଆ ମଠ ତରଫରୁ ଠାକୁରମାନଙ୍କର ଗିରି ଗୋବର୍ଦ୍ଧନ ବେଶ ଅନୁଷ୍ଠିତ ହେଉଥିଲା । କେତେକ ନିର୍ଦ୍ଦିଷ୍ଟ କରଣ ଯୋଗୁଁ ପରବର୍ତ୍ତୀ ସମୟରେ ଏହି ବେଶ ବନ୍ଦ ହୋଇ ଯାଇଥିଲା । ଜମିଦାର ଗୋପବନ୍ଧୁ ମିଶ୍ର ୧୯୪୫ ମସିହାରେ ତତ୍କାଳୀନ ଗଜପତିଙ୍କ ହୁକୁମନାମା ଅନୁସାରେ ଗିରି ଗୋବର୍ଦ୍ଧନ ବେଶ ବଦଳରେ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ କରାଇଥିଲେ । ବାସ୍ତବରେ ଗୋପବନ୍ଧୁ ମିଶ୍ରଙ୍କ ପତ୍ନୀ ଏଥିନିମନ୍ତେ ବହୁ ଉଦ୍ୟମ କରିଥିବାର ଜଣାଯାଏ । ଏହା ଖଣ୍ଡସାହି ଜମିଦାରଙ୍କ ଯଜମାନୀ ବେଶ ଅଟେ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଉପରାନ୍ତ ଶ୍ରୀବଳଭଦ୍ରଙ୍କୁ ବଳରାମ ରୂପରେ, ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପରେ ଓ ଦେବୀ ସୁଭଦ୍ରାଙ୍କୁ ଭଗିନୀ ବେଶରେ ସୁସଜ୍ଜିତ କରାଯାଏ । ଶ୍ରୀକୃଷ୍ଣଙ୍କର ବାଲ୍ୟକାଳର ଗୋବତ୍ସଚାରଣର ବାତାବରଣ ସ୍ପଷ୍ଟ ପ୍ରତୀୟମାନ ହୁଏ । ଏହି ବେଶରେ ଅଧିକାଂଶ ସାମଗ୍ରୀ ଶୋଲ, ନରି, ବେତ, କନା, କଇଁଥ ଅଠା ପ୍ରଭୃତି ଉପକରଣରେ ନିର୍ମିତ ହୋଇଥାଏ । ଉକ୍ତ ବେଶରେ ଶ୍ରୀଜଗନ୍ନାଥଙ୍କ ଦୁଇହସ୍ତ, ଶ୍ରୀବଳଭଦ୍ରଙ୍କ ଦୁଇହସ୍ତ ଓ ଦେବୀ ସୁଭଦ୍ରାଙ୍କ ଚାରି ହସ୍ତ ହୋଇଥାଏ । ଦେବୀ ସୁଭଦ୍ରା ରତ୍ନସିଂହାସନରେ ଉପବେଶନ ଭଙ୍ଗୀରେ ଚତୁଃହସ୍ତରେ ଅଭୟ, ବରଦା, ପାଶ, ଅଙ୍କୁଶ ଧାରଣ କରିଥାନ୍ତି । ରତ୍ନସିଂହାସନର ଦୁଇପାର୍ଶ୍ୱରେ ନନ୍ଦ, ଉପନନ୍ଦ, ବସୁଦେବ, ଗୋପାଳ, ବାଳକମାନେ, ଗୋପୀ, ବ୍ରହ୍ମା, ସହସ୍ରଚକ୍ଷୁ ଇନ୍ଦ୍ର, ନାରଦ,



ରୋହିଣୀ, ଯଶୋଦା ଇତ୍ୟାଦିଙ୍କୁ ଦଣ୍ଡାୟମାନ ଭଙ୍ଗୀରେ ରଖାଯାଏ । ଠାକୁରମାନଙ୍କ ସମ୍ମୁଖରେ ଚାରିଗୋଟି ଗାଇ, ବାଛୁରୀ ଦଣ୍ଡାୟମାନ ଭଙ୍ଗୀରେ ରହଥାନ୍ତି । କୃଷ୍ଣ ବଳରାମ ବେଶ ଥାଇ ଠାକୁରମାନଙ୍କର ସନ୍ଧ୍ୟାଧୂପ ଅନୁଷ୍ଠିତ ହୁଏ । ଏହି ବେଶରେ ଶ୍ରୀ ବିଗ୍ରହଙ୍କୁ କ୍ଷୀରି ଓ ଅମାଲୁ ଭୋଗ ହୁଏ ।

## ରାଧା ଦାମୋଦର ବେଶ

ଶ୍ରୀବିଗ୍ରହଙ୍କ ରାଧା ଦାମୋଦର ବେଶ ପ୍ରତ୍ୟେକ ବର୍ଷ ଆଶ୍ୱିନମାସ ଶୁକ୍ଳପକ୍ଷ ଏକାଦଶୀ ଠାରୁ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । କାର୍ତ୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର ହୋଇଥିବାରୁ ବେଶର ଏପରି ନାମକରଣ କରାଯାଇଛି । କାର୍ତ୍ତିକ ମାସରେ ପ୍ରାତଃ କାଳ ପୂର୍ବରୁ ଆଳତି ଅବକାଶ ସାରି ରାଧା ଦାମୋଦର ବେଶ ହୋଇ ଶ୍ରୀବିଗ୍ରହ ବାଳଧୂପ ପର୍ଯ୍ୟନ୍ତ ରୁହନ୍ତି । ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧର ମାଳା ଲାଗେ । ଫୁଲ ଠାରୁ ଅଧିକ ସୁବର୍ଣ୍ଣ ଅଳଙ୍କାର ଲାଗେ । ହସ୍ତରେ ନଳୀଭୁଜ ପିନ୍ଧାଇ ଦିଆଯାଏ । ମହାପ୍ରଭୁଙ୍କର ଚୂଳରେ ବାଉଁଶ ପାତିଆ ଓ କନାରେ ନିର୍ମିତ ଚୂଳ ତ୍ରିମୁଣ୍ଡି ଉପରେ ରହିଥାଏ । ଚୂଳର ଅଗ୍ରଭାଗରେ ଚନ୍ଦ୍ରିକା ଶୋଭାପାଏ । କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ ମସ୍ତକରେ ତଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଅଳଙ୍କାର, ସୁନା ଅଳଙ୍କାର ସହ ପାଟଶାଢ଼ି, ଫୁଟା, ଶିରୀକପଡ଼ା, ପହରଣ, ଦଳା, ଅଧରବଳା ଓ ଉତ୍ତରୀୟ ବସ୍ତ୍ର ଲାଗି ହୁଏ । ଶ୍ରୀମଦ ନିମ୍ବାର୍କ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଉପାସକ ଥିଲେ । ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖ କଳାହେତୁ ଶ୍ରୀକୃଷ୍ଣ ଓ ତଳ ଭାଗଟି ଧଳା ହେତୁ ତାହା ରାଧା ଭାବରେ ଚିହ୍ନିତ ହୋଇଅଛି । ବିଷ୍ଣୁ ସହସ୍ର ନାମ ଟୀକା ଅନୁସାରେ ଶ୍ରୀକୃଷ୍ଣୁ ଦାମ (ଦଉଡ଼ି)ରେ ଯଶୋଦା ବାନ୍ଧି ଦେଇଥିଲେ ବୋଲି ତାଙ୍କର ନାମ ଦାମୋଦର । ରାଧା ଦାମୋଦର ବେଶ ଶ୍ରୀରାଧା କୃଷ୍ଣଙ୍କର ଅପୂର୍ବ ଲୀଳାର ପରିଚୟ ଦିଏ ।

## ହରିହର ବେଶ

ଉତ୍କଳରେ ପ୍ରାୟ ସପ୍ତମ ଶତାବ୍ଦୀ ସମୟରୁ ହରି-ହର ଚେତନାର ଆବିର୍ଭାବ ହୋଇଥିଲା । ସପ୍ତମ ଶତାବ୍ଦୀରେ ଫୁଲବାଣୀର ଗନ୍ଧରାଡ଼ି ଠାରେ ଶିବ ଓ ବିଷ୍ଣୁଙ୍କ ଏକତ୍ର ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚର୍ଯ୍ୟ ଶ୍ରୀଜଗନ୍ନାଥଙ୍କୁ ବିଷ୍ଣୁ, ଶ୍ରୀବଳଭଦ୍ରଙ୍କୁ ଶିବ ଓ ମା' ସୁଭଦ୍ରାଙ୍କୁ ଶକ୍ତି ରୂପେ ଗ୍ରହଣ କରି ଶୈବ-ବୈଷ୍ଣବ ମତବାଦର ସମନ୍ୱୟ ସୃଷ୍ଟି କରିଥିଲେ । ଦ୍ୱାଦଶ ଶତାବ୍ଦୀରେ ଚୋଳଗଙ୍ଗଦେବ ଶ୍ରୀକ୍ଷେତ୍ରରେ ସେ ପରମ ବୈଷ୍ଣବ ଭାବରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ ମଧ୍ୟ ଶ୍ରୀ ଲିଙ୍ଗରାଜଙ୍କ ହରି-ହର ସ୍ୱରୂପକୁ ଉପଲବ୍ଧି କରି ସେହି ମତକୁ ମନ୍ଦିରରେ ପ୍ରବର୍ତ୍ତନ କରାଇଥିବାରୁ ସେହିଦିନ ଠାରୁ ଲିଙ୍ଗରାଜଙ୍କର ଏକ ପାର୍ଶ୍ୱକୁ ହରି ଅନ୍ୟ ପାର୍ଶ୍ୱକୁ ହର ରୂପେ ଗ୍ରହଣ କରାଯାଏ । ହରିହର ବେଶରେ ଶ୍ରୀ ବଳଭଦ୍ରଙ୍କୁ ଭୂଷିତ କରାଯାଏ । ଏହି ବେଶ ଦୀପାବଳୀ ଅମାବାସ୍ୟା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ମଧ୍ୟରେ ପ୍ରତ୍ୟେକ ସୋମବାର ଦିନ ଅବକାଶ ଠାରୁ ବାଳଧୂପ ପର୍ଯ୍ୟନ୍ତ କରାଯାଏ । ଶ୍ରୀବଳଭଦ୍ରଙ୍କ ଶ୍ରୀଅଙ୍ଗରେ ଅର୍ଦ୍ଧେକ ଶ୍ୱେତବସ୍ତ୍ର ଲାଗି ହୋଇ ଅନ୍ୟ ଅର୍ଦ୍ଧେକ କୃଷ୍ଣ ବସ୍ତ୍ରରେ ମଣ୍ଡିତ କରାଯାଏ । ଧଳା ଓ କଳା ଉଭୟ ବସ୍ତ୍ରରେ ସଜ୍ଜିତ ବଳଭଦ୍ରଙ୍କର ଅପରୂପ ଶୋଭା ଭକ୍ତମାନେ ଦର୍ଶନ କରନ୍ତି ।

## ନାଗାର୍ଜ୍ଜୁନ ବେଶ

କାର୍ତ୍ତିକ ମାସରେ ପଞ୍ଚୁକ ଛ'ଦିନ ପଡ଼ିଲେ ନାଗାର୍ଜ୍ଜୁନ ବେଶ ହୁଏ । କନା, ଜରି ଓ ବେତରେ ନିର୍ମିତ ଏହି ବେଶରେ ଜଗନ୍ନାଥଙ୍କୁ ଏକ ଯୋଦ୍ଧା ରୂପରେ ସଜେଇ ଦିଆଯାଏ । ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ନାଗାର୍ଜ୍ଜୁନ ବେଶ ଶ୍ରୀକ୍ଷେତ୍ର ଲୋକ ସଂସ୍କୃତିର ଏକ ପ୍ରତିଛବି ବୋଲି ଜଣାଯାଏ । ଶ୍ରୀକ୍ଷେତ୍ରରେ ପଞ୍ଚରାମାନନ୍ଦ ଆଖଡ଼ା ପ୍ରତିଷ୍ଠିତ ହେବା ପରେ ଏହି ବେଶର ସୃଷ୍ଟି ହୋଇଛି । ରତ୍ନସିଂହାସନାଧିଷ୍ଠିତ ଶ୍ରୀ ବିଗ୍ରହଙ୍କର ଏହି ଆକର୍ଷଣୀୟ ନାଗାର୍ଜ୍ଜୁନ ବେଶରେ ମହାପ୍ରଭୁଙ୍କୁ ମୁଖ୍ୟତଃ ଶୋଲ, କନା, ଜରି ଓ ବେତରେ ନିର୍ମିତ, ହାଣ୍ଡିଆ, ତେଣୁ ନିଶଦାଢ଼ି, ଶୋଲର ଛୁରୀ, କଟାରି, ବାଘଛାଲ, ସିଙ୍ଘଡ଼ା, କାଳିଫି, ସ୍ୱର୍ଣ୍ଣନିର୍ମିତ ଶ୍ରୀଭୁଜ, ଶ୍ରୀପୟର, ବାଘନଖିମାଳି, ହରିଡ଼ାମାଳି, ଧାରଣ କରି ବୀର ବେଶରେ ସଜ୍ଜିତ ହୋଇଥାନ୍ତି ।

## ଶ୍ରାଦ୍ଧ ବେଶ

ମହାପ୍ରଭୁ ମନୁଷ୍ୟମାନଙ୍କ ଭଳି ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିନିଦିନ ଦୀପଦାନ କରନ୍ତି । ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଦିନ ଅଦିତି କଶ୍ୟପଙ୍କ ଉଦ୍ଦେଶ୍ୟରେ, ଅମାବାସ୍ୟା ଦିନ ଦଶରଥ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ, ପ୍ରତିପଦା ଦିନ ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ଉତ୍ସର୍ଗ କରନ୍ତି । ମହାପ୍ରଭୁ ସାମାଜିକ ଚାଲିଚଳନ ଓ ମାନବବାଦୀ ଚାଲିଚଳନକୁ ଶ୍ରୀମନ୍ଦିରରେ ଶ୍ରାଦ୍ଧୋତ୍ସବ ରୂପେ ପାଳନ କରିଛନ୍ତି । ଏହି ବେଶରେ ଶ୍ରୀଜଗନ୍ନାଥ ଅବତାରୀ ଓ ଅବତାର ମଧ୍ୟ । ଅବତାରୀ ଭାବେ ଜଗତ ମଙ୍ଗଳ ପାଇଁ ଦୀପ ଗ୍ରହଣ କରନ୍ତି ଏବଂ ଅବତାର ଭାବେ ଲୋକଶିକ୍ଷା ପାଇଁ ଶ୍ରାଦ୍ଧ ଦେଇ ପିତାମାତାଙ୍କୁ ଆଦର ସମ୍ମାନ କରନ୍ତି ।

## ଘୋଡ଼ଲାଗି ବେଶ

ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁଙ୍କର ଘୋଡ଼ଲାଗି ବେଶ ହୁଏ । ଏହି ବେଶ ମାର୍ଗଶୀର ମାସ ଶୁକ୍ଳ ଷଷ୍ଠୀରୁ ଆରମ୍ଭ ହୋଇ ବସନ୍ତ ପଞ୍ଚମୀ

ପର୍ଯ୍ୟନ୍ତ ଚାଲେ । ପ୍ରତିଦିନ ଅବକାଶୀ ପରେ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ଘୋଡ଼ଲାଗି ହୁଅନ୍ତି । କେବଳ ମଧ୍ୟାହ୍ନ ଧୂପ ସମୟରେ ଖରାର ତାତି ବଢ଼ି ଯାଇଥିବାରୁ ଘୋଡ଼ ଖୋଲି ଦିଆଯାଏ । ପୁଣି ମଧ୍ୟାହ୍ନ ଧୂପ ପରେ ଠାକୁରମାନେ ଘୋଡ଼ ପରିଧାନ କରନ୍ତି । ଘୋଡ଼ ବେଶରେ ଶ୍ରୀବିଗ୍ରହ ଆଠ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ଲାଗି ହୁଅନ୍ତି ।

### ପଦ୍ମବେଶ

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ପଦ୍ମବେଶ ବଡ଼ଛତା ମଠ ଦ୍ୱାରା କରାଯାଏ । ସିଂହଦ୍ୱାରରେ ଅବସ୍ଥିତ ଏହି ବଡ଼ଛତା ମଠଟି ଶ୍ରୀରାମାନନ୍ଦ ସମ୍ପ୍ରଦାୟର ପ୍ରସିଦ୍ଧ ମଠ ଭାବରେ ପରିଚିତ । ଉକ୍ତ ବେଶ ବଡ଼ଛତା ମଠର ସନ୍ଥ ରଘୁବର ଦାସଙ୍କ ଦ୍ୱାରା ଆରମ୍ଭ ହୋଇଛି । ପଦ୍ମବେଶରେ ମହାପ୍ରଭୁ ମଣ୍ଡିତ ହେଉଥିବା ଜରି, ଶୋଲ, କଦଳୀ, ପଟୁକା, କନା, କଇଁଆ ଅଠା ଓ ରଙ୍ଗର ସାହାଯ୍ୟରେ ନିର୍ମିତ ତିନି ଠାକୁରଙ୍କ ମୁଖପଦ୍ମ ପ୍ରଭୁଙ୍କୁ ଲାଗି କରାଯିବା ସଙ୍ଗେ ସଙ୍ଗେ ପଦ୍ମ ବେଶରେ ପୂଜା କରା ଯାଉଥିବା କ୍ଷୀରି ପାଇଁ ଭୋଗ ଦ୍ରବ୍ୟ ବଡ଼ଛତା ମଠରୁ ଯୋଗାଇ ଦିଆଯାଇ ତାହା ଶ୍ରୀମନ୍ଦିର କୋଠଭୋଗ ଚୁଲିରେ ପ୍ରସ୍ତୁତ କରାଯାଇ କ୍ଷୀରି ଓ ଅମାଲୁ ଭୋଗ କରାଯାଏ ।

### ଗଜଉଦ୍ଧାରଣ ବେଶ

ମାଘମାସ ପୂର୍ଣ୍ଣିମା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୁଏ । ଏହି ବେଶର ଆଧାର ଶ୍ରୀଭାଗବତ ମହାପୁରାଣର ଅଷ୍ଟମ ସ୍କନ୍ଧର ୨ୟ ଠାରୁ ୪ର୍ଥ ଅଧ୍ୟାୟ ପର୍ଯ୍ୟନ୍ତ କଥାବସ୍ତୁ ଉପରେ ଆଧାରିତ । ଗଜ ଉଦ୍ଧାରଣ ବେଶ ସମୟରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ର ଚତୁର୍ଭୁଜ ରୂପ ଧାରଣ କରନ୍ତି । ଶ୍ରୀଜଗନ୍ନାଥଙ୍କ ଚାରି ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୋଭା ପାଉଥିବା ବେଳେ ଶ୍ରୀବଳଭଦ୍ର ଚାରିଭୁଜରେ ଶଙ୍ଖ, ଚକ୍ର, ହଳ, ମୂଷଳ ଧାରଣ କରନ୍ତି । ପୁନଶ୍ଚ ଲକ୍ଷ୍ମୀ (ଶ୍ରୀଦେବୀ) ଜଗନ୍ନାଥଙ୍କ କୋଳରେ ବିରାଜମାନ କରନ୍ତି । ଦେବୀ ସୁଭଦ୍ରା ଛନ୍ଦାଚରଣରେ ଗୋଟିଏ ହସ୍ତରେ ପଦ୍ମ ଧରି ଦଣ୍ଡାୟମାନ ହୋଇଥାନ୍ତି । ଶଚ୍ଚ ଦୁଇଟି ପଦ୍ମ ଧରି ବିରାଜମାନ କରିଥାନ୍ତି । କୁମ୍ଭୀରର ଏକ ଚିତ୍ର ଗଜର ପାଦକୁ ଗିଳିଲା ଭଳି ରଖା ଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କ ଗଜ ଉଦ୍ଧାରଣ ବେଶ ସଂପୂର୍ଣ୍ଣ ହେବା ପରେ କ୍ଷୀରି ଓ ଅମାଲୁ ଭୋଗ ଏବଂ ସନ୍ଧ୍ୟାଧୂପ କରାଯାଏ ।

### ନବାଙ୍କ ବେଶ

ମକର ସଂକ୍ରାନ୍ତି ପୂର୍ବଦିନ ମହାପ୍ରଭୁଙ୍କର ନବାଙ୍କ ବେଶ ଅନୁଷ୍ଠିତ ହୁଏ । ଉକ୍ତ ଦିନ ବଡ଼ସିଂହାର ବେଶରେ ଶୋଲ, ଜରି ଓ କଇଁଆ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୂଷଳ, କୁଣ୍ଡଳ, ତଡ଼ଗି ଇତ୍ୟାଦି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କୁ ଲାଗି ହୁଏ । ଏହି ବେଶ ପ୍ରାୟତଃ ଏକ ଗେଣ୍ଡୁ ଫୁଲର ବେଶ । ନବାଙ୍କ ବେଶରେ ଠାକୁରମାନଙ୍କ ଶିରରୁ ରତ୍ନସିଂହାସନ ଚଟାଣ ଯାଏଁ ଗେଣ୍ଡୁ ଫୁଲର ମାଳାରେ ସୁସଜ୍ଜିତ କରାଯାଏ । ପୂର୍ବରୁ ଏହି ବେଶ ସାମଗ୍ରୀ ଦକ୍ଷିଣ ପାର୍ଶ୍ୱ ମଠ (ଶ୍ରୀରାମଦାସ ମଠ) ଯୋଗାଇ ଆସୁଥିଲେ ମଧ୍ୟ ଏବେ ଏହି ମଠ ବେଶ ସହ ସମ୍ପୃକ୍ତ ହେଉ ନାହିଁ ।

### ଚାଚେରୀ ବେଶ

ଶ୍ରୀମନ୍ଦିରରେ ଫଗୁଣ ମାସର ଶୁକ୍ଳ ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୫ଦିନ ଧରି ଶ୍ରୀ ବିଗ୍ରହମାନଙ୍କର ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ । ଉକ୍ତ ଦିନମାନଙ୍କରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏହି ବେଶ କରାଯାଇଥାଏ । ଉକ୍ତ ବେଶରେ ଶ୍ରୀ ବିଗ୍ରହ ଲାଲବର୍ଣ୍ଣର ସମସ୍ତ ବସ୍ତ୍ର ପରିଧାନ କରନ୍ତି । ଚାଚେରୀ ବେଶ ସମୟରେ ଫଗୁଖେଳ ଓ ଚାଚେରୀ ଭୋଗ ହୁଏ ।



### ରଘୁନାଥ ବେଶ

ବୈଶାଖ ମାସରେ ଯେଉଁଦିନ ରାମଚନ୍ଦ୍ର ଦେବଙ୍କ ଅଭିଷେକ ଉତ୍ସବ ପଡ଼ିଥାଏ, ସେହି ତିଥିରେ ଶ୍ରୀମନ୍ଦିରରେ ରଘୁନାଥ ବେଶ ଅନୁଷ୍ଠିତ ହୋଇଥାଏ । ରଘୁନାଥ ବେଶ ଏକ ରାଜକୀୟ ବେଶ ହୋଇଥିବାରୁ ଏବଂ ଏହି ବେଶରେ ଅନେକ ସୁବର୍ଣ୍ଣ, ରୌପ୍ୟ, ରତ୍ନ, ମଣି, ମାଣିକ୍ୟାଦିରେ ନିର୍ମିତ ନାନାଦି ଅଳଙ୍କାର ବ୍ୟବହାର ହେଉଥିବାରୁ ସାଧାରଣତଃ ଏହି ବେଶ ଭୂଷଣ ଶୃଙ୍ଗାର ରୂପେ ଅଭିହିତ କରାଯାଇଥାଏ । ଅତୀତରେ ରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବ ସ୍ମରଣ ପୂର୍ବକ ଏହି ବର୍ଣ୍ଣାଢ଼୍ୟ ବେଶର ଆୟୋଜନ ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଅନୁଷ୍ଠିତ ହୋଇଥିଲା । ୧୯୦୫ ମସିହା ଏପ୍ରିଲ ୨୬ ତାରିଖ ଦିନ ଉକ୍ତ ବେଶ ଅନୁଷ୍ଠିତ ହୋଇଥିଲା । ଉତ୍କଳରେ ପ୍ରଜାତନ୍ତ୍ର ପ୍ରଚଳନ ଉପରାନ୍ତ ରଘୁନାଥ ବେଶ ଅନୁଷ୍ଠିତ ହୋଇନାହିଁ ।

### ବାମନ ବେଶ

ଶ୍ରୀମଦ୍ ଭାଗବତର କଥାବସ୍ତୁ ଅନୁସାରେ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ହୋଇଥିଲେ । ଏହି ଦିନ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ଶେଷ ହେବା ପରେ ଶ୍ରୀଜଗନ୍ନାଥ ବାମନ ବେଶ ଧାରଣ କରନ୍ତି । ଦେବୀ ସୁଭଦ୍ର ସାଧାରଣ ବେଶ, ଶ୍ରୀବଳଭଦ୍ର ରାଜ ବେଶରେ ଦୃଶ୍ୟମାନ ହୁଅନ୍ତି । ଶ୍ରୀଜଗନ୍ନାଥ ଶ୍ରୀଭୁଜ, ଶ୍ରୀପୟର ଯୁକ୍ତ ହୋଇ ସ୍ୱର୍ଣ୍ଣ କିରିଟ ଧାରଣ କରନ୍ତି । ମହାପ୍ରଭୁ ଶ୍ରୀଭୁବର ବାମ ହସ୍ତରେ ଛତା, ଦକ୍ଷିଣ ହସ୍ତରେ କୁଶ ଥାଏ ।

ଶ୍ରୀକ୍ଷେତ୍ର ଗୁପ୍ତ ବୃନ୍ଦାବନ ଭାବରେ ଭାରତର ଚତୁଃ ବୈଷ୍ଣବ ସମ୍ପ୍ରଦାୟଙ୍କ ଦ୍ୱାରା ବିଦିତ ହୋଇଅଛି । ବିଭିନ୍ନ ସମୟରେ ବିଭିନ୍ନ ମତବାଦୀଙ୍କ ଦ୍ୱାରା ଶ୍ରୀବିଗ୍ରହଙ୍କ ନିତ୍ୟ ପୂଜା ଅନୁଷ୍ଠିତ ହୋଇ ଯାଇଅଛି । ପଞ୍ଚଦଶ ଶତାବ୍ଦୀ ଉପରାନ୍ତ ଶ୍ରୀମନ୍ଦିରର ବୈଷ୍ଣବ ଧର୍ମାବଲମ୍ବୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣଙ୍କ ରୂପରେ ପୂଜିତ ହେବା ପରେ ଅଧିକାଂଶ ଭୋଗ, ବେଶ, ଯାତ୍ରାଦିରେ ଶ୍ରୀଭାଗବତରେ ଶ୍ରୀକୃଷ୍ଣ, ଶ୍ରୀରାମଙ୍କ ଚରିତ୍ର ଏବଂ ଲୀଳା ଗୁଡ଼ିକର ପ୍ରଭାବ ଅତି ମାତ୍ରାରେ ଦୃଷ୍ଟିଗୋଚର ହୁଏ । ବିଗତ ଶତାବ୍ଦୀମାନଙ୍କରେ ଶ୍ରୀକ୍ଷେତ୍ରକୁ ବିଭିନ୍ନ ସନ୍ଥମାନଙ୍କର ଆଗମନ ଏବଂ ଉକ୍ତ ସମୟରେ ଉତ୍କଳର ଗଜପତି ରାଜାମାନଙ୍କର ରାଜତ୍ୱ କାଳ ଭିନ୍ନ ଭିନ୍ନ ଅଟେ । ସେଥିନିମନ୍ତେ କେଉଁ ବେଶ କେଉଁ ରାଜାଙ୍କ ସମୟରେ ଆରମ୍ଭ କରା ଯାଇଅଛି ତାହା ଗବେଷଣାର ବିଷୟ ଅଟେ । ଶ୍ରୀ ମହାପ୍ରଭୁଙ୍କ ଅପାର କରୁଣା ଯଦି କୌଣସି ବିଜ୍ଞ ବ୍ୟକ୍ତିଙ୍କୁ ପ୍ରାପ୍ତ ହୁଏ, ତେବେ ଆଗାମୀ ଦିନମାନଙ୍କରେ ବର୍ତ୍ତମାନ ଶ୍ରୀମନ୍ଦିରରେ ପ୍ରଚଳିତ ବେଶ ଗୁଡ଼ିକର ବର୍ଣ୍ଣନା ଉଚ୍ଚକୋଟୀର ହୋଇପାରିବ ।

ପ୍ରସଙ୍ଗ- ଭଲବହି

# ଅନୁଭବରେ ଜଗନ୍ନାଥ



# ମୁଁ ଓ ମୋ ଜଗନ୍ନାଥ : ଇନ୍ଦିରାଙ୍କ ଭାବଜଗତ


## ସୁବ୍ରତ କୁମାର ସେନାପତି

ଖାରବେଳ ହଷ୍ଟେଲ, ଓୟୁଏଟି
ଭୁବନେଶ୍ୱର-୭୫୧୦୦୩
ଫୋନ: ୭୯୭୮୧୬୮୧୯୩


ଫଟୋ ସୌଜନ୍ୟ : ଲେଖକ

**ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏଇ ପରିଚୟ ବୋଧହୁଏ ଏଥିପାଇଁ ଯେ, ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଧାନ ବୈଶିଷ୍ଟ୍ୟ ହେଉଛି ଜଗନ୍ନାଥ ତତ୍ତ୍ୱ ଯାହା ଆମ ଜୀବନ ସହ ସାହିତ୍ୟକୁ ମଧ୍ୟ ଖୁବ୍ ପ୍ରଭାବିତ କରିଛି କାହିଁ କେଉଁ କାଳରୁ । ଆଦିକବି ସାରଳା ଦାସ ମଧ୍ୟ ତାଙ୍କ ମହାଭାରତରେ ଶ୍ରୀ ଜଗନ୍ନାଥଙ୍କୁ ବିଷ୍ଣୁ ଓ ବୁଦ୍ଧ ଦେବତା ରୂପେ ଅଭିହିତ କରିବା ସହ ମହାପର୍ବରେ ପୁରୁଷୋତ୍ତମ କ୍ଷେତ୍ରରେ ମହାତ୍ମା, ଜଗନ୍ନାଥଙ୍କ ବନ୍ଦନା କରିଛନ୍ତି ।**

ଆମ କଥାସାହିତ୍ୟରେ ଶ୍ରୀ ଜଗନ୍ନାଥ ବହୁଳ ଭାବେ ବିଦ୍ୟମାନ । ଆଧୁନିକ ଯୁଗରେ ନାଟ୍ୟକାର ରାମଶଙ୍କର ରାୟଙ୍କ ନାଟକ 'କାଞ୍ଚିକାବେରୀ', ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ଉପନ୍ୟାସ 'ନୀଳଶୈଳ', 'ନୀଳାଦ୍ରି ବିଜୟ' ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଜଗନ୍ନାଥଙ୍କୁ ନେଇ ନାନା ଅନୁଭବ ଓ ଅନୁଭୂତିର କଥାସବୁକୁ ଏକତ୍ର କରି ମଧ୍ୟ ଅନେକ ସଂକଳନ ହୋଇଛି ଆମ ଓଡ଼ିଆ ସାହିତ୍ୟରେ । ତେବେ **ପଶ୍ଚିମା ପ୍ରକାଶନୀ** ଦ୍ୱାରା ନିକଟ ଅତୀତରେ ପ୍ରକାଶିତ ଗାଳ୍ପିକା **ଇନ୍ଦିରା ଦାଶ**ଙ୍କ 'ମୁଁ ଓ ମୋ ଜଗନ୍ନାଥ' ଏକ ନିଆରା ସଂକଳନ ଯାହାର ପ୍ରଚ୍ଛଦରେ ରହିଛି ସେଇ ଦୁଇଟି ଚକା ଚକା ଆଖି ଯେ ସବୁ ଦେଖିଥିଲେ ବି ଆମେ କେବେକେବେ ଅଭିମାନରେ କହୁ ତାକୁ ଅନ୍ଧ, ତଥାପି ତା' ଆଖିରୁ ନିଗିଡ଼ି ଆସେ ଲୁହ ଆମ ଅଜାଣତରେ ଆମର ଟିକିଏ ଦୁଃଖ ଦେଖିଲେ । ପାଖାପାଖି ଛବିଶ ଗୋଟି ସଙ୍କଳନର ସ୍ରଷ୍ଟା ଓ ବହୁ ସମ୍ମାନର ଅଧିକାରିଣୀ ଗାଳ୍ପିକା ଇନ୍ଦିରା ଦାଶ ପ୍ରଥମଥର ପାଇଁ ଜଗନ୍ନାଥଙ୍କୁ ନେଇ ନିଜର ଓ ଅନ୍ୟମାନଙ୍କର କିଛି ଅନୁଭୂତିର ଆଲେଖ୍ୟକୁ ଏକତ୍ରିତ କରିଛନ୍ତି 'ମୁଁ ଓ ମୋ ଜଗନ୍ନାଥ'ରେ । ସେ ଏ ବହିଟିକୁ ଉତ୍ସର୍ଗ କରିଛନ୍ତି ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ । ସମୁଦାୟ ଶହେ ଚାରି ପୃଷ୍ଠାର ଏହି ବହିରେ ଲେଖିକାଙ୍କ ଭିନ୍ନ ଭିନ୍ନ ଅନୁଭବ ଷୋହଳଟି ବିଭାଗରେ ବିଭକ୍ତ ।

'ମୁଁ ଓ ମୋ' ଜଗନ୍ନାଥ'ରେ ସ୍ଥାନିତ ପ୍ରଥମ ଅନୁଭୂତି ମୂଳକ କାହାଣୀ ହେଉଛି 'ଭକ୍ତର ଭଗବାନ' । ଭକ୍ତର ଦୃଢ଼ ବିଶ୍ୱାସ, ଅକଳନ୍ତି ଭଲପାଇବା ପାଖରେ ଭଗବାନ ଯେ ବାନ୍ଧି ହୋଇଥାନ୍ତି ତାହା ହିଁ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ଗାଳ୍ପିକା ଇନ୍ଦିରା ଦାଶ ବୃଦ୍ଧା ହେମଲତାଙ୍କ ଚରିତ୍ର ମାଧ୍ୟମ ଦେଇ । ଜଗନ୍ନାଥଙ୍କ ପ୍ରତି ତାଙ୍କ ମନରେ ଥିବା ଅମାପ ଭଲପାଇବା ହିଁ ଅସରନ୍ତି ଦୁଃଖ, ସଂଘର୍ଷ ଓ ନିଃସଙ୍ଗତା ଭିତରେ ହିଁ ଦେଖାଇଛି କେତେକେତେ ସ୍ୱପ୍ନ । ସେ ସ୍ୱପ୍ନ ସବୁ ପୁଣି ସେଇ ଲୀଳାମୟ ଶ୍ରୀ ଜଗନ୍ନାଥଙ୍କୁ ନେଇ । ତାଙ୍କ କାଳଶ୍ରୀମୁଖର ଦର୍ଶନ ଟିକିଏ ପାଇଁ । ଏଇ ଅତୁଟ ଭଲପାଇବା ହିଁ ପରିଣତ ବୟସରେ ମଧ୍ୟ ତାଙ୍କ ନିରାଶାଚ୍ଛନ୍ନ ଅନ୍ଧାରୀ ମନ ଭିତରେ ଖଦ୍ୟୋତ ପରି ଝଲସି ଉଠିଛି । ଝଲସି ଉଠିଛି ବୋଲି ତ ତାଙ୍କ ମନର ସବୁତକ ଭୟ କୁଆଡ଼େ ଦୂରେଇ ଯାଇଛି । ଯେଉଁ ସମୟରେ ହାହୁତାଶମୟ ଏକାକୀତ୍ୱ ସହ ଶାରୀରିକ ଅକ୍ଷମତା ତାଙ୍କ ଜୀବନ ପ୍ରତି ବିତୃଷ୍ଣାକୁ ଦ୍ୱିଗୁଣିତ କରିଛି ଠିକ୍ ସେତିକିବେଳେ ତାଙ୍କ ମନର ଆକାଶ ଜଗନ୍ନାଥଙ୍କ ପ୍ରତି ଥିବା ନିଆରା ଭଲପାଇବାର ଇନ୍ଦ୍ରଧନୁରେ ଏପରି ଚିତ୍ରିତ ହୋଇ ଉଠିଛି ଯେ, ସେ ଓହରି ଆସିଛନ୍ତି ସେ ବିତୃଷ୍ଣାର ବଳୟ ଭିତରୁ ଆଉ ଅନେକ ବାଧାବିଘ୍ନ ସତ୍ତ୍ୱେ ଗର୍ଭଗୃହରେ ପହଞ୍ଚି ମନଭରି ର୍ଦାନ କରିପାରିଛନ୍ତି  ପ୍ରଭୁ ଜଗନ୍ନାଥଙ୍କୁ । ରତ୍ନ ସିଂହାସନରେ ମୁଣ୍ଡ ଲଗାଇ ପ୍ରଣାମ କରି ଜଗନ୍ନାଥଙ୍କୁ ମୁଣ୍ଡଟେକି ଚାହିଁଲା ବେଳକୁ ତାଙ୍କୁ ଲାଗିଛି ସେପରି, ପ୍ରଭୁ ଶ୍ରୀ ଜଗନ୍ନାଥ ଯେପରି ତାଙ୍କୁ ପ୍ରଶ୍ନ କରୁଛନ୍ତି- "ମତେ ମନ ପୂରେଇ ଦେଖିଲୁ ତ ?" ପ୍ରଭୁ ଓ ଭକ୍ତଙ୍କର ପାରସ୍ପରିକ ଏ ବିହ୍ୱଳ ଭରା ଦର୍ଶନ ଅନେକ ପାଠକ ହୃଦୟକୁ ବିରାଜିତ କରିଥିବ ନିଶ୍ଚୟ ।

'ଅନୁଭବରେ ଶ୍ରୀ ଜଗନ୍ନାଥ'ରେ ପାଠକ ଅନୁଭବ କରିବ ଲେଖିକାଙ୍କର ବଖାଣିବାର ଶୈଳୀ ଭିତର ଦେଇ ଏକ ବିରଳ ଅନୁଭୂତିକୁ, ଯେଉଁଠି ସନ୍ତପ୍ତ ହୃଦୟକୁ ଶାନ୍ତ କରିବା ପାଇଁ ଦେବଦର୍ଶନର ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିନାହିଁ ବରଂ ପ୍ରଭୁ ଭକ୍ତର ଅନ୍ତର୍ମନର ଭାବାବେଗକୁ ହୃଦ୍‌ବୋଧ କରି ଏପରି ଭାବେ ସେ ସ୍ୱପ୍ନକୁ ବାସ୍ତବାୟିତ କରିଛନ୍ତି ଯେ ଭକ୍ତ (ଖୋଦ୍ ସ୍ରଷ୍ଟା) ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲା ବେଳେ ଆବେଗଭରା କଣ୍ଠରେ କହି ଉଠିଛନ୍ତି: "ଆହେ ଲୀଳାମୟ । ଏ କି ଅପୂର୍ବ ଲୀଳା ତୁମର ! କାଲି ରାତିରେ ମତେ ସ୍ୱପ୍ନରେ ଦେଖା ଦେଇ ଆଜିର ଦର୍ଶନକୁ ରହସ୍ୟମୟ କରିବାକୁ ଚାହୁଁଥିଲ ତୁମେ ? ତୁମର ଏ ଲୀଳା  ବୁଝିବାକୁ ଏ ନାରୀ ଅକ୍ଷମ, ତୁମ କୃପା କଟାକ୍ଷରୁ ଏତିକି ଅନୁଭବ କରୁଛି ତୁମେ ମୋ' ପାଖେ ପାଖେ ଅଛ- ମୋ' ସୁଖରେ, ଦୁଃଖରେ ବି ।"

ଲେଖିକାଙ୍କ ଏ ବକ୍ତବ୍ୟରେ ଶେଷଧାଡ଼ିକୁ ଲକ୍ଷ୍ୟ କରିବାର ଅଛି । 'ସଂପଦ ବେଳେ ସର୍ବେ ସଖା, ବିପଦେ ନ ଦିଅନ୍ତି ଦେଖା'- ହତାଶା, ନିରାଶା, ଦୁଃଖ- ଦୈନ୍ୟ ପରିସ୍ଥିତିରେ ମଣିଷ ଯେତେବେଳେ ଏ ଲୋକବାଣୀକୁ ନିଜ ଜୀବନ ଭିତର ଦେଇ ଅନୁଭବ କରୁଥାଏ ସେତେବେଳେ ଏଇ ମହାବାହୁ ହିଁ ଅଜାଣତରେ କୋଳାଇ ଦିଅନ୍ତି ତାକୁ, ତା' ପଥରେ ବିଛେଇ ହୋଇଯାଇଥିବା କଣ୍ଟା ସବୁକୁ କାଢ଼ିଦେଇ ଚଲାପଥକୁ କୁସୁମିତ କରନ୍ତି । ସ୍ରଷ୍ଟା ପୁରୁଷଙ୍କୁ ନେଇ ସୃଜନସ୍ରଷ୍ଟାଙ୍କ ଏ ନିଆରା ଅନୁଭବମୂଳକ ସୃଷ୍ଟିରେ ବାଲେଶ୍ୱରର ରେମୁଣା ସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିର ଓ ଘଟିପୁରର ଚତୁର୍ଦ୍ଧା ମୂର୍ତ୍ତିଙ୍କ ସହିତ ଦେବୀ ଦୁର୍ଗାଙ୍କ ମୂର୍ତ୍ତିର ନିର୍ମାଣ ସହ ଜଡ଼ିତ ଯେଉଁସବୁ ଐତିହାସିକ ବିବରଣୀ ଅଛି ତାହା ପାଠକକୁ ସୁଖଦ ପଠନୀୟତା ପ୍ରଦାନ କରିବାରେ ବେଶ୍ ସମର୍ଥ ।

ଭକ୍ତ କେବେକେବେ ଅଭିମାନ କରି ଏ ଲୀଳାମୟ କାଳିଆ ଠାକୁରକୁ ଦଗାଦିଆ, ଛଳିଆ

▼ଲେଖକ ସୁବ୍ରତ କୁମାର ସେନାପତି



ବୋଲି ଅଭିହିତ କରେ । କିନ୍ତୁ କାଳିଆ ଠାକୁର ପରି ବଡ଼ ମନ କାହାର ବା ହୋଇପାରିବ ? 'ଅନ୍ତର୍ଯ୍ୟାମୀ ଶ୍ରୀ ଜଗନ୍ନାଥ'ରେ ଗାଳ୍ପିକା ବନ୍ଧୁ ମହାନ୍ତିଙ୍କ କଥାକୁ ପୁନରୁସ୍ଥାପନ କରିବା ସହ ଜଣେ ସନ୍ନ୍ୟାସୀଙ୍କ କଥାକୁ ଏପରି ଉପସ୍ଥାପନ କରିଛନ୍ତି ଯାହା ପାଠକୀୟ ପ୍ରାଣକୁ ଦୋହଲାଇ ଦେବ ନିଶ୍ଚୟ । ପାଠକ ବେଶ୍ କରି ହୃଦ୍‌ବୋଧ କରିପାରିବ 'ଅନ୍ତର୍ଯ୍ୟାମୀ' ଶବ୍ଦର ପ୍ରକୃତ ସ୍ୱରୂପକୁ । ଶ୍ରୀ ଜଗନ୍ନାଥଙ୍କୁ ନିଜ ବନ୍ଧୁ ରୂପେ ବିଚାର କରୁଥିଲେ ବନ୍ଧୁ ମହାନ୍ତି । ତାଙ୍କର ଏଇ ବନ୍ଧୁତାରେ ଥିଲା ପ୍ରଗାଢ଼ ବିଶ୍ୱାସ । ସେଇ ବନ୍ଧୁ ମହାନ୍ତିଙ୍କ ଉଦ୍ଦେଶ୍ୟରେ ପେଜନଳା ନିକଟର ଗଢ଼ି ଉଠିଛି କେଉଁ କାଳରୁ ମନ୍ଦିରଟିଏ ଓ ମନ୍ଦିରକୁ ଲାଗି ବଖରାଏ ଘର; ଯାହା 'ବନ୍ଧୁ ମହାନ୍ତି ଟୁଙ୍ଗି' ରୂପେ ବେଶ୍ ସୁପରିଚିତ । ବହୁ ଦୂରଦୂରାନ୍ତ ସ୍ଥାନରୁ ଭକ୍ତ, ବାବାଜୀ, ସାଧୁ, ସନ୍ନ୍ୟାସୀ ସେଇଠି ଆସି ବିଶ୍ରାମ କରନ୍ତି । ସେହିପରି ବୃନ୍ଦାବନରୁ ଜଣେ ଉଚ୍ଚଶିକ୍ଷିତ ସନ୍ନ୍ୟାସୀ ସେଇଠି ଆସି ରହନ୍ତି । ସପ୍ତଦୀପରେ ଆରତ କରୁକରୁ ହଠାତ୍ ତାଙ୍କ ମନରେ ଅନୁଚିତ ଇଚ୍ଛାଟିଏ ମାଂସାହାରକୁ ନେଇ ଜାଗ୍ରତ ହୋଇଛି । କିନ୍ତୁ ସେଇ ଅନୁଚିତ୍ ଇଚ୍ଛାକୁ ସେ ତଡ଼ି ଦେଇଛନ୍ତି ପରକ୍ଷଣରେ ସିନା କିନ୍ତୁ ସେଦିନ କେଉଁଠୁ ସୁନ୍ଦର ବାଳକଟିଏ ଆସି ତାଙ୍କୁ ଦେଇଯାଉଛି ଯେଉଁ ଖାଦ୍ୟ ପୁଡ଼ିଆ ସେଇଠି ସେ ଆବିଷ୍କାର କରିଛନ୍ତି ମାଂସ ତରକାରୀ ଓ ପରଟା । ସେ ଆଶ୍ଚର୍ଯ୍ୟଚକିତ ହେବା



ସହ ଯେତେବେଳେ ନିଜର ଏ ଅନୁଚିତ କାମନା ପାଇଁ ଅନୁଶୋଚନା କରିଛନ୍ତି ଓ ଅତିଶୟ ଆବେଗରେ ବଡ଼ ଦେଉଳର ଦକ୍ଷିଣ ଦ୍ୱାର ନିକଟକୁ ଦୌଡ଼ି ଯାଇ ପଥର ପାହାଚ ଉପରେ ମୁଣ୍ଡ କୋଡ଼ିକୋଡ଼ି ଉଚ୍ଚସ୍ୱରରେ ରୋଦନ କରିଛନ୍ତି; ସେତେବେଳେ ଜଣେ ପଣ୍ଡା ତାଙ୍କୁ ବୁଝାଇବାକୁ ଯାଇ ଖୋଲି ଦେଇଛନ୍ତି ଅନ୍ତର୍ଯ୍ୟାମୀ, ଲୀଳାପୁରୁଷ ଶ୍ରୀଜଗନ୍ନାଥଙ୍କର ପ୍ରକୃତ ସ୍ୱରୂପକୁ-

"ଆରେ ବାୟାଙ୍କ ପରି କାନ୍ଦୁଛୁ କାହିଁକି ? ତୁ କ'ଣ ଜାଣିନୁ କାଳିଆ ଅନାଦି, ଅବ୍ୟକ୍ତ, ଅନନ୍ତ । ସେ ଅନ୍ତର୍ଯ୍ୟାମୀ, ଦୟାର ସାଗର । ଭକ୍ତ ପାଇଁ ସେ ସବୁ କରେ, ତା'ପାଖେ ଭଲମନ୍ଦ, ବ୍ରାହ୍ମଣ ଚଣ୍ଡାଳ, ଧନୀ-ଦରିଦ୍ର, ନରୀ-ପୁରୁଷର ଭେଦଭାବ ଅଛି ? ସେ ପରା ଭକ୍ତବତ୍ସଳ । ତୋ' ମନରେ ଯାହା ଖାଇବାକୁ ଇଚ୍ଛା ହେଲା ସେ ତାହା ପଠାଇଦେଲା ତୋ ପାଖକୁ । ତୁ ସିନା ଭାବୁଛୁ ମାଂସ ତରକାରୀ ମାଗି ତୁ ପାପ କରିଛୁ, କିନ୍ତୁ କାଳିଆ ମନରେ ଟିକିଏ ବି ରାଗ ନାହିଁ ଏଥିପାଇଁ । କଂସେଇକୁ କ'ଣ ସେ ଘୃଣା କରେ ? ନା । ଚଷା ଓ କଂସେଇ ସମସ୍ତେ ତା ପାଖେ ସମାନ ।"

"ଆହେ ନୀଳ ଶଇଳ / ପ୍ରବଳ ମତ୍ତ ବାରଣ / ତୋ' ଆରତ ନଳିନୀ ବନକୁ କର ଦଳନ/ ଗଜରାଜ ଡାକଦେଲା ଥାଇ ଘୋର ଜଳେଣ / ଚକ୍ରପେଷୀ ନକ୍ରନାଶୀ କୃପା କର ଆପଣ / ଆହେ ନୀଳ ଶଇଳ"... 'ଶିରୀକପଡ଼ାର

# ମୋ ଜଗନ୍ନାଥ: ଇନ୍ଦିର ଦାଶଙ୍କ ଅନୁଭବ



ଇନ୍ଦିରା ଦାଶ

ମୋର ନିଜର କିଛି ଅନୁଭୂତି ଓ ଅନ୍ୟମାନଙ୍କର ଜଗନ୍ନାଥଙ୍କୁ ନେଇ କିଛି ଅନୁଭୂତିକୁ ଆଧାର କରି ପୁସ୍ତକ ଖଣ୍ଡିଏ ପ୍ରକାଶ କରିବାକୁ ବହୁତ ଦିନରୁ ମୁଁ ଇଚ୍ଛା କରି ଆସୁଅଛି । ମୋ ପାଖରେ ସବୁବେଳେ ସମୟର ଅଭାବ । ଏହାର କାରଣ ସେମିତି କିଛି ବିଶେଷ କାର୍ଯ୍ୟ ନେଇ ମୁଁ ବ୍ୟସ୍ତ ତା' ନୁହେଁ, ପ୍ରକୃତ କଥାଟି ହେଲା ମୁଁ ଘରର ପ୍ରତ୍ୟେକ ସଦସ୍ୟଙ୍କୁ ଯଥେଷ୍ଟ ସମୟ ଦେବାକୁ ଚେଷ୍ଟା କରେ, ସେ ମୋର ସ୍ୱାମୀ ହୁଅନ୍ତୁ, ସନ୍ତାନମାନେ ହୁଅନ୍ତୁ ବା ଘରେ କାମ କରୁଥିବା ଲୋକମାନେ ହୁଅନ୍ତୁ । ସମସ୍ତଙ୍କ ପାଇଁ ମୋର ଚିନ୍ତା । ବେଳେବେଳେ ଭାବେ ଏଇ ଚିନ୍ତା ଯଦି ମୁଁ ମୋ' ଜଗନ୍ନାଥଙ୍କ ପାଇଁ କରନ୍ତି ତେବେ କେତେ ଭଲ ହୁଅନ୍ତା । ଠିକ୍ ସେତିକିବେଳକୁ ଜଗନ୍ନାଥଙ୍କର ଚକା ଆଖି ଦୁଇଟି ମୋ' ଆଖି ଆଗରେ ଭାସିଯାଏ ଓ ତାଙ୍କ ନାଲି ଓଠ ଟିକିଏ ହଲି ଯାଇ ମୋତେ କହିବା ପରି ମନେହୁଏ: "ତୁ ଯେଉଁମାନଙ୍କ କଥା ଭାବୁଥିଲୁ, ମୁଁ ତ ସେହି ସମସ୍ତଙ୍କ ଭିତରେ ଅଛି । ତେବେ ତୁ ମୋ' କଥା ନ ଭାବି ଆଉ କାହାକଥା ଭାବୁଥିଲୁ ?"

ଚକାନୟନର କଥାରେ ମୋ' ମନ ଭୁଲିଯାଏ । ମୁଁ ଭାବେ ମୁଁ ମୋ' ନିଜର ନୁହେଁ ମୁଁ ସେଇ ଚକାନୟନଙ୍କର- ଶ୍ରୀ ଜଗନ୍ନାଥଙ୍କର । ମୋ' ମନ ଯଥେଷ୍ଟ ସାନ୍ତ୍ୱନା ପାଏ ।

ମୋ' ଜ୍ଞାନ ହେବା ଦିନ ଠାରୁ ମୁଁ ଦେଖି ଆସିଛି ମୋ' ବାପାମାଆ ଦୁହେଁ ସବୁବେଳେ ପ୍ରଭୁଙ୍କ ପାଖେ ଆଶ୍ରିତ ଓ ସମର୍ପିତ । ଯେତେ କାମ ଥିଲେ ମଧ୍ୟ ମାଆ ସବୁଦିନ ଦେଉଳ ଯାଆନ୍ତି, ମୁଁ ପାଞ୍ଚ ଛଅ ବର୍ଷର ଛୋଟ ପିଲାଟିଏ ହୋଇ ମଧ୍ୟ ତାଙ୍କ ସାଙ୍ଗେ ମନ୍ଦିର ଯାଏ । ମୁଁ ଦେଖେ ମାଆ ଦୁଇହାତ ଟେକି ଦେଇ ଜଗନ୍ନାଥଙ୍କ ମୁହଁକୁ ଚାହିଁ କାନ୍ଦି କାନ୍ଦି କହନ୍ତି, "ଆହେ ଜଗନ୍ନାଥ, ଅଧମର ନାଥ, ମୋତେ ଏ ଭବସାଗରରୁ ପାରି କରେ । ମୋର ସବୁ ଦୋଷରୁ କ୍ଷମା କର ।" ମୁଁ ବହୁତ ସାହସ ସଂଗ୍ରହ କରି ମାଆଙ୍କୁ ପଚାରିଲି, "ମାଆ ତୁମେ ଏଇ ଜଗନ୍ନାଥଙ୍କୁ ଏତେ ଡାକୁଛ କିଏ ଏ ଜଗନ୍ନାଥ..."

ମାଆ ନିଜ ଲୁଗାକାନିରେ ଆଖି ପୋଛି ଦେଇ ଅଳ୍ପ ହସି କହିଲେ:

"ଏ ପରା ନାଥ ଜଗତର
ସୃଷ୍ଟିକର୍ତ୍ତା ଏ ସାରା ବ୍ରହ୍ମାଣ୍ଡର ।

ମହାତ୍ମ୍ୟ' ଶୀର୍ଷକ ଅନୁଭୂତି ମୂଳକ କାହାଣୀଟି ପଢ଼ିବା ବେଳେ ମୋ'ର ମନେ ପଡ଼ିଯାଉଥିଲା ଏ ଗଜ ଉଦ୍ଧାରର କଥା, ଭଜନ ସମ୍ରାଟ ଭିକାରୀ ବଳଙ୍କ ଏ ଭକ୍ତିଭରା ଭଜନ ଦେଇ । ଆଃ ! ଏ ହଟିଆ ଠାକୁର ହିଁ ଜାଣିଥାନ୍ତି କେମିତି କେଉଁ ଉପାୟରେ ପୂରଣ କରିବେ ଭକ୍ତର ମନୋବାଞ୍ଛା, କେମିତି ଶୁଣିବେ ତା' ଗୁହାରି, କେମିତି ରଖିବେ ତା' ମାନ, 'ଶିରୀ କପଡ଼ାର ମହାତ୍ମ୍ୟ'ରେ ଯେତେବେଳେ ୟୁଟ୍ରସ୍ ଜନିତ ଅପରେସନ୍ ପରେ ରୀତାଙ୍କ ଆଖି ବୁଜି ହୋଇ ଆସୁଛି ସେତେବେଳେ ସାନଝିଅ ଲିଜା ନିଜ ବେକରୁ ଅନେକ ବିଶ୍ୱାସ ରଖି ଶିରୀ କପଡ଼ା ଖୋଲିଦେଇ ରୀତାଙ୍କ ଛାତି ଭିତରେ ଗୁଂଜିଦେଇ ଆଖିବୁଜି ଡାକିଛି ଜଗନ୍ନାଥଙ୍କୁ । କାରଣ ସେ ବିଶ୍ୱାସ କରେ ଶିରୀ କପଡ଼ା ତା' ଦେହରେ ଥିଲେ ବିପତ୍ତି ନଥାଏ । ତା'ର ସେଇ ବିଶ୍ୱାସର ମାନକୁ ରକ୍ଷା କରିଛନ୍ତି ସେହି ମୁହୂର୍ତ୍ତରେ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇ । ଶିରୀ କପଡ଼ାର ସ୍ପର୍ଶରେ ରୀତା ଆଖି ଖୋଲିଛନ୍ତି, ଦୂର ହୋଇ ଯାଇଛି ମୃତ୍ୟୁର ସବୁତକ ଆଶଙ୍କା, ଖୋଲି ଯାଇଛି ଆଶା-ଭରସାର ଚେନାଏ ଖୁସି ତାଙ୍କ ଓଠରେ । ସେ ଖୁସି ସଂକ୍ରମିତ କରିଛି ଲିଜାଙ୍କୁ, ଧାରାନାନୀଙ୍କୁ, ଡାକ୍ତରଙ୍କୁ ଓ ଲେଖିକାଙ୍କୁ । ସେଇ ଖୁସିର ଝଲକ, ଆଶା-ଭରସା-ବିଶ୍ୱାସର କଥାକୁ ଗାଳ୍ପିକା ଯେଉଁପରି ଭାବେ ତୋଳି ଧରିଛନ୍ତି ତାହା ଅନ୍ତର୍ଯ୍ୟାମୀଙ୍କ ପ୍ରତି ଥିବା ଆମ ବିଶ୍ୱାସକୁ ବହୁଗୁଣିତ କରିବ ନିଶ୍ଚୟ ।

'କରି କରାଉ ଥାଉ ତୁହି....'ରେ ଗାଳ୍ପିକା ଜଗନ୍ନାଥଙ୍କୁ ନେଇ ତାଙ୍କ ଛୋଟ ବେଳର ସ୍ମୃତିକୁ ମନେ ପକାଇବା ସହ ତାଙ୍କ ଝିଅର ବାହାଘର ବେଳେ ପ୍ରଥମେ ଜଗନ୍ନାଥଙ୍କୁ ନିମନ୍ତ୍ରଣ କରିବାର ନିଆରା ଅନୁଭୂତି ସବୁକୁ, ବର୍ଣ୍ଣନା କରିଛନ୍ତି ଯାହା ହୋଇପାରିଛି ସୁଖପାଠ୍ୟ । ସେହିପରି 'ସେଇ ମୋ'ର ବୃନ୍ଦାବନ' ଗଳ୍ପରେ ଗାଳ୍ପିକା ବଡ଼ ଘରର ବଡ଼ ଗୁମର କଥାକୁ ଉନ୍ମୁକ୍ତ କରିବା ସହ ମୁଖ୍ୟ ଚରିତ୍ର ସୁନୟନା ଦୁର୍ବିସହ ଜୀବନର ଦୁଃଖ ଓ ଆତ୍ମୀୟମାନଙ୍କର ପ୍ରତାରଣା ଭିତରୁ କିପରି ନିଜକୁ ମୁକୁଳାଇବାକୁ ଚେଷ୍ଟା କରିଛନ୍ତି ତାହାକୁ ନିଖୁଣ ଭାବେ ଉପସ୍ଥାପନା କରିବା ସହ ଜଗନ୍ନାଥଙ୍କ ପ୍ରତି ଥିବା ଆମର ଦୃଢ଼ ବିଶ୍ୱାସ ହିଁ ଆମକୁ ଅସରନ୍ତି ଯନ୍ତ୍ରଣା, ସମସ୍ୟାରୁ ମୁକ୍ତି ପ୍ରଦାନ କରେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

'କୃଷ୍ଣାତି ଇତିଃ କୃଷ୍ଣ'- ଅର୍ଥାତ୍ ଯାହାଙ୍କ ପାଖେ ଆକର୍ଷଣ କରିବାର କ୍ଷମତା ଅଛି ସେ ହେଉଛନ୍ତି କୃଷ୍ଣ ଆଉ କୃଷ୍ଣଙ୍କ ଅନ୍ୟଏକ ରୂପ ହିଁ ତ ହେଉଛନ୍ତି ଆମ କଳାଠାକୁର । ଆମ କଳାଠାକୁର କ'ଣ କମ୍ ରସିକ ପ୍ରବର କି ? ଅଦ୍ଭୁତ, ଅନନ୍ୟ ପରାତାଙ୍କ ଆକର୍ଷଣ କରିବାର କ୍ଷମତା- 'ବିଦେଶିନୀ ଭକ୍ତ ହିଲଗାର୍ଡ଼ ଜ୍ୟାକବ୍'ରେ କଳାଠାକୁର ଜଗନ୍ନାଥଙ୍କ ପ୍ରତି ହିଲ୍‌ଗାର୍ଡ଼ଙ୍କ ଅନାବିଳ ଭଲପାଇବା ପାଠକ ହୃଦୟକୁ ଅବଗାହ କରାଇପକାଇବ ଅମାପ ଶ୍ରଦ୍ଧା, ପ୍ରେମର ସଲୀଳରେ । ଜର୍ମାନୀର ମ୍ୟୁନିକ୍ ସହରର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ହିଲଗାର୍ଡ଼ଙ୍କୁ ପ୍ରଥମେ କିପରି କୃଷ୍ଣପ୍ରେମ ବିହ୍ୱଳିତ କଲା ଓ ଖୁବ୍ କମ୍ ବୟସରେ ପଢ଼ାପଢ଼ି, ସଂସାରର ଯାବତୀୟ ସୁଖ, ପ୍ରେମକୁ ତୁଚ୍ଛ ମନେକରି ସେ ବାଛି ନେଲେ ସନ୍ନ୍ୟାସିନୀର ପଥ ଏବଂ ବୃନ୍ଦାବନରେ ରହୁରହୁ ପୁଣି କିପରି ଜଗନ୍ନାଥ ତାଙ୍କୁ ସ୍ୱପ୍ନାଦେଶ ଦେଲେ ଓ ଜଗନ୍ନାଥଙ୍କ ସେଇ ପ୍ରେମିକ ସୁଲଭ ଡାକରାରେ ସେ ପୁରୀ ଆସି କାଳିଆ ପ୍ରେମରେ ଏପରି ମତ୍ତ ହୋଇ ଉଠିଥିଲେ ଯେ ଭୁଲି ଯାଇଥିଲେ ଭିସାରେ ଭାରତ ରହଣିର ଅବଧିର ପୂର୍ଣ୍ଣଚ୍ଛେଦ ଘଟିଛି ବୋଲି- ଏସବୁକୁ ପଢ଼ିବା ବେଳେ ପାଠକଟିଏ କେଉଁଠି ବା ଅଟକାଇ ଦେଇପାରିବ ଛାତିର କୋହ, ଆଖିର ଲୁହକୁ । ଖାଲି ସେତିକିରେ ସରିଯାଇନାହିଁ ହିଲ୍‌ଗାର୍ଡ଼ଙ୍କ କାହାଣୀ । ସେ ତାଙ୍କ ଭଉଣୀ-ଭିଣୋଇଙ୍କ ପାଖକୁ ଫେରି ଯାଇଥିଲେ ମଧ୍ୟ ଶାନ୍ତିରେ ରହିପାରି ନାହାନ୍ତି । ତାଙ୍କୁ ଅଥୟ କରିଛି ଜଗନ୍ନାଥଙ୍କ ପ୍ରେମ । ବାରବାର ଗୁଣ୍ଡିଚା ଯାତ୍ରାରେ ସେ ଫେରିଛନ୍ତି ଜଗା ପାଖକୁ । ଆଉ ଗୋଟିଏ ଥର ସେ ଏମିତି ଆସିଛନ୍ତି ଜଗା ପାଖକୁ ତ ଆଉ ଫେରି ଯାଇପାରି ନାହାନ୍ତି । କ୍ୟାନ୍‌ସର୍ ରୋଗରେ ପୀଡ଼ିତ ହୋଇ ଆଖି ବୁଜିଛନ୍ତି । କିନ୍ତୁ ତାଙ୍କର ଚରମ ଲକ୍ଷ୍ୟ, ଗୋଟିଏ ପ୍ରାର୍ଥନା ପୂରଣ ହୋଇଛି । ମୃତ ଦେହ ତାଙ୍କର ମିଶିଛି ଜଗନ୍ନାଥ ଧାମରେ । ହିନ୍ଦୁରୀତିରେ ତାଙ୍କ ମଲାଦେହର ସଂସ୍କାର କରାଯାଇଛି । ଚର୍ଚ୍ଚର ପାଦ୍ରୀ ମଧ୍ୟ ତାଙ୍କ ପ୍ରେମରେ ଅଭିଭୂତ ହୋଇ କହିଛନ୍ତି- "ଯିଏ ବେକରେ ତୁଳସୀମାଳି ଓ ଜଗନ୍ନାଥଙ୍କ ଫଟୋ ଓହଳାଇ ଜୀବନ କାଟୁଥିଲା ସେ କିପରି ଖ୍ରୀଷ୍ଟିୟାନ ହେଲେ ?" ପଣ୍ଡାମାନେ ବି କହିଛନ୍ତି- "ପୂର୍ବରୁ ପଣ୍ଡିତମାନେ କହି ଆସିଛନ୍ତି ମଣିଷ ଜନ୍ମ ହେବାବେଳେ କେଉଁ ଜାତିର ବା ଧର୍ମର ହୋଇ ଜନ୍ମ ହୋଇ ନଥାଏ । ତା' କାର୍ଯ୍ୟରୁ ତା' ଜାତି ଓ ଧର୍ମ ଜଣାଯାଏ । ସେହି ଦୃଷ୍ଟିରୁ ଏହି ବିଦେଶିନୀ ଭଗିନୀ ହିନ୍ଦୁ ଓ ତାଙ୍କୁ ଏଠାରେ ସଂସ୍କାର କରାଯାଉ ।"

ବିଦେଶିନୀ ଭକ୍ତ ହିଲ୍‌ଗାର୍ଡ଼ଙ୍କ ଚରିତ୍ର ପାଠକ ହୃଦୟରେ ଗଭୀର ରେଖାପାତ ସୃଷ୍ଟି କରିବା ବେଳେ ତାଙ୍କ କାହାଣୀ ମାଧ୍ୟମ ଦେଇ ଆଉ ଏକ ଦିଗ ପ୍ରତି ଅଧିକ ସୃଜନଶୀଳ ହୋଇ ଉଠିବେ ପାଠକେ । ବର୍ତ୍ତମାନ ସମୟରେ ଯେଉଁଠି ଟୁରିଷ୍ଟଙ୍କ ପ୍ରତି ସ୍ଥାନୀୟ ଲୋକମାନଙ୍କ ବ୍ୟବହାର, ଲୁଟିବା ପ୍ରବୃତ୍ତିର ଖବର ମନକୁ କ୍ଷତାକ୍ତ କରି ତୋଳୁଛି ଅନେକ ସମୟରେ ସେଇଠି ଦୋଳଗୋବିନ୍ଦ, କୃଷ୍ଣକାନ୍ତ, ନଳିନୀ ବାରିକଙ୍କ ସୁନ୍ଦର ଆଚାର-ଆଚରଣ, ଅମାୟିକ ବ୍ୟବହାର, ଅନବଦ୍ୟ ଆତ୍ମୀୟତା ଖୁବ୍ ମୁଗ୍ଧ କରିବ । ଅନେକ କିଛି ଚେତେଇଦେବା ସହ 'ଅତିଥି ଦେବୋ ଭବଃ' ମନ୍ତ୍ରରେ ଦୀକ୍ଷିତ ଭାରତୀୟମାନଙ୍କୁ, ଜଗନ୍ନାଥ ମାଟିର ଅଧିବାସୀମାନଙ୍କୁ କହୁଛି: "ଏ ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱରେ ମାନବିକତାର ଧ୍ୱଜା ଉଡ଼ାଇବାକୁ ଚାହିଁ ।" ବିଶ୍ୱ ଭାତୃତ୍ୱର କଥା କୁହେ ଆମ ସଂସ୍କୃତି । ପରକୁ ନଳିନୀ ବାରିକ ଓ ତା' ସ୍ତ୍ରୀ ପରି ଖୁବ୍ ଶୀଘ୍ର ସ୍ନେହ, ପ୍ରେମ, ମମତାର ରଜ୍ଜୁରେ ବାନ୍ଧି ନେବାକୁ ଶିଖାଏ ଆମ ଜଗନ୍ନାଥ ପରମ୍ପରା । କାରଣ ସ୍ୱୟଂ ଜଗନ୍ନାଥ ହେଉଛନ୍ତି ଗ୍ରାପ୍‌ସ୍ ଅଫ୍ ଲିଙ୍କ୍- ଆଉ ଏ ଲିଙ୍କ୍ ବନ୍ଧନ ଯେ କେବଳ ବ୍ୟକ୍ତି ବ୍ୟକ୍ତି ଭିତରେ ସୀମିତ ହୋଇ ରହୁଛି ତାହା ନୁହଁ ବରଂ ନିରିଖେଇ ଭାବିପାରିଲେ ଆମେ ବେଶ୍ କରି ହୃଦ୍‌ବୋଧ କରିପାରିବା । ଜଗନ୍ନାଥଙ୍କ ଦେଇ ଏ ବନ୍ଧନ ସୃଷ୍ଟି ହୋଇ ପାରୁଛି କେତେକେତେ ପରିବେଷ୍ଟନୀ ଭିତରେ, ଯେଉଁଠି ସମଗ୍ର



**ଏହାଙ୍କୁ ଡାକିଲେ ଦୁଃଖ ହୁଏ ଶେଷ**
**ଜନ୍ମ ମୃତ୍ୟୁ ବ୍ୟାଧି ଦିଏ ନାହିଁ କ୍ଲେଶ ।"**

**ମାଆଙ୍କ କଥାର ଗଭୀର ତତ୍ତ୍ୱ ସେତେବେଳେ ମୁଁ ବୁଝି ପାରି ନଥିଲି । କିନ୍ତୁ ସେ ବିଶାଳ ଚକ୍ଷୁଦ୍ୱୟ ମଧ୍ୟରେ ମୁଁ କ୍ଷଣକ ମଧ୍ୟରେ ହଜି ଯାଇଥିଲି । ସେ କି ଅପୂର୍ବ ଶିହରଣ ଆଜିଯାଏଁ ମୁଁ ଭୁଲିପାରିନି, ସେ ଅନୁଭୂତି ଆଉ ସେ ସ୍ମୃତିକୁ ନେଇ ମୁଁ ବଂଚି ଚାଲିଲି । ସମୟ ଗଡ଼ି ଚାଲିଲା । ଆମେ ଆଠ ଭାଇ ଭଉଣୀ କିଏ କୁଆଡ଼େ ଛିଞ୍ଚି ହୋଇ ରହିଲୁ । ଥାପି ଆମ ସମସ୍ତଙ୍କୁ ବାନ୍ଧି ରଖିଥାଏ ବାପାମାଆ ଦେଇଥିବା ସେଇ ସଂସ୍କାର । ଚାକିରି ଜୀବନରେ ମୋ' ସ୍ୱାମୀଙ୍କର ବହୁତ ବଦଳି ହେଉଥାଏ । ଥରେ ଆମର ପୋଷ୍ଟିଂ ହୋଇଥାଏ ଖଡ଼ଗପୁର । ସେଇଠି ଜଣେ ଭଦ୍ରମହିଳାଙ୍କ ଠାରୁ ମୁଁ ବାଟିକ୍ ପ୍ରିଟିଙ୍ଗ୍ ଶିକ୍ଷା କଲି । ଅନେକ ବାଟିକ୍ ପ୍ରିଟିଙ୍ଗ୍ କଲି । ସେଥିରୁ ଅଧିକାଂଶ ବହୁ ପ୍ରଶଂସିତ ହୋଇ ଭଲ ମୂଲ୍ୟରେ ବିକ୍ରି ହେଉଥିଲା । ମୋ' ହାତ ଭଲ କରି ବସିବା ପରେ ମୁଁ କନାରେ ନିଜେ ଆଙ୍କି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଚତୁର୍ଦ୍ଧା ମୂର୍ତ୍ତିକୁ ରଙ୍ଗ ଦେଇ ବାଟିକ୍‌ରେ ଉତାରିଲି ଓ ତାହା ଆମ ଡ୍ରଇଂରୁମ୍‌ର ଫାୟାର ପ୍ଲେସ୍ ରଖା ଯାଇଥାଏ । ଥରେ ମୋ' ବାପା ମୋ' ପାଖକୁ ଆସିଥିଲେ । ମୋ' ଜଗନ୍ନାଥ ଫଟୋ ଦେଖି ତାଙ୍କର ବହୁତ ପସନ୍ଦ ହେଲା, ସେ ମୋତେ କହିଲେ, "ମାଆଲୋ ଇନ୍ଦି, ତୋର ଏଇ ଜଗନ୍ନାଥ ଫଟୋ ପୂରା ଜୀବନ୍ତ ଦେଖା ଯାଉଛନ୍ତି । ତୁ ତାଙ୍କ ପାଖେ ମନରେ ରଖି ତାଙ୍କୁ ସବୁବେଳେ ସୁମରିଥିବୁ । ସେ ତୋର ସବୁ ସୁଖଦୁଃଖରେ ସାହା ହେବେ ।" ମୁଁ ସେଇଦିନ ଠାରୁ ସେଇ ଜଗନ୍ନାଥ ଫଟୋକୁ ନେଇ ମୋ' ଶୋଇବା ଘରେ ରଖି ତାଙ୍କୁ ସବୁଦିନ ସକାଳେ ସଂଧ୍ୟାରେ ମୁଣ୍ଡିଆ ମାରେ । ସେ ହୋଇଗଲେ ମୋ' ଜଗନ୍ନାଥ ଓ ତାଙ୍କର ଭରସାରେ ମୁଁ ଜୀବନ ଯମୁନାକୁ ପାରି ହୋଇ ଚାଲିଛି । ଜୟ ଜଗନ୍ନାଥ ।**



ମହାଭାରତୀୟ ଚେତନାର ପ୍ରକୃତ ସ୍ୱରୂପ ଉଦ୍‌ଭାସିତ ହୋଇଉଠଛି ।"

ଗାଳ୍ପିକ ହିଲ୍‌ଗାର୍ଡ଼ଙ୍କ କଥା କହିବାବେଳେ ମଧ୍ୟ ଆମ ହିନ୍ଦୁଧର୍ମର ଉଦାରତା, ମହନୀୟତା ଉପରେ ମଧ୍ୟ ଦୃଷ୍ଟିପାତ କରିଛନ୍ତି ଚରିତ୍ର କୃଷ୍ଣଚନ୍ଦ୍ରଙ୍କ ମାଧ୍ୟମ ଦେଇ । ତାଙ୍କରି ଦେଇ ସେ କହିଛନ୍ତି: "ହିନ୍ଦୁ ଧର୍ମକୁ କିଏ ପ୍ରଚାର କରିନଥିଲେ, ମଣିଷର ଆବିର୍ଭାବ ସହିତ ଏହାର ଜନ୍ମ । ଏଥିର ଦେବତା, ମାନବ, ଦାନବ, ଗଛବୃକ୍ଷ, ନଦୀ, ସମୁଦ୍ର, ପଶୁପକ୍ଷୀ ସମସ୍ତ ଠାରେ ଈଶ୍ୱରଙ୍କ ସତ୍ତା ଥିବାର ବିଶ୍ୱାସ କରାଯାଏ, ତୁମେ ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବା ସ୍ୱାଭାବିକ । କିନ୍ତୁ ତୁମେ ଚେଷ୍ଟା କଲେ କୀଟପତଙ୍ଗ, ପାହାଡ଼ ପର୍ବତ ଓ ବୃକ୍ଷରେ ମଧ୍ୟ ଈଶ୍ୱରଙ୍କୁ ଦେଖି ପାରିବ ।"

'ଜଗନ୍ନାଥଙ୍କ ପଦାରବିନ୍ଦ' ଗପରେ ଏକ ମାଆର ଛଳଛଳ ହୃଦୟ, ତା'ର ଆକୁଳତା, ତା'ର ପ୍ରାର୍ଥନା ପାଠକମାନଙ୍କୁ ଗଭୀର ଭାବାବେଗରେ ବାନ୍ଧି ରଖିବା ପରି । ଜୀବନସାରା କଳାଠାକୁରଙ୍କ ଚରଣାଶ୍ରିତ ହୋଇ ସ୍ନେହାଶୟୀ ଜନନୀଟି ନିଜ ଅପତ୍ୟ ପାଇଁ ଢାଳିଥିବା ଆଖିର ଲୁହକୁ ଲେଖିକା ଯେଉଁ ଚମତ୍କାର ଢଙ୍ଗରେ ଜଗନ୍ନାଥଙ୍କ ପଦାରବିନ୍ଦ ସହ ତୁଳନା କରିଛନ୍ତି ତାହାକୁ କ'ଣ ଭୁଲିପାରିବ ପାଠକ ଏତେ ସହଜରେ ? ସେହିପରି ବହିରେ ସ୍ଥାନିତ ଆଉ ଏକ ଅନୁଭୂତି ମୂଳକ କାହାଣୀରେ 'ସବୁଠାରୁ ବଡ଼ ଜଜ୍'ରେ ମାଆ-ଝିଅଙ୍କ ଆଳାପ ଆଲୋଚନା ଭିତର ଦେଇ କିଏ ଏଠି ସବୁ ବଡ଼ ବିଚାରକ ବୋଲାଇଛି ଜାଣିବାକୁ ହେଲେ ପାଠକକୁ ପ୍ରବେଶ କରିବାକୁ ହେବ ଗଳ୍ପ ଭିତରକୁ । ହେସିପରି 'ମୁକଂ କରୋତି ବାଚାଳମ୍...'ରେ ଜାଠ୍ ଝିଅ ସୁମନ ଆହୁଜା, ଯେ ସାରା ଜୀବନ ଅନେକ କିଛି ହରାଇ ସଂଜ ସଳିତାଟିଏ ପରି ଜଳି ଆସିଛି ଓ ଶେଷରେ ପଙ୍ଗୁ ପ୍ରାୟ ଅବସ୍ଥାରେ ମଧ୍ୟ ବାଇଶି ପାହାଚ ଚଢ଼ି ଜଗନ୍ନାଥଙ୍କୁ କିପରି ଦର୍ଶନ କରିପାରିଛି ନିଜର ଦୃଢ଼ ମନୋବଳ ଓ ଜଗନ୍ନାଥଙ୍କ ପ୍ରତି ଥିବା ଅପାର ଭଲପାଇବା ପାଇଁ ତାହାକୁ ଖୁବ୍ ଜୀବନ୍ତ ଭାବେ ତୋଳିଧରିଛନ୍ତି ଗାଳ୍ପିକା । ସେହିପରି 'କିଛି ସ୍ମୃତି ଓ କିଛି ଅଭୁଲା ଅନୁଭୂତି'ରୁ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଅପାର ଲୀଳା ଓ ଭକ୍ତବତ୍ସଳତାର ପରିଚୟ ମିଳେ ।

'ଜଗନ୍ନାଥ ଓ ଧର୍ମୁଭାଇନା' ଗପରେ ଲୀଳା ପୁରୁଷଙ୍କ ଏକ ଅଭିନବ ଲୀଳା ଆଶ୍ଚର୍ଯ୍ୟ ଚକିତ କରିଦେବ ପାଠକମାନଙ୍କୁ । ଧର୍ମୁ ଭାଇନା ଗାଳ୍ପିକାଙ୍କ ମାଉସୀ ପୁଅ ଭାଇ ଯେ ପୁରୀରେ ଥିଲେ ପୂର୍ତ୍ତ ବିଭାଗରେ ସହକାରୀ ଇଞ୍ଜିନିୟର୍ । ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣା ଦେଖିବାକୁ ଯାଇ ସେ ମନ୍ଦିର ଶିଖର ଯାଏଁ ଚଢ଼ିପାରନ୍ତି । ହଠାତ୍ ଦିନେ ଦ୍ୱିପ୍ରହର ବେଳାରେ ମନ୍ଦିରକୁ ଚଢ଼ିଯିବା ପରେ କେଉଁଠୁ ଆସି ବଡ଼ ଟେକାଟିଏ ବାଜେ, ରୁମାଲ କାଢ଼ି ମୁଣ୍ଡ ପୋଛିଦେବାକୁ ଗଲାବେଳକୁ ରୁମାଲ ଓଦାଓଦା ଲାଗେ, ରକ୍ତର ଗନ୍ଧ ଲାଗେ, ଦେଉଳ ମାରା ହୋଇଗଲେ ଜଗନ୍ନାଥଙ୍କ ନାନା ନୀତି-ବିଭ୍ରାଟ ଘଟିବା ଭୟରେ ସେ ଜଗନ୍ନାଥଙ୍କୁ ସ୍ମରଣ କରି ଧୀରେ ଧୀରେ ମନ୍ଦିର ତଳକୁ ଆସନ୍ତି ଓ ମୁଣ୍ଡରେ ରୁମାଲଟିକୁ ଭିଡ଼ି ଧରିଥା'ନ୍ତି । ଏଣେ ତାଙ୍କ ମନରେ ଭୟ-କାଳେ କାହାର ଆଖି ପଡ଼ିଯିବ ରକ୍ତଭିଜା ରୁମାଲ୍ ଉପରେ ? ମନ୍ଦିର ବେଢ଼ା ଭିତରେ ଠିଆ ହୋଇ ଆଖିବୁଜି ସେ ଜଗନ୍ନାଥଙ୍କୁ ସ୍ମରଣ କରିବାକୁ ଲାଗନ୍ତି । ଠିକ୍ ଏତିକିବେଳେ କିଏ ଗୋଟେ କଳାମୋଟା ଲୋକ ତାଙ୍କୁ ଖୁବ୍ ଜୋର୍‌ରେ କହିଦେଇ ଚାଲିଗଲା- "ହେ ବାବୁ ମୁଣ୍ଡରେ ରୁମାଲ୍‌ଟେ ଧରି କାହିଁକି ଠିଆ ହୋଉଛ ? ଯାଅ ଆଗକୁ ଯାଅ ।" ଆଗରେ ଚାଲି ଯାଇଥିବା ସେ ଲୋକଟି ଦେହରୁ ଭାସି ଆସୁଥିଲା ସଦ୍ୟରନ୍ଧା ହୋଇଥିବା ଅଭଡ଼ାର ବାସ୍ନା । ଦେଉଳର ଜନସମୁଦ୍ର ଭିତରେ ହଠାତ୍ କୁଆଡ଼େ ହଜି ଯାଇଥିବା ସେ କଳାଲୋକଟି ପ୍ରକୃତରେ କିଏ ଥିଲା ? କଳାଠାକୁର ନୁହଁତ ! ଏମିତି ପ୍ରଶ୍ନବାଚୀ ଖାଲି ଧର୍ମୁଭାଇନାଙ୍କ ପାଖେ ନୁହଁ ବରଂ ତାଙ୍କର ପ୍ରତିଟି ଭକ୍ତ ପାଖେ ଛାଡ଼ି ଦେଇଯା'ନ୍ତି ଏମିତି ଅଚାନକ୍ ଭାବେ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ।

"ଧନ ମାଗୁ ନାହିଁ, ଜନ ମାଗୁ ନାହିଁ
କିଛି ମାଗୁନାହିଁ ତତେ
ମାଗୁଛି କେବଳ ଶରଧା ବାଲିରୁ ହାତେ ।"

କିନ୍ତୁ ଏଠି ଲେଖିକା ଛଳଛଳ ହୋଇ, ତାଙ୍କ ସରଳମନରେ ସ୍ୱୀକାର କରିଛନ୍ତି ଯେ, ସେ ଜଗନ୍ନାଥଙ୍କର ପ୍ରକୃତ ଭକ୍ତ ନୁହେଁ; ସ୍ୱାର୍ଥପର ଭିକ୍ଷାର୍ଥୀଟିଏ କେବଳ, ଜୀବନ ସାରା ତାଙ୍କୁ ମାଗି ଚାଲିଛି, କହି ଚାଲିଛି ଅନବରତ 'ଦେ ଦେ' ବୋଲି, କହିନି କେବେ ତା'ଠୁଁ 'ନେ ନେ' ବୋଲି । ବହିର ଶେଷରେ 'ମୁଁ ଓ ମୋ ଜଗନ୍ନାଥ'ରେ ଗାଳ୍ପିକା ଯେପରି ଅତି ସରଳ, ନିଷ୍କପଟ ମନ ଦେଇ ପ୍ରଭୁଙ୍କ ଆଗରେ ନିଜକୁ ଉନ୍ମୁକ୍ତ କରିଦେଇଛନ୍ତି ଏବଂ ରାତିରେ ଶୋଇଲା ବେଳେ ହଠାତ୍ ସେ ଦିନେ କିପରି ଜଗନ୍ନାଥଙ୍କ ଶରୀରରେ ଲୀନ ହୋଇଯାଇ ନିର୍ବାଣର ଆନନ୍ଦ ଅନୁଭବ କରିଛନ୍ତି- ଏସବୁ ଯେଉଁପରି ଭାବେ ପ୍ରକାଶ କରିଛନ୍ତି ତାହା ହିଁ ତାଙ୍କର ପ୍ରକୃତ ଭକ୍ତି, ଭଗବାନଙ୍କ ପ୍ରତି ଏକନିଷ୍ଠ ଭଲପାଇବାର ପରିଚୟ ପ୍ରଦାନ କରେ ।

ଇନ୍ଦିରା ଦାଶଙ୍କ 'ମୁଁ ଓ ମୋ' ଜଗନ୍ନାଥ' ପଢ଼ିବା ବେଳେ ପାଠକଟିଏ ବହିର କୌଣସି ପୃଷ୍ଠାରୁ ସହଜରେ ମୁହଁ ଫେରାଇ ନେଇପାରିବ ନାହିଁ କାରଣ ଏଠି ଅଛି ନିଷ୍କପଟ ଭଲପାଇବାର କଥା, ଶ୍ରଦ୍ଧା-ବିଶ୍ୱାସର କଥା, ଲେଖିକା ଜଗନ୍ନାଥଙ୍କୁ ଏଠି ଈଶ୍ୱର ରୂପେ ଖୁବ୍ ବେଶି ଦେଖାଇବାକୁ ଚେଷ୍ଟା କରିନାହାନ୍ତି ବରଂ ଏ ବହି ପଢ଼ିଲେ ଲାଗିବ ଜଗନ୍ନାଥ ଅଛନ୍ତି ଆମରି ଭିତରେ, ହସୁଛନ୍ତି ଆମମାନଙ୍କ ଗହଣରେ, ପୁଣି କେବେକେବେ ଜୀବନରାସ୍ତାରେ ଝୁଣ୍ଟି ପଡ଼ିବା ବେଳେ ଆମ ଦେହରୁ ନୁହଁ ବରଂ ତାଙ୍କ ଦେହରୁ ଝରି ଆସୁଛି ରକ୍ତ, ଆମେ ବ୍ୟଥିତ ହେଉ ହେଉ ତାଙ୍କ ଆଖିରୁ ଝରି ଆସୁଛି ଲୁହ । ଆଃ ! ଏ ହିଁ ତ ଭକ୍ତର ଭଗବାନ, ଏ ହିଁ ତ ଆମ ବନ୍ଧୁ-ସଖା-ସହୋଦର ।

ଶେଷରେ ନିଜର ସାମାନ୍ୟ ଅନୁଭବକୁ ବ୍ୟକ୍ତ କରି ଏ ଆଲେଖଟିକୁ ସାରିବାକୁ ଚେଷ୍ଟା କରୁଛି । ଦୁଇ-ତିନି ବର୍ଷ ଧରି ପୁରୀରୁ ଜଣେ ସୁହୃଦ୍ ସୃଜନଶୀଳ ମଣିଷଙ୍କର ଫୋନ୍ ଆସେ କ୍ରମାଗତ ଭାବେ । ପ୍ରତିଥର ଜଗନ୍ନାଥଙ୍କୁ ନେଇ କିଛି ଅନୁଭୂତି ମୂଳକ ଲେଖା ଦେବାକୁ ଅନୁରୋଧ କରନ୍ତି । କିନ୍ତୁ ପ୍ରତିଥର ଅତ୍ୟନ୍ତ ବିନୟ ଭାବେ ତାଙ୍କୁ ମୁଁ ନିରାଶ କରେ । ପାପୀଟାଏ କି କ'ଣ, ଜଗନ୍ନାଥଙ୍କୁ ନେଇ ସେପରି ଅନୁଭୂତି ଯେହେତୁ ମୋ'ର ନଥିଲା କିପରି ବା ତାଙ୍କୁ ମିଛରେ ଏଣୁତେଣୁ ଲେଖି ଦେଇ ପାରିଥା'ନ୍ତି ? ଶ୍ରୀ ଜଗନ୍ନାଥଙ୍କୁ ନେଇ ଗପ, କବିତା ମଧ୍ୟ ଆଜିଯାଏଁ ଲେଖି ପାରିନି, କିନ୍ତୁ ଜୁନ୍ ମାସର ପ୍ରାରମ୍ଭରେ ଯେତେବେଳେ ବାହାନଗାର ରେଳ ଦୁର୍ଘଟଣା ଏ ମନକୁ ଶତତ ବିଦାରି ଚାଲିଥିଲା, ସେଇ ଜଗନ୍ନାଥଙ୍କୁ କେତେ ପ୍ରଶ୍ନ କରି ଚାଲିଥିଲା ଠିକ୍ ତା'ର ଗୋଟିଏ ସପ୍ତାହ ପରେ 'ରେବତୀ'ରୁ କୃଷ୍ଣ କୁମାର ମହାନ୍ତିଙ୍କ ଫୋନ୍ ଆସେ ଏଇ ଆଲେଖଟି ପ୍ରସ୍ତୁତି ସମ୍ପର୍କରେ । ଫୋନ୍‌ରେ ସ୍ୱଚ୍ଛ କଥାବାର୍ତ୍ତା ଓ ପେରେପରେ ଏ ଦିଗରେ ମୋ'ର ଆଗ୍ରହ ଏକ ସଂଯୋଗ ତ ନିଶ୍ଚୟ । ଭାବୁଛି, ଏହା ସେଇ ଲୀଳାମୟଙ୍କ ଇଚ୍ଛା ନୁହଁ ତ ଆଉ କ'ଣ ହୋଇପାରେ ? ଇନ୍ଦିରା ଦାଶଙ୍କ ଏ ବହି ମାଧ୍ୟମ ଦେଇ ହେଉ ପଛକେ ମୋ' ସୃଜନକର୍ମରେ କୋଟି କୋଟି ଓଡ଼ିଆଙ୍କ ପ୍ରାଣର ଦେବତା, ଲୀଳା ଠାକୁର ଜଗନ୍ନାଥଙ୍କ ଉପରେ କିଛି ଲେଖି ପାରିଲି ତାହା ହିଁ ମୋ' ପାଇଁ ଏକ ନିଆରା ପରିତୃପ୍ତିର ବିଷୟ । ପରିଶେଷରେ ଆଶା କରିବି କୃତବିଦ୍ୟ ସାହିତ୍ୟିକା ଇନ୍ଦିରା ଦାଶଙ୍କ 'ମୁଁ ଓ ମୋ ଜଗନ୍ନାଥ' ଅଗଣିତ ଓଡ଼ିଆଙ୍କ ପାଖରେ ପହଞ୍ଚୁ ଓ ସମୁଚିତ ପାଠକୀୟ ଶ୍ରଦ୍ଧା, ଭଲପାଇବା ସାଉଁଟିବାକୁ କେବଳ 'ମୁଁ ଓ ମୋ ଜଗନ୍ନାଥ' କାହିଁକି ଏହିପରି ଅନେକ ସଂକଳନ ଆସୁ ଆମ ଓଡ଼ିଆ ସାହିତ୍ୟରେ ଜଗନ୍ନାଥଙ୍କୁ ନେଇ । ଜୟ ଜଗନ୍ନାଥ ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ସସ୍ମିତା ପଣ୍ଡା(ଲିଲ୍ୟାନ୍)
ଉଚ୍ଚତା : ୫ ଫୁଟ୍ ୫ ଇଞ୍ଚ୍
ବୃତ୍ତି : ମଡ଼େଲ୍ ଓ କଳାକାର
ଶିକ୍ଷା : ସ୍ନାତକ, ଏଲ୍ଏଲ୍ବି
ରୁଚି : ଭ୍ରମଣ, ନାଚ, ସମାଜସେବା
ପ୍ରଚ୍ଛଦ ଫଟୋଗ୍ରାଫି : କମଲ ଫଟୋଗ୍ରାଫି
ସହାୟତା : ସଞ୍ଜୟ ମହାକୁଡ଼
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ୍ମ, ସୋନପୁର
ମେକ୍ଅପ୍ : ଇତିଶ୍ରୀ ଦାସ
ସ୍ଥାନ : ଭୁବନେଶ୍ୱର

ଲେଣ୍ଡର

# ଜୁଲାଇ - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ପର୍ବପର୍ବାଣି**

୦୧/୦୭/୨୦୨୩ : ଶ୍ରୀଜୀଉଙ୍କର ନୀଳାଦ୍ରି ବିଜେ ଉତ୍ସବ
୦୩/୦୭/୨୦୨୩ : ବ୍ୟାସ (ଆଷାଢ଼) ପୂର୍ଣ୍ଣିମା, ଗୁରୁପୂଜା
୧୭/୦୭/୨୦୨୩ : ସର୍ବସମ୍ମତ ଚିତାଲାଗି ଅମାବାସ୍ୟା
୩୦/୦୭/୨୦୨୩ : ଗରୁଡ଼ଶୟନୋତ୍ସବ
୩୧/୦୭/୨୦୨୩ : ଶ୍ରୀଶିବଶୟନୋତ୍ସବ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

# ଦ୍ରୌପଦୀ-୨୯

## ପ୍ରଫୁଲ୍ଲ କୁମାର ମହାନ୍ତି



**(ଅର୍ଜୁନ ସହିତ ପ୍ରଥମ ମିଳନ ଚିନ୍ତା)**

ଆଜି ଆସିବେ ଅର୍ଜ୍ଜୁନ !
ଭାବିଦେଲା ପରେ ଜଳିଗଲା ମନ ।
କେତେ ସ୍ୱପ୍ନ ଫେଣେଇ ନଥିଲା ମନରେ
ଯେତେବେଳେ ଥରଥର ହାତରେ
ପିନ୍ଧାଇଲି ବରମାଳା ବିଜେତା ଗଳାରେ !
ବୀର ବସୁନ୍ଧରା କମ୍ପିଥିଲା ମୋର
ଚଞ୍ଚଳ ପ୍ରାଣର ମହା ଉଦ୍‌ବେଳନରେ
ଏବେତ ଗଲାଣି ବିତି ବସନ୍ତ ମହୁଆ ଋତୁ
ନିଦାଘର ଆବୃତ୍ତିରେ ବେତାଳ ବେସୁରା
ମୁଁ ତ ଖାଲି ଅଭିନେତ୍ରୀ ହସର ଖୋଳରେ

କେତେ କଥା ଭାବି ନଥିଲା ଦ୍ରୌପଦୀ
କେତେ କଳ୍ପନାର ଶ୍ରାବଣୀ ଢେଉ
ରଙ୍ଗାଇ ନଥିଲା ତାର ବିଳାସୀ ମନର ଚୌହଦୀ
ଭାରତବର୍ଷର ଶ୍ରେଷ୍ଠ ଧନୁର୍ଦ୍ଧର ଅଚଞ୍ଚଳ ଧୀର
ସୁଠାମ ପୁରୁଷ ପଣ କଳାକାର ମନ
ତା ସହିତ ସଜାଇବି ଭିନ୍ନ ଏକ ସୁନ୍ଦର ପୃଥିବୀ !
କିନ୍ତୁ ହେଲା କଣ ?
ତୁଷାର କନ୍ୟାରେ ଜଡ଼ହେଲା  ରମ୍ୟ ମଧୁବନ
ପାଖୁଡ଼ା ପାଖୁଡ଼ା ହୋଇ ଭାଗବଣ୍ଟା ହେଲି
ବନ୍ଧ କବାଟର ଅଙ୍କ ପରିହାସେ
ପାଞ୍ଚ ଭାଇଙ୍କର ଖଣ୍ଡିଆ ପଲ୍ଲବୀ
ହଜିଗଲା ରାଗରସ ଲୟର ସୁରଭି ।

ଗରମି ଗଲା ଦ୍ରୌପଦୀ
କାହିଁକି ଚୁପ୍ ଥିଲେ ଅର୍ଜ୍ଜୁନ
ଯୁଧିଷ୍ଠିର ସମର୍ଥନରେ ଯେବେ
ମାତୃବାକ୍ୟ ହେଲା ସତ୍ୟ ଅମଳିନ ?
ଦୀର୍ଘଶ୍ୱାସ ନେଲା ଦ୍ରୌପଦୀ

ଆଜି ମୁଁ କରିବି କଣ ସେଇ ଅଭିନୟ !
ପ୍ରଥମ ମିଳନରେ ପ୍ରଥମ ସ୍ୱାମୀ ମୋର
ସତରଞ୍ଚ ପାଲି ଧରି ହସହସ ଯୁଧିଷ୍ଠିର
କହିଥିଲେ ଆସ ଆସ ବିଦୂଷୀ ପାଞ୍ଚାଳୀ
ମୋ ସହିତ ଖେଳ ବସି ରାଜ ବିଶ୍ୱନୀତି
ଚଳାଅ ଗୋଟି ସଜାଅ ଅଭିଯାନ
ରାଜନୀତି ଧର୍ମନୀତି ଚର୍ଚ୍ଚାରେ କଟିଥିଲା
ଅଭିନୟ ରଜନୀର ପ୍ରଥମ ବାସର ।
ଦେଖିଲେନି ଯୁଧିଷ୍ଠିର ମୋ ଆଖିର ତେଜ
ମୋ ନାରୀତ୍ୱର ଅଭିମାନ ମନ ଗଭୀରତା
ଗୀତ ଭରା ଓଠର ପ୍ରଶାନ୍ତ ଲାଲିମା
କହୁଥିଲେ ପଶାପାଲି ସାମ୍ରାଜ୍ୟରେ
ମୋର ଆଗାମୀ ଭୂମିକା ଚାହିଁ ବି ନଥିଲେ
ମୋର ଅଙ୍ଗସାଜ ରୂପର ମାଧୁର୍ଯ୍ୟ:
ମୁଁ ମଧ୍ୟ କରିଥିଲି ଖେଳାଳୀର ଅଭିନୟ
ଦ୍ୟୁମତି ନାୟିକା ପରି ବାକ୍ ଚାତୁରୀରେ ।

ଭୀମ ସାଥେ କଟିଥିଲା ରତିରଙ୍ଗେ ରାତି
ସ୍ନେହବୋଳା କଥାକହି ଭୀମ ଥିଲେ ମାତି
ଶୋଷିଥିଲେ ରତିକଳା ନୈପୁଣ୍ୟର
ତୃଷାର୍ତ୍ତ ଭାରତୀ ଅନୁରାଗୀ ପରି
ଆଶ୍ୱାସୀ ଥିଲେ ଅଭୟ ଜୀବନ
ପ୍ରଶଂସାରେ ଭରିଥିଲେ ମଧୁ ଫୁଲବନ ।

କିନ୍ତୁ ମୁଁ ଜାଣେ ଅର୍ଜ୍ଜୁନ ଅଲଗା
କୃଷ୍ଣ ପରି କଳାପ୍ରିୟ ପ୍ରଜ୍ଞା ଗଭୀର
ପୌରୁଷର ଦେବମୂର୍ତ୍ତୀ ପ୍ରେମ ପାରାବାର
ମୁଁ ହେବି ତାଙ୍କ ପାଇଁ ଅନୁଢ଼ା ଆକାଶ
ସେ ହିଁ ମୋର ପ୍ରଣୟର ବିଜେତା ନାୟକ
ମୁଁ ହେବି ଦ୍ରୌପଦୀ ନିରୋଳ ଦ୍ରୌପଦୀ
ପାରିବିନି ଛଳନାର ମୂକ ଅଭିନୟ-

କିନ୍ତୁ ମୁଁ ନୁହେଁ ଅକ୍ଷତ ଅଛୁଆଁ କୁମାରୀ
ମୁଁ ନୁହେଁ ଅରମ୍ୟା ଅଗ୍ନିର କଳିକା-
କିନ୍ତୁ ମନ ମୋର ସୃଷ୍ଟିର ପ୍ରଥମ ଫୁଲ
ଯେଉଁଠି ଯାଇନି ବୋହି ସଂସାରର ଲାଭା
ମୁଁ ହେବି ସେହି ଅଗ୍ନିକନ୍ୟା ଅକ୍ଷତ ମନଲୋଭା
ସାଜିଲେ ବି ନିଜ ହାତେ ମୋର ଦେହମନ
ନିଆଁରେ ମାଜିହେବି ଶୋଧିତ ଶୋଭନା
ବାଢ଼ିବି ଅର୍ଜ୍ଜୁନ ପାଖେ ଶୁଦ୍ଧ ମନୋରମା
ଅନ୍ତରୀକ୍ଷ ଆଣିବି ମୁଁ ଅଦେଖା ଅନ୍ଧାର
ମାଖିବି କଜଳ କରି ଆଖିରେ ମୋହର
ଦେଖିବି ଅର୍ଜ୍ଜୁନ ମୁଖ ବାସର ଉଜଳା
ତୀକ୍ଷ୍ଣ ଦୃଷ୍ଟି ଅର୍ଜ୍ଜୁନର ନିଶ୍ଚୟ ଭେଦିବ
ମାର୍ଜନାର ପ୍ରସ୍ତ ଚିରି ମୋ କୁଆଁରୀ ମନ ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩



▲ ଡଃ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି



▲ ଚିତ୍ର : ଶିଳ୍ପୀ ସ୍ନିଗ୍ଧା ତ୍ରିପାଠୀ

# କ୍ଷମା କର

**ସ୍ୱପ୍ନା ମିଶ୍ର**

ଆମେ ପରସ୍ପର ଠାରୁ ସେତିକି ଦୂରରେ ରହିଲେ
ଯେତିକି ଦୂରତାରେ ଡାଳରେ କଢ଼ ମେଲି ପାରିବ ସ୍ୱପ୍ନ ।

ହୁଗୁଳା ଡେଙ୍ଗରୁ ଝଡି ନପଡ଼ିବା ଯାଏଁ ସତେଜ ରଖିବା ଲାଗି
ତମେ ଢାଳି ଦେଲ ଚୁମ୍ବନ
ମୁଁ ବି ବୋହି ଆଣିଲି ଅନ୍ୟମନସ୍କତାର
ଉତ୍ତରା ପବନ ।

ଯାହା ଦେଇଚ ସବୁ
ଫେରେଇ ଦେବି
ପାଲଟା ସମୁଦ୍ର ପରି
ଫେରି ଆସିବି ।

ଯିଏ ଦୁଃଖ ଦେଇ ଜାଣେ
ସିଏ ନିଏନି ଦୁଃଖ
ଭାବରେ କେତେ ଦରଦ
କେତେ ଘୃଣା
ହିସାବ କରେ ବଣିକ ।

ଅନେକ ସନ୍ଧ୍ୟା ବିତିଚି ଏମିତି
ଦେଖି ଦେଖି ଗୋଟିଏ ସୂର୍ଯ୍ୟାସ୍ତ
ଯୋଡ଼ିଏ ପକ୍ଷୀ ପରି
ଆମ ଦୃଷ୍ଟି କାହିଁ କେଉଁ ଦୂରକୁ ଭେଦି ଯାଇଚି ।

କଳ୍ପନାର ଲତାରେ ଲଟେଇ ଯାଇଚି ପେଣ୍ଡି ପେଣ୍ଡି ବଣ ମାଳତୀ
ଫାଟକ ପାଖରେ ବୁଲୁଥିବା
ଫୁଙ୍ଗୁଳା ପବନ ସାକ୍ଷୀ ଅଛି ।

ପରସ୍ପରକୁ ବର୍ଣ୍ଣନା କରିବାକୁ ଆମେ ଭାଷା ଖୋଜୁଛେ
ଆମ ଦୁହିଁଙ୍କ ନିଃଶ୍ୱାସରେ
ବହି ଚାଲିଥିବା ସମୟ ନଇ ସମୁଦ୍ର ମୁହାଁ ଧାଉଁଛି ।
ସେଇ ନଈର ପାଣିରେ
କ୍ଷୋଭ, ଲୁହ, ସ୍ୱପ୍ନ ଓ ହସକାନ୍ଦର ଛାଇ ।

ମତେ କ୍ଷମା କର
ମୁଁ ସେ ପୃଥିବୀରେ ନଥିଲି
ସେଠି ନଥିଲି ମାନେ
ଘୁମେଇ ପଡ଼ିଥିଲି ଆଉ ଏକ ରାଜ୍ୟରେ
ଯେଉଁଠି କୁହୁଡ଼ି ପରି,
ଦରଭୁଲା କଥା ପରି
ଜହ୍ନ ଓ ତାରା ପରି
ଆଲୁଅ ଓ ପବନ ପରି ଅବାଧ
ଫିଟି ପଡ଼େ ପ୍ରେମ ।
ମନଲୋଭା, ଧୈର୍ଯ୍ୟଶୀଳ ଆକାଶ ପରି
ମୋ ଶାଢ଼ିରେ
ଦ୍ୱିପହରର ଖରା ପରି
ସୁନା ଜରିରେ କେହି ଆଙ୍କି ଦିଏ କୁଟିକମ ।

ବିଶ୍ୱାସ କର
ଆମେ ପରସ୍ପର ଠାରୁ ସେତିକି
ଦୂରରେ ରହିଲେ
ଯେତିକି ଦୂରତାରେ
ସଂଜର ଠୋ ଠା ଜହ୍ନିଫୁଲରେ ଫୁଟି ପାରିବ ଶବ୍ଦର କପଟ,

କ୍ଷମା କର ମତେ
ସମ୍ପର୍କ ଆମର
ଅଭାବକୁ ଦୂର ଭାବକୁ ନିକଟ ।

କ୍ଷମା କର ।

♥ ଫ୍ଲାଟ୍ ନଂ-୪୦୧, ହୋମ୍ ହୋରାଇଜନ୍ ସାମ୍ନା
ପ୍ଲଟ୍ ନଂ-୮୬୩/୮୬୪, ଘାଟିକିଆ ଭରତପୁର,
ସମ୍ ଅଲ୍ଟିମେଟ୍ ମେଡ଼ିକେୟାର୍ ପାଖ,
ଭୁବନେଶ୍ୱର-୭୫୧୦୦୩
ଫୋନ:୯୪୩୭୩୨୮୮୧୭



▲ କବି ସ୍ୱପ୍ନା ମିଶ୍ର



▲ ଚିତ୍ର : ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ

# ରାମ ଏକ ଭଲ ପିଲା

**କ୍ଷୀରୋଦ ପରିଡ଼ା**

ଆକାର ଓ ହ୍ରସ୍ୱଇ ପଢ଼ା ଭିତରେ
ମାଷ୍ଟ୍ରେ ରୁଲ୍‌ବାଡ଼ିରେ କେତେ କେତେ ଗାର ଟାଣିଦେଲେ
ଆମରି ଖାତାରେ,
ତାପରେ ଟେବ୍‌ଲ୍ ଉପରେ ରଖାଗଲା
ନାଲିକାଳିର ଦୁଆତ ଓ କାଠି କଲମ
ଖାତାର ସବା ଉପରେ ନାଲି ନାଲି ଅକ୍ଷରରେ
ମାଷ୍ଟ୍ରେ ଲେଖିଦେଲେ,
'ରାମ ଏକ ଭଲ ପିଲା ଅଟେ ।'

ଆମେ ଲାଗିଗଲୁ ଏହି ଅଗ୍ରଧାଡ଼ିଟିକୁ
ତଳକୁ ତଳ ଧାଡ଼ିରେ ଉତାରିବାକୁ
ଉପର ବାକ୍ୟଟିକୁ ଗୁଣୁଗୁଣେଇ
ମନେ ମନେ ବାଳୁତ ଈର୍ଷାରେ କହୁଥିଲୁ -
ଆମ ମେଳ ଭିତରେ ତ ନାହିଁ
ଯେ ରାମଟା ପୁଣି ଆଇଲା କୋଉଠୁ ,
ସେ ପୁଣି ହୋଇଗଲା ଏକ ଭଲ ପିଲା !

'ଭଲ ପିଲା ହିଁ ଭଲ ପିଲା ହେଇଥାଏ,
ତମେ ସବୁ ଭଲ ପିଲା ହୁଅରେ ପିଲେ !'
ରାମ ଏଯାଏଁ ବି ଭଲ ପିଲା ହୋଇ ରହିଛି
ବିସ୍ମୟକର ଭାବେ ଆମରି ବୟସ୍କ ମୁଣ୍ଡ ଭିତରେ ...

ଗଙ୍ଗାମାଷ୍ଟ୍ରେ ଉର୍ଫ ଗଙ୍ଗାଧର ପାଇକରାୟ ସାର୍
ପ୍ରଣାମ, ଆପଣଙ୍କର ପଞ୍ଚାବନ ବେଳେ
ଆମେ ସବୁ ଥିଲୁ ପାଞ୍ଚ, ଆଉ ରାମ ରହିଯାଇଛି
ଏଯାଏଁ ଯୌ ପାଞ୍ଚକୁ ସେଇ ପାଞ୍ଚରେ !

ଅକ୍ଷର ସବୁ ବଦଳି ଗଲେଣି ଢେର୍ ଯା ଭିତରେ
ସେମାନଙ୍କ ଲାଞ୍ଜ ଓ ଡେଣା ସବୁ ହେଇଯାଉଛି
ଦିନକୁ ଦିନ ସାନ ସାନ ...
ଆପଣ କହୁଥିଲେ -
ବର୍ଣ୍ଣମାଳାରେ କୁଆଡ଼େ ଏକ କଳା ଅଛି,
ସେ କଳା ଭିତରେ ବି ଥାଆନ୍ତି ମା' ଲକ୍ଷ୍ମୀ !
ଏବେ ବୁଝୁଛି ତହିଁରେ ନିଶ୍ଚୟ ଅଛି ଜ୍ଞାନ ଓ ଧନ

ହେଲେ, ସେ ବିଚରା 'ଅଟେ' ଗଲା କୁଆଡ଼େ ?
ଗତ ପଚିଶ ତିରିଶ ବର୍ଷ ଧରି ଖୋଜୁଛି ତାକୁ
ସେ ହୋଇଯାଇଛି ଉଭାନ୍ !
ବେଳେ ବେଳେ ସେ ଅର୍ବାଚୀନ ଆସି ଯାଉଛି
କୌ ବିକୃତ ବିଜ୍ଞାପନରେ ! !
ସେଇ 'ଭଲ ପିଲା' ରାମର ସାଙ୍ଗ ଛାଡ଼ି
ଚାଲିଗଲାଣି କି ସେ ଖଟିବାକୁ ଦାଦନ ?
ଏଇ 'ଅଟେ' କଣ ହୋଇଯାଇଛି ବେକାର
ନା ଆମ ଶବ୍ଦ ଓ ବର୍ଣ୍ଣରେ ତା'ର ଆଉ ନାହିଁ କୌ ପ୍ରୟୋଜନ
ସାର୍, ଆପଣ ସାଥୀରେ ନେଇ ଯାଇନାହାନ୍ତି ତ
ତାକୁ କୌ ଅଫେରନ୍ତା ବାଟରେ ...
ଆମେ ତ ସୁଧାର ହୋଇଯାଇଛୁ ଆପଣଙ୍କ ଛାଟରେ
ଆମେ ଏବେ ବି ଛିଡ଼ା ହୋଇଛୁ
ଆପଣ ଦେଖେଇ ଦେଇଥିବା ମଝି ବାଟରେ !

♥ ସେକ୍ଟର- ୫/୩୫୨, ନୀଳାଦ୍ରି ବିହାର,
ଭୁବନେଶ୍ୱର-୭୫୧୦୨୧, ଫୋନ: ୯୯୩୭୪୯୬୨୦୮



▲ ଫଟୋ କ୍ଷୀରୋଦ ପରିଡ଼ା

# ଅଟକି ଯାଆନ୍ତା କି ସମୟ..

## ପ୍ରଣତି ବେହେରା



ଚିତ୍ର : ଶିଳ୍ପୀ ଡାକ୍ତର ଦୀନବନ୍ଧୁ ସାହୁ

ବିଷାଦଭରା ରାତିଟିଏର ବହଳ ଅଂଧାରକୁ
ବାସିଲୁଗା ଭଳି ହକାଳି ଶୁଖେଇ ଦେବା ପରେ
ପେଡ଼ି ସାଇତା ସଫା ଲୁଗାଖଣ୍ଡିକ ପାଲଟି ନେଇ
ବାହାରି ଆସିଛି ଯେମିତି
ଗୋଟେ ସୁଗନ୍ଧିତ ସକାଳ

ପ୍ରାଗୈତିହାସିକ ପଥରଗୁମ୍ଫାମାନ
ଏଇ ଏବେ ଏବେ
ଅଳସ ଭାଙ୍ଗି ଉଠି ବସିଛନ୍ତି ନିଷ୍ପାପ କୁନିଛୁଆ ଭଳି
ପରିତ୍ୟକ୍ତ କୋଉ ଦେବାଳୟର
ଅପୂଜା ଦିଅଁଟିର ଅର୍ଦ୍ଧ ନିମିଳିତ ଆଖିରେ ତଥାପି ଦିଶି ଯାଉଛି
ବ୍ରହ୍ମାଣ୍ଡର ବ୍ୟାପ୍ତି...
ଜରାଜୀର୍ଣ୍ଣ ପଥରଗାତ୍ରରେ ଛୁଇଁ ଛୁଇଁ ଯାଉଛି ପବନ
ଓଁକାରର ପ୍ରତିଧ୍ୱନି ତୋଳି...

ଆଃ...
ଏଇଠି ଥମିଯାଆନ୍ତା କି ଏ ଶୁଦ୍ଧପୂତ ସମୟ
ପଥର ମୂର୍ତ୍ତି ସବୁ ବାହାରି ଆସନ୍ତେ
ନିଜ ନିଜ ନିଥର ଅସ୍ତିତ୍ୱରୁ
ଗପସପ କରନ୍ତେ ପରସ୍ପର ଭିତରେ
ଗଛବୃଛ, ପାହାଡ଼, ଝରଣା



କବି ପ୍ରଣତି ବେହେରା

ଆକାଶ, ନଈ ଆଉ ଚଢ଼େଇମାନଙ୍କୁ
ପଚାରି ବୁଝନ୍ତେ ଭଲମନ୍ଦ
ଆଗକୁ ଆଗକୁ ପାହୁଣ୍ଡ ପକେଇ ଚାଲୁଥାଆନ୍ତେ ଯେତିକି
ଆଲୋକିତ ରାସ୍ତା ଲମ୍ବି ଥାଆନ୍ତା ସେତିକି...

ନା ରକ୍ତର କିଛି ରଂଗ ରହନ୍ତା
ନା ଅହଂକାରୀର ଅର୍ଥହୀନ ଅହନ୍ତା
ନ ଥାଆନ୍ତା ବି
ବିଶ୍ୱାସହୀନ କୋଉ ଆତତାୟୀର
ଲହଲହ ଲାଳସାର କଳଂକିତ
ଆୟୁଷ, ଅୟସ କି ଅଭୀପ୍ସା ।

ନିଜ ନିଜ ଇଚ୍ଛା ମୁତାବକ
ସ୍ୱପ୍ନ ବୁଣନ୍ତେ, ସ୍ୱର ତୋଳନ୍ତେ
ପୂର୍ବବତ୍
ଜଳ, ସ୍ଥଳ, ବନ, ଗିରି, ଆକାଶ...
କଅଁଳ ଖରାର ଉଷୁମ୍ ପେଟ ତଳେ
ନିରୀହ ଶୈଶବ ଶୋଇଯାଆନ୍ତା ନିଦକରେ
କିଛି କାଳ...

ଏଇଠି ଅଟକି ଯାଆନ୍ତା କି ସମୟ !

♥ ଅଧ୍ୟାପିକା: ଓଡ଼ିଆ ଭାଷାସାହିତ୍ୟ ବିଭାଗ, ଭେଷଜ ରମ୍ଭାବତୀ
ମହାବିଦ୍ୟାଳୟ, କୁଣ୍ଡୁକେଲା, ସୁନ୍ଦରଗଡ଼-୭୭୦୦୧୯
ଫୋନ: ୯୪୩୮୬୦୭୩୯୬



ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଣ୍ଡା

# କବିତାକୁ ଅସ୍ତ୍ର କରନା

## ଅମରେନ୍ଦ୍ର ମାଧବ ଦାଶ

କବିତା, କବିତା ହୋଇ ଥାଉ
ତାକୁ ଅବସୋସର ଅକ୍ଷରରେ ଅସ୍ତ୍ର କରନା
ବୋମା ଫୁଟାଅନା ଏ ଶ୍ୟାମଳ ପୃଥିବୀରେ...

ତମକୁ ଲଢ଼ିବାକୁ ହେବ
ପ୍ରତିଟି ମୁହୂର୍ତ୍ତ, ପ୍ରତିଟି କ୍ଷଣ
ହେଇପାରେ ଏମିତି କି ଜୀବନ ସାରା ବି...

ପେଟରେ ଓଦାକନା ଦେଇ
ମାରିବାକୁ ପଡ଼ିପାରେ ତମର ଭୋକ, ତମର ଶୋଷ
ମିଛର ଲୋରି ଶୁଣାଇ
ନିଘୋଡ଼ ନିଦରେ ଶୋଇ ପଡ଼ିବାର
ଅଭିନୟ କରିବାକୁ ବି ପଡ଼ିପାରେ...

ବିଦ୍ରୋହର ନାରା ଦେଇ ଦେଇ
ଗାଇବାକୁ ପଡ଼ିପାରେ ତମକୁ
କେତେ ଦଣ୍ଡ, କେତେ କାଳ, କେତେ ମାସ,
କେତେ ନା କେତେ ବର୍ଷ...

ଅଂଟିରେ ଖଣ୍ଡେ ନିଆଁ ପୂରେଇ
ବୁଲିବାକୁ ପଡ଼ିପାରେ ତମକୁ ଏ ଘର ସେ ଘର
ନାକଚ ହେଲେ ବି ଦୁଃଖର ଦରଖାସ୍ତ
ଲେଖିବାକୁ ପଡ଼ିପାରେ ସେଇ କଥା କେତେ ନା କେତେ ଥର...

ପ୍ରତିଥର ମୁଣ୍ଡ ନଇଁଲା ବେଳେ
ଦେଖାଇବାକୁ ପଡ଼ିପାରେ
ଅସୀମ ଧୈର୍ଯ୍ୟ, ଅତୁଟ ବିଶ୍ୱାସ

ଅପ୍ରତିମ ଭଲ ପାଇବା ତମକୁ
କେତେ ଯେ କାଳାନ୍ତର...

ତମକୁ ହିଁ ଉତ୍ସର୍ଗ କରିବାକୁ ପଡ଼ିପାରେ
କେତେ ରାତି, କେତେ ଦିନ, କେତେ ଦିପହର
କେତେ ସଂଜ, କେତେ ସକାଳ
ତୁଚ୍ଛା ଅହଂକାର ଚୂନା ଚୂନା କରିବାକୁ...

କାହାର ନା କାହାର ହଁରେ ହଁ ମିଳେଇ
ବିନା ବାକ୍ୟ ବିନିମୟରେ ମୁଣ୍ଡ ଟୁଙ୍ଗାରି
ଚାଲିବାକୁ ପଡ଼ିପାରେ ତମକୁ
ଆଦି ଅନ୍ତହୀନ ଏକ ବାଟ...

ମୁଣ୍ଡେଇବାକୁ ପଡ଼ିପାରେ
ଅନ୍ୟ କାହାର ଦୋଷ,
କାହାର ଧମକ, କାହାର ଚେତାବନୀ
ଅବା ନିର୍ଦ୍ଦେଶରେ
ପୋଛି ଦେବାକୁ ବାବୁପଣିଆର ପାପ...

ଏତେ ସବୁ ପରେ
ଦିନେ ନା ଦିନେ ନିଶ୍ଚେ ଉଜ୍ଜ୍ୱଳି ଉଠିବ ସକାଳ
ଉଇଁ ଆସିବ ଉଦିତ୍ ସୂର୍ଯ୍ୟ
ପୋଛି ଦେବାକୁ ଯେତେକ
କଳଙ୍କର ଦାଗ ତମ କପାଳରୁ...

ଅପେକ୍ଷାରେ ଥା', ଶବ୍ଦକୁ ସଜାଡୁଥା'
ସ୍ଲୋଗାନର ଭାଷା ତୀବ୍ର କରୁଥା'
ତେବେ କବିତାକୁ କବିତା ହୋଇ ରଖିଥା'
ତାକୁ ଅସ୍ତ୍ର କରନା
ନା' ନା' ତାକୁ ଜମାରୁ ଅସ୍ତ୍ର କରନା...।


ପଂଚବଟୀ ବଜାର, ଜୟର ଶାସନ,
ମନ୍ଦାରିଆ ପାଟଣା, ବଟେଶ୍ୱର ମନ୍ଦିର ପାଖ,
ଜଗନ୍ନାଥପୁର, ଭୁବନେଶ୍ୱର-୭୫୨୧୦୧
ଫୋନ:୯୪୩୭୩୫୯୯୪୫




ଚିତ୍ର ଅମରେନ୍ଦ୍ର ମାଧବ ଦାଶ

# ଫ୍ରେମ୍ ଭିତରର ମଣିଷ

## ରଞ୍ଜନ ବାଗ

ଏବେ ଘରେ ଏକୁଟିଆ
ବସି ରହୁଛି ଘଣ୍ଟା ଘଣ୍ଟା
ମୋର ସେହି ବୁନିଆଦି ଚୌକିରେ
ଯେଉଁଥିରେ ବାପା ବି ବସି ରହୁଥିଲେ ଦିନେ ।

ସାମ୍ନା କାନ୍ଥରେ ଝୁଲୁଥିବା ଫଟୋ ସବୁକୁ
ମୁଁ ଦେଖେ, ବେଶ୍ ଆତ୍ମୀୟତାରେ ।
ଲାଗେ, ଫଟୋ ନୁହେଁ ତ
ମୋ ଅତୀତର ଗୋଟିଏ ଗୋଟିଏ ଦସ୍ତାବିଜ୍ ଦେଖୁଛି ।
ଫଟୋଗୁଡ଼ିକୁ ନିରୀକ୍ଷଣ କରୁ କରୁ
କେବେ ଛୁଁ ହଜି ଯାଇଥାଏ ତା'ରି ଭିତରେ ।

ଫଟୋ ଫ୍ରେମ୍ ଭିତରୁ
ହଠାତ୍ ବାହାରି ଆସନ୍ତି ସେମାନେ
ସେମାନଙ୍କ ମଧ୍ୟରୁ ଅନେକେ
ମୋର ଆପଣାର ହୋଇଥିବା ବେଳେ
କେତେକ ଦିଶନ୍ତି ଝାପ୍‌ସା ଝାପ୍‌ସା
ସତେକି ଆଲମୀରାରେ ସାଇତା ଥିବା
ପୁରୁଣା ଦଲିଲ୍ କି ଦସ୍ତାବିଜ୍‌ର ଅସ୍ପଷ୍ଟ ଅକ୍ଷର !

ସେମାନଙ୍କୁ ମୁଁ ଚିହ୍ନିବାକୁ ଚେଷ୍ଟା କରେ ।
ସେମାନେ ଅତୀତକୁ ରୋମନ୍ଥନ କରନ୍ତି
ବର୍ତ୍ତମାନ କି ଭବିଷ୍ୟତ ଉପରେ
କିଛି ଟିପ୍ପଣୀ କରନ୍ତିନି ।
ଏହାରି ଭିତରେ ବୋଉ କେଉଁଠି ଥାଏ
ହଠାତ୍ ବାହାରି ଆସେ
କୁଣ୍ଢାଇ ପକାଇ କାନ୍ଦେ



▲ କବି ରଂଜନ ବାଗ୍



▲ ଚିତ୍ର : ଶିଳ୍ପୀ ମାନମୟୀ ରଥ

ଆଉ ତା ପଣତକାନିରେ
ମୋ ମୁହଁ ଦେହକୁ ପୋଛି ପକାଏ ।

ମଲ୍ଲୀ, ମାଳତୀ ଆଉ ଚମ୍ପାଫୁଲର
ବାସ୍ନା ଠାରୁ ଅଧିକ ତା ପଣତର ମିଠା ସୁଗନ୍ଧ
ମୋତେ ସମ୍ମୋହିତ କରେ
ମୁଁ ଫେରିଯାଏ ସେଇ ପିଲାଦିନକୁ ।

ବାପା ବସିଥାନ୍ତି ସେହି ଚୌକିରେ
ତାଙ୍କ ଗୁରୁ ଗମ୍ଭୀର ମୁଖ ମଣ୍ଡଳରୁ
ଗୋଟିଏ ଅବସୋସ ବାରି ହେଉଥାଏ ।

ଠିକ୍ ଏତିକି ବେଳେ କେହି ଜଣେ
ଆମ ଲୌହ ଗେଟ୍‌କୁ
ବାରମ୍ବାର ବାଡ଼ଉ ଥିବାର ଶବ୍ଦ ଶୁଭେ ।
ମୁଁ ଅନ୍ୟମନସ୍କ ହୁଏ
ଆଉ ସେତିକି ବେଳେ ସେମାନେ ସମସ୍ତେ
ଫେରିଯାଇଥାନ୍ତି ପୁଣି ଫ୍ରେମ୍ ଭିତରକୁ
ଫଟୋ ହେବାକୁ ।

♥ଜିଲ୍ଲାପ୍ରତିନିଧି: 'ସମୟ',
ମଲ୍ଲିକାଶପୁର, ବାଲେଶ୍ୱର-୭୫୬୦୦୧,
ଫୋନ: ୯୪୩୭୨୬୪୩୩୬



▲ଚିତ୍ର : ଶିଳ୍ପୀ ମାନମୟୀ ରଥ

# ବାପାଙ୍କ ବ୍ୟାଗ୍

## ହେମନ୍ତ ମହାନ୍ତି

ଆମ ଗାଁ ଘର ଆଲମାରୀ ଉପରେ
ଥୁଆ ହୋଇଛି ବାପାଙ୍କ ବ୍ୟାଗ୍,
ଏ ବ୍ୟାଗଟି, ମୋ ପ୍ରବାସରୁ ଶେଷଥର
ଫେରିଲା ବେଳେ, ସାଥିରେ ଆଣିଥିଲେ ସେ ।
ବାପାଙ୍କ ପାଇଁ ବ୍ୟାଗଟ ଜିଦ୍ କରି
କିଣେଇ ଆଣିଥିଲା ମୋ କୁନି ଝିଅ
ତା ଉପରେ ନିଜେ ରଙ୍ଗ ତୂଳୀରେ
ଲେଖିଥିଲା: 'ମୋ ଜେଜେ' !

ଫେରିଲା ବେଳେ, ସେଥିରେ ମୋ ପତ୍ନୀ
ଯତ୍ନରେ ସଜେଇ ରଖିଥିଲେ
ବାପାଙ୍କ ପ୍ରିୟ ପୋଷାକ ସବୁ
ଶାନ୍ତିପୁରୀ, ଧୋତି, ସରୁ ପଞ୍ଜାବୀ
ସମ୍ବଲପୁରୀ ଗାମୁଛା, କାଶ୍ମୀରୀ ଶାଲ୍
ନେହେରୁ କୋଟ୍, ସିମିଲା ଟୋପି,

ତା ସହ ଔଷଧ, ଚଷମା, ଟୁଥ୍‌ବ୍ରସ୍
ପାଞ୍ଜି, ଗୀତା, ପୁରାଣ ବହି କେତେଖଣ୍ଡ ।

ସଜେଇ ରଖିଲା ପରେ, ବାପାଙ୍କୁ
ଗୋଟି ଗୋଟି ବୁଝେଇ କହିଥିଲେ ସବୁ
ବ୍ୟାଗର କୋଉ ଜାଗାରେ କ'ଣ ଅଛି,
କୋଉ ଔଷଧ କେତେବେଳେ, କେମିତି ଖାଇବେ !

ଯେମିତି ପ୍ରଥମଥର ହଷ୍ଟେଲ୍ ଯାଉଥିବା
ସନ୍ତାନକୁ ବୁଝେଇ କହେ ମା !

ବୁଝନ୍ତୁ କି ନବୁଝନ୍ତୁ, ନିଷ୍ପାପ ଶିଶୁଟେ ଭଳି
ଖାଲି ମୁଣ୍ଡ ଟୁଙ୍ଗାରୁ ଥିଲେ ବାପା
ବୋଧହୁଏ, ତାଙ୍କ ପାଇଁ ହଷ୍ଟେଲ୍ ପାଲଟିଥିବା
ଆମ ଘରେ ଚଳିବାର ନୂଆ ସୂତ୍ର ଯେତେ
ଖୋଜି ହେଉଥିଲେ ପତ୍ନୀଙ୍କ କଥାରେ ।

ତାଙ୍କ ପ୍ରିୟ ଦରକାରୀ ଜିନିଷ ପତ୍ରରେ ଭର୍ତ୍ତି ହୋଇ
ପୁରୁଣା ଆଲମିରାର ଅସଜଡ଼ା ଥାକ ଉପରେ
ଥୁଆ ହୋଇଛି ବାପାଙ୍କ ବ୍ୟାଗ୍,
ହୁଏତ ମନେମନେ ଝୁରି ହେଉଛି ବାପାଙ୍କୁ ସେ,
ତାକୁ ନନେଇ ଏକା ଏକା ଚାଲିଗଲେ ବୋଲି
ଅଭିମାନେ ଘାରି ହେଉଛି !

ଅପର୍ଯ୍ୟାପ୍ତ ଦୁଃଖରେ ଆଉଟା ପ୍ରଶାନ୍ତିର ପ୍ରଲେପ
ଚନ୍ଦନ ପରି ଦେହ ସାରା ବୋଳି
ସବୁବେଳେ ଝଲସୁଥିଲେ ବାପା,
ଯେମିତି, ଅସରନ୍ତି ସ୍ମୃତି ବୋଳା ଅଭିମାନେ
କୁହୁଳୁଚି ତାଙ୍କ ପ୍ରିୟ ବ୍ୟାଗ୍ ଆଜି,
ତାଙ୍କ ଅବର୍ତ୍ତମାନରେ ।

♥ କ୍ୱାର୍ଟର ନଂ ୨୧/୧୩, ବି.ଏନ୍.ଆର୍.ଅଫିସର୍ସ କଲୋନୀ,
୧୧- ଗାର୍ଡ଼େନରିଚ୍ ରୋଡ଼, କଲିକତା-୭୦୦୦୪୩
ଫୋନ:୯୦୩୮୯୨୭୦୨୩



▼କବି ହେମନ୍ତ ମହାନ୍ତି

# ଶ୍ୟାମଳୀ ଦାସ.. କାନ୍‌ଭାସ୍‌ର ଚିତ୍ରଟିଏ

ପ୍ରଶାନ୍ତ ଦାସ

ଝରା ଗୋଲାପ ପାଖୁଡ଼ାରେ
ଶ୍ୟାମଳୀ ଦାସ୍‌ର ହସ ଏବେ
ଇତିହାସ ।

ଅକ୍ଷର ଶବ୍‌ଦ ପୃଷ୍ଠା ଭିତରେ
ଉକୁଟି ଉଠେ
ଅସରା ପ୍ରୀତି ଅସ୍ଥିର ଉଲ୍ଲାସ
ବର୍ଣ୍ଣିଳ ଦୀପ୍ତିମନ୍ତ ପ୍ରେମ ଓ ବିଶ୍ୱାସ ।

ଶ୍ୟାମଳୀ ଦାସ
ଦୁଃଖ ଦେଲା କି ସୁଖ ଦେଲା
ଭାବିଲେ
ଝାଉଁଳି ପଡିଥିବା ସ୍ମୃତିମାନେ
ସଜଳ ସକାଳ ହୋଇ
ବୁଣନ୍ତି କିରଣ ।

ନିରୁତା ଭଲପାଇବାର
ସମୁଦ୍ର ଢେଉରୁ ଉତୁରି ଆସେ
ଅଭିମାନ ଓ ପ୍ରେମ ।

ଶ୍ୟାମଳୀ ଦାସ
ଚିତ୍ରମୟ ସ୍ମୃତିର ଚିତ୍ରକର
ବିତି ଯାଇଥିବା ସମୟ କାନ୍‌ଭାସ୍‌ରେ
ଚିତ୍ରଟିଏ
ପ୍ରୀତି ଓ ପ୍ରତ୍ୟୟର ।

ଶ୍ୟାମଳୀ
ଭୋର୍ ଆକାଶରୁ ଝରା
ଅଦୃଶ୍ୟ କାକର କଣିକାର
ମଧୁମୟ ଶୀତଳ ମୂର୍ଚ୍ଛନା ।

ଝୁମା ଝୁମା ତାତି
ମମତା ସିକ୍ତ ଉଷ୍ମତା
ପ୍ରତୀକ୍ଷିତ ମିଳନର
ମହ ମହ ବାସ୍ନା ।

କାହିଁକି ତୁମେ ଏମିତି କର
ଶ୍ୟାମଳୀ ଦାସ !

ଦଳକାଏ ଆଲୁଅ ହୋଇ
ବିଛେଇ ଯାଅ
ମୋ ଦେହ ସାରା



▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

ଓଜନିଆ ଲାଜର ଓଢଣୀ ଢାଙ୍କି
ବୁଣ ପ୍ରେମର ପରାଗ !

କେବେ କେବେ
ମୋ ହାତରେ ଆଣି ଧରାଇ ଦିଅ
ଯମୁନା ତଟରୁ ଫୁଟିଥିବା
ସଜଳ କଦମ୍ବ ।

ତୁମେ ପହଞ୍ଚିଲେ ଶ୍ୟାମଳୀ
ଜନ୍ମ ଜନ୍ମାନ୍ତରର
ସଞ୍ଚିତ ଉଚ୍ଛ୍ୱାସ ଧରାଦିଏ ପାଖେ
ଏକାନ୍ତରେ ଓ
ମୁଁ ଖୋଜେ ଶବ୍‌ଦ ଅକ୍ଷର

ଶବ୍‌ଦରେ ଶବ୍‌ଦରେ ତୋଳିଦେବା ପାଇଁ
ଭାବ ଆବେଗର
ତୁମ ପାଇଁ ଘର

ରଖିଯିବା ପାଇଁ
ସମ୍ପର୍କ ଦସ୍ତାବିଜ୍‌ରେ
ଅଲିଭା ସ୍ୱାକ୍ଷର ।

ତୁମକୁ ଦେଖିଲେ
କେବେ କେବେ ଲାଗେ
ତୁମେ ଖୋଲା ଆକାଶ ଓ

ଶାନ୍ତ ସମୁଦ୍ରର ନୀଳପଣରେ
ରଙ୍ଗାଇଛ ଜୀବନ ।

ଅସୀମତାର ପ୍ରତୀକ ହୋଇ
ଭରିଦେଇଛ ଅସୁମାରୀ
ଶିହରଣ ଓ ସ୍ପନ୍ଦନ ।

ତୁମ ପାଇଁ ବି ନିଅଣ୍ଟ ହୁଏ
ପୁଳା ପୁଳା ଅକ୍ଷର ଶବ୍‌ଦ
ତୁମେ ପାଲଟି ଯାଅ
ଅକୁହା ଆକର୍ଷଣର ଅଦ୍ଭୁତ ଖେଳ
କେବେ ଶବ୍ଦ ତ କେବେ ନିଃଶବ୍ଦ ।

♥ 'ମଣିଷଘର', ବାଗ୍ ବୃନ୍ଦାବନ,
ବାଲେଶ୍ୱର-୭୫୬୦୦୧,
ଫୋନ: ୯୯୩୭୯୩୨୫୭୦



▶ ଫଟୋ ପ୍ରଶାନ୍ତ ଦାସ

# ରାସ୍ତା

## ସଂଘମିତ୍ରା ରାୟଗୁରୁ

ନିଜ ଠି ନିଜକୁ ଖୋଜିବାର ରାସ୍ତାରେ
ଅନେକଙ୍କ ସହ ଭେଟ ହୋଇଯାଏ
ସେ ଅନେକ କିଏ କିଏ ?

ଉତ୍ତର ପାଇବାର ଇଚ୍ଛା
କାହାକୁ କେଉଁଠାକୁ ଟାଣି ନେଇଯାଏ
କୃଷ୍ଣଚୂଡ଼ା ବଇନା ଦିଏ ସନ୍ଦେହୀ ଖରାକୁ
ପଳାଶ ଫୁଲର ଦାମ୍‌ରେ
କେତେ କେତେ ଆଖି ବିକ୍ରି ହୋଇଯାଏ

ଆଖି ପିଛୁଳାକେ
ହରିଶ୍ଚନ୍ଦ୍ରମାନେ ପାଲଟି ବସନ୍ତି ଚଣ୍ଡାଳ
କେଉଁ ଶକୁନ୍ତଳାର ଭାଗ୍ୟ
ନିଃଶ୍ୱାସ ମାରେ ମାଛର ପେଟରେ

ଆଶ୍ଚର୍ଯ୍ୟ !
ସଭିଙ୍କ ଅଗୋଚରରେ
ଆକାଶ ସାଉଁଟୁଥାଏ କେଇ ମୁଠା ମାଟି
ଆଉ ମାଟି ସହ ମାଟି ହେଉଥାଏ ଆକାଶରୁ ଖିଏ

ମୁଁ ବୋହିବାରେ ବିଶ୍ୱାସ ରଖେ
ବାହିବାରେ ବିଶ୍ୱାସ ରଖେ
ପାଇବାର ଗୋଟିଏ ବି ରାସ୍ତା
ଗୋପନ ଖାତାରେ ଟିପି ରଖିନି ଏଯାଏଁ
ଯଦି ପାର,
କେଉଁ ଏକ ପୁନେଇଁ ରାତିରେ
ସମୁଦ୍ରକୁ ପଚାରି ଦେଖିବ ଭଟ୍ଟାର କାହାଣୀ
କାନଡେରି ଶୁଣିବ,
ସେ କେଉଁଠି ସାଇତି ରଖେ ଉଆଁସତକ
ଜୁଆରୀ ରାତିରେ !

ଅବଶ୍ୟ ସଠିକ୍ ଖବର ନାହିଁ ମୋ ପାଖେ
ହେଲେ ବେଳାଭୂମିରୁ ସଭିଏଁ ଶାମୁକା ଗୋଟାନ୍ତି
ମୁକ୍ତାର ଆଶାରେ ନୁହେଁ ?
ମୁଁ ଗଣି ପାରିନି
ଗ୍ରୀଷ୍ମ ବର୍ଷା ଶରତ ହେମନ୍ତ
ଶୀତ, ବସନ୍ତ....କିଏ କିଏ
କେତେ କେତେ ଘୋରିଛନ୍ତି ମୋତେ
ମୁଁ ଜାଣି ପାରିନି
ମୋ ପରି ଦିଶୁଥିବା ଅସଂଖ୍ୟ ଚରିତ୍ର
କ୍ଷଣିକେ ହଜିଯାଇ
ଆଉ କ୍ଷଣିକେ କେମିତି ମୋ ବାଟ ଓଗାଳିଲେ

ମୁଁ ନଈ ନା ପୋଖରୀ ?
ରାଧିକା ନା ରୁକ୍ମିଣୀ ?
ନାଟକ ନା ଚରିତ୍ର ?
ମୃତ୍ୟୁ ନା ମୃତକ ?
ଆତ୍ମାର କଣିକାମାନଙ୍କୁ ଧର୍ଷଣ କଲାପରେ
ଶରୀରରେ କଣ ଯେ ବାକିଥାଏ !

ନିଜଠି ନିଜକୁ ଖୋଜିବାର ରାସ୍ତାରେ
ମୁଁ କ୍ଷଣକ୍ଷଣ ମୋତେ ହିଁ ହତ୍ୟା କରୁଥାଏ
ମୋରି ଆତ୍ମହତ୍ୟାରେ ତାରାମୟ
ଅନେକଙ୍କ ସ୍ୱପ୍ନର ଆକାଶ, ମୁଁ କଣ ପାଏ ?

ଶୁଣ ! ଏଇ ମୁହୂର୍ତ୍ତରେ ଏଇଠି ଘୋଷଣା କରୁଛି
ମୁଁ ନିଜେ ହିଁ ନିଜର ହତ୍ୟାକାରୀ
ମୋ ଦ୍ୱାରା ହତ୍ୟା ସେ ଅନେକ
ଏଯାଏ କେଉଁ ଥାନାରେ କାହିଁକି ଅଭିଯୋଗ କଲେନି ?

ପଚାରିବାର ଥିଲେ
ଏକାନ୍ତରେ ଧିରେ ପଚାରିବ ମୋତେ
....'ସେ ଅନେକ କିଏ ?'
ମୁଁ କହିପାରେ...ନକହିବି ପାରେ... ।

ଫ୍ଲାଟ୍ ନଂ ୧୦୪, ବ୍ଲକ୍ ବି, ଶତଦଳ ଏନ୍‌କ୍ଲେଭ୍,
ଶ୍ୟାମ୍‌ଲି, ଦୋରାଣ୍ଡା-୮୩୪୦୦୨, ରାଞ୍ଚି, ଖାରଖଣ୍ଡ
ଫୋନ:୮୮୩୯୫୭୦୬୬୩


ଫଟୋ ସଂଘମିତ୍ରା ରାୟଗୁରୁ

## ବଜ୍ରକୀଟ

### ଦୀପ୍ତିମୟୀ ପ୍ରଧାନ

ସୁଖର ବନ୍ଦୀଶାଳାରେ
ଗୋପନ ରଖିଥାଏ
ନିଜକୁ ।

ମାଣିକ୍ୟ, ଧୂସର, ନୀଳାଭ କି ଲୋହିତ
ଦେଖ, ଅବିକଳ ସେଇ ବର୍ଣ୍ଣର ମାଟି
ବ୍ରହ୍ମମାଟି ପାଲଟିଗଲା ବେଳେ
ଯେମିତି ହସୁଚି ଅମୋକ୍ଷ ଆତ୍ମା ।

ନା’ ନାରୀ
ନା’ ପୁରୁଷ
କି ଲିଙ୍ଗରେ ଗଢ଼ା ସିଏ ?

ହସ, କାନ୍ଦ
ତ୍ୟାଗ, ଭୋଗ
ତୃଷ୍ଣା କି ଅତୃପ୍ତିର ଆନନ୍ଦ ଭିତରେ
ମରଣର ଆକାଂକ୍ଷା କି ଜିବୀବିଷା
କୁହତ – କୋଉଠୁ ଆଣିଥାଏ
ନିଜ ପାଇଁ ଏତେ ସହଜ ପଣ !

କାଳେ କିଏ ଦେଖିନେବ
କାଳେ କିଏ  ମାଗିନେବ
ତା’ ଗୋପ୍ୟ ସଂପଦକୁ,
ଶୂନ୍ୟତାର ବଳୟରେ



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

ପାଶବନ୍ଧ କରି ଅହର୍ନିଶ
ଦେଖୁଥାଏ, ନିଜକୁ ।

ଆନନ୍ଦ, ବିଷାଦର ଯାଉଁଳି କବାଟ ଫାଙ୍କରୁ
ପାହି ନଥିବା ରାତିର ଅନ୍ଧାର
ଅଙ୍ଗାର ଭଳି ଉଦାସ ଓ
ଯେତେସବୁ  ସ୍ୱପ୍ନର କାରୁଣ୍ୟ
ସୂକ୍ଷ୍ମ ବ୍ରହ୍ମାଣ୍ଡର ଊର୍ଦ୍ଧ୍ୱରେ ଜଳିଜଳି
ନିମଗ୍ନ ଆତ୍ମା / ଜୀବାତ୍ମା ପାଲଟି ଗଲାବେଳେ
ମାୟାମିରିଗ ଭଳି ଇତସ୍ତତଃ ତା’ର ପ୍ରିୟ ଯୌବନ
ଛିଦ୍ରମୟ ମାଟିକଳସ
ଓ ଗଣ୍ଡୁକୀର ଲୁହ ସାଇତି ରଖିଥାଏ
ଅନାତଙ୍କିତ ଆତ୍ମାମାନଙ୍କୁ
ବିଶ୍ୱସ୍ତ ବନ୍ଦୀଶାଳାରେ ।

ପତ୍ରଟେ ଭାସି ଯାଉଥାଏ
ଖରସୁଅରେ ।
ଛାଇ ପଡୁନଥିବା ଦି’ପାଦ ଭୂଇଁକୁ
ଯେବେ ସଞ୍ଜ ଛୁଏଁ,
ସଭିଙ୍କ ଆଖି ଆଢୁଆଳରେ
ଅନ୍ଧ ଆଖିରେ ଗଢୁଥାଏ
ନିଜର  ସ୍ୱପ୍ନକୁ... ।


♥ ମାର୍ଫତ-ଇଂ ଅକ୍ଷୟ କୁମାର ସାହୁ, ରଶ୍ମି
ଏଲିଗେନ୍ସ, ଫ୍ଲାଟ୍ ନଂ. ସି/୧୧୦
ରଶ୍ମିବିହାର, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯
ଫୋନ:୯୪୩୭୧୪୬୯୮୦




▲ ଫଟୋ ଦୀପ୍ତିମୟୀ ପ୍ରଧାନ

## ନାଦ ଅନାହତ

### ଦୀପିକା ଦାଶ

ଅନିର୍ଦ୍ଦିଷ୍ଟ ପଥରେ ମୁଁ ଦେଖିଲି
ମେଲାଣି ବେଳାରେ ହସ ହସ ପ୍ରତିଶ୍ରୁତି ବାଣ୍ଟୁଥିବା
ସେଇ ଅସ୍ତଗାମୀ ସୂର୍ଯ୍ୟର ମୁଖକୁ
ସଚରାଚର ପାଇଁ ମୁକ୍ତହସ୍ତରେ ଜ୍ୟୋତି ଯାଚୁଥିବା
ତା ବଦାନ୍ୟପଣକୁ ।

ଅଧିକା ଯାତ୍ରୀ ପାଇ
ଲଙ୍ଗର ତୋଳାହେବା ବେଳେ
ଆହୁଲାଦାର୍‌ର ନଦୀମାତୃକାର ଆଶୀର୍ବାଦ କାମନାରେ
ମନ ଫୁଲାଣିଆ ମଙ୍ଗଳ ସ୍ତୋତ୍ରର ସ୍ୱରକୁ ।

ବଞ୍ଜର ଜମିର ଅନ୍ତ ଫଟାଇ
ହିରଣ୍ମୟ ଫସଲରେ
ଚକ୍‌ଚକ୍ କରୁଥିବା ଚଷା ପୁଅର ସ୍ୱେଦବିନ୍ଦୁକୁ ।

ନୟାପଲ୍ଲୀ ଛକ ଫୁଟ୍‌ପାଥ୍‌ରେ ବସିଥିବା କ୍ଷୁଧାର୍ତ୍ତ
ମଣିଷଟି ପେଟଭରା ଖାଇବା ପରେ
ତା’ ଦୁଇ ଓଠଧାରରେ ଲାଖିଥିବା
ଦୁଇବୁନ୍ଦା ତୃପ୍ତିର ଅଶ୍ରୁକୁ ।

ଆଇଟି ସେକ୍ଟରରେ ନିତିଦିନିଆ
ଖେଞ୍ଚ ଖାଉଥିବା କର୍ମଚାରୀ
କାର୍ଯ୍ୟାଳୟ ବାହାରେ ଉଡାଉଥିବା
ପାୱାର ଏକ୍ସେଲ୍‌ର ଶେଷ ସିଟ୍‌ର
ମୁକ୍ତି ମାଗିବା କ୍ଷଣକୁ ।

ଶୁଦ୍ଧ ଚେତନା ମୁକ୍ତ ବାତାବରଣରେ
ମୁହୂର୍ତ୍ତକ ମଧ୍ୟରେ କଡ ଲେଉଟାଉଥାଏ
ଅବଶିଷ୍ଟ ଜୀବନର ସାଇତା ଖୁସି
ମୋ ଭିତର ପୃଥ୍ୱୀର ଓଜନସ୍ତର ରନ୍ଧ୍ର ଦେଇ
ଆଉ ଆସୁନଥାଏ କୁଟୀଳତାର ଅତିବାଇଗଣୀ ରଶ୍ମି ।
ମୂଳାଧାରରୁ ସହସ୍ରାରରେ ନିମଗ୍ନ
ଯୋଗୀଟିଏର ସ୍ୱର ଭଳି
ଅନୁରଣିତ ହେଉଥାଏ ଅନାହତ ଓଁକାର ।


♥ ବ୍ରହ୍ମପୁର, ଗଞ୍ଜାମ




▲ ଫଟୋ ଦୀପିକା ଦାଶ

# ତୀର୍ଥ

## ଡକ୍ଟର ଚିତ୍ତରଞ୍ଜନ ମିଶ୍ର

ଅନ୍ଧାର ପହଁରି ଆସି ପହଞ୍ଚିଥିବା ପକ୍ଷୀ ପରି
ସକାଳ ଦାଢ଼ରେ
ମୁଁ ନିଜକୁ ଆବିଷ୍କାର କରେ
କେମିତି ଆସିଲି ଏତେ ବାଟ
ଭିନ୍ନ ଭିନ୍ନ ଆକାଶର ମେଘ ଛୁଇଁ
ଉଆଁସ ଓ ପୁନେଇଁର ଛାୟାଚ୍ଛନ୍ନ ମାୟା କୁହୁକରେ
ପ୍ରଶ୍ନ କରେ ଆତ୍ମ ବିସ୍ମୟରେ ।

ମୋ ସାଥିରେ ଆସିଥିବା କୁଆ କିମ୍ବା କୋଇଲି ଡେଣାରେ
ଲାଗିଥାଏ କଳାରଙ୍ଗ ଗାଢ଼ ଅନ୍ଧାରର
ଧଳା ଫୁଲ ତାରା ପରି ଫୁଟିଥାଏ
ଅବଶିଷ୍ଟ ରାତିର ପ୍ରାନ୍ତରେ ।

କିଏ ମୋତେ ବୋହିଥିଲା ଏତେ ବାଟ
ଡେଣା ମେଲି ଉଚ୍ଚ ଆକାଶରେ
କିଏ ମୋତେ ବାହିଥିଲା
କଳା ହୁଲିଡଙ୍ଗାଟିରେ ଢେଉ କାଟି
ଯେମିତିଆ ଦିଶଇ ଚିତ୍ରରେ ?

ମୁଁ ତ ମୋର ଆସିନାହିଁ
ଭାସି ଭାସି ଲାଗିବାକୁ
ବେଳାଛୁଆଁ ଲହରୀର ଶେଷ କୁଞ୍ଚନରେ
ମୁଁ ତ ମୋର ଆସିନାହିଁ
ହଜିବାକୁ ତୀର୍ଥର ଭିଡରେ
ବାଲି କଙ୍କଡାଟେ ପରି ପଶିବାକୁ କୌଣସି ଗାତରେ

ଯେ ବାଲିରେ ରଥ ଗଡି କବିଟିଏ
ଡାକିଥିଲା ଦିନେ ପ୍ରଭୁ
ବିଜେ ହୁଅ ବୋଲି
ମୁଁ ତ ମୋର ନୁହେଁ ବୋଲି
ଆପେ ଆପେ ସେଠି ପହଞ୍ଚିଲି ।

♥ ୨୦୫, ମଞ୍ଜୁଳା ରେସିଡ଼େନ୍ସି, ୱାଟର ୱର୍କ୍ସ
ରୋଡ, ପୁରୀ-୭୫୨୦୦୨,
ଫୋନ:୯୪୩୭୦୦୦୯୨୧


▶ ଚିତ୍ର : ଶ୍ରୀ ପ୍ରତ୍ୟୁଷା ପାଣ୍ଡା

# ପ୍ରଜାକୋର୍ଟ

## ସୁଜାତା ମହାପାତ୍ର

ମୁଖାଟିମାନ ଥୋଇ ଆସନ୍ତନି
ତୁମ ରଙ୍ଗଶାଳାରେ,
ଧୂଳି, ମଳି, ଧୂଆଁ, ଅନ୍ଧାର ବୋଳି ହୋଇ
ମଳିଛିଆ ଦିଶିଲାଣି ତୁମ ମୁଖା, ତୁମ ମୁହଁ !

ଢେର୍ ଦିନ ହେଲା ବୁଲିଲଣି
ପାହାଡ଼, ଡଙ୍ଗର, ଝୋଲା ଆଉ ଖୋଲ,
ମାଛି ଆଖିଆ ଧରିବଣି
ତୁମ କୋମଳ ପାଦ ହଳକରେ !

କାଲି ଯେଉଁ ଦରଫୁଟା କଢ଼ିଟି
ସେବା କରୁଥିଲା ତୁମର
ଧାଙ୍ଗଡ଼ି ବୟସରେ !

ସେ କଣ ଜାଣିଥିଲା,
ବାଆ ଦେବତା ବୋଲି ମାନୁଥିବା ତୁମେ,
ଜଣେ ନର ପିଶାଚର ଆତ୍ମା ବୋଲି ?

ଈଶ୍ୱର କଣ ବୁଝିନଥିବା ଅବୁଝା ଲୋକଙ୍କୁ
କେଡ଼େ ସହଜରେ ବୁଝେଇ ଦେଲ,
ଈଶ୍ୱରଙ୍କ ଅଇଁଠା, ପବିତ୍ରତମ ପ୍ରସାଦ !

ଲକ୍ଷ୍ମଣଗାର କାଟି
ପରିଭାଷିତ କଲ ପବିତ୍ର, ଅପବିତ୍ର,
ସ୍ୱର୍ଗ, ନର୍କର ବ୍ୟାଖ୍ୟା

ଯାହା ସେ ଜୀବନରେ
ପ୍ରଥମ କରି ଶୁଣୁଥିଲା,
ଆଉ ବିଶ୍ୱାସ ବି କରୁଥିଲା !

ବୁଝାଇଦେଲ
ତୁମ ସେବା ହିଁ ପରମ ଧର୍ମ,
ତୁମ ସେବା ହିଁ ପରମ ତପ,

ତଥାପି ସେ ବୁଝି ପାରିଲାନି,
ଈଶ୍ୱର କେବଳ ନାରୀଙ୍କ ସେବା ହିଁ
କାହିଁକି ଲୋଡ଼ନ୍ତି ?

ଜଙ୍ଗଲ ଅନ୍ଧାରୁଆ ସତ, ହେଲେ
ସେ ସବୁ ପାଦଚଲା ରାସ୍ତାଟି କିନ୍ତୁ
ଖୁବ୍ ସ୍ୱଚ୍ଛ ତା ଦେହରେ

ଅପେକ୍ଷା କର,
ତୁମ ପାଇଁ ସଜିଲ ହେଉଥିବା
ସେ ଧାରୁଆ ରାସ୍ତାଟି ଯାଏଁ !

♥ ଶିବାନୀ ଏନକ୍ଲେଭ୍, ବୋମିଖାଲ କେନାଲ
ରୋଡ୍, ଭୁବନେଶ୍ୱର-୭୫୧୦୧୦
ଫୋନ:୯୪୩୭୩୬୦୯୬୪


▶ ଡକ୍ଟ୍ର ଚିତ୍ତରଞ୍ଜନ ମିଶ୍ର


▶ ଡକ୍ଟ୍ର ସୁଜାତା ମହାପାତ୍ର

# କେହିଜଣେ

**ସୁଜିତ କୁମାର ସତପଥି**

କେହିଜଣେ
ଉତାରି ଦେଇଛି ଦେହର ଯେତେ ଆବରଣ
ଖୋଲିଦେଇଛି ପ୍ରତିଟି ସୁଡ଼ଙ୍ଗ
ଆମ୍ଭରତିର

ନିଜକୁ ନିଜେ ବୋଲି ଦାବି କରୁଥିବା
ସବୁ ଚରମପତ୍ରକୁ ଚିରି ସେ
ଉଡ଼େଇ ଦେଇଛି ପବନରେ
ଯେମିତିକି ଉଡ଼େଇ ଦେଇଛି
ଅନେକ ଦିନରୁ ବନ୍ଦୀ ଘରଚଟିଆକୁ

ମରୁମୁହଁରୁ ଦୁବଘାସକୁ ଆଣି ରୋପିଛି ଗାମଲାରେ
ପାଣି ଦେଉଛି, ଖତ ଦେଉଛି
ସତକୁ ସତ କି ସୁନ୍ଦର ଫୁଲ ଏବେ ସେ ଘାସରେ
ବିଜୁଳିକୁ ହସଧାରେ କରି ଯତ୍ନରେ ଧରିଛି ଓଠରେ
ପୁଣି ବର୍ଷାଭିଜା ମାଟିର ଉଲ୍ଲାସ ଭରିଛି ଆଖିରେ
ମନର ମହୁଫେଣାରେ ତାର ଆହୁରି ଖଂଜିଛି ସୁରକ୍ଷାର ବଳୟ
ଯେମିତିକି ଲୋଡ଼ା ହେବ କେଉଁ ବିଷାକ୍ତ ବେଳାରେ

କେହିଜଣେ କୋରିସାରିଛି କବରର ସ୍ଥିତି
ପୋଛି ଦେଇଛି ମୃତ୍ୟୁର କଳାମୁହଁ
ସବୁଠି ଏବେ ଜୀବନାୟନର ଦର୍ପଣ
ବିଷାଦକୁ କହିଦେଇଛି ଦୂରେଇ ରହ

ଯୋଉଠି ଦେଖିଲେ ଏବେ ଉଚ୍ଛବର ମୁଖରତା
ପବନରେ ପାରଦର ଢ଼ଳଢ଼ଳ ଆତ୍ମୀୟତା
ଆଖିରେ ଯୁଗଯୁଗର ଅନୁସନ୍ଧିତ୍ସୁ
ପାଣିରେ ପରଶର ଅଭୁତ ଶୁଦ୍ଧତା

ଏଣିକି ମିଳେଇ ଯିବା କି
ନିଜର ସ୍ଥିତି ବଜାୟ ରଖିବା ବଡ଼ କଥା ନୁହଁ
ଶୁଣ, କେହିଜଣେ ଡେଙ୍ଗୁରା ପିଟୁଛି, କହୁଛି
ମୁଁ ମୋର ନୁହଁ, ତୁ ବି ତୋର ନୁହଁ ।

♥ ବାଗାଶ୍ରିତା, ସାଲେଭଟା, ବଲାଙ୍ଗିର,
ଫୋନ: ୭୦୦୮୦୩୯୬୦୧



▶ ସୁଜିତ କୁମାର ଶତପଥୀ

# ନିବୁଜ କୋଠରୀରେ ଆଗନ୍ତୁକ

**ଦୀପ୍ତି ଖଣ୍ଡୁଆଳ**

ନୂଆ ନୂଆ ମୁଖରିତ ହେଉଥିଲା
ଦାମ୍ପତ୍ୟର ବିମୁଗ୍ଧ ବିଗୁଲ୍ ।
ସ୍ୱରର ସରହଦରେ ସଞ୍ଚରୁଥିଲା
କଳ୍ପିତ କାମନାର କୌମୁଦୀ....
ସମୟର ସରସୀରେ
ସୁରୁ ହୋଇଥିବା
ଅଧା ବିରଚିତ ପ୍ରୀତିର ପଦ୍ମବନ
ପାଲଟୁଥିଲା, ବୟସ୍କ ରାତି
କୁଆଁରୀ ସକାଳ ପାଲଟିବା ପରି
ପୁଷ୍ପମୟ...ପ୍ରେମମୟ....

ଆମ ଚାରିହାତରେ ଚିତ୍ର ଆଙ୍କି
ନିବିଡ ଭାବରେ ବାନ୍ଧି ଦେବା ପରେ
ଫୁଲର ଦଉଡିରେ...ସମାଜରେ
ବାଜିଲା ସାର୍ବଜନୀନ ସାହାନାଇ
ରୋଷଣୀ କରି ଘୋଷଣା କରା ଯାଇଥିଲା,
ସଂସାର କାରାଗାରରେ
ଆମେ ଦୁଇ କଲ୍ଲୋଳ କଏଦୀ ।

ଫୁଲର କଢରେ ତାଲା ପଡି
ରହିଥିବା ମହକ ପରି
ଯାଯାବର ଜୀବନରୁ ମୁକ୍ତ ହୋଇ
ଗ୍ରହୀତାର ଅନାବରଣ ଖୋଳପାରେ
ବନ୍ଦୀ ହେବା ପଛରେ ରହିଛି
ଏକ ଚିରାଚରିତ ଯନ୍ତ୍ରଣାର ସୁଖ ।
ଅଛି ପରସ୍ପରକୁ ସାହା ହୋଇ
ଆହା କହିବାର ସମୁଚିତ ଶୃଙ୍ଖଳ ।

ଜୀବନର ଜରାବ୍ୟାଧି
ଆୟୁଷର ଖରାଛାଇ ଖେଳ,
ଗଭାରେ ରକ୍ତଜବା ଖୋସା ଠାରୁ
ଦାନ୍ତର ଚିମୁଟାରେ ପାଦରୁ କଂଟା କଢା
ପର୍ଯ୍ୟନ୍ତ କାରାଗାରର କଡା ନିୟମ ।
ଚେନାଏ ହସର ରସରେ ପରା
ତାରା ପରି ବିଶାଳ ନକ୍ଷତ୍ର
ମଲ୍ଲୀଫୁଲ ହୋଇଯାଏ ....
ମାୟା ବିରହିତ ବୀଜପତ୍ର ଡାକେ
ବାପା....ବାପା....

ଦୁଇଟି ଗାଁକୁ ସଂଯୋଗ କରୁଥିବା
ସଂପର୍କ ସେତୁରେ ...ବର୍ଷା ବୈଶାଖର ପ୍ରବାହ
ଦୁଆର ଡେଇଁ ଚାଲୁ ଚାଲୁ
ସର୍ବଂସହାର ନିବୁଜ କୋଠରୀରୁ
ଆଗନ୍ତୁକ ଡାକେ: ବାପା...ବାପା....

♥ ପଦ୍ମ ଅରଣ୍ୟ,ସିହା,
ଏରସମା, ଜଗତସିଂହପୁର-୭୫୪୧୩୯
ଫୋନ:୯୯୩୮୧୪୫୫୩୪



▶ ଦୀପ୍ତି ଖଣ୍ଡୁଆଳ

ପ୍ରସଙ୍ଗ- ଅନୁଶୀଳନ

# ସୃଜନରେ ଶ୍ରୀଜଗନ୍ନାଥ



# ଓଡ଼ିଆ ଗଳ୍ପ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା


**ଭଗବାନ ଖିଲାର**

ଅଧ୍ୟାପକ: ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା
ଫୋନ: ୭୮୯୪୩୩୯୦୯୪


ଫଟୋ ସୌଜନ୍ୟ : ଗୁଗୁଲ୍



ଲେଖକ ଭଗବାନ ଖିଲାର

କ୍ଷୁଦ୍ରଗଳ୍ପରେ ଗଳ୍ପସ୍ରଷ୍ଟା ଅଧିକ ସମାଜ-ସଚେତନ । ସମାଜର ବାସ୍ତବ ସମସ୍ୟା, ସୁଖଦୁଃଖ ଭରା ଅନୁଭୂତି, ବିଚିତ୍ର ଚରିତ୍ର, ଜଟିଳ ମାନସିକତା ଆଜିର କ୍ଷୁଦ୍ରଗଳ୍ପର ମୁଖ୍ୟ ଉପାଦାନ । ବିଜ୍ଞାନ ତାକୁ ଜଡ଼ବାଦୀ ହେବା ଶିଖାଇଛି, ଯୁଗଯନ୍ତ୍ରଣା ତାକୁ ସ୍ଥିତିବାଦୀ ହେବାକୁ ଶିଖାଇଛି । ତଥାପି ବେଳେବେଳେ ଆଧୁନିକ ଗାଳ୍ପିକ ଉପଲବ୍ଧି କରେ ବିଜ୍ଞାନର ଏକ ନବ ଉଦ୍ଭାବନ ତା'ର ସମସ୍ୟା, ତା'ର ଅଭାବ-ଅନଟନ, ଦୁଃଖ-ଯନ୍ତ୍ରଣା ଦୂର କରିବାପାଇଁ ଅକ୍ଷମ । ମଣିଷର ସକଳ ପ୍ରଚେଷ୍ଟା ମଧ୍ୟ ବ୍ୟର୍ଥତାରେ ପର୍ଯ୍ୟବସିତ ହେଉଛି । ଯେତେବେଳେ ସେ ଅନନ୍ୟୋପାୟ ହୋଇଯାଏ, ସେତେବେଳେ ସେ ଅନୁଭବ କରେ ବିକଳ-ବିଧ୍ୱସ୍ତ, ସଂଶୟ-ସମସ୍ୟା-ସଂକଟ-ସଂକୁଳ-ସାମାଜିକ ପରିବେଶ ମଧ୍ୟରେ ମଣିଷକୁ କେବଳ ଅନନ୍ତ ଶାନ୍ତି, ଶେଷହୀନ ସାନ୍ତ୍ୱନା ଦେଇପାରେ ଭଗବତ୍ ଚେତନା । ଏହିପରି ଏକ ପରିସ୍ଥିତିରେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏ ସ୍ରଷ୍ଟାଙ୍କ ପାଖରେ ଅନନ୍ତ ଶାନ୍ତି ଓ ଅସୀମ ଆନନ୍ଦର ଉତ୍ସ ରୂପେ ଦେଖାଦେଇଛନ୍ତି ଶ୍ରୀଜଗନ୍ନାଥ । ତାଙ୍କରି ଭିତରେ ସେ ଦେଖିଛି ଯୁଗ ଯୁଗର ମାହାତ୍ମ୍ୟ, ଆଶୀର୍ବାଦ ଓ ଆଲିଙ୍ଗନ କରିବାପାଇଁ ସମାନ୍ତରାଳ ଭାବରେ ଲମ୍ବି ଆସିଥିବା ବିଶାଳ ଭୁବନର ଅଦ୍ଭୁତ ମୁଦ୍ରା, ଅଧର ଅମୃତ, ଚକ୍ଷୁର ଅମୀୟ କରୁଣା ଓ ଆନନ୍ଦ ।

ଶ୍ରୀଜଗନ୍ନାଥ ଚିନ୍ତା-ଚେତନାକୁ ଆଧାର କରି ରଚନା କରାଯାଇଥିବା କ୍ଷଦ୍ରଗଳ୍ପକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଯଥା: (୧) ପୁରାଣ-କିମ୍ବଦନ୍ତୀ-ଇତିହାସ-ଆଧାରିତ କ୍ଷୁଦ୍ରଗଳ୍ପ ଓ (୨) ସ୍ୱ-କଳ୍ପନା ଓ ଅନୁଭୂତି ଆଧାରିତ ଆଧୁନିକ କ୍ଷୁଦ୍ରଗଳ୍ପ ।

## ପୁରାଣ-କିମ୍ବଦନ୍ତୀ-ଇତିହାସ-ଆଧାରିତ ଗଳ୍ପ

ଏ ଧରଣର ଗଳ୍ପ ବିଭିନ୍ନ ପ୍ରକାରର ପତ୍ରପତ୍ରିକାରେ, ବିଶେଷତଃ ଆଧ୍ୟାତ୍ମିକ ଚେତନା ସମ୍ବଳିତ ପତ୍ରପତ୍ରିକାମାନଙ୍କରେ ବହୁ ସଂଖ୍ୟାରେ ପ୍ରକାଶ ପାଇଛି । ବିଷୟବସ୍ତୁର ନୂତନତା ନ ଥିଲେ ମଧ୍ୟ ଅନେକ ସ୍ରଷ୍ଟା କିଛି କିଛି ସ୍ୱକୀୟ କଳ୍ପନାର ସଂଯୋଗ କରିଛନ୍ତି ଓ ଯୁଗୋପଯୋଗୀ କ୍ଷୁଦ୍ରଗଳ୍ପର ଶୈଳୀର ପ୍ରୟୋଗ କରି ବିଷୟଗୁଡ଼ିକୁ ରସଘନ କରିବାରେ ସଫଳ ହୋଇପାରିଛନ୍ତି ।

**ଗଣେଶ ପ୍ରସାଦ ପରିଜା**ଙ୍କ 'ଯୁଗେ ଯୁଗେ ଜଗନ୍ନାଥ' ଗଳ୍ପ ସଂକଳନରେ ଶ୍ରୀଜଗନ୍ନାଥ ଚେତନା ସମ୍ପର୍କିତ ସତରଟି କ୍ଷୁଦ୍ରଗଳ୍ପ ସ୍ଥାନିତ ହୋଇଛି । ଯଥା: 'ଜଗନ୍ନାଥ ଓ କୋଟିପତି', 'ଜଗନ୍ନାଥ ଓ କର୍ଣ୍ଣାମଗିରି', 'ଜଗନ୍ନାଥ ଓ ଉଦୟନାଚାର୍ଯ୍ୟ', 'ଜଗନ୍ନାଥ ଓ ନିତେଇ ଧୋବଣୀ', 'ମହାପ୍ରସାଦ ଓ ଦେବୀ ସୁଭଦ୍ରା', 'ଜଗନ୍ନାଥ ଓ ମାଣିକ', 'ଜଗନ୍ନାଥ ଓ ରାମାନୁଚାର୍ଯ୍ୟ', 'ଜଗନ୍ନାଥ ଓ ମହାଗଣ ପତି', 'ଜଗନ୍ନାଥ ଓ ଇନ୍ଦ୍ରସ୍ୱାମୀ', 'ଜଗନ୍ନାଥ ମଣି', 'ଶ୍ରୀଜଗନ୍ନାଥ ଓ ଗଜପତି', 'ମହାରାଜା ଦିବ୍ୟସିଂହ ଦେବ', 'ଜଗନ୍ନାଥ ଓ ସାଲବେଗ', 'ଶ୍ରୀ ଜଗନ୍ନାଥ ଓ କର୍ମାବାଈ', 'ଶ୍ରୀଜଗନ୍ନାଥ ଓ ରଘୁବୀର', 'ଜଗନ୍ନାଥ ସ୍ୱାମୀ', 'ଶ୍ରୀଜଗନ୍ନାଥ ଓ କ୍ୟାପ୍ଟେନ୍ ବିଟ୍', 'ଶ୍ରୀଜଗନ୍ନାଥ ଓ ଭକ୍ତକବି ବଳରାମ ଦାସ' । ଏଭଳି ଗଳ୍ପ ଲେଖିବାର ପୃଷ୍ଠଭୂମି ସମ୍ପର୍କରେ ଲେଖକ କହନ୍ତି – "ଯୁଗେ ଯୁଗେ ଜଗନ୍ନାଥ' ପୁସ୍ତକଟିରେ ପ୍ରକାଶ ପାଇଥିବା ସତରଟି ଗଳ୍ପ ମୋ ଦ୍ୱାରା ଲିଖିତ ହୋଇଥିଲେ ମଧ୍ୟ ଏହା ମୋର ନିଜସ୍ୱ, କଳ୍ପନା ପ୍ରସୂତ ନୁହେଁ । ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀର ଶ୍ରୀମନ୍ଦିର ମୁଖପତ୍ର ଭାବେ ପ୍ରକାଶ ପାଇଥିବା ଶ୍ରୀମନ୍ଦିର ସମାଚାର ଓ କିମ୍ବଦନ୍ତୀରୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବିଷୟରେ ମୁଁ ଯାହା ଜାଣିଲି, ତାହା ଗଳ୍ପ ଭାବରେ ଲେଖି ଦେଖିଲି ତାହା ବେଶ୍ ଲୋକପ୍ରିୟ ହୋଇଛି । ଏହି ସବୁକୁ ଏକତ୍ର କରି ଏକ ସ୍ୱତନ୍ତ୍ର ଗ୍ରନ୍ଥ କରିବାକୁ ବହୁ ଲେଖକ ବନ୍ଧୁ ତଥା ଜ୍ଞାନୀବ୍ୟକ୍ତି ମୋତେ ଉତ୍ସାହିତ କଲେ ।"

'ଜଗନ୍ନାଥ ଓ କୋଟିପତି' ଗଳ୍ପରେ ଏକ ଧନୀ ପ୍ରମତ୍ତ ଦାନୀପୁରୁଷ (ହାଇଦ୍ରାବାଦ୍‌ର ଶେଠ)ଙ୍କର ଅହଂକାର ଚୂର୍ଣ୍ଣୀଭୂତ ହୋଇଯାଇଛି । ଅତି ଶସ୍ତା କାଳରେ ସେ ଏକ ଦିନରେ ଏକ ଲକ୍ଷ ଟଙ୍କାର ଭୋଗ ପ୍ରଭୁଙ୍କ ପାଖରେ ଭୋଗ ଲାଗିବାର ବ୍ୟବସ୍ଥା କରିବାକୁ ପଣ୍ଡା ଓ ସେବକମାନଙ୍କୁ କହିଛନ୍ତି । ଚିନ୍ତିତ ଥିବା ପଣ୍ଡାକୁ ମହାପ୍ରଭୁ ସ୍ୱପ୍ନରେ କହିଛନ୍ତି ଯେ ସେ ଚାହାନ୍ତି ଖଣ୍ଡିଏ ମାତ୍ର ବିଡ଼ିଆ ପାନ । ଯହିଁରେ ଶୁଦ୍ଧ ଗଜମୋତି ପୋଡ଼ା ହୋଇ ବାହାରିଥିବା ଚୂନ ଟିକିଏ ଲାଗିବ । ସେ ନିଜର ଭ୍ରମ ବୁଝି ପାରିଛନ୍ତି । ହାତୀ ବଞ୍ଚିଗଲେ ଲକ୍ଷେ, ମଲେ ଲକ୍ଷେ । କେତେ ହାତୀକୁ ମାରିଲେ ଗଜମୋତିଟିଏ ବାହାରିବ ? ମହାପ୍ରଭୁଙ୍କ ପାଖରେ ସେ କ୍ଷମା ଭିକ୍ଷା କରିଛନ୍ତି ନିଜର ଅହଂକାର ପାଇଁ । ଜଗନ୍ନାଥ ଓ କର୍ଣ୍ଣାମଗିରି ଅଣସର ଘରେ ଜଗନ୍ନାଥଙ୍କ ଜ୍ୱର ଭୋଗୁଥିବା ଅନୁଷ୍ଠାନଟିକୁ ଉପହାସ କରିଥିଲେ । ତାଙ୍କର ପ୍ରଶ୍ନ ଥିଲା 'ଜଗନ୍ନାଥଙ୍କର କ'ଣ ଆମ ଭଳି ରକ୍ତମାଂସର ଶରୀର ଯେ ତାଙ୍କୁ ଜ୍ୱର ହେବ ! ଅଣସର ଘରେ ସେ ପ୍ରବେଶ କରିବାକୁ ଅନୁମତି ନପାଇପାରୁ ତନ୍ତ୍ର ବଳରେ ଏକ ଭ୍ରମର ରୂପଧାରଣ କରି ସେଠାକୁ ପ୍ରବେଶ କରି ଦେଖିଲେ ଯେ ଅଷ୍ଟରୂପସୀ ଅଷ୍ଟଦଳ ପଦ୍ମପୁଷ୍ପ ଧାରଣ କରି ବସିଛନ୍ତି । ସେ ପଦ୍ମଗନ୍ଧରୁ ନିଜକୁ ମୁକ୍ତ କରି ଆସି ପାରିନାହାନ୍ତି ଫଳରେ କାନ୍ଦି କାନ୍ଦି ପ୍ରଭୁଙ୍କ ଆଗରେ କ୍ଷମା ମାଗିଛନ୍ତି– "ହେ ଯୋଗେଶ୍ୱର, ହେ ଭୈରବ,

ହେ ପିନାକଧାରୀ ମୋତେ ଉଦ୍ଧାର କର ।" ସେ ଅନୁଭବ କରିଛନ୍ତି ପୁରୁଷୋତ୍ତମ ଦାରୁବ୍ରହ୍ମଙ୍କ ଅନନ୍ତଲୀଳା ଓ ମହିମା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଏକଦେଶଦର୍ଶୀ ଦର୍ଶନ ତତ୍ତ୍ୱ ସିଦ୍ଧାନ୍ତ ରୂପେ ଗୃହୀତ ହୋଇପାରିବ ନାହିଁ । ଯେ ତାଙ୍କୁ ଯେପରି ଦେଖିବ, ସେ ତାକୁ ସେହିପରି ଦେଖା ଦେବେ । ସେଥିପାଇଁ ସେ ଚିର ରହସ୍ୟମୟ । ଗାଳ୍ପିକଙ୍କର 'ଜଗନ୍ନାଥ ଓ ନିତେଇ ଧୋବଣୀ' ଗଳ୍ପରୁ ଯାହା ଜଣାଯାଏ ଯେ ଅଘୋର ଶିବ ମାର୍କଣ୍ଡେୟଙ୍କ ଭକ୍ତ ଶୈବାଚାର୍ଯ୍ୟ ସୋମେଶ୍ୱର ଶ୍ରୀଜଗନ୍ନାଥଙ୍କ ଠାରୁ ମାର୍କଣ୍ଡେୟଙ୍କୁ ଅଧିକ ଉଚ୍ଚ ସ୍ଥାନ ଦେଉଥିଲେ । କିନ୍ତୁ ନିତେଇ ଧୋବଣୀ ଶ୍ରୀଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତା ବୋଲି ଜ୍ଞାନ କରୁଥିଲେ । ଉଭୟେ ତନ୍ତ୍ର ବିଦ୍ୟାରେ ନୈପୁଣ୍ୟ ଅର୍ଜନ କରିଥିଲେ । ମହାରାଜା ଚୋଡ଼ଗଙ୍ଗଦେବ ଶ୍ରୀକ୍ଷେତ୍ରରେ ଏ ଦୁହିଁଙ୍କୁ ଚକ୍ଷୁ ଭିତରୁ ଚଉଳ ବାହାର କରି ନିଜ ନିଜ ଶକ୍ତି ପରୀକ୍ଷା ଦେବା ପାଇଁ ଅନୁରୋଧ କରିଥିଲେ । ନିତେଇ ଧୋବଣୀ ଏ ପରୀକ୍ଷାରେ ସୋମେଶ୍ୱରଙ୍କୁ ପରାଜିତ କରି ଦେଖାଇ ଦେଲେ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ମାର୍କଣ୍ଡେଶ୍ୱରଙ୍କ ଠାରୁ ବଡ଼, ଜଗନ୍ନାଥଙ୍କ କରୁଣାରୁ ହିଁ ସେ ଚକ୍ଷୁକୁ ଚଉଳରେ ପରିଣତ କରିପାରିବାରେ ସକ୍ଷମ ହେଲେ ।

ଗାଳ୍ପିକ **ଗଣେଶ ପ୍ରସାଦ ପରିଜାଙ୍କ** 'ମହାପ୍ରସାଦ ଓ ଦେବୀ ସୁଭଦ୍ରା' ଗଳ୍ପରେ ଏକ ସୁନ୍ଦର ଐତିହାସିକ ଘଟଣାକୁ ସ୍ଥାନିତ କରିଛନ୍ତି । ଗଳ୍ପରୁ ଯାହା ଜଣାଯାଏ ମାଧ୍ୱାଚାର୍ଯ୍ୟ ଥିଲେ ବ୍ରହ୍ମବାଦୀ । ସେ ଭାବୁଥିଲେ ବୈଦିକ ମତାନୁଯାୟୀ ବ୍ରହ୍ମ କେବେ ପ୍ରତିମା ରୂପେ ଆରାଧିତ ହେବା କଥା ନୁହଁ, କିନ୍ତୁ ଶ୍ରୀଜଗନ୍ନାଥଙ୍କର ଦର୍ଶନରେ ତାଙ୍କର ମନ ଭିତରେ ଥିବା ଭ୍ରାନ୍ତ ଧାରଣା ଦୂରୀଭୂତ ହୋଇଥିଲା । ଶ୍ରୀଜଗନ୍ନାଥ ବିଗ୍ରହ ଭିତରେ ସେ ସ୍ୱୟଂ ବ୍ରହ୍ମଙ୍କୁ ଦର୍ଶନ କରିପାରିଥିଲେ । ବ୍ରହ୍ମତତ୍ତ୍ୱ ଅଧ୍ୟୟନରେ କେବଳ ଆର୍ଯ୍ୟର ଅଧିକାର ଅଛି, ଅନାର୍ଯ୍ୟର ନାହିଁ । ତାଙ୍କର ଏଭ୍ରାନ୍ତ ଧାରଣାକୁ ମଧ୍ୟ ଶ୍ରୀଜଗନ୍ନାଥ ଦୂରୀଭୂତ କରିଦେଇଥିଲେ । ଶ୍ରୀମହାପ୍ରସାଦର ମାହାତ୍ମ୍ୟକୁ ଉପଲବ୍ଧ କରି ସେ ଏକାଦଶୀ ବ୍ରତ ଉପବାସରେ ମଧ୍ୟ ମହାପ୍ରସାଦ ସେବନ କରିବାକୁ କୁଣ୍ଠାବୋଧ କରିନଥିଲେ । ସେ ତନ୍ତ୍ରର ବିରୋଧି ଥିଲେ ମଧ୍ୟ ତନ୍ତ୍ର ମତରେ ଉପାସିତ ଶ୍ରୀଜଗନ୍ନାଥଙ୍କୁ ନିଜର ଆରାଧ ଦେବତା ଭାବରେ ଗ୍ରହଣ କରିଥିଲେ ।

'ଜଗନ୍ନାଥ ଓ ମାଣିକ' ଗଳ୍ପରେ ପ୍ରମାଣିତ ହୋଇଛି, ଶ୍ରୀଜଗନ୍ନାଥ ଭକ୍ତର ଶାରୀରିକ ଶୁଚିଅଶୁଚି ଦେଖନ୍ତି ନାହିଁ, ସେ ମାନସିକ ଶୁଚି ଓ ଭକ୍ତି ଭାବକୁ ବଡ଼ କରି ଦେଖନ୍ତି । ପୁରୀ ଚୁଡ଼ଙ୍ଗ ସାହିର ବେଶ୍ୟା ମାଣିକ ଯେତେ ଦିନ ପର୍ଯ୍ୟନ୍ତ ଅଗାଧୁଆ, ଅଘଷା ସକାଳୁ ସକାଳୁ ସ୍ନେହରେ ଖାଇବାକୁ ଦେବାକୁ ଆଗ୍ରହୀ ହେଉଥିଲା, ଜଗନ୍ନାଥ ବଳଭଦ୍ର ଦୁଇଭାଇ ଦୁଇଜଣ ବାଳକ ରୂପରେ ଯାଇ ତାହାର ଚରୁ ଅନ୍ନ, ଖେଚୁଡ଼ି ଭୁଞ୍ଜି ତା' କାନିରେ ମୁହଁ ପୋଛି ଆସୁଥିଲେ । ଯେଉଁ ଦିନ ବାବାଜୀ ମାଧବଦାସ ଗାଧୋଇପାଧୋଇ ଶାରୀରିକ ଶୁଚି ଉପରେ ପ୍ରାଧାନ୍ୟ ଦେଇ ଦୁଇଭାଇଙ୍କ ପାଇଁ ଖେଚୁଡ଼ି ରାନ୍ଧିଲା, ସେହି ଦିନଠାରୁ ସେମାନେ ଆଉ ଆସିଲେ ନାହିଁ । ଜଗନ୍ନାଥଙ୍କ ପାଖରେ ଲୌକିକତା ବଡ଼ କଥା ନୁହେଁ, ବଡ଼ ହେଉଛି ଭକ୍ତର ଆତ୍ମୀୟତା । 'ଶ୍ରୀଜଗନ୍ନାଥ ଓ ଭକ୍ତକବି ବଳରାମ ଦାସ' ଗଳ୍ପରେ ବଳରାମ ଦାସ ବେଶ୍ୟାଘରୁ ଅଶୌଚ ଅବସ୍ଥାରେ ଆସି ରଥ ଟାଣିବାକୁ ଉଦ୍ୟତ ହେବାବେଳେ ଦଇତାପତିମାନଙ୍କ ଦ୍ୱାରା ଧକ୍କା ଖାଇଛନ୍ତି ଓ ଅଭିମାନରେ ବାଙ୍କି ମୁହାଣ ଯାଇ ବାଲିରେ ରଥ ନିର୍ମାଣ କରି ନିଜର ଅକାଟ୍ୟ ଭକ୍ତି ବଳରେ ରଥରେ ଥିବା ଠାକୁରମାନଙ୍କୁ ବନ୍ଦୀ କରିବାରୁ ବଡ଼ଦାଣ୍ଡରେ ରଥ ଚାଲି ନାହିଁ । ଶ୍ରୀଜଗନ୍ନାଥ ରାଜାଙ୍କୁ ସ୍ୱପ୍ନରେ କହିଛନ୍ତି- "ଭକ୍ତର ଭକ୍ତି ନିକଟରେ ଶୁଚି ଅଶୁଚିର ମୂଲ୍ୟ କିଛି ନାହିଁ । ଯେ ତା'ର ସବୁକିଛି ମୋତେ ସମର୍ପି ଦେଇଛି, ସେ ତ ମୋ ଇଚ୍ଛାରେ ପରିଚାଳିତ । ତା'ର ପବିତ୍ରତା - ଅପବିତ୍ରତାକୁ ଦେଖିବାକୁ ତୁମେ କିଏ ?"

'ଜଗନ୍ନାଥ ଓ ମହାଗଣ ପତି' ଗଳ୍ପଟି କାଞ୍ଚି ଅଭିଯାନ କିମ୍ବଦନ୍ତୀ ଉପରେ ଆଧାରିତ । କାଞ୍ଚି ଯୁଦ୍ଧରେ ଶ୍ରୀଜଗନ୍ନାଥଙ୍କର ବିଜୟ ଏବଂ କାଞ୍ଚିର ଅଧିଷ୍ଠାତା ଦେବତା ମହାଗଣପତିଙ୍କର ପରାଜୟ ପ୍ରସଙ୍ଗ ସମ୍ପର୍କରେ ବର୍ଣ୍ଣନା ରହିଛି । ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଶୋଭା ପାଉଥିବା ମଣି ସମ୍ପର୍କରେ 'ଜଗନ୍ନାଥ ଓ ମଣି' ଗଳ୍ପରେ ଏକ ସୁନ୍ଦର ବିବରଣୀ ରହିଛି । କଳିଙ୍ଗ ବୋଇତରେ ବଣିକ ସାଧବମଣି ଥରେ ସମୁଦ୍ର ମଧ୍ୟରେ ଥିବା ଏକ ଦ୍ୱୀପରେ ଭୟଙ୍କର ସର୍ପର ହାବୁଡ଼ରେ ପଡ଼ି ଜଗନ୍ନାଥଙ୍କୁ ଆର୍ତ୍ତ ସ୍ୱରରେ ଡାକିଥିଲେ ଓ ବିପଦରୁ ଉଦ୍ଧାର ପାଇଁ କଳିଙ୍ଗରୁ ଫେରିଲା ପରେ ପ୍ରଭୁଙ୍କୁ ଏକ ମଣି ସମର୍ପଣ କରିବେ ବୋଲି ଶପଥ କରିଥିଲେ । ବିପଦ ବାନ୍ଧବ ଶ୍ରୀଜଗନ୍ନାଥ ସମୁଦ୍ର ମଧ୍ୟରୁ ଏକ ଅଦ୍ଭୁତ ଜୀବ ପଠାଇ ସର୍ପକୁ ବିନାଶ କରିଥିଲେ । ନିଜର ଶପଥ ରକ୍ଷା କରି ସାଧବ ପ୍ରଦାନ କରିଥିବା ମଣି ଏବେବି ଜଗନ୍ନାଥଙ୍କ ମସ୍ତକରେ ଶୋଭା ପାଉଛି ।

'ଜଗନ୍ନାଥ ଓ ସାଲବେଗ' ଗଳ୍ପଟି ଦାର୍ଢ୍ୟତା ଭକ୍ତି ରସାମୃତ'ର ସାଲବେଗ ପ୍ରସଙ୍ଗ ଉପରେ ଆଧାରିତ । ସାଲବେଗ ରଥଯାତ୍ରାରେ ଷୋଳକଳା ବିଶିଷ୍ଟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ବ୍ୟାକୁଳ ହୋଇ ବାଲେଶ୍ୱର ଠାରୁ ପୁରୁଷୋତ୍ତମ କ୍ଷେତ୍ର ଆଡ଼କୁ ଆସୁ ଥାଆନ୍ତି । ସେ ଯିବା ପର୍ଯ୍ୟନ୍ତ ରଥ ବଳଗଣ୍ଡି ଠାରେ (ଛତାମଠ ପାଖରେ) ଅଟକି ରହିଥିବ ବୋଲି ଶ୍ରୀଜଗନ୍ନାଥଙ୍କୁ ଜଣାଇବାରୁ ତାହା ହିଁ ଘଟିଥିଲା । ସେ ଆସିବା ପରେ ରଥଗୁଡ଼ିକ ଅନାୟାସରେ ଗଡ଼ି ଚାଲିଲା । ଏ ହେଉଛି ଭକ୍ତର ଭଗବାନଙ୍କ ପ୍ରତି ଥିବା ମହାନ୍ ଭକ୍ତିଭାବର ମହତ୍ତ୍ୱ ଯାହା ପାଖରେ ଜଗତର ନାଥ ଶ୍ରୀଜଗନ୍ନାଥ ବି ଅଟକି ଯାଇଛନ୍ତି । 'ଜଗନ୍ନାଥ ସ୍ୱାମୀ' ଗଳ୍ପରେ ଶ୍ରୀଜଗନ୍ନାଥ ଶଙ୍କରାଚାର୍ଯ୍ୟଙ୍କୁ ସ୍ୱପ୍ନବାଣୀ ଶୁଣାଇ ପୁରୁଷୋତ୍ତମ କ୍ଷେତ୍ରକୁ ଆହ୍ୱାନ କରିଛନ୍ତି- "ସମସ୍ତ ଜଗତର ସ୍ୱରୂପ ଧରି ମୁଁ ଅବସ୍ଥାନ କରିଥାଏ କଳିଙ୍ଗରେ ବଙ୍ଗୋପସାଗର କୂଳରେ । ତୁମେ ସେହି ମହାକ୍ଷେତ୍ର ପୁରୁଷୋତ୍ତମକୁ ଆସ ଶଙ୍କର । ମୁଁ ତୁମକୁ ସେହିଠାରେ ଅପେକ୍ଷା କରିଛି ।" କଳିଙ୍ଗକୁ ଯାଇ ସେ ଶୁଣିଛନ୍ତି ଶ୍ରୀଜଗନ୍ନାଥ ପୁରୁଷୋତ୍ତମ କ୍ଷେତ୍ରରେ ନାହାନ୍ତି । ଶ୍ରୀଜଗନ୍ନାଥ ତାଙ୍କୁ ପୁଣି ସ୍ୱପ୍ନରେ କହିଛନ୍ତି- "ଶଙ୍କର ! ତୁମେ ମାଳ ଅଞ୍ଚଳକୁ ଆସ । ମୋର ଆତ୍ମା ମାଳଅଞ୍ଚଳର









ମାଟି ତଳେ ରହିଛି । ତାକୁ ତୁମେ ଏହି ମହାନ୍ କ୍ଷେତ୍ରରେ ପୁନର୍ବାର ପ୍ରତିଷ୍ଠିତ କରିଦେଇ ଯାଅ ।” ଶଙ୍କରାଚାର୍ଯ୍ୟ କଳିଙ୍ଗରାଜାଙ୍କ ସାହାଯ୍ୟରେ ମାଳ ଅଞ୍ଚଳର ମାଟିତଳୁ ଜଗନ୍ନାଥଙ୍କ ବ୍ରହ୍ମଙ୍କୁ ଉଦ୍ଧାର କରିଛନ୍ତି । ବ୍ରହ୍ମଙ୍କୁ ଧାରଣ କରି ସେ ଅନୁଭବ କରିଛନ୍ତି- ବ୍ରହ୍ମ ଅକ୍ଷୟ, ଅମର । ଶାସ୍ତ୍ରାନୁସାରେ ନବକଳେବର ନିର୍ମାଣର ବ୍ୟବସ୍ଥା କରାଇ ସେ ରତ୍ନସିଂହାସନରେ ତାହାଙ୍କୁ ସ୍ଥାପନ କରାଇଛନ୍ତି । ତାଙ୍କ ଦୃଷ୍ଟିରେ ଜଗନ୍ନାଥ ହେଉଛନ୍ତି ସ୍ୱରୂପ ବ୍ରହ୍ମ । ଦୁଇ ବାହାକୁ ପ୍ରସାରି ସବୁ ଧର୍ମ, ସବୁ ଜାତି ଏବଂ ସମସ୍ତ ସଂସ୍କୃତିକୁ ନିଜ ମଧ୍ୟକୁ ଟାଣି ଆଣୁଛନ୍ତି । ସେ ପ୍ରତ୍ୟେକ ଧର୍ମ, ପ୍ରତ୍ୟେକ ଜାତି, ପ୍ରତ୍ୟେକ ସଂସ୍କୃତିର ପ୍ରତୀକ । କ୍ରୁଶବିଦ୍ଧ ଯୀଶୁଙ୍କ ଭଳି ସେ ଯେପରି ଦୁଇହସ୍ତ ଦୁଇଆଡ଼େ ପ୍ରସାରିଛନ୍ତି । ଯେଉଁଭଳି ଯଜ୍ଞର ଯୂପ, ବୁଦ୍ଧଙ୍କ ସ୍ତୁପ ଭଳି ଅବସ୍ଥାନ କରିଛନ୍ତି । ତାଙ୍କର ଆବୃତ୍ତିରେ କାଳୀଙ୍କର ଭୟଙ୍କରତା ସେହିଭଳି ରହିଛି, ସେହିଭଳି କୃଷ୍ଣଙ୍କର କମନୀୟତା ଲାଖି ରହିଛି । ଗାଳ୍ପିକଙ୍କର ’ଶ୍ରୀଜଗନ୍ନାଥ ଓ କ୍ୟାପ୍‌ଟେନ୍ ବିଟ୍’ କ୍ଷୁଦ୍ରଗଳ୍ପଟି ଏକ ଐତିହାସିକ ଘଟଣା ଉପରେ ଆଧାରିତ । ଭାରତ ପରାଧୀନ ଥିବା କାଳର କଥା । ଏକଦା ଫ୍ରାନ୍‌ସରୁ ଏକ ଜାହାଜ ପଣ୍ଡିଚେରୀ ଅଭିମୁଖେ ଯାତ୍ରା କରିବା ବାଟରେ ଚାନ୍ଦିପୁର ବନ୍ଦର ଅତିକ୍ରମ କରି ବାରୁଣାବନ୍ଦର ଆଡ଼କୁ ଆଭିମୁଖୀ ହେଲାବେଳେ ଏକ ବିରାଟ ତିମିଙ୍ଗିଳ ଓ ଭୟଙ୍କର ବାତ୍ୟାର ସମ୍ମୁଖୀନ ହୋଇଥିଲା । ନିଶ୍ଚିତ ମୃତ୍ୟୁର ଆତଙ୍କରେ ଜାହାଜର କ୍ୟାପ୍‌ଟେନ୍ ବିଟ୍ (ଆଲଦିକ୍ ବିଟୋ) ଓ ଯାତ୍ରୀମାନେ ଶିହରୀ ଉଠିଥିଲେ । କେବଳ ଜଣେ ମାତ୍ର ଯାତ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଫଟୋଚିତ୍ରକୁ ଆଖି ଆଗରେ ରଖି ନିଜ ମାତୃଭାଷା ଓଡ଼ିଆରେ ଜଣାଣ ପରେ ଜଣାଣ ପରିବେଷଣ କରିବାକୁ ଲାଗିଲେ । ବିଟ୍ ପ୍ରଥମେ ଏଥିରେ ବିଶ୍ୱାସ କରିନଥିଲେ । ମାତ୍ର ଯାତ୍ରୀ ଜଣକ କହିଥିଲେ – “ମୁଁ ବହୁ ଥର ଦେଖିଛି, ତାଙ୍କୁ ଡାକିଲେ ବିପଦ କେଉଁଆଡ଼େ ପଳାଇଯାଏ । ସାକ୍ଷାତ୍ ମଣିଷ ଭଳି ସେ ଜବାବ ଦିଅନ୍ତି । ତାଙ୍କର ମହିମା ଆମ ମଣିଷଙ୍କୁ କ’ଣ, ଦେବତାଙ୍କୁ ବି ଅଗୋଚର ।” ସେହି ପ୍ରାର୍ଥନା ଯୋଗୁ ହିଁ ତିମିଙ୍ଗିଳ ଓ ବାତ୍ୟା ଦୂରକୁ ହଟି ଯାଇଥିଲା । ପ୍ରାର୍ଥନା ଶୁଣି ଜଗନ୍ନାଥ ଯଦି ବିପଦରୁ ଉଦ୍ଧାର କରନ୍ତି, ତେବେ ଏକ ରୁଦ୍ଧ କୋଠରୀରେ ଥିବା ସମସ୍ତ ଜିନିଷ ଜଗନ୍ନାଥଙ୍କୁ ଅର୍ପଣ କରାଯିବ ବୋଲି ବିଟ୍ ପ୍ରତିଶ୍ରୁତି ଦେଇଥିଲେ । ବିପଦରୁ ଉଦ୍ଧାର ପାଇବାପରେ ସେହି ପ୍ରତିଶ୍ରୁତି ସେ ପାଳନ କରିଥିଲେ । ତାହାର ସ୍ମାରକୀ ସଦୃଶ ଏବେବି ଏକ ବିରାଟ ଘଣ୍ଟି ଶ୍ରୀମନ୍ଦିର ବେଢ଼ାକୁ ଲାଗିଥିବା ନିଳାଦ୍ରୀବିହାରରେ ସଂରକ୍ଷିତ ଅଛି । ଘଣ୍ଟି ଦେହରେ ଫରାସୀ ଭାଷାରେ ଲେଖାଯାଇଛି– A LIBERALITE' DE PEDRO MOVDELS, COURT, DELA COMP, DE FRANCE ME NOM, MF PLERRE ; JF PESE 900-A PONDICHERY 1746, BETPSALL AMINGEN, CANTA, TIBUS.

‘ମହାପ୍ରଭୁ ଜଗନ୍ନାଥ’ **ଗଣେଶ ପ୍ରସାଦ ପରିଜା**ଙ୍କର ଅନ୍ୟତମ ଗଳ୍ପ ସଂକଳନ ଯହିଁରେ ଶ୍ରୀଜଗନ୍ନାଥ ଚେତନା ସମ୍ପର୍କିତ ୧୪ଟି ଗଳ୍ପ ସନ୍ନିବେଶିତ ହୋଇଅଛି । ଯଥା– ‘ମହାପ୍ରଭୁ ଜଗନ୍ନାଥ’, ‘ଶ୍ରୀଜଗନ୍ନାଥ ଓ ଭକ୍ତ ଗୋପାଳ ଭଟ୍ଟ’, ‘ଶ୍ରୀଜଗନ୍ନାଥ ଓ ସନ୍ଥ ନାନକ’, ‘ଶ୍ରୀଜଗନ୍ନାଥ ଓ ବାବାଜୀ ରାମଦାସ’, ‘ମହାଜ୍ୟୋତି ଜଗନ୍ନାଥ’, ‘ବୌଦ୍ଧବତାର ଜଗନ୍ନାଥ’, ‘ଦିଅଁଙ୍କ ଅଭିସାର’, ‘ଶ୍ରୀଜଗନ୍ନାଥ ଓ ଶ୍ରୀଚୈତନ୍ୟ’, ‘ନିତେଇ ଧୋବଣୀ ଓ ପତର ସଉତୁଣୀ’, ‘ଦୀନବନ୍ଧୁ ଜଗନ୍ନାଥ’, ‘ଅଲରାନାଥ ଶ୍ରୀଜଗନ୍ନାଥ’, ‘ଦେବଦାସୀ ଲାବଣ୍ୟପ୍ରଭା’, ‘ଜଗନ୍ନାଥ ହସୁଛନ୍ତି’, ‘ମହାନିର୍ବାଣ’ ଭଳି ଗଳ୍ପ ରଚନା କରିଛନ୍ତି । ଗାଳ୍ପିକ ଗଳ୍ପ ସମ୍ପର୍କରେ ସୂଚନା ଦେଇ କହିଛନ୍ତି – “ଯୁଗେ ଯୁଗେ ଜଗନ୍ନାଥ‘ ଭଳି ‘ମହାପ୍ରଭୁ ଜଗନ୍ନାଥ’ ଗ୍ରନ୍ଥଟି ମଧ୍ୟ ଶ୍ରୀଜଗନ୍ନଥ ମୋ ଦ୍ୱାରା ଲେଖାଇଛନ୍ତି । ମୁଁ କେବଳ ନିମିତ୍ତ ମାତ୍ର ।”

‘ମହାପ୍ରଭୁ ଜଗନ୍ନାଥ’ ଗଳ୍ପରେ ପ୍ରତିପାଦିତ ହୋଇଛି ଯେଉଁ ଭକ୍ତର ଜଗନ୍ନାଥଙ୍କ ଛଡ଼ା ଆଉ କେହି ନାହାନ୍ତି, ସେହି ଭକ୍ତର ରୋଗବେଳେ ଶ୍ରୀଜଗନ୍ନାଥ ନିଜେ ଯାଇ ତା’ର ସେବା କରନ୍ତି । ଭକ୍ତ ମାଧବଦାସଙ୍କ ଅନ୍ତିମ କାଳରେ ରୋଗରେ ଘାଣ୍ଟିହେଲା ବେଳେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିହେଁ ପାଖକୁ ଯାଇ ସେବା ଶୁଶ୍ରୂଷା କରିଛନ୍ତି । ଭକ୍ତର ଇଚ୍ଛା ଅନୁଯାୟୀ ନିଜେ ଜ୍ୱର ଭୋଗିଛନ୍ତି ଓ ଭକ୍ତକୁ ମୁକ୍ତି ପ୍ରଦାନ କରିଛନ୍ତି । ‘ଶ୍ରୀଜଗନ୍ନାଥ ଓ ଭକ୍ତ ଗୋପାଳ ଭଟ୍ଟ’ ଗଳ୍ପରୁ ଯାହା ପ୍ରତୀୟମାନ ହେଉଛି ଯେ ଶ୍ରୀଜଗନ୍ନାଥ ସେ ମଧ୍ୟ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣ ଭକ୍ତ ଗୋପାଳ ଭଟ୍ଟ ବହୁ ଆଶାଧରି ଆସିଛନ୍ତି ଜଗନ୍ନାଥଙ୍କ ଭିତରେ ଶ୍ରୀକୃଷ୍ଣଙ୍କୁ ଦେଖିବା ଲାଗି । ହେଲେ ଶ୍ରୀଜଗନ୍ନାଥ ବିଗ୍ରହ ଭିତରେ ବାଳଗୋପାଳଙ୍କର କମନୀୟ ଲାବଣ୍ୟ ନ ଦେଖି ଦେଖିଛନ୍ତି ଭୟଙ୍କରତା । ନିରାଶ ହୋଇ ସେ ପୁରୁଷୋତ୍ତମ କ୍ଷେତ୍ର ତ୍ୟାଗ କରି ସ୍ୱଦେଶାଭିମୁଖୀ ଯାତ୍ରା କଲାବେଳେ ପଥରେ କ୍ଳାନ୍ତ ଓ କ୍ଷୁଧାର୍ତ୍ତ ହୋଇ ଏକ ବଟବୃକ୍ଷ ତଳେ ବିଶ୍ରାମ ନେଇଛନ୍ତି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ର ତିନିହେଁ ଗୋପାଳ–ଗୋପାଳୁଣୀ ଭାବରେ ଆସି ତାଙ୍କୁ ମାଗଣାରେ ଛେନା ଖୁଆଇଛନ୍ତି ଓ ଦୁଧ ପିଆଇଛନ୍ତି । ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ସମ୍ପର୍କରେ ସେମାନେ କହିଛନ୍ତି– “ଶ୍ରୀକ୍ଷେତ୍ରରେ ଛୁଆ ଅଛୁଆଁର ବାରଣ ନଥାଏ, ମନ ପବିତ୍ର ଥିଲେ ସବୁ ପବିତ୍ର । ତୁମେ ତ ଜ୍ଞାନୀଲୋକ ଜାଣିଥିବ, ଦିଅଁଙ୍କୁ ପରା ଆଗେ ଶବର ପୂଜୁଥିଲା । ସେ କ’ଣ ମନ୍ତ୍ର ଯନ୍ତ୍ରରେ ପୂଜା କରୁଥିଲା ? ଖାଲି ଦିଅଁଙ୍କୁ ଭକ୍ତିରେ ବାନ୍ଧି ରଖିଥିଲା । ସବୁ ଦିଅଁଙ୍କ ପାଖରେ ଭୋଗ ଲାଗିଲେ ପ୍ରସାଦ ହୁଏ ଏଠି କିନ୍ତୁ ମହାପ୍ରସାଦ ହୁଏ । ଏଠି ପରା ଦିଅଁ ସବୁ ନିଜେ ଗ୍ରହଣ କରନ୍ତି । ଯେତେ ଧର୍ମ, ଯେତେ ସଂସ୍କୃତି ସବୁରୀ ମିଳନ ସ୍ଥଳ ପରା ଏଇଠି । ଶ୍ରୀକ୍ଷେତ୍ରରେ ତୁମେ ଯଦି ଶାନ୍ତି ପାଇପାରିବ ନାହିଁ, ଆଉ କେଉଁଠି ଶାନ୍ତି ମିଳିପାରିବ ? ଏଠି ବିଶ୍ୱାସରେ ଦିଅଁ ମିଳନ୍ତି । ତର୍କ କଲେ ଦିଅଁ ତୁମଠାରୁ ଦୂରେଇଯିବେ ।” ଗୋପାଳ ଭଟ୍ଟ ଗୋପାଳ ଦେଶରେ ଆସିଥିବା ପ୍ରଭୁଙ୍କୁ

ଚିହ୍ନି ନପାରିବାରୁ ପ୍ରଭୁ ସ୍ୱପ୍ନରେ ତାକୁ ବାଳଗୋପାଳ ବେଶରେ ଦେଖାଦେଇ କହିଲେ, "ଭଙ୍ଗ! ତୁମର ଭ୍ରମ ଉପସ୍ଥିତ ହୋଇଛି। ବିଶ୍ୱର ଶ୍ରେଷ୍ଠ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚି ମଧ୍ୟ କ୍ଷେତ୍ରର ମାହାତ୍ମ୍ୟ ବୁଝିପାରିଲ ନାହିଁ। ସନ୍ଧ୍ୟାରେ ଆମେ ତୁମ ପାଇଁ ଦୁଧ, ଛେନା ନେଇ ଯାଇଥିଲୁ। ଆମକୁ ଦେଖି ମଧ୍ୟ ତୁମେ ଚିହ୍ନିପାରିଲ ନାହିଁ। ତୁମେ ଜଗନ୍ନାଥଙ୍କୁ ମୋ'ଠାରୁ ପୃଥକ ବୋଲି ଭାବି ମଧ୍ୟ ଅପ୍ରଧା କରିଛୁ। ଏହି ସାଧାରଣ ଆଖି ନେଇଗଲେ ତୁମେ କ'ଣ କିଛି ଦେଖିପାରିବ? ଏହା ସଂପୂର୍ଣ୍ଣ ଅନୁଭବର  ବିଷୟ। ଯଦି କେହି ତାହା ଦେଖିବାକୁ ଇଚ୍ଛାକରେ, ତେବେ ସେହିଭଳି ଚକ୍ଷୁ ନେଇ ନ ଦେଖିଲେ କିଛି ଦେଖିପାରିବ ନାହିଁ।"

ଭଙ୍ଗ ନିଜର ଭ୍ରମ ବୁଝି ପାରିଲେ ଓ ପୁରୀ ଫେରିଯାଇ ଶ୍ରୀଜଗନ୍ନାଥଙ୍କ ଭିତରେ ଶ୍ରୀକୃଷ୍ଣଙ୍କୁ ଦେଖିବାକୁ ପାଇଲେ। 'ବୌଦ୍ଧବତାର ଜଗନ୍ନାଥ' ଗଳ୍ପରେ ମଦନ ମହାଦେବଙ୍କ ରାଜତ୍ୱକାଳୀନ ବୌଦ୍ଧ ଓ ସ୍ମାର୍ତ୍ତମାନଙ୍କର କଳହ, ରାଣୀଙ୍କର ବୌଦ୍ଧ ପକ୍ଷ ଓ ରାଜାଙ୍କର ସ୍ମାର୍ତ୍ତପକ୍ଷ ଗ୍ରହଣ, ହାଣ୍ଡି ଭିତରେ ସର୍ପ ରଖି ବୌଦ୍ଧ ଓ ସ୍ମାର୍ତ୍ତ ମଧ୍ୟରେ ଶକ୍ତି ପରୀକ୍ଷା, ବୌଦ୍ଧମାନଙ୍କର ସତ୍ୟଭାଷଣ, ତାନ୍ତ୍ରିକ ସ୍ମାର୍ତ୍ତମାନଙ୍କ ଦ୍ୱାରା ସର୍ପର ଭସ୍ମୀକରଣ ଓ ହାଣ୍ଡି ଭିତରେ ଭସ୍ମ ଅଛି ବୋଲି କଥନ, ହାଣ୍ଡିର ଆବରଣ ଖୋଲିବା ପରେ ଭସ୍ମର ସ୍ଥିତି, ଅହଂକାରୀ ରାଜାଙ୍କ ଦ୍ୱାରା ବୌଦ୍ଧମାନଙ୍କୁ ନିର୍ବାସନ ଦଣ୍ଡ ପ୍ରଦାନ, ବୌଦ୍ଧଗୁରୁ ମହାତ୍ମାଙ୍କ ଅଭିଶାପରେ ରାଜାଙ୍କ ପାଟିରେ ଘା'ସୃଷ୍ଟି, ରାଜା ଓ ରାଣୀ ଉଭୟଙ୍କର ଜଗନ୍ନାଥଙ୍କ ପାଖରେ କ୍ଷମାଭିକ୍ଷା, ଜଗନ୍ନାଥଙ୍କ ସ୍ୱପ୍ନାଦେଶରେ ମହାରାଜଙ୍କ ନିକଟକୁ ମହାପ୍ରାଜ୍ଞଙ୍କ ଆଗମନ ଓ କ୍ଷମାପ୍ରଦାନ, ରାଜାରାଣୀଙ୍କର ବୌଦ୍ଧଧର୍ମ ଗ୍ରହଣ ଆଦି ପ୍ରସଙ୍ଗ ବର୍ଣ୍ଣିତ।

ଗାଳ୍ପିକଙ୍କର ଅନ୍ୟ ଏକ ଗଳ୍ପ ଯାହାକି 'ନିତେଇ ଧୋବଣୀ ଓ ପତର ସଉତୁଣୀ' ନାମରେ ନାମିତ। ଏହି ଗଳ୍ପରୁ ଜଣାଯାଏ ପୁରୀର ତାନ୍ତ୍ରିକ ଧୋବଣୀ ନିତେଇ ଓ ମାଳଅଞ୍ଚଳର ପତ୍ର ସଉତୁଣୀ ମଧ୍ୟରେ ଯେଉଁ ପ୍ରତିଯୋଗିତା ହୋଇଥିଲା ସେ ପ୍ରସଙ୍ଗଟି ବର୍ଣ୍ଣିତ। ପତର ସଉତୁଣୀ ଦୃଷ୍ଟିରେ ମା' ଶ୍ରେଷ୍ଠ ଦେବୀ ସେ ଶ୍ରୀଜଗନ୍ନାଥଙ୍କର ମାହାତ୍ମ୍ୟକୁ ଗ୍ରହଣ କରୁନଥିଲା। ପୁରୁଷୋତ୍ତମ କ୍ଷେତ୍ରକୁ ଆସି ତା, ସଙ୍ଗରେ ଶ୍ରୀଜଗନ୍ନାଥଙ୍କୁ ମାଳଅଞ୍ଚଳକୁ ନେଇଯିବା ପାଇଁ କହିଥିଲା। ନିତେଇ ଧୋବଣୀ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହିଁ ଶ୍ରେଷ୍ଠ ଦେବତା। ସେ ଜଗନ୍ନାଥଙ୍କୁ ପତର ସଉତୁଣୀ ସଂଗରେ ମାଳଅଞ୍ଚଳକୁ ଯିବାକୁ ଦେବ ନାହିଁ ବୋଲି କହିଲା। ମହାରାଜାଙ୍କ ଆଗରେ ବିଡ଼ାନାସୀ ପାଖରେ ପ୍ରତିଯୋଗିତା ହୋଇଛି। ପତର ସଉତୁଣୀ ହାରିଯାଇଛି। ଶ୍ରୀଜଗନ୍ନାଥ ହିଁ ସବୁଠାରୁ ଶ୍ରେଷ୍ଠ, ବଡ଼ ଦେବତା ବୋଲି ନିତେଇ ଧୋବଣୀ ପ୍ରମାଣ କରିଦେଇଛି।

'ଦୀନବନ୍ଧୁ ଜଗନ୍ନାଥ' ଗଳ୍ପରେ ଶ୍ରୀଜଗନ୍ନାଥ ହେଉଛନ୍ତି ଗରିବର ଭଗବାନ। ଭକ୍ତର ଭାବଗ୍ରାହୀ। ବହୁ ଦୂରରୁ ଚାଲିଚାଲି ଆସିଥିବା ସନ୍ଥ ବିଦୂର ତିନି ଠାକୁରଙ୍କୁ ଖୁଦପିଠା ଭୋଗ ଲଗାଇବା ଫଳରେ ମହାପ୍ରଭୁ ତାଙ୍କ କ୍ଷୁଦ୍ର କୁଟୀରକୁ ବିଜେ କରିଛନ୍ତି। ତେଣୁ ପଣ୍ଡାଙ୍କ ଚଳୁରେ ତିନି ଠାକୁର ଦେଖା ନଯିବାରୁ ଶ୍ରୀମନ୍ଦିରରେ ଭୋଗ ଲାଗିବା ଅସୁବିଧା ହୋଇଛି। ଏହାର କାରଣ ଜାଣିବାକୁ ଅଧିଆ ପଡ଼ିଥିବା ମୂଳକ ଦାସଙ୍କୁ ଶ୍ରୀଜଗନ୍ନାଥ ଏକଥା ଜଣାଇଛନ୍ତି। ଗାଳ୍ପିକଙ୍କର 'ଜଗନ୍ନାଥ ହସୁଛନ୍ତି' ଗଳ୍ପରେ ମହାପ୍ରସାଦରୁ ମହାତ୍ମ୍ୟର ବର୍ଣ୍ଣନା ରହିଛି। ମହାପ୍ରସାଦକୁ ସ୍ୱୀକାର କରୁ ନଥିବା ଆଚାର୍ଯ୍ୟ ପଦ୍ମପାଳ (ଶଙ୍କରାଚାର୍ଯ୍ୟ)ଙ୍କ ଶିଷ୍ୟ ସ୍ୱଚକ୍ଷୁରେ ଶ୍ରୀକୃଷ୍ଣରୂପୀ ଶ୍ରୀଜଗନ୍ନାଥ ମହାପ୍ରସାଦ ଭକ୍ଷଣ କରୁଥିବା ପୁନଶ୍ଚ ରତ୍ନସିଂହାସନକୁ ଉଠିଆସି ଦୃଶ୍ୟ ଦେଖି କିପରି ସେ ମହାପ୍ରସାଦକୁ ସ୍ୱୀକାର କରିଛନ୍ତି ଏବଂ ତା'ର ମହାତ୍ମ୍ୟକୁ ଗ୍ରହଣ କରିଛନ୍ତି ତାହାହିଁ ଗଳ୍ପର ବିଷୟବସ୍ତୁ ଅଟେ।

ଯଥାର୍ଥରେ ଗାଳ୍ପିକ ଗଣେଶ ପ୍ରସାଦ ପରିଜାଙ୍କ ଗଳ୍ପ ଗ୍ରନ୍ଥରେ ପ୍ରତିପାଦିତ ବିଷୟବସ୍ତୁ ହେଉଛି ଯେ ସର୍ବଦେବମୟ ହରି ହେଉଛନ୍ତି ଜଗନ୍ନାଥ। ସେ ହେଉଛନ୍ତି ଜଗତର ନାଥ, ସର୍ବଶକ୍ତିମୟ ତନୁ ଏବଂ ସର୍ବଶକ୍ତମୟ ବିଗ୍ରହ। ତେଣୁ ସେ ସଚରାଚର ବିଶ୍ୱବ୍ରହ୍ମାଣ୍ଡରେ କୋଟି କୈବଲ୍ୟ ମହାପ୍ରଭୁ ଭାବରେ ଖ୍ୟାତ।

**ବଳରାମ ମିଶ୍ରଙ୍କ** 'ଶ୍ରୀଜଗନ୍ନାଥ' ଗଳ୍ପ ସଂକଳନରେ ଶ୍ରୀଜଗନ୍ନାଥ ଚିନ୍ତାଚେତନା ସଂପର୍କିତ ସର୍ବମୋଟ କୋଡ଼ିଏଟି ଗଳ୍ପ ସ୍ଥାନିତ। ଗଳ୍ପଗୁଡ଼ିକ ମଧ୍ୟରେ 'ଶ୍ରୀଜଗନ୍ନାଥ', 'ରାବଣ', 'ରାମସୀତା', 'ରାମରାବଣ', 'ଯଦୁବଂଶ ଧ୍ୱଂସ', 'ନୀଳମାଧବ', 'ଇନ୍ଦ୍ରଦ୍ୟୁମ୍ନ', 'ଗାଲମାଧବ', 'ସ୍ୱୀ କଥାରେ ଠାକୁର ଖଣ୍ଡିଆ', 'ସୁଭଦ୍ରା', 'ମହାପ୍ରସାଦ ନବକଳେବର', 'ଶ୍ରୀଗୁଣ୍ଡିଚା', 'କୋଇଲି ବୈକୁଣ୍ଠ', 'ଶ୍ରୀଜଗନ୍ନାଥ ଗଣେଶ ବେଶ', 'କାଞ୍ଚି ଅଭିଯାନ', 'ରତ୍ନଝରି ଚେରି', ବଳରାମ ଦାସଙ୍କ 'ରଥଟଣା', 'ଲକ୍ଷ୍ମୀ ବଳରାମ କହେ', ଓ 'ମାର୍କଣ୍ଡେୟ' ନାମରେ ବିଭିନ୍ନ ପୌରାଣିକ ପ୍ରସଙ୍ଗକୁ ନେଇ ଏହାର ବିଷୟବସ୍ତୁ ବର୍ଣ୍ଣିତ। ଗାଳ୍ପିକଙ୍କର 'ରାବଣ', 'ରାମସୀତା', 'ରାମରାବଣ', 'ରତ୍ନଝରି ଚେରି' ଗଳ୍ପ ଚାରୋଟିରେ ସୂଚାଇ ଦିଆଯାଇଛି ଯେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ର ଏକଏକ ଅଭିନ୍ନ। ପ୍ରଥମ ତିନୋଟି ଗଳ୍ପ ପୁରାଣ ପ୍ରସଙ୍ଗକୁ ଆଧାର କରିଥିଲା ବେଳେ 'ରତ୍ନଝରି ଚେରି' ଗଳ୍ପଟି ବଳରାମ ଦାସଙ୍କ 'ବଟ ଅବକାଶ' ରଚନା ଉପରେ ଆଧାରିତ। ଏହା ବ୍ୟତୀତ 'ଯଦୁବଂଶ ଧ୍ୱଂସ', 'ନୀଳମାଧବ', 'ଗାଲମାଧବ', 'ସ୍ୱୀ କଥାରେ ଠାକୁର ଖଣ୍ଡିଆ', 'ଶ୍ରୀଗୁଣ୍ଡିଚା'– ଏହି ଛଅଟି ଗଳ୍ପ ଜଗନ୍ନାଥଙ୍କ ଦେଉଳତେଳା କାହାଣୀ ସହିତ ସଂପୃକ୍ତ। 'ମହାପ୍ରସାଦ' ଗଳ୍ପର ବିଷୟବସ୍ତୁର ଭିତ୍ତିଭୂମି ପୁରାଣ ପ୍ରସଙ୍ଗ। ଏକଦା ନାରଦ ବିଷ୍ଣୁଙ୍କ ଅଧରାମୃତ ଗାନ କରିବା ଲାଗି ଲକ୍ଷ୍ମୀକୁ ଯେତେ ଅନୁରୋଧ କଲେ ସେ ଶୁଣିଲେ ନାହିଁ। ଏଥିପାଇଁ ନାରଦଙ୍କ କଠିନ ତପସ୍ୟା ମଧ୍ୟ ବ୍ୟର୍ଥରେ ପରିଣତ ହେଲା। ଶେଷରେ ନାରଦ ଦାସୀ ବେଶରେ ବୈକୁଣ୍ଠପୁରର ପ୍ରାଙ୍ଗଣ ଝାଡୁ କରିବାରୁ ବିଷ୍ଣୁ ଉଚ୍ଛିଷ୍ଟ ପ୍ରସାଦ ଦାନ କଲେ। ନାରଦ ଉଚ୍ଛିଷ୍ଟ ପ୍ରସାଦକୁ ସେବନ ପୂର୍ବକ ଆନନ୍ଦରେ ଉନ୍ମତ୍ତ ଅବସ୍ଥାରେ ଯାଇ ଶିବଙ୍କ ପାଖରେ ପହଞ୍ଚିଲେ। ଶିବ ଏ ଉନ୍ମାଦନାର କାରଣ ପଚାରିବାରୁ ନାରଦ ରହସ୍ୟ ଉଦ୍‌ଘାଟନ କଲେ। ନାରଦଙ୍କ ନଖକଣରେ ଲାଗିଥିବା କଣିକାଏ ପ୍ରସାଦ ସେବନ କରି ଶିବ ମଧ୍ୟ ଆନନ୍ଦରେ ଉନ୍ମତ ହୋଇ ନୃତ୍ୟ କରିବାକୁ ଲାଗିଲେ। ପାର୍ବତୀ ଏହା ଜାଣି ଏ ପ୍ରସାଦ କଣିକାଏ ପାଇବା ପାଇଁ ବ୍ୟାକୁଳ ହୋଇଉଠିଲେ। ପାର୍ବତୀ ବୈକୁଣ୍ଠପୁରକୁ ଯାଇ ଏଥିପାଇଁ ବିଷ୍ଣୁଙ୍କୁ ଅନୁରୋଧ କଲେ। କିନ୍ତୁ ପାର୍ବତୀଙ୍କ ଅନୁରୋଧକୁ ରକ୍ଷାକରି କହିଲେ; ନ୍ତତୁମେ କଳିଯୁଗରେ ମୋର ଶ୍ରୀକ୍ଷେତ୍ରରେ ବିମଳା ଭାବରେ ଆବିର୍ଭୂତା ହେବ। ମୋର ଭୋଗ ତୁମ ନିକଟରେ ସମର୍ପିତ ହେବା ପରେ ଓ ତୁମେ ଗ୍ରହଣ କଲାପରେ ତାହା ମହାପ୍ରସାଦରେ ପରିଣତ ହେବ। ସେହି ମହାପ୍ରସାଦର ମହିମା ବଳରେ ଏତେ ଶକ୍ତି ଯେ ତାକୁ ଯିଏ ଗ୍ରହଣ କରିବ, ସେ ଚରମ ତୃପ୍ତି ଲାଭ କରିବ। 'ନବକଳେବର' ଗଳ୍ପରେ ଶ୍ରୀଜଗନ୍ନାଥଙ୍କ ନବକଳେବର ଗ୍ରହଣ ସହିତ ପୂର୍ବଜନ୍ମରେ କୃଷ୍ଣାବତାର ଗ୍ରହଣ ଓ ଦେହତ୍ୟାଗ ସମ୍ପର୍କରେ ବର୍ଣ୍ଣନା କରାଯାଇଛି।

'କୋଇଲି ବୈକୁଣ୍ଠ' ଗଳ୍ପରେ ଗାଳ୍ପିକ ଦର୍ଶାଇବାକୁ ଚାହିଁଛନ୍ତି ଯେ ଶ୍ରୀଜଗନ୍ନାଥ କୋଇଲି ରୂପରେ ଶ୍ରୀକ୍ଷେତ୍ରରେ ଗୁପ୍ତ ବୃନ୍ଦାବନରେ ଲକ୍ଷ୍ମୀଙ୍କ ନିକଟରେ ପହଞ୍ଚି କୋମଳ କଣ୍ଠରେ କୁହୁତାନ ତୋଳିଛନ୍ତି। କୋଇଲିର ରୂପ ଓ ସ୍ୱରରେ ମୁଗ୍ଧା ଲକ୍ଷ୍ମୀ କୋଇଲିର ଗଳରେ ନିଜର ଗଜମୋତି ହାରଟିକୁ ପିନ୍ଧାଇ ଦେଇଛନ୍ତି। ଶ୍ରୀଜଗନ୍ନାଥ କୋଲଇି ରୂପ ତ୍ୟାଗ କରି ନିଜର ସ୍ୱରୂପକୁ ପ୍ରକାଶ କରିଛନ୍ତି। ସେହି ଦିନ ଠାରୁ ଶ୍ରୀକ୍ଷେତ୍ରରେ ଥିବା ଗୁପ୍ତ ବୃନ୍ଦାବନ ଜଗନ୍ନାଥଙ୍କ ଇଚ୍ଛା ଅନୁଯାୟୀ 'କୋଇଲି ବୈକୁଣ୍ଠ' ନାମରେ ଅଭିହିତ ହୋଇଆସୁଅଛି। ମୋଟାମୋଟି ଭାବରେ ଲକ୍ଷ୍ୟ କଲେ 'ଶ୍ରୀଜଗନ୍ନାଥ' ଗଳ୍ପ ସଂକଳନରେ ଥିବା ବିଭିନ୍ନ ଗଳ୍ପଗୁଡ଼ିକର ଶ୍ରୀଜଗନ୍ନାଥଙ୍କ ଅବତାର ଓ ମାହାତ୍ମ୍ୟ ତଥା ଶ୍ରୀକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ଓ ମହାପ୍ରସାଦର ମାହାତ୍ମ୍ୟକୁ ଗଳ୍ପସ୍ରଷ୍ଟା ସଫଳ ଭାବରେ ଉପସ୍ଥାପିତ କରିଛନ୍ତି।

ଅଧ୍ୟାପକ **ବ୍ରଜକିଶୋର ସାହୁ** ମହାପ୍ରଭୁ କାଳିଆସାଆନ୍ତ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତି ଭାବରେ ଅନେକ ଗଳ୍ପ ରଚନା କରିଯାଇଛନ୍ତି। 'ଭକ୍ତ ଜଗନ୍ନାଥ' ନାମରେ ଶ୍ରୀ ସାହୁଙ୍କର ଏକ ବୃହତ୍ ଗଳ୍ପ ଗ୍ରନ୍ଥ ରହିଛି ଯାହାକି ଚାରି ଖଣ୍ଡରେ ପ୍ରକାଶିତ ହୋଇଅଛି। ଏହି ଚାରିଖଣ୍ଡ ଗଳ୍ପ ପୁସ୍ତକରେ ସ୍ଥାନିତ ହୋଇଥିବା ଗଳ୍ପଗୁଡ଼ିକ ମଧ୍ୟରେ କେତେକ ଉଲ୍ଲେଖଯୋଗ୍ୟ ଗଳ୍ପ ହେଉଛି– 'ମନୋହର ଦାସ ଓ ଶ୍ରୀଜଗନ୍ନାଥ', 'ଆଲବନ୍ଦରାଚାର୍ଯ୍ୟ ଓ ଶ୍ରୀଜଗନ୍ନାଥ', 'ବନ୍ଧୁ



ମହାନ୍ତି ଓ ଶ୍ରୀଜଗନ୍ନାଥ', 'ମହାତ୍ମ୍ୟ ବିଦୂର ଓ ଶ୍ରୀଜଗନ୍ନାଥ', 'ସାଲବେଗ ଓ ଶ୍ରୀଜଗନ୍ନାଥ', 'ଜୟଦେବ ଓ ଶ୍ରୀଜଗନ୍ନାଥ', 'ଗୁରୁରାଘବ ଦାସ ଓ ଶ୍ରୀଜଗନ୍ନାଥ', 'ଲାଣ୍ଡିମାତା ଓ ଶ୍ରୀଜଗନ୍ନାଥ' ଇତ୍ୟାଦି । ଶ୍ରୀ ସାହୁଙ୍କର ଗଳ୍ପଗୁଡ଼ିକର ବିଶେଷତ୍ୱ ହେଲା ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ, ଭକ୍ତି ବତ୍ସଳତା ଓ ଭକ୍ତର ଭକ୍ତିତତ୍ତ୍ୱ ସଂପର୍କରେ ଗୂଢ଼ ଦର୍ଶନର ସରଳ ଓ ପ୍ରାଞ୍ଜଳ ବ୍ୟାଖ୍ୟା । ବିଭିନ୍ନ ଗଳ୍ପରୁ ତାହାର କେତୋଟି ଗଳ୍ପ ଦୃଷ୍ଟାନ୍ତ ଦିଆଯାଇପାରେ ।

ଶ୍ରୀମଦ୍ ଭାଗବତ୍ ଗୀତାର 'ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମା ଭକ୍ତ୍ୟା ପ୍ରଯଚ୍ଛତି / ତଦହଂ ଭକ୍ତ ବହୃତ ମଶ୍ନାମି ପ୍ରୟତାତ୍ମନଃ'- ଶ୍ଳୋକରେ ଥିବା ଭକ୍ତିତତ୍ତ୍ୱ ଉପରେ ଶ୍ରୀ ସାହୁଙ୍କର ରଚିତ 'ମନୋହର ଦାସ ଓ ଶ୍ରୀଜଗନ୍ନାଥ' ଗଳ୍ପ । ଏହାର ପ୍ରାରମ୍ଭରେ ଲେଖକ ଭକ୍ତିତତ୍ତ୍ୱ ପ୍ରାଞ୍ଜଳ ବର୍ଣ୍ଣନା ଦେଇଛନ୍ତି । ଗାଳ୍ପିକଙ୍କ ଭାଷାରେ- "ପ୍ରେମମୟ ଭଗବାନଙ୍କୁ ଉପହାର ଦେବାପାଇଁ ନିଜର ବୋଲି ଆମ ପାଖରେ କୌଣସି ପଦାର୍ଥ ନାହିଁ । ଏ ଚରାଚର ସୃଷ୍ଟି, କୃଷ୍ଣଲୀଳା, ଫୁଲଫଳ, ପଶୁପକ୍ଷୀ, ସ୍ଥାବର, ଜଙ୍ଗମ, ଜଡ଼, କୀଟ, ପତଙ୍ଗ ସମସ୍ତ କିଛି ତାଙ୍କର ସବୁକିଛି ସେ ହିଁ ସୃଷ୍ଟି କରିଛନ୍ତି । ଭକ୍ତ-ବତ୍ସଳ-ଭଗବାନ କେବଳ ଚାହାନ୍ତି ଭକ୍ତି । ତାଙ୍କୁ ଆକର୍ଷଣ କରିବା ପାଇଁ ତାଙ୍କର କୃପାଲାଭ କରିବା ପାଇଁ ଭକ୍ତି ହିଁ ଏକମାତ୍ର ପଥ ଏବଂ ସର୍ବୋତ୍କୃଷ୍ଟ ଉପାୟ । ଭକ୍ତିର ସହିତ ଯାହା ତାଙ୍କୁ ଅର୍ପଣ କରାଯାଏ, ତାହା ସେ ଆଗ୍ରହରେ ଗ୍ରହଣ କରନ୍ତି । ଯଦି ଭକ୍ତ ଗଦ୍‌ଗଦ୍ ଚିତ୍ତରେ ଭକ୍ତିଭରା ହୃଦୟରେ ତାଙ୍କୁ ପତ୍ର ହେଉ, ପୁଷ୍ପ ହେଉ, ଫଳ ହେଉ ଅଥବା ଜଳ ହିଁ ହେଉ ଯଦି ଅର୍ପଣ କରାଯାଏ, ତେବେ ସେହି ଭକ୍ତାର୍ପିତ ପ୍ରେମ ଉପହାରକୁ ପ୍ରେମର ସହିତ ଗ୍ରହଣ କରି ଭକ୍ତର ଅଭିଷ୍ଟ ପୂରଣ କରିଥାନ୍ତି ।"

ଶ୍ରୀଜଗନ୍ନାଥଙ୍କର ଶ୍ରୀକୃଷ୍ଣ-ସ୍ୱରୂପ ସଂପର୍କରେ; 'ଗୋପାଳ ଭଟ୍ଟ ଓ ଶ୍ରୀଜଗନ୍ନାଥ' ଗଳ୍ପରେ ଲେଖକଙ୍କର ଉକ୍ତି ହେଲା- "ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥ ଏକ ଓ ଅଭିନ୍ନ । ଅନନ୍ତ କରୁଣାର ସମୁଦ୍ର ଜଗନ୍ନାଥ ବାସ୍ତବରେ ସୌନ୍ଦର୍ଯ୍ୟର ଖଣି, ଭକ୍ତାନୁଗ୍ରାହକ ଓ କୃଷ୍ଣବେଶଧାରୀ ପରମ ମଙ୍ଗଳମୟ ।" 'ଗୀତାପଣ୍ଡା ଓ ଶ୍ରୀଜଗନ୍ନାଥ' ଗଳ୍ପରେ ଭଗବାନଙ୍କ ମୁଖ ନିଃସୃତ ବାଣୀ ସଂପର୍କରେ ଗାଳ୍ପିକଙ୍କର ଦର୍ଶନ ହେଲା- "ଭଗବାନ ଯେପରି ଏକାନ୍ତ ସତ୍ୟ, ତାଙ୍କର ବାକ୍ୟ, ତାଙ୍କର ବାତ୍ସଲ୍ୟଗୀତୋପ ଦେଶ ମଧ୍ୟ ସେହିପରି ଏକାନ୍ତ ସତ୍ୟ ।"

ଏହିପରି ସମସ୍ତ ଗଳ୍ପରେ ଲେଖକ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ବ୍ୟାଖ୍ୟା କରିଛନ୍ତି । ଉପରୋକ୍ତ ଆଲୋଚ୍ୟ ଗଳ୍ପ ବ୍ୟତୀତ ପୁରାଣ-ଇତିହାସ-କିମ୍ବଦନ୍ତୀ ଭିତ୍ତିକରି ଲିଖିତ ଗଳ୍ପ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଉଛି- ଡକ୍ଟର ହରେକୃଷ୍ଣ ମହତାବଙ୍କ 'ଦାସିଆ ବାଉରୀ', ମହାପାତ୍ର ନୀଳମଣି ସାହୁଙ୍କର 'ଦାସିଆ ବାଉରୀ ସମ୍ବାଦ', ଡକ୍ଟର ବାସୁଦେବ ସାହୁଙ୍କର 'ଭକ୍ତର ଭଗବାନ', 'ମୁକତି ମାର୍ଗେ ଭକ୍ତି ତଳେ', 'ଭକତମଣି ଦାସ', ସୁଧାଂଶୁବାଳା ପଣ୍ଡାଙ୍କ 'ମହାଲକ୍ଷ୍ମୀଙ୍କ ଭୋଗ', 'ଯବନଭକ୍ତ ସାଲବେଗ', ଗୋପୀନାଥ ରଥଙ୍କର 'ଶ୍ରୀଜଗନ୍ନାଥଙ୍କ ଦାମ୍ପତ୍ୟ କହେ', 'ଧନ୍ୟରେ କାଳିଆ', କନକଲତା ମହାନ୍ତିଙ୍କର 'ବାଙ୍କୀମୁହାଣରେ ବାଲିରଥ' ପ୍ରଭୃତି ।

## ସ୍ୱକଳ୍ପନା – ଅନୁଭୂତି ଆଧାରିତ ଆଧୁନିକ କ୍ଷୁଦ୍ରଗଳ୍ପ

ଆଧାତ୍ମିକ ଚେତନାଭିତ୍ତିକ ଗଳ୍ପ ରଚନାରେ ଆଧୁନିକ ଓଡ଼ିଆ ସାହିତ୍ୟରେ ମହାପାତ୍ର ନୀଳମଣି ସାହୁ ସର୍ବଦା ଶୀର୍ଷ ସ୍ଥାନରେ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ', 'କପୋତ ପକ୍ଷୀ ଗୁରୁ ମୋର', 'ଅନ୍ଧରାତ୍ରିର ସୂର୍ଯ୍ୟ' ଆଦି ଏହାର ଦୃଷ୍ଟାନ୍ତ । 'କପୋତ ପକ୍ଷୀ ଗୁରୁ ମୋର' ଗଳ୍ପର ନାୟକ ତୀର୍ଥବାସୀ ବାବୁ ସାମାଜିକ କ୍ଷେତ୍ରରେ ଜଣେ ସଫଳ ପ୍ରତିଷ୍ଠିତ ବ୍ୟକ୍ତି । ତାଙ୍କର କୌଣସି ଆର୍ଥିକ ଅଭାବ ନାହିଁ । କିନ୍ତୁ ଏହି ଆର୍ଥିକ ପ୍ରତିଷ୍ଠା ଓ ସମ୍ପଦ ତାଙ୍କୁ ବାନ୍ଧିକରି ରଖିପାରିନାହିଁ । ଆଧାତ୍ମିକ ଚିନ୍ତା ଚେତନାରେ ଆତ୍ମା ତାଙ୍କର ଉଦ୍‌ବୁଦ୍ଧ ହୋଇଉଠିଛି । ସେ ଅନୁଭବ କରିଛନ୍ତି ପୁରୁଷୋତ୍ତମ-କ୍ଷେତ୍ରାଧିମଣି ମହାପ୍ରଭୁ ପୁରୁଷୋତ୍ତମ ହିଁ ଆତ୍ମାର ଆନନ୍ଦ, ଶାନ୍ତି ଓ ସାନ୍ତ୍ୱନାର ଚରମ ସତ୍ତା । ତେଣୁ ସେ ସେହି କ୍ଷେତ୍ର ଆଡ଼କୁ ସେ ଅଗ୍ରସର ହୋଇଛନ୍ତି । ଗାଳ୍ପିକ **ମହାପାତ୍ର ନୀଳମଣି ସାହୁ** ଆଧାତ୍ମିକ ଚେତନାର ଚୂଡ଼ାନ୍ତ ପ୍ରବେଶରେ ପହଞ୍ଚିଥିବା ତୀର୍ଥବାସୀ ବାବୁଙ୍କର ଆବେଗକୁ ଏହିପରି ଚିତ୍ରଣ କରିଛନ୍ତି: "ଜଗନ୍ନାଥ ସଡ଼କ ଉପରକୁ ଉଠି ମୋକ୍ଷ ପଥରେ ପରମ ଉତ୍ସାହରେ ଚାଲିଲେ । ଆଖି ଆଗରେ-ନୀଳଚକ୍ର ଉପରେ ଫରଫର ଉଡୁଛି ଅଧମ ଉଦ୍ଧାରଣ ବାନା.... । ବନ୍ଦିଶାଳାରୁ ଛୁଟିଲା ପରି ତାଙ୍କୁ ହିଁ ଧ୍ୟାନ କରି ତୀର୍ଥବାସୀ ବାବୁ ଆଗେଇଲେ । ପୁରୁଷୋତ୍ତମ କ୍ଷେତ୍ରରେ ତୀର୍ଥବାସୀ ବାବୁ ଲାଭ କରିଛନ୍ତି ଶେଷହୀନ ଆଧାତ୍ମିକ ଆନନ୍ଦ । ଏହି ଆନନ୍ଦର ଶୀର୍ଷ ବିନ୍ଦୁରେ ଥାଇ ସେ ଯେତେବେଳେ ଜାଗତିକ-ଜାଳ-ଯନ୍ତ୍ରଣା-ଜର୍ଜରିତା ପତ୍ନୀଙ୍କୁ ଦେଖିଛନ୍ତି ସେତେବେଳେ ହୃଦୟ ତାଙ୍କର କରୁଣାରେ ବିଗଳିତ ହୋଇଯାଇଛି । ତାଙ୍କୁ ଆଧାତ୍ମିକ ଚେତନାରେ ଉଦ୍‌ବୁଦ୍ଧ



କରିବା ପାଇଁ ଚେତନା ତାଙ୍କର ଓହ୍ଲାଇଆସିଛି ପୂର୍ବତନ ସାମାଜିକ ସ୍ତରକୁ ।”

ଡକ୍ଟର **କୃଷ୍ଣପ୍ରସାଦ ମିଶ୍ର**ଙ୍କର ‘ପଶ୍ଚିମା’ ଗଳ୍ପ ସଂକଳନର ପ୍ରଥମ ଗଳ୍ପ ‘ପଶ୍ଚିମା’, ‘ମାୟା’ (illusion) ଓ ‘ବାସ୍ତବତା’ (reality) ଉପରେ ଆଧାରିତ ଏକ ଆଧ୍ୟାତ୍ମିକ ଗଳ୍ପ । ଏଥିରେ ପଶ୍ଚିମ ଭାରତରୁ ପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିବା ଏକ ଯାତ୍ରୀର ଜଗନ୍ନାଥଙ୍କ ପ୍ରତି ଭକ୍ତି, ଆବେଗ ଓ ଆନ୍ତରିକତା ମଧ୍ୟରେ ଗାଳ୍ପିକ ଶ୍ରୀଜଗନ୍ନାଥ ଚେତନାର କ୍ରମଉତ୍ତରଣ ଘଟାଇଛନ୍ତି । ଯାତ୍ରୀଟି ଏତେ ପରିମାଣରେ ଭାବମୟ ହୋଇପଡ଼ିଥିଲା ଯେ ସେ ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ସାକ୍ଷାତ୍ ପାଇଛି କି ତାହା ଏକ ମାୟା – ଏ ସନ୍ଦେହ ଭିତରେ ଆନ୍ଦୋଳିତ ହୋଇଛି । ଗାଳ୍ପିକ ଦେଖାଇବାକୁ ଚାହାନ୍ତି ଶ୍ରୀଜଗନ୍ନାଥ ଏକାଧାରରେ ବାସ୍ତବ ଓ ଅବାସ୍ତବ, ସ୍ୱରୂପ ଓ ଅରୂପ, ସଗୁଣ ଓ ନିର୍ଗୁଣ ।

ଗାଳ୍ପିକ **ଯଦୁନାଥ ଦାସ ମହାପାତ୍ର**ଙ୍କ ରଚିତ ‘ଇଚ୍ଛାପୂରଣ’ ଗଳ୍ପରେ ଶ୍ରୀଜଗନ୍ନାଥଙ୍କୁ ଇଚ୍ଛାପୂରଣକାରୀ ଦେବତା ଭାବରେ ପ୍ରତିପାଦନ କରିଛନ୍ତି । କଲିକତା ପ୍ରେସିଡେନ୍‌ସି କଲେଜର ସଂସ୍କୃତ ଅଧ୍ୟାପକ ଅଚିନ୍ତ୍ୟବାବୁ ପତ୍ନୀ ମୈତ୍ରେୟୀ, ଏକମାତ୍ର ପୁତ୍ର ସୁଲକ୍ଷଣ (ଆଇ.ଏ.ଏସ୍.) ଅଫିସର ଓ ଏକମାତ୍ର ସୁକନ୍ୟା ସାଙ୍ଗରେ ନେଇ ପୁରୀକୁ ଆସିଛନ୍ତି । ପୁରୀ-ନିବାସୀ ନିବାରଣ ବାବୁଙ୍କ ସର୍ବଗୁଣସଂପନ୍ନା କନ୍ୟା ପ୍ରୀତି ସହିତ ସୁଲକ୍ଷଣର ବିବାହ ପ୍ରସ୍ତାବ ପଡ଼ିଛି । କନ୍ୟା ଦେଖା ହେବ, ତୀର୍ଥ ଦେଖା ବି ହେବ । ଅବସର ନେବାକୁ ଆଉ ମାତ୍ର ତିନି ବର୍ଷ ଅଛି । ପୁଅ-ଝିଅ ଉଭୟଙ୍କୁ ଯେତେ ଶୀଘ୍ର ବାହା ଦେଇପାରିବେ । ସେ ଜଞ୍ଜାଳମୁକ୍ତ ହେବେ । ଶ୍ରୀଜଗନ୍ନାଥ କରୁଣାରୁ ମନ୍ଦିରରେ ପୁଅର ଝିଅ ସହିତ ନିର୍ବନ୍ଧ ମଧ୍ୟ ହୋଇଯାଇଛି । ନିବାରଣ ବାବୁଙ୍କ ପୁଅ ଅଧ୍ୟାପକ ସଂଗ୍ରାମ ସହିତ ସୁନୟନାର ଅସତ୍ୟାଶ୍ରିତ ଭାବରେ ବିବାହ ପ୍ରସ୍ତାବ ଗୃହୀତ ହୋଇଯାଇଛି। ଅଚିନ୍ତ୍ୟ ବାବୁଙ୍କ ଭାଷାରେ- “ଏଥିପାଇଁ ବୋଧହୁଏ ଜଗନ୍ନାଥଙ୍କ ଡୋରୀ ଆମକୁ ଏଠିକି ଟାଣି ଆଣିଲା । ଆମ ଜୀବନର ଏ ଶେଷ କାମ ସମ୍ପାଦନ କରିବା ପାଇଁ ଆଜି ଆମେ ଏଠିକି ଟଣା ହୋଇଆସିଲେ । ସେମାନେ ସମସ୍ତେ ଭାବୁଥିଲେ- ଜଗନ୍ନାଥ ଏମିତି ସମସ୍ତଙ୍କର ଇଚ୍ଛା ପୂରଣ କରନ୍ତି ।” ଗାଳ୍ପିକ ନିବାରଣ ବାବୁଙ୍କ ମୁଖରେ ଶ୍ରୀଜଗନ୍ନାଥ ଧାମର ମହତ୍ତ୍ୱ ବର୍ଣ୍ଣନା କରାଇଛନ୍ତି- “ସମୁଦି ! ଏଇ ସେଇ ସ୍ଥାନ, ଯେଉଁଠି ଅଚ୍ଛବ ଦାସିଆ ବାଉରୀ ହାତରୁ ଶ୍ରୀଫଳକୁ ନିଜେ ପ୍ରଭୁ ସ୍ୱହସ୍ତରେ ଗ୍ରହଣ କରିଥିଲେ । ଇଏ ସେହି ସ୍ଥାନ ଯେଉଁଠି ଯବନ ସାଲବେଗ ଭକ୍ତିରସରେ ସ୍ରୋତ ଛୁଟାଇ ଦେଇଥିଲେ । ଶବର, ବୌଦ୍ଧ, ଜୈନ, ହିନ୍ଦୁ ସଂସ୍କୃତିର ସମନ୍ୱୟ ପୀଠ ଏହି କ୍ଷେତ୍ର । ଏଠି ନାହିଁ ଜାତି ନାହିଁ ଭେଦ ଏବଂ ଉଚ୍ଚ-ନୀଚର ପ୍ରଭେଦ । ସମଗ୍ର ଜଗତର ନାଥ ଶ୍ରୀଜଗନ୍ନାଥ ପୂଜିତ ଏଠି । ସେ କୌଣସି ଜାତି ବା ସଂପ୍ରଦାୟର ନୁହଁନ୍ତି । ସିଂହାସନ ଉପରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ପୂଜା ପାଉଛନ୍ତି । ତିନି ଠାକୁରଙ୍କ ଦେହର ରଙ୍ଗ ତିନି ପ୍ରକାର ସମଗ୍ର ମଣିଷ ସମାଜକୁ ଦେହର ରଙ୍ଗ ଦ୍ୱାରା ଯଦି ସୂଚିତ କରାଯାଏ ଓ ବିଭକ୍ତ କରାଯାଏ ଏହି ତିନି ରଙ୍ଗର ମଣିଷ ହିଁ ପୃଥିବୀରେ ବାସ କରନ୍ତି । ଯେଉଁମାନେ ତିନି ଠାକୁରଙ୍କୁ ଏକ ରଙ୍ଗରେ କଳ୍ପନା କରିଛନ୍ତି, ସେମାନେ ଜଗନ୍ନାଥ ସଂସ୍କୃତିକୁ ସମଗ୍ର ବିଶ୍ୱର ସଂସ୍କୃତି ଓ ଜଗନ୍ନାଥଙ୍କୁ ସମଗ୍ର ମଣିଷର ଜାତିର ଦେବତା ଭାବରେ କଳ୍ପନା କରିଛନ୍ତି ।”

**ବ୍ରଜମୋହନ ମହାନ୍ତି**ଙ୍କ ‘ଚକାଡ଼ୋଳା’ ଗଳ୍ପରେ ଜଣେ ନାସ୍ତିକ ମାନ୍ୟତା କ୍ଷମତାନ୍ଧ ଆଇ.ଏ.ଏସ୍. ଅଫିସରଙ୍କ ହୃଦୟରେ ଜଗନ୍ନାଥ ଭକ୍ତି ଉଦ୍ରେକର ପୃଷ୍ଠଭୂମି ଉପରେ ପ୍ରସ୍ତୁତ କରିଛନ୍ତି । **ନିମାଇଁ ପଟ୍ଟନାୟକ**ଙ୍କର ‘କାଳପୁରୁଷ’ ଗଳ୍ପ ଏକ ଦେବଦାସୀ ସହିତ ଶ୍ରୀଜଗନ୍ନାଥଙ୍କର ସମ୍ପର୍କକୁ ନେଇ ପରିକଳ୍ପିତ । ପିଲାଦିନରୁ ସୁନା ମାଆର ନିର୍ଦ୍ଦେଶରେ ପ୍ରତିଦିନ ଶ୍ରୀମନ୍ଦିରକୁ ଯାଇ ଜଗନ୍ନାଥଙ୍କ ଶ୍ରୀ ଗୀତଗୋବିନ୍ଦର ସଙ୍ଗୀତ ଗାଇ ଛାନ୍ଦଚପଳ ନୃତ୍ୟ ପରିବେଷଣ କରିଆସୁଥିଲା, କିନ୍ତୁ ଯେଉଁ ଦିନ ତା’ପାଇଁ ଆକସ୍ମିକ ବିବାହ ପ୍ରସ୍ତାବ ଆସିଲା ଓ ସେହି ଦିନ ବିବାହ ପ୍ରତିଷ୍ଠିତ ହେବ ବୋଲି ସ୍ଥିରୀକୃତ ହେଲା । ତା’ର ମା’ ତାକୁ ଆଉ ମନ୍ଦିରକୁ ଛାଡ଼ିଲା ନାହିଁ । ସୁନା ଯେତେ ବିକଳ ହୋଇ କହିଲା ଟିକିଏ ମହାପ୍ରଭୁଙ୍କ ଦର୍ଶନ କରିଆସିବି ତା’ ପାଇଁ ମଧ୍ୟ ମା’ ତାକୁ ଛାଡ଼ିଲା ନାହିଁ । ଅଧିକ ଜିଦ୍ ଧରି ବସିବାରୁ ମା’ ତାକୁ ବେଲଣା ବାଡ଼ିରେ ପିଟିପିଟି ଗୋଟିଏ କୋଠରୀରେ ବନ୍ଦ କରିଦେଲେ । ସେହି କୋଠରୀରେ ଥିବା ଶ୍ରୀଜଗନ୍ନାଥଙ୍କୁ ଚାହିଁ ସେହି କୋଠରୀକୁ ମହାପ୍ରଭୁଙ୍କ ରତ୍ନସିଂହାସନ ଭାବି ସେ ନାଚିବାକୁ ଲାଗିଲା । ଉପବାସରେ ଦେହ ତା’ର ଥିଲା ଅବଶ, ନାଚିନାଚି ସେ ଆହୁରି ଅବଶ ହୋଇଗଲା । କ୍ରମେ ସେ ଚଟାଣରେ ଟଳିପଡ଼ିଲା । ଶ୍ରୀଜଗନ୍ନାଥ ଆସି ତାକୁ ଡାକି ଆନନ୍ଦରେ ଆଲିଙ୍ଗନ କରି ଗୀତଗୋବିନ୍ଦର ସେହି ମଧୁର ସଙ୍ଗୀତ ଗାନ କରିବାକୁ ଅନୁରୋଧ କଲେ । ଚେତନାରେ ସେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କଲା । କିନ୍ତୁ ପରମୁହୂର୍ତ୍ତରେ ସେ ସବୁଦିନ ପାଇଁ ଆଖି ବୁଜି ଦେଲା । ବର ଘର ପାଖରେ ପହଞ୍ଚିଲା ପରେ ସୁନାକୁ ଡାକିଡାକି ବାପାମାଆ ନିରାଶ ହେଲେ । କବାଟ ଭାଙ୍ଗି ଦେଖନ୍ତି, ନ୍ତସନ୍ଧ୍ୟାର ପଦ୍ମପରି ସୁନାର ସୁନାଦେହ ମହମ ନିଦରେ ଶୋଇରହିଛି ଚଟାଣରେ, କପାଳରେ ତା’ର ଅଗୁରୁ, ଚନ୍ଦନ, କସ୍ତୁରୀ, କୁଙ୍କୁମ ଓ ଗୋରଚନାର ମକରିକା । ଦେହରେ ପାଟ । ଗଳାରେ ଗଜରା ଫୁଲର ହାର ଲମ୍ବିଛି । କି ଅପୂର୍ବ ସୁବାସରେ ସୁରଭିତ ତା’ର ଅଙ୍ଗଲତା ସତେଜ ସୁନ୍ଦର ! ରଥଶର୍ମା ସୁନାକୁ ଦେଖି ଭୋଭୋ କାନ୍ଦି ପକାଇ କହିଲେ, “ଧନ୍ୟରେ କାଳିଆ ଏବେବି ତୋ’ର ଲୀଳା

ସରିନାହିଁ ।" ଗାଳ୍ପିକ ସୁନାର ମାନସିକ ପ୍ରତିକ୍ରିୟା ମାଧ୍ୟମରେ ସୁନାକୁ ଏକ ନଦୀ ଓ ଶ୍ରୀଜଗନ୍ନାଥଙ୍କୁ ଏକ ସମୁଦ୍ର ସହ ତୁଳନା କରିଛନ୍ତି । ନ୍ତତମର ଇଚ୍ଛା ଥିଲେ ତମେ ଆସି ଏଇଠି ଉଭା ହୋଇ ନାଚ ଦେଖିଛ । ନଦୀକୁ ବନ୍ଧ ପକାଇ ଅଟକାଇ ଦେଲେ ସମୁଦ୍ର ସିନା ତା' ପାଖକୁ ଆସିପାରେ ନାହିଁ, ତମେ ତ ଆସିପାରିବ ? ନ ହେଲେ ରାତିରାତି ବନ୍ଧ ଭାଙ୍ଗି ଦେଇ ନଦୀକୁ ନେଇ ସମୁଦ୍ର ଛାତିରେ ମିଳାଇ ପାରିବ । ମୁଁ ଯଦି ନଦୀ ହୋଇଥାନ୍ତି, ଶେଷରେ ମିଳନ୍ତି ଜଳଧିରେ ଆପଣା ଗୁଣ ପାଶୋରନ୍ତି । ଲବଣ ଗୁଣକୁ ଭଜନ୍ତି ।ନ୍ତ ସୁନା ନାଚିଲାବେଳେ ତା'ର ବିଚିତ୍ର ଅନୁଭୂତିକୁ ଗାଳ୍ପିକ ଏହିପରି ବର୍ଣ୍ଣନା କରିଛନ୍ତି; ନାଚୁନାଚୁ ବିଭୋର ହୋଇଗଲା । ତା'ର ଧାରଣା ହେଲା, ଜଗମୋହନ ଭିତରେ ସେ ନାଚୁଛି, ବନ୍ଦ ଅଛି କବାଟ । ଜଗନ୍ନାଥ ହସୁଛନ୍ତି । ହସୁଛି ତାଙ୍କର ଚକାନୟନ । ତାକୁ ଲାଗିଲା, ସେ ଯେମିତି ଆଉ ତା' ନିଜ ଆୟତ୍ତ ଭିତରେ ରହିପାରୁ ନାହିଁ । ନିଜ ସହିତ ତା'ର ସମ୍ପର୍କ କ୍ରମେ ଦୁର୍ବଳ ହୋଇଆସୁଛି । ଜଗନ୍ନାଥଙ୍କର ସୂକ୍ଷ୍ମ ଚେତନାରେ ନିମଜ୍ଜିତ ହେଲେ ପାର୍ଥିବ ଚେତନା କ୍ରମଶଃ ଲୋପ ପାଇଯାଏ – ଏହାହିଁ ଦେଖାଇବା ଗାଳ୍ପିକଙ୍କର ଆଭିମୁଖ୍ୟ ।

ଗାଳ୍ପିକ **ଚନ୍ଦ୍ରଶେଖର ରଥ** 'ଭାବକୁ ନିକଟ' ଗଳ୍ପରେ ପ୍ରମାଣିତ କରିଛନ୍ତି ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଭାବକୁ ନିକଟ ଅଭାବେ ଅଭେଟ । ବହୁ ଦୂରରୁ ଶେଖ୍ ମାଣିକରାମ କରୋଡ଼ମଲ୍ଲ ସହିତ ଛ' ଖଣ୍ଡ କାର୍ ପୁଅବୋହୂ, ନାତିନାତୁଣୀ, ଡାକ୍ତର, ନର୍ସ ଗହଣରେ ଆସିଥାନ୍ତି ପୁରୁଷୋତ୍ତମ କ୍ଷେତ୍ରକୁ ଜଗନ୍ନାଥ ଦର୍ଶନ ପାଇଁ । ପଞ୍ଚାଅଶୀ ବର୍ଷ ତଳେ ତାଙ୍କ ବାପା ମାଆ ଆସି ଜଗନ୍ନାଥଙ୍କ ଦର୍ଶନ କରିଯାଇଥିଲେ । ପୁଅଟିଏ ମାଗିଥିଲେ କୁଳ ମଣ୍ଡିବାକୁ । ମାଣିକରାମ ସେହି କୁଳ ମଣ୍ଡନ ପୁତ୍ର । କିନ୍ତୁ ଅଚଳାଚଳ ସମ୍ପତ୍ତିର ଜାଲ ଆଡ଼େଇ ଦେଇ କେବେ ହେଲେ ଶ୍ରୀକ୍ଷେତ୍ରକୁ ଆସି ଆଖି ପଖାଳି ପାରି ନାହାଁନ୍ତି । ଯେତେବେଳେ ପଥର ପରି ରୋଗର ବୋଝ ମଡ଼େଇ ହୋଇଗଲା ସେତେବେଳେ ଜଗନ୍ନାଥଙ୍କ ଦର୍ଶନ ପାଇଁ ମନ ବଳାଇଲା । ଶ୍ରୀକ୍ଷେତ୍ର ସେ ବିଳାସପୂର୍ଣ୍ଣ ହୋଟେଲ ଛାଡ଼ି ଧର୍ମଶାଳା ତଳେ ଗଦି ପକେଇ ବିଶ୍ରାମ ନେଲେ । ଆଶ୍ଚର୍ଯ୍ୟର କଥା, ସେ ଏ କ୍ଷେତ୍ରରେ ପହଞ୍ଚିଲା ପରେ ଅପ୍ରତ୍ୟାଶିତ ଭାବରେ ସୁସ୍ଥତା ଅନୁଭବ କଲେ । ପରଦିନ ପରିବାରର କନ୍ୟାକୁ ସଙ୍ଗରେ ନନେଇ ନିଜ ପଣ୍ଡା, ଜଣେ ସରକାରୀ କର୍ମଚାରୀ ସହ ପ୍ରଭୁଙ୍କ ଦର୍ଶନ କରିବାକୁ ଗଲେ । ପଣ୍ଡାମାନେ ଯେତେ ଚେଷ୍ଟା କଲେ ମଧ୍ୟ ସେ ଠାକୁରଙ୍କୁ ଦେଖିବାରେ ସମର୍ଥ ହେଲେ ନାହିଁ । ମାଣିକରାମ ଛୁଆଙ୍କ ଭଳି ଭୋଭୋ କାନ୍ଦ ଛାଡ଼ିଲେ । ସେ ସ୍ୱୟଂ ଅନୁଭବ କଲେ ଯେ ସେ ମହାପାପୀ । ପରିବାରର ସମସ୍ତଙ୍କୁ ସ୍ୱ-ସ୍ଥାନକୁ ଫେରାଇ ଦେଇ ନିଜେ ଶ୍ରୀକ୍ଷେତ୍ରରେ ରହିଯିବା ପାଇଁ ମନସ୍ଥ କଲେ । ରାତିରେ ସେ ଅନୁଭବ କଲେ ତାଙ୍କର ତେଲ ମିଲ୍, ଲୁଗାକଳ, ସ୍କୁଟର, ମଟରଗାଡ଼ି, କାରଖାନା ସବୁକିଛି ଲକ୍ଷ ଲକ୍ଷ ଗରିବ ଲୋକଙ୍କର ଶୋଷିତ ରକ୍ତ ଉପରେ ଗଢ଼ି ଉଠିଛି । ଅନୁତାପ ଅଗ୍ନିରେ ସେ ଦଗ୍ଧିଭୂତ ହେଲେ । ସେ ଅନୁଭବ କଲେ, ଜଗନ୍ନାଥଙ୍କ ନିକଟକୁ ସେ ଯାଇଥିଲେ ଧନର ବଢ଼େଇ ଦେଖେଇ, ମନ ନେଇ ନୁହେଁ, ଭାବ ନେଇ ନୁହେଁ । 'ଭାବ'ରେ ସେ ଉଚ୍ଛୁଳି ଉଠିଲେ । ପରଦିନ ଯେତେବେଳେ ପରିବାରର ସମସ୍ତେ ପୁରୀରୁ ବିଦାୟ ନେବାକୁ ତତ୍ପର, ମାଣିକରାମ ଜଣାଇଦେଲେ ନିଜର ନିଷ୍ପତ୍ତି ଯେ ସରିଯାଇଛି ତାଙ୍କର ଯାତ୍ରା, ସେ ଆଉ କୁଆଡ଼େ ଯିବେ ନାହିଁ । ଏହି ସମୟରେ ଶ୍ରୀଜଗନ୍ନାଥ ଛଦ୍ମବେଶରେ ଆସି ଏକ ବଡ଼ ତାଳପତ୍ର ଭୋଗେଇରେ ଶୁଖିଲା ପ୍ରସାଦ ଦେଇଗଲେ, ପୁଣି ପଇଡ଼ବାଲାକୁ ପଠେଇ ସମସ୍ତଙ୍କୁ ପଇଡ଼ ପିଆଇଲେ । ତା'ପରେ ଜଣେ ପଣ୍ଡାକୁ ପଠେଇ ମାଣିକରାମ ଓ ତାଙ୍କ ପରିବାରକୁ ଶ୍ରୀମନ୍ଦିରକୁ ଡାକିନେଲେ । 'ଭାବ'ରେ ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଚାହିଁବାରୁ ଜଗନ୍ନାଥ ତାଙ୍କୁ ଦର୍ଶନ ଦେଲେ । ମାଣିକରାମଙ୍କ ଭିତରେ ଗାଳ୍ପିକ ଜଗନ୍ନାଥ- ଚେତନାର ଯେଉଁ କ୍ରମବିକାଶ ଘଟାଇଛନ୍ତି, ତାହା ଲକ୍ଷ୍ୟ କରିବାର କଥା । ପ୍ରଥମେ ଆବେଗ, ପାପ ସ୍ୱୀକାର, ଧନର ଅହଂକାର ଖର୍ବ ଓ ଶେଷରେ 'ଭାବ'- ତନ୍ମୟତା ହେଉଛି ଶ୍ରୀଜଗନ୍ନାଥ – ଚେତନାର ବିଭିନ୍ନ ସୋପାନ । ମାଣିକରାମ ନିଜର ଐଶ୍ୱର୍ଯ୍ୟକୁ ବିସ୍ମୃତ ହୋଇ ନିଜର ପ୍ରକୃତ ପରିଚୟ ପାଇଛନ୍ତି, ତେଣୁ କହିଛନ୍ତି– "ମାଣିକରାମ ତ ଫକୀର ! ଭିକମଗା, ସେ ଏବେ ରାସ୍ତାକଡ଼ର ପୋକ ।" ମୋର ସମ୍ମାନ ? ମୋର ତ ଏ ପୁରୁଣା ଦେହଟାକୁ ଛାଡ଼ିଦେଲେ ଆଉ କିଛି ସମାନ ନାହିଁ । ଏଇଟା ବି ବେଶି ଦିନ ନୁହେଁ ଯାହା ତୁ ଦେଇଛି ତାକୁ ପୁଣି ଶୁଝିଦେବି । ଖାଲି ତା'ର ଦେଖା ପାଇଲେ ହେଲା । ଏଠି ରାସ୍ତା ଖୁବ୍ ଚଉଡ଼ା ।" ତାହା ପରେ ସେ ଯାଇ ପ୍ରଭୁଙ୍କ ଦର୍ଶନ ପାଇଁ ଯୋଗ୍ୟ ହୋଇଛନ୍ତି । ପ୍ରଭୁଙ୍କ ଦର୍ଶନ ମିଳିବା ସମୟରେ ମାଣିକରାମ ଓ ତାଙ୍କ ପରିବାର ଲୋକମାନଙ୍କର ଅନୁଭୂତିକୁ ଗାଳ୍ପିକ ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି: "ତାଙ୍କର ଶୂନ୍ୟ ସମୁଦ୍ରରେ ଜହ୍ନ ଉଇଁଲା ପରି ପ୍ରଭୁ ଉଦୟ ହୋଇଗଲେ । ଆକାଶ ଭରିଗଲା ଚନ୍ଦନରେ । ତାଙ୍କ ଛଳଛଳ ଆଖିରେ ଉଜାଣି ସମୁଦ୍ର । ମନପ୍ରାଣରେ ମହମହ ଆକାଶ ଶୁଖିଲା ଓଠପରି ତାଙ୍କ ଆଖିରେ ଅସୁମାରୀ ଶୋଷ । ସେ ପଥର ଖୁଣ୍ଟିକୁ ଆଉଜି ଅନେଇଥାନ୍ତି । ପ୍ରାଣ ଲହଡ଼ି ତୋଳୁଥାଏ । ପୁରି ଥରୁଥାଏ । ସିଂହାସନରୁ ଜଗମୋହନ ଯାଏଁ ଗୋଟଏ ଥନଥନ ସମୁଦ୍ର ତୋଳି ହୋଇ ରହିଥାଏ । ମାଣିକରାମଙ୍କର ସନ୍ତୁଷ୍ଟ ଆତ୍ମା ଉପରୁ ସବୁ କୁହୁଡ଼ି ଅପସରି ଯାଇଛି । ସେଇଠୁ ତାଙ୍କୁ ଉଠେଇ ଆଣିଲା ବେଳକୁ ତାଙ୍କର କୌଣସି ପ୍ରତିବାଦ ନାହିଁ ।" ଗାଳ୍ପିକ ଶ୍ରୀକ୍ଷେତ୍ରର ମହତ୍ତ୍ୱ ଏବଂ ବିଶେଷତ୍ୱ ପ୍ରତିପାଦନ କରିବାକୁ ଯାଇ ଦର୍ଶାଇଛନ୍ତି ଯେ ଏଠାରେ ଧନ ବଡ଼ ନୁହେଁ, ମନ ବଡ଼ । ମାଣିକମରାଙ୍କୁ ପ୍ରସାଦ ଆଣି ଦେଇଥିବା ବାଳକକୁ ବଡ଼ପୁଅ ମୂଲ୍ୟ ଦେବା ପାଇଁ ଚାରି-ପାଞ୍ଚଟା ଶହେ ଟଙ୍କିଆ ନୋଟ୍ ବାହାର କରିଛି । କିନ୍ତୁ ପଇସା ନ ଦେଇ ବାଳକ ଅନ୍ତର୍ହିତ ହୋଇଛି । ପଇସା ପାଇଁ ଏଠି ବିକ୍ରେତାର ମୋହ ନାହିଁ । ପଇଡ଼ ବିକ୍ରେତାକୁ ପଇସା ଯାଚିଲା ବେଳେ ସେ କହିଛି, "ଆରେ ପଇସା ନେଇ ମୁଁ କ'ଣ କରିବି । ଦାତା ଦେଲା ପଇଡ଼ ମୁଁ ବାଣ୍ଟିଲି । ଏଠି ଦେଲାବାଲା କେବଳ ଜଣେ । ବାକି ଯେ ଯେତେ ପାରିଲା ନେବା ଲୋକ ।"

**ରତ୍ନାକର ପତି**ଙ୍କର 'ଚକାଡ଼ୋଳାର ଚକ' ଗଳ୍ପରେ ଜଗନ୍ନାଥ ଭକ୍ତି ନାମରେ ମଣିଷ ସମାଜରେ ଚାଲିଥିବା ଅମଣିଷପଣିଆ ପ୍ରତି ଶାଣିତ ବ୍ୟଙ୍ଗ ରହିଛି । ଏକ ରଥଯାତ୍ରାରେ ଗୋଟିଏ ବୁଢ଼ା ଉପରେ ଲୋକମାନେ ମାଡ଼ିଚକଟି ଯାଇଛନ୍ତି, ତା'ର ପ୍ରାଣବାୟୁ ଉଡ଼ିଯାଇଛି । କିନ୍ତୁ ସେଥିପ୍ରତି କାହାରି ଖାତିର୍ ନାହିଁ । ଲେଖକ ଏ ପ୍ରସଙ୍ଗରେ ଶ୍ରୀଜଗନ୍ନାଥଙ୍କ ମୁହଁରେ କୁହାଇଛନ୍ତି: "ମୁଁ କ'ଣ କରିବି ଭାଇ ? ମୋ ହାତ ତ ଏମାନେ କାଟି ଦେଇଛନ୍ତି । ଆଉ ଏମାନେ ଯେଉଁ ଧର୍ମ ନାମରେ ହୋମକୁଣ୍ଡରେ ଆହୁତି ଜାଳୁଛନ୍ତି, ସେ ନିଆଁ ମୋ ମୁହଁକୁ ପୋଡ଼ି ଅଙ୍ଗାର କରି ଦେଇଛି ।" **ରଶ୍ମିରେଖା ମହାପାତ୍ର** 'ନୀଳଚକ୍ର' ଗଳ୍ପ ମାଧ୍ୟମରେ ଦର୍ଶାଇଛନ୍ତି ମହୋଦଧି ଓ ନୀଳଚକ୍ରକୁ ସମୟର ସ୍ରୋତ ସ୍ପର୍ଶ କରିପାରିବ ନାହିଁ । ସେ ପରାଶରଙ୍କର ବ୍ୟାକୁଳ ନିବେଦନ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କୁ ମାନବିକତାର ଅଭିବିକାଶ ପାଇଁ ନିବେଦନ ଜଣାଇଛନ୍ତି: "ମୋ ଆଖିରେ ତମ ଆଖି ମିଳିଗଲା । ଏବେ ଜାଣିଲି ମୋ ଆଖି କିଛି ନୁହେଁ ତମର କମଳ ପତ୍ର ପରି ଗୋଲ ଗୋଲ ଆଖି ହିଁ ମୂଳ । ଏବେ ମୋର ନିବେଦନ ମୁଁ 'ମୁଁ' ସହି ପାରୁନାହିଁ । ତମେ ମଣିଷ ପରି ହୋଇଯାଅ । ମନେରଖ ମୁଁ, ଜଣେ ମଣିଷ ।" ଗାଳ୍ପିକ **ରବୀନ୍ଦ୍ର ନାରାୟଣ ମିଶ୍ର** 'ନାଆ-ନାଉରୀ-ନରେନ୍ଦ୍ର' ଗଳ୍ପରେ ଶ୍ରୀଜଗନ୍ନାଥଙ୍କର ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନଯାତ ପ୍ରସଙ୍ଗ ଉତ୍ଥାପନ କରି ନାଆ ଓ ନାଉରୀର କଥୋପକଥନ ମାଧ୍ୟମରେ ଦର୍ଶାଇଛନ୍ତି: "ରାମ, କୃଷ୍ଣ ଓ ଜଗନ୍ନାଥ ଅଭିନ୍ନ, କେବଳ ଭିନ୍ନ ଅବତାରରେ ନାମ ତାଙ୍କର ଭିନ୍ନ ଭିନ୍ନ । ରାମ ଅବତାରରେ ସେ ମିଥିଳାକୁ ଗଲାବେଳେ ଗଙ୍ଗାନଦୀ ପାର ହେବାକୁ ନୌକାବିହାର କରିଥିଲେ । କୃଷ୍ଣ ଅବତାରରେ ରାଧାଙ୍କ ସହିତ ଯମୁନାରେ ନୌକାବିହାର କରିଥିଲେ ଓ ଏବେ କଳିଯୁଗରେ ଶ୍ରୀଜଗନ୍ନାଥ ଅବତାରରେ ଲକ୍ଷ୍ମୀ ସରସ୍ୱତୀକୁ ସଙ୍ଗରେ ନେଇ ନରେନ୍ଦ୍ର ସରୋବରରେ ନୌକାବିହାର କରୁଛନ୍ତି ।"

ଏହିପରି ଭାବରେ ସ୍ପଷ୍ଟ ଭାବେ ଅନୁମେୟ ହୁଏ ଯେ ଓଡ଼ିଆ ଗଳ୍ପ ସାହିତ୍ୟ ଶ୍ରୀଜଗନ୍ନାଥଙ୍କ ଚିନ୍ତାଚେତନା ମିଶ୍ରିତ ପ୍ରଶସ୍ତିରେ ବିରତ ହୋଇନାହିଁ ।

ପ୍ରସଙ୍ଗ-୧

# ପତିତପାବନଙ୍କୁ ପ୍ରାର୍ଥନା



# ଉଇଁ ଆସୁଚି କି ପୂର୍ଣ୍ଣିମା ଶଶୀ ମଧୁସାଗରୁ...

**ପ୍ରଜ୍ଞାଶ୍ରୀ ରଥ**
ବି-୨୦୧, ଡୁମୁଡୁମା, ଫେଜ୍ ୬, ଏଚ୍ଆଇଜି ଫ୍ଲାଟ୍ସ୍,
ଭୁବନେଶ୍ୱର-୭୫୧୦୧୯
ଫୋନ: ୯୪୩୭୦୩୩୨୧୦

ଫଟୋ ସୌଜନ୍ୟ : ଗୁଗୁଲ୍

ଜୟ ଜୟ ଜଗନ୍ନାଥ । ଜୟ ଜୟ ବଳୀୟାର ଭୁଜ । ଜୟ ବଡ଼ବାଡ଼ ମଣିମା । ଜୟ ମା କାମ୍ପିଲ୍ୟବାସିନୀ ଦେବୀ ସୁଭଦ୍ରା । ଜୟ ଚକ୍ରରାଜ ସୁଦର୍ଶନ । ଜୟମା ସାନ୍ତାଣୀ, ଭଣ୍ଡାରଘରଣୀ ଲକ୍ଷ୍ମୀ ଠାକୁରାଣୀ । ଜୟ ପତିତପାବନ ବାନା । ଜୟ ଜୟ ନୀଳଚକ୍ର । ଜୟ ଜୟ ହୋ ବାଇଶି ପାହାଚ । ଜୟ ଜୟ ଜୟ ବିଜୟ ଦ୍ୱାର । ଜୟ ଗରୁଡ଼ସ୍ତମ୍ଭ । ଜୟ ନୀଳାଦ୍ରିନୀଳକନ୍ଦର ନିବାସୀ ନୀଳଜୀମୂତ ଦେହକାନ୍ତି, ବଳୟମଣି ଝଟକନ୍ତି, ଜୟ ଗୋପାଳବାଳକ ନବଜଳଧର ରୂପୀ ମହାବାହୁ, ମଣିମା, ବିଜେ କରିବା ହେଉ ଏ ଧୂଳିଧୂସରିତ ବଡ଼ଦାଣ୍ଡକୁ । ବିଜେ କରିବା ହେଉ ଏ ପାପତାପଭରା ସଂସାର ସାଗରର ଅଥୟ ଜନସମୁଦ୍ରକୁ । ଦୁଃଖୀ ରଙ୍କି, ଆର୍ତ୍ତୀ, ଅର୍ଥାର୍ଥୀ, ଭିକ୍ଷୁ, ସନ୍ନ୍ୟାସୀ, ଗୃହୀ, ରାଜନ୍ୟମଣ୍ଡଳୀ ସମସ୍ତଙ୍କର ଦୁଃଖ ଶୁଣିବାକୁ ଅବଧାନ ହେଉ ମଣିମା । ଏ ଦେହର ଶ୍ରୀକ୍ଷେତ୍ରରେ ଆପଣ ଆତ୍ମା ରୂପେ ବିରାଜିତ ହୋଇ ଅନନ୍ତକୋଟି ବ୍ରହ୍ମାଣ୍ଡର ଅଧୀଶ୍ୱର ହୋଇ ନିତ୍ୟ ଲୀଳାଚପଳ ହେବାକୁ କୃତାଞ୍ଜଳିପୁଟେ ନିବେଦନ କରୁଅଛୁ । ଏ ଦରିଦ୍ର ଜାତିର ଦୋଷ ମାର୍ଜନା କରନ୍ତୁ ମଣିମା । ଏ ବଡ଼ଦାଣ୍ଡ ଆପଣଙ୍କ ଉପସ୍ଥିତିରେ ଧନ୍ୟ ହେଉ....

ଚକେର ଚନ୍ଦ୍ର ଦେଖି ଯେହ୍ନେ
ଅମୃତ ପିଅଇ ଲୋଚନେ
ମନ ନିବେଶି ବିଷ୍ଣୁପାଦେ
ଆନନ୍ଦ ଶୋକ ଗଦଗଦେ...
ହେ ଯଜ୍ଞେଶ୍ୱର ଜଗନ୍ନାଥ
ତୋର ଚରଣ ସର୍ବ ତୀର୍ଥ
ସର୍ବମଙ୍ଗଳ ତୋର ନାମ
ରୂପ ଅରୂପ ଅନୁପମ
ଶରଣାଗତ ଦୁଃଖହର
ତୁ ନାଥ କରୁଣାସାଗର... ।

ବାଟ ଉଛୁଳି ପଡୁଚି ଗହଳିରେ, ଆଖି ଉଛୁଳି ପଡୁଚି ଲୋତକରେ, ମନ ଉଛୁଳି ପଡୁଚି ଏ ଦର୍ଶନରେ । "ଆଗେ ଚଳେ ବଳଭଦ୍ର, ମଧ୍ୟେ ଚାନ୍ଦମୁହିଁ, ଆସୁଚି କାଳିଆ ପଛେ ଗହଳ ଲଗାଇ, ଜଗବନ୍ଧୁ ହେ ଗୋସାଇଁ....ତୁମ୍ଭ ଶ୍ରୀଚରଣ ବିନୁଁ ଅନ୍ୟ ଗତି ନାହିଁ..." ଆପଣଙ୍କ କୃପାକଟାକ୍ଷରୁ କାଣିଚାଏ ପାଇ ଯବନସୂତ ସାଲବେଗ ଲେଖିଲେ ହୃଦୟଥରା ଗୀତମାନ । ଆପଣଙ୍କ କୃପାରୁ ମତ୍ତ ବଳରାମ ଦାସେ ଲେଖିଗଲେ ଦାଣ୍ଡି ରାମାୟଣ । ଆପଣଙ୍କ ଶ୍ରୀମୁଖ ଦର୍ଶନ କରି ଓଡ଼ିଆଙ୍କ କବିସମ୍ରାଟ ମୁକୁଟ ଖୋଲି ନତମସ୍ତକ ହୋଇ ଗାଇଲେ: "ମାନ ଉଦ୍ଧାରଣ କର ହେ କାରଣ ଶରଣ ମୁଁ ତୁମ୍ଭ ପାଦ ତଳେ, ଅନାଥର ନାଥ ନୀଳଗିରି ନାଥ ଜଗନ୍ନାଥ ନାମ ନୀଳାଚଳେ"...ଆପଣ ହିଁ ଏ ଜାତିର ଆରମ୍ଭ ଓ ଶେଷ ଗଢ଼ିଛନ୍ତି । ଆପଣଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ହିଁ ଓଡ଼ିଆ ଜନଜୀବନର ବୈଶିଷ୍ଟ୍ୟ ।

ସଂପ୍ରତି ବାଲେଶ୍ୱରର ବାହାନଗା ଠାରେ ନିଦାରୁଣ ରେଳ ଦୁର୍ଘଟଣାରେ ଶତାଧିକ ଲାକ ପ୍ରାଣ ହରାଇଲେ ଓ ହଜାରେରୁ ଅଧିକ ଲୋକ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଅଦ୍ୟାବଧି ଚିକିତ୍ସିତ ହେଉଛନ୍ତି । ଆପଣ ଅଶରଣର ଶରଣ, ଅଗତିର ଗତି ହୋଇଥିବାରୁ ଆପଣଙ୍କ ଛତ୍ରଛାୟା ତଳେ ପ୍ରତିପାଳିତ ଶତାଧିକ ଓଡ଼ିଆ ପୁଅଝିଅ ସ୍ୱତଃସ୍ଫୂର୍ତ୍ତ ଭାବେ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ରହି ଯେଉଁ ନିରବଚ୍ଛିନ୍ନ ସେବା ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେଲେ, ନିଜର ରକ୍ତଧାର ଦେଇ ସଂଖ୍ୟାଧିକ ଆହତଙ୍କ ଦୁର୍ମୂଲ୍ୟ ଜୀବନ ବଞ୍ଚାଇଲ ତାହା ବିଶ୍ୱ ଦରବାର ଦେଖିଲା ହେ ଦାରୁଦେବତା ! ଆପଣ ଓଡ଼ିଆଙ୍କ ପ୍ରାଣଦେବତା ହୋଇ ସ୍ୱୟଂ ସେଠାରେ ବରଦ ମୁଦ୍ରାରେ ଉଭା ହେଲେ କି !

କିଛି କିଛି ଭକ୍ତ ଅଭିମାନ ଛଳରେ ଆପଣ ଥାଉଁ ଥାଉଁ ଏତେବଡ଼ ଗୋଟେ ଦୁର୍ଘଟଣାକୁ କିପରି ରୋକି ପାରିଲେନି ତାହା ଅଭିଯୋଗ କରି ଆପଣ ଚାହିଁଥିଲେ ଏ ଲୋକକ୍ଷୟକୁ ରୋକିପାରି ଥାଆନ୍ତେ ବୋଲି କହୁଛନ୍ତି । ସେ ଅଭିମାନକୁ ଘେନିଛନ୍ତି ଆପଣ ମହାବାହୁ ! ସେ ଦୁଃଖରେ ଝରିଛି ଚକା ଆଖିର ଅଦୃଶ୍ୟ ଅଶ୍ରୁ । ଅକାଳରେ ଝରିପଡ଼ିଥିବା ସେହି ସନ୍ତାନମାନଙ୍କ ପ୍ରତି କୃପା କରିଥିବେ ପ୍ରଭୋ ! ତାଙ୍କୁ ନିଜ ଚରଣତଳେ ରଖିବେ, ତାଙ୍କର ବୃଦ୍ଧ ପିତାମାତା, ଯୁବତୀ ପତ୍ନୀ, ନାବାଳକ ସନ୍ତାନମାନଙ୍କୁ ଶଙ୍ଖରେ ପୁରାଇ ଚକ୍ର ଆଡୁଆଳ କରି ରଖିବେ...ହେ ବିଶ୍ୱନିୟନ୍ତା ! ନିୟତିର ଏ ନିଷ୍ଠୁର ଚକ୍ରବାତକୁ ପ୍ରତିହତ କରିବାକୁ ଆପଣଙ୍କ ପତିତପାବନ ବାନା ଅକ୍ଷମ ହେଲେ କି ପ୍ରଭୁ ! ଲେଖିବାକୁ ଚାହୁଁନାହିଁ ତେବେବି ମନକୁ ଆସୁଚି ପଦେ ଗୀତ: "ଛାଡ଼ିଗଲ କି ଯଶ ପତାକା ଉଡୁ ଉଡୁ / ନିଷ୍ଠୁର କାହିଁକି ପ୍ରଭୁ, ଭକ୍ତ ପାଦେ ପଡୁ ପଡୁ" (ବାଙ୍କା ଦାସ ଚଉପଦୀ)

ଆପଣ ସର୍ବଶକ୍ତିମାନ, ଆମ୍ଭେ ଅଜ୍ଞାନୀ ମଣିଷ, ଏଣୁ ଆପଣଙ୍କ ବିଚିତ୍ର ଲୀଳାସବୁ ଆମ୍ଭେ ବୁଝିପାରୁ ନାହୁଁ ନିଜର ଅଳ୍ପ ବୁଦ୍ଧିରେ । ସୀମିତ ଜ୍ଞାନରେ ଆପଣଙ୍କୁ ବର୍ଣ୍ଣିବି ସେ ଯୋଗ୍ୟତା କାହିଁ !



▶ ଲେଖିକା ପ୍ରଜ୍ଞାଶ୍ରୀ ରଥ



"ରୂପଂ ରୂପ ବିବର୍ଜିତସ୍ୟ ଭବତୋ ଧ୍ୟାନେନ ଯତ୍ କଳ୍ପିତମ୍
ବ୍ୟାପୀତ୍ୱଂ ଚ ନିରାକୃତଂ, ତବ ମୟା ଯତ୍ ତୀର୍ଥ ଯାତ୍ରା ଦିନା
ସ୍ତୁତ୍ୟା ନିର୍ବଚନିୟତା ଖିଲଗୁରୁ ଦୂରୀକୃତ ଯନ୍ମୟା
କ୍ଷନ୍ତବ୍ୟୋ ଜଗଦୀଶ ତଦ୍ ବିକଳଦା ଦୋଷତ୍ରୟ ମତ୍କୃତ ।"

**(ଶ୍ରୀମଦ୍ଭାଗବତ ମହାପୁରାଣ)**

ଯାହାଙ୍କର ରୂପ ନାହିଁ ଧ୍ୟାନରେ, କଳ୍ପନାରେ ତାଙ୍କୁ ରୂପ ଦେଲି ଯାହାଙ୍କ ଗୁଣଗରିମା ବର୍ଣ୍ଣନା କରିବା ମନୁଷ୍ୟ ଶକ୍ତିର ଅତୀତ, ତାଙ୍କ ଉଦ୍ଦେଶ୍ୟରେ ଅନେକ ସ୍ତୁତି, ସ୍ତୋତ୍ର ରଚନା କଲି, ଯେ ସର୍ବବ୍ୟାପକ, ତାଙ୍କୁ ତୀର୍ଥକ୍ଷେତ୍ରରେ ଆବଦ୍ଧ କଲି, ହେ ଜଗଦୀଶଃ ତୁମ୍ଭଙ୍କୁ ମୁଁ ଏହି ତିନି ଭାବରେ ବିକୃତ କରି ବର୍ଣ୍ଣନା କଲି । ଏଥିପାଇଁ ମତେ କ୍ଷମା କରନ୍ତୁ...

ହେ ନୀଳାଦ୍ରିଶ ! ଆପଣ ସ୍ୱୟଂ ପରମାତ୍ମା ହୋଇ ମାନବପ୍ରାୟେ ଦେହଲୀଳା ପ୍ରକଟ କରନ୍ତି । ଆପଣ ନିଜେ ନିଜକୁ ଜନ୍ମ ଦିଅନ୍ତି, ଜାତକର୍ମ ଓ ଜାତସଂସ୍କାର ଆପଣଙ୍କର ହୁଏ । ଆପଣ ସ୍ୱୟଂ କୌଶଲ୍ୟା, ଦେବକୀ ହୋଇ ରାମନବମୀ ଓ ଜନ୍ମାଷ୍ଟମୀରେ ରାମ ଓ କୃଷ୍ଣଙ୍କୁ ଜନ୍ମ ଦିଅନ୍ତି । ଆପଣ ଗୋପାଳବାଳକ ରୂପ ହୋଇ କାଳୀୟଦଳନ ଏକାଦଶୀରେ କାଳୀୟନାଗର ଫଣା ଉପରେ ନୃତ୍ୟରତ ଭାବରେ ଦର୍ଶନ ଦିଅନ୍ତି । ଆପଣଙ୍କୁ ଶୀତ ହୁଏ ବୋଲି ଓଢ଼ଣ ଷଷ୍ଠୀରେ ଘୋଡ଼ଲାଗି ହୁଅନ୍ତି । ଆପଣଙ୍କୁ ଗରମ ହୁଏ ଯେ ଚାପ ଖେଳିବାକୁ ଚନ୍ଦନଯାତ୍ରା କରନ୍ତି । ଆପଣଙ୍କୁ ଦେହୀ ଭାବି କବି ଲେଖନ୍ତି: "ଚନ୍ଦନବେଶ ମୁଁ କରନ୍ତି ମୋର ହେଉଛି ମନ / ଚିତ୍ତ କି ଧରିବ ଯୁବତୀ ଚାହିଁ ଚନ୍ଦ୍ରବଦନ ।"

ଆପଣ ରୁକ୍ମିଣୀ ହରଣ ଏକାଦଶୀରେ ରୁକ୍ମିଣୀ ବିଭାରେ ବରବେଶ ହୋଇ ବସନ୍ତି । ଚମ୍ପକ ଦ୍ୱାଦଶୀରେ ବାହା ଗଇଁଠାଳ ଫିଟୁ ନଫିଟୁଣୁ ସ୍ନାନଯାତ୍ରାକୁ ବାହାରନ୍ତି । ଗାଧୋଇ ପଡ଼ିବା ପରେ ଆପଣଙ୍କୁ ଜର ହୁଏ ଓ ଦଶମୂଳ, ମୋଦକ, ପଥ୍ୟପାଚନ ପରି ସୁସ୍ଥ ହୋଇ ଉଡ଼ାଯାତ୍ରା, ଘୋଷଯାତ୍ରା, ରଥଯାତ୍ରାରେ ଭାଇଭଉଣୀଙ୍କୁ ଘେନି ଆପଣା ଜନ୍ମସ୍ଥାନକୁ ବୁଲି ବାହାରନ୍ତି । ମାଉସୀମାର ପୋଡ଼ପିଠା ଆଇ ଖୁସି ହୁଅନ୍ତି । ଆପଣଙ୍କ ପରି ଅଦ୍ଭୁତ ଦେବତା ଆଉ ଏ ମହୀମଣ୍ଡଳେ ଅଛନ୍ତି ନା ! ଆପଣଙ୍କ ଲୀଳାଚରିତ ରଚିତ ଭାଗବତ ମହାପୁରାଣକୁ ଲକ୍ଷ୍ୟ କରି ସନ୍ଥକବି ଯଶୋବନ୍ତ ଦାସ ଲେଖିଛନ୍ତି: "ଭାଗବତ ଭଜନମାଳା / ମନସୂତ୍ରେ ଗୁନ୍ଥ ନକରି ହେଳା ।"

ଏତେସବୁ ଭକ୍ତିଭାବନା ସତ୍ତ୍ୱେ ଆପଣଙ୍କ ପ୍ରତି ବିଦ୍ୱେଷ ରଖିଥିବା କତିପୟ ମନୁଷ୍ୟ ମଧ୍ୟ ଥିଲେ । କାଳ କାଳାନ୍ତରେ ଆପଣଙ୍କ ପ୍ରତି ସେମାନେ ଅବିଶ୍ୱାସୀ । ଆପଣ କୃଷ୍ଣାବତାର କାଳରେ ସ୍ୱୟଂ ଶ୍ରୀମଦ୍ ଭଗବତ ଗୀତାରେ କହିଛନ୍ତି:

"ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ / ଏତଦ୍ ଯୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍‌ବିଦଃ ।" (ହେ ଅର୍ଜୁନ ! ଏ ଦେହ କ୍ଷେତ୍ର, ଯେ ଏହାକୁ ଚିହ୍ନେ ସେ କ୍ଷେତ୍ରଜ୍ଞ ।)

ଏ ଦେହକୁ ଠିକ୍ ଭାବରେ ଚିହ୍ନି କର୍ଷଣ କରିପାରିଲେ, ଜୀବନର ବହିର୍ମୁଖୀ ଭାବଜନିତ ଅନାବନା ଘାସ ଓ ବାଲୁଙ୍ଗଗୁଡ଼ିକ ଉପାଡ଼ିଦେଲେ ଏହି ବଳରାମ ରୂପୀ ଦେହ କ୍ଷେତ୍ରରେ ସଦ୍‌ଜ୍ଞାନ, ସଦ୍‌ବୁଦ୍ଧି ଅଙ୍କୁରିତ ହେବ ଏବଂ ଏହି ଦେହ କ୍ଷେତ୍ରଟି ଶ୍ରୀକ୍ଷେତ୍ର ରୂପେ ଶୋଭା ପାଇବ ।

ପୁରୀଧାମକୁ 'ଶ୍ରୀକ୍ଷେତ୍ର' କୁହାଯାଏ, ପ୍ରତି ମନୁଷ୍ୟର ଦେହ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ର ।

"ସ ବା ଅୟଂ ପୁରୁଷଃ ସର୍ବାସୁ ପୁରୁଷୁ ପୁରିଷୟ ।" ଅର୍ଥାତ୍ ଏହି ଜଗତବନ୍ଧୁ, ଜଗତପ୍ରାଣ, ଆତ୍ମାରୂପୀ ପୁରୁଷୋତ୍ତମ ସକଳର ଦେହରୂପକ ପୁରୀରେ ବାସ





## ପ୍ରଭୁଙ୍କ ମହିମା

ଭାରତର ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଅନେକ ମନ୍ଦିର ରହିଛି । ଏହା ମଧ୍ୟରୁ ଗୋଟିଏ ଉତ୍ତରପ୍ରଦେଶର ଔଦ୍ୟୋଗିକ ନଗରୀ କାନପୁରର ଭିତରଗାଓଁ ବ୍ଲକ ଅଧୀନସ୍ଥ ବେହଟା ଗ୍ରାମର ଜଗନ୍ନାଥ ମନ୍ଦିର ।

୧୪ଫୁଟ୍ ମୋଟା କାନ୍ଥ ଓ ବୌଦ୍ଧମଠ ଭଳିଆ ସ୍ତୁପାକୃତି ଶିଖର ଦେଖି କେହି କେହି ଏହାକୁ ସମ୍ରାଟ ଅଶୋକଙ୍କ ରାଜତ୍ୱକାଳର କୃତି ବୋଲି କହୁଥିବା ବେଳେ ମନ୍ଦିର ପ୍ରାଙ୍ଗଣରେ ମୟୂର ଚିହ୍ନ ଓ ଚକ୍ରଚିହ୍ନ ଦେଖି ଏହା ଚକ୍ରବର୍ତ୍ତୀ ସମ୍ରାଟ୍ ହର୍ଷବର୍ଦ୍ଧନଙ୍କ କୀର୍ତ୍ତି ବୋଲି କହୁଛନ୍ତି । କଳା ମୁଗୁନି ପଥରରେ ଶ୍ରୀଜଗନ୍ନାଥ, ବଲ୍ଦାଉ ନାମରେ ଶ୍ରୀବଳଦେବ ଓ ମାତା ସୁଭଦ୍ରାଙ୍କର ମୂର୍ତ୍ତି ପୂଜା ପାଉଛନ୍ତି । ମନ୍ଦିର ପ୍ରାଙ୍ଗଣରେ ସୂର୍ଯ୍ୟଦେବ ଓ ବୌଦ୍ଧଧର୍ମର ଦେବତା ପଦ୍ମନାଭଙ୍କର ମୂର୍ତ୍ତି ରହିଚି । ପୁରୀର ରଥଯାତ୍ରା ସମୟରେ ଏଠାରେ ମଧ୍ୟ ରଥଯାତ୍ରା ହୁଏ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଶ୍ରଦ୍ଧାଳୁ ଯୋଗ ଦିଅନ୍ତି ।

ଏକାଦଶ ଶତାବ୍ଦୀରେ ଏହି ମନ୍ଦିରର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ କରା ଯାଇଥିଲା । ମନ୍ଦିରର ବିଶେଷତ୍ୱ ହେଲା ଯେ ଭୀଷଣ ଖରା ହେଉଥିବା ସମୟରେ ଏହି ମନ୍ଦିରର ଛାତ ଗଳୁଥିବା ପରି ଟୋପା ଟୋପା ପାଣି ପଡୁଥାଏ । ବର୍ଷାର ଆଗମନ ନିକଟ ହେଲେ ଏହି ଟୋପା ଗୁଡ଼ିକ ଅନବରତ ମନ୍ଦିର ଭିତରେ ମେଘ ବରଷିବା ପରି ପଡୁଥାଏ ଅଥଚ ବର୍ଷାଦିନ ଆରମ୍ଭ ହେଲେ ଆଉ ପାଣି ପଡ଼େନାହିଁ । ଏହା ପଛରେ କି ବୈଜ୍ଞାନିକ ସତ୍ୟତା ରହିଛି ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ି ନାହିଁ । ମନ୍ଦିର ଭିତରେ ଯେଉଁ ଆକାରର ଓ ଯେଉଁ ଘନତ୍ୱର ବର୍ଷା ହୁଏ, ଠିକ୍ ସେଇ ଆକାରର ଟୋପା ଓ ସେତିକି ଘନତ୍ୱର ମୌସୁମୀ ବର୍ଷା ସେ ଅଞ୍ଚଳରେ ହୁଏ । ତେଣୁ ସେଠାକାର ଅନୁଭବୀ ଚାଷୀମାନେ ଏହାକୁ ପାଣିପାଗ ନିୟାମକ କେନ୍ଦ୍ର ଭାବେ ଗ୍ରହଣ କରନ୍ତି ଓ ମନ୍ଦିର ଭିତରେ ବର୍ଷା ବଢ଼ିଲେ ଚାଷ କାମ ଲାଗି ଚଳଚଞ୍ଚଳ ହୋଇଉଠନ୍ତି ।

ପ୍ରଭୁଙ୍କ ଲୀଳା, ସେ ହିଁ ଜାଣନ୍ତି
ଜୟ ଜଗନ୍ନାଥ ।

କରନ୍ତି ବୋଲି ପ୍ରତି ଦେହ ପୁରୀ, ଏବଂ ଏହି ପୁରୀରେ ବାସ କରୁଥିବା ପରମାତ୍ମା ହେଉଛନ୍ତି 'ପୁରୁଷ', 'ପୁରୁଷୋତ୍ତମ' । ଗୀତାର 'ପୁରୁଷୋତ୍ତମ ଯୋଗ'ରେ ସ୍ୱୀକୃତ ହୋଇଛି ଯେ ଏହି କାରଣ ଶରୀରରୂପୀ ପୁରୁଷୋତ୍ତମ ଜଗନ୍ନାଥ କ୍ଷର ବା କ୍ଷୟଶୀଳ ଶରୀର, ସ୍ଥୂଳଦେହୀ ବଳରାମ ଓ ଅକ୍ଷୟ ବା ଅକ୍ଷର ଶରୀର ସୂକ୍ଷ୍ମ ଜ୍ଞାନମୟୀ ସୁଭଦ୍ରା । ଏହି ତ୍ରିମୂର୍ତ୍ତି ଉପାସନା ସମଗ୍ର ବିଶ୍ୱରେ ଅନ୍ୟତ୍ର ନାହିଁ । ଜଗନ୍ନାଥ ଆତ୍ମା, ବଳଭଦ୍ର ଦେହ ଓ ସୁଭଦ୍ରା ଚିର ପ୍ରବାହିତା ଶକ୍ତି ସ୍ରୋତ, ଆୟୁଧରାଜ, ସୁଦର୍ଶନ ହେଉଛନ୍ତି ଗତି ଓ ପରାକ୍ରମର ପ୍ରତୀକ । ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନରେ ଜୀବ ସାକ୍ଷାତ୍ ମୋକ୍ଷ ଲାଭ କରି 'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।"


▲ରୂପାୟନ ରଶ୍ମିତା ନାୟକ

ବେଦରେ ଯେଉଁ କ୍ଷର, ଅକ୍ଷର ପୁରୁଷୋତ୍ତର ବର୍ଣ୍ଣନା ଅଛି ତାହା ହିଁ ଜଗନ୍ନାଥ ତତ୍ତ୍ୱ । ଅ, ଉ, ମ- ଏଇ ତିନୋଟି ଅକ୍ଷର ହେଉଛନ୍ତି ଜଗନ୍ନାଥ ତତ୍ତ୍ୱ । ଗାୟତ୍ରୀର ତ୍ରିମୂର୍ତ୍ତି ହେଉଛନ୍ତି ପୁରୁଷୋତ୍ତମ ଧାମର ତ୍ରିମୂର୍ତ୍ତି, ରାମାୟଣ ଉପାଖ୍ୟାନର ଶ୍ରୀରାମ, ଭକ୍ତ ହନୁମାନ ଓ ରାକ୍ଷସ ବଂଶର ପରିକଳ୍ପନାରେ ଜଗନ୍ନାଥ ଚେତନା ବିଦ୍ୟମାନ ।

ପ୍ରତିଟି ଜୀବ ମଧ୍ୟରେ ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶକ୍ତି ରହିଛି, ଏହା ହିଁ ଜଗନ୍ନାଥଙ୍କର ତ୍ରିମୂର୍ତ୍ତି ତତ୍ତ୍ୱ । ଚାରିବେଦର ଯେଉଁ ଚାରୋଟି ମର୍ମବାଣୀ ମହାବାକ୍ୟ ଚତୁଷ୍ଟୟ- 'ପ୍ରଜ୍ଞାନଂ ବ୍ରହ୍ମ', "ଅହଂ ବ୍ରହ୍ମୋସ୍ମି', 'ତତ୍ତ୍ୱମସି' ଏବଂ 'ଅୟମାତ୍ମା ବ୍ରହ୍ମ' ଏହା ହିଁ ଶ୍ରୀ ବିଗ୍ରହର ଚାରିମୂର୍ତ୍ତିର ଅବାଙ୍ଗ୍‌ବାକ୍ ବା ନିହିତ ସତ୍ୟ । ଅନ୍ତର ମଧ୍ୟରୁ ଯେଉଁ ଅବ୍ୟକ୍ତ କର୍ମପ୍ରେରଣା ଜାଗ୍ରତ ହୁଏ, ଏହା ମଧ୍ୟ ଶ୍ରୀବିଗ୍ରହମାନଙ୍କର ଅବାଙ୍ଗ୍‌ବାକ୍....ନିର୍ଗୁଣ ଦାରୁମୟ ବ୍ରହ୍ମ ନିଜେ କଥା କହନ୍ତି ନାହିଁ, ତାଙ୍କର ଭାବ, ତାଙ୍କର ଭାଷା, ତାଙ୍କର ଧ୍ୱନି କାହାର ନା କାହାର ପଞ୍ଚପ୍ରାଣରେ ପ୍ରତିଧ୍ୱନିତ ହୁଏ ଓ ପ୍ରଭୁଙ୍କ କୃପାରୁ, ପ୍ରଭୁଙ୍କ ଲାଗି ସେ ହିଁ କହେ...ପ୍ରଭୁ ସ୍ୱୟଂ ପାଦହୀନ କିନ୍ତୁ ତାଙ୍କ ଭିତରେ ସଞ୍ଚାରିତ ପ୍ରାଣଶକ୍ତି ଉଜ୍ଜୀବିତ ହେଲେ ସାଧାରଣ ମାଟିର ମଣିଷ ଜଣେ ଆଶ୍ଚର୍ଯ୍ୟଜନକ ଭାବରେ କୌଣସି ସ୍ଥାନରେ ପହଞ୍ଚି ଆବଶ୍ୟକ କଲ୍ୟାଣକର କାର୍ଯ୍ୟ କରେ । ପ୍ରଭୁ ଶୁଣିବାକୁ କାନ ନାହିଁ, ସେ ଚକ୍ଷୁଃଶ୍ରବା, ଆଖିରେ ଶୁଣନ୍ତି । ତେଣୁ ତାଙ୍କର ପଲକ ବିହୀନ ବଡ଼ବଡ଼ କଳା ଚକାଆଖି । ସେ ଆଖି କଣ ନଦେଖେ ! ସେ ଆଖି କଣ ନଶୁଣେ ! ସେ ଆଖି କଣ ନକହେ !

"ଦେଖ ଯା ଚକାଡୋଳାକୁ
ଭୁଲନା କାଳୀଦଳାକୁ, ଦେଖ ଯା ଚକାଡୋଳାକୁ
ଦେଉଳ ଉପରେ ଦେଖ ଧ୍ୱଜଖେଳାକୁ
ଧ୍ୱଜଖେଳା ନୁହଁଇ ସେ ପାପୀର ପାପଦଳାକୁ...
ଭକତ ତାରଣେ ସମ ନାହିଁ କଳାକୁ
କଳାଶ୍ରୀମୁଖ ଚାହିଁଲେ ପାଇ ମୁକତି ଧଳାକୁ
ଦେଖ ଯା ଚକାଡୋଳାକୁ..."

ଚକାଡୋଳା ସମସ୍ତଙ୍କର ନୟନପଥଗାମୀ ହୁଅନ୍ତୁ, ଏତିକି ପ୍ରାର୍ଥନା ଜୟ ଜଗନ୍ନାଥ ।

ପ୍ରସଙ୍ଗ-୧

# ବିଶ୍ୱାସର ବାଇଶି ପାହାଚ



# ବାଇଶି ପାହାଚ


## ଡକ୍ଟର ସଂଯୁକ୍ତା ପରିଡ଼ା

ଫ୍ଲାଟ୍ ନଂ ୪୦୫, କୋକିଳ କାଞ୍ଚନ ଟାୱାର,
ବଳଭଦ୍ରପୁର, ସୁନ୍ଦରପଦା, ଭୁବନେଶ୍ୱର-୭୫୧୦୦୨
ଫୋନ: ୭୯୭୮୦୪୯୫୨୧


ଫଟୋ ସୌଜନ୍ୟ : ଗୁଗୁଲ୍



ଲେଖିକା ଡକ୍ଟର ସଂଯୁକ୍ତା ପରିଡ଼ା

ନଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥ
ସର୍ବାଳଙ୍କାର ଯୁକ୍ତଂ ନବଘନ ରୁଚିରଂ ସଂଯୁତଂ ଚାଗ୍ରଜେନ ।
ଭଦ୍ରାୟା ବାମଭାଗେ ରଥଚରଣ ଯୁତଂ ବ୍ରହ୍ମରୁଦ୍ରେନ୍ଦ୍ର ବନ୍ଦ୍ୟ
ବେଦନାଂ ସରମୀଶଂ ସ୍ୱଜନପରିବୃତଂ ବ୍ରହ୍ମଦାରୁଂ ଭଜେଽହମ ।

– ମହର୍ଷି ବ୍ୟାସଦେବକୃତ ମହାପୁରୁଷ ବିଦ୍ୟା ୯/୩୨

ନୀଳାଦ୍ରିରେ ଶଙ୍ଖକାଳ କ୍ଷେତ୍ର ମଧ୍ୟରେ ଶତଦଳ କମଳ ଉପରେ ରତ୍ନସିଂହସନାଧିଷ୍ଠିତ ସର୍ବବିଧ ଅଳଙ୍କାର ଯୁକ୍ତ, ନୂତନ ମେଘ ସଦୃଶ ସୁନ୍ଦର, ଅଗ୍ରଜ ଶ୍ରୀ ବଳଭଦ୍ରଙ୍କ ସହ ସଂଯୁକ୍ତ, ଦେବୀ ସୁଭଦ୍ରାଙ୍କର ବାମ ପାର୍ଶ୍ୱରେ ବିଦ୍ୟମାନ, ଚକ୍ରରାଜ ଶ୍ରୀ ସୁଦର୍ଶନଙ୍କ ସହ ଯୁକ୍ତ, ବ୍ରହ୍ମା, ରୁଦ୍ର ଓ ଇନ୍ଦ୍ରଙ୍କ ଦ୍ୱାରା ବନ୍ଦିତ, ବେଦମାନଙ୍କର ସାରତତ୍ତ୍ୱ, ସ୍ୱଜନମାନଙ୍କ ଦ୍ୱାରା ପରିବେଷ୍ଟିତ ସେହି ଈଶ୍ୱର ଶ୍ରୀ ଦାରୁବ୍ରହ୍ମଙ୍କୁ ମୁଁ ଭଜନ କରୁଅଛି ।

ନୀଳାଦ୍ରିନାଥ, ନୀଳାଧିଶ, ନୀଳାଚଳପତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଜଗତର ନାଥ, ସେ କାଳିଆ ସାଆନ୍ତ, ଆମ ଦେଶର ମଉଡ଼ମଣି, ସମସ୍ତ ଭାରତବାସୀଙ୍କର ହର୍ତ୍ତା, କର୍ତ୍ତା, ଦୈବ ବିଧାତା । ସେଇ ପ୍ରଭୁ ଜଗନ୍ନାଥଙ୍କ ଅନ୍ୟ ନାମ ହେଉଛି 'ଶ୍ରୀ ପୁରୁଷୋତ୍ତମ', ଲୋକ ମୁଖରେ 'ପୁରସ୍ତମ' ବୋଲି ଉଚ୍ଚାରିତ । 'ପୁରସ୍ତମ'ର ସଂକ୍ଷିପ୍ତ ଶବ୍ଦ ହେଲା 'ପୁରୀ' । ୧୨୩୦ ଖ୍ରୀଷ୍ଟାବ୍ଦରେ ଚୋଡ଼ଗଙ୍ଗଦେବଙ୍କ ସୁଯୋଗ୍ୟ ବଂଶଧର ମହାରାଜା ଅନନ୍ତ ଭୀମଦେବ (୩ୟ) ଧର୍ମଶାସ୍ତ୍ରାନୁମୋଦିତ ଭାବେ ବଡ଼ ଦେଉଳର ପ୍ରତିଷ୍ଠା ସମ୍ପନ୍ନ କରି ସେଥିରେ ତିନି ମୂର୍ତ୍ତି ସ୍ଥାପନ କରିଥିଲେ ।

ବଡ଼ଦେଉଳର ବଡ଼ ଠାକୁର ସେ । ବଡ଼ମନ କାଳିଆର, ହୃଦୟ ବି ବଡ଼, ବଡ଼ ଦେଉଳର ନେତ ବଡ଼ ଓ ରଥ ବି ବଡ଼ । ବଡ଼ଦାଣ୍ଡ ବଡ଼, ବଡ଼ ପୁଣି କାଳିଆର ରତ୍ନସିଂହାସନ । ବଡ଼ଦେଉଳର ପ୍ରତ୍ୟେକଟି ସ୍ଥାନ ଅତୀବ ଦିବ୍ୟ, ଭବ୍ୟ ଓ ଚିତ୍ତାକର୍ଷଣ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡ଼ଦେଉଳର ପ୍ରତ୍ୟେକଟି ସ୍ଥାନର ଗୁରୁତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଅରୁଣ ସ୍ତମ୍ଭ ନିକଟରୁ କୁରୁମ ବେଢ଼ା ପର୍ଯ୍ୟନ୍ତ ଯେଉଁ ସିଡ଼ି ବା ପାହାଚର ପରିକଳ୍ପନା ହୋଇଛି ତାକୁ କୁହାଯାଏ ବାଇଶି ପାହାଚ ।

### ବାଇଶି ପାହାଚର କିମ୍ବଦନ୍ତୀ

ବଉଳ ମାଳା ଓ ମାଙ୍କଡ଼ା ପଥରରେ ତିଆରି ଏହି ବାଇଶି ପାହାଚର ଏକ କିମ୍ବଦନ୍ତୀ ରହିଛି । ନିଃସନ୍ତାନ ରାଜା ଭାନୁଦେବ ଯମେଶ୍ୱରଙ୍କୁ ଆରାଧନା କରି ଏକ ପୁତ୍ର ସନ୍ତାନଟିଏ ଜାତ କଲେ । ଜାତକରୁ ଜାଣିଲେ ଯେ ତାଙ୍କ ପୁତ୍ରର ଆୟୁଷ କେବଳ ୨୨ବର୍ଷ । ଏହା ଜାଣିବାରୁ ରାଜା ଯମେଶ୍ୱରଙ୍କୁ ପୁନଶ୍ଚ ଆରାଧନା କଲେ । ଯମେଶ୍ୱର ରାଜାଙ୍କ ଆରାଧନାରେ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିର ଭିତରେ ୨୨ପାହାଚ ନିର୍ମାଣ ପାଇଁ ଆଜ୍ଞାଦେଲେ, ରାଜା ୨୨ ପାହାଚ ନିର୍ମାଣ କରି ତାଙ୍କ ସନ୍ତାନର ଆୟୁ ବୃଦ୍ଧି ପାଇଁ ସେ ସନ୍ତାନକୁ ୨୨ ପାହାଚରେ ଗଡ଼ାଇ ଦେଇଥିଲେ । ଆଜିଯାଏଁ ବି ଏ ପ୍ରଥାର ପ୍ରଚଳନ ରହିଛି । ଶ୍ରଦ୍ଧାଳୁ ଭକ୍ତମାନେ ନିଜନିଜର ପିଲାମାନଙ୍କର ଆୟୁ ବୃଦ୍ଧି ପାଇଁ ସେ ବାଇଶି ପାହାଚରେ ନିଜ ପିଲାଙ୍କୁ ଗଡ଼ାଇ ଦେଇଥାନ୍ତି । ଆଉ ମଧ୍ୟ ଯେଉଁ ପିଲାମାନଙ୍କର ଗ୍ରହ ଜନିତ ବାଧା ଥାଏ, ଶରୀର ଜରାକ୍ଳାନ୍ତ ବା ପୀଡ଼ାଦାୟକ ହୋଇଥାଏ, ଜ୍ୟୋତିର୍ବିତମାନଙ୍କ କଥାନୁସାରେ ବାପା, ମା, ପିଲାଙ୍କୁ ବାଇଶି ପାହାଚରେ ଗଡ଼ାଇ ଦେଇଥାନ୍ତି ଓ ବ୍ରାହ୍ମଣଙ୍କୁ ଦକ୍ଷିଣା ମଧ୍ୟ ଦେଇଥାନ୍ତି । ତାହା ଦ୍ୱାରା ପିଲାର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇଥାଏ ଓ ସେ ଆରୋଗ୍ୟ ଲାଭ କରିଥାଏ । ନିତ୍ୟ ବୃନ୍ଦାବନ, ମର୍ତ୍ତ୍ୟ ବୈକୁଣ୍ଠର ପରମ ଆକର୍ଷଣ ବିନ୍ଦୁ ହେଉଛି ବାଇଶିପାହାଚ । ବାଇଶିଟି ପାବଚ୍ଛର ସମାହାରରେ ବାଇଶି ପାହାଚର ସୃଷ୍ଟି ।

### ବାଇଶି ପାହାଚର ବିଶେଷତ୍ୱ

ଧାର୍ମିକ ଦୃଷ୍ଟିରୁ ବାଇଶି ପାହାଚ ଏକ ପବିତ୍ରତମ ସ୍ଥାନ । ଏହାର ଅର୍ଥ ଅତ୍ୟନ୍ତ ଗମ୍ଭୀର ଓ ଚିର ରହସ୍ୟମୟ, ଏହା କୋଟି ତୀର୍ଥର ପ୍ରତୀକ ଓ ଗତି, ମୁକ୍ତି, ସିଦ୍ଧି, ପୁଣ୍ୟତମ ସ୍ଥାନ ବୋଲି ବିବେଚନା ହୁଏ । ପ୍ରତ୍ୟେକ ଭକ୍ତ ବାଇଶି ପାହାଚ ଅତିକ୍ରମ କରି ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିଥାନ୍ତି । ସ୍ୱୟଂ ପ୍ରଭୁ ପତିତପାବନ ମଧ୍ୟ ସେହି ବାଇଶି ପାହାଚ ଦେଇ ରଥକୁ ଯାଇଥାନ୍ତି ଓ ନୀଳାଦ୍ରି ବିଜେ ଦିନ ଭାଇ ଭଉଣୀଙ୍କୁ ସଂଗରେ ଧରି ମନ୍ଦିରକୁ ଲେଉଟି ଆସନ୍ତି । ବାଇଶି ପାହାଚ ଧୂଳି ଭକ୍ତ ମୁଣ୍ଡରେ ଲଗାଇ ପରମ ଶାନ୍ତି ଓ ତୃପ୍ତି ପାଇଥାଏ । ଶ୍ରୀମନ୍ଦିରର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ହୋଇ ରହିଥିବା ଚତୁର୍ଦ୍ୱାରର ପାହାଚ ସଂଖ୍ୟା ହେଉଛି ୬୯ । ତାହା ମଧ୍ୟରୁ ପୂର୍ବଦିଗରେ ମନ୍ଦିରକୁ ଯିବା ପାହାଚର ସଂଖ୍ୟା ୨୨ । ତେଣୁ ଏହାକୁ ବାଇଶି ପାହାଚ କୁହାଯାଏ । ଆଧ୍ୟାତ୍ମିକ ଦୃଷ୍ଟିରୁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଓ ଅତି ପୂଣ୍ୟତମ ସ୍ଥାନ ବୋଲି ଏହାର ସ୍ୱତନ୍ତ୍ରତା ରହିଛି । ବିଶ୍ୱାସ ରହିଛି ଯେ ପ୍ରତ୍ୟେକ ମଣିଷ ୨୨ ପ୍ରକାରର ପାପରୁ ମୋକ୍ଷ ନିମନ୍ତେ ୨୨ ପାହାଚ ଅତିକ୍ରମ କରିବା ଆବଶ୍ୟକ । ତେଣୁ

କଥାରେ ଅଛି:

"ବାଇଶି ପାହାଚେ ଲୋକ ଭିଡ଼ ଲାଗିଛି
ସାହାଣ ମେଲା ବେଳ ତ ଗଡ଼ି ଯାଉଛି
ହସି ପଣ୍ଡା ସେବକେ ହାତେ କୁଡୁଆ ଧରି
ମଉଜେ ଆସୁଛନ୍ତି ଦେଉଳରୁ ବାହାରି
ମଥାରେ କେ ପାହାଚ ଧୂଳି ଦିଏ ବୋଲି
ରେ ମନ ବାଇ,
ଅରୁଣ ସ୍ତମ୍ଭ ପାଶେ ଥାଇ ।"

## ବାଇଶି ପାହାଚର ଅଦ୍ଭୁତ ରହସ୍ୟ

ବାଇଶି ପାହାଚର ପ୍ରତି ପାହାଚର ଉଚ୍ଚ ୬ ଫୁଟ ୬ ଇଞ୍ଚ ଓ ଲମ୍ବ ୩ ଫୁଟ ରହିଛି । ଅଷ୍ଟାଦଶ ପାହାଚର ଓସାର ୧୫ ଫୁଟ, ଆନନ୍ଦ ବଜାର ଗଲାବେଳକୁ ୧୯ତମ ଓ ୨୦ତମ ପାହାଚ ରହିଛି । ଯାହା ଅର୍ଦ୍ଧ ଗୋଲାକାର । ଏହାର ମହତ୍ତ୍ୱ ମଧ୍ୟ ଭିନ୍ନ ଭିନ୍ନ ରହିଛି । ୨୨ଟି ଦୈବୀଗୁଣ ସମ୍ପନ୍ନ ଦେବୀଙ୍କ ଗୁଣ ମହାପ୍ରଭୁଙ୍କ ପାଦଚ୍ଛରେ ପରିଣତ ହୋଇଯାଇଛି । ଯେତେବେଳେ ଭକ୍ତଟିଏ ବା ଜୀବାତ୍ମାଟିଏ ଯାଏ ପରମାତ୍ମାଙ୍କ ସହ ମିଶିବାକୁ, ସେ ଏହି ବାଇଶି ପାହାଚ ଆରୋହଣ କରିବା ଫଳରେ ସମସ୍ତ ପ୍ରକାର ତାମସିକ ପ୍ରବୃତ୍ତି ସବୁ ତାର ନଷ୍ଟ ହୋଇଥାଏ । ତାହା ଦ୍ୱାରା ସେ ପରମାତ୍ମାଙ୍କ ନିକଟରେ ପହଞ୍ଚିପାରେ ଓ ପରମାତ୍ମାଙ୍କୁ ଉପଲବ୍ଧି କରିପାରେ । ସେଇ ବାଇଶି ପାହାଚରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ କରାଯାଏ ଏବଂ ଅମାବାସ୍ୟା ତିଥିରେ ମହାଳୟା ପର୍ବରେ ତାଙ୍କୁ ଶ୍ରାଦ୍ଧ ଦିଆଯାଏ । ସେଥିପାଇଁ ପ୍ରବାଦ ରହିଛି:

"ବଡ଼ବଡ଼ିଆ ହୋ ଅନ୍ଧାରରେ ଆସ ଆଲୋକରେ ଯାଅ ।
ବାଇଶି ପାହାଚେ ଗଡ଼ ଗଡ଼ାଉଥାଅ ।"

## ବାଇଶି ପାହାଚର ନାମ

ତିବ୍ରା, କୁସୁମବତୀ, ମନ୍ଦା, ଛନ୍ଦୋବତୀ, ଦୟାବତି, ରଞ୍ଜନୀ, ରତିକା, ରୌଦ୍ରୀ, କ୍ରୋଧା, ବଦ୍ରିକା, ପ୍ରଶାରିଣୀ, ବ୍ରତୀ, ମାର୍ଜନୀ, କ୍ଷତି, ରକ୍ତ, ସନ୍ଦିପନୀ, ଅଳପନି, ସଦ୍ୟନ୍ତି, ରୋହିଣୀ, ରମ୍ୟା, ଉଗ୍ରା, କ୍ଷୋବିନୀ । ପ୍ରଥମ ପାଞ୍ଚୋଟି ପାହାଚକୁ ମନୁଷ୍ୟର ଚକ୍ଷୁ, କର୍ଣ୍ଣ, ନାସିକା, ମୁଖ ଏବଂ ଚର୍ମ ସହ ତୁଳନା କରାଯାଇଛି । ଦ୍ୱିତୀୟ ପାଞ୍ଚୋଟି ପାହାଚକୁ ପଞ୍ଚପ୍ରାଣ ଅର୍ଥାତ୍ ପ୍ରାଣ, ଅପାଦ, ଉଦାନ, ସମାଜ, ଦାନ ବୋଲି କୁହାଯାଏ । ଏହା ପାଞ୍ଚୋଟି ଶକ୍ତି, ଯାହା ଶରୀରରେ ପ୍ରାଣ ସଞ୍ଚାର କରିଥାଏ । ଏହାକୁ ପ୍ରାଣ ସଂଚାରକାରୀ ବୋଲି ମଧ୍ୟ କୁହାଯାଏ । ତୃତୀୟ ପାଞ୍ଚୋଟି ପାହାଚ ଅନ୍ତଃ ସୌନ୍ଦର୍ଯ୍ୟ ରୂପେ ଗ୍ରହଣ କରାଯାଏ ଯଥା- ରୂପ, ରସ, ସ୍ୱାଦ, ଗନ୍ଧ ଏବଂ ଶବ୍ଦ । ୪ର୍ଥ ବା ଚତୁର୍ଥ ପାଞ୍ଚୋଟି ପାହାଚକୁ ପଞ୍ଚ ମହାଭୂତ ଭାବରେ ବର୍ଣ୍ଣନା କରାଯାଏ । ଯଥା- ପୃଥ୍ୱୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ଏବଂ ୨୧ ତମ ପାହାଚକୁ ଜ୍ଞାନ ଓ ୨୨ ତମ ପାହାଚକୁ ମୋହ ଭାବେ ଅଭିହିତ କରାଯାଇଛି । ପୌରାଣିକ ମତବାଦନୁଯାୟୀ ଶ୍ରୀମଦ ନାରାୟଣ ବିଷ୍ଣୁଙ୍କର ୨୨ଟି ଅବତାର ରୂପେ ମଧ୍ୟ ନାମିତ କରାଯାଇଛି ଏହି ୨୨ଟି ପାହାଚକୁ । ଯଥା-ପ୍ରଭୁ ଶ୍ରୀ କତୁରାସନ, ନାରଦ, ବରାହ, ମତ୍ସ୍ୟ, ଯଜ୍ଞ, ନରନାରାୟଣ, କପିଳ, ଦତ୍ତାତ୍ରୟ, କୃଷ୍ଣାଗର୍ଭ, ଋଷଭ, ପୃଥୁ, ନରସିଂହ, କୂର୍ମ, ଧନୋନ୍ତରୀ, ମୋହିନୀ, ବାମନ, ପର୍ଶୁରାମ, ରାମ, ବ୍ୟାସ, ବଳରାମ, କୃଷ୍ଣ ଏବଂ କଲ୍‌କୀ ।

ଏହି ବାଇଶି ଅବତାର ଅନୁଯାୟୀ ବାଇଶି ପାହାଚର ସୃଷ୍ଟି ହୋଇଛି ବୋଲି ମଧ୍ୟ କେହି କେହି ବିଶ୍ୱାସ କରନ୍ତି । ବାଇଶି ପାହାଚକୁ ଚର୍ତୁଦଶ ଭୂବନ ବୋଲି କୁହାଯାଏ । ଏହାକୁ ସପ୍ତପାଗଳର ସୁତଳ, ପାତାଳ, ତଳାତଳ, ମହାତଳ ଓ ରସାତଳ । ଅଷ୍ଟବୈକୁଣ୍ଠ ମଧ୍ୟ ରହିଛି ବାଇଶି ପାହାଚରେ, ଯଥା-ଶ୍ରୀବୈକୁଣ୍ଠ, କୈବଲ୍ୟ, ବୈକୁଣ୍ଠ, କରୁଣାନାମ, ବୈକୁଣ୍ଠ, ଶେଷ ସାଇ ବୈକୁଣ୍ଠ, ଓ ଶ୍ୱତରିପୁ, ବୈକୁଣ୍ଠ, ପରପ୍ରେମ ବୈକୁଣ୍ଠ, ଗର୍ଭଲୋକ ବୈକୁଣ୍ଠ, କୈଳାସ ବୈକୁଣ୍ଠ । ମନୁଷ୍ୟର ଯେଉଁ ୨୫ ପ୍ରକାର ପ୍ରକୃତି ରହିଚି ତନ୍‌ମଧ୍ୟରୁ ୩ଟି ପ୍ରକୃତି । ସତ୍ତ୍ୱ, ରଜ, ତମ ଏବଂ ୨୨ଟି ଅପରା ପ୍ରକୃତି । ଏହି ୨୨ଟି ଅପରାପ୍ରକୃତି ଯେମତି କାମ, କେଳି, ସମ୍ଭୋଗ, ମିଥୁନ, ନିବୃତ୍ତ, ଉତ୍କଣ୍ଠା, ଲୋଭ, ସଂଚୟ, କୋଷ, ଅବମାୟା, ହିଂସା,ଇର୍ଷାନିଶୃଣ, କପଟ, ରାଗ, ଦ୍ୱେଷ, ଘୃଣା, ନିନ୍ଦା, ଅଜ୍ଞାନ, କ୍ରୋଧ, ଅହଂକାର ଓ ଗର୍ବ । ଏହି ଅପରା ପ୍ରକୃତିକୁ ତ୍ୟାଗ ନକଲେ ଈଶ୍ୱରୀୟ ଚେତନା ପାଇବା ମନୁଷ୍ୟ ପକ୍ଷେ କଷ୍ଟକର । ଏହି ପବିତ୍ରତମ ୨୨ ପାହାଚରେ ପାଦ ଦେବା ମାତ୍ରେ ମନୁଷ୍ୟର ସମସ୍ତ ଦୋଷର ବିଳୟ ଘଟେ ଏବଂ ୨୨ ପାହାଚକୁ ଅତିକ୍ରମ କରି ଯେତେବେଳେ ଭକ୍ତଟିଏ ମହାପ୍ରଭୁଙ୍କୁ ଦର୍ଶନ କରିଥାଏ ମହାପ୍ରଭୁ ୨୨ ଦୋଷରୁ ତାଙ୍କୁ ମୁକ୍ତ କରି ମୋକ୍ଷ ପ୍ରାପ୍ତିର ମାର୍ଗକୁ ସୁଗମ କରିଥାନ୍ତି ।

## ପ୍ରତ୍ୟେକ ପାହାଚର ବୈଶିଷ୍ଟ୍ୟ

ପ୍ରଥମ ପାହାଚରୁ ହରିନାମ ଶ୍ରବଣ ଓ କୀର୍ତ୍ତନ ପାଇଁ ପ୍ରେରଣା ମିଳିଥାଏ । ଦ୍ୱିତୀୟ ପାହାଚରୁ ଦୁଇହାତ ଯୋଡ଼ି ପରମ କାରୁଣିକ ଜଗତପିତାଙ୍କୁ ପ୍ରଣାମ ଜଣାଇବା ପାଇଁ ପରାମର୍ଶ ଦେଇଥାଏ । ତୃତୀୟ ପାହାଚରେ କୁହାଯାଇଛି, ପଦ ବ୍ରଜରେ ଗମନ କରି ମହାପ୍ରଭୁଙ୍କୁ ଦର୍ଶନ କରିବାର ଧାରା ରହିଛି । ଚତୁର୍ଥ ପାହାଚ ବ୍ରହ୍ମଚର୍ଯ୍ୟ ଉପରେ ଅବଗତ କରାଏ । ପଞ୍ଚ ପାହାଚ- ଯୋଗସାଧନା ନିମନ୍ତେ ଗୁରୁତ୍ୱାରୋପ କରେ ଏବଂ ଷଷ୍ଠ ପାହାଚ ସମାନତା ନୀତିକୁ ସମ୍ମାନ





ଦିଏ । ସପ୍ତମ ପାହାଚ ମିଥ୍ୟାକୁ ପରିହାର କରେ ମନୁଷ୍ୟ ସମସ୍ତ ପ୍ରକାର ଦୋଷରୁ ମୁକ୍ତିପାଇଁ ସତ୍ୟବଚନ କହି ଦାରୁ ବ୍ରହ୍ମଙ୍କୁ ଦର୍ଶନ କଲେ ପୂଣ୍ୟଫଳ ପାଇଥାଏ ବୋଲି ବିଶ୍ୱାସ ରହିଛି । ବାଇଶି ପାହାଚରୁ ଅଷ୍ଟମ ପାହାଚଟି ହେଉଛି ସ୍ୱତନ୍ତ୍ର । ଏହି ପାହାଚରେ ରହି ନୀଳଚକ୍ରକୁ ସ୍ମରଣ କଲେ ଭକ୍ତର ସବୁ ମନୋବାଞ୍ଛା ପୂରଣ ହୋଇଥାଏ ବୋଲି କୁହାଯାଏ । ନବମ ପାବଚ୍ଛ ବାହ୍ମଣ ମାନଙ୍କୁ ଦାନ, ଦକ୍ଷିଣା ଦେବାର ବ୍ୟବସ୍ଥା ରହିଛି । ୧୦ମ ପାବଚ୍ଛରେ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯିବାର ଏକ ସୁନ୍ଦର ପରମ୍ପରା ରହିଛି । ଏହି ଦଶମ ପାହାଚରେ ରହି ପିତୃପୁରୁଷଙ୍କୁ ଶ୍ରାଦ୍ଧଦେବା ଦ୍ୱାରା ମୁକ୍ତିର ଦଶଦ୍ୱାର ଖୋଲିବାର ଏକ ମାଧ୍ୟମ ବୋଲି କୁହାଯାଏ । ଏହି ପାହାଚରେ ଜପ, ତପ, ଧ୍ୟାନ କଲେ ମୁକ୍ତି ମିଳେ ବୋଲି ଭକ୍ତମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି । ସେହିପରି ଏକାଦଶ ପାହାଚ ମୁକ୍ତିର ପ୍ରତୀକ । ଦ୍ୱାଦଶ ପାହାଚରେ ଦଣ୍ଡାୟମାନ ହୋଇ ପ୍ରଭୁଙ୍କୁ ସ୍ମରଣ କଲେ ବିନାଶକାରୀ ତମ ଗୁଣ ଧ୍ୱଂସ ପାଇଥାଏ । ତ୍ରୟୋଦଶ ପାହାଚ ସମସ୍ତ ଅହଂକାରକୁ ଦୂରୀଭୂତ କରେ । ଚତୁର୍ଦ୍ଦଶ ପାହାଚରେ କାମନାର ବିନାଶ ଘଟିଥାଏ । ପଞ୍ଚଦଶ ପାହାଚ ପ୍ରଭୁଙ୍କ ଗୁଣଗାନ କଲେ ମନରୁ କ୍ରୋଧ ଭାବ ଦୂର ହୁଏ ବୋଲି ସୂଚନା ଦିଏ, ଷୋଡ଼ଶ ପାହାଚରେ ମନରେ ସମର୍ପଣ ଭାବ ଉଦ୍ରେକ ହୁଏ । ସପ୍ତଦଶ ପାହାଚରେ ମୋହ ଭାବ ଦୂରେଇ ଯାଏ । ଅଷ୍ଟାଦଶ ପାହାଚରେ ମନରୁ ଆସକ୍ତି ଭାବକୁ ଦୂର କରିବାରେ ସାହାଯ୍ୟ କରେ, ଊନବିଂଶ ବା ୧୯ତମ ପାହାଚରେ କାମନାର ବିନାଶ ଏବଂ ଈଶ୍ୱର ପ୍ରାପ୍ତିପ୍ରତି ଆଗ୍ରହ ସୃଷ୍ଟି କରିଥାଏ, ବିଂଶତମ ପାହାଚରେ ଦାରୁ ବ୍ରହ୍ମଙ୍କ ପ୍ରତି ଭକ୍ତିସୁମନ ଅର୍ପଣ କଲେ ତମ ଗୁଣର ବିନାଶ ହୁଏ । ଏକବିଂଶ ତମ ବା ଏକୋଇଶିତମ ପାହାଚ ରଜଗୁଣର ବିନାଶ କରାଇବା ସହିତ ଭକ୍ତକୁ ଭଗବତ ପ୍ରାପ୍ତି କରାଇଥାଏ । ଦ୍ୱାବିଂଶ ବା ବାଇଶି ପାହାଚ ସତ ଗୁଣର ବିକାଶ ସୃଷ୍ଟି କରିଥାଏ ।

## ବାଇଶି ପାହାଚର ଯମଶିଳା ବା ଯମ ପାହାଚ

କିମ୍ବଦନ୍ତୀ ଅଛି ଯମଶିଳା ବା ଯମ ପାହାଚ କଳା ରଙ୍ଗର ଥାଏ ତାହା ପାପ ନାଶିନୀ ପଥର ମଧ୍ୟ କୁହାଯାଏ । ଯେ ନୀଳ ଚକ୍ରକୁ ଚାହିଁ ସେଠି ପାଦ ରଖିଥାଏ ତାର ସବୁ ପାପ ସେଇଠି ରହି ଯାଇଥାଏ । ପାହାଚରେ ପାଦ ବାଜିବା ଦ୍ୱାରା ସମସ୍ତ ପାପ ପ୍ରକ୍ଷାଳିତ ହୋଇଥାଏ । ଏକ ଚୁମ୍ବକୀୟ ଶକ୍ତି ଉନ୍ମାଦନା ମନରେ ଖେଳିଯାଏ । ଭକ୍ତି ଭାବ ଜାଗ୍ରତ ହୁଏ । ଦେହ ଓ ମନ ପୁଲକିତ ହୋଇଉଠେ । ଭକ୍ତିର ଶିହରଣ ହୃଦୟରେ ଭରିଯାଏ ଓ ପ୍ରଭୁଙ୍କ ଭାବ ମନ ଉପବନରେ ଉଲ୍ଲସିତ କରିଦିଏ ।

ପୁନଶ୍ଚ ଶ୍ରୀମନ୍ଦିରରୁ ଦର୍ଶନ ସାରି, ପୁଣ୍ୟ ଲାଭ କରି ବ୍ରାହ୍ମଣଙ୍କୁ ଦକ୍ଷିଣା ଦ୍ୱାରା ଆପ୍ୟାୟିତ କରି, ମହା ପ୍ରସାଦ ସେବନ କରି ଯେତେବେଳେ ପ୍ରତ୍ୟାବର୍ତ୍ତନ କରିଥାଏ, ସେତେବେଳେ ସେହି ପାହାଚଟିକୁ ସେ ପାଦରେ ସ୍ପର୍ଶ କରିବାକୁ ତାକୁ ବାରଣ କରି ଦିଆଯାଏ । କାରଣ- ମନ୍ଦିର ଯାଇ ଯେତେକ ପୁଣ୍ୟ ଅର୍ଜନ କରିଥାଏ ସେହି ଯମଶିଳା ପାହାଚରେ ଗୋଡ଼ ବାଜିଲେ ସବୁ ପୁଣ୍ୟ ସେଇଠି ରହି ଯାଇଥାଏ ବୋଲି କିମ୍ବଦନ୍ତୀ ଅଛି । ଶ୍ରଦ୍ଧାଳୁମାନେ ଏହି ପାହାଚ ଅତିକ୍ରମ କରିଗଲେ ଅକାଳ ମୃତ୍ୟୁ ହୁଏନାହିଁ ବୋଲି ବିଶ୍ୱାସ ଅଛି ।

## ମନ୍ଦିର ଦର୍ଶନ ପରେ ବାଇଶି ପାହାଚରେ ଭକ୍ତ ବସନ୍ତି କାହିଁକି

ଏହା ଏକ ପ୍ରାଚୀନ ପରମ୍ପରା, ଯାହାର ବିଶେଷ ମହତ୍ତ୍ୱ ବା ଉଦ୍ଦେଶ୍ୟ ଅଛି । ପାହାଚରେ ବସି ଏକ ଶ୍ଳୋକ ପଢ଼ିବା ଉଚିତ । ଏହାଦ୍ୱାରା ମନ ପବିତ୍ର ହେବା ସଂଗେ ସଂଗେ ମନରେ ଭକ୍ତିର ବାତାବରଣ ଉଦ୍ରେକ ହୋଇଥାଏ । ଶ୍ଳୋକଟି: 'ଅନାୟାସେନ ମରଣମ୍, ବିନା ଦେନ୍ୟେନ ଜୀବନମ୍, ଦେହାନ୍ତେ ତବ ସାନିଧ୍ୟମ । ଦେହି ତମ ପରମଶ୍ୱରମ ।' ଏହାର ଅର୍ଥ:

ଅନାୟାସେନ ମରଣମ୍ ।

ଅର୍ଥାତ୍ ବିନା କଷ୍ଟରେ ମୃତ୍ୟୁ ହେଉ ଏବଂ ବିମାର ନହୋଇ ଶେଯରେ ନପଡ଼ି । କଷ୍ଟ ସ୍ୱୀକାର କରି ମୃତ୍ୟୁ ପ୍ରାପ୍ତ ନହେଉ, ଚାଲିବା ବୁଲିବା ଅବସ୍ଥାରେ ପ୍ରାଣ ଯାଉ ।

"ବିନା ଦେଖେନ ଜୀବନମ୍

ଅର୍ଥାତ୍

ପର ଉପରେ ନିର୍ଭର କରି ଜୀବନ ନଯାଉ ।

ଦେହାନ୍ତରେ ତବ ସାନିଧ୍ୟମ ।"

ଅର୍ଥାତ୍ ଯେବେ ବି ମରଣ ଆସୁ ଭଗବାନ ସମ୍ମୁଖରେ ରୁହନ୍ତୁ । ତାଙ୍କର ଦର୍ଶନ କରି କରି ପ୍ରାଣ ଯାଉ । ଦେହି ମେ ପରମେଶ୍ୱରମ୍ - ଅର୍ଥାତ୍ ହେ ପରମେଶ୍ୱର ଏହି ବରଦାନ ମୋତେ ଦିଅନ୍ତୁ ।



# ବଡ଼ ଜଗନ୍ନାଥ ମନ୍ଦିର

# ଛତ୍ରପୁର ଜଗନ୍ନାଥ ମନ୍ଦିର

**ଋତୁରାଜ ଦାସ**
ଓଡ଼ିଆ ଅଧ୍ୟାପକ: ଖଲିକୋଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ,
ବ୍ରହ୍ମପୁର, ଗଞ୍ଜାମ
ଫୋନ:୯୪୩୮୪୬୬୪୬୬

ଫୋଟ ସୌଜନ୍ୟ: ଲେଖକ

**ଜଗନ୍ନାଥ ସଂସ୍କୃତିର ଏକ ଐତିହାସିକ ପୀଠ ହେଉଛି ଗଞ୍ଜାମ ଜିଲ୍ଲା । ଏହି ଜିଲ୍ଲାର ଛତ୍ରପୁରରେ ଅଛି ବଡ଼ ଜଗନ୍ନାଥ ମନ୍ଦିର ବା ରାଜାଘର ମନ୍ଦିର । ଛତ୍ରପୁର ସହରରେ ମୋଟ ତିନିଗୋଟି ଜଗନ୍ନାଥ ମନ୍ଦିର ଦେଖିବାକୁ ମିଳେ । ଦୁଇଟି ସାନ ମନ୍ଦିରରେ କେବଳ ପ୍ରଭୁ ଶ୍ରୀ ଜଗନ୍ନାଥ ପୂଜିତ ହେଉଥିବା ବେଳେ ଗୋଟିଏ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ପୂଜିତ ହେଉଛନ୍ତି । ଯାହାକୁ ବଡ଼ ଜଗନ୍ନାଥ ମନ୍ଦିର ବା ରାଜାଘର ମନ୍ଦିର ବୋଲି ଲୋକମାନେ କହୁଛନ୍ତି ।**



ଅତ୍ର, ତତ୍ର, ସର୍ବତ୍ର ବିଦ୍ୟମାନ କୋଟି ଓଡ଼ିଆଙ୍କ ପ୍ରାଣ ସ୍ପନ୍ଦନ ଓଡ଼ିଶାର ଇଷ୍ଟଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ । ଓଡ଼ିଶାର ଇତିହାସ, କଳା, ସାହିତ୍ୟ ଓ ସଂସ୍କୃତି ସହିତ ଓଡ଼ିଆ ଜାତିର ଉତ୍‌ଥାନ-ପତନ ସହିତ ଶ୍ରୀଜଗନ୍ନାଥଙ୍କ ସଂପର୍କ ଅତି ନିବିଡ଼ । ସେ ଭାଷା ନୁହେଁ ଭାବର ଠାକୁର । ଜୟ ଜଗନ୍ନାଥ କହି ଭାବରେ ହାତ ଦୁଇଟି ଉପରକୁ ଟେକି ଦେଇ ଥରେ ସମର୍ପଣ କରିଦେଲେ ସେ ଦୁଃଖ ଲାଘବ କରନ୍ତି । ଭାରତବର୍ଷରେ ତେତିଶ କୋଟି ଦେବାଦେବୀଙ୍କୁ ପୂଜା କରାଯିବାର ବିଶ୍ୱାସ କରା ଯାଉଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ଦାରୁ ବିଗ୍ରହ ପୂଜିତ ହେବାର ନିଆରା ପ୍ରଥା କାହିଁ କେତେକାଳୁ ଚଳି ଆସିଛି । ଓଡ଼ିଶା ଆଧ୍ୟାତ୍ମିକ ପରମ୍ପରାରେ ଚତୁର୍ଦ୍ଧା ମୂର୍ତ୍ତି କେବଳ ସାମାନ୍ୟ ଦାରୁ ବା ଖଣ୍ଡେ କାଠ ନୁହଁନ୍ତି, ଅୟୁତ ଯୁଗର କୋଟି ପ୍ରାଣର ଆଧ୍ୟାତ୍ମିକ ବିଶ୍ୱାସ । ସେଇଥିପାଇଁ ତ ସେ ଧର୍ମ ନୁହେଁ ସଂସ୍କୃତିର ଦେବତା । ସେହି ସଂସ୍କୃତ ପଛରେ ଅଛି ଓଡ଼ିଆ ସଂସ୍କୃତିର ବିଶାଳତା । ଜଗନ୍ନାଥ ସଂସ୍କୃତିର ଏକ ଐତିହାସିକ ପୀଠ ଗଞ୍ଜାମ ଜିଲ୍ଲା ଛତ୍ରପୁରର ବଡ଼ ଜଗନ୍ନାଥ ମନ୍ଦିର ବା ରାଜାଘର ମନ୍ଦିର ।

ଛତ୍ରପୁର, ରିକାପଲ୍ଲୀ ଓ ସୀତାରାମ ପଲ୍ଲୀ ତିନିଗୋଟି ନାମକୁ ନେଇ ଗଢ଼ି ଉଠିଥିବା 'ଛତ୍ରପୁର' ସହରରେ ୧୮୩୫ ମସିହାରେ ବ୍ରିଟିଶ ସରକାର ଗଂଜାମ ଜିଲ୍ଲାର ସଦର ମହକୁମା ସ୍ଥାପିତ କରିଥିଲେ । ଛତ୍ରପୁର ସହରରେ ମୋଟ ତିନିଗୋଟି ଜଗନ୍ନାଥ ମନ୍ଦିର ଦେଖିବାକୁ ମିଳେ । ଦୁଇଟି ସାନ ମନ୍ଦିରରେ କେବଳ ପ୍ରଭୁ ଶ୍ରୀ ଜଗନ୍ନାଥ ପୂଜିତ ହେଉଥିବା ବେଳେ ଗୋଟିଏ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ପୂଜିତ ହେଉଛନ୍ତି । ଯାହାକୁ ବଡ଼ ଜଗନ୍ନାଥ ମନ୍ଦିର ବା ରାଜାଘର ମନ୍ଦିର ବୋଲି ଲୋକମାନେ କହୁଛନ୍ତି । ଆସନ୍ତୁ ଏହି ମନ୍ଦିର ସଂପର୍କରେ ଥିବା ଐତିହାସିକ ତଥ୍ୟ ସଂପର୍କରେ ଆଲୋଚନା କରିବା ।

## ମନ୍ଦିରର ଇତିହାସ

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଛତ୍ରପୁରର ଅନତି ଦୂରରେ ଥିବା ପୁରୁଣାପାଟଣା ଗ୍ରାମରୁ କାହ୍ନୁ ପାଣିଗ୍ରାହୀ ନାମକ ଜଣେ ବ୍ରାହ୍ମଣ ପୂଜାରୀ ନିଜ ପରିବାରର ଭରଣପୋଷଣ ନିମିତ୍ତ ଛତ୍ରପୁର ଆସି ସୀତାରାମପଲ୍ଲୀ ଠାରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରର ସହକାରୀ ପୂଜକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ନିଜର ଅର୍ଥାଭାବ ଦେଖା ଦେଲାରୁ ସେତେବେଳେ କମା ବ୍ରାହ୍ମଣ (ପାନ୍ତୁଲୁ) ମାନଙ୍କର ସାହାଯ୍ୟ ଲୋଡ଼ିଥିଲେ । ଏହି ସମୟରେ ଛତ୍ରପୁରର ଧନାଢ଼୍ୟ ବ୍ୟକ୍ତି ତଥା ବିଶିଷ୍ଟ ସମାଜସେବୀ ତାଡ଼େପଲ୍ଲୀ ଭେଙ୍କଟ କ୍ରିଷ୍ଣାୟାଙ୍କ ବିଶାଳ ବାସଗୃହର ଦକ୍ଷିଣ ପୂର୍ବରେ ଏବଂ ପିଲିବନ୍ଧର ଉତ୍ତର ପୂର୍ବରେ ଏକ ବଡ଼ ବଗିଚା ଥିଲା । ଏହି ଜମି ଜଣେ ଗାଁ ମୁଖିଆ ପରିବାରଙ୍କ ଭୋଗ ଦଖଲରେ ଥିଲା । ପରେ ଗାଁ ମୁଖିଆ ଓ ଭେଙ୍କଟଙ୍କ ସହମତିରେ କାହ୍ନୁ ପାଣିଗ୍ରାହୀ ୧୮୯୨ ମସିହାରେ ଉକ୍ତ ଜମି ଦଖଲ କରି ବସବାସ କଲେ । କାଳକ୍ରମେ ସେହି ବଗିଚା ଭିତରେ ଝାଟିମାଟିର କୁଡ଼ିଆଟିଏ କରି ଶ୍ରୀଜଗନ୍ନାଥଙ୍କୁ ସ୍ଥାପନ କରି ଯଥାବିଧି ପୂଜା କଲେ । ଠାକୁରଙ୍କ ପୂଜାବିଧି ନିର୍ବାହ ପାଇଁ ଆର୍ଥିକ ସମ୍ବଳ ନଥିଲେ ମଧ୍ୟ ଠାକୁରଙ୍କ ପ୍ରତିଷ୍ଠା ପର ଠାରୁ ସେ ଭିକ୍ଷାମାଗି ଦୈନନ୍ଦିନ ଭୋଗର ବ୍ୟବସ୍ଥା କରୁଥିଲେ । କାହ୍ନୁ ପାଣିଗ୍ରାହୀଙ୍କ ପ୍ରଚେଷ୍ଟା ଫଳରେ ପ୍ରଭୁଙ୍କ ରଥଯାତ୍ରା ବର୍ଷକୁ ବର୍ଷ ଅନୁଷ୍ଠିତ ହେଲା । ମୁରାରି ସାହୁ ନାମକ ଜଣେ ବ୍ୟକ୍ତି ରିକାପଲ୍ଲୀ ଠାରେ ଗୋଟିଏ ଘର ନିର୍ମାଣ କରିଥିଲେ । ତାହା ହେଲା ଗୁଣ୍ଡିଚା ମନ୍ଦିର । ପ୍ରତିବର୍ଷ ରଥଯାତ୍ରା ବେଳେ ଶ୍ରୀଜଗନ୍ନାଥ ଏଠାରେ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଅବସ୍ଥାନ କରୁଥିଲେ । ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣି ସମୟରେ ତାଡ଼େପଲ୍ଲୀ ଭେଙ୍କଟକ୍ରିଷ୍ଣାୟା ଆର୍ଥିକ ସହଯୋଗ କରୁଥିଲେ । ଦୁର୍ଭାଗ୍ୟକୁ ଅଳ୍ପ ବର୍ଷ ପରେ ଏହି ଝାଟିମାଟିର ଜଗନ୍ନାଥ ମନ୍ଦିରଟି ବାତ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଗଲା । ଏହାପରେ ଇଟା ଓ କାଦୁଅରେ ଚାରିପଟେ କାନ୍ଥ କରାଯାଇ ଉପରେ ଚାଳ ଛପର କରାଗଲା ।



ଲେଖକ ଋତୁରାଜ ଦାସ



## ମନ୍ଦିରକୁ 'ରାଜାଘର' ମନ୍ଦିର କହିବାର କାରଣ

ଅସହଯୋଗ ଆନ୍ଦୋଳନ (୧୯୨୦-୨୧) ସମୟରେ ଏହି ମନ୍ଦିର ଚିକିଟି ରାଜବଂଶର ପୃଷ୍ଠପୋଷକତା ଲାଭ କଲା । ଚିକିଟିର ରାଜା ସ୍ୱର୍ଗତ କିଶୋର ଚନ୍ଦ୍ର ରଜେନ୍ଦ୍ର ଦେବଙ୍କ ଭାର ଦୁର୍ଗା ମାଧବ ଦେବ ଓ ରାଜମାତା ଛତ୍ରପୁର ଆସି ଅବସ୍ଥାପନ କଲେ । ମନ୍ଦିର ରାଜ ପରିବାରର ତତ୍ତ୍ୱାବଧାନରେ ରହିଲା । ରାଜମାତା ଜଣେ ଧର୍ମପ୍ରାଣା ମହିଳା ହୋଇଥିବାରୁ ୧୯୩୦ମସିହାରେ ମନ୍ଦିରର ପୁନରୁଦ୍ଧାର କରାଗଲା । ଫଳ ସ୍ୱରୂପ ଇଟା ଓ ପଥରର ପକ୍କା ମନ୍ଦିରଟିଏ ନିର୍ମିତ ହେଲା । ରିକାପଲ୍ଲୀ ଠାରେ ଅବସ୍ଥିତ ଗୁଣ୍ଡିଚା ମନ୍ଦିର ପରିବର୍ତ୍ତେ ଚିକିଟି ରାଜ ପରିବାରଙ୍କ ଦ୍ୱାରା ପ୍ରଦତ୍ତ ବଜାର ମଧ୍ୟ ଭାଗରେ ଥିବା ଏକ ସ୍ଥାନ ଠାରେ ଗୁଣ୍ଡିଚା ମନ୍ଦିର ନିର୍ମାଣ କରାଗଲା । ରାଜ ପରିବାରର ଶେଷ ଦାୟାଦ କୈଳାସ ଚନ୍ଦ୍ର ଦେବଙ୍କ ଏହି ମନ୍ଦିର ପାଇଁ ବିଶେଷ ଅବଦାନ ଅବିସ୍ମରଣୀୟ । କାରଣ ୨୦୧୫ ମସିହାରେ ଠାକୁରମାନଙ୍କ ନବକଳେବର ତଥା ସ୍ୱର୍ଣ୍ଣ ଅଳଙ୍କାର ପାଇଁ ସେ ଆର୍ଥିକ ସହଯୋଗ କରିଥିଲେ । ରାଜ ପରିବାରର ତତ୍ତ୍ୱାବଧାନ ଫଳରେ ମନ୍ଦିରର ସମସ୍ତ ନୀତି-ନିୟମ, ପୂଜା-ପଦ୍ଧତି, ଯାନି-ଯାତରା ଇତ୍ୟାଦି ରାଜକୀୟ ପଦ୍ଧତିରେ ପରିଚାଳିତ ହେଲା । ତେଣୁ ସ୍ଥାନୀୟ ଲୋକମାନେ ଏହି ମନ୍ଦିରକୁ 'ରାଜାଘର' ମନ୍ଦିର ବୋଲି କହିଲେ ।



ଭାରତ ସ୍ୱାଧୀନ ହେଲା ପରେ ରାଜ ପରିବାରର ଅନୁଦାନ ରାଶି ମନ୍ଦିର ପାଇଁ କ୍ରମଶଃ ହ୍ରାସ ପାଇଲା । କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ନରୋତ୍ତମ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠିତ ପତିତପାବନ ସତ୍‌ସଂଘ ଓ ଛତ୍ରପୁର ଦିବ୍ୟଜୀବନ ସଂଘର ଶାଖା ତଥା ମନ୍ଦିର ତତ୍ତ୍ୱାବଧାରକଙ୍କ ଆନ୍ତରିକ ଉଦ୍ୟମ ଫଳରେ ମନ୍ଦିରର ଆର୍ଥିକ ସମସ୍ୟା ଦୂର ହେଲା । ଏତଦ୍‌ଭିନ୍ନ ସ୍ଥାନୀୟ ବାସିନ୍ଦା ଓ ଭକ୍ତଗଣ ମଧ୍ୟ ମନ୍ଦିରର ଉନ୍ନତୀକରଣ ପାଇଁ ଆଗେଇ ଆସିଲେ । ୧୯୬୯ ମସିହାରେ ମନ୍ଦିରର ସିଂହଦ୍ୱାରରେ ଦୁଇଟି ସିଂହ ମୂର୍ତ୍ତି ଏବଂ ୧୯୭୦-୭୧ ମସିହାରେ ମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ଘରଟିଏ ନିର୍ମାଣ ହେଲା । ମନ୍ଦିରଟି ଆସ୍ତେ ଆସ୍ତେ ଭଗ୍ନ ଅବସ୍ଥାକୁ ଯାଇଥିବା ହେତୁ ନୂତନ ଭାବରେ ମୁଖ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ୧୯୭୬ ମସିହାରେ ଶିଳ୍ପୀ ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହେଲା କିନ୍ତୁ ତାଙ୍କ ଆକସ୍ମିକ ବିୟୋଗ ଯୋଗୁଁ ଶିଳ୍ପୀ ମଧୁସୂଦନ ବେହେରା ୧୯୭୮ ମସିହାରେ ମନ୍ଦିର କାର୍ଯ୍ୟ ସଂପୂର୍ଣ୍ଣ କଲେ । ତା'ପରେ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ବିଜେ ହେଲେ । ମନ୍ଦିର ପ୍ରତିଷ୍ଠା ଏବଂ ଠାକରଙ୍କ ବିଜେ ଉତ୍ସବ ପରେ ପରେ ମନ୍ଦିର ପରିସରରେ ମହାଲକ୍ଷ୍ମୀ ମନ୍ଦିର, ହନୁମାନ ମନ୍ଦିର, ସନ୍ତୋଷୀମା ମନ୍ଦିର, ଅତିଥିଶାଳ, ପାଠାଗାର, ରୋଷଶାଳା, ଶ୍ରୀ ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିର, ଶ୍ରୀରାମ ମଣ୍ଡପ ଆଦି ୧୯୮୪ ମସିହାରେ ପ୍ରତିଷ୍ଠା କରାଯାଇଛି । ୧୯୯୩ରେ ତୁଳସୀ ଦାସଙ୍କ ଶିବିର ଓ ଭାଗବତ ଟୁଙ୍ଗୀ ପୁରୀର ଗଜପତି ଦିବ୍ୟସିଂହ ଦେବଙ୍କ ଦ୍ୱାରା ପ୍ରତିଷ୍ଠା ହେଇପାରିଛି ।

## ମନ୍ଦିରରେ ପାଳିତ ହେଉଥିବା ପର୍ବପର୍ବାଣି

ମହାବିଷୁବ ସଂକ୍ରାନ୍ତି, ଅକ୍ଷୟ ତୃତୀୟା, ଶୀତଳ ଷଷ୍ଠୀ, ଝୁଲଣ ଯାତ୍ରା, ଜନ୍ମାଷ୍ଟମୀ, ଚିତାଲାଗି ଅମାବାସ୍ୟା, ଦୀପାବଳୀ, ମକର ସଂକ୍ରାନ୍ତି, ଅଁଳା ନବୀ, ମହାଶିବରାତ୍ରି, ଦୋଳଯାତ୍ରା, ଦେବସ୍ନାନ ପୂର୍ଣ୍ଣିମା, ରଥଯାତ୍ରା, ଶ୍ରୀରାମ ନବମୀ ଆଦି ବାରମାସୀ ପର୍ବପର୍ବାଣି ମନ୍ଦିରରେ ଅନୁଷ୍ଠିତ ହେଉଛି ।

ଦୀର୍ଘ ଶହେ ବର୍ଷ ତଳୁମନ୍ଦିରର ପୂଜା ସେବାରେ ଚିରସ୍ଥାୟୀ ବନ୍ଦୋବସ୍ତ ନିମନ୍ତେ ଠାକୁର ଯେଉଁ ପ୍ରତିନିଧିମାନଙ୍କୁ ଜନ୍ମ ଦେଇଛନ୍ତି ତାର ପରିକଳ୍ପନା ଏବଂ କାହ୍ନୁ ପାଣିଗ୍ରାହୀଙ୍କ ଅମଳରୁ ଦାତାଙ୍କ ଅନୁଦାନ ଏଯାଏଁ ଚାଲୁ ରହିଛି । ଏବେ ମନ୍ଦିରଟି ଶ୍ରୀ ଜଗବନ୍ଧୁ ପାଣିଗ୍ରାହୀଙ୍କ ପରିଚାଳନାରେ ପରିଚଳିତ ହେଉଛି । ଯାହା ଫଳରେ ମନ୍ଦିରରେ ଅବସ୍ଥାପିତ ସବୁ ଠାକରଙ୍କ ଅନ୍ନଭୋଗର ବ୍ୟବସ୍ଥା ହୋଇପାରିଛି । ସେବା ପୂଜାର ସୁପରିଚାଳନା ନିମନ୍ତେ କେତେକ ସେବକଙ୍କୁ ନିଯୁକ୍ତି ଦିଆଯାଇଛି । ନିୟମିତ ଭୋଗରାଗ ସହିତ ପ୍ରତ୍ୟେକ ବର୍ଷ ଧନୁ ସଂକ୍ରାନ୍ତି ଠାରୁ ନିୟମିତ ପହିଲି ଭୋଗର ବ୍ୟବସ୍ଥା ହୋଇପାରିଛି । ଛତ୍ରପୁର ଜଗନ୍ନାଥ ମନ୍ଦିରର ଇତିହାସ ସମସ୍ତ ଜଗନ୍ନାଥ ମନ୍ଦିରର ଇତିହାସ ଠୁ ଟିକେ ଭିନ୍ନ । ଏ ମନ୍ଦିର ଭକ୍ତି, ଆସ୍ଥା ଓ ବିଶ୍ୱାସର ପ୍ରତୀକ । ଏ ମନ୍ଦିର ନିର୍ମାଣ କରିବା ପାଇଁ ପ୍ରଭୁ କାହାକୁ ସ୍ୱପ୍ନାଦେଶ ଦେଇନଥିଲେ । ଜଣେ ସାଧାରଣ ବ୍ରାହ୍ମଣ ପୂଜକ କାହ୍ନୁ ପାଣିଗ୍ରାହୀଙ୍କ ଅଦମ୍ୟ ଚେଷ୍ଟା ଓ ଭକ୍ତି ଭାବନାରୁ ଏ ମନ୍ଦିରର ଜନ୍ମ । ତାଙ୍କ ଯୋଗୁଁ ଛତ୍ରପୁରବାସୀ ପ୍ରଭୁ ଜଗନ୍ନାଥଙ୍କ ସାନ୍ନିଧ୍ୟ ଲାଭ କରିପାରୁଛନ୍ତି । ସେ ମହାନ ପୁରୁଷଙ୍କୁ କୋଟି ପ୍ରଣାମ ।

# ଚର୍ଚ୍ଚା



## ଭୁବନେଶ୍ୱରୀ ପଣ୍ଡା

'କଲ୍ୟାଣୀ'
ପ୍ଲଟ୍ ନଂ: ୪୨୪୨-୫୨୦୪
ପାଣ୍ଡବ ନଗର, ବଡ଼ଗଡ଼, ଭୁବନେଶ୍ୱର
ଫୋନ: ୬୩୭୧୬୫୨୨୨୪


ଚିତ୍ର : ସଞ୍ଜୟ କୁମାର ରାଉଳ

**ତରୁ ଅପା ବିଷୟରେ ଶୁଣି ମତେ ତାଙ୍କ ପ୍ରତି ଘୃଣା ଆସୁନଥିଲା । କିନ୍ତୁ ମୋହନ, ଅବିନାଶ ଏମାନେ କାହିଁକି ତାଙ୍କ ବିରୋଧରେ ଏତେ କଥା ଗପୁଛନ୍ତି ବୋଲି ସେମାନଙ୍କ ଉପରେ ରାଗ ଆସି ଯାଉଥିଲା ମୋର । ଦି' ଜଣ ମହିଳାଙ୍କ କଣ୍ଠ ସ୍ୱର କଣ ଏକା ହୋଇପାରିବନି । ତା' ବୋଲି ଜଣକୁ ଆମେ ବେଶ୍ୟାର ଆଖ୍ୟା ଦେଇଦବା । ଫୋନ୍ କଥାବାର୍ତ୍ତା ଶୁଣିବା ପରେ ବି ମୋ ସନ୍ଦେହ ବଳୟକୁ ଆସିନଥିଲେ ତରୁ ଅପା ।**



▲ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡା

ଭୁବନେଶ୍ୱରରେ ରହି ଚାକିରି ପାଇଁ ବିଭିନ୍ନ କମ୍ପିଟେଟିଭ୍ ପରୀକ୍ଷା ଦେଉଥାଏ ମୁଁ । ହେଲେ ସରକାରୀ ଚାକିରି ମାନେ ତ ଧୈର୍ଯ୍ୟର ଏକ ପରୀକ୍ଷା । କେତେ ଆଉ ବାପା ଟଙ୍କା ପଠାଇବେ । ମଝିରେ ମଝିରେ ଫୋନ୍‌ରେ ଯେତେବେଳେ ପଚାରି ଦେଉଛନ୍ତି ଏଥର ବାଜିଯିବ ତ, ସେତେବେଳେ ଟାଇଁକିନା ଲାଗୁଛି । ବାପାଙ୍କ ପଇସା ଉପରେ ନିର୍ଭର କରି ପରୀକ୍ଷା ପରେ ପରୀକ୍ଷା ଦେଇ ଚାଲିବାକୁ ଭଲ ଲାଗୁନଥାଏ । ତେଣୁ ଏକ ମାସିକ ପତ୍ରିକା 'ମମତା'ରେ ଜଏନ୍ କରିଗଲି । ଯାହା କିଛି ମିଳୁଥିଲା ସେଥିରେ ମେସ୍, ଫର୍ମ ଫିଲ୍‌ଅପ୍, ବହି ବାବଦ ଖର୍ଚ୍ଚ ଉଠି ଯାଉଥିଲା ।

ଅଫିସ୍‌ର ତରୁ ଅପା ମତେ ଭାରି ନିଜର ଲାଗନ୍ତି । ବଡ଼ ଭଉଣୀ ଭଳି ତାଙ୍କ ବ୍ୟବହାର । "କ'ଣ କିରେ ମନ ଭଲ ନାହିଁକି? କ'ଣ ଆଜି ଖାଇକି ଆସିଛୁ" ବୋଲି ପଚାରନ୍ତି ନିଶ୍ଚୟ । ଯଦି ଅପରାହ୍ନରେ ଚା' ପିଇବାକୁ ଯାଆନ୍ତି, ତା'ହାଲେ ନିଶ୍ଚିତ ମୋ ପାଇଁ ହଲ୍‌ଦିରାମ୍‌ର ବାଦାମ, ମିକ୍ସର ନହେଲେ ଭଜା ବୁଟ କି ମଟର ନେଇକି ଆସନ୍ତି । ଗାଁରୁ ଯଦି ଫେରିଥାଏ ତାହାଲେ ବାପା-ବୋଉଙ୍କ ଦେହ ମୁଣ୍ଡ କଥା ପଚାରନ୍ତି । ପର୍ବପର୍ବାଣିରେ ଘରୁ ପିଠା ନେଇକି ଆସନ୍ତି ତରୁ ଅପା । ମୋ ଟେବୁଲ ପାଖେ ପିଠା ଟିଫିନ୍ କି ଜରି ଗୁଞ୍ଜି ଦେଇ ଯାଆନ୍ତି । "ପଦାରେ ରହୁଛୁ, ଦେଶୀ ଖାଇବା ଜିନିଷ ଏଠି କୋଉଠୁ ପାଇବୁ । ଘରେ ଥିଲେ ମାଉସୀ କେତେ କଣ କରୁଥାଆନ୍ତେ, ତୁ ଖାଉଥା'ନ୍ତୁ । ଅପା ଆଣିଛି ସ୍ନେହରେ । ଖାଇଦେ ।", କୁହନ୍ତି ତରୁ ଅପା ।

ଓଡ଼ିଶା କି ଭାରତ ବନ୍ଦ ବେଳେ ହୋଟେଲ ସବୁ ବନ୍ଦ । ତେଣୁ ବ୍ୟାଗ୍‌ରେ ପଡ଼ିଥିବା ଶୁଖିଲା ଗୁଡ଼େ ବିସ୍କୁଟ ପ୍ୟାକେଟ୍‌ରେ ସେଦିନ ରହିବାକୁ ପଡ଼େ । ସେଦିନ ତରୁ ଅପା ପଚାରିଲେ, "ଖାଇବାକୁ ଯିବୁନି କିରେ?" ମୁଁ କହିଲି, "ହୋଟେଲ ପରା ସବୁ ବନ୍ଦ । ଆଜି ବିସ୍କୁଟ ଜିନ୍ଦାବାଦ ।" ତା ପରଠୁ ଯେତେଥର ବନ୍ଦ୍‌ବାନ୍ଦ୍ ହୁଏ ତରୁ ଅପା ମୋ ପାଇଁ ଭାତ, ରୁଟି, ତରକାରୀ, ଭଜା, ଶାଗ ଥାଇକି ଏକ ଅଲଗା ଟିଫିନ୍ ନେଇକି ଆସେ ।

ସେଦିନ ଅଫିସ୍‌ର ପବିତ୍ର ସାର୍ ପଚାରିଲେ, "ତରୁ କ'ଣ ତୁମର ଆଗରୁ ଚିହ୍ନା ପରିଚିତ କି?" ମୁଁ କହିଲି, "ନାଇଁ ଆଜ୍ଞା ଅପାଙ୍କୁ ଏଇଠି ଜାଣିଲି ।" ପବିତ୍ର ସାର୍‌ଙ୍କ ଚାମ୍ବରରୁ ବାହାରିକି ଆସିଲା ପରେ ସମସ୍ତେ ମୋତେ ଖାଲି ଚାହୁଁଥାଆନ୍ତି ।

ମୋହନ ମୋ ସମବୟସ୍କ । ତେଣୁ ମୋ ଅନୁପସ୍ଥିତିରେ ତା ସାମ୍ନାରେ ଅନ୍ୟମାନେ କରିଥିବା ଆଲୋଚନାକୁ ସେ ମୋତେ ଜଣାଇଲା: "ବୁଝିଲୁ ଅବିନାଶ, ତରୁ ମ୍ୟାଡାମଙ୍କ ବିଷୟରେ ତୁ ବେଶୀ କିଛି ଜାଣିନୁ । ତାଙ୍କର ଚାରିତ୍ରିକ ତ୍ରୁଟି ଅଛି । ତରୁ ମ୍ୟାଡାମ୍ ହେଉଛନ୍ତି ସର୍କୁଲେସନ୍ ଡିପାର୍ଟମେଣ୍ଟର ଜ୍ଞାନ ବାବୁଙ୍କ ରକ୍ଷିତା ବୋଲି ସମସ୍ତେ ଜାଣନ୍ତି । ମାର୍କେଟିଂର ରମେଶ ବାବୁଙ୍କର ସହ ଖରାବେଳେ ୨ ଘଣ୍ଟା ଖାଇବାକୁ ଯାଆନ୍ତି ମ୍ୟାଡାମ୍ । ଦୁହେଁ ଅଫିସ୍‌ରୁ ଛୁଟି ନେଇ ବିଭିନ୍ନ ସ୍ଥାନ ବୁଲିବାକୁ ଯାଆନ୍ତି । ପୁରୀ ସମୁଦ୍ର କୂଳରେ ଏକୁଟିଆ ଠିଆ ହୋଇଥିବାର ଏକ ଫଟୋ ତାଙ୍କ ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ଦେଇଥିଲେ । ତେବେ ତରୁ ମ୍ୟାଡାମଙ୍କ ଚଷମାରେ ଫଟୋ ଉଠାଉଥିବା ରମେଶ ବାବୁ ଆସି ଯାଇଥିଲେ । ତେଣୁ ଉଭୟ ଯେ ସାଙ୍ଗ ହୋଇ ଯାଇଥିଲେ ସେଥିରେ ଆଉ କାହାର ସନ୍ଦେହ ନଥିଲା । ଫର୍ଟି ପ୍ଲସ୍ ଲୋକଙ୍କୁ ମ୍ୟାଡାମ୍ ପ୍ରେମ ଜାଲରେ ପକାନ୍ତି । ୩୦ରୁ କମ୍ ବୟସ୍କ ପିଲାଙ୍କୁ ସାନ ଭାଇ ଭଳି ସ୍ନେହ କରନ୍ତି ତରୁ ମ୍ୟାଡାମ । ହେଲେ ତରୁ ମ୍ୟାଡାମଙ୍କ ସ୍ନେହ ତୋ ପାଇଁ କିଳା ଡାକି ନଆଣୁ । ତୁ ହୁସିଆର ହେଇଯା ।" କହିଲା ମୋହନ ।

ମୋହନ ଠାରୁ ଏସବୁ ଶୁଣି ମୁଁ ବେଶୀ ବେଶୀ ଭାବୁଥାଏ ତରୁ ଅପାଙ୍କ ବିଷୟରେ । ଶାଢ଼ିଟି ଏମିତି ଢଙ୍ଗରେ ପିନ୍ଧିଥାଆନ୍ତି ଯେ କେବେ ଶରୀରର କୌଣସି ଅଂଶ ଦୃଶ୍ୟମାନ ହୁଏନି ତରୁ ମ୍ୟାଡାମଙ୍କର । ଡ୍ରେସ ପିନ୍ଧିଲେ ଓଢ଼ଣୀକୁ ଦି ପରସ୍ତ ଭାଙ୍ଗ କରି ବେକ ଠାରୁ ପେଟ ଯାଇ ପକାନ୍ତି । ଖସି ନଯିବା ପାଇଁ ଦି ପଟେ କାନ୍ଧ ପାଖରେ ଲାଗିଥାଏ

**ପ୍ରତ୍ୟେକ ମଣିଷ ଭିତରେ ରହିଛି କିଛି ଅବ୍ୟକ୍ତ ବେଦନା । ତାହାକୁ ସେ ନା ଦେଖାଇପାରେ ନା ଭାଷାରେ ବର୍ଣ୍ଣନା କରିପାରେ । ଉପରକୁ ବହୁତ ଭଲ ଦେଖା ଯାଉଥିବା ଜଣେ ନାରୀ ପରିସ୍ଥିତିର ଚାପରେ ଅପକର୍ମକୁ ଆଦରି ନିଏ । ସେହି ଅପକର୍ମ ପାଇଁ ସମାଜ ତାକୁ ନିନ୍ଦା ଦିଏ, ବଦନାମ କରେ । କିନ୍ତୁ ଅପକର୍ମ ପଛର କରୁଣ କାହାଣୀ ଜାଣିବାକୁ କେହି ଉଦ୍ୟମ କରନ୍ତିନି । ଆଉ ଏହି କରୁଣ କାହାଣୀକୁ ଜଣାଇ ଜଣେ ନାରୀ କାହା ଠାରୁ ସହାନୁଭୂତି ଆଶା କରୁନି । ନିଜ ସିନ୍ଦୂର ବଞ୍ଚାଇବାକୁ ସମାଜ ଆଖିରେ ଚରିତ୍ରହୀନାର ପରିଚୟ ପାଇଥିଲେ ବି ଛାତିକୁ ପଥର କରି ନିଜ କର୍ମ କରି ଚାଲିଛି । ଏମିତି ଜଣେ ନାରୀର ଅକୁହା ବେଦନା ହିଁ 'ଚର୍ଚ୍ଚା' ଲେଖିବାର ପଶ୍ଚାତ୍ ପ୍ରେରଣା ।**

ସେଫ୍ଟିପିନ୍ । ତରୁ ଅପାଙ୍କ ଏମିତି ବେଶ ଦେଖିଲେ ଆମ ହାଇସ୍କୁଲ ପଢ଼ିଲା ବେଳର ଝିଅମାନଙ୍କ କଥା ମନେ ପଡ଼ିଯାଏ । ମାର୍ଜିତ ବେଶ ଭୂଷାରେ ଆସୁଥିବା ତରୁ ଅପା କଣ ସତରେ ଚରିତ୍ରହୀନ ବୋଲି ମନକୁ ମନ ପ୍ରଶ୍ନ କରୁଥାଏ ମୁଁ ।

ପରଦିନ ଅଫିସ ଆସି ମୋହନ, ମୁଁ ଓ ରିତେଶ ୩ ଜଣ ଯାକ ଖରାବେଳେ ଖାଇବାକୁ ଗଲୁ ରତନା ମଉସା ହୋଟେଲକୁ । ଖାଇବା ଲାଗିବା ପୂର୍ବରୁ ମୋହନ ଆରମ୍ଭ କଲା, "ବୁଝିଲୁ ରିତେଶ ତରୁ ମ୍ୟାଡାମଙ୍କ କୀର୍ତ୍ତି କଳାପ ବିଷୟରେ ମୁଁ ଅବିନାଶକୁ ଚୁମ୍ବକରେ ଜଣେଇଛି । ଯଦି ପୂରା ଜଣେଇବି ତହାଲେ ଟୋକା ବେହୋସ ହେଇଯିବ ।"

ରିତେଶ କହିଲା, "ସିନ୍ଦୂରର ଲମ୍ବା ଯେତିକି ଚଉଡ଼ା ସେତିକି । ମଥାରେ ବିରାଟ ମେରୁନ୍ ବିନ୍ଦି । ବେକରେ ମଙ୍ଗଳ ସୂତ୍ର, ହାତରେ ମେଞ୍ଚେ ମେଞ୍ଚେ ଚୁଡ଼ି । କିନ୍ତୁ ତରୁ ମ୍ୟାଡାମଙ୍କ ସ୍ୱାମୀଙ୍କୁ କେହି କେବେ ଦେଖିନାହାନ୍ତି । ଅଫିସ୍ ଷ୍ଟାଫ୍‌ଙ୍କ ବାହାଘର, ସେମାନଙ୍କ ପିଲାଙ୍କ ବ୍ରତଘର କି ବାପା ମାଆଙ୍କ ଏକାଦଶାହ କୋଉଠିକି କେବେ ବୁଢ଼ୀର ହଜ୍‌ବ୍ୟାଣ୍ଡ୍ ଆସେନି । କାହାକୁ କହୁଛି ସିଙ୍ଗାପୁରରେ ଚାକିରି କରନ୍ତି ତ ଆଉ କାହାକୁ କହୁଛି ମାଲେସିୟାରେ ରୁହନ୍ତି । ସତ ସିନା କହିଲେ ଗୋଟିଏ କଥା ପାଟିରୁ ବାହାରିବ । ମିଛ ଯେହେତୁ କହୁଛି ସବୁଠି ଅଲଗା ଅଲଗା କଥା କହୁଛି । ବୁଢ଼ୀକି ଦିନେ କହିଲି, ଅପା ଭାଇନାଙ୍କ ଫଟୋ ଟିକିଏ ଦେଖେଇଲ । ଅଲଗା କଥା ପକେଇ ସେଠୁ ଉଠି ଚାଲିଗଲା ତରୁ ମ୍ୟାଡାମ । ଥରେ ୧୫ ଦିନ ଛୁଟି ପାଇଁ ଆବେଦନ କଲା । କହିଲା କଣ ନା ଭାଇନାଙ୍କ ପାଖକୁ ଯିବି । ୪ ଦିନ ପରେ ତାକୁ ସର୍କୁଲେସନ୍‌ର ଜ୍ଞାନ ବାବୁଙ୍କ ସହ ଦେଖିଲି ସିସିଡିରେ । ମୁଁ ଆଉ ଭିତରକୁ ପଶିବି କ'ଣ । ଜ୍ଞାନ ବାବୁଙ୍କ କାର୍ ଦେଖି ଏବଂ କାଚ ପଟେ ଉଭୟ ବସିଥିବା ଦେଖି ସେ ସ୍ଥାନ ତୁରନ୍ତ ଛାଡ଼ିଦେଲି ମୁଁ ।" ଏତକ କଥାବାର୍ତ୍ତା ଭିତରେ ଲଞ୍ଚ୍ ସାରି ଅଫିସ୍ ଫେରିଲୁ ଆମେ ।

ସଂଧ୍ୟା ସମୟରେ ଚା' ପିଇବାକୁ ୩ ଜଣ ଯାକ ବାହାରିଲୁ । ମୋହନ କହିଲା, "ଆଉ ଗୋଟ କଥା ଶୁଣିଲେ ତୋ ପାଦ ତଳୁ ମାଟି ଖସିଯିବ । ତରୁ ମ୍ୟାଡାମ ଆମର ଭଡ଼ା ଯାଏ ।" କାନ ଆଉ ଶୁଣି ପାରୁନଥାଏ ଏସବୁ । ମୋହନ କହିଲା, "ମୋର ଗୋଟେ ଅଲଗା ଜିଓ ନମ୍ବର ଅଛି । ସେଇଟା କେହି ଜାଣନ୍ତିନି । ସେଥିରୁ ଯଦି ଏବେ କଲ୍ କରିବି ତୁ ସବୁ ବିଶ୍ୱାସ କରିବୁ । ଏସବୁ ଧନ୍ଦା ପାଇଁ ବୁଢ଼ୀ ବି ଆଉ ଗୋଟେ ନମ୍ବର ରଖିଛି । ଦେଖେ ତୋ ଆଗରେ କଲ୍ କରୁଛି ।" ପାଟିରେ ରୁମାଲ୍ ଟାଇଟ୍ କରି ଭିଡ଼ି ନମ୍ବରଟି ଡାଏଲ କଲା ମୋହନ । ଆରେ ଯେ କ'ଣ ! ପୁରା ତରୁ ଅପାଙ୍କ ସ୍ୱର ତ । ସାଢ଼େ ୩ ହଜାର ଟିକିଏ ଅଧିକ ହେଇଯାଉଛି । ଅଢ଼େଇ ହଜାର ପାଇଁ କହୁଥାଏ ମୋହନ । ନାଇଁ ସାଢ଼େ ୩ ହେଲେ ହବ ନହେଲେ ନାହିଁ ବୋଲି ସେପଟୁ ଶୁଭିଲା । ହଉ ମୁଁ ପରେ ଜଣାଉଛି କହି ଫୋନ ରଖିଲା ମୋହନ ।

ତରୁ ଅପା ବିଷୟରେ ଶୁଣି ମତେ ତାଙ୍କ ପ୍ରତି



ଘୃଣା ଆସୁନଥିଲା । କିନ୍ତୁ ମୋହନ, ଅବିନାଶ ଏମାନେ କାହିଁକି ତାଙ୍କ ବିରୋଧରେ ଏତେ କଥା ଗପୁଛନ୍ତି ବୋଲି ସେମାନଙ୍କ ଉପରେ ରାଗ ଆସି ଯାଉଥିଲା ମୋର । ଦି' ଜଣ ମହିଳାଙ୍କ କଣ୍ଠ ସ୍ୱର କଣ ଏକା ହୋଇ ପାରିବନି । ତା' ବୋଲି ଜଣକୁ ଆମେ ବେଶ୍ୟାର ଆଖ୍ୟା ଦେଇଦବା । ଫୋନ କଥାବାର୍ତ୍ତା ଶୁଣିବା ପରେ ବି ମୋ ସନ୍ଦେହ ବଳୟକୁ ଆସିନଥିଲେ ତରୁ ଅପା ।

ମୋହନ ଠାରୁ ତରୁ ଅପାଙ୍କ ଅନ୍ୟ ନମ୍ବରଟି ନେଲି । ମୋହନ କହିଲା, "ମୁଁ ଜାଣିଛି ତୁ ଏବେ ବୁଢ଼ୀ ଜାଲରେ । ହଉ ମଜା ନେ । ସୁଯୋଗ ଅଛି ଯେତେବେଳେ ଛାଡ଼ିବୁ କାହିଁକି । ତୋର କ'ଣ କେହି ପ୍ରେମିକା ନାହାନ୍ତି କିରେ । ଦେହ ଥଣ୍ଡା ପାଇଁ ତୁ ତରୁ ମ୍ୟାଡାମ ନମ୍ବର ମାଗୁଛୁ ।" ବିରକ୍ତିରେ ମୁଁ କିଛି କହିଲିନି ।

ସନ୍ଦେହ ମୋଚନ ପାଇଁ ମୋହନ ଠାରୁ ଆଣିଥିବା ନମ୍ବରଟିକୁ ଅନ୍ୟ ଜଣେ ସାଙ୍ଗକୁ କହିଲି ଲଗାଇବାକୁ । ଲାଉଡ୍ ସ୍ପିକର ଅନ୍ ଥାଏ । ସେମାନଙ୍କ କଥାବାର୍ତ୍ତା ଭିତରେ ମୋତେ ଆଶ୍ଚର୍ଯ୍ୟ ଲାଗୁଥାଏ ଜଣକ ସ୍ୱର କଣ ସତରେ ଏତେ ମିଶିଯାଏ । ଶେଷରେ ସେ କହିଥିବା ସ୍ଥାନରେ ପହଞ୍ଚିଗଲି ।

ତରୁ ଅପାଙ୍କ ଧଳା ରଙ୍ଗର ଆକ୍ଟିଭା ବାହାରେ ଥୁଆ ହୋଇଥିବା ଦୂରରୁ ଦେଖିଲି । ଆଉ ଟିକିଏ ପାଖକୁ ଯିବାରୁ ନଜର ପଡ଼ିଲା ତରୁ ଅପାଙ୍କ ହାଫ୍ ସୁଜ୍ ଉପରେ । କ୍ୟାମ୍ପସ୍ ଭିତରେ ପଶିଲି । ଭିତରୁ ଶୁଭିଲା... "ଯାଙ୍କର ସପ୍ତାହକୁ ୨ ଥର ଡାଏଲିସିସ୍ ହେଉଥିଲା । ଡାକ୍ତର କହିବା ପରେ ଏବେ ୩ ଥର ହେଉଛି । ଦରମା ଟଙ୍କା ତ ଘର ଚଳିବାରେ ସରି ଯାଉଛି । ତେଣୁ ମେଡିକାଲ ଖର୍ଚ୍ଚଟା ଏଇ ବାଟରେ ଉଠେଇବାକୁ ପଡୁଛି । ଆଉ ଅଢ଼େଇ ହଜାର ନୁହେଁ ଏବେ ସାଢ଼େ ୩ କରିଦେଇଛି । କିଏ ଯଦି ଅତି ମୂଲ୍‌ଚାଲ୍ କଲା ତାହେଲେ ୩ ହଜାର । ତା' ତଳକୁ ଖସିଲେ ହବନି । ଜଣେ ପରେ ଜଣାଇବ କହି ଆଉ କାଇଁ କିଛି କହିଲାନି । ଆଉ ଜଣେ ଟାଇମ୍ ଦେଇଥିଲା କିନ୍ତୁ ଆସୁନି ଏଯାଏଁ । କାଲି ଯାଙ୍କର ଡାଏଲିସିସ୍ କେମିତି ହେବ କେଜାଣି... ।" ତରୁ ଅପା ଫୋନ୍‌ରେ କାହାକୁ ଏମିତି କହୁଥିବାର ଶୁଣିଲି । ଧରା ପଡ଼ିଯିବା ଭୟରେ କଳା କାଚ କଭର ବାଲା ହେଲ୍‌ମେଟ୍ ପିନ୍ଧିଥିଲି । ଆଉ ବାଇକ୍‌ଟା ଗଳି ମୁଣ୍ଡରେ ରଖିଥିଲି । ତରୁ ଅପା ମତେ ଦେଖିବା ପୂର୍ବରୁ ମୁଁ ସେ କ୍ୟାମ୍ପସ୍‌ରୁ ବାହାରି ଯାଇଥିଲି ।

ଅଫିସ୍‌ରେ ପହଞ୍ଚିବା ପରେ ତରୁ ଅପାଙ୍କୁ ଫୋନ୍ କଲି । କିଛି ଅସୁବିଧା ହେଇଛି କି କାଇଁ ଆସିନ ଆଜି ବୋଲି ପ୍ରଶ୍ନ କଲି । ନା ସ୍ୱାମୀଙ୍କ ଦେହ ଖରାପ କଥା କହିଲେ ନା ଟଙ୍କା କିଛି ଆବଶ୍ୟକ ବୋଲି ଜଣେଇଲେ । ନିଜ ସମସ୍ୟା କଥା କିଛି କହିଲେନି ତରୁ ଅପା । ବରଂ ମୋ ଏଏସ୍‌ଓ ପରୀକ୍ଷା କେମିତି ହେଇଛି ପଚାରିଲେ । ଏଥର ମୁଁ ମିଠା ଖାଇବି । ପଢ଼ାପଢ଼ି କରୁଥା' । ଦେହମୁଣ୍ଡକୁ ଜଗୁଥା' । ମୁଁ ୩ ଦିନ ଛୁଟିରେ ଅଛି । ଗଲେ ଦେଖାହେବ କହି ଫୋନ ରଖିଲେ ତରୁ ଅପା । ପଛ ପଟୁ ମୋହନ ଆସି ଛିଡ଼ା ହୋଇ ସାରିଥିଲା । କହିଲା, "ତରୁ ଭୂତ ତୋତେ ବି ଲାଗିଲାଣି ।" ମୋତେ ବିରକ୍ତ ଲାଗିଲା ତା କଥା ଶୁଣି । କିନ୍ତୁ ସତ କହିବାକୁ ସାହସ ଜୁଟିଲାନି । ଯେତେବେଳେ ତରୁ ଅପା ଚରିତ୍ରହୀନାର ଆଖ୍ୟା ପାଇ ସିନ୍ଦୁରକୁ ବଞ୍ଚାଇ ରଖିଛି, ସ୍ୱାମୀର ଦେହ ଖରାପ କଥା କହି କାହାଠୁ ସହାନୁଭୂତି ଗୋଟାଉନି କି କାହା ପାଖେ ହାତ ପତାଉନି, ସେତେବେଳେ ମୁଁ କାହିଁକି ବା ମୁହଁ ଖୋଲିବି । ତେବେ ତରୁ ଅପାକୁ ନେଇ ଏତେ ନକାରାତ୍ମକ ଚର୍ଚ୍ଚାକୁ ବି ମୁଁ ସହଜରେ ଗ୍ରହଣ କରିପାରୁ ନଥିଲି ଭିତରୁ .... ।



# ସେ ତ ଭକତ ଭାବରେ ବନ୍ଧା

# ଜଗାଦର୍ଶନର ଅମୃତ ଅନୁଭୂତି

**ଡକ୍ଟର ପ୍ରଫୁଲ୍ଲ କୁମାର ପାଣି**

ଜିରିଡାମାଳି, କଳିଙ୍ଗନଗର
କାମାକ୍ଷାନଗର, ଢେଙ୍କାନାଳ-୭୫୯୦୧୮
ଫୋନ: ୬୩୭୨୪୫୯୯୬୦

ଫଟୋ ସୌଜନ୍ୟ : ଗୁଗୁଲ୍



୨୦୧୯ ଡିସେମ୍ବର ଠାରୁ ୨୦୨୨ ଜାନୁୟାରୀ ପର୍ଯ୍ୟନ୍ତ ଦୀର୍ଘ ଦୁଇବର୍ଷ ଅଦୃଶ୍ୟ କରୋନା ମହାମାରୀର କରାଳ ତାଣ୍ଡବ ସମୟରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା ମଣିଷର ମାନସିକ ସ୍ଥିତି ଓ ଗତି । ସର୍ବତ୍ର ହାହାକାର ତ୍ରାହି ତ୍ରାହି ମଣିଷ ମଡକ ତଥା ବିଜନ ପରିବେଶ । ଲକ୍‌ଡାଉନ୍, ସଟ୍ ଡାଉନ୍, କ୍ୱାରେଣ୍ଟାଇନ୍, କଣ୍ଟେନମେଣ୍ଟ, ଜନତା କର୍ଫ୍ୟୁ, ଆଇସୋଲେସନ୍ ଇତ୍ୟାଦି ଶବ୍ଦର ବହୁଳ ବ୍ୟବହାର । ଦୀର୍ଘ ଅବଧିର ସାମାଜିକ ଦୂରତା, ସଙ୍ଗରୋଧବାସ ଜୀବନ ଧାରଣ ପାଇଁ ବଡ ଅସହ୍ୟ ଥିଲା । ନିଃସଙ୍ଗ ଜୀବନ ତଥା ମାନସିକ ଅବସାଦରୁ ମୁକୁଳିବା ପାଇଁ କିଛି ମନୋରଞ୍ଜନର ସାହାରା ବ୍ୟତୀତ ଏକମାତ୍ର ଭରସା ଥିଲେ ପ୍ରଭୁ ଜଗନ୍ନାଥ ଜଗତର ନାଥ କାଳିଆ ଠାକୁର । ମହାମାରୀ ସଂକଟରୁ ରକ୍ଷା ପାଇବା ପାଇଁ ସତର୍କତା ଅବଲମ୍ବନ ପୂର୍ବକ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ଶରଣାପନ୍ନ ହୋଇ ସଂକଟ ଟାଳିବା ବ୍ୟତୀତ ଅନ୍ୟ ପନ୍ଥା ନଥିଲା । ସେ ଜଗତର ସ୍ରଷ୍ଟା, ପାଳକ ଓ ସଂହାରକ । ତାଙ୍କରି ପାଦପଦ୍ମରେ ନିଜକୁ ସମର୍ପଣ କରିଦେଲେ ସବୁ ବିପଦ ଟଳିଯାଏ । ଆମର ସାମାଜିକ ଜୀବନ ସହିତ ପ୍ରଭୁ ଜଗନ୍ନାଥ ଭକ୍ତି ଭାବରେ ଜଡିତ । ତାଙ୍କ ପ୍ରସାରିତ ବାହୁ ଯୁଗଳ ଅଭୟ ଆଶ୍ରୟ ଦେଇ ଆମ ପରିବାରକୁ ସର୍ବଦା କୋଳେଇ ନେଇଛନ୍ତି । ଆମେ ସମସ୍ତେ ନିଜ ନିଜର ଇଚ୍ଛାକୁ ତାଙ୍କ ଭିତରେ ଖୋଜି ପାଇଛୁ । ଉଲ୍ଲସିତ ମଧ୍ୟ ହୋଇଛୁ । ୨୦୨୨ ଫେବୃୟାରୀ ଶେଷ ଆଡକୁ କରୋନାର ତୃତୀୟ ଲହର ଧୀରେ ଧୀରେ ଥମି ଆସିଲା ପରେ ଓଡିଶା ସରକାର ଶ୍ରୀମନ୍ଦିରରେ ଲାଗିଥିବା କଟକଣା କୋହଳ କଲେ । ପୂର୍ବପରି ସାଧାରଣ ଜନତା ବିନା ପ୍ରମାଣପତ୍ରରେ ଶ୍ରୀମନ୍ଦିର ଦର୍ଶନ କରିପାରିବେ ବୋଲି ସରକାର ଘୋଷଣା କଲେ । ଖୁସି କହିଲେ ନ ସରେ । ମୋର ଧର୍ମପତ୍ନୀ ପୁରୀ ଯାଇପାରୁନଥିବାରୁ ମୋ ପାଖରେ କେତେଥର ମୁହଁ ଶୁଖେଇ ବ୍ୟସ୍ତ ହେଉଥିଲେ । ଆମେ ସମସ୍ତେ କଥା ହୋଇଥିଲୁ କଟକଣା ଉଠିଗଲେ ପ୍ରଥମେ ଶ୍ରୀକ୍ଷେତ୍ର ଦର୍ଶନ, ତା'ପରେ ଅନ୍ୟାନ୍ୟ ସ୍ଥାନ ଭ୍ରମଣ । ହଠାତ୍ ପୁଅ ଫୋନ୍ କଲା- ଆମ ଅଫିସରୁ ମୋତେ ତିନିଦିନ ଛୁଟି ମିଳି ଯାଇଛି । ପୁଅ ଆସି ଘରେ ପହଞ୍ଚିଲା । ରାତିରେ ବ୍ୟାଗପତ୍ର ସଜାସଜି କରି ଭୋର ସମୟରେ ଆମେ ବାହାରି ପଡିଲୁ ପୁରୀ ଅଭିମୁଖେ । ଜୟ ଜଗନ୍ନାଥ ଧ୍ୱନିରେ ଆମ ଗାଡି ଭିତରଟା କଂପି ଉଠିଲା । ପୂର୍ବର ପୁରୀ ଗସ୍ତ ଅପେକ୍ଷା ଏଇ ଥରର ଶ୍ରୀକ୍ଷେତ୍ର ଯାତ୍ରା ଯେମିତି ଏକ ନବ ଉନ୍ମାଦନା ସୃଷ୍ଟି କରୁଥିଲା । କଥାରେ କୁହନ୍ତି ଜଗନ୍ନାଥଙ୍କ ଡୋରି ନ'ଲାଗିଲେ ପୁରୀ ଯିବା ସମ୍ଭବ ନୁହେଁ । ତାହାହିଁ ଅନୁଭବ କରୁଥିଲୁ ଆମ୍ଭେମାନେ ମରମତଳେ । ବସନ୍ତ ସକାଳର ହିମ ହିଲ୍ଲୋଳ ବାଆ ମନପ୍ରାଣକୁ ସ୍ନିଗଧ୍ କରୁଥାଏ । ଦିବାକରଙ୍କ ସକାଳର ପହିଲି କିରଣ ସର୍ବତ୍ର ବିଚ୍ଛୁରିତ ହେଲା । ଆମ ଗାଡି ପବନ କାଟିକାଟି ଆଗକୁ ମାଡି ଚାଲିଲା ପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ପବିତ୍ର ମାଟିକୁ ଛୁଇଁବା ଆଶାରେ । ସମ୍ବାଦପତ୍ରରୁ ଜାଣିବାକୁ ପାଇଥିଲୁ ପୁରୀରେ ଏବେ ଭୀଷଣ ଜନଗହଳି ବୃଦ୍ଧି ପାଉଛି । କାଳିଆ ସାଆନ୍ତଙ୍କୁ ଦର୍ଶନ କରିବା ପାଇଁ କିଲୋମିଟର ବ୍ୟାପି ଲମ୍ବା ଧାଡି । ଭକ୍ତମାନେ ଧୂ ଧୂ ଖରାରେ ଦୀର୍ଘ ଚାରି ପାଞ୍ଚଘଣ୍ଟା ଧରି ଅପେକ୍ଷା କଲାପରେ ମନ୍ଦିର ପ୍ରବେଶ ସୁଯୋଗ ମିଳୁଛି । ଭକ୍ତମାନେ ଆଗରୁ ଚାରିଦ୍ୱାର ଦେଇ ଯିବା ଆସିବା କରୁଥିଲେ । କିନ୍ତୁ ଏବେ ସିଂହଦ୍ୱାର ହିଁ କେବଳ ଏକମାତ୍ର ପ୍ରବେଶ ପଥ । ଏଇ ସବୁ ଶୁଣିଲା ପରେ ମଧ୍ୟ ମୁଁ ବିଚଳିତ ନଥିଲି । କାରଣ ମୋର ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଥିବାରୁ ମୋ ପାଇଁ ପୁଅର ଚିନ୍ତା ବଢି ଯାଇଥିଲା । ମୁଁ ଦବି ଯାଇନଥିଲି । ମୋର ବିଶ୍ୱାସ ଥିଲା- ପ୍ରଭୁ ଜଗନ୍ନାଥ ଯାହା କରିବେ ।

ପାଞ୍ଚଦିନ ଆଗରୁ ହୋଟେଲ୍ ବୁକ୍ କରିବା ସମୟରେ ଗୋଟିଏ ହୋଟେଲର ରିସେପ୍‌ସନିଷ୍ଟ୍ କହିଥିଲେ- "ଅଗ୍ରୀମ ଟଙ୍କା ଦେବା ଦରକାର ନାହିଁ । ଆପଣଙ୍କ ପାଇଁ ଆମେ ରୁମ୍ ବୁକ୍ କରିଦେଲୁ । ଆପଣଙ୍କ ଇ-ମେଲ୍‌ରେ ସବୁ ଜଣାଇ ଦିଆଯିବ ।" କିଛି ସମୟ ପରେ ଇ-ମେଲ୍‌କୁ କନ୍‌ଫର୍ମେସନ୍ ଆସିଗଲା । ମନରେ ଦକା ଲାଗୁଥାଏ ପଛରେ କିଛି ହଇରାଣ କରାଇବେନି ତ ? ଆମେ ଯେତେବେଳେ ହୋଟେଲରେ ପହଞ୍ଚିଲୁ ସବୁ ଠିକ୍‌ଠାକ୍ ଥିଲା । ରିସେପ୍‌ସନ୍ ପାଖରେ ମୁଁ ନିଜେ ଅନୁଭବ କଲି ରୁମ୍ ନ ପାଇ ଟୁରିଷ୍ଟ୍‌ମାନେ ଫେରି ଯାଉଛନ୍ତି । ଏବେ ମର୍ମେ ମର୍ମେ ଅନୁଭବ କଲି କାଳିଆ ଠାକୁରଙ୍କ ଅମୃତ ଅନୁଭବ । ସେ ଭାବର ଠାକୁର, ଲୀଳାର ଠାକୁର, ବିଶ୍ୱାସର ଠାକୁର । ସତରେ ମୋ ଠାକୁର କେତେ ସୁନ୍ଦର !



ଡ. ପ୍ରଫୁଲ୍ଲ କୁମାର ପାଣି

କିଛି ସମୟର ବିଶ୍ରାମ ପରେ ଦେଖିଲି ଅପରାହ୍ନ ତିନି ହେବାକୁ ଯାଉଛି । ପୁଅକୁ କହିଲି- "ବାପାରେ ! ଚାଲ୍ ଏଥର ବଡଦାଣ୍ଡ ଯିବା, କାଳିଆ ସାଆନ୍ତଙ୍କ ଦର୍ଶନ ମିଳିଲା ପରେ ସବୁ ଶ୍ରମ ଲାଘବ ହେବ ।" ପୁଅ ଡ୍ରାଇଭରକୁ ଫୋନ୍ କରିବାକୁ ଗଲାବେଳେ ମୁଁ ମନା କଲି । କହିଲି- "ଆମେ ଚାଲି ଚାଲି ଯିବା । ବଡଦାଣ୍ଡ ଏଠାରୁ ମାତ୍ର ଏକ କିଲୋମିଟରରୁ କମ୍ ରାସ୍ତା ।" ପୁଅ କହିଲା- "ବାପା, ଆପଣ ଚାଲି ପାରିବେ ନାହିଁ । ଆଣ୍ଠୁ ଖରାପ । Knee cap ପିନ୍ଧିଛନ୍ତି ।" ପୁଅକୁ ବୁଝାଇଦେଲି ଏବଂ ମନେ ମନେ ଭାବିଲି କାଳିଆ ଚାହିଁଲେ ପଙ୍ଗୁ ଲଂଘୟତେ ଗିରି । ଆଗରୁ ପାଦ ଧୀରେ ପଡୁଥିଲା । ଏବେ ପାଦ ସ୍ୱାଭାବିକ ଆଗକୁ ବଢିଲା । ମା' ପୁଅ ମୋର ଚାଲି ଦେଖି ଆଶ୍ଚର୍ଯ୍ୟ ହେଲେ ଯେତିକି ମୁଁ ପଡିଯିବି ଭାବି ପୁଅ ମୋ ପାଖକୁ ଲାଗି ଆସୁଥିଲା ସେତିକି । ଅଳ୍ପ ସମୟ ମଧ୍ୟରେ ଆମେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଗଲୁ । ଶ୍ରୀମନ୍ଦିର ଚୂଳରେ ଫରଫର ଉଡୁଛି ପତିତପାବନ ବାନା । ଗହଗହ ନାଦ,ସଂକୀର୍ତ୍ତନ, ଜୟ ଜଗନ୍ନାଥ ଧ୍ୱନିରେ ଫାଟି ପଡୁଛି ବଡଦାଣ୍ଡ । ଜଗମୋହନ ସମ୍ମୁଖ ପ୍ରଶସ୍ତ ବଡଦାଣ୍ଡରେ ରଙ୍ଗବେରଙ୍ଗର ଝୋଟି, ଫୁଲକୁଣ୍ଡରେ ଭରା ଜାତି ଜାତି ଫୁଲର ସମ୍ଭାର ଅତୀବ ମନୋରମ । କ୍ଷଣିକରେ ଘର୍ମକ୍ଳାନ୍ତ ଶରୀର ଅମୃତ ସ୍ପର୍ଶ ପାଇଲା ପରି ମନେହେଲା । ପରୋକ୍ଷରେ ଭକ୍ତମାନଙ୍କର ଲମ୍ବା ଧାଡି ଦେଖି ହୋସ୍ ମଧ୍ୟ ଉଡିଗଲା । ଦଦରା ଆଣ୍ଠୁରେ ଲମ୍ବା ଧାଡିରେ ଏତେ ସମୟ ଧରି କେମିତି ଛିଡା ହେବି ? ଯେପରି ହେଉ ଆମକୁ ତ' ଦର୍ଶନ କରିବାକୁ ହେବ । ପରଦିନ ରବିବାର । ଶ୍ରୀମନ୍ଦିର ବନ୍ଦ । ହଠାତ୍ ଆମ ସମ୍ମୁଖରେ ଉଭା ହେଲେ ଜଣେ ଅପରିଚିତ ତରୁଣ । ଅନୁମାନ ବୟସ ୧୮ ରୁ ୨୦ ଭିତରେ ହେବ । କଳା ମଚମଚ ଶରୀର । ଉପରେ ପଡି ସେ ପରାମର୍ଶ ଦେଲେ (ଯେମିତି ସେ ଆମ ମନକଥା ବୁଝିପାରିଲେ): "ଏଇ ଯେଉଁ ଲମ୍ବା ଧାଡି ଲାଗିଛି ଆଉ ମନ୍ଦିର ଭିତରେ ଯେତିକି ଦର୍ଶନାର୍ଥୀ ଅଛନ୍ତି, ଦର୍ଶନ ସାରି ଫେରିଲା ବେଳକୁ ଅନେକ ଡେରି ହେବ । ଆପଣମାନେ ଏବେ ଫେରି ଯାଆନ୍ତୁ କିମ୍ବା ସମୁଦ୍ରକୂଳ ବୁଲାବୁଲି କରନ୍ତୁ ।"

ଠିକ୍ ଆଠଟା ବେଳକୁ ମୁଁ ସିଂହଦ୍ୱାର ସମ୍ମୁଖରେ ଆପଣମାନଙ୍କୁ ଅପେକ୍ଷା କରିଥିବି । ଭିଡ କମି ଯାଇଥିବ । ମନଭରି ଠାକୁରଙ୍କ ବେଶ ହେବା ନୀତି ଦେଖି ପାରିବେ ।" ଅପରିଚିତ ତରୁଣଙ୍କ ଠାରୁ ଅମୃତବଚନ କେଇପଦ ଶୁଣି ଖୁସି ଲାଗିଲା ଯେତିକି ଆଶଙ୍କା ଲାଗିଲା ସେତିକି । ପଚାରିଦେଲି: "ଆଚ୍ଛା ବାପା ! ତୁମ ନାମଟି କ'ଣ ?" 'କାଳିଆ' । ବାଃ !!! କାଳିଆ, ମନକୁ ଆସିଲା ଏ କିଛି କାଳିଆ ଠାକୁରଙ୍କ ଚମତ୍କାରିତା ନୁହେଁ ତ ? ସବୁ ଆଶଙ୍କା ଦୂରେଇଗଲା । ତରୁଣ କାଳିଆଙ୍କ ପ୍ରସ୍ତାବରେ ଉଲ୍ଲସିତ ହୋଇ ସମୁଦ୍ର ଆଡକୁ ଅଗ୍ରସର ହେଲୁ ।

ଆମ ଭାରତବର୍ଷରେ ଯେତେ ସି ବିଚ୍ ଅଛି ପୁରୀ ସି ବିଚ୍ର ସୌନ୍ଦର୍ଯ୍ୟ ନିଆରା । ଏହାକୁ ସ୍ୱର୍ଣ୍ଣିମ ବେଳାଭୂମି(Golden Seabeach) କୁହାଯାଏ । ସକଳ ଦୁଃଖ ଶୋକ ହଜିଯିବ ନୀଳ ସମୁଦ୍ରର ଲହଡିମାଳାରେ । ପୁଅ, ସହଧର୍ମିଣୀ ବେଳାଭୂମିର ଆକର୍ଷଣରେ ହଜି ଯାଇଥିବା ବେଳେ ମୁଁ ସମୁଦ୍ର ଓ ଆକାଶର ମିଳନ ସ୍ଥଳୀକୁ ଚାହିଁ ସମୟକୁ ଖୋଜୁଥାଏ । ଯେଉଁ ଠାକୁରଙ୍କ କ୍ଷେତ୍ରକୁ ଆସିଛି, ତାଙ୍କୁ ଆଖି ପୁରେଇ ନ'ଦେଖିଲା ପର୍ଯ୍ୟନ୍ତ ଆଉ କେଉଁଠାରେ ମନ ଲାଗୁନଥାଏ । ବାରୁଣୀ ଆକାଶରେ ପ୍ରଭାକର ଧୀରେ ଧୀରେ ଅଗ୍ରସର ହେଉଥାନ୍ତି । ମା ପୁଅଙ୍କୁ



ବ୍ୟସ୍ତ କରି ପକାଇଲି- "ଆରେ ସବୁ ଆସ । ମୋତେ ଏଠାରେ ଆଉ ଭଲ ଲାଗୁନି । ବରଂ ସେହି ବଡଦାଣ୍ଡର ଭିଡ ଭିତରେ ଆମେ କାଳିଆଙ୍କୁ ଅପେକ୍ଷା କରିବା ।" ଆଉ ଟିକେ ଆଉ ଟିକେ କହି ସେମାନେ ୭ଟା ବଜେଇ ଦେଲେ । ବଡଦାଣ୍ଡର ପାର୍କିଂ ଯାଗାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଚାଲିବାକୁ ଇଚ୍ଛା ଥିଲେ ମଧ୍ୟ ଦୁଇଜଣ ରିକ୍ସାବାଲାଙ୍କ କରୁଣ ନିବେଦନ ହୃଦୟକୁ ଦ୍ରବୀଭୂତ କଲା । ଗୋଟିଏ ରିକ୍ସାରେ ମୁଁ, ଅନ୍ୟଟିରେ ମା ପୁଅ ବସି ସିଂହଦ୍ୱାର ପାଖାପାଖି ପହଞ୍ଚିଗଲୁ । ଦେଖିଲି ଧାଡିର ଲମ୍ବ କମି ଯାଇଥିଲେ ମଧ୍ୟ ଅନେକ ଦର୍ଶନାର୍ଥୀ ଅପେକ୍ଷାରତ । ହୃଦୟ ବିକଳ ହୋଇ ଉଠିଲା । କାଳିଆ ନାମକ ସେହି ତରୁଣଙ୍କୁ ପାଇବୁ କି ନାହିଁ- ଏଇ ଆଶଙ୍କାରେ ରହି କହିଥିବା ସ୍ଥାନରେ ଆମେ ଛିଡାହେଲୁ ଏବଂ ଭିଡ ଭିତରେ ପିଲାଟି ପରି ଆମେ ବୋକା ହୋଇ ଚାହିଁ ରହିଥିଲୁ । ଲୀଳାମୟ ପ୍ରଭୁ ଭକ୍ତର ପରୀକ୍ଷା ନେବାରେ ବେଶ୍ ଧୁରନ୍ଧର । ନଟଖଟିଆ ନଟନାଗର ଆମ କାଳିଆ ନାଗର । ଧୀରେ ଧୀରେ ଦର୍ଶନ ସମୟ ସରି ସରି ଆସୁଛି । ଆମେ ସମସ୍ତେ ଆଖି ବୁଲାଉଛୁ ତରୁଣ କାଳିଆଙ୍କୁ ପାଇବା ପାଇଁ । ନୀଳଚକ୍ରକୁ ଚାହିଁ ନିବେଦନ କରୁଥିବା ସମୟରେ ହଠାତ୍ ପୁଅ ଖୁସିରେ କହିଲା- "ବାପା ! କାଳିଆ ଆସିଗଲେ ।" ମୁଁ ଆଶ୍ଚର୍ଯ୍ୟ, ସ୍ତମ୍ଭୀଭୂତ, ନିର୍ବାକ୍ - ଏଥିପାଇଁ ଯେ ଅଳ୍ପ ଦେଖାରେ ହଜାର ହଜାର ମୁଣ୍ଡମାଳ ଭିତରେ ସେ ଆମକୁ ଠାବ କରି ପାରିଛନ୍ତି । କି ଅପୂର୍ବ ଶକ୍ତି ଦେଇଛନ୍ତି ଠାକୁରେ ତାଙ୍କର ସେବକମାନଙ୍କୁ !

କୋଟିନିଧି ପାଇଗଲା ପରି କାଳିଆଙ୍କୁ ପାଇ ଖୁସି ହେଲୁ ଯେତିକି, ଠାକୁରଙ୍କ ଦର୍ଶନ ସୁଗମ ହେଇଗଲା ଭାବି ଉଲ୍ଲସିତ ହେଲୁ ସେତିକି । ବନ୍ଦୀଶାଳାର ଲୁହାର ଶିକୁଳୀ ଖୋଲିଗଲା ପରି ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଖୋଲିଗଲା ଏବଂ ଆମେ ତରୁଣ କାଳିଆଙ୍କ ପଛେ ପଛେ ସିଂହଦ୍ୱାର ଦେଇ ବାଇଶି ପାହାଚରେ ପାଦ ଥାପିଲୁ । ପୁଅ ମୋତେ ଧରି ଧରି ନେବାକୁ କହିବାରୁ ମୁଁ ନିଜେ ଯାଇପାରିବି କହି ସେମାନଙ୍କ ସହ ତାଳ ଦେଇ ବାଇଶି ପାବଛ ଅତିକ୍ରମ କଲି । ଦିନଟି ଶନିବାର ଥିବାରୁ ରାତି ଆଠଟା ପରେ ହେଲେ ମଧ୍ୟ ଭକ୍ତଙ୍କ ଗହଳି କମିନଥାଏ । କିଏ ବାଇଶି ପାହାଚରେ ଗଡୁଥାଏ ତ', କିଏ ନୃତ୍ୟ ପରିବେଷଣ କରି ସମର୍ପଣ ଭାବରେ ହଜି ଯାଉଥାଏ । 'ତରୁଣ କାଳିଆ' ପରାମର୍ଶ ଦେଲେ- ଗହଳି କମିଗଲେ ଆମେ ତିନି ଠାକୁରଙ୍କୁ ପାଖରୁ ଥାଇ ଦର୍ଶନ କରିବା । ଏବେ ମନ୍ଦିର ମଧ୍ୟରେ ଯେତେ ଦେବା ଦେବୀ ଅଛନ୍ତି ଦର୍ଶନ ସାରିଦେବା ଓ ସମୟ ଅତିବାହିତ ହୋଇଯିବ । ସେ ଗାଇଡ୍ ଭଳି ବିଭିନ୍ନ ଦେବା ଦେବୀ ମନ୍ଦିର ଦର୍ଶନ କରାଇବା ସହିତ ମାହାତ୍ମ୍ୟ ଇତିହାସ ସଂପର୍କରେ ସମ୍ୟକ ସୂଚନା ମଧ୍ୟ ପ୍ରଦାନ କରୁଥିଲେ । ଶେଷରେ ଆମକୁ କୋଇଲି ବୈକୁଣ୍ଠକୁ ନେଲେ- ଯେଉଁଠି ନବକଳେବର ପରେ ପୁରାତନ ବିଗ୍ରହଙ୍କୁ ବିସର୍ଜନ ଦିଆଯାଏ । ଅପବିତ୍ର ହୋଇଥିବା ଅବଢା ସେଠାରେ ମଧ୍ୟ ପୋତାଯାଏ । ସୁନାକୂଅ ଦେଖିଲୁ । ଯେଉଁ କୂଅରୁ ଶହେଆଠ ଗରା ପାଣି ଅଣାଯାଇ ତିନି ଠାକୁରଙ୍କୁ ସ୍ନାନ କରାଯାଏ । ସୃଷ୍ଟିରେ ଯେତେ ତୀର୍ଥ ଜଳ ଅଛି ସମସ୍ତ ତୀର୍ଥ ଜଳ ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ଏହି ସୁନାକୂଅକୁ ଆସିଥାନ୍ତି । ତିନି ଠାକୁରଙ୍କ ସ୍ନାନ ପରେ ସବୁ ତୀର୍ଥ ଜଳ ସୁନାକୂଅରୁ ଅନ୍ତର୍ଦ୍ଧାନ ହୋଇ ଯାଇଥାନ୍ତି । ତେଣୁ ସେହି କୂଅରୁ ପାଣି ଆଉ ବ୍ୟବହୃତ ହୁଏ ନାହିଁ । ବର୍ଷକ ପରେ ସ୍ନାନ ପୂର୍ଣ୍ଣିମାରେ ସୁନାକୂଅରୁ ଜଳ ଆସିଥାଏ । ଶ୍ରୀଜଗନ୍ନାଥଙ୍କ

ପୁଷ୍ପ ବାଟିକା ବୁଲାଇଲେ ଏବଂ ବିଭିନ୍ନ ତଥ୍ୟ ପ୍ରଦାନ କଲେ । ଏହା ପୂର୍ବରୁ ଯେତେଥର ଶ୍ରୀମନ୍ଦିର ଆସିଛି ତନ୍ନତନ୍ନ କରି ପ୍ରତିଟି ସ୍ଥାନକୁ ମନଭରି କେବେ ଦର୍ଶନ କରି ପାରିନଥିଲି । ମନ୍ଦିର ପରିସରରେ ଏତେ ସମୟ ଅତିବାହିତ କରିବାର ସୁଯୋଗ ମଧ୍ୟ ପାଇନଥିଲି । ସବୁ କାଳିଆ ଠାକୁରଙ୍କ ଦୟା । ଲୀଳା ତାଙ୍କର ଦିଗନ୍ତ ବିସ୍ତାରୀ । ଭକ୍ତଙ୍କୁ ଆପଣାର କରିବାରେ ସେ ଅପୂର୍ବ । କୋଟି କୈବଲ୍ୟନାଥ ପରଂବ୍ରହ୍ମ କାଳିଆ ସାଆନ୍ତ । ତରୁଣ କାଳିଆ କହିଲେ- "ଏଥର ଯିବା । ବୋଧେ ଭିଡ କମି ଆସିଲାଣି ।" ଆସୁଥିବା ଅବସରରେ କହିଲେ ଆମର ବଡଭାଇ ଜଗନ୍ନାଥଙ୍କ ସିଂହାରୀ ସେବକ । ତାଙ୍କ ସହ ଆପଣମାନଙ୍କ ପରିଚୟ କରାଇ ଦେବି । ପଶ୍ଚିମ ପାର୍ଶ୍ୱରେ ଆମକୁ ଅପେକ୍ଷା କରାଇ ଭାଇଙ୍କୁ ଡାକିବାକୁ ଗଲେ । ଭାଇ ଆସି ପହଞ୍ଚିଲେ ଓ ଆମକୁ ଜଗନ୍ନାଥଙ୍କ ଶ୍ରୀଅଙ୍ଗ ଲେପିତ ଚନ୍ଦନ ପାନ କରିବାକୁ ଦେଲେ । କି ମହମହ ବାସ୍ନା ସେ ଝଡା ଚନ୍ଦନ! ଜଗନ୍ନାଥଙ୍କ ଶ୍ରୀଅଙ୍ଗ ଚନ୍ଦନ ପାଇଲା ପରେ ଆମେମାନେ ଅମୃତ ଅନୁଭବ କଲୁ ।



ଯେତେବେଳେ ମୁଁ ତରୁଣ କାଳିଆଙ୍କ ବଡଭାଇଙ୍କୁ ଆଖିପୁରାଇ ଦେଖିଲି ଅନନ୍ୟ ଅଲୌକିକତା ଅନୁଭବ କଲି । ବୟସ ଅନୁମାନ ପଚିଶି ଭିତରେ ହେବ । ଗୋରା ତକତକ ନିଟୋଳ ଶରୀର । ହଳଦୀ ରଙ୍ଗର ପାଟ ପରିହିତ ସୌମ୍ୟକାନ୍ତ ଯୁବକ । ଆଉ ଏକ ପାଟ ଗାମୁଛା (ହଳଦୀ ରଙ୍ଗ) ଅଣ୍ଟାକୁ ନିଖୁଣ ଭାବେ ଜଡାଇ ରଖିଥାଏ । କାନ୍ଧରୁ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବି ଯାଇଥାଏ ଉତ୍ତରୀୟ । ବେକରେ ଓହଳିଥାଏ ସ୍ଫଟିକର ଶୁଭ୍ରମାଳି, ରୁଦ୍ରାକ୍ଷ ଓ ସୁନାଚେନ୍ । ତାଙ୍କର ବେଶଭୂଷା ପରିପାଟୀ ଦେଖି ମନେ ହେଉଥିଲା ଆମମାନଙ୍କ ସମ୍ମୁଖରେ ସ୍ୱୟଂ ବଡଭାଇ ବଳରାମ ଯେମିତି ଉଭା ହୋଇଛନ୍ତି । ଆପେ ଆପେ ହାତ ମୁଣ୍ଡ ନଇଁଗଲା ପଦଯୁଗଳ ପର୍ଯ୍ୟନ୍ତ । ହସ ହସ ଠାଣିରେ କଥା କହିଲା ବେଳେ କାନର ନୋଳି ଦୁଇଟି ଦୋଳାୟମାନ ହେଉଥିଲା । ମନେ ମନେ ଭାବିଲି ଦୁଇଭାଇ- ଜଣେ କଳା ମଚମଚ ଶରୀର, ନାମଟି କାଳିଆ, ଆଉ ଜଣେ ଗୋରା ତକତକ ଅନିନ୍ଦ୍ୟ ସୁନ୍ଦର ବଳିଷ୍ଠ ଚେହେରା । ମୁଁ ଆପେ ଆପେ ତାଙ୍କୁ ବଳିଆ ଭାବରେ ଧରି ନେଇଗଲି । କଥା ପ୍ରସଙ୍ଗରେ କହିଲି- "ଆପଣଙ୍କ ଚେହେରା ଠିକ୍ ବଳଭଦ୍ରଙ୍କ ପରି ।" ଯୁବକ ହସିଦେଲେ- ମୁକ୍ତା ଝରିଗଲା ହସ ପାଖୁଡାରୁ । ଆମକୁ କହିଲେ, "ଆପଣମାନେ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ । ଆଉ କିଛି ସମୟ ପରେ ଭିଡ ପତଳା ହୋଇଯିବ । ଠାକୁରଙ୍କୁ ମନଭରି ଦର୍ଶନ କରିବେ ।" ଆମ ତିନି ଜଣଙ୍କୁ ନେଇ ମାଜଣା ମଣ୍ଡପରେ ବସାଇଲେ । ବସିବା ଭିତରେ ବିଭିନ୍ନ ପ୍ରସଙ୍ଗର ଆଲୋଚନା ଯେତିକି ବଢୁଥାଏ, ତାଙ୍କ ସହିତ ଆମର ଆତ୍ମୀୟତା ସେତିକି ନିବିଡ ହେଉଥାଏ । ମନ୍ଦିରର ସମସ୍ୟା,ସେବାୟତମାନଙ୍କ ସମସ୍ୟା, ପାରିବାରିକ ସମସ୍ୟା ଠାରୁ ଆରମ୍ଭ କରି ବ୍ୟକ୍ତିଗତ ଭଲମନ୍ଦ ପର୍ଯ୍ୟନ୍ତ ଇତ୍ୟାଦି ବିଭିନ୍ନ କଥା ଆଲୋଚନାରେ ସ୍ଥାନ ପାଇଥିଲା । ମଝିରେ ମଝିରେ ଭାବୁଥିଲି ଲୀଳାମୟ ପ୍ରଭୁ ଆମକୁ ଆଉ କେତେବେଳେ ଦର୍ଶନ ଦେବେ ! ଆମ ବ୍ୟସ୍ତତା ଦେଖି ସେ ମଧ୍ୟ ଯାଇ ଦେଖି ଆସୁଥାନ୍ତି ଭିଡ କମି ଗଲାଣି କି ନାହିଁ ! ରାତି ଯେତିକି ବଢୁଥାଏ ଆମ ଉତ୍କଣ୍ଠା ସେତିକି ବଢୁଥାଏ । ଏହି ସମୟରେ ଆମେ ଅନୁଭବ କଲୁ ତରୁଣ କାଳିଆଙ୍କ ଅନୁପସ୍ଥିତି । ତାଙ୍କୁ ପଚାରିଲୁ ଆପଣଙ୍କ ସାନଭାଇ କାଳିଆ କୁଆଡେ ଗଲେ ? ସେ ହାଲକା ଭାବରେ କଥାଟିକୁ ନେଲେ ଏବଂ କହିଲେ ଏଇଠି କୋଉଠି ଥିବ । ଆମର ବ୍ୟସ୍ତତାକୁ ସେ ଭଲଭାବେ ଅନୁଭବ କଲା ପରେ ସେ ମନ୍ଦିର ଭିତରକୁ ପରିସ୍ଥିତି ପରଖିବା ପାଇଁ ପ୍ରବେଶ କଲେ । ଠିକ୍ ଏହି ସମୟରେ ମନ୍ଦିର ଭିତରୁ ବାହାରୁଥିବା କେଇଜଣ ଭକ୍ତ କଥାବାର୍ତ୍ତା ହେବାର ଶୁଣିଲୁ- "କିଏ ଜଣେ ମନ୍ଦିର ଭିତରେ ବାନ୍ତି କରିଦେଇଛି । ମନ୍ଦିରକୁ ଶୁଦ୍ଧ କରାଯିବ । ଠାକୁରଙ୍କ ମହାସ୍ନାନ ହେବ । ଏହି କାର୍ଯ୍ୟ ରାତି ଦୁଇ ତିନିଟା ପର୍ଯ୍ୟନ୍ତ ଲାଗି ଯାଇପାରେ ।" ଏହି କଥା ଶୁଣି ଆମମାନଙ୍କ ହାଲକ ଶୁଖିଗଲା । ଦେହମୁଣ୍ଡ ଝିମ୍ ଝିମ୍ ହେଲା । କ'ଣ କରିବୁ । ବୁଦ୍ଧି ହଜିଗଲା । ରାତି ପାହିଲେ ରବିବାର । ମନ୍ଦିର ଦର୍ଶନ ଭକ୍ତମାନଙ୍କ ପାଇଁ ମନା । ବିକଳରେ କହିଲି- "ହେ କାଳିଆ ସାଆନ୍ତ ! ହେ ଭକ୍ତ ବିନୋଦିଆ ! ହେ ଲୀଳାମୟ ଶ୍ରୀହରି ! ଆମେ କ'ଣ ତୁମ ଦର୍ଶନ ବିନା ଫେରିଯିବୁ । ତୁମେ ମନ୍ଦିର ଭିତରେ । ଆମେ ବାହାରେ ତୁମ ପାଖରେ । ମଝିରେ କେବଳ ମନ୍ଦିରର ପଥର କାନ୍ଥ । ଏଇ କଥା ଆମେ କାହାକୁ କହିବୁ । ଲୋକେ ଆମକୁ କ'ଣ କହିବେ । ମହାପାପୀ ଗୁଡା । ମନ୍ଦିରକୁ ଗଲେ ଅଥଚ ଦିଅଁ ଦର୍ଶନ କରିପାରିଲେ ନାହିଁ । ଏମିତି କେତେ ଭାବନା ଭିତରେ ସମସ୍ତଙ୍କ ଆଖିରେ ଲୁହ ଜକେଇ ଆସିଲା । ଏହି ସମୟରେ ସିଂହାରୀ ଯୁବକ ମୋ ହାତଧରି ଆମମାନଙ୍କୁ ଗମ୍ଭୀରା ଭିତରକୁ ନେଇଗଲେ । ସଂଗେ ସଂଗେ କଂସାକବାଟ ବନ୍ଦ ହୋଇଗଲା । ପାଖରୁ ତିନି ଠାକୁରଙ୍କୁ ମନଭରି ଦର୍ଶନ କଲୁ । ଊର୍ଦ୍ଧ୍ୱବାହୁ ହୋଇ ତଲ୍ଲୀନ ମୁଦ୍ରାରେ ଜୟଜଗନ୍ନାଥ ଧ୍ୱନିରେ ପରମତୃପ୍ତି ଅନୁଭବ କଲୁ । ସେବକଭାଇମାନେ ଯିବାକୁ ତରତର କଲେ ମଧ୍ୟ ଆସିବାକୁ ଇଚ୍ଛା ହେଉନଥାଏ । ଏ ଅମୃତ ଅନୁଭବକୁ କିଏ ବା ଏତେ ଶୀଘ୍ର ଛାଡି ପାରିବ । ଆମ ପାଖେ ପାଖେ ସିଂହାରୀ ସେବକ ଆମକୁ ସମର୍ଥନ ମଧ୍ୟ ଦେଉଥାନ୍ତି । ଶେଷ ପଳକରେ ଗୁହାରି ଜଣାଇ କହିଲି- "ହେ ଠାକୁରେ ! ଜୀବଦ୍ଦଶା ଥିଲେ ଏଇଠି ଏଇପରି ପୁଣି ତୁମ ଦର୍ଶନ ହେବ । ହେ ଭକ୍ତ ବାନ୍ଧବ, କେଡେ ମହାନ ତୁମର ଲୀଳାଖେଳା ।"

ଠାକୁରଙ୍କ ଦର୍ଶନ ସହିତ ମହାପ୍ରସାଦ ନପାଇଲେ ଦର୍ଶନ ଅଧୁରା ରହିଯାଏ । ଆଶା କରିଥିଲି ପେଟଭରି ଅବଢା ଭୋଜନ କରିବି । ସିଂହାରୀ ଭାଇ ଆମ ସହିତ ଆସି ଆନନ୍ଦ ବଜାରରୁ ତଟକା ମହାପ୍ରସାଦର ବ୍ୟବସ୍ଥା କରିଦେଲେ । ଖୁବ୍ ଯତ୍ନ ସହକାରେ ପ୍ୟାକିଂ ମଧ୍ୟ କଲେ । ଏବେ ଆମର ବିଦାୟର ବେଳା । ସମୟ ରାତି ଏଗାରରୁ ଊର୍ଦ୍ଧ୍ୱ । ମନ୍ଦିର ଛାଡିବାକୁ ପଡିବ । ଆମ ସମସ୍ତଙ୍କ ଆଖି ଛଳଛଳ । ଭାବରେ ଆମେ ସମସ୍ତେ ବନ୍ଧା । ତରୁଣ କାଳିଆଙ୍କ ସହିତ ଆଉ ଭେଟ ହୋଇ ପାରିଲା ନାହିଁ । ସେ ତାଙ୍କ ବଡଭାଇଙ୍କ ପାଖରେ ଆମକୁ ସମର୍ପି କୁଆଡେ ଗଲେ ଯେ ଗଲେ । ବଡଭାଇ ଜଣକ କେତେ ସ୍ନେହୀ, ଆପଣାର, କେତେ ସୁଗୁଣର ଅଧିକାରୀ- ତାହା କେବଳ ଅଙ୍ଗେ ନିଭାଇଲେ ପରତେ ହେବ । କୁଣିଆଙ୍କୁ ବାଟେଇ ଆସିଲା ପରି ବଡଦାଣ୍ଡର ବ୍ୟାରିକେଡ ପର୍ଯ୍ୟନ୍ତ ଆମକୁ ବାଟେଇ ଆସିଲେ । ଭକ୍ତିରେ, ଭାବରେ, ପ୍ରେମରେ ଓ ସ୍ନେହରେ ମଥା ନୁଆଁଇଲୁ ତାଙ୍କ ପାଖରେ । ସେ ପରା ଭକ୍ତଙ୍କୁ ଭଗବାନଙ୍କ ପାଖରେ ଯୋଡିବାର ମାଧ୍ୟମ । ଜୟ ଜଗନ୍ନାଥ ।



# ବିଶ୍ୱଦେବତା ଶ୍ରୀଜଗନ୍ନାଥ

# ରଥେ ତୁ ବାମନଂ ଦୃଷ୍ଟ୍ୱା...

**ଡକ୍ଟର ହେନେରିତା ମିଶ୍ର**
ପ୍ରିନ୍ସପାଲ: ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମଡ଼େଲ ଡିଗ୍ରୀ ମହାବିଦ୍ୟାଳୟ,
ମାଲକାନାଗିରି-୭୬୪୦୪୮

ଫଟୋ ସୌଜନ୍ୟ : ଗୁଗୁଲ୍

"ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ।
ଜଗଦାନନ୍ଦକାନ୍ଦାୟ ପ୍ରଣମର୍ତ୍ତିହରାୟ ଚ
ନୀଳାଚଳନିବାସାୟ ଜଗନ୍ନାଥାୟ ତେ ନମଃ ।"

ନୀଳାଚଳ ବା ପୁରୁଷୋତ୍ତମ ପୀଠର ଅଧୀଶ୍ୱର ପ୍ରଭୁ ଜଗନ୍ନାଥ ସତରେ ଅନନ୍ୟ । ଏଭଳି ଦେବତା ସମଗ୍ର ବିଶ୍ୱରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କେବଳ ଦେବତା ହୋଇ ନୀଳାଚଳରେ ପୂଜା ପାଆନ୍ତି ନାହିଁ, ବରଂ ଅଗଣିତ ଓଡ଼ିଆଙ୍କ ହୃଦୟ କନ୍ଦରରେ ଅନୁରଣିତ ହୁଅନ୍ତି ଅହରହ । ସେ ଏକ ସାଂସ୍କୃତିକ ପ୍ରତ୍ୟୟ ବା Cultural Faith ଉପରେ ଆଧାରିତ ଏଭଳି ଠାକୁର; ଯିଏ ତା' ଭକ୍ତପାଇଁ ସିଂହାସନ ତ୍ୟାଗ କରି ଓହ୍ଲେଇ ଆସନ୍ତି ଧୂଳିଧୂଷରିତ ବଡ଼ଦାଣ୍ଡକୁ । ସଂସ୍କୃତିର ଏହି ମୂର୍ତ୍ତିମନ୍ତ ବିଗ୍ରହ ସ୍ୱୟଂ ଦାରୁଦେବତା ଭାବରେ ଲୀଳା-ଖେଳା କରନ୍ତି । ଜଗତର ନାଥ ଜଗନ୍ନାଥଙ୍କର ପ୍ରତିଟି ବିଧିବିଧାନ, ପର୍ବପର୍ବାଣି, ଯାନିଯାତ୍ରା ଓ ଉପାସନା ବିଧି ଅନନ୍ୟ ତଥା ଅସାଧାରଣ । ବାରମାସରେ ତେର ପର୍ବ ଭିଆଣ କରନ୍ତି ପ୍ରଭୁ । ଶ୍ରୀଜଗନ୍ନାଥ ଧାମ ବା ଆଧୁନିକ ପୁରୀରେ ପ୍ରଭୁଙ୍କର ଯେଉଁ ରୀତି-ନୀତି ପ୍ରଚଳିତ ହୁଏ, ତାହା ସଂପୂର୍ଣ୍ଣ ମାନବୀୟ ମୂଲ୍ୟବୋଧକୁ ଅଗ୍ରାଧିକାର ଦେଇଥାଏ । ଏହି ସମ୍ବନ୍ଧରେ ଆଲୋଚନା କଲେ, ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ହୃଦୟରେ ଭକ୍ତିର ପ୍ଲାବନ ଘଟେ । ବାସ୍ତବିକ୍ ଶ୍ରୀକ୍ଷେତ୍ରରାଜ, ଶ୍ରୀପୁରୁଷୋତ୍ତମ ଧାମ ସର୍ବଧର୍ମ ସମନ୍ୱୟର ଲୀଳାକ୍ଷେତ୍ର । ଐକାନ୍ତିକ ଭକ୍ତି ସମର୍ପିତ ମାନବ ସମାଜକୁ ପତନରୁ ମୁକ୍ତି ଦେବା ଲାଗି ପ୍ରଭୁ, ଶ୍ରୀଜଗନ୍ନାଥଙ୍କ ଅବତାର । ପ୍ରଭୁ ଶ୍ରୀଜଗନ୍ନାଥ, ନିଜ ଅଗ୍ରଜ ଶ୍ରୀବଳଦେବ ଏବଂ ଭଗିନୀ ସୁଭଦ୍ରା, ପ୍ରଭୁ ସୁଦର୍ଶନଙ୍କ ସହ ରତ୍ନସିଂହାସନରେ ପୂଜା ପାଆନ୍ତି । ସୃଷ୍ଟି, ସ୍ଥିତି ତଥା ପ୍ରଳୟର କର୍ତ୍ତା ପ୍ରଭୁ ଜଗନ୍ନାଥ, ଭକ୍ତର ଅଭୀଷ୍ଟ ପୂର୍ଣ୍ଣ କରନ୍ତି । ଜାତି, ଧର୍ମ, ବର୍ଣ୍ଣର ଊର୍ଦ୍ଧ୍ୱରେ ସମସ୍ତେ ଏକ ଓ ଅଭିନ୍ନର ବାର୍ତ୍ତା ବହନ କରନ୍ତି ପ୍ରଭୁ । ସାମ୍ୟ, ମୈତ୍ରୀ, ସଂହତି ଏବଂ ସହନଶୀଳତା ଯେ ମାନବକୁ ମହାମାନବରେ ପରିଣତ କରି ଗଢ଼ି ତୋଳିଥାଏ, ତାହାର ଶିକ୍ଷା ପ୍ରଦାନ କରିବାରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତିର ପଟାନ୍ତର ନାହିଁ । ସେଥିପାଇଁ ତ ପ୍ରଭୁ ଜଗନ୍ନାଥ ଜଣଙ୍କର ନୁହଁନ୍ତି ଗଣଙ୍କ ଦେବତା । ତାଙ୍କ ଯାତ୍ରା ପତିତପାବନ ଯାତ୍ରା । ତାଙ୍କ ଦାଣ୍ଡ- ବଡ଼ଦାଣ୍ଡ, ତାଙ୍କ ପଣ୍ଡା- ବଡ଼ପଣ୍ଡା, ତାଙ୍କ ଦଧି- ମହୋଦଧି, ତାଙ୍କ ବାଲି- ଶରଧାବାଲି । ସମସ୍ତ ମହାଚିନ୍ତାର ନାୟକ ପ୍ରଭୁ ଜଗନ୍ନାଥ । ପ୍ରଭୁ ଜଗନ୍ନାଥ ଏକ ଅନୁଭବ, ଏକ ପ୍ଲାବନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କ ନାମ ହିଁ, ସର୍ବବ୍ୟାପୀ ଅଚିନ୍ତ୍ୟ, ଅବର୍ଣ୍ଣନୀୟ, ଅକଳ୍ପନୀୟ ସତ୍ତାକୁ ଇଙ୍ଗିତ କରାଏ । ଜଗନ୍ନାଥ କହିଲେ, କେବଳ ଜଗନ୍ନାଥଙ୍କୁ ବୁଝାଏ ନାହିଁ ବରଂ ଚତୁର୍ଦ୍ଧାମୂର୍ତ୍ତିର ଅଲୌକିକତାକୁ ସ୍ମରଣ କରାଏ । ଏହାର ସିଦ୍ଧାନ୍ତ ଶ୍ରୀ ଅଚ୍ୟୁତାନନ୍ଦଙ୍କର 'ଶୂନ୍ୟସଂହିତା'ରେ ଦେଖିବାକୁ ମିଳିଥାଏ । ଯଥା:

"ଜ'କାରସ୍ତୁ ଜଗନ୍ନାଥଃ ବଳଭଦ୍ରୋ ଗ' କାରକଃ
ନକାର ସୂଭଦ୍ରାରୂପା ଚ ଥକାରୋଽପି ସୁଦର୍ଶନଃ ।"

ଏଥିରୁ ସ୍ପଷ୍ଟ ଅନୁମେୟ ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱର ମହନୀୟତା ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ଶ୍ରୀଜଗନ୍ନାଥଙ୍କର ଅନନ୍ୟ, ଯାତ୍ରା ମଧ୍ୟରୁ ଅନ୍ୟତମ । ଏହି ଯାତ୍ରାର ଐତିହ୍ୟ ଓ ପରମ୍ପରା ସର୍ବପ୍ରାଚୀନ । ବିଶ୍ୱକଲ୍ୟାଣ ନିମନ୍ତେ ଏହି ରଥଯାତ୍ରାର ଭିଆଣ । ଏହା ଏକ ଉତ୍ସବ ନୁହେଁ, ବରଂ ଏକ ମହୋତ୍ସବ । ଏହାର ଅନେକ ନାମ ଏବଂ ଏହି ନାମର ସ୍ୱତନ୍ତ୍ରତା ରହିଛି । ପ୍ରସିଦ୍ଧ ଯାତ୍ରା ଭାବରେ ସମଗ୍ର ବିଶ୍ୱରେ ତା'ର ସ୍ୱକୀୟତା ରହିଛି । ଘୋଷଯାତ୍ରା, ନବଦିନାତ୍ମକ ଯାତ୍ରା, ପତିତପାବନ ଯାତ୍ରା, ମହାବେଦୀ ଉତ୍ସବ ଓ ଗୁଣ୍ଡିଚା ଯାତ୍ରା । ପ୍ରତ୍ୟେକଟି ଶବ୍ଦ ତା'ର ମୌଳିକତାକୁ ସୂଚାଏ । ଲୀଳାମୟଙ୍କର ଲୀଳା ସତରେ ଅକଳ୍ପନୀୟ । ସାଂସ୍କୃତିକ ପ୍ରତ୍ୟୟର ଜୀବନ୍ତ ପ୍ରତିଭୂ, ଶ୍ରୀଜଗନ୍ନାଥ ବୈଷମ୍ୟ ମଧ୍ୟରେ ସମତାର ସଂସ୍ଥାପକ । ରହସ୍ୟମୟଙ୍କର ସମସ୍ତ ପରମ୍ପରା, ସ୍ଥୂଳ ଚକ୍ଷୁରେ ସାମାନ୍ୟ ସାଧାରଣ ମନେ ହେଲେ ହେଁ ସୂକ୍ଷ୍ମ ଚକ୍ଷୁରେ ତାହା ଅସାଧାରଣ ଏବଂ ସ୍ୱତନ୍ତ୍ର । ଶ୍ରୀମନ୍ଦିରର ରତ୍ନବେଦୀରେ ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିରେ ବିରାଜିତ ହେଲେ ହେଁ ଏକ ଏବଂ ଅଭିନ୍ନ ପରଂବ୍ରହ୍ମ ସ୍ୱରୂପ ଭାବରେ ପୂଜିତ ହୁଅନ୍ତି ।

ଭିନ୍ନତା ମଧ୍ୟରେ ଐକ୍ୟ, ସମୀପ ମଧ୍ୟରେ ଅସମୀପକୁ ଅସାଧାରଣ ଏବଂ ଜଡ଼ତ୍ୱ ମଧ୍ୟରେ ଚୈତନ୍ୟର ପରିପ୍ରକାଶ ହିଁ ଶ୍ରୀଜଗନ୍ନାଥ । ପୁଣ୍ୟ-ଗୌରବମୟ ଦୀପ୍ତିରେ ମହିମାବନ୍ତ ପ୍ରଭୁ ସମସ୍ତ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରନ୍ତି । ଏହି ଘୋଷଯାତ୍ରା ବା ପତିତପାବନ ଯାତ୍ରା ଅବସରରେ ଶ୍ରୀ ଜୀଉମାନଙ୍କ ନିକଟରେ ଛୁଆଁ-ଅଛୁଆଁର ବିଭେଦ ନଥାଏ । ଆବ୍ରାହ୍ମଣ-ଚାଣ୍ଡାଳ ଏକତ୍ର ରଥ ଟାଣନ୍ତି । ଆନନ୍ଦରେ ହରିବୋଲ, ହୁଳହୁଳି, ଘଣ୍ଟ, କାହାଳୀର ପବିତ୍ର ଧ୍ୱନିରେ ପ୍ରକମ୍ପିତ ହୁଏ । ସମସ୍ତେ ନିଜ ପ୍ରିୟ ଠାକୁରଙ୍କ ପାଖରେ ପାଇ ଆନନ୍ଦିତ ହୋଇଉଠନ୍ତି । ଶ୍ରୀ ଜଗତର


▶ ଲେଖିକା ଡକ୍ଟର ହେନେରିତା ମିଶ୍ର



ନାଥ ଜଗନ୍ନାଥଙ୍କ ଏକ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, କେବଳ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରସିଦ୍ଧଲାଭ କରିଛି, ତା' ନୁହେଁ ବରଂ ଏହା ବିଶ୍ୱବ୍ୟାପୀ ହୋଇଯାଇଛି । ଏହି ମହୋତ୍ସବରେ ଉଭୟ ଭକ୍ତ ଓ ଭଗବାନଙ୍କ ମିଳନ ଘଟେ । ଚର୍ମଚକ୍ଷୁର ଯେତେ ଗ୍ଲାନି, ସବୁ ଯେମିତି ନିମିଷକେ ଉଭେଇ ଯାଏ । ଏଭଳି ମାନବୀୟ ଦେବତା ଅନ୍ୟତ୍ର ବିରଳ । କେବଳ ନିଜ ଭକ୍ତର ଅଭୀଷ୍ଟ ପୂରଣ ନିମନ୍ତେ ଭଗବାନ ଓହ୍ଲେଇ ଆସନ୍ତି ବଡ଼ଦାଣ୍ଡକୁ । ରଥର ଡାଳେ ଡାଳେ ହୃଦୟରେ ହୁଏ ଉଦ୍‌ବେଳନ । ଏହି ଉଦ୍‌ବେଳନ ପ୍ରେମର ଭକ୍ତିର ଶ୍ରଦ୍ଧାର । ଯେଉଁଠି ସଂକୀର୍ଣ୍ଣତା ନଥାଏ, ଥାଏ ଅନାବିଳ ଆପଣାପଣ । ଏ ଆପଣାପଣର ପରମ ସତରେ ଦୁର୍ଲ୍ଲଭ । ସର୍ବଧର୍ମ ସମନ୍ୱିତ ଦେବତା ଜଗନ୍ନାଥ, ବାସ୍ତବରେ ଧୂଳିମାଟିର ମଣିଷର ଦେବତା, ଅତି ଆଦରର ବନ୍ଧୁସୋଦର ସଦୃଶ ।

ଡକ୍ଟର ବେଣୀମାଧବ ପାଢ଼ୀ ତାଙ୍କ 'ଦାରୁଦେବତା' ପୁସ୍ତକରେ ଡକ୍ଟର ନବୀନ କୁମାର ସାହୁଙ୍କର 'History of Odisha' ପୁସ୍ତକର ମତକୁ ଉଦ୍ଧୃତ କରି ପ୍ରଭୁ ଜଗନ୍ନାଥଙ୍କ ସଂପର୍କରେ ମୁକ୍ତକଣ୍ଠରେ ସ୍ୱୀକାର କରି କୁହନ୍ତି:

"The Very origin of Jagannath Proclaims him n't less than the God of Brahmins, than the low caste aboriginal races.''

ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ପ୍ରଭୁ ଜଗନ୍ନାଥ ସର୍ବଧର୍ମ, ସର୍ବଜନଗ୍ରାହ୍ୟ ଦେବତା । ଏପରିକି ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସଂପର୍କରେ ଅନେକ ମୌଳିକ ହେତୁ ରହିଛି । ପଣ୍ଡିତ ପ୍ରବର ଶ୍ରୀ ସଦାଶିବ ରଥଶର୍ମା କହନ୍ତି: "ରଥଯାତ୍ରାର ମୂଳ କାରଣ, ଦାରୁବ୍ରହ୍ମଙ୍କୁ ଯଜ୍ଞଶାଳା ବା ଗୁଣ୍ଡିଚା ଘରକୁ ନେବା । ଆଷାଢ଼ଶୁକ୍ଳ ଦ୍ୱିତୀୟା, ପୁଷ୍ୟା ନକ୍ଷତ୍ର ଯୋଗରେ ଗୁଣ୍ଡିଚା ଯାତ୍ରା ହୁଏ । ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କୁଳ ଲୋପ ହେଉ, ଏ ବର ମାଗିବାରୁ ତାଙ୍କର ଦୁଃଖହରଣ ପାଇଁ ତାଙ୍କରି ନାମରେ ଏ ଯାତ୍ରା ହେଲା ବୋଲି ଲୋକସାହିତ୍ୟରେ ପରିପ୍ରକାଶ ।"

ଆଶ୍ଚର୍ଯ୍ୟ, ମନେ ହେଲେ ହେଁ, ସତ୍ୟ, ସଂପୂର୍ଣ୍ଣ ଗୁଣ୍ଡିଚା ଯାତ୍ରା ସ୍ନାନପୂର୍ଣ୍ଣିମା ଠାରୁ ଶୟନ ପୂର୍ଣ୍ଣିମା ତାହା ମଧ୍ୟରେ ପୂର୍ଣ୍ଣିମା ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ଶାବର ପୂଜା ବା ଗୁପ୍ତପୂଜା ହୁଏ । ଯାହାର ଅନ୍ୟ ଭାବେ ଅନବସର ବା ଅଣସର ବୋଲାଯାଏ । ଏହି ସମୟର ସମସ୍ତ ପୂଜା-ନୀତି ଶାବରୀୟ ପ୍ରଥା ଅନୁସାରେ ହୋଇଥାଏ । ଯେହେତୁ ପ୍ରଭୁ ଜଗନ୍ନାଥ ଆଦିବାସୀ (ଶବର) ଦେବତା, ତେଣୁ ଶାବର ଭାବରେ ପୂଜିତ ହୁଅନ୍ତି । ଯେଉଁଠି ନଥାଏ ତନ୍ତ୍ର, ମନ୍ତ୍ରର ଆବାହନ ବରଂ ନିରୋଳା ଭାବରେ ପତ୍ର, ପୁଷ୍ପ, ଫଳ ଡାଳି ପୂଜା ପାଆନ୍ତି ବିଶ୍ୱ ଦେବତା ଶ୍ରୀଜଗନ୍ନାଥ ।

ଭଗବାନ ଜଗନ୍ନାଥଙ୍କର ଏ ପତିତପାବନ ଯାତ୍ରା, ସପକ୍ଷରେ ଅନେକ ଲୋକକଥା ଏବଂ କିମ୍ବଦନ୍ତୀ ଦେଖିବାକୁ ମିଳେ । କେତେ କେତେ ବୁଦ୍ଧିଜୀବୀ ଏସବୁକୁ ଲୋକମୁଖର କଥା ବା ଭାକ୍ତିକ ମିଥ୍ୟା ଭାବରେ ଅଭିହିତ କରିଥିଲେ ମଧ୍ୟ, ଏହାକୁ ଏଡ଼ାଇ ଦିଆଯାଇ ନପାରେ । ଏସସବୁ ଲୋକ ପ୍ରଚଳିତ କଥା, କେତେ ଦୂର ସମୀଚୀନ ତାହା ତର୍ଜମା କରିବା ବ୍ୟତିରେକେ, ବିଶ୍ୱାସ ଓ ଭକ୍ତିର ମାର୍ଗ ଦେଇ ଆପଣେଇବା ଏକାନ୍ତ ଯୁକ୍ତିଯୁକ୍ତ ।

"ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର ।"

ନ୍ୟାୟରେ ଏହାର ପ୍ରାସଙ୍ଗିକତାକୁ ଗୁରୁତ୍ୱ ଦେଇ ବିଚାର କରିବା ଉଚିତ୍ । ଅଷ୍ଟାଦଶ ଶତାବ୍ଦୀର କବି ଶିଶୁ କୃଷ୍ଣ ଦାସଙ୍କ ଅମରକୃତି 'ଦେଉଳ ତୋଳା'ରେ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ମହାରାଣୀ ଗୁଣ୍ଡିଚା ବୋଲି ଉଲ୍ଲେଖ ଅଛି । ଏଣୁ ମହାରାଣୀ ଗୁଣ୍ଡିଚା ଦେବୀଙ୍କ ନାମ ଅନୁସାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା 'ଶ୍ରୀଗୁଣ୍ଡିଚା' ଭାବରେ ପ୍ରସିଦ୍ଧି ଲାଭ କରିଛି ।

ମହୋଦଧିର ଚକ୍ରତୀର୍ଥରେ (ବାଙ୍କିମୁହାଣ) ଭାଷମାନ, ବେଦସମ୍ମତ ଦାରୁକୁ ମୂର୍ତ୍ତି ଗଠନ ନିମନ୍ତେ ଉତ୍ତୋଳନ କଲା ପରେ ଶ୍ରୀ ଜଗନ୍ନାଥ ଦାସଙ୍କ 'ଦେଉଳ ତୋଳା'ରେ ଗୁଣ୍ଡିଚା ରାଣୀଙ୍କ ମନୋମାଞ୍ଛା ଅତି ସୁନ୍ଦର ଭାବରେ ପ୍ରକଟ କରିଛନ୍ତି:

"କଥାଏ ମାଗୁଅଛି ତୋତେ / ସତ୍ୟ ତୁ କହ ଦେବୁ ମତେ/ମୋର ଗୁଣ୍ଡିଚା ଘରେ ନେଇ / ଗଢ଼ାଅ ଜଗନ୍ନାଥ ତୁହି ।"

ରାଜା ଇନ୍ଦ୍ରଦ୍ୟୁମ୍ନ କିନ୍ତୁ ରାଣୀଙ୍କ ଅନୁରୋଧକୁ ଅଣଦେଖା କରି ଶ୍ରୀମନ୍ଦିରରେ ମୂର୍ତ୍ତି ଗଠନର ବ୍ୟବସ୍ଥା କରିଛନ୍ତି ।

ଇତ୍ୟବସରରେ -

"ଗୁଣ୍ଡିଚା ନାମେ ପାଟରାଣୀ
ଭାଳଇ ଦିବସ ରଜନୀ
ଶ୍ରୀଜଗନ୍ନାଥ କି ଆସିବେ
ଗୁଣ୍ଡିଚା ଘରେ ମୋ ରହିବେ ।"

ମୂର୍ତ୍ତି ଗଠନ ପରେ ଶ୍ରୀଗୁଣ୍ଡିଚାଙ୍କ ପ୍ରାଣବ୍ୟଥାକୁ ଦେଖି ପ୍ରଭୁ ତ୍ରିମୂର୍ତ୍ତି ରଥରେ ବିଜେପୂର୍ବକ ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରତିବର୍ଷ ଗମନ କରିବାର ବିଧି ରହିଛି । ଯୁଗେଯୁଗେ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ, ଭକ୍ତର ଅଧୀନ । ଭକ୍ତ ଭଗବାନ, ଯେ ଏକ ଅଭିନ୍ନ, ପ୍ରଭୁ ତା'ର ପରାକାଷ୍ଠା ଦେଖେଇଛନ୍ତି । ସେଥିପାଇଁ ତ ପ୍ରଭୁ ଜଗତର ନାଥ, ଦୟାର ସାଗର, ଭକ୍ତ ଉଦାରକ, ପତିତପାବନ ଭାବରେ

ଆଜି ବିଶ୍ୱବିଦିତ । ତେଣୁ ତ, ଭକ୍ତର ମନୋରଥ ପୂରଣ କରିବା ନିମନ୍ତେ ରତ୍ନସିଂହାସନ ତ୍ୟାଗ କରି ଓହ୍ଲେଇ ଆସନ୍ତି ବଡ଼ଦାଣ୍ଡକୁ । ପତିତମାନଙ୍କୁ ତାରିବା ପାଇଁ ହିଁ ସକଳ ଆୟୋଜନ । ଘଣ୍ଟଘଣ୍ଟା, ହୁଳହୁଳିରେ ସମଗ୍ର କ୍ଷେତ୍ର ହୁଏ ଚଳଚଞ୍ଚଳ । ପତିତପାବନ ମହୋତ୍ସବ ଭାବରେ ଏ ଯାତ୍ରା ସମଗ୍ର ବିଶ୍ୱକୁ ସହତି ଓ ଐକ୍ୟର ବାର୍ତ୍ତା ପ୍ରଦାନ କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଶ୍ୱଦେବତା ଶ୍ରୀଜଗନ୍ନାଥ, ଶ୍ରୀ ବଳଦେବ ଏବଂ ଭଗିନୀ ଶ୍ରୀପ୍ରବର୍ତ୍ତିକା ମାତା ସୁଭଦ୍ରା ପହଣ୍ଡିରେ ବିଜେପୂର୍ବକ ଶ୍ରୀ ସୁଦର୍ଶନ ପ୍ରଭୁଙ୍କ ସହ ରଥରେ ଆରୁଢ଼ ହୁଅନ୍ତି କି ? ଅପୂର୍ବ ଏ ଦୃଶ୍ୟ । ସ୍ୱୟଂ ଦେବତାମାନେ ଯେଉଁ ଦୃଶ୍ୟ ଦେଖିବାକୁ ଯେ ଜପାଦି କରନ୍ତି, ସେହି ଦୁର୍ଲଭ ଦୃଶ୍ୟ ପରଚକ୍ଷୁରେ ମାନବ ସମାଜ ସନ୍ଦର୍ଶନ କରି ମୁକ୍ତି ଲଭେ । ପ୍ରଭୁମାନେ ରଥରେ ଆରୁଢ଼ ହେଲା ପରେ ଲକ୍ଷେ ରାଜାର ମଉଡ଼ମଣି ସ୍ୱୟଂ ଗଜପତି ମହାପ୍ରଭୁ ଆସି ଛେରାପହଁରାର ବିଧାନ ରହିଛି । ରଥଚକ୍ରର ଘୋଷ ବା ନିନାଦ, ମଙ୍ଗଳସୂଚକ ହୋଇଥିବାରୁ ସମଗ୍ର ପରିବେଶରେ ଅମଙ୍ଗଳ, ଘାତ-ପ୍ରତିଘାତ ଦୂରେଇ ଯାଇ ଶାନ୍ତି ଓ ପ୍ରେମର ଜୟଘୋଷ ହୁଏ । ତେଣୁ ଏହା 'ଘୋଷଯାତ୍ରା' ଭାବରେ ପ୍ରସିଦ୍ଧ । ଏହି ପ୍ରସଙ୍ଗରେ 'ଇନ୍ଦ୍ର ନୀଳମଣି ପୁରାଣ'ରେ କୁହାଯାଇଛି-

"ଆଷାଢ଼ସ୍ୟ ମଳପକ୍ଷେ ଦ୍ୱିତୀୟା ପୁଷ୍ୟ ସଂଯୁକ୍ତେ/ ଚଚାଚ ହିତାର୍ଥାୟ ଘୋଷଯାତ୍ରା ବିଧିୟତେ ।"

'ସକଳ ଜନହିତାୟ' ନ୍ୟାୟରେ ବିଶ୍ୱପ୍ରସିଦ୍ଧ ଜଗନ୍ନାଥଙ୍କର ଏ ଯାତ୍ରାର ଭିଆଣ । ଯେଉଁ ଯାତ୍ରା ପ୍ରଭୁଙ୍କର ମାନବୀୟ ଲୀଳାର ରୂପ ମାତ୍ର । ଜଗତର ନାଥ ଜଗନ୍ନାଥ ପ୍ରେମ, ଭକ୍ତି ଓ ଜ୍ଞାନର ଏକ ସମନ୍ୱିତ ବିଗ୍ରହ । ତେଣୁ ତାଙ୍କର ସମସ୍ତ ଲୀଳାର ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ । ଆଶ୍ଚର୍ଯ୍ୟ ମନେ ହେଲେ ହେଁ ସତ୍ୟ, ଏଥିରେ ଦ୍ୱିମତ ନାହିଁ । ରଥଯାତ୍ରା କାଳୀନ ସମସ୍ତ ଦୃଶ୍ୟ ଅତ୍ୟନ୍ତ ଭାବୋଦ୍ଦୀପକ । କବି ବାଞ୍ଛାନିଧି ଦାସ ରଥଯାତ୍ରା କାଳର ପହଣ୍ଡିବିଜେ ଦୃଶ୍ୟକୁ ଅତି ସୁନ୍ଦରତାର ସହ ବର୍ଣ୍ଣନା କରିଚନ୍ତି:

"ବଡ଼ ଦେଉଳରୁ ପହଣ୍ଡିବିଜେ ଲୋ
କୃପାମୟ ଚକା ଆଖି
ଭକତି ଜଳରେ ଜଡ଼ସଡ଼ କୋଟି
ନୟନ ରହିଛି ଲାଖି ।"

ବାସ୍ତବିକ୍, ଶ୍ରୀଜଗନ୍ନାଥ ଭାବର ଦିଅଁ । ଭାବର ତରାଜୁରେ ଭାବର ଠାକୁରଙ୍କୁ ହିଁ ତଉଳେଇ ହବ । ପ୍ରଭୁଙ୍କ ସମସ୍ତ ଲୀଳା, ଅପୂର୍ବ-ଅନନ୍ୟ ରହସ୍ୟମୟ ବିଗ୍ରହ ଶ୍ରୀଜଗନ୍ନାଥଙ୍କ ଲୀଳା, ସାଧାରଣ ମଣିଷମାନେ ବୁଝିବା ଅସମ୍ଭବ । ତେଣୁ ତ କୁହାଯାଏ:

"ସର୍ବରହସ୍ୟ ପୁରୁଷୋତ୍ତମସ୍ୟ,
ଦେବେ ନ ଜାଜାତି
କୁତୋ ମନୁଷ୍ୟଃ ?"

ସତରେ, ଶ୍ରୀଜଗନ୍ନାଥଙ୍କ ଭଳି ଦେବତା ଅନ୍ୟତ୍ର ବିରଳ । ଭାରତର ନାନା ଧର୍ମ, ଦର୍ଶନ ତଥା ମତବାଦ ଉର୍ଦ୍ଧ୍ୱରେ ଶ୍ରୀଜଗନ୍ନାଥ ଜାତୀୟ ଦେବତା ରୂପେ ବିଶ୍ୱବନ୍ଦିତ ହୋଇଛନ୍ତି । ଯାତ୍ରା, ମହୋତ୍ସବ ପ୍ରିୟ ଜଗନ୍ନାଥଙ୍କର ବର୍ଷକୁ ତେରଯାତ ଲାଗେ । ସାଧାରଣ ମଣିଷ ଭଳି, ପ୍ରଭୁ ଯାନିଯାତ୍ରାରେ ଆଗଭର ହୁଅନ୍ତି । ନାନା ବେଶ, ପରିପାଟୀ ପ୍ରିୟ ପ୍ରଭୁ । ମହୋତ୍ସବ ଓ ଯାତ୍ରା ଉପଯୋଗୀ ତିନି ଠାକୁରଙ୍କ ବାରମାସରେ ଭିନ୍ନ ଭିନ୍ନ ବେଶରେ ସୁସଜ୍ଜିତ ହେବାର ପ୍ରଥା ରହିଛି । ଯଥା-ଚନ୍ଦନବେଶ, ଗଣେଶ ବେଶ, ରୁକ୍ମିଣୀ ହରଣ ବେଶ, ନବଯୌବନ ବେଶ, ବାମନ ବେଶ, ରାଜବେଶ, ରାଧା-ଦାମୋଦର ବେଶ, ତ୍ରିବିକ୍ରମ ବେଶ, ଚିତାଲାଗି ବେଶ, ନୃସିଂହ ବେଶ, ପଦ୍ମ ବେଶ, ପର୍ଶୁରାମ ବେଶ, କାଳୀୟଦଳନ ବେଶ, ବନଭୋଜି ବେଶ, ଗଜ ଉଦ୍ଧାରଣ ବେଶ, ଚାଚେରୀ ବେଶ, କୁଣ୍ଡଳ ବେଶ, ରାଜାରାମ ବେଶ ଇତ୍ୟାଦି । ବେଶ ପରିପାଟୀ ହେବାକୁ ସମସ୍ତେ ଭଲ ପାଆନ୍ତି । ଆଉ ଏଥରକୁ ପ୍ରଭୁ ବା ବାଦ୍ ପଡ଼ିବେ କିପରି ? ଏହି ବେଶ ଦେଖିବାକୁ ଅସଂଖ୍ୟ ଶ୍ରଦ୍ଧାଳୁ ବର୍ଷତମାମ୍ ଶ୍ରୀକ୍ଷେତ୍ରରେ ଗହଳି କରନ୍ତି । ପ୍ରଭୁଙ୍କ ରୂପମାଧୁର୍ଯ୍ୟର ରସ ଆସ୍ୱାଦନ ପୂର୍ବକ ସାଯୁଜ୍ୟ ମୁକ୍ତି ପାଇଁ ଲାଳସାରେ ଭକ୍ତ ସମାଗମ ଘଟେ । ଅଲୌକିକ, ଐନ୍ଦ୍ରଜାଲିକ, ସ୍ୱପ୍ନବିଭୋର ଭାବ ଭକ୍ତମଣ୍ଡଳୀର ହୃଦୟକୁ ଏଭଳି ଭାବେ କବଳିତା କରିରଖେ ଯେ, ଭକ୍ତ ଭୁଲିଯାଏ ତା'ର ଭୌତିକ ସତ୍ତା । କେଉଁ ଏକ ଅତିନ୍ଦ୍ରିୟ ସତ୍ତାରେ ଆଚ୍ଛାଦିତ ହୁଏ ମନ, ପ୍ରାଣ, ଚୈତନ୍ୟ । ଅପୂର୍ବ, ଏ ଅନୁଭବ । ଅନନ୍ୟ ଏ ପରିବେଶ ସତେ, ଯାହା ଚର୍ମଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିବା ଅସମ୍ଭବ ମନେହେବ ।

ପ୍ରଭୁଙ୍କ ରଥଯାତ୍ରାର ଦୃଶ୍ୟ ଯେତିକି ମନୋହର, ତା'ର ରୀତିନୀତି ତତୋଽଧିକ କୌତୂହଳଦ୍ଦୀପକ । ସାମାଜିକ ଲୋକାଚାରକୁ ଆଧାର କରି ସାଧାରଣ ଓଡ଼ିଆ ଗାଉଁଲି ମଣିଷଟିଏ, ଯେପରି ତା'ର ସାଂସାରିକ ଚଳଣିକୁ ଆଗେଇ ନେଇଥାଏ, ଠିକ୍ ସେହିପରି ପ୍ରଭୁ ଜଗନ୍ନାଥ ମଧ୍ୟ ସେହିସବୁ ପ୍ରଥା, ପରମ୍ପରାକୁ ସମ୍ମାନ ଦେଇଥାନ୍ତି । ନବଦିନ ପାଇଁ ପ୍ରଭୁ ମାତା ଲକ୍ଷ୍ମୀଙ୍କୁ ଶ୍ରୀନଅରରେ ଛାଡ଼ି, ନିଜ ଭାଇ ଅଗ୍ରଜ ବଳରାମ, ଭଗିନୀ ସୁଭଦ୍ରା, ସାରଥି ସୁଦର୍ଶନ ଏବଂ ଦାସଦାସୀ, ପରିବାରଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । ଏହି ଗମନ କାଳ ସମୟରେ ଅନେକ ବେଶ ହୁଅନ୍ତି, ଅବତାର ନିଅନ୍ତି ପ୍ରଭୁ । କେବଳ ତାଙ୍କ ଭକ୍ତର ଅଭୀଷ୍ଟ ପୂରଣ ପାଇଁ ଏସବୁ ବାହ୍ୟ ଆଡ଼ମ୍ବର ମାତ୍ର । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ହୁଏ ଉତ୍ସବ । ପ୍ରଭୁ ବିଜେ କରନ୍ତି ତାଙ୍କ ଜନ୍ମବେଦୀକୁ ଆଡ଼ପମଣ୍ଡପକୁ । ଏ ଯାତ୍ରା କର୍ମବେଦୀରୁ ଜନ୍ମବେଦୀକୁ । ରଥରେ ନାନା ଅବତାର ଘେନା କରନ୍ତି ପ୍ରଭୁ ଜଗତର ନାଥ । ଦୋଳରେ ଦୋଳଗୋବିନ୍ଦ, ଚାପଖେଳରେ ମଧୁସୂଦନ ଆଉ ରଥାବସ୍ଥାନରେ ବାମନ ବେଶରେ ଲୀଳାଖେଳା କରନ୍ତି । ଲୋକ ମତରେ ପ୍ରଭୁଙ୍କୁ ରଥାରୂଢ଼ ଅବକାଶରେ ଦର୍ଶନ କଲେ ପୁନର୍ଜନମ ଘଟେନା । ସକଳ ଘଟ ମୁକ୍ତିପଥର ଯାତ୍ରୀ ହୁଅନ୍ତି । ତେଣୁ ତ, ପ୍ରତିବର୍ଷ ଅଗଣିତ ଭକ୍ତ ଛୁଟି ଆସନ୍ତି ଦର୍ଶନ ଟିକକ ଲାଳସାରେ । କାହିଁ କେତେ ଯୋଜନରୁ କେବଳ ଟିକକ ସେଇ ମୁକ୍ତି ପାଇଁ । ତେଣୁ ତ ଶାସ୍ତ୍ର ମଧ୍ୟ ସ୍ୱୀକାର କରିଛି-



"ଦୋଳେଷ୍ଟ ଦୋଳଗୋବିନ୍ଦଂ
ଚାପେ ଶ୍ରୀ ମଧୁସୂଦନଂ
ରଥେ ତୁ ବାମନଂ ଦୃଷ୍ଟ୍ୱା/
ପୁନର୍ଜନ୍ମ ନ ଲଭ୍ୟତେ ।"

ବାସ୍ତବରେ ପ୍ରଭୁ ଜଗନ୍ନାଥଙ୍କ ଭଳି ଠାକୁର ସମଗ୍ର ବିଶ୍ୱରେ ଦୁର୍ଲଭ । ସେଥିପାଇଁ ତ ଶ୍ରୀଜଗନ୍ନାଥ ସଂସ୍କୃତି ଆଜି ସାର୍ବଜନୀନ ଆବେଦନ ବହନ କରିବାରେ ସମର୍ଥ । ମାନବୀୟ ମୂଲ୍ୟବୋଧର ନିରାଜନା କରିବା ଯେଉଁ ସଂସ୍କୃତିର ମୂଳମନ୍ତ୍ର, ତା'ର ଆରାଧ୍ୟ ଶ୍ରୀ ଜଗତର ନାଥ ଜଗନ୍ନାଥ ବିଶ୍ୱଦେବତା (Lord of Universe) ହେବେନି ବା କାହିଁକି ?

# ଦାକ୍ଷିଣାତ୍ୟରେ ଦୀନବନ୍ଧୁ



# ହାଇଦ୍ରାବାଦରେ ଶ୍ରୀମନ୍ଦିର

**ଡକ୍ଟର ଫକୀର ମୋହନ ନାହାକ**

ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ
ୟୁନିଭରସିଟି ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍
ଚଣ୍ଡୀଗଡ଼ ୟୁନିଭରସିଟି, ମୋହାଲି-୧୪୦୩୦୧, ପଞ୍ଜାବ
ଫୋନ୍: ୯୯୩୭୨୫୨୪୬୪

ଫଟୋ ସୌଜନ୍ୟ: ଶାନ୍ତିସ୍ୱରୂପ ସାମନ୍ତରାୟ, ରମେଶ କୁଅଁର, ଡକ୍ଟର ଗଗନ ବିହାରୀ ରାଉତ

**ନୀଳସିନ୍ଧୁ, ନୀଳଶୈଳ ଠାରୁ ଶହ ଶହ କିଲୋମିଟର ଦୂରରେ ନୀଳମଣିଙ୍କ ଭବ୍ୟ ମନ୍ଦିର, ତାହା ପୁଣି ଦାକ୍ଷିଣାତ୍ୟ ମାଳଭୂମିର ନିଜାମ ନଗରୀ ହାଇଦ୍ରାବାଦରେ, ବାରମ୍ୱାର ଦୋହରାଉଛି ମହାପ୍ରଭୁଙ୍କ କାଞ୍ଚି ଅଭିଯାନର ଗାଥାକୁ । ଅବିଭକ୍ତ ଆନ୍ଧ୍ରପ୍ରଦେଶର ରାଜଧାନୀ ତଥା ସାଂପ୍ରତିକ ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦର ବଂଜାରା ହିଲ୍ସ୍ ଅଞ୍ଚଳରେ ରୋଡ୍ ନମ୍ବର ୧୨ରେ ପ୍ରତିଷ୍ଠା ହୋଇଛି ମହାପ୍ରଭୁଙ୍କ ଏକ ମନଲୋଭା ମନ୍ଦିର । ଶାନ୍ତ, ସ୍ନିଗ୍ଧ ଓ କମନୀୟ ପରିବେଶରେ ପ୍ରତିଷ୍ଠିତ ଏହି ମନ୍ଦିର ବର୍ତ୍ତମାନ ହାଇଦ୍ରାବାଦ ମହାନଗରୀର ଏକ ପ୍ରମୁଖ ତୀର୍ଥସ୍ଥଳ ଏବଂ ଆଧ୍ୟାତ୍ମିକ ଆକର୍ଷଣର କେନ୍ଦ୍ର ପାଲଟିଛି ।**


ଡକ୍ଟର ଫକୀରମୋହନ ନାହାକ

"ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ ।
ହେ ପରମ ପିତା ମାତା ପ୍ରଭୁ ଅନ୍ତର୍ଯାମୀ ।"

ଉତ୍କଳର ପରମ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ଅଖିଳ ବ୍ରହ୍ମାଣ୍ଡର ପତି । ସେ କେବେ ବି କୌଣସି ଭୌଗୋଳିକ ଚୌହଦୀ ଭିତରେ ବାନ୍ଧି ହୋଇ ରହିନାହାନ୍ତି । ଯୁଗେ ଯୁଗେ ଯିଏ ଯେଉଁଠି ଡାକିଛି ତାଙ୍କୁ, ସେଇଠି ପହଞ୍ଚିଛନ୍ତି ସେ । ତା ନହୋଇଥିଲେ କି ରାଉତ ରାଜା ଗଜପତି ପୁରୁଷୋତ୍ତମ ଦେବଙ୍କ ସ୍ୱାଭିମାନ ରକ୍ଷା କରିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର କଳା ଧଳା ଘୋଡ଼ା ଚଢ଼ି କାଞ୍ଚି ଅଭିଯାନରେ ଯାଇଥାନ୍ତେ ? ଅଧା ରାସ୍ତାରେ ପ୍ରଚଣ୍ଡ ରୌଦ୍ରତାପରେ ତଣ୍ଟି ଶୁଖିଗଲା ପରେ ମାଣିକ ଗଉଡୁଣୀଠୁ ନା ସେ ଦହି ପିଇଥାନ୍ତେ, ନା କଉଡ଼ି ନଦେଇ ପାରି ରତ୍ନମୁଦ୍ରିକାକୁ ତା ହାତରେ ଟେକି ଦେଇଥାନ୍ତେ ? ଭକ୍ତବତ୍ସଳ ହରି କଣ ନିଜେ ନିଜର ତୃଷା ମେଣ୍ଟାଇ ପାରନ୍ତେନି ? ନା ସେମିତି କିଛି ନୁହେଁ, କେବଳ ନିଜ କରୁଣାରେ ଭକ୍ତକୁ କାଳ କାଳ ଲାଗି କିମ୍ବଦନ୍ତୀ କରିଦେବା ପାଇଁ ଏହା ତାଙ୍କର ଏକ ଲୀଳା ମାତ୍ର । ଏମିତି ହିଁ ଲୀଳା ଯୁଗ ଯୁଗାନ୍ତରରୁ ସେ ଦେଖାଇ ଆସିଛନ୍ତି । ଭକ୍ତଙ୍କ ଆବେଗ ତାଙ୍କୁ ଟାଣି ନେଇଛି ଶ୍ରୀବତ୍ସ ଖଣ୍ଡଶାଳ ଶ୍ରୀମନ୍ଦିରର ସିଂହଦ୍ୱାର ବାହାରକୁ । ଟାଣି ନେଇଛି ଉତ୍କଳୀୟ ଭୂଖଣ୍ଡରୁ ବହୁ ଦୂରକୁ, ଏପରିକି ଦରିଆ ସେପାରିକୁ । ପ୍ରଭୁ ଶ୍ରୀଜଗନ୍ନାଥ ଚରିତାର୍ଥ କରିଛନ୍ତି ନିଜ ଜଗନ୍ନାଥ ନାମକୁ, ନିଜର ସର୍ବବ୍ୟାପ୍ତିରେ, ବିଶ୍ୱର କୋଣ ଅନୁକୋଣରେ ଭକ୍ତଙ୍କୁ ସାନ୍ନିଧ୍ୟ ପ୍ରଦାନ କରି ।

ନୀଳସିନ୍ଧୁ, ନୀଳଶୈଳ ଠାରୁ ଶହ ଶହ କିଲୋମିଟର ଦୂରରେ ନୀଳମଣିଙ୍କ ଭବ୍ୟ ମନ୍ଦିର, ତାହା ପୁଣି ଦାକ୍ଷିଣାତ୍ୟ ମାଳଭୂମିର ନିଜାମ ନଗରୀ ହାଇଦ୍ରାବାଦରେ, ବାରମ୍ୱାର ଦୋହରାଉଛି ମହାପ୍ରଭୁଙ୍କ କାଞ୍ଚି ଅଭିଯାନର ଗାଥାକୁ । ଅବିଭକ୍ତ ଆନ୍ଧ୍ରପ୍ରଦେଶର ରାଜଧାନୀ ତଥା ସାଂପ୍ରତିକ ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦର ବଂଜାରା ହିଲ୍ସ୍ ଅଞ୍ଚଳରେ ରୋଡ୍ ନମ୍ବର ୧୨ରେ ପ୍ରତିଷ୍ଠା ହୋଇଛି ମହାପ୍ରଭୁଙ୍କ ଏକ ମନଲୋଭା ମନ୍ଦିର । ଶାନ୍ତ, ସ୍ନିଗ୍ଧ ଓ କମନୀୟ ପରିବେଶରେ ପ୍ରତିଷ୍ଠିତ ଏହି ମନ୍ଦିର ବର୍ତ୍ତମାନ ହାଇଦ୍ରାବାଦ ମହାନଗରୀର ଏକ ପ୍ରମୁଖ ତୀର୍ଥସ୍ଥଳ ଏବଂ ଆଧ୍ୟାତ୍ମିକ ଆକର୍ଷଣର କେନ୍ଦ୍ର । ମନ୍ଦିରର ନିର୍ମାଣ ଶୈଳୀ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଅନୁକରଣରେ । ମନ୍ଦିର ମାଳିନୀ ଉତ୍କଳକୁ ଦେଖିଥିବା ମଣିଷଟିଏ ହଠାତ୍ ଯଦି ଏହିଠାରେ ପହଞ୍ଚି ଯାଏ, ତାହେଲେ ସେ ପ୍ରଥମେ ନିଜକୁ ବିଶ୍ୱାସ କରିପାରିବ ନାହିଁ । ତା ମନରେ ସୃଷ୍ଟି ହେବ ଏକ ଦ୍ୱନ୍ଦ୍ୱ, ଏକ ଭ୍ରମ, କାଳେ ମୁଁ ଏବେ ଓଡ଼ିଶାରେ ନାହିଁ ତ ? କାରଣ ଉତ୍କଳୀୟ ଶିଳ୍ପକଳାର ନିଦର୍ଶନ ପଞ୍ଚରଥ ଦେଉଳ ଭଳି ଗଢ଼ା ହୋଇଛି ଏହି ଦିବ୍ୟ ମନ୍ଦିର । ଏଥିରେ ରହିଛି ଗର୍ଭଗୃହ ବା ବିମାନ, ଜଗମୋହନ, ନାଟ ମନ୍ଦିର ଓ ଭୋଗ ମଣ୍ଡପ । ଉତ୍କଳୀୟ ଶିଳ୍ପୀର ନିହାଣ ଓ ମୁଗୁରରେ ରାତି ରାତି ଖୋଦେଇ ହୋଇଛି ପଥର । ସେହି ପଥରେ ଦେହରେ ଜୀବନ୍ୟାସ ପାଇଛି ଶିଳ୍ପୀର କାରିଗରୀ ଏବଂ ଉତ୍କଳୀୟ କଳା ଓ ଭାସ୍କର୍ଯ୍ୟ । ତେବେ ଏଭଳି ଏକ ଦିବ୍ୟକୀର୍ତ୍ତି ପାଇଁ କେତେ କେତେ ଜଗନ୍ନାଥ ପ୍ରେମୀଙ୍କୁ ଯେ ଦିନ ରାତି ଏକ କରିବାକୁ ପଡ଼ିଛି ତାହା ସ୍ମରଣଯୋଗ୍ୟ ।

ବିଶ୍ୱର କୋଣ ଅନୁକୋଣରେ ଓଡ଼ିଆମାନଙ୍କୁ ସେମାନଙ୍କ ପରିଚୟ ପ୍ରଦାନ କରୁଥିବା ମହାପ୍ରଭୁ ଏଠାରେ ବି ଓଡ଼ିଆଙ୍କୁ ସହାୟ ହୋଇଛନ୍ତି । ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ପ୍ରେମୀ କିଛି ଓଡ଼ିଆଙ୍କୁ ମହାପ୍ରଭୁ ଏକାଠି କରାଇଥିଲେ ୧୯୬୭ ମସିହାରେ । ବରିଷ୍ଠ ବୈଜ୍ଞାନିକ ଡକ୍ଟର କେ. କେ. ଦ୍ୱିବେଦୀ ଓ ଅନ୍ୟାନ୍ୟ ପଦପଦବୀରେ ଥିବା ଓଡ଼ିଆ ଅଧିକାରୀମାନେ ଉତ୍କଳ ସାଂସ୍କୃତିକ ପରିଷଦ ନାମରେ ଗୋଟିଏ ସଂଗଠନ ଆରମ୍ଭ କରିଥିଲେ । ଉତ୍କୀଳୟ କଳା ସଂସ୍କୃତି ସାଙ୍ଗକୁ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି ସଂଗଠନ କାମ କରୁଥିଲା । କିନ୍ତୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିଗରେ ସେମିତି କୌଣସି ଅଗ୍ରଗତି ହୋଇପାରୁନଥିଲା । ଏଭଳି ସ୍ଥଳେ ଅନ୍ୟକିଛି ଉତ୍ସାହୀ ଓଡ଼ିଆ ୧୯୯୨ ମସିହାରେ ପ୍ରତିଷ୍ଠା କରିଥିଲେ କଳିଙ୍ଗ କଲଚରାଲ ଟ୍ରଷ୍ଟ । ଏହି ଟ୍ରଷ୍ଟର ମୂଳ ଉଦ୍ଦେଶ୍ୟ ଥିଲା ଦକ୍ଷିଣ ଭାରତରେ ଉତ୍କଳୀୟ କଳା ସଂସ୍କୃତି ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ସଂରକ୍ଷଣ ଏବଂ ସଂବର୍ଦ୍ଧନ । ଏହି ସଂଗଠନ ଆରମ୍ଭ ହେବା ପରେ ପୂର୍ବରୁ ଥିବା ଉତ୍କଳ ସାଂସ୍କୃତିକ ପରିଷଦ ଏଥିରେ ବିଲୀନ ହୋଇଥିଲା । ଯାହାଫଳରେ ଏହା ଅଧିକ ସୁଦୃଢ଼ ହୋଇପାରିଥିଲା ଏବଂ ତତ୍କାଳୀନ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲା । ଏହି ଟ୍ରଷ୍ଟର ପ୍ରାରମ୍ଭରୁ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଅବିଭକ୍ତ ଆନ୍ଧ୍ରପ୍ରଦେଶର ତତ୍କାଳୀନ ପୋଲିସ ମହାନିର୍ଦ୍ଦେଶକ ଅଜିତ୍ କୁମାର ମହାନ୍ତି, ବରିଷ୍ଠ ଆଇଏଏସ୍ ଅଧିକାରୀ ଯତୀଶ ଚନ୍ଦ୍ର ମହାନ୍ତି, ବିଭୁ ପ୍ରସାଦ ଆଚାର୍ଯ୍ୟ, ଆଇଆରଏସ୍ ଅଧିକାରୀ ଜି.ସି. ଦାଶ, ଅଶୋକ ଶତପଥୀ, ମୋହନ ମହାପାତ୍ର, ଆଇଏଫଏସ୍ ଅଧିକାରୀ ଏସ୍.କେ.





ଛୋଟରାୟ, ଚନ୍ଦନ ମିତ୍ର, ଆଣବିକ ଗବେଷଣାବିତ୍ ବରିଷ୍ଠ ବୈଜ୍ଞାନିକ ଗଗନ ବିହାରୀ ରାଉତ ତଥା ଶିଳ୍ପୋଦ୍ୟୋଗୀ ଭୀମସେନ ରାଉତ ଓ ଭୀମସେନ ବିଶ୍ୱାଳ, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସାଧାରଣ ପରିଚାଳକ ସ୍ୱର୍ଗତ ହରୀଶ ପଟ୍ଟନାୟକ ଏବଂ ଉଦ୍ୟୋଗୀ ପ୍ରଦୀପ କୁମାର ମହାଲିକଙ୍କ ସମେତ ଅନେକ ଓଡ଼ିଆ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ସଦସ୍ୟ ଓ ସଂଗଠକ ରୂପରେ କାର୍ଯ୍ୟ କରୁଥିଲେ । ମନ୍ଦିର ନିର୍ମାଣ ପାଇଁ ୧୯୯୮ ମସିହା ବସନ୍ତ ପଞ୍ଚମୀ ଦିନ ହୋଇଥିଲା ଶିଳାନ୍ୟାସ । ଏହି ଅବସରରେ ଯୋଗ ଦେଇଥିଲେ ବରିଷ୍ଠ ବାଗ୍ମୀ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ସ୍ୱର୍ଗତ ଗୌରୀ କୁମାର ବ୍ରହ୍ମା । ପରବର୍ତ୍ତୀ ସମୟରେ କାଞ୍ଚି କାମକୋଟୀ ପୀଠର ଶଙ୍କରାଚାର୍ଯ୍ୟ ଆସି ଏହି ସ୍ଥାନରେ କରିଥିଲେ ଆଶୀର୍ବଚନ । ନିୟମିତ ହୋମ, ଯଜ୍ଞ, କୀର୍ତ୍ତନ ଓ ଭଜନ ଚାଲୁଥିଲେ ବି ମନ୍ଦିର ନିର୍ମାଣ କ୍ଷେତ୍ରରେ ସେମିତି କିଛି ଅଗ୍ରଗତି ପରିଲକ୍ଷିତ ହେଉନଥିଲା । ତେବେ ଜଣେ ତେଲୁଗୁ ଭାଷାଭାଷୀ ସ୍ଥପତି ନିଜେ ବାରମ୍ବାର ଶ୍ରୀକ୍ଷେତ୍ର ଆସି ଶ୍ରୀମନ୍ଦିର ଦର୍ଶନ କରି ଫେରିବା ପରେ ଶେଷରେ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ।

ଓଡ଼ିଶାର ଶତାଧିକ ଶିଳ୍ପୀ ଦିନରାତି ଏକ କରି ପ୍ରାୟ ପାଞ୍ଚ ବର୍ଷ ସମୟର ଅକ୍ଲାନ୍ତ ପରିଶ୍ରମ ପରେ ପ୍ରତିଷ୍ଠା ହୋଇପାରିଲା ମହାପ୍ରଭୁଙ୍କ ଏହି ମନୋରମ ମନ୍ଦିର । ତେଲେଙ୍ଗାନା ଭବନ ପରିସରକୁ ଲାଗି ପ୍ରାୟ ପାଞ୍ଚ ହଜାର ବର୍ଗ ଗଜ ଭୂମିରେ ପ୍ରତିଷ୍ଠା ହୋଇଛି ଏହି ମନ୍ଦିର । ଆରମ୍ଭରୁ କୌଣସି ପ୍ରକାର ସରକାରୀ ସହାୟତା ମିଳି ନଥିଲା ବେଳେ, ପରବର୍ତ୍ତୀ ସମୟରେ ମନ୍ଦିର ନିର୍ମାଣ ସମ୍ପନ୍ନ କରାଇବା ପାଇଁ ତତ୍କାଳୀନ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦେବୋତ୍ତର ବିଭାଗ ପ୍ରଦାନ କରିଥିଲେ ୫୦ ଲକ୍ଷ ଟଙ୍କାର ଅନୁଦାନ । ଶେଷରେ ମାର୍ଚ୍ଚ ୮ ତାରିଖ ୨୦୦୯ ମସିହାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଥିଲା । ପ୍ରତିଷ୍ଠାତା ସଦସ୍ୟ ଯତୀଶ ଚନ୍ଦ୍ର ମହାନ୍ତି ସପତ୍ନୀକ ପ୍ରତିଷ୍ଠା ହୋମରେ ଯଜମାନ ରୂପେ ଯଜ୍ଞକର୍ମ ସମ୍ପାଦନ କରିଥିଲେ । ଏହି ଅବସରରେ ଆନ୍ଧ୍ରପ୍ରଦେଶର ସମସ୍ତ ପବିତ୍ର ତୀର୍ଥକ୍ଷେତ୍ରରୁ ମୋଟ ୪୫ ଜଣ ପଣ୍ଡିତ ଆସି ଯଜ୍ଞ, କର୍ମକାଣ୍ଡ ଏବଂ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ କରାଇଥିଲେ । ମୁଖ୍ୟମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଛି । ଏହାସହ ମନ୍ଦିର ପରିସରରେ ରହିଛି ଦେବୀ ବିମଳା, ମହାଲକ୍ଷ୍ମୀ, କାଶୀବିଶ୍ୱନାଥ, ଅଞ୍ଜନେୟସ୍ୱାମୀ ବୀର ହନୁମାନ, ଶନିଦେବ ଏବଂ ନବଗ୍ରହ ଆଦିଙ୍କ ମନ୍ଦିର । ଏହି ମନ୍ଦିରର ପ୍ରାଣପ୍ରତିଷ୍ଠା ସହିତ ପୂର୍ଣ୍ଣ ହୋଇଥିଲା ହାଇଦ୍ରାବାଦ ଓ ଏହାର ଉପାନ୍ତ ଅଞ୍ଚଳରେ ରହୁଥିବା ୧୦ ଲକ୍ଷ ଓଡ଼ିଆଙ୍କ ଚିର ଇପ୍‌ସିତ ସ୍ୱପ୍ନ ।

ପ୍ରାଣ ପ୍ରତିଷ୍ଠାର ଠିକ୍ ବର୍ଷକ ପରେ ୨୦୧୦ ମସିହାରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଆରମ୍ଭ ହୋଇଥିଲା ଏଠାକାର ପ୍ରଥମ ରଥଯାତ୍ରା । ଘଣ୍ଟ ଘଣ୍ଟା ମୃଦଙ୍ଗ ଓ କୀର୍ତ୍ତନ୍ୟର ତାଳେ ତାଳେ ଉଛୁଳି ପଡୁଥିଲା ରଥପଥ । ମହାପ୍ରଭୁଙ୍କ ତିନିଟି ରଥକୁ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଏକାଠି ହୋଇ ଟାଣିନେଇଥିଲେ ରଥପଥରେ । ବଂଜାରା ହିଲ୍‌ସ୍‌ର ରୋଡ୍ ନମ୍ବର ୧୨ରେ ଆଗକୁ ଗଲେ ପ୍ରାୟ ଏକ କିଲୋମିଟର ପରେ ଥିବା କନକଦୁର୍ଗା ମନ୍ଦିରକୁ ଶ୍ରୀଗୁଣ୍ଡିଚା ମନ୍ଦିର ରୂପେ ବ୍ୟବହାର କରାଯାଉଛି । ସେଇଠି ଅବସ୍ଥାନ କରନ୍ତି ଠାକୁର । ପୁଣି ବାହୁଡ଼ା ଯାତ୍ରାରେ ଫେରନ୍ତି ସ୍ୱସ୍ଥାନକୁ । ୨୦୧୦ ଠାରୁ ଅଦ୍ୟାବଧି ରଥଯାତ୍ରା ଅଧିକରୁ ଅଧିକ ଉତ୍ସାହ ଓ ଉଦ୍ଦୀପନାର ସହିତ ଆୟୋଜନ କରାଯାଉଛି ।

ଏହି ମନ୍ଦିରର ବିଧିବ୍ୟବସ୍ଥାରେ ରହିଛି କିଛି ଭିନ୍ନତା । ମନ୍ଦିରରେ କେବଳ ଓଡ଼ିଆ ପୂଜାରୀ ନାହାନ୍ତି । ଓଡ଼ିଆଙ୍କ ସହ ତେଲୁଗୁ ପୂଜାରୀ ବି ଏଠାରେ ନିୟୋଜିତ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ପୂଜକମାନେ ବେତନଭୋଗୀ । ସେମାନଙ୍କ ରହିବା, ଖାଇବା ଏବଂ ଦରମାର ବ୍ୟବସ୍ଥା କରିଛି କଳିଙ୍ଗ କଲଚରାଲ ଟ୍ରଷ୍ଟ । ପ୍ରାୟ ୫୦ ଜଣ ସେବାୟତ ଓ କର୍ମଚାରୀ ରହିଛନ୍ତି ମନ୍ଦିର ପରିସରରେ । ତେଣୁ ଏଠାରେ କୌଣସି ଭକ୍ତଙ୍କ ଠାରୁ କେବେ କୌଣସି ପୂଜାରୀ ଦାନ ଦକ୍ଷିଣା ମାଗନ୍ତି ନାହିଁ କିମ୍ବା ନିଅନ୍ତି ବି ନାହିଁ । ସେହିଭଳି ଏଠାରେ ମହାପ୍ରସାଦ, ଗଜା ଓ ଖଜା ମିଳିବା ସହିତ ଆନ୍ଧ୍ରପ୍ରଦେଶର ପ୍ରଖ୍ୟାତ ପ୍ରସାଦ ପୁଲିହୋରା ବି ପ୍ରଦାନ କରାଯାଉଛି । ଏହାସହ ପ୍ରତିଦିନ ସନ୍ଧ୍ୟାରେ ଏଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଖେଚୁଡ଼ି ଭୋଗର ବ୍ୟବସ୍ଥା ମଧ୍ୟ ରହିଛି । ମନ୍ଦିରର ସମସ୍ତ ରୀତିନୀତି ଦେଖିଲେ ଯେ କେହି କହିବ, ଟ୍ରଷ୍ଟର ଯେଉଁ ଲକ୍ଷ୍ୟ ଥିଲା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ତାହା ପୂରଣ ହୋଇଛି । ଏଇଠି ଉତ୍କଳୀୟ ଓ ଦାକ୍ଷିଣାତ୍ୟର ଦ୍ରାବିଡ଼ୀୟ ସଂସ୍କୃତିର ସମନ୍ୱୟ ଘଟିଛି କହିଲେ ଅତ୍ୟୁକ୍ତି ହେବନି । କେବଳ ସେତିକି ନୁହେଁ, ଏହି ମନ୍ଦିର ପ୍ରକୃତ ପକ୍ଷେ ଶ୍ରୀଜଗନ୍ନାଥଙ୍କ ନାମକୁ ଚରିତାର୍ଥ କରିଛି । କାରଣ ଏଠାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ବିଶ୍ୱବାସୀଙ୍କ ନିର୍ବିଘ୍ନ ପ୍ରବେଶ ବ୍ୟବସ୍ଥା ରହିଛି । ତେଣୁ ଏହାକୁ ଅତି ସହଜରେ ସର୍ବଧର୍ମ ସମନ୍ୱୟର କ୍ଷେତ୍ର ରୂପେ ବିବେଚନା କରା ଯାଇପାରିବ । ମନ୍ଦିର ପରିସରରେ ସ୍ୱଚ୍ଛତା ସାଙ୍ଗକୁ ଏହାର ପରିଚାଳନା ବ୍ୟବସ୍ଥା ଏବଂ ଶାନ୍ତ ଆଧ୍ୟାତ୍ମିକ





ପରିବେଶ ସମସ୍ତଙ୍କୁ ଏଠାକୁ ଆକର୍ଷିତ କରିଆଣୁଛି ।

ଅନ୍ୟପକ୍ଷରେ ସମୟକ୍ରମେ ଟ୍ରଷ୍ଟ୍ ପକ୍ଷରୁ ମନ୍ଦିର ପରିସରରେ ନିର୍ମାଣ କରାଯାଇଛି ଏକ ନାଟ୍ୟମଣ୍ଡପ । ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନ ଏଠାରେ ପ୍ରତିଷ୍ଠା କରିଥିଲେ ଏହି ମଣ୍ଡପ । ବର୍ତ୍ତମାନ ଏଠାରେ ନିୟମିତ ଭାବେ ଶନିବାର ଓ ରବିବାର ଦିନ ପିଲାମାନଙ୍କୁ ଓଡ଼ିଶୀ ନୃତ୍ୟର ଶିକ୍ଷା ପ୍ରଦାନ କରାଯାଉଛି । ଏହାର ଦାୟିତ୍ୱରେ ଅଛନ୍ତି ଗୁରୁ ବିଷ୍ଣୁ ସାମଲ । ପ୍ରତିମାସରେ ମନ୍ଦିର ପରିସରରେ ପରିବେଷଣ କରାଯାଉଛି ଓଡ଼ିଶୀ, ଭାରତନାଟ୍ୟମ୍, କଥକ ଏବଂ କୁଚିପୁଡ଼ି ନୃତ୍ୟ । ଏଭଳି କରିବା ଦ୍ୱାରା ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ପ୍ରଚାର, ପ୍ରସାର, ସଂରକ୍ଷଣ କରାଯାଇପାରୁଛି ବୋଲି କହିଛନ୍ତି ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରାରମ୍ଭରୁ ଟ୍ରଷ୍ଟର କୋଷାଧ୍ୟକ୍ଷ ଥିବା ବରିଷ୍ଠ ବୈଜ୍ଞାନିକ **ଗଗନ ବିହାରୀ ରାଉତ ।**

ରଥଯାତ୍ରା ବ୍ୟତୀତ ହାଇଦ୍ରବାଦର ଏହି ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଛି ଗଣେଶ ଚତୁର୍ଥୀ, ମହାଶିବରାତ୍ରୀ, ଶ୍ରୀପଞ୍ଚମୀ, ଦୁର୍ଗାପୂଜା ଏବଂ ଶ୍ରୀମନ୍ଦିର ପଞ୍ଜିକା ଅନୁଯାୟୀ ସମସ୍ତ ପର୍ବପର୍ବାଣି । ତେବେ କେବଳ ଉତ୍ସବ ଆୟୋଜନ ଓ ମେଳା ମହୋତ୍ସବ ଭିତରେ ନିଜକୁ ହଜାଇ ଦେଇନି ଟ୍ରଷ୍ଟ । ବରଂ ଅନେକ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିଛି । ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଆସାମର ପ୍ରାକ୍ତନ ରାଜ୍ୟପାଳ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ଏହି ଟ୍ରଷ୍ଟ ନେଇଥିଲା ଦିବ୍ରୁଗଡ଼ରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦାୟିତ୍ୱ । ୨୦୧୨ରୁ ୨୦୧୪ ମସିହା ଭିତରେ ଦିବ୍ରୁଗଡ଼ର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ସମ୍ପନ୍ନ କରାଇଥିଲା ଟ୍ରଷ୍ଟ । ସେହିଭଳି ହାଇଦ୍ରାବାଦର ଉପକଣ୍ଠରେ ଥିବା ବୋଲାରାମ ଶିଳ୍ପାଞ୍ଚଳରେ ଆଉ ଏକ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିଗରେ ବି ପ୍ରାଶାସନିକ, ଆର୍ଥିକ ଏବଂ ନୈତିକ ପ୍ରୋତ୍ସାହନ ପ୍ରଦାନ କରିଛି କଳିଙ୍ଗ କଲଚରାଲ ଟ୍ରଷ୍ଟ । ଏହା ବ୍ୟତିରେକ ପଦ୍ମଶ୍ରୀ ଦୈତ୍ୟାରି ନାଗ ଏବଂ ପଦ୍ମଶ୍ରୀ ସ୍ୱର୍ଗତ ପ୍ରକାଶ ରାଓଙ୍କ ଅଭିଯାନକୁ ସମର୍ଥନ କରିବା ସହିତ ସେମାନଙ୍କୁ ନିୟମିତ ଭାବେ ଆର୍ଥିକ ସହାୟତା ପ୍ରଦାନ କରୁଛି କଳିଙ୍ଗ କଲଚରାଲ ଟ୍ରଷ୍ଟ । ଏହାସହ ନିଜର କିମ୍ବା ପରିବାର ସଦସ୍ୟଙ୍କ ଚିକିତ୍ସା ପାଇଁ ହାଇଦ୍ରାବାଦ ଆସୁଥିବା ଓଡ଼ିଆଙ୍କୁ ମନ୍ଦିର ପରିସରରେ ରହିବା ଲାଗି ବ୍ୟବସ୍ଥା କରାଯାଇଛି । କେବଳ ସେତିକି ନୁହେଁ, ୧୯୯୯ର ପ୍ରଳୟଙ୍କରୀ ମହାବାତ୍ୟା ହେଉ ବା ୨୦୨୦ର ବିଶ୍ୱ ଅତିମାରୀ କରୋନା । ସବୁ ସମୟରେ ଓଡ଼ିଆଙ୍କୁ ସହାୟତାର ହାତ ବଢ଼ାଇଛି କଳିଙ୍ଗ କଲଚରାଲ ଟ୍ରଷ୍ଟ । କରୋନା ସମୟରେ ହାଇଦ୍ରାବାଦରେ ଅଟକି ଯାଇଥିବା ତିନି ହଜାର ଦାଦନ ଶ୍ରମିକଙ୍କୁ ତିନି ମାସ ଧରି ନିୟମିତ ଭାବେ ଖାଦ୍ୟ ପଦାର୍ଥ ଯୋଗାଇଥିଲା ଟ୍ରଷ୍ଟ ।

ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ବର୍ତ୍ତମାନ ତେଲେଙ୍ଗାନା ରାଜ୍ୟପାଳଙ୍କ ପରାମର୍ଶଦାତା **ଅଜିତ୍ କୁମାର ମହାନ୍ତି**ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପ୍ରତି କାମ କରୁଛି କଳିଙ୍ଗ କଲଚରାଲ ଟ୍ରଷ୍ଟ । ଆଇଆରଏସ୍ ଅଧିକାରୀ **ନରହରି ବିଶ୍ୱାଳ** ଏବେ ଟ୍ରଷ୍ଟର ସଭାପତି ରହିଥିଲା ବେଳେ **ବିଜୟ କୁମାର ସେନାପତି** ସମ୍ପାଦକ ଏବଂ **ଗଗନ ବିହାରୀ ରାଉତ** କୋଷାଧ୍ୟକ୍ଷ ଅଛନ୍ତି । ପ୍ରତିବର୍ଷ ରଥଯାତ୍ରା ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ପଡ଼େ । କିନ୍ତୁ ସମସ୍ତଙ୍କ କହିବା କଥା ଯେ, ଏ ଅର୍ଥ ସବୁ ମହାପ୍ରଭୁ ନିଜେ ଯୋଗାଡ଼ କରିଦିଅନ୍ତି । କୋଣ ଅନୁକୋଣରୁ ଆସୁଥିବା ଭକ୍ତଙ୍କ ଅନୁଦାନରୁ ଚାଲେ ରଥଯାତ୍ରା । ପରିଚାଳିତ ହୁଏ ଏ ଯୁଗର ଏ ନୂତନ ତୀର୍ଥକ୍ଷେତ୍ର । ରଥଯାତ୍ରାର ସେହି ମନୋରମ ଦୃଶ୍ୟକୁ ଦେଖିଲେ ଲାଗେ, ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ କିଛି ସମୟ ପାଇଁ ଦାକ୍ଷିଣାତ୍ୟକୁ ଚାଲିଆସିଛି । ଆଉ ମହାପ୍ରଭୁଙ୍କୁ ଦେଖିଲେ ମନେ ହୁଏ କଳା ଧଳା ଘୋଡ଼ାଚଢ଼ି କାଳିଆ ବଳିଆ ଆସିଛନ୍ତି ଦାକ୍ଷିଣାତ୍ୟର କାଞ୍ଚି ଅଭିଯାନରେ, ହେଲେ ପୁରୁଷୋତ୍ତମ ଦେବଙ୍କ ପାଇଁ ଯୁଦ୍ଧ ଜିଣିବା ପାଇଁ ନୁହେଁ ବରଂ ଏ ମାଟିର ମଣିଷଙ୍କ ହୃଦୟ ଜିଣିବା ପାଇଁ ।

... ଜୟ ଜଗନ୍ନାଥ । ...



**ବି.ଦ୍ର- ହାଇଦ୍ରାବାଦ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବରେ ଟେଲିଭିଜନ ପାଇଁ ରିପୋର୍ଟିଂ କରିବା ଲାଗି ସୌଭାଗ୍ୟ ଅର୍ଜନ କରିଥିଲେ ଏହି ଲେଖକ ।**

# ମିସ୍ଟୁନ୍‌ର ମହିମା



**ଡକ୍ଟର ମଣୀନ୍ଦ୍ର କୁମାର ମେହେର**

ପୂର୍ବତନ ବିଭାଗୀୟ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର-୭୫୬୦୮୯

ଫୋନ: ୯୯୩୭୭୩୬୫୬୯୮

ଚିତ୍ର : ସଞ୍ଜୀୟ କୁମାର ରାଉଳ

# ପଦ୍ମାସନରେ ଚଳନ୍ତି ଠାକୁର

ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇ ଚାଲିଛି ନିରନ୍ତର । ଏଥର ବିଖ୍ୟାତ ଗାଳ୍ପିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଚଳନ୍ତ ଠାକୁର' ଗଳ୍ପରୁ ମୁସ୍କାନ ଚରିତ୍ରର ବିଶ୍ଳେଷଣ ।



ଲେଖକ ଡକ୍ଟର ମଣୀନ୍ଦ୍ର କୁମାର ମେହେର

ପାଞ୍ଚବର୍ଷ ବୟସର ପୁଅ ମିସ୍କୁନ । ସେ ପୁଣି ବସିଛି ପଦ୍ମାସନରେ । ଗୋଟିଏ ବିରାଟ ବୁଦ୍ଧ ମୂର୍ତ୍ତିର ଠିକ୍ ପଛପଟକୁ ଲାଗି କାନ୍ଥ ଓ ମୂର୍ତ୍ତି ମଝିରେ । ସେ ପୁଣି ଧ୍ୟାନ ନିବିଷ୍ଟ । ପଦ୍ମାସନରେ ଅର୍ଦ୍ଧ ନିମିଳିତ ଚକ୍ଷୁରେ ସେ ଦେଖା ଯାଉଥିଲା ଏକ ଶିଶୁ-ଯୋଗୀ ପରି । କି ଆଶ୍ଚର୍ଯ୍ୟ କଥା ! ପିଲାଟି ମୁହଁରୁ ବାହାରୁଛି ଯେଉଁ ଇଂରାଜୀ ଶବ୍ଦର ବାକ୍ୟ, ତାହା ହେଲା- "ଆଇ ଆମ୍ ନଟ୍ ଏ ଡେଡ୍ ଗଡ୍ । ନୋ- ୟୁ କାନ୍‌ଟ୍ ସେଲ୍ ମି- ୟୁ କାନ୍‌ଟ୍ ସେଲ୍ ମି ।"

ଏହି ରହସ୍ୟମୟ ବାକ୍ୟ ଉଚ୍ଚାରଣ ଶୁଣି ତା'ର ପିତାମାତା ହୋଇଯାଇଥାନ୍ତି ସ୍ତବ୍ଧ । ମିସ୍କୁନ ଏସବୁ କହୁଛି କ'ଣ ? ତା'ର ଉତ୍ତର ପୁଣି ଦେବ କିଏ ? ଏ ସବୁର ଅନ୍ତର୍ନିହିତ ଅର୍ଥ ବୁଝିବ କିଏ ? ନା, କାହାରି ବୁଝିବାର କ୍ଷମତା ନଥିଲା । **ଶାନ୍ତନୁ କୁମାର ଆଚାର୍ଯ୍ୟ**ଙ୍କ ଲିଖିତ ଏ 'ଚଳନ୍ତି ଠାକୁର' ଗଳ୍ପଟିକୁ ଯେଉଁମାନେ ପଢ଼ିଛନ୍ତି, ସେମାନେ ହିଁ ଜାଣନ୍ତି ଏହାର ଅନ୍ତର୍ଗତ ସତ୍ୟ । ମୁଁ ବି ପଢ଼ିଛି ଗଳ୍ପଟି ଆଉ ଚକିତ ହୋଇଛି ମିସ୍କୁନ୍‌ର ବ୍ୟକ୍ତିତ୍ୱ ପରଖି । ତେବେ ମୁଁ କ'ଣ ଜାଣିଥିଲି ଯେ ମିସ୍କୁନ ରାତି ଅଧରେ ଦେଖାଦେବ ସ୍ୱପ୍ନରେ ମୋତେ । କହିଦେବ ତା'ର ବାକ୍ୟ ଉଚ୍ଚାରଣର ପ୍ରକୃତ ଉଦ୍ଦେଶ୍ୟ ।

ସହସ୍ର ସହସ୍ର ଭକ୍ତ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଯେପରି ମହାନଦୀର ମହାସ୍ରୋତ ପରି ପ୍ରବାହିତ ହେଉଥାନ୍ତି ତାହା ଦେଖି ମୋତେ ଲାଗେ ସବୁକିଛି ଅର୍ଥହୀନ । ଦିନେ ଏଇ ମିସ୍କୁନର ବାପା ମିସ୍କୁନ ଉଦ୍ଦେଶ୍ୟରେ କହିଥିଲେ ଭାରତବର୍ଷରେ ବିଭିନ୍ନ ମନ୍ଦିର ଆଉ ସଂଗ୍ରହାଳୟରେ ଯେଉଁ ଭଗବାନଙ୍କ ମୂର୍ତ୍ତି ସଂରକ୍ଷିତ ହୋଇ ରହିଛି, ସେ ସମସ୍ତେ ହେଉଛନ୍ତି 'ଡେଡ୍‌ଗଡ୍' । ମିସ୍କୁନର ବାପା ପରି ମୁଁ ଆମେରିକାରେ ସପରିବାର ରହୁନାହିଁ । କିମ୍ବା ତାଙ୍କ ପରି ଏଭଳି ବାକ୍ୟ ମୁଁ ଉଚ୍ଚାଣଣ କରିପାରିବି ନାହିଁ । ତଥାପି ଏହା ନିରାଟ ସତ୍ୟ ଯେ ମିସ୍କୁନର ହୃଦୟ ମଧ୍ୟକୁ ପ୍ରବେଶ କରିବା ମୋ ପାଇଁ ସୁଦ୍ଧା ସହଜସାଧ୍ୟ ନୁହେଁ । ସେହି କାରଣରୁ ନିସ୍ତବ୍ଧ ନିଶୀଥରେ ମିସ୍କୁନ ପ୍ରବେଶ କରିଛି ମୋ ପ୍ରକୋଷ୍ଠକୁ ଆଉ ତା'ପରେ ମୋର ହୃଦୟ-କକ୍ଷକୁ । କ'ଣ କହିଲା ମିସ୍କୁନ, ତାହା ପ୍ରକାଶ କରି ନଦେଲେ ମୁଁ ଶାନ୍ତି ପାଇପାରିବି ନାହିଁ । କହିଲା ସେ – "ଆପଣ ହୋଇନପାରନ୍ତି ମୋ ବାପାଙ୍କ ପରି ଏତେବଡ଼ ନାସ୍ତିକ । ହୋଇନପାରନ୍ତି ତାଙ୍କ ପରି ଆଧୁନିକ । କିନ୍ତୁ ମୁଁ ଜାଣେ ଯେ ଶ୍ରୀଜଗନ୍ନାଥଙ୍କ ପ୍ରତି ଆପଣଙ୍କ ଭାବାବେଗ ଅନୁପସ୍ଥିତ । ସେଇଥିପାଇଁ ଆଜି ଆପଣଙ୍କ ନିକଟରେ ମୁଁ ପ୍ରକଟିତ ।"

ମିସ୍କୁନକୁ ଲକ୍ଷ୍ୟ କରି ମୁଁ କହିଲି, "ତୁମେ କେମିତି ଜାଣିଲ ଯେ ଶ୍ରୀଜଗନ୍ନାଥଙ୍କ ପ୍ରତି ମୋ ହୃଦୟ ଭକ୍ତି-ଶୂନ୍ୟ ?" ମିସ୍କୁନ ହସିଦେଲା । କହିଲା- "ଧ୍ୟାନ ବଳରେ ।" ମୁଁ ବିସ୍ମିତ ହୋଇଗଲି । ଗଳ୍ପରେ ପଢ଼ିଥିବା ଏ ଚରିତ୍ରଟି ପୁଣି ଜୀବନ୍ତ ହୋଇଉଠି ମୋ ଜୀବନ ପରିସରକୁ ଆସିବ, ଏହା କଳ୍ପନାର ବାହାରେ ଥିଲା । 'ଚଳନ୍ତି ଠାକୁର' ଗଳ୍ପ ପୁସ୍ତକ ପାଇଁ ଯେଉଁବର୍ଷ ଶାନ୍ତନୁ କୁମାର ଆଚାର୍ଯ୍ୟ ଲାଭ କଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର, ସେହିବର୍ଷ ହିଁ ପଢ଼ିଥିଲି ଏହି ଗଳ୍ପ । ମନେଅଛି ସେ ପିତାମାତାଙ୍କ ସହିତ ରହୁଥିଲା ଆମେରିକାରେ । ତାଙ୍କ ଘରଠୁଁ ମାର୍କଟ୍ୱେନ୍‌ଙ୍କ ଘର ଅଳ୍ପ ରାସ୍ତା । ତାଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ସହିତ ମିସ୍କୁନ ଅନୁଭବ କରେ ଗଭୀର ଘନିଷ୍ଠତା । ସେ ମଧ୍ୟ ଜାଣେ ଥୋରୋଙ୍କୁ, ଜାଣେ ଇମରସନ୍‌ଙ୍କୁ । ସେ ଏହିମାନଙ୍କ ଚିନ୍ତନ ମଧ୍ୟରେ ବୁଡ଼ି ରହେ । ଆଇ.ଏ. ଶ୍ରେଣୀରେ ପଢ଼ିବା ବେଳେ ମୁଁ ଦାର୍ଶନିକ ଇମରସନ୍‌ଙ୍କୁ ପଢ଼ିଥିଲି କିଛିଦିନ ବ୍ୟାପି । ପ୍ରଭାବିତ ମଧ୍ୟ ହୋଇଥିଲି । କିନ୍ତୁ ଏ ପାଞ୍ଚବର୍ଷ ବୟସର ପିଲାଟି କଥା ଭାବିଲା ବେଳକୁ ମୋର ବାକ୍‌ରୁଦ୍ଧ ହୋଇ ଯାଉଛି । ଯାହାହେଉ ପିତାମାତାଙ୍କ ସହିତ ନିଜ ଦେଶକୁ ଆସିଥିଲା ମିସ୍କୁନ୍ । ଏମାନଙ୍କୁ ପୁରୀ କୋଣାର୍କ ବୁଲେଇବା ଦାୟିତ୍ୱ ନେଇଥିଲେ ତା'ର ମାମୁ ସିଦ୍ଧାର୍ଥ । ମିଉଜିୟମ୍ ମଧ୍ୟକୁ ପ୍ରବେଶ କରି ସେମାନେ ଦେଖୁଥାନ୍ତି ହଜାର ହଜାର ବର୍ଷ ତଳର ପ୍ରାଚୀନ ପ୍ରସ୍ତର ମୂର୍ତ୍ତିସବୁକୁ । ସିଦ୍ଧାର୍ଥ ବି କହିଲେ ମିସ୍କୁନକୁ- "ଚାଲ ଦେଖିବୁ କେତେ ପୁରୁଣା ପଥରର ଗଡ୍‌ସ୍- ଅଲ୍ ଡେଡ୍ ଗଡ୍‌ସ୍ । ମାନେ ଯୋଉଁ ଭଗବାନମାନେ ମରିଗଲେଣି । ଡେଡ୍ ଗଡ୍‌ସ୍, ବୁଝିଲୁତ ?" ବଡ଼ବଡ଼ ଆଖିରେ ଅନାଇଥିଲା ମିସ୍କୁନ ତା ମାମୁଙ୍କୁ ଆଉ ତାଙ୍କ କଥାକୁ ବିଶ୍ୱାସ କରିପାରୁ ନଥିଲା । ଭାରତର ବିଦେଶରେ ଈଶ୍ୱର ଅବିଶ୍ୱାସୀ ଲୋକ ଅସଂଖ୍ୟ । ଈଶ୍ୱର ମରିଗଲେଣି କହିଲେ ଲୋକେ ଭାବିବେ ଏଠାରେ କମ୍ୟୁନିଷ୍ଟ ବୋଲି । ଯାହାହେଉ ସରିଗଲା ମ୍ୟୁଜିୟମ ବୁଲିବା । ପ୍ରତ୍ୟେକ ପ୍ରାଚୀନ ମୂର୍ତ୍ତି ଆଗରେ ଛିଡ଼ା ହୋଇ ମିସ୍କୁନ ପଚାରୁଥିଲା ସେମାନେ ସବୁ କିଏ କିଏ । ମିସ୍କୁନର ଆଗ୍ରହ ଦମନ କରିନପାରି ତା'ର ଡାଡି ଚିହ୍ନାଇଦେଲେ ଏକ ମୂର୍ତ୍ତିକୁ ଦେଖାଇ ଯେ- "ଇଏ ହେଉଛନ୍ତି ଅବିଲୋକିତେଶ୍ୱର । ଟେନ୍‌ଥ୍ ସେଞ୍ଚୁରିର । ଏ ମୂର୍ତ୍ତିଗୁଡ଼ିକ ବିକ୍ରି କରିଦେଲେ ଆମେରିକାନ୍‌ମାନେ ବିଲିୟନ ବିଲିୟନ ଡଲାର ଦେଇ ନେଇ ଯାଆନ୍ତେ । ସିଦ୍ଧାର୍ଥ



ନିଜର ମନ୍ତବ୍ୟ ପ୍ରକାଶ କରୁଥାନ୍ତି- ସେପରି ହେଲେ ଇଣ୍ଡିଆରୁ ପଭର୍ଟି ହଟି ଯାଆନ୍ତା ଏକାଦିନକେ । ଏ ଡେଡ଼୍‌ଗଡ଼୍‌ମାନଙ୍କୁ ଏ ଦେଶରୁ ନହଟେଇବା ପର୍ଯ୍ୟନ୍ତ ଯେ ଆମେ ଦରିଦ୍ର ହୋଇରହିଥିବା, ଏଥିରେ ସନ୍ଦେହ ନାହିଁ । ଏମାନଙ୍କ ଅଜାଣତରେ ମିସ୍କୁନ ସବୁ ଶୁଣୁଥିଲା ମନଦେଇ ।

ମିଉଜିୟମ ବୁଲିବା ଶେଷ ହେଲା । ତା'ପରେ ସେମାନେ ପ୍ରବେଶ କଲେ ହୋଟେଲ କଳିଙ୍ଗ ଅଶୋକରେ । ଲଞ୍ଚ୍ ବେଳ ଗଡ଼ି ଯାଇଥାଏ । ମିସ୍କୁନ ଚୁପଚାପ୍ । ଅନ୍ୟମାନଙ୍କର ମନେ ହେଉଥାଏ ସେ ନିରବ ହୋଇ ବସିଛି ଭୋକ ଲାଗୁଥିବା ହେତୁ, ଆଉ କ୍ଳାନ୍ତ ହୋଇଯାଇ । ହୋଟେଲ ଭିତରେ ସମସ୍ତେ ବସି ଯେତେବେଳେ ବାର୍ତ୍ତାଳାପ କରୁଥାନ୍ତି ସେତେବେଳେ ହଠାତ୍ ଦେଖିଲେ ମିସ୍କୁନ୍ ଉଭାନ ହୋଇଯାଇଛି । ତା'ର ମାଆ ସୀମା ବିବ୍ରତ ହୋଇଉଠିଲେ । ଚାରିଆଡ଼େ ଧାଁ ଧପଡ଼ ଚାଲିଲା । ସୀମା ପାଗଳୀ ପରି ଉଦ୍‌ବେଳିତ କଣ୍ଠରେ ବିଳାପ କରିବା ଲାଗିଲେ: ମିସ୍କୁନ....ମିସ୍କୁନ୍.... । ହେ ଭଗବାନ...ହେ ଭଗବାନ....ମୋ ମିସ୍କୁନ ଗଲା କୁଆଡ଼େ । ଏମାନେ ପ୍ରବେଶ କଲେ ମିସ୍କୁନକୁ ଖୋଜିବା ପାଇଁ ମିଉଜିୟମ ଭିତରେ । କାରଣ ଆମେରିକାରେ ବି ଏ ମିସ୍କୁନ ନିରୁଦ୍ଦିଷ୍ଟ ହୋଇଯାଇଥିଲା ଥରେ ମାର୍କଟ୍ୱେନ୍‌ଙ୍କ ଲାଇବ୍ରେରୀରେ । ସେଠି ହାତରେ ବହି ଖଣ୍ଡେ ଧରି ଶୋଇପଡ଼ିଥିଲା ସିଏ । ମାର୍କଟ୍ୱେନ୍‌ଙ୍କ ଯେଉଁ ପୁରୁଣା ଓଭରକୋଟ୍ ମ୍ୟୁଜିୟମରେ ସଂରକ୍ଷିତ, ଆଶ୍ଚର୍ଯ୍ୟର କଥା ସେଇ ଓଭରକୋଟ୍ ମିସ୍କୁନକୁ ଘୋଡ଼େଇ ଦେଇଥିଲା କିଏ ଥଣ୍ଡା ଲାଗିବ ବୋଲି । ଏଟା କ'ଣ ମାର୍କଟ୍ୱେନ୍‌ଙ୍କ ଭୂତର କାମ ? ସନ୍ଦେହ କରିଥିଲେ ସମସ୍ତେ । ଆଜି ବି ସେମିତି ଦ୍ୱିତୀୟଥର ପାଇଁ ଘଟିଗଲା ଏକ ଭୌତିକ କାଣ୍ଡ । ମ୍ୟୁଜିୟମ ମଧ୍ୟରେ ଗୋଟିଏ ବିରାଟ ବୁଦ୍ଧମୂର୍ତ୍ତିର ଠିକ୍ ପଛପଟକୁ ଲାଗି କାନ୍ଥ ଓ ମୂର୍ତ୍ତି ମଧ୍ୟସ୍ଥିତ ସ୍ଥାନରେ ମିସ୍କୁନ୍ ଉପବେଶନ କରିଥିଲା ପଦ୍ମାସନରେ ଆଉ ଥିଲା ସଂପୂର୍ଣ୍ଣ ଏକ ଭିନ୍ନ ଧ୍ୟାନର ଜଗତରେ । ସେ କହିଉଠିଲା- "ଆଇ ଆମ ହିଅର୍ ମମି ।" ସମସ୍ତେ ଦଉଡ଼ା ଦଉଡ଼ି କରି ମ୍ୟୁଜିୟମର ସେହି ବିରାଟ ହଲଟା ଭିତରକୁ ପଶିଗଲେ । ସିଦ୍ଧାର୍ଥ ଯେତେବେଳେ ମିସ୍କୁନକୁ କୁଣ୍ଢାଇ ପକାଇବାକୁ ହାତ ବଢ଼ାଇ ଦିଅନ୍ତି ସେତେବେଳେ ମିସ୍କୁନ ସେ ହାତ ଦୁଇଟାକୁ ଆଡ଼େଇ ଦିଏ । କହିଉଠେ, "ଆଇ ଆମ୍ ନଟ୍ ଏ ଡେଡ୍ ଗଡ୍, ନୋ- ୟୁ କାନ୍‌ଟ୍ ସେଲ୍ ମି, ୟୁ କାନ୍‌ଟ୍ ସେଲ୍ ମି ।" ପୁଅକୁ କାଖକୁ ଟେକିନେଇ ସୀମା ଅଶ୍ରୁଳ କଣ୍ଠରେ କହିଉଠିଲେ- "ନା ନା, କେହି ବିକ୍ରି କରିପାରିବେ ନାହିଁ ତୋତେ ପୁଅ- ତତେ କେହି ବିକି ପାରିବେ ନାହିଁ । ତୁ ମୋର ଚଳନ୍ତି ଠାକୁର ! ହେ ଭଗବାନ ବୁଦ୍ଧ ! ହେ ଅବଲୋକିତେଶ୍ୱର ! ହେ ମାଆ ତାରା ! ମୋ ପୁଅକୁ କୋଟି ପରମାୟୁ ଦିଅ ।" ଶାନ୍ତନୁ କୁମାର ଆଚାର୍ଯ୍ୟ ଶେଷ ଧାଡ଼ିଟିରେ ଲେଖିଛନ୍ତି- ସେ ବାହୁନୁଥିଲେ ଜଣେ ସାଧାରଣ ଇଣ୍ଡିଆନ୍ ମାଆ ପରି ।

କହୁଥିଲି ନା, ମିସ୍କୁନ୍ ଏହି ଗଳ୍ପରୁ ପ୍ରାଣବନ୍ତ ରୂପ ନେଇ ପ୍ରବେଶ କରିଥିଲା ମୋ ଶୟନ କକ୍ଷକୁ । ଅସଲ କଥା ହେଲା ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ମୁଁ ବହୁବାର ଯାଇଛି । କିନ୍ତୁ ମୋର କେବେହେଲେ କୌଣସି ଭାବାନ୍ତର ଘଟେ ନାହିଁ ସେଥିରେ । ଦାସିଆ ବାଉରୀଙ୍କ ଭକ୍ତି, ସାଲବେଗଙ୍କ ଭଜନ, ବନ୍ଧୁ ମହାନ୍ତିଙ୍କ ବ୍ୟକ୍ତିତ୍ୱ, ବଳରାମ ଦାସଙ୍କ ଭାବ ସୁମଦ୍ର- ଏ ସବୁ ମୋତେ ପ୍ରକୃତରେ ବିହ୍ୱଳ କରି ଆସିଛି ବର୍ଷ ବର୍ଷ ବ୍ୟାପୀ । ଅଥଚ ଶ୍ରୀ ଜଗନ୍ନାଥଙ୍କ ପ୍ରତି ମୁଁ ଭାବାବିଷ୍ଟ ହୋଇ ପାରେନା କାହିଁକି, ତାହା ହୃଦ୍‌ବୋଧ କରିବାର ଶକ୍ତି ମୋ ନିକଟରେ ଅବର୍ତ୍ତମାନ । ଯାହାହେଉ ମିସ୍କୁନ ମୋ ଅନ୍ତରର କଥା ଜାଣିଲା କିପରି ଓ ସ୍ୱପ୍ନାଚ୍ଛନ୍ନ ମୁହୂର୍ତ୍ତରେ ଦେଖାଦେଲା ମୋତେ କାହିଁକି ? ମୁଁ କ'ଣ ଜାଣିନାହିଁ ଯେ ପ୍ରାଚୀନ ବୁଦ୍ଧମୂର୍ତ୍ତି କେବେହେଲେ ହୋଇନପାରନ୍ତି ଡେଡ୍ ଗଡ୍ ବୋଲି ? ଶ୍ରୀଜଗନ୍ନାଥଙ୍କ ଏହି ବୁଦ୍ଧାବତାର ମଧ୍ୟ ବିହ୍ୱଳ କରିଆସିଛି ବର୍ଷ ବର୍ଷ ବ୍ୟାପୀ । ଅଥଚ ଶ୍ରୀଜଗନ୍ନାଥଙ୍କ ପ୍ରତି ଆବେଗ ପ୍ରବଣ ହୁଏ ନାହିଁ କାହିଁକି ମୋ ମନ, ତାହା ବୁଝିବ ଓ ବୁଝାଇବି କାହାକୁ କିପରି ? ମିସ୍କୁନ ମୋତେ ଦେଖି ହସିଲା ସୁନ୍ଦର ହସଟିଏ । କହିଲା ତୁମେ ଯେତେବେଳେ ମୋ ପରି ଥିଲ ଛୋଟପିଲାଟିଏ , ସେ ସମୟର କଥା ମନେ ପକାଅ ତ ଟିକିଏ । ତତ୍‌କ୍ଷଣାତ୍ ମୋ ବାଲ୍ୟାବସ୍ଥାର ଦୃଶ୍ୟ ଉଦ୍‌ଭାସିତ ହୋଇଉଠିଲା ଆଖି ଆଗରେ । ମୁଁ ସ୍ମରଣ କଲି ଚତୁର୍ଥ କିମ୍ବା ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପରିଣତ ହୋଇଥିବା ଗଙ୍ଗାଧର ସ୍ମୃତିଭବନ ବାରଣ୍ଡାରେ ଘଣ୍ଟା ଘଣ୍ଟା ଧରି ମୁଁ ଅପେକ୍ଷା କରୁଥିଲି କାହାକୁ ? ସ୍ମୃତିଭବନ ଭିତରେ ବିରାଜିତ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ଯାହା ବରପାଲି ମନ୍ଦିରରୁ ସସମ୍ମାନେ ଅଣାଯାଇଛି ରଥ ଯାତ୍ରା ବେଳେ । ପ୍ରଭୁ ପ୍ରତିଦିନ ଦେଖାଦିଅନ୍ତି ଭିନ୍ନ ଭିନ୍ନ ଅବତାରରେ ସୁସଜ୍ଜିତ ହୋଇ । ଧଳା ପରଦାର ଆଢୁଆଳରେ ଚାଲିଥାଏ ତାଙ୍କର ବେଶସଜ୍ଜା । ଆଉ ବାହାରେ ଏହି ଧଳା ପରଦା ଅପସୃତ ହେବାର ବିରଳ ମୁହୂର୍ତ୍ତକୁ ଯଦି କିଏ ଏକାକି ଜଗି ରହିଥାଏ, ସେ ହେଉଛି ବାଲ୍ୟାବସ୍ଥାର ମୋର ନିରୀହ ରୂପଟି । ପରଦା ହୁଏ ଅପସାରିତ । ଶ୍ରୀଜଗନ୍ନାଥଙ୍କ ନୂତନ ନୂତନ ବେଶ ଦର୍ଶନ କରି ଭାବତନ୍ମୟ ହୋଇ ଯାଉଥାଏ ମୋର ବାଲ୍ୟ-ହୃଦୟ । ମିସ୍କୁନ କହିଲା- "ମନେପଡ଼ିଲା ତ ଅତୀତର ଏସବୁ କଥା ! ଭଗବାନ ତା' ମଧ୍ୟକୁ ପ୍ରବେଶ କରନ୍ତି ଯିଏ ହୋଇଥାଏ ଶିଶୁ-ହୃଦୟର ସାରଲ୍ୟରେ ସୁକୋମଳ ।" ମୁଁ କହିଲି- "ମିସ୍କୁନ୍ ତୁମର ଏହି ସରଳ ହୃଦୟର ଗଭୀର ବିଶ୍ୱାସବୋଧକୁ ରୂପ ଦେଇଛନ୍ତି ଗାଳ୍ପିକ ଶାନ୍ତନୁ କୁମାର ଆଚାର୍ଯ୍ୟ । ନୁହେଁ ?" ମିସ୍କୁନ ଯେତେବେଳେ ତା'ର ଓଷ୍ଠାଧାରରେ ସ୍ମିତହାସ୍ୟର ରେଖା ଖେଳାଇ ମୋତେ ଚାହିଁଲା ଅତି ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ, ସେତେବେଳେ ହିଁ ଉନ୍ମୋଚିତ ହୋଇଗଲା ଏକ ପରମ ରହସ୍ୟ ।

ଅନୁଭବ କଲି ମିସ୍କୁନ ଆଉ କେହି ନୁହେଁ । ସେ ମୋର ବାଲ୍ୟ ଅବସ୍ଥାର ଭାବସିଦ୍ଧ ସୂକ୍ଷ୍ମସତ୍ତା । ଜାଣିଲି, ମ୍ୟୁଜିୟମ ମଧ୍ୟରେ ଅବଲୋକିତେଶ୍ୱରଙ୍କ ମୂର୍ତ୍ତି ପଶ୍ଚାତରେ ବସି ରହିଥିଲି ମୁଁ ହିଁ । ଅନୁଭୂତ ହେଲା କେଉଁ କାଳରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବଢ଼ାଇ ଦେଇଥିଲି ନଡ଼ିଆଟିଏ । ସାଲବେଗ ହୋଇ ଲେଖିଥିଲି ଅସଂଖ୍ୟ ଭଜନ । ଶ୍ରୀଜଗନ୍ନାଥଙ୍କ କୃପା-ସ୍ପର୍ଶରେ ମୁଁ ପରା ଲାଭ କରିଥିଲି ନୂତନ ଜୀବନ ! ଦେଖିଲି ଶ୍ରୀଜଗନ୍ନାଥଙ୍କ ବୁଦ୍ଧ ରୂପ । ଦେଖିଲି ତାହାରି ମଧ୍ୟରେ ପ୍ରକଟିତ ହୋଇ ଉଠୁଛନ୍ତି ଜଗତର ନାଥ । ତାଙ୍କ ଅଧରରେ ମଧ୍ୟ ସ୍ମିତହାସ୍ୟର ରେଖା । ସେ ବି କ'ଣ କହିବାକୁ ସତେ କି ଚାହୁଁଛନ୍ତି ମୋତେ । ହୃଦୟ ଭିତରେ ଉଦ୍‌ଭାସିତ ହୋଇ କହି ଉଠୁଛନ୍ତି ଯିଏ ଭଲପାଏ ଦାସିଆ ବାଉରୀକୁ, ଭଲପାଏ କବି ଦୀନକୃଷ୍ଣଙ୍କୁ, ଭଲପାଏ କବି ବନମାଳୀଙ୍କୁ- ତାକୁ ମୁଁ ଭଲ ନପାଇବା ପ୍ରଶ୍ନ ଉଠୁଛି କୁଆଡୁ ? ମିସ୍କୁନକୁ ଯେଉଁମାନେ ଭଲପାଆନ୍ତି, ପାଇ ଆସିଛନ୍ତି, ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି ତଳେ ପ୍ରଶାନ୍ତ ଚିତ୍ତରେ ଯେଉଁମାନେ ହୋଇଛନ୍ତି ଓ ହୁଅନ୍ତି ଧ୍ୟାନସ୍ଥ, ତାଙ୍କରି ଜୀବନ-ଧାରାରେ ପ୍ରତିନିୟତ ପ୍ରତିଫଳିତ ହେଉଥାଏ ମୋର ପ୍ରେମାପ୍ଳୁତ ଜ୍ଞାନର ବିଦ୍ୟୁତ୍‌ରେଖା । "ତୁ ଯେ ଭାବୁଛି ମୋ ପ୍ରତି ନାହିଁ ତୋର ଆବେଗ ବା ଭକ୍ତି, ଜାଣିରଖିଥା ଅଜାଣତରେ ତୋ ମଧ୍ୟରେ ପ୍ରବାହିତ ହୋଇଚାଲିଛି ପ୍ରେମ ଓ ଜ୍ଞାନ-ଗଙ୍ଗାର ପବିତ୍ରଧାରା । ଏସବୁ ଜାଣିବାର ଶକ୍ତି କାହିଁ ତୋର ? ସେଇଥିପାଇଁ ମିସ୍କୁନ ସହିତ ହୋଇଗଲା ତୋର ପୁନର୍ବାର ସାକ୍ଷାତକାର । ଯିଏ ମିସ୍କୁନ, ସିଏ ହିଁ ମଣୀନ୍ଦ୍ର ।"

# ରତିକାନ୍ତଙ୍କ ରେସିପି


## ରତିକାନ୍ତ ପାତ୍ର

ଫ୍ଲାଟ୍ ନଂ-୭, ତୃତୀୟ ମହଲା, ଡିଲାଇଟ୍ ଆପାର୍ଟମେଣ୍ଟ୍, ହ୍ୱାଇଟ୍ ଟାଉନ୍, ପୁଡୁଚେରୀ-୬୦୫୦୦୧, ଫୋନ:୯୯୦୨୭ ୭୪୩୯୧

ଫଟୋ ସୌଜନ୍ୟ: ଲେଖକ




▶ ଲେଖକ ରତିକାନ୍ତ ପାତ୍ର

**ସୁଜି ଜନ୍ତୁଣୀକୁ ଅଳ୍ପ ଗରମ ଥିଲା ବେଳେ ହାତରେ ନେଇ ଗୋଲ୍ ଗୋଲ୍ ଆକାର ଦିଅନ୍ତୁ ଏବଂ ତାହାକୁ ଟିକେ ଖାଲୁଆ କରି ତାହା ଭିତରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପୂର ଭର୍ତ୍ତି କରନ୍ତୁ । ଭଲ ଭାବରେ ବନ୍ଦ କରି ତାହାକୁ ଚାପି ଚେପ୍ଟା କରି ଦିଅନ୍ତୁ ଯେମିତି କୌଣସି ଫାଙ୍କ ନ ରହେ । ଶେଷରେ କଡ଼େଇରେ ତେଲ ଭଲ ଭାବରେ ଗରମ କରି ଛାଣି ନିଅନ୍ତୁ । ଭଲକି ଭଜା ହେଇ ଗଲା ପରେ, କଡ଼େଇରୁ ବାହାର କରି ପ୍ଲେଟ୍‌ରେ ଗରମ ଗରମ ପରଷି ଦିଅନ୍ତୁ ।**



## ସୁଜି କାକରା

**ଆବଶ୍ୟକ ସାମଗ୍ରୀ :** ନଡ଼ିଆ - ୧ (କୋରା); ସୁଜି- ୨ କପ୍; ଗୋଲମରିଚ- ୧୨ଟା; ଗୁଜୁରାତି- ୬ ଟା; ଗୁଡ଼- ୫ (ଛୋଟ) ଚାମୋଚ; ଘିଅ- ୨ (ବଡ଼) ଚାମଚ; ପାଣି- ୪ କପ୍ (ସୁଜି ଯେଉଁ କପ୍‌ରେ ମାପିଥିବେ ସେଇ କପ୍‌ରେ); ଆଲ୍‌ମଣ୍ଡ୍, କାଜୁ, ପିସ୍ତା, କିସ୍‌ମିସ୍ (ଗୁଣ୍ଡ ବା ଛେଚା ପସନ୍ଦ ଅନୁସାରେ); ତେଲ (ଛାଣିବା ପାଇଁ); ଚିନି- ୨ (ବଡ଼) ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପୁର ପ୍ରସ୍ତୁତି ଜାଣିବା । ଗୋଟେ କଡ଼େଇରେ ୨ ଚାମଚ ଗୁଆ ଘିଅ ଦେଇ ନଡ଼ିଆ କୋରା ଓ ଛେଚା ଆଲ୍‌ମଣ୍ଡ୍, କାଜୁ, ପିସ୍ତା, କିସ୍‌ମିସ୍‌କୁ କମ ଆଞ୍ଚରେ ଟିକେ ସମୟ ଭାଜି ନିଅନ୍ତୁ । ହାଲୁକା ଭଜା ହେଲା ପରେ ସେଥିରେ ଗୁଜୁରାତି ଓ ଗୋଲମରିଚ ଗୁଣ୍ଡକୁ ମିଶେଇ ଆଉ ଟିକେ ଭାଜି ନିଅନ୍ତୁ । ତାପରେ ସେଥିରେ ଗୁଡ଼ ମିଶାନ୍ତୁ । ନଡ଼ିଆ କୋରାକୁ ଆଉ ଟିକେ ଭଲ ଭାବରେ ଭାଜି ଚୁଲିରୁ ଓହ୍ଲାଇ ଦିଅନ୍ତୁ ଏବଂ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ ।

**ଏହାପରେ ସୁଜି ଜନ୍ତୁଣି ପ୍ରସ୍ତୁତି ଜାଣିବା ଆସନ୍ତୁ ।** ପ୍ରଥମେ ପାଣି ଗରମ କରନ୍ତୁ ଏବଂ ସେଥିରେ ଅଳ୍ପ ଘିଅ ମିଶାଇ ନିଅନ୍ତୁ ଓ ଭଲ ଭାବରେ ଘାଣ୍ଟି ନିଅନ୍ତୁ । ଚିମୁଟାଏ ଲୁଣ ପକାନ୍ତୁ (ମିଠା ସ୍ୱାଦଟା ବଢ଼େଇବା ପାଇଁ) । ଟିକିଏ ଫୁଟିଲା ପରେ ସେଥିରେ ଚିନି ମିଶାଇ ନିଅନ୍ତୁ ଏବଂ ତାପରେ ସୁଜି ମିଶାଇ ଭଲ ଭାବେ ଘାଂଟି ନିଅନ୍ତୁ । ଚୁଲିରୁ ଓହ୍ଲାଇ ଥଣ୍ଡା ହେବା ପାଇଁ କିଛି ସମୟ ରଖି ଦିଅନ୍ତୁ ।

**ଶେଷରେ ଗଢ଼ା ଓ ଛଣା କିପରି କରିବେ ଜାଣିବା ।** ସୁଜି ଜନ୍ତୁଣୀକୁ ଅଳ୍ପ ଗରମ ଥିଲା ବେଳେ ହାତରେ ନେଇ ଗୋଲ୍ ଗୋଲ୍ ଆକାର ଦିଅନ୍ତୁ ଏବଂ ତାହାକୁ ଟିକେ ଖାଲୁଆ କରି ତାହା ଭିତରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପୂର ଭର୍ତ୍ତି କରନ୍ତୁ । ଭଲ ଭାବରେ ବନ୍ଦ କରି ତାହାକୁ ଚାପି ଚେପ୍ଟା କରି ଦିଅନ୍ତୁ ଯେମିତି କୌଣସି ଫାଙ୍କ ନ ରହେ । ଶେଷରେ କଡ଼େଇରେ ତେଲ ଭଲ ଭାବରେ ଗରମ କରି ଛାଣି ନିଅନ୍ତୁ । ଭଲକି ଭଜା ହେଇ ଗଲା ପରେ, କଡ଼େଇରୁ ବାହାର କରି ପ୍ଲେଟ୍‌ରେ ଗରମ ଗରମ ପରଷି ଦିଅନ୍ତୁ ।

## ପରିବା ବେସର:

**ଆବଶ୍ୟକ ସାମଗ୍ରୀ : ପରିବା:** ଆଳୁ-୧ (ବଡ଼/ମଧ୍ୟମ); ଦେଶୀ ଆଳୁ; ବାଇଗଣ-୨ (ମଧ୍ୟମ); ବୋଇତାଳୁ; ମୂଳା; ଟମାଟୋ; କଞ୍ଚା କଦଳୀ; ପୋଟଳ; ପିଆଜ

**ମସଲା:** ସୋରିଷ (୨-୩ ବଡ଼ ଚାମଚ); ଶୁଖିଲା ଲଙ୍କା-୨ଟା; ରସୁଣ-୭/୮ କୋଲା; ଗୋଟା ଜିରା-୧ ଚାମୁଚ; ହଳଦୀ ଗୁଣ୍ଡ; ଲଙ୍କା ଗୁଣ୍ଡ; ମସଲା ଗୁଣ୍ଡ; ଜୀରା ଗୁଣ୍ଡ; ଭୃସଙ୍ଗ ପତ୍ର ଏବଂ ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପରିବାକୁ ଭଲ ଭାବରେ ଧୋଇ ତାକୁ କାଟି ରଖି ଦିଅନ୍ତୁ; ପରିବାକୁ ମିଡିଅମ୍ ସାଇଜ୍‌ରେ କାଟି ଦେଲେ ଭଲ । ଇତିମଧ୍ୟରେ ସୋରିଷ ଓ ଆବଶ୍ୟକ ମସଲା ସାମଗ୍ରୀକୁ ନେଇ ଭଲ ଭାବରେ ବାଟି ନିଅନ୍ତୁ । ଦେଖି ନେବେ ଯେପରି ବଟା ଅତି ପାଣିଆ ନ ହେଇଯାଉ । ବର୍ତ୍ତମାନ କଡ଼େଇ ଗରମ କରି ସେଥିରେ ସୋରିଷ ତେଲ ୨-୩ ଚାମଚ ପକାଇ ଗରମ କରନ୍ତୁ । ସେଥିରେ ଫୁଟଣ, ପିଆଜ ଏବଂ ଭୃସଙ୍ଗ ପତ୍ର ଛୁଙ୍କ ଦିଅନ୍ତୁ । ଏହା ପରେ କଟା ପରିବା କଡ଼େଇରେ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ ଏବଂ ଢାଙ୍କୁଣୀ ଘୋଡ଼େଇ ଦିଅନ୍ତୁ । ପରିବା ହାଲୁକା ନରମ ହେଲା ପରେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ମସଲା ଗୁଣ୍ଡ ଏବଂ ଲୁଣ ମିଶେଇ ନିଅନ୍ତୁ ଓ ଆଉ କିଛି ସମୟ ଘୋଡ଼େଇ ରଖନ୍ତୁ । ଏଥର ସୋରିଷ ବଟା ପରିବାରେ ପକାଇ ଭଲ ଭାବରେ ଘାଣ୍ଟି ନିଅନ୍ତୁ ଓ ଢାଙ୍କୁଣୀ ଘୋଡ଼େଇ ୫-୧୦ ମିନିଟ୍ ଅପେକ୍ଷା କରନ୍ତୁ । ତାପରେ ଆବଶ୍ୟକ ଅନୁସାରେ ପାଣି ଦେଇ ୧୦-୧୫ ମିନିଟ୍ ଧୀର ଆଞ୍ଚରେ ଫୁଟିବା ପାଇଁ ଛାଡ଼ି ଦିଅନ୍ତୁ । ବାସ୍ ଆପଣଙ୍କର ପରିବା ବେସର ପ୍ରସ୍ତୁତ । ଏବେ ଗରମ ଗରମ ପରଷି ଦିଅନ୍ତୁ ।



# ସୃଜନର ସୁଖ

ସୃଜନଶୀଳ ଲେଖକଲେଖିକାମାନେ ଅନେକ ସମୟରେ ହତାଶ ହୋଇ 'ହେଃ ! ଲେଖାଲେଖିରେ ସମୟ ବର୍ବାଦ୍ ହେଲା ଯାହା, ଲାଭ କିଛି ହେଲାନାହିଁ' କହୁଥିବା ଦେଖାଯାଏ । ଏଇ 'ଲାଭ'ଟି ପ୍ରକୃତରେ କ'ଣ ? ସାହିତ୍ୟ ଏକ ସାଧନାର ମାର୍ଗ । ଏ ମାର୍ଗରେ ପ୍ରତିଭାବାନ ସୃଜନ ସ୍ରଷ୍ଟାମାନେ ସ୍ୱତଃପ୍ରବୃତ୍ତ ଆସିଥାନ୍ତି । ଲେଖାଲେଖି କସ୍ମିନକାଳେ ଡାଲିଚାଉଳର ଏକ ଗ୍ରୋସରି ବେପାର ନୁହେଁ ଯେ, ଆମେ ଏଠୁ ଲାଭ ଖୋଜିବୁ !

ଅସଲ କଥାକୁ ଯଦି ଆପଣ ଯିବେ ତାହେଲେ ଜାଣି ପାରିବେ ଯେ, ପ୍ରତ୍ୟେକଟି ଲେଖକ ମନରେ ପୁଞ୍ଜିଭୂତ ହୋଇ ବସା ବାନ୍ଧିଥାଏ 'ପୁରସ୍କାର'ର ଭୂତ । ଅର୍ଥାତ୍ ଆରମ୍ଭରୁ ସେମାନେ ସ୍ଥିର କରି ନେଇଥାନ୍ତି ଯେ, ଲେଖାଲେଖି କରୁଛୁ ମାନେ ଦୁଇ ଚାରିଟା ବହି ବାହାର କରିଦେବୁ, ତା'ପରେ ଲାଗିପଡ଼ି ପୁରସ୍କାରଟେ ନେଇଯିବୁ । ପୁରସ୍କାର ପ୍ରାପ୍ତିର ଏ ଯେଉଁ ଲାଳସାଟି ଆରମ୍ଭରୁ ଥାଏ, ତେଣୁ ଜଣେ ଲେଖକ ଯେତେ ଯେତେ ଅଧିକ ବର୍ଷ ଲେଖାଲେଖିରେ ସମୟ ସାରୁଥାଏ, ସେତେ ସେତେ ତା'ଭିତରେ ପୁରସ୍କାର ନପାଇବା ନେଇ ଏକ ଅସନ୍ତୋଷ ଚକା ମାରି ବସିଯାଏ । ଆଉ ଏ ଅସନ୍ତୋଷକୁ କେବେ କେବେ ସେ ସର୍ବସାଧାରଣରେ ଉଦ୍‌ଗାରି ପକାଏ ।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଲେଖକ ମାତ୍ରେ ଇ ପୁରସ୍କାରାଭିମୁଖୀ । ଅଥଚ କୌଣସି କୌଣସି ସାକ୍ଷାତକାରରେ ଲେଖକମାନେ ସ୍ପଷ୍ଟ କରି କହିଥିବାର ଦେଖିଛି : "ମୁଁ ପୁରସ୍କାର ପାଇଁ ଲେଖୁନାହିଁ । ମୋ ପାଇଁ ପାଠକର ମତାମତ ହିଁ ପୁରସ୍କାର..."– ଏମିତି କେତେ ବଡ଼ବଡ଼ କଥା । କିନ୍ତୁ ଆପଣ ଜାଣି ରଖନ୍ତୁ, ଏପରି କହୁଥିବା ଅନେକ ସାହିତ୍ୟିକ ହିଁ ପୁରସ୍କାର ଋତୁ ଆସିଗଲେ କଳେବଳେ କଉଶଳେ ପୁରସ୍କାରଟିଏ ଯୋଗାଡ଼ କରିନେବାରେ ସଫଳ ହୋଇଯାଆନ୍ତି । ତେବେ ନିଜ ସହିତ ଏ ଆତ୍ମ ପ୍ରବଞ୍ଚନା କାହିଁକି ?

ସାହିତ୍ୟ ସତ୍ୟ ଉପରେ ଆଗେଇଥାଏ– ଏ କଥା ମଧ୍ୟ ମନେ ରଖିବା ଉଚିତ । ଯେଉଁମାନେ ଧରାଧରି କରି ପୁରସ୍କାରଟିଏ ହାତେଇଥାଆନ୍ତି, ସେମାନେ ସିନା ତତ୍କାଳ ଆନନ୍ଦ ଲାଭ କରନ୍ତି, କିନ୍ତୁ ପରବର୍ତ୍ତୀ କାଳରେ ସାହିତ୍ୟ ଜଗତରେ ସେମାନଙ୍କର ଦର୍ଶନ ମିଳିନଥାଏ । ଅନ୍ତର୍ହିତ ହୋଇଯାଆନ୍ତି ସାହିତ୍ୟାକାଶରୁ । ଏହା ହିଁ ସାହିତ୍ୟର ଅଭିଶାପ ।

ହଁ ସାହିତ୍ୟ ଅଭିଶାପ ଦେବା ପରି ସାହିତ୍ୟ ସୁଖ ମଧ୍ୟ ଦେଇଥାଏ । ଏହି ମର୍ମରେ ନିକଟରେ ସୋସିଆଲ୍ ମିଡ଼ିଆରୁ କବି ଶୁଭ ନାରାୟଣ ସ୍ୱାଇଁଙ୍କର ଏକ ପୋଷ୍ଟିଂର ଉଦାହରଣ ଦେବାକୁ ଚାହିଁବି । କଥାଟି ବେଶ୍ ପ୍ରାସଙ୍ଗିକ । ଶ୍ରଦ୍ଧେୟ ଶୁଭ ନାରାୟଣ ଏକ କବି ପରିବାରରୁ ଆସିଛନ୍ତି । ତାଙ୍କ ବାପା ଜଳଧର ସ୍ୱାଇଁ କୋରାପୁଟବାସୀ ଜଣେ ଯଶସ୍ୱୀ କବି ଭାବେ ପ୍ରସିଦ୍ଧ । ଅମାୟିକ ଏବଂ ଭଦ୍ର । ଶୁଭ ମଧ୍ୟ ବାପାଙ୍କ ପରି । ଶୁଭନାରାୟଣ ତାଙ୍କ ପୋଷ୍ଟିଂରେ ଲେଖିଛନ୍ତି ଯେ, ହଠାତ୍ ଦିନେ ଏକ ବ୍ୟାଙ୍କ୍‌ରେ ଜଣେ ଯୁବକ ତାଙ୍କୁ ନମସ୍କାର କରି "ଆପଣ ଶୁଭ ନାରାୟଣ ସ୍ୱାଇଁ କି ? ଆପଣ 'ଆଡଲ୍‌ଟ୍ କବିତା' ବହି ଲେଖିଛନ୍ତି ?" ବୋଲି ଜଜ୍ଞାସା କରନ୍ତେ ଶୁଭ ନାରାୟଣ ଅଗତ୍ୟା ଏକ ବିପଦର ଆଶଙ୍କା କରି 'ହଁ' ବୋଲି କହିଲେ । ତା'ପରେ ସେଇ ଯୁବକ ଜଣକ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀରୁ ସେଇ ବହିଟି ପାଇଥିବା କଥା ଜଣାଇବା ସହିତ କବିତା ଗୁଡ଼ିକ ପଢ଼ିଥିବା କଥା ପ୍ରକାଶ କଲେ । କେବଳ ସେତିକି ନୁହେଁ କବିତା ଗୁଡ଼ିକ ତାଙ୍କୁ ଅନୁପ୍ରାଣିତ କରିଛି ବୋଲି ସ୍ୱୀକାର କଲେ । ତା'ପରେ ବିଶ୍ୱବିଦ୍ୟାଳୟର ସେଇ ଛାତ୍ରଜଣକ ଶୁଭନାରାୟଣଙ୍କ ସହିତ ଏକ ସେଲ୍‌ଫି ନେବାକୁ ଚାହିଁଲେ ।

ଏ କଥାରେ ଶୁଭନାରାୟଣ ଆଶ୍ଚର୍ଯ୍ୟ ଓ ପୁଲକିତ ହେବା ସ୍ୱାଭାବିକ । କାରଣ ତାଙ୍କ ବହିଟି ପ୍ରକାଶ ହେବାର ଦଶବର୍ଷ ପରେ ବି ଜଣେ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଆକର୍ଷିତ କରିପାରିଛି । ତାଛଡ଼ା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀରେ ତାଙ୍କ ପରି ଜଣେ ଯୁବକବିଙ୍କ ବହି ଉପଲବ୍ଧ ଅଛି ! ଏ ଦୁଇଟି ଉପଲବ୍ଧି ଶୁଭ ନାରାୟଣ ସ୍ୱାଇଁଙ୍କ ପାଇଁ ଗଣ୍ଠିଧନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସୃଜନ ସୁଖ ବି ।

ମୋର କହିବାର କଥା ହେଲା, ଚିହ୍ନାଜଣା ନଥିବା ଜଣେ ବିଶ୍ୱବିଦ୍ୟାଳୟ ଛାତ୍ର କବିତା ସମ୍ପର୍କରେ ନିଜର ଯେଉଁ ମତ ଦେଲେ ଏବଂ କବିଙ୍କୁ ଯେଉଁପରି ସମ୍ମାନ ଦେଲେ, ଏତିକି କୋଉ ପୁରସ୍କାର ଠାରୁ କମ୍ ? ଏହା କ'ଣ ସେଇ ତଥାକଥିତ 'ଲାଭ'ଠୁ ଅଧିକ ଏକ ବିରଳ ପ୍ରାପ୍ତି ନୁହେଁ କି ? ସୁତରାଂ ଲେଖାଲେଖି କରୁଥିବା ପ୍ରତ୍ୟେକଟି ବ୍ୟକ୍ତି ଏଇ 'ଲାଭ' ବା 'ପୁରସ୍କାର' ଆଡ଼କୁ ଧ୍ୟାନ ନଦେଇ ନିଜ ସାଧନାରେ ସତ୍ ରହିଲେ ଦିନେ ନା ଦିନେ କେହି ଜଣେ ଅପରିଚିତ ପାଠକ ଆସି ଏଇଭଳି ଯେ ଚମକାଇ ନଦେବ କିଏ କହିବ !

ପ୍ରକୃତରେ ଏଇସବୁ ଛୋଟ ଛୋଟ ଅନୁଭବ ଗୁଡ଼ିକ ହିଁ ସୃଜନର ସୁଖ । ଏଇ ସୁଖସବୁକୁ ଧରି ରଖି ପାରିଲେ ସାହିତ୍ୟ କେବେ ବି ନିରର୍ଥକ ଲାଗିବ ନାହିଁ । ଲାଗିବ ସାହିତ୍ୟ ମୋତେ ଅନେକ କିଛି ଦେଇଛି । ଲେଖକ ଭାବେ ପରିଚିତି ଏଇ ସାହିତ୍ୟ ଦେଇଛି । ପୁରପଲ୍ଲୀରେ କେହି ଜଣେ ଯଦି ଚିହ୍ନିପାରୁଛି ଇଏ ଅମୁକ ଲେଖକ ବା ସିଏ ଅମୁକ ବହିର ସ୍ରଷ୍ଟା, ତା'ଠୁ ବଡ଼ ପ୍ରାପ୍ତି କ'ଣ ପୁରସ୍କାର ହେଇ ପାରିବ ! ଆଜି ପାଇଥିବା ପୁରସ୍କାରର ପ୍ରାପକଙ୍କ ନାମ ଦୁଇବର୍ଷ ପରେ କାହାରି ମନେନଥାଏ । ବରଂ ମନେଥାଏ ତ ପାଇଥିବା ବହିଟିର ନାମ । ସୁତରାଂ ସାହିତ୍ୟ ହିଁ ଅସଲ । ଭଲ ଲେଖା ହିଁ ଲେଖକର ପୁଞ୍ଜି । ସୃଜନର ସୁଖକୁ ଆଉ କେଉଁଠି ନିଖୋଜି ନିଜ ଭିତରେ ଖୋଜିଲେ ମିଳିବ । କାରଣ ସୁଖ ସେଇଠି ଥାଏ, ଯେଉଁଠି ମନ ଲାଖିଥାଏ । ଆପଣ ସାହିତ୍ୟରେ ମନ ସମର୍ପଣ କରନ୍ତୁ, ସୁଖ ଆପଣାଛାଏଁ ଆପଣଙ୍କ ପାଖକୁ ଆସିଯିବ ।





SMILE GOLD JEWELLERS
SG
SMILE GOLD
JEWELLERS
Festival Season Offer
Flat Making Charges 399
Flat Making Charges 499
ZERO
Making on advance deposits
Pay 11 months equally, after the 11th month you will be eligible to buy gold ornament for the same amount with absolutely free making charges. T&C Apply.
• Lowest Gold price in Odisha • Free Gold Testing
• Guarantee for Purity • Life time free Servicing
Plot No B38, Fancy Market, Saheed Nagar,
BBSR, 9438019696, 9438029797

RUCHI™ FOODLINE

Since 1976

Karlo Dosti Sehat Se ...

FESTIVAL BONANZA SEASON-2

# Heartiest Congratulations to the Winners of RUCHI Festival Bonanza Offer-2023




**1st Prize Winner :**
**Bijay Das**
**Kujanga, Jagatsinghpur**




**1st Prize Winner :**
**Manoj Sahoo**
**Sasan Purusottampur, Jajpur**



**2nd Prize Winner :**
**Ajay Kumar Subudhi**
**Kakatpur, Puri**



**2nd Prize Winner :**
**Bikash Kumar Das**
**Patamundai, Kendrapada**

Associate editor : **Krushna Kumar Mohanty**

Editor : **Subasini Jena**